ସୃଜନର ନୂତନ କଳିକାର ମହକରେ....

# ଭୋର୍

(ଊନବିଂଶ ସଂଖ୍ୟା)

ତାଳପଦେଶ୍ୱରୀ ସାହିତ୍ୟ ଆସର
ଉତ୍କଳ ବିଶ୍ୱବିଦ୍ୟାଳୟ ପରିସର, ଭୁବନେଶ୍ୱର

# ଭୋର୍

## ତାଳପଦେଶ୍ୱରୀ ସାହିତ୍ୟ ଆସରର ମୁଖପତ୍ର - ୨୦୧୮

ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର-୪

**ଉପଦେଷ୍ଟା**

ପ୍ରଫେସର ଡ. ସଂଘମିତ୍ରା ମିଶ୍ର

ପ୍ରାଧ୍ୟାପିକା ଡ. ବିଷ୍ଣୁପ୍ରିୟା ଓତା

**ସଭାପତି**

ଅମୂଲ୍ୟ କୁମାର ଦାଶ

**ପତ୍ରିକା ସମ୍ପାଦକ**

ଅସିତ୍ ପ୍ରଧାନ

**ସହ ସମ୍ପାଦକ (ପତ୍ରିକା)**

ସାଭନା କିସ୍କୁ

**ସମ୍ପାଦକ**

ମିଥୁନ୍ ମଲ୍ଲିକ

**ସହ ସମ୍ପାଦକ**

ସିମ୍ରନ ମହାପାତ୍ର

# ତାଳପଦେଶ୍ୱରୀ ସାହିତ୍ୟ ଆସରର ପୂର୍ବ କର୍ମକର୍ତ୍ତାଗଣ

## ଉପଦେଷ୍ଟା ମଣ୍ଡଳୀ

୧୯୯୭ - ୨୦୧୩: ପ୍ରଫେସର ବିଜୟିନୀ ମହାନ୍ତି

୧୯୯୮ ଠାରୁ : ପ୍ରଫେସର ସଂଘମିତ୍ରା ମିଶ୍ର

୨୦୧୨ ଠାରୁ : ପ୍ରାଧ୍ୟାପିକା ବିଷ୍ଣୁପ୍ରିୟା ଓତା

## ସଭାପତି

୧୯୯୬-୯୭ : ଦେବେନ୍ଦ୍ର କୁମାର ପତି

୧୯୯୭-୨୦୦୧ : ଶତ୍ରୁଜିତ

୨୦୦୧-୨୦୦୩ : ଦେବେନ୍ଦ୍ର କୁମାର ପତି

୨୦୦୩-୨୦୦୪ : ଦିଲ୍ଲୀପ କୁମାର ଦଳାଇ

୨୦୦୪ ଠାରୁ : ଅମୂଲ୍ୟ କୁମାର ଦାଶ

## ସମ୍ପାଦକ

୧୯୯୬-୧୯୯୭ : ମହେଶ୍ୱର ପାଢୀ

୧୯୯୭- ୧୯୯୯ : ଦେବେନ୍ଦ୍ର କୁମାର ପତି

୧୯୯୯-୨୦୦୨ : ଦିଲ୍ଲୀପ କୁମାର ଦଳାଇ

୨୦୦୨-୨୦୦୩ : କେଶବ ଚନ୍ଦ୍ର ଦଳାଇ

୨୦୦୩-୨୦୦୬ : ଗୁରୁକୃଷ୍ଣ ଦାସ

୨୦୦୬-୨୦୦୮ : ଅରବିନ୍ଦ ଦାସ

୨୦୦୮-୨୦୦୯ : ହରେକୃଷ୍ଣ ଦାଶ

୨୦୦୯-୨୦୧୦ : ସତ୍ୟଜିତ୍ ଦାସ

୨୦୧୦-୨୦୧୧ : ରଘୁଦିପ୍ତୀ ନାୟକ

୨୦୧୧-୨୦୧୨ : ସହଦେବ ବେହେରା

# ତାଳପଦେଶ୍ୱରୀ ସାହିତ୍ୟ ଆସରର ପୂର୍ବ କର୍ମକର୍ତ୍ତାଗଣ

## ସମ୍ପାଦକ

୨୦୧୨-୨୦୧୩ : ସଞ୍ଜୟ କୁମାର ସାହୁ

୨୦୧୩-୨୦୧୪ : ବିପ୍ଳବ ଜେନା

୨୦୧୪-୨୦୧୫ : ବିଭୂତି ଭୂଷଣ ବାରିକ

୨୦୧୫-୨୦୧୬ : ଅସିତ୍ ପ୍ରଧାନ

୨୦୧୬-୨୦୧୭ : ସୂର୍ଯ୍ୟକାନ୍ତ ମଲ୍ଲିକ

୨୦୧୭-୨୦୧୮ : ସୂର୍ଯ୍ୟକାନ୍ତ ମଲ୍ଲିକ

## ପତ୍ରିକା ସମ୍ପାଦକ

୧୯୯୭-୧୯୯୮: ସରୋଜ ବଳ

୨୦୦୦-୨୦୦୨: ଦିଲ୍ଲୀପ କୁମାର ଦଳାଇ

୨୦୦୩-୨୦୦୪: କେଶବ ଚନ୍ଦ୍ର ଦଳାଇ

୨୦୦୪-୨୦୦୫: ସଞ୍ଜୟ ସାହୁ

୨୦୦୫-୨୦୦୬ ଗୁରୁକୃଷ୍ଣ ଦାସ

୨୦୦୬-୨୦୦୭: ଜ୍ଞାନୀ ଦେବାଶିଷ ମିଶ୍ର

୨୦୦୭-୨୦୦୮: ସରୋଜ କୁମାର ବିଶି

୨୦୦୮-୨୦୦୯: ବିରଞ୍ଚି ନାରାୟଣ ରଥ

୨୦୦୯-୨୦୧୦: ଲକ୍ଷ୍ମୀଧର ଦାସ

୨୦୧୦-୨୦୧୧: ଲକ୍ଷ୍ମୀଧର ଦାସ/ ବିନ୍ଦୁଲତା ଷଣ୍ଢ

୨୦୧୧-୨୦୧୨: ସତ୍ୟଜିତ୍ ଦାସ

୨୦୧୨-୨୦୧୩: ମୃତ୍ୟୁଞ୍ଜୟ ଦାସ

୨୦୧୩-୨୦୧୪: ମୃତ୍ୟୁଞ୍ଜୟ ଦାସ

୨୦୧୪-୨୦୧୫: ମୃତ୍ୟୁଞ୍ଜୟ ଦାସ

୨୦୧୫-୨୦୧୬: ସୁଜାତା ସାହାଣୀ

୨୦୧୬-୨୦୧୭: ଅସିତ୍ ପ୍ରଧାନ

୨୦୧୭-୨୦୧୮: ଅସିତ୍ ପ୍ରଧାନ

# ସଂପାଦକଙ୍କ କଲମରୁ

ଚାହୁଁ ଚାହୁଁ ପୃଥିବୀ ଥରେ ସୂର୍ଯ୍ୟପାଖରେ ବୁଲିଆସିଲାଣି। ପୁଣି ଥରେ ଆସିଲାଣି ତାଳପଦେଶ୍ୱରୀ ସାହିତ୍ୟ ଆସରର ବାର୍ଷିକ ଉତ୍ସବ। 'ଭୋର୍' ପ୍ରକାଶନର ଆନନ୍ଦ ସହିତ ଅଂଶୁଘାତର ସତର୍କତା ସଂପର୍କରେ ଚିନ୍ତା କରିବାର ଦିନ। ବାଇଶି ବର୍ଷ ସମଗ୍ର ଜୀବନ କାଳ ମଧ୍ୟରେ ଖୁବ୍ ଲମ୍ବା ସମୟ ନ ହେଲେ ହେଁ ଗୁରୁତ୍ୱପୂର୍ଣ୍ଣ ସମୟ। ଭାରତବର୍ଷର ତରୁଣ/ ତରୁଣୀଙ୍କର ନିଜର ବିଚାରବୁଦ୍ଧି ଉପରେ ନିୟନ୍ତ୍ରଣ ଆସିଥାଏ। ଭଲ ମନ୍ଦ ବାରିବାର ଶକ୍ତି ଆସିଥାଏ ଓ ଦାୟିତ୍ୱଗ୍ରହଣ କରିବାର ଆଗ୍ରହ ଆସିଥାଏ। ତେଣୁ 'ଭୋର୍' ପ୍ରକାଶନର ଲଗ୍ନରେ ଆମେ ମନେପକାଇବା ଏ ଆସରର ଭୋର୍ ବେଳର କଥା। ପୁଣି ଆମ ଚେତନାରେ ପ୍ରତିନିୟତ ହେଉଥିବା ସୂର୍ଯ୍ୟୋଦୟର କଥା।

**'ତାଳପଦେଶ୍ୱରୀ ସାହିତ୍ୟ ଆସର'**ର ଏକ ଆକର୍ଷଣୀ ଶକ୍ତି ରହିଛି। ମାସେ, ଦିମାସରେ ହେଉଥିବା କବିତା ପାଠୋତ୍ସବ ଖବର ପାଇ ବିଭିନ୍ନ ବିଭାଗର ସର୍ଜନଶୀଳ ପ୍ରତିଭାମାନେ ଆଗ୍ରହରେ ପହଞ୍ଚିଯାଆନ୍ତି, ଯେଉଁ ପ୍ରବୀଣମାନଙ୍କୁ ଆମେ ନିମନ୍ତ୍ରଣ କରୁ। ପ୍ରାୟ ସମସ୍ତେ ଆସି ପିଲାମାନଙ୍କ ସହିତ ନିଜର ଅନୁଭୂତି ବାଣ୍ଟନ୍ତି ଆଉ ଅତୀତୋନ୍ମୁଖୀ ହୋଇ ସେହି ସମୟତକ ନିଜ ନିଜ ତାରୁଣ୍ୟକୁ ପୁଣିଥରେ ବଞ୍ଚନ୍ତି। କବିତା ପାଠୋତ୍ସବରେ ପଢ଼ିବେ ବୋଲି ଆଗ୍ରହରେ ପୂର୍ବଦିନ କବିତା ଲେଖୁଥିବା ପିଲାଙ୍କର ଲେଖନୀ କ୍ରମଶଃ ଶକ୍ତିଶାଳୀ ହୁଏ ଓ ନିଜର ସ୍ଥିତିକୁ ଜାହିର କରେ।

ଆମ ଭାଷା ସାହିତ୍ୟକୁ ନେଇ ଆମ ମନରେ ଖୁବ୍ ଆବେଗ। କିନ୍ତୁ ଆବେଗ ଗୋଟିଏ ଭାଷାକୁ ଅଗ୍ରଗାମୀ କରିବାରେ ବିଶେଷ ଭୂମିକା ରଖେ ନାହିଁ। ଆବେଗ ସହିତ ସାମୂହିକ ଦାୟବଦ୍ଧତା ଲୋଡ଼ା। ୨୦୧୪ରୁ ଶାସ୍ତ୍ରୀୟମାନ୍ୟତା ପାଇଥିବା ଆମ ମାତୃଭାଷା ଓଡ଼ିଆ ଆଜିଯାଏ ସବୁ ସ୍ତରରେ ସମ୍ମାନର ସହିତ ଗୃହୀତ ହୋଇନାହିଁ। ଅନେକ ଓଡ଼ିଆ ଶବ୍ଦ ବ୍ୟବହାର ନ ହୋଇ ତାର ଔଜଲ୍ୟ ହରାଇ ବସିଲାଣି। 'ମୁଁ' ଆପଣଙ୍କ ନିକଟରେ ଚିରଋଣୀ ରହିଲି। ଧନ୍ୟବାଦ ବା 'ମୁଁ କୃତଜ୍ଞ'ର ଗୁରୁତ୍ୱ Thanksରେ ଅଛି କି? ମାତ୍ର କଥାକଥାକେ Sorry, Thank you ନ କହିଲେ ଜଣେ ଆଧୁନିକ ମଣିଷର ସୁମାରି ନୁହେଁ। ଆଜି ଓଡ଼ିଆ ବର୍ଣ୍ଣମାଳାରେ କେତୋଟି ଅକ୍ଷର ତହିଁରେ ମତଭେଦ ଅଛି। ବନାନ ସମୟରେ ମଧ୍ୟ ମତାନୈକ୍ୟ ଦେଖାଯାଉଛି। ତେବେ ଯିଏ ଓଡ଼ିଆ ଆଗ୍ରହରେ ପଢ଼ିବ, ଲେଖିବ ଏସବୁ ଅଶ୍ୱସ୍ତିରୁ ମୁକ୍ତି ପାଇବାକୁ ସିଏ କ'ଣ କରିବ? ପୁଣି ଓଡ଼ିଆ ଭାଷାରେ ପୁସ୍ତକ ପ୍ରକାଶନ କଥା ଆହୁରି ଦୁଃଖଦାୟକ। ପୁସ୍ତକ କ୍ରୟ କରି ପଢ଼ିବାର ମାନସିକତା ଆମର ନାହିଁ। ଏପରିକି ଉପହାରରେ ପାଉଥିବା ପୁସ୍ତକର ପୃଷ୍ଠାମାନ ସେମିତି ରହିଛି। ବହିଟିଏ ପଢ଼ିବାକୁ ମାଗିନେବା ଓ ତାକୁ ନ ଫେରାଇବା ଆମର ଲକ୍ଷଣ। ଏହା କବଳରୁ ରକ୍ଷା ପାଇବାକୁ ସଚେତନତା ଲୋଡ଼ା। ଆଜି ମଧ୍ୟ ଓଡ଼ିଆ ବିଷୟ ନେଇ ପାଠ ପଢୁଥିଲା ପିଲାମାନେ 'ଅନ୍ୟ କିଛି ବିଷୟ ମିଳିଲାନି' ବୋଲି ହାହାକାର କରନ୍ତି। ମାତ୍ର ଅନ୍ୟଭାଷାଭାଷୀ ବା ଅନ୍ୟାନ୍ୟ ଜୀବିକାରେ ଥିବା ବ୍ୟକ୍ତିମାନେ ଓଡ଼ିଆକୁ ସମ୍ମାନ କରନ୍ତି। ଏହି ବିରୋଧାଭାସକୁ ଅତିକ୍ରମ କରିବା କଷ୍ଟକର ମାତ୍ର ଅସମ୍ଭବ ନୁହେଁ। ଖାଲି ଲୋଡ଼ା ସ୍ୱାଭିମାନ।

କେବେ ମାଳ ମାଳ ତାଳଗଛ ମଧ୍ୟରେ ମା' ତାଳପଦେଶ୍ୱରୀ ବିରାଜିତା ଥିଲେ ଆମେ ଜାଣିନାହୁଁ ଆଜି କିନ୍ତୁ ଆମ ପାଇଁ ସେ ତାଳ ଓ ପଦର ଈଶ୍ୱରୀ, ବାଣୀବିହାରର ଶିକ୍ଷାର୍ଥୀମାନଙ୍କ ଭିତରେ ଥିବା ସୃଜନ ପ୍ରତିଭାର ସେ ଅଧିଶ୍ୱରୀ। ଏହି ପୀଠରେ ବର୍ଷସାରା ବିଭିନ୍ନ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥାଏ ମାତ୍ର ଏହି ସାହିତ୍ୟ ଆସର ପାଇଁ ଛାତ୍ରଛାତ୍ରୀ, ଗବେଷକ,

ବିଭିନ୍ନ ବିଭାଗର ପ୍ରଫେସର, ପ୍ରଧାପକ, ଅଧ୍ୟାପକ ଏପରି କି ମା' ତାଳପଦେଶ୍ୱରୀଙ୍କ ମନ୍ଦିରର ପୂଜକମାନେ ଆଗ୍ରହରେ ଅନାଇ ଥାଆନ୍ତି । 'ଭୋର୍'ର ପ୍ରଥମ ଖଣ୍ଡ ସେହି ମାଆଙ୍କର ଚରଣରେ ଉତ୍ସର୍ଗ କରାଯାଏ । ଆମମାନଙ୍କୁ ପରମ ଆତ୍ମୀୟତାରେ ବାନ୍ଧିଥିବା ସେହି ବିଶ୍ୱଜନନୀଙ୍କୁ ପ୍ରଣାମ ।

ଚଳିତ ବର୍ଷ ମର୍ଯ୍ୟାଦାଜନକ ଶାରଳା ପୁରସ୍କାର ପ୍ରାପ୍ତ ଲେଖିକା ଶ୍ରମତୀ ବନଜ ଦେବୀ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କଥାଶିଳ୍ପୀ ଶ୍ରୀମତୀ ଗାୟତ୍ରୀ ସରାଫ୍, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶ୍ରୀଯୁକ୍ତ ସୂର୍ଯ୍ୟମଣି ଖୁଣ୍ଟିଆ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କବି ସୂର୍ଯ୍ୟସ୍ନାତ ତ୍ରିପାଠୀ, ସାହିତ୍ୟ ଭାରତୀ ସମ୍ମାନପ୍ରାପ୍ତ ଲେଖକ ସାତକଡ଼ି ହୋତା, ଓ ସତ୍ୟବାଦୀ ପୁରସ୍କାର ବିଜୟିନୀ ଡ. ଅର୍ଚ୍ଚନା ନାୟକଙ୍କୁ ଆମେମାନେ ସମ୍ମାନ ଓ ଶ୍ରଦ୍ଧା ଜଣାଉଛୁ ।

ଏକଦା ଏହି ସାହିତ୍ୟ ଆସରକୁ ନିଜର ଉପସ୍ଥିତିରେ ଧନ୍ୟ କରିଥିବା ସ୍ରଷ୍ଟା ଚନ୍ଦ୍ରଶେଖର ରଥଙ୍କ ବିୟୋଗରେ ଆମେ ମର୍ମାହତ । ବରିଷ୍ଠ ସମାଲୋଚକ, କବି, ଗବେଷକ ପ୍ର. କୃଷ୍ଣଚରଣ ବେହେରା, କଥାକାର କନକଲତା ମହାନ୍ତି, ବିଖ୍ୟାତ ଚଳଚ୍ଚିତ୍ର ଅଭିନେତ୍ରୀ ପାର୍ବତୀ ଘୋଷ, କଣ୍ଠଶିଳ୍ପୀ ଅରବିନ୍ଦ ମୁଦୁଲି ଜୀବନୀକାର ଓ ପ୍ରାବନ୍ଧିକ ପ୍ରଫୁଲ୍ଲ ଦାସ ପ୍ରଭୃତିଙ୍କ ବିୟୋଗରେ ଆମେମାନେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଉଛୁ । ଗୁରୁଜନ, ବନ୍ଧୁ, ଶୁଭେଚ୍ଛୁ ସମସ୍ତଙ୍କୁ ଆମର ସମ୍ମାନ । ଏହି ସାହିତ୍ୟ ଆସର ଚିରଞ୍ଜୀବୀ ହେଉ, ମା ତାଳପଦେଶ୍ୱରୀଙ୍କୁ ପ୍ରଣାମ ଜଣାଇ ରହୁଛି ।

ସଂପାଦକ

# - ସୂଚୀପତ୍ର -


| ବିଷୟ | ପ୍ରଣେତା | ପୃଷ୍ଠା |
|---|---|---|
| ସମ୍ପାଦକୀୟ | | |
| **ମୁଖଶାଳା** | | |
| ଏତିକି କାମନା | ପ୍ରଫେସର ସଂଘମିତ୍ରା ମିଶ୍ର | ୧୩ |
| ପ୍ରେରଣା ଓ ଉତ୍ସାହର ସ୍ୱର | ଡ. ବିଷ୍ଣୁପ୍ରିୟା ଓତା | ୧୪ |
| ତାଳପଦେଶ୍ୱରୀ ସାହିତ୍ୟ ଆସର | | |
| ଶେଫାଳି ଫୁଲର ବାସ୍ନା | ଅମୂଲ୍ୟ କୁମାର ଦାଶ | ୧୬ |
| ବାଣୀବିହାରରେ ପ୍ରଥମ ଦିନ | ଶତ୍ରୁଜିତ୍ | ୨୦ |
| **ଫୁଲର ଫଗୁଣ** | | |
| ପ୍ରେମ | ସପନ କୁମାର ବାରିକ୍ | ୨୧ |
| ତୁମ ମୋ କଥା | ଲୋପାମୁଦ୍ରା ନାୟକ | ୨୧ |
| ତୁମ ପାଇଁ | ମେନନ ସାହୁ | ୨୨ |
| ସ୍ନିଗ୍ଧ ପ୍ରେମମୟୀ | ସତ୍ୟପତି ଶବର | ୨୩ |
| ବର୍ଷାଭିଜା ପ୍ରେମ | ନବ କିଶୋର ବିଷୋୟୀ | ୨୪ |
| ପ୍ରତୀକ୍ଷା | ସୁକାନ୍ତ କୁମାର ବାରିକ | ୨୫ |
| ଫୁଲରାଣୀ | ଅସ୍ମିତା ପୋଦାର | ୨୬ |
| ଆଶାର ଆଲୋକ | କବିତା ନାଏକ | ୨୬ |
| ଏ ହସ ସେଇ ପ୍ରିୟାର.... | ପବିତ୍ର ଦାସ | ୨୭ |
| ଶେଷ ଚିଠି | ନିରଞ୍ଜନ ସାହୁ | ୨୭ |
| ତୁମେ | ବଦ୍ରିନାଥ ଦାସ | ୨୮ |
| ପୃଥିବୀ ଯା'ର ବଶବର୍ତ୍ତୀ | ଦୀପକ କୁମାର ଶତପଥୀ | ୨୮ |
| ସ୍ୱପ୍ନ | ସରୋଜ ସ୍ୱାଇଁ | ୨୯ |
| ସେ ଦିନ ବର୍ଷାର ସ୍ପର୍ଶ | ପ୍ରଭାତୀ ବାରିକ | ୨୯ |
| ମାୟାବିନୀ | ଭାଗବତ ପ୍ରସାଦ ତ୍ରିପାଠୀ | ୩୦ |
| ତୁମେ ଆସିଥିଲ | କାଳନ୍ଦୀ ମଲିକ | ୩୧ |
| ରେବି ଯଦି ବେବି ହୁଏ | ନୀଳକଣ୍ଠ ପ୍ରଧାନ | ୩୧ |

| ବିଷୟ | ପ୍ରଣେତା | ପୃଷ୍ଠା |
|---|---|---|
| ଅତୁଆ ସୂତା | ସୁଶାନ୍ତ କୁମାର ସେନାପତି | ୩୨ |
| ବିଧବାର ପ୍ରେମିକ | ମୋନାଲିସା ଦାଶ | ୩୪ |
| ପ୍ରଜାପତି | ଦେବସ୍ମିତା କର | ୩୫ |
| ସଂଧ୍ୟା ଆସେ | ପବୀଣା ମଲ୍ଲିକ | ୩୬ |
| ସ୍ମୃତି | ଅନ୍ୱେଷା ମହାପାତ୍ର | ୩୭ |
| କାଗଜ କାନ୍ଥ | ବନସ୍ମିତା ନାୟକ | ୩୭ |
| ଇତର ମଣିଷ | ହରିପ୍ରିୟା ପାତ୍ର | ୩୮ |
| ଏମିତି ଫୁଲ | ମମତା ମଞ୍ଜରୀ ନାୟକ | ୩୮ |
| ଅପୂର୍ଣ୍ଣ ସ୍ୱପ୍ନ | ଶଶିଭୂଷଣ ଯେନା | ୩୯ |
| ଅଭିଳାଷ | କଳ୍ପନା ରାଉତ | ୩୯ |
| ଜୀବନ ସଳିତା | ସୁଶ୍ରୀମଞ୍ଜୁଳା କର | ୪୦ |
| ଜୀବନ ସମ୍ମାନ | ମୋନାଲିସା ବାରିକ | ୪୦ |
| ଜୀବନର ମୂଲ | ବ୍ରହ୍ମାନନ୍ଦ ମହନ୍ତ | ୪୧ |
| ଏଇତ ଜୀବନ | ସନ୍ତୋଷ କୁମାର ଜେନା | ୪୨ |
| ଏ ଜୀବନ | ଆଶାଜ୍ୟୋତି ଦାସ | ୪୨ |
| ଅନ୍ତରଙ୍ଗ ଜୀବନ | ସବିତା ମହାନ୍ତି | ୪୩ |
| ମାୟାର ଜୀବନ | ବିଜୟଲକ୍ଷ୍ମୀ ଭୋଇ | ୪୩ |
| ଓଡିଆ | ଦେବାଶିଷ ମହାପାତ୍ର | ୪୪ |
| ଭୟ | ଆଲୋକ ରଞ୍ଜନ ଷଡ଼ଙ୍ଗୀ | ୪୪ |
| ନିଆଁ | ଲକ୍ଷ୍ମୀଧର ଦାସ | ୪୫ |
| ଆମେ ତ ଭାଗ୍ୟବାନ ପିଲାରେ ! | ସୁବୋଧକାନ୍ତ ସ୍ୱାଇଁ | ୪୬ |
| ଧୂଳିର ପରସ୍ତ ଖୋଲି | ପ୍ରୀତିପ୍ରିୟମ୍ବଦା ପରିଡ଼ା | ୪୬ |
| ପ୍ରକୃତିର ଉପହାର | ମାନିନୀ ଆଚାର୍ଯ୍ୟ | ୪୭ |
| ଅସମ୍ପୂର୍ଣ୍ଣ ଅଭିଳାଷ | ରାଜଲକ୍ଷ୍ମୀ ଜେନା | ୪୭ |
| ଅର୍ଥହୀନ ଅଭିପ୍ସା | ସରୋଜ ମହାନନ୍ଦ | ୪୮ |
| ଜିଦି | ପ୍ରିୟଙ୍କା ନାୟକ | ୪୯ |
| ବଞ୍ôବାକୁ ଦିଅ | ଲୋପାମୁଦ୍ରା କର | ୫୦ |
| ଅଭୁଲା ସ୍ମୃତି | ସେହଓ୍ୱାନା ୟାସ୍‌ମିନ | ୫୦ |
| ଅଧା ଜହ୍ନ | ଗୋପାଳକୃଷ୍ଣ ମହାପାତ୍ର | ୫୧ |

| ବିଷୟ | ପ୍ରଣେତା | ପୃଷ୍ଠା |
|---|---|---|
| ନାରୀ | ଦେବାଶିଷ୍ ପ୍ରଧାନ | ୫୨ |
| ଲକ୍ଷ୍ମୀ | ଦକ୍ଷିଣେଶ୍ୱର ଜେନା | ୫୩ |
| ସମୟ | ରତନ କୁମାର ଦିଗଲ୍ | ୫୩ |
| ମାମୁଁଘର | ପୂର୍ଣ୍ଣିମା ପରୀକ୍ଷା | ୫୪ |
| ପ୍ରଶ୍ନ ଖୋଜୁଥିବା ଉତ୍ତର | ଅମ୍ବିକା ସାହୁ | ୫୪ |
| ଲୁଚକାଳି | ସୁଶାନ୍ତ ଭୁତିଆ | ୫୫ |
| ହେ ଉତ୍କଳ | କରୁଣାକର ସିଂହ | ୫୬ |
| ଅଶ୍ରୁଲେଖା | ଆରାଧନା ସେଠୀ | ୫୬ |
| ଜାଣିବା ଆସ କାହାକୁ ଚିହ୍ନିବା କେମିତି | ଶିବରାମ ମହାପାତ୍ର | ୫୭ |
| ଝୁମୁକା | ଦିଲୀପ କୁମାର ତ୍ରିପାଠୀ | ୫୮ |
| ଗଛ | ସାଭନା କିସ୍କୁ | ୫୮ |
| ଶିକାର | ଶଶୀଭୂଷଣ ଜେନା | ୫୯ |
| ବର୍ଷା | କୀର୍ତ୍ତିଦୀପା ନାୟକ | ୫୯ |
| ଏପ୍ରିଲ୍ | ଶୁଭଶ୍ରୀ ଶୁଭସ୍ମିତା ମିଶ୍ର (ସେଲି) | ୬୦ |
| ଆସୁଛି ହୋଲି | ସନ୍ଧ୍ୟାରାଣୀ ମାଝୀ | ୬୧ |
| ଋତୁରାଜ ବସନ୍ତ | ଦୀପ୍ସୀ ପଟ୍ଟନାୟକ | ୬୧ |
| ତୁମପାଇଁ ବସନ୍ତ ହାତରେ ଚିଠି | ମାଧବାନନ୍ଦ ପାତ୍ର | ୬୨ |
| ବସନ୍ତ ପରଶ | କନକ ମଞ୍ଜରୀ ପଟ୍ଟନାୟକ | ୬୩ |
| ବିପଥ ମଣିଷ | ସତ୍ୟଶିବ ଦାସ | ୬୪ |
| ଆଜିର ମାନବ ସମାଜ | ମମତା ପାତ୍ର | ୬୪ |
| ଘାଗରାରେ ଏକ ବର୍ଷାଭିଜା ସଞ୍ଜ | ବିଜୟଲକ୍ଷ୍ମୀ ମିଶ୍ର | ୬୫ |
| କୁନ୍ଦୁଲି ତୁମେ ଯାଇନା ହାରି | ସୁପ୍ରଭା ବିଶ୍ୱାଳ | ୬୬ |
| ଚପଲ | କରୁଣାକର ରାଉଳ | ୬୬ |
| ଗାଁରୁ ବାଣୀବିହାର | ଦୀପୁନ୍ ମହାରଣା | ୬୭ |
| ଉତ୍କଳର ସୁନେଲି ଭବିଷ୍ୟତ | ଅନନ୍ତ ସାହୁ | ୬୮ |
| ଭୋର୍ ହେଲାଣି | ଗୌରାଙ୍ଗ ଚରଣ ମହାରଣା | ୬୯ |
| କର୍ତ୍ତବ୍ୟ | ନକୁଳ କୁମାର ସାହୁ | ୭୦ |
| ସାଂପୁ ଫେଣ | ଅସିତ୍ ପ୍ରଧାନ | ୭୧ |
| ଆତ୍ମହତ୍ୟା | ସରିତା ଲେଙ୍କା | ୭୨ |

| ବିଷୟ | ପ୍ରଣେତା | ପୃଷ୍ଠା |
| --- | --- | --- |
| ଉଜୁଡ଼ା କ୍ଷେତ | ଦିଲିପ ସ୍ୱାଇଁ | ୭୩ |
| ପଶ୍ଚିମ ଓଡ଼ିଶାର ଲୋକସଂସ୍କୃତିରେ ଓଷାବ୍ରତ | ମୋହନ କର | ୭୫ |
| ସାନ୍ତାଳ ମାନଙ୍କ ବିବାହ ପର୍ବ | ଚମ୍ପା ସୋରେନ୍ | ୭୯ |
| ବାଥୁଡି ସଂପ୍ରଦାୟର ନୂଆଖାଇ ପର୍ବ | ଅନିତା ଦଳାଇ | ୮୨ |
| ସମାଜ ସଂସ୍କାର ଓ 'କନକଲତା' | କାଦମ୍ବିନୀ ସାହୁ | ୮୪ |
| ପ୍ରକୃତିର କାବ୍ୟ 'ଅନ୍ତର୍ବ୍ୟଥା'ର ସ୍ୱର | ବ୍ରଜମୋହନ ମେହେର | ୮୬ |
| ଅମୃତସନ୍ତାନ ଗଙ୍ଗାଧର ମେହେରଙ୍କ ଜନ୍ମପୀଠ ଅଭିମୁଖେ | ସତ୍ୟନାରାୟଣ ଜେନା | ୮୯ |
| ବିଂଶ ଶତାବ୍ଦୀର ଅନାଲୋଚିତ ପ୍ରତିଭା ଗୋବିନ୍ଦଚନ୍ଦ୍ର ଶୂରଦେଓ- ଏକ ଅନୁଶୀଳନ | ପ୍ରତିମା ମହାପାତ୍ର | ୯୩ |
| ଗୁଡ଼ ହାଣ୍ଡି | ଶୁଭ୍ରାଂଶୁ ମିଶ୍ର | ୯୫ |
| ସ୍ପନ୍ଦନଶୀଳ ପ୍ରେମ | କସ୍ତୁରୀ ମଲ୍ଲିକ | ୯୯ |
| ବୋଉ | ପ୍ରିୟଙ୍କା ମହାନ୍ତି | ୧୦୦ |
| ଲାଲ୍‌ବତୀ | ସୋମ ପ୍ରକାଶ ତ୍ରିପାଠୀ | ୧୦୩ |
| ଚିନ୍ତା | ସ୍ୱଦେଶ ବେହୁରିଆ | ୧୦୫ |
| ନିଶା | ଦିଲ୍ଲୀପ୍ କୁମାର ମୁଦୁଲି | ୧୦୭ |
| ରଂଗର ନାମ ପ୍ରେମ | ଡ. ସନ୍ଦୀପ ମହାପାତ୍ର | ୧୦୯ |
| ଭାଇ ଓ ବନ୍ଧୁ | ସୂର୍ଯ୍ୟକାନ୍ତ ଦାସ | ୧୧୦ |


## ମଳୟାଚଳ


| | | |
| --- | --- | --- |
| ଭୋର୍ | ପ୍ରଫେସର. ଅଭିନ୍ନ ସାହୁ | ୧୧୩ |
| ଦେବ ମୁହୂର୍ତ୍ତ ଆସୁଛି | ଡ. ମନୋରମା ବିଶ୍ୱାଳ ମହାପାତ୍ର | ୧୧୪ |
| ମୋ ଗାଁ | ନୀନା ଦାସ | ୧୧୫ |
| ଆସନ୍ତା କି ଫେରି | ବିରାଜ ମୋହନ ଦାସ | ୧୧୬ |
| ଜୀବନ ରାଗ | ବିଦେଶୀ ଭଞ୍ଜ | ୧୧୬ |
| ଋତୁ କେତେ ରୂପମତୀ | ହଂସନାଥ ମୁଦୁଲି | ୧୧୭ |
| ଭାଗ୍ୟ | ଡ. କୃତ୍ତିବାସ ନାୟକ | ୧୧୭ |
| ଏବେ ମୁଁ ବନ୍ଦୀଶାଳାରେ | ପବିତ୍ର ସାହାଣୀ | ୧୧୮ |
| ରାସ୍ତା | ସୁମିତ ପଣ୍ଡା | ୧୧୮ |
| ପ୍ଲାଟଫର୍ମରେ ବସନ୍ତ | ଆଶିଷ୍ କୁମାର ମିଶ୍ର | ୧୧୯ |
| ଦିନାବସାନେ | ଚନ୍ଦନଲାଲ ତେଓ୍ୱାରୀ | ୧୨୦ |

| ବିଷୟ | ପ୍ରଣେତା | ପୃଷ୍ଠା |
|---|---|---|
| କଣ ଲେଖିବି ? | ଗୋକୁଳାନନ୍ଦ ଦାସ | ୧୨୦ |
| ଖିଲି ଖିଲି ହସେ ଫୁଲେଇ ଫଗୁଣ | ଡ. ସୁକାନ୍ତି ତ୍ରିପାଠୀ | ୧୨୧ |
| ଚାରାର ଛାଇ | ଡା ଗୌରୀଶଙ୍କର ପଣ୍ଡା | ୧୨୨ |
| ମନ ବଗିଚାର ଫୁଲ | ଡ. ସରୋଜିନୀ ପାଣି | ୧୨୩ |
| ଧରମ ଭାଇ | ଡ. ତ୍ରିନାଥ ମଲ୍ଲିକ | ୧୨୩ |
| ସପନ | ବିଘ୍ନେଶ୍ୱର ନାୟକ | ୧୨୪ |
| ମରୀଚିକା ସାଥୀ | ସୁନିତା ସାହୁ | ୧୨୪ |
| ସାଥୀ | ପଙ୍କଜ କୁମାର ବେହେରା | ୧୨୫ |
| ମାତୃଭାଷା | ଡ. ସ୍ନେହଶ୍ରୀ ସ୍ୱାଇଁ | ୧୨୫ |
| ଲାଇକ୍ ନା କମେଣ୍ଟ | ବାଦଲ ମହାନ୍ତି | ୧୨୬ |
| ଫଗୁଖେଳ | ଚକ୍ରଧର ତ୍ରିପାଠୀ | ୧୨୭ |
| ତୁମେ | ବେଦପ୍ରକାଶ ନାୟକ | ୧୨୮ |
| ତୁମ ପ୍ରତୀକ୍ଷାରେ | ନୀହାରିକା ମହାନ୍ତି | ୧୨୮ |
| କୁନ୍ଦୁଲି ପୀଡ଼ିତା | ତନ୍ମୟୀ ରଥ | ୧୨୯ |
| ଜୀଅନ୍ତା ଶବ | ଲିପିପୁଷ୍ପା ନାୟକ | ୧୩୦ |
| ମଣିଷ ହାଟ | ସୁଚିସ୍ମିତା ଦାସ | ୧୩୦ |
| ପ୍ରକୃତି ମା’ | ସୀମା ସ୍ୱାଇଁ | ୧୩୧ |
| ପ୍ରେମ ନା ଆଉ କିଛି | ସୁନୀଲ୍ କୁମାର ପାଣିଗ୍ରାହୀ | ୧୩୧ |
| ଅବୁଝା ମନ | ଛବି ମହାପାତ୍ର | ୧୩୨ |
| ପ୍ରତିଶ୍ରୁତି | ଧର୍ମେନ୍ଦ୍ର ମୁଦୁଲି | ୧୩୨ |
| ଇଚ୍ଛାମୃତ୍ୟୁ | ପ୍ରିୟବ୍ରତ ସାହୁ | ୧୩୩ |
| ବଳଦର ବେକ | ଜ୍ଞାନୀ ଦେବାଶିଷ ମିଶ୍ର | ୧୩୪ |
| ଅନନ୍ୟା ଭକ୍ତି | ଡ. ସୀତାରାମ ଦାସ ଶାସ୍ତ୍ରୀ | ୧୩୫ |
| ବାସି ମଡା | ଡ. ଆରତି କର | ୧୩୭ |
| ଭରତ ଆଖିରେ ଲୁହ | ଅନିତା ସାହୁ | ୧୪୧ |
| ମନୋଜ ଗଳ୍ପମାନସର ଉତ୍ତରଣ : ଲାଲ୍ ଝଣ୍ଡାରୁ ରହସ୍ୟବାଦ | ନିରୁପମା ମହାପାତ୍ର | ୧୪୩ |
| ଆତ୍ମ ଦହନ | ଊର୍ମିମାଳା ଆଚାର୍ଯ୍ୟ | ୧୪୭ |
| ଇଚ୍ଛାଥିଲେ ନଦୀ ନଦୀକୁ ଭେଟେ | ଡ. ମଣୀନ୍ଦ୍ର କୁମାର ମେହେର | ୧୪୯ |
| ନାମ ସମାନ ବ୍ୟକ୍ତିତ୍ୱ ଭିନ୍ନ | ନିର୍ମଳା କୁମାରୀ ମହାପାତ୍ର | ୧୫୮ |
| ରହସ୍ୟମୟ ଶ୍ରୀଲଙ୍କା | ଅରବିନ୍ଦ ମିଶ୍ର | ୧୬୧ |

| ବିଷୟ | ପ୍ରଣେତା | ପୃଷ୍ଠା |
|---|---|---|
| ଗୁରୁଦେବୋ ଭବ | ଅଶୋକ କୁମାର ପାତ୍ର | ୧୬୩ |
| ସବୁ ମିଛ ଏକା ସତ ଜଗନ୍ନାଥ | ଦିବ୍ୟଜ୍ୟୋତି ରାଉଳ | ୧୬୪ |
| ଦୁର୍ନୀତି ନୈବମୁଚ୍ୟତେ | ସିମ୍ରନ୍ ମହାପାତ୍ର | ୧୬୫ |
| ଜୀବନ ସଂଗ୍ରାମ | ରମେଶ ଚନ୍ଦ୍ର ନାୟକ | ୧୬୮ |
| କବି ସଚ୍ଚିଦାନନ୍ଦ ରାଉତରାୟ | ଡ. ବାଉରୀବନ୍ଧୁ କର | ୧୭୦ |
| ଅଧା ଅଧାରେ ଜୀବନ | ମଧୁସ୍ମିତା ବେହେରା | ୧୭୪ |
| ଉପଦେଶ ନୁହେଁ ଅନୁରୋଧ | ଡ. ଶରତ ଚନ୍ଦ୍ର ରଥ | ୧୭୫ |
| ଦୁଇଟି ମିନି ଗଳ୍ପ | ବିଶ୍ୱନାଥ ସାହୁ | ୧୭୭ |
| ଏଇ ବୋଧେ ବାପା | ଅନ୍ନପୂର୍ଣ୍ଣା ଦାସ | ୧୭୮ |
| ବିବର୍ଣ୍ଣ ଭବିଷ୍ୟ | ଶକ୍ତି କୁମାର ରଥ | ୧୭୯ |
| ସେଇ ଲୋକଟା | ଡ. ଦେବାଶିଷ ପାତ୍ର | ୧୮୬ |
| ଦିବ୍ୟାଙ୍ଗରୁ ଦିବ୍ୟ ଅଙ୍ଗ | ଅଞ୍ଜନା ମିଶ୍ର | ୧୮୭ |
| ନଷ୍ଟନୀଡ଼ | ସୁବ୍ରତ କୁମାର ସେନାପତି | ୧୮୯ |
| ଏକାନ୍ତ ସତ୍ୟ | ଯୁଗଳ କିଶୋର ନନ୍ଦ | ୧୯୨ |
| ଜୀବନ୍ତ ଭଗବାନ | ଲକ୍ଷ୍ମୀ ପାର୍ବତୀ ଦାସ | ୧୯୪ |
| ବିସ୍ତାର ସାଧନା | ଡ଼. ଅଳକାନନ୍ଦା ପରିଡ଼ା | ୧୯୬ |
| ଓଡ଼ିଆ କାବ୍ୟ କବିତାରେ ବସନ୍ତ ଚେତନା | ମାଧବାନନ୍ଦ ପାତ୍ର | ୨୦୨ |
| ପାଉଁଜି | ଡ. ମମତାରାଣୀ ବେହେରା | ୨୦୭ |
| ଆଜ୍ଞା ଟିକେ ଶୁଣିବେ କି ? | ନିରଞ୍ଜନ ତ୍ରିପାଠୀ | ୨୦୯ |
| ଭରତେ ଭାରତ | ଡ. ଉଦ୍ଧବ ଚରଣ ନାୟକ | ୨୧୧ |
| ଓଡିଆ, ଇଂରାଜୀ ଆଧୁନିକ କାବ୍ୟ ପରଂପରାରେ ଭୋର୍ | ଡ. ସୁଜାତା ପ୍ରିୟଦର୍ଶିନୀ | ୨୧୩ |
| ଚେକ୍, ଡ୍ରାଫ୍ଟ ନା କ୍ୟାସ୍ ? | ଡା ଇନ୍ଦ୍ରମଣି ଜେନା | ୨୧୬ |


## ବିଶେଷ ସାକ୍ଷାତ୍କାର


| | | |
|---|---|---|
| ଏକ ବିଶେଷ ପୃଷ୍ଠା : ଡ. ଅର୍ଚ୍ଚନା ନାୟକ | ଅସିତ୍ ପ୍ରଧାନ | ୨୧୯ |
| ଶ୍ରୀମତୀ ବନଜ ଦେବୀଙ୍କୁ କେତୋଟି ପ୍ରଶ୍ନ | ଅସିତ୍ ପ୍ରଧାନ ଓ ମିଥୁନ୍ ମିଲ୍ଲିକ୍ | ୨୨୭ |


## ପରିଶିଷ୍ଟ


| | | |
|---|---|---|
| ବାର୍ଷିକ ବିବରଣୀ | | ୨୩୧ |

# ଏତିକି କାମନା

ଚାହୁଁଚାହୁଁ ବାଇଶ ବର୍ଷ ପୂରିଲା। ଏହି ତାଳପଦେଶ୍ୱରୀ ସାହିତ୍ୟ ଆସର ପୀଠଦେବୀ ମା ତାଳପଦେଶ୍ୱରୀଙ୍କ ଆଶୀର୍ବାଦରେ ଆଗେଇ ଚାଲିଛି। କ୍ରମେ ବଢୁଛି ଏହାର ପରିସର। ନୂଆ ପିଲାମାନେ ସ୍ୱାଭାବିକ ଭାବେ ଆସୁଛନ୍ତି କିନ୍ତୁ ପାଠ ସାରିଥିବା ପିଲାଏ ଛାଡି ପାରିନାହାନ୍ତି ତାଳପଦେଶ୍ୱରୀ ପ୍ରାଙ୍ଗଣର ଆତ୍ମୀୟତା। ପଦେ ଖାଲି ଡାକିଦେଲେ ଧାଇଁ ଆସୁଛନ୍ତି ନିଜନିଜର ସବୁ ଦାୟିତ୍ୱକୁ ଟିକିଏ ଆଡେଇ ଦେଇ। ଏଇ ତ ଆମର ଆନନ୍ଦ।

ବାଣୀବିହାରର ଉଦାର ପରିସର ଭିତରେ ଏହି ସାହିତ୍ୟ ଆସର ଗତିଶୀଳ। ବର୍ଷକରେ ଥରେ ପତ୍ରିକାଟିଏ ପ୍ରକାଶିତ ହୁଏ 'ଭୋର୍' ନାମରେ। ସତରେ ଏଠି ପ୍ରତ୍ୟେକ ସର୍ଜନଶୀଳ ପ୍ରତିଭା ସୂର୍ଯ୍ୟର ଉଦୟ ହୁଏ। ସିନ୍ଦୂରା ଫାଟେ। 'ଭୋର୍' ଆସେ ସଜଫୁଲର ଅଂଜଳି ଧରି। ପିଲାଏ ଏଠି ନୂଆ ନୂଆ କଲମ ଧରନ୍ତି। ତା'ଙ୍କ ଆଗ୍ରହ ତା'ଙ୍କୁ ବାଟ କଢାଏ। ଏହି ଆସରରେ ପ୍ରଥମ କବିତା ଲେଖି ଲାଜଲାଜ ହୋଇ ପଢିଥିବା ପିଲାଏ ଆଜି ନାମକରା କବି ଓ ଲେଖକ। ଆମେ ଖାଲି ତାଙ୍କ ପିଠି ଥାପୁଡେଇ ଦେଉ। କେବେ ରଂଜା ଦେଉ ତ କେବେ ପାଣି ଛିଞ୍ଚିଦେଉ। ତାଙ୍କ ଭିତରର ସୁପ୍ତ ପ୍ରତିଭା ତାଙ୍କୁ ହିଁ ବାଟ ଦେଖାଏ।

ଏହି ସାହିତ୍ୟ ଆସରକୁ ଅନେକ ପ୍ରବୀଣ ସ୍ରଷ୍ଟା ଆସିଥାଆନ୍ତି। ପିଲାଙ୍କ ଆଗ୍ରହ ଦେଖି ଆନନ୍ଦିତ ହୁଅନ୍ତି ଆଉ ନିଜ ନିଜର ଅନୁଭୂତି ବାଣ୍ଟି ଆମ ସମସ୍ତଙ୍କୁ ଧନ୍ୟ କରିଥାଆନ୍ତି। ସେମାନଙ୍କ ସହିତ ଏକାଠି ହେବା,ସେମାନଙ୍କୁ ପ୍ରଶ୍ନ ପଚାରିବା ଓ ପରିଚିତ ହୋଇ ଆମ ପରଂପରା ଓ ସଂସ୍କୃତିର ସୁବାସରେ ବିଭୋର ହେବାର ସୁଯୋଗ ମିଳେ ଆମ ପିଲାଙ୍କୁ। ଏହା ଯେ କେତେ ଗୁରୁତ୍ୱପୂର୍ଣ୍ଣ ପିଲାଏ ବୁଝନ୍ତି ବାଣୀବିହାର ଛାଡିବା ପରେ। ହୁଏତ ଜୀବିକାର ମରୁଭୂମିରେ କବିତାର କ୍ଷୀଣସ୍ରୋତ ହଜି ଯାଇପାରେ, ମାତ୍ର ତାହା ଯେ ଏକଦା ସେମାନଙ୍କର ଅତୀତକୁ ଫୁଲର ଫସଲରେ ଭରି ଦେଇଥିଲା ଏହା ସେମାନଙ୍କୁ ଦମ୍ଭ ଦିଏ ନିଶ୍ଚୟ। ପୁନଶ୍ଚ ସେମାନେ ଆଗ୍ରହର କଲମ ଧରନ୍ତି। ପଢାଶୁଣା ଜାରି ରଖନ୍ତି।

ଓଡିଆ ସାହିତ୍ୟର ସମୃଦ୍ଧ ଅତୀତକୁ କିଛି ଜାଣିବା ବୁଝିବା କହିବା ଓ ଲେଖିବା ଆମମାନଙ୍କ ପାଇଁ ଖାଲି ଦାୟିତ୍ୱ ନୁହେଁ, ବରଂ ସମୟର ଆବଶ୍ୟକତା। ଅତୀତକୁ ନ ଜାଣିଲେ ଭବିଷ୍ୟତ ଆଡକୁ ହାତ ବଢାଇବା କିଭଳି ? ପାଠ୍ୟ ଖସଡା (Course) ବାହାରେ ପ୍ରକୃତ ପାଠ ଅଛି। ଯାହା ଜୀବନର ସମ୍ମୁଖୀନ ହେବାପାଇଁ ଆମକୁ ଶକ୍ତି ଦିଏ। ଏହା ବହିପଢ଼ା କଥା ନୁହେଁ ବରଂ ଅନୁଭବର କଥା। ଆଗ୍ରହ ଥିଲେ ସମୟ ବାହାରି ପାରିବ। ପ୍ରତ୍ୟେକ ପ୍ରଦର୍ଶନଶୀଳ କଳା ପ୍ରଶଂସା ଲୋଡେ। ପ୍ରଦର୍ଶନ ଖୋଜେ। ତାଳପଦେଶ୍ୱରୀ ସାହିତ୍ୟ ଆସର ବାଣୀବିହାରର ଛାତ୍ରଛାତ୍ରୀମାନଙ୍କର କଳାତ୍ମକତାର ସୁରକ୍ଷା କରେ। ମାତ୍ର ଆମର ପରିସର ସଂକୁଚିତ ଓ ବିଶ୍ୱବିଦ୍ୟାଳୟର ପରିବେଶ ସହିତ ଆମେ ଗତିଶୀଳ। ତଥାପି ଓଡିଶାର ସର୍ବ ପ୍ରଥମ ବିଶ୍ୱବିଦ୍ୟାଳୟର ପରିସରରେ ଜନ୍ମ ନେବା, ବଂଚିବା କମ୍ ସମ୍ମାନର ବ୍ୟାପାର କି ?

ଆଜି 'ବଡ ମଣିଷ' ଲୋଡା ନା 'ଭଲ ମଣିଷ' ଲୋଡା ? ପ୍ରତ୍ୟେକ ମଣିଷ ଭଲ ମଣିଷ ହେବ, ଏମିତି କିଛି ମାନେ ନାହିଁ। କିନ୍ତୁ ପ୍ରତ୍ୟେକ ଭଲ ମଣିଷ ଆପେ ବଡ ହୋଇଯିବ ଅନ୍ୟର ଆଖିରେ। ସାହିତ୍ୟ ସେଇ ସହାନୁଭୂତିଶୀଳ ମଣଷକୁ ଆମ ଭିତରେ ଜୀଆଁଇ ରଖେ, ଯିଏ ଦୁର୍ଘଟଣା ସ୍ଥଳରେ ଏକୁଟିଆ ରାହାଧରି କାନ୍ଦୁଥିବା ଶିଶୁ ସହିତ ଏକାତ୍ମ ହୋଇପାରେ ବା ବାର୍ଦ୍ଧକ୍ୟର ନିଃସଂଗତାରେ ବ୍ୟାକୁଳ ବୟସ୍କ ବ୍ୟକ୍ତିଙ୍କ ହାତକୁ ଆଶାବାଡିଟିଏ ବଢାଇ ଦେଇପାରେ। ଗପ ବା କବିତା ରୁଗ୍ଣ ସନ୍ତାନକୁ ଔଷଧ ଦେଇ ପାରେ ନାହିଁ, ମାତ୍ର ଏ ଯନ୍ତ୍ରଣା ତୁମର ଏକୁଟିଆ ନୁହେଁ ବରଂ ପୃଥିବୀ ଆରମ୍ଭରୁ ଏଭଳି କଷ୍ଟ ଅଗଣିତ ଲୋକ ଭୋଗିଛନ୍ତି, ଏହି ଧାରଣା ଦେଇ ଯନ୍ତ୍ରଣାକୁ ସହନୀୟ କରିପାରେ। ସେହି ଉଦାରତା ଓ ସହାନୁଭୂତିର ଧାରା ଆଜି ସାହିତ୍ୟ ସହିତ ବଂଚିବାକୁ ଆଗ୍ରହ କରୁଥିବା ତରୁଣ ତରୁଣୀଙ୍କ ଭିତରେ ଚିରପ୍ରବହମାନ ହୋଇରହୁ। ଏ ଧାରା ମା ତାଳପଦେଶ୍ୱରୀଙ୍କ ପାଦ ଛୁଇଁ ବହିଯାଉ ଆମ ସମସ୍ତଙ୍କ ମନ ତଳେ। ଏତିକି କାମନା –

**ସଂଘମିତ୍ରା ମିଶ୍ର**
ଉପଦେଷ୍ଟା, ତାଳପଦେଶ୍ୱରୀ ସାହିତ୍ୟ ଆସର

# ପ୍ରେରଣା ଓ ଉତ୍ସାହର ସ୍ୱର ତାଳପଦେଶ୍ୱରୀ ସାହିତ୍ୟ ଆସର

ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଆସି ପହଂଚିଲାଣି ତାଳପଦେଶ୍ୱରୀ ସାହିତ୍ୟ ଆସରର ବାର୍ଷିକ ଉତ୍ସବ । ସମ୍ପାଦକ ମିଥୁନ୍ 'ଭୋର୍' ପତ୍ରିକା ପାଇଁ ଲେଖା ମାଗିଲାଣି । ଶୀଘ୍ର ନେବାକୁ ତାଗିଦା କଲାଣି । କ'ଣ ଲେଖିବି ଭାବୁ ଭାବୁ ଫେରିଗଲି ଦୀର୍ଘ ବାଇଶ ବର୍ଷ ତଳକୁ । ସାଧାରଣ ପ୍ରଶାସନ ବିଭାଗର ବିଜୟିନୀ ମହାନ୍ତି ଯେ କି ମୋର ଖୁବ୍ ପ୍ରିୟ । ସ୍କୁଲଜୀବନର ବନ୍ଧୁ ବିଜୟିନୀ ଅପା ସସ୍ନେହ ଟେଲିଫୋନ୍ ବାଣୀବିହାରର ତାଳପଦେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ କିଛି ପିଲାଙ୍କୁ ନେଇ ସାହିତ୍ୟ ଅନୁଷ୍ଠାନଟିଏ କରୁଛୁ । କବିତା ପାଠ ଓ ସାଂଗଠନିକ ଆଲୋଚନା ହେବ । ତୁମେ ନିଶ୍ଚୟ ଆସିବ । ସେତେବେଳେ ମୁଁ ରମାଦେବୀ ମହିଳା ମହାବିଦ୍ୟାଳୟରେ ପ୍ରାଧ୍ୟାପିକା । ରମାଦେବୀ ଓ ରାଜଧାନୀରେ ଅଧ୍ୟାପିକା ଓ ପ୍ରାଧ୍ୟାପିକା ଥିଲାବେଳେ ମୁଁ ଅନେକଥର ତାଳପଦେଶ୍ୱରୀ ସାହିତ୍ୟ ଆସରକୁ ଯାଏ କବିତା ଶୁଣେ କବିତା ପଢ଼େ । ବିଜୟିନୀ ଅପା (ପ୍ରଫେସର ବିଜୟନୀ ମହାନ୍ତି) ଓ ସଂଘମିତ୍ରା ଅପା (ପ୍ରଫେସର ସଂଘମିତ୍ରା ମିଶ୍ର) ଭେଟ ହୁଅନ୍ତି । ସଂଘମିତ୍ରା ଅପାଙ୍କ ଉଦ୍ୟମରେ ଓଡ଼ିଶାର ଭୁବନେଶ୍ୱରରେ ରହୁଥିବା ପ୍ରାୟ ଅନେକ ସାହିତ୍ୟିକ (ସୁପ୍ରତିଷ୍ଠିତ) ଏହି ଅନୁଷ୍ଠାନକୁ ଆଗ୍ରହ ସହକାରେ ଆସିଛନ୍ତି । ସାଧାରଣ ଆସର ଓ ବାର୍ଷିକ ଉତ୍ସବରେ ବହୁମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧାର ସହ ଆସିଥାନ୍ତି । ମନ୍ଦିରଟିଏ ସର୍ବସାଧାରଣଙ୍କର ମିଳନ କ୍ଷେତ୍ର । ଆମ ବାଣୀବିହାରର ଛାତ୍ରଛାତ୍ରୀମାନେ ଏଠି ଏକାଠି ହୋଇ ମା'ଙ୍କୁ ଦର୍ଶନ କରନ୍ତି । ପୂଜା ଆରାଧନା କରନ୍ତି ସଂଧ୍ୟାରେ ମାଆଙ୍କ ଆଳତି ସମୟରେ ବାଦ୍ୟ ଯନ୍ତ୍ର (ଢ଼ୋଲ, ଘଣ୍ଟ ଆଦି) ବଜାନ୍ତି । ବେଳେବେଳେ ଛାତ୍ରଛାତ୍ରୀ ପ୍ରେମିକ ପ୍ରେମିକା ପରସ୍ପରକୁ ଅପେକ୍ଷା କରନ୍ତି । ମାନ ଅଭିମାନ, ମିଳନ ବିରହର, ହସଲୁହର ଚିତ୍ର ମଧ୍ୟ ଦେଖିବାକୁ ମିଳେ । ତେବେ ସର୍ବୋପରି ଏହି ମାଆଙ୍କ ପୀଠରେ ଛାତ୍ରଛାତ୍ରୀମାନଙ୍କର ପାଠପଢ଼ା ଆରମ୍ଭ କରି ପ୍ରସାଦ ସେବନ, ଏକାଠି ହେବା ଆଦି ସବୁ କ୍ରିୟା ଭିତରେ ମାଆଙ୍କର ଅଭୟ ଆଶୀର୍ବାଦକୁ ଉପଲବ୍ଧି କରିହୁଏ । ତେବେ ତାଳପଦେଶ୍ୱରୀ ସାହିତ୍ୟ ଆସର ଆଜିକୁ ୨୨ ବର୍ଷ ତଳେ ଏଇ ମାଆଙ୍କ ମନ୍ଦିର ପ୍ରାଙ୍ଗଣରେ ଗଢ଼ି ଉଠିଥିଲା । କ୍ଲାସ ସରିଲା ପରେ ମଝିରେ ମଝିରେ ପିଲାମାନେ ଆସି ଏଠି ଏକାଠି ହୁଅନ୍ତି । କବିତା ପାଠ କରନ୍ତି । ବାହାରୁ କେହି ସାହିତ୍ୟିକ ମଧ୍ୟ ଆସନ୍ତି । ଏଇ ଆସରର ଏକ ଭିନ୍ନ ମହକ ରହିଛି । ଏଠି ସାଧାରଣ ଆସରଟିଏରେ ବି ପିଲାମାନେ ପରସ୍ପର ଡକାଡକି ହୋଇ ବେଶ୍ ସଂଖ୍ୟାରେ ଏକାଠି ହୋଇଯାଆନ୍ତି । ତରୁଣ ଉନ୍ମାଦନା ଓ ଉଦ୍ଦୀପନାର ମନ ନେଇ ନୂଆ ନୂଆ ଲେଖୁଥିବା କବିଟି କବିତାଟିଏ ଲେଖେ ତା'ରି ଭିତରେ ଫୁଟି ଉଠୁଥାଏ ତା'ର ଯୁବକ ବା ଯୁବତୀ ମନର ଅନେକ ଆଶା ଆକାଂକ୍ଷା, ବିଶେଷ କରି ନୂତନ ପ୍ରେମର ପ୍ରଥମ କଳିକାଟି ଭଳି କବିତାଟିଏ । ତା'ପରେ ପରେ କବିତାର ଅଜସ୍ର ସ୍ରୋତର ନିର୍ଝରିଣୀଟିଏ ପାଲଟିଯାଏ ତା'ର କବିମନ ଧୀରେ ଧୀରେ ପରିପକ୍ୱତା ଲାଭ କରି ଆଜି ଅତୀତର ସେହି ନବୀନ କବି, ଗାଳ୍ପିକଟି ଏ ଓଡ଼ିଆ ସାହିତ୍ୟ ଜଗତର ଗୋଟିଏ ଉଜ୍ଜଳ ତାରକା ଭଳି ପ୍ରତୀୟମାନ ହୁଏ । ଆମେ ସବୁ ସେହି ନବୀନ ତରୁଣଙ୍କ ସହଯୋଗରେ ଅନୁଷ୍ଠାନଟିକୁ ଚଲାଇ ଆସିଲୁଣି । ୨୨ ବର୍ଷ ପୂର୍ତ୍ତି ହୋଇ ତେଇଶି ବର୍ଷରେ ପଦାର୍ପଣ କରିଛି ତାଳପଦେଶ୍ୱରୀ ସାହିତ୍ୟ ଆସର । ଜଣେ ପ୍ରତିଷ୍ଠାତା ଉପଦେଷ୍ଟା ଇହଧାମ ପରିତ୍ୟାଗ କରି ସାରିଲେଣି । ସେ ହେଲେ ପ୍ରଫେସର ବିଜୟିନୀ ମହାନ୍ତି । ତାଙ୍କର ସ୍ୱାମୀ ଡାକ୍ତର ଇନ୍ଦ୍ରମଣି ଜେନା ଆମ ସହ ସହଯୋଗ ରଖିଛନ୍ତି । ଆମ ସଭାପତି ଅମୂଲ୍ୟ ବାବୁ ବୟସ୍କ ହୋଇ ମଧ୍ୟ ଛାତ୍ରମାନଙ୍କ ସହ ବେଶ୍ ନବୀନ ଉଦ୍ଦୀପନାରେ ସବୁକାମ ଆଗେଇ ନିଅନ୍ତି । ଅନୁଷ୍ଠାନର ଆମ ଛାତ୍ରଛାତ୍ରୀମାନେ କେବଳ ଓଡ଼ିଆ ବା ଅନ୍ୟକୌଣସି କଳା (ଆର୍ଟ୍ସ) ବିଭାଗର ନୁହଁନ୍ତି । କିଏ ଇଂରାଜୀ, କିଏ ଗଣିତ,

କିଏ ପଦାର୍ଥ ବିଜ୍ଞାନ ତ କିଏ ଆଇନ୍ ବିଭାଗ। ବାଣୀବିହାରରେ ପାଠ ପଢୁଥିବା ପ୍ରାୟ ବିଭିନ୍ନ ବିଭାଗର ଛାତ୍ର ଏହି ଆସରରେ ବେଶ୍ ଆଗ୍ରହ ସହକାରେ କବିତା ପଢ଼ିଥାନ୍ତି। କୁଳପତି ଗୌରକିଶୋର ଦାସ ଏହି ଆସରକୁ ଖୁବ୍ ଶ୍ରଦ୍ଧା କରୁଥିଲେ। ନିଜେ ଆଗ୍ରହର ସହ ଆସନ୍ତି। କୁଳପତି ଗୋକୁଳାନନ୍ଦ ଦାସ ମଧ୍ୟ ଏହି ଆସରକୁ ଆସନ୍ତି କବିତା ପଢ଼ନ୍ତି। ତେବେ କହିବାର କଥାଟି ହେଲା ଏ ଆସରଟି କେବଳ ସ୍ନେହ ମମତା ଓ ଅନୁରାଗରେ ବନ୍ଧା। ଏଠି ଘରଟିଏ ନ ଥିଲେ ମଧ୍ୟ, ମନ୍ଦିର ବେଢ଼ାଟି କବିତା ପାଠ ନିମନ୍ତେ ପରିପୂର୍ଣ୍ଣ ହେଉଯାଉଥିଲା ଆମ ବାଣୀବିହାର ଛାତ୍ର କବିଙ୍କ ମେଳରେ। ଏମାନଙ୍କୁ ଆଶୀର୍ବଚନ ନିମନ୍ତେ ଓଡ଼ିଶାର ବେଶ୍ ପ୍ରତିଷ୍ଠିତ ସାହିତ୍ୟିକମାନେ ଖୁବ୍ ଶ୍ରଦ୍ଧାର ସହ ଆସିଥାନ୍ତି। ସେହିମାନଙ୍କ ଆଶୀର୍ବାଦ ତରୁଣ ଛାତ୍ରମାନଙ୍କୁ ବେଶ୍ ଉତ୍ସାହିତ କରେ। ଆରମ୍ଭ ସମୟର ଶତ୍ରୁଜିତ୍, ଦେବେନ୍ଦ୍ର ପତି, ଦେବାଶୀଷ ପାତ୍ର, ସରୋଜ ବଳ, ମହେଶ୍ୱର ପାଢ଼ୀ, ଦିଲ୍ଲୀପ ଦଳାଇ, ଦେବାଶୀଷ ମହାପାତ୍ର, ସନ୍ଦୀପ ମହାପାତ୍ର ଏବେ ମଧ୍ୟ ଆମ ଗହଣରେ ଏହି ଆସରରେ ଅଛନ୍ତି। ତେବେ ମାଆ ତାଳପଦେଶ୍ୱରୀଙ୍କ ଆଶୀର୍ବାଦରେ ଆସରଟି ବାଇଶି ପୁରି ତେଇଶି ବର୍ଷରେ ପଦାର୍ପଣ କରିଛି। ତା'ର ମହନୀୟତାରେ ବେଶ୍ ସ୍ୱନାମଧନ୍ୟ ସାହିତ୍ୟିକଙ୍କୁ ଆକୃଷ୍ଟ କରିଛି। ନବ କଳିକା ବାଣୀବିହାର ଛାତ୍ରଙ୍କୁ ପରିପକ୍ୱ କବି ସାହିତ୍ୟିକରେ ପରିଣତ କରିଛି। ଆଜି ଆମେ ଓଡ଼ିଆ ଭାଷା ସାହିତ୍ୟ ପାଇଁ ଗର୍ବ କରୁଛୁ। ଏହାର ଉନ୍ନତି ପାଇଁ ଚିନ୍ତା କରୁଛୁ। "ତାଳପଦେଶ୍ୱରୀ ସାହିତ୍ୟ ଆସର" ଏହି ଆଶା ଆକାଂକ୍ଷାକୁ ସାକାର କରିବା କ୍ଷେତ୍ରରେ ଏକ ବିଶେଷ ଭୂମିକା ଗ୍ରହଣ କରିଛି। ଓଡ଼ିଶାର ପ୍ରତ୍ୟେକ ଅଂଚଳରୁ ଛାତ୍ର ଛାତ୍ରୀମାନେ ବାଣୀବିହାର ଆସିଥାନ୍ତି, ଓଡ଼ିଶାର ପ୍ରତିଟି ଛାତ୍ର ଏଠି ଗୋଟିଏ ନିଜର ଭାବ ଅନୁଭବ କରିଥାଏ। ସାହିତ୍ୟ ଓ ସଂଗଠନର ଭିତ୍ତିଭୂମି ଏଇଠି ପଡ଼ିଥାଏ। ଯୁବମନରେ ଥିବା ସକଳ ସ୍ୱପ୍ନ ସାକାର କରିବାର ପ୍ରୟାସ ସେ ଏହି ଅନୁଷ୍ଠାନଟି ଭିତରୁ ହିଁ ଶିଖେ। ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ତାଳପଦେଶ୍ୱରୀ ସାହିତ୍ୟ ଆସରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ତେଣୁ ମାଆଙ୍କଠାରେ କାମନା କରୁଛି ଏହାକୁ ଦୀର୍ଘାୟୁ କରନ୍ତୁ। ଆମ ଯୁବଛାତ୍ର ଆଗାମୀ ଭବିଷ୍ୟତ ଅନୁଷ୍ଠାନକୁ ଆହୁରି ଆଗକୁ ଆଗେଇ ନିଅନ୍ତୁ ଏହାହିଁ ଆଜିର ଦିନରେ କାମନା କରୁଛି। ମନେପଡୁଛି ପଂକ୍ତିଟିଏ-

ସୁନ୍ଦର ଯେତିକି ଅନ୍ଧାର ସେତିକି
ଏହି ଯେ ଗହନ ବନ
ତେଣୁ ତୁ ଆପଣା ସଂକଳ୍ପେ ଅଟଳ ଅଚଳୂ ହରେ ମନ
ଆଗରେ ପଡ଼ିଛି ପଥ ବହୁଦୂର
ଆହୁରି କେତେ ଯେ ବାକୀ
ଚାଲିବି ଚାଲିବି ନ ପଡ଼ିବି ଥକି
ମୁ ବିଦା ଆଗରୁ ଆଖି।

**ଡକ୍ଟର ବିଷ୍ଣୁପ୍ରିୟା ଓତା**
ଉପଦେଷ୍ଟା, ତାଳପଦେଶ୍ୱରୀ ସାହିତ୍ୟ ଆସର

# ଶୋଫାଳି ଫୁଲର ବାସ୍ନା

'ମନ'କୁ କେବେ କେବେ ମନ ପବନ ଘୋଡ଼ ବା ପକ୍ଷୀରାଜ ଘୋଡ଼ା ଭାବରେ ପରିକଳ୍ପନା କରାଯାଏ। ମନ ପବନ ଠାରୁ ଅଧିକ ବେଗରେ ସ୍ୱଚ୍ଛନ୍ଦରେ ବିଚରଣ କରିପାରେ। ତେଣୁ କୌଣସି ବି ଦୁର୍ଲ୍ଲଭ ପଦାର୍ଥ ମନ ପାଇଁ ଦୃଷ୍ପାପ୍ୟ ନୁହେଁ। ଦୀର୍ଘ ବାଇଶ ବର୍ଷ ତଳେ କୌଣସି ଏକ ଅଳସ ଅପରାହ୍ନରେ ବାଣୀବିହାରର କିଛି ମନୁଆ ଛାତ୍ରଛାତ୍ରୀ ମନପବନ ଘୋଡ଼ାରେ ସାହିତ୍ୟ ରାଜ୍ୟ ପରିକ୍ରମା କରି କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଏକାଠି ହେଲେ। ସେମାନଙ୍କ ମସ୍ତିଷ୍କରେ ସାହିତ୍ୟ ସୃଜନ ପାଇଁ ଏକ ମଞ୍ଚ ଗଢ଼ିବାର ପରିକଳ୍ପନା ଢ଼େଉ ଭାଙ୍ଗୁଥିଲା। ଅବଶ୍ୟ ଏହା ପୂର୍ବରୁ ବାଣୀବିହାର ପରିସରରେ ଶନିବାର-ସାହିତ୍ୟ ସଂଧ୍ୟା, ବାରିପଦା ସାହିତ୍ୟ ଆସର ଭଳି କିଛି ଅନୁଷ୍ଠାନ ସୃଷ୍ଟିହୋଇ ଅକାଳରେ ସମାଧି ନେଇ ସାରିଥିଲେ। ତେଣୁ ନୂଆ ଅନୁଷ୍ଠାନର ସ୍ଥାୟିତ୍ୱକୁ ନେଇ ଆଶା, ଆଶଙ୍କା ଅହେତୁକ ନଥିଲା। ସେହି ପିଲାମାନଙ୍କ ମନରେ ଏକ ନୂଆ ଖିଆଲ ଆସିଗଲା। ବାଣୀବିହାର ଏକ କ୍ଷୁଦ୍ର ଏବଂ ଅପେକ୍ଷାକୃତ ଅଖ୍ୟାତ ମା' ତାଳପଦେଶ୍ୱରୀଙ୍କ ଉପରେ ଆସ୍ଥା ସ୍ଥାପନ କରି ତାଙ୍କରି ନାମରେ 'ତାଳପଦେଶ୍ୱରୀ ସାହିତ୍ୟ ଆସର'ର ପରିକଳ୍ପନା କଲେ। 'ତତେ ହିଁ ତୁହି ରକ୍ଷାକର' ନ୍ୟାୟରେ ଜନ୍ମଲାଭ କଲା ନୂତନ ଅନୁଷ୍ଠାନ ତାଳପଦେଶ୍ୱରୀ ସାହିତ୍ୟ ଆସର। ମା'ଙ୍କ ଅଭୟ ପଣତ ତଳେ ବିଶ୍ୱାସର ବତୀଘର। ଲୋଡ଼ା ପଡ଼ିଲେ ଦିଗ୍‌ଦର୍ଶକ। ସେଥିପାଇଁ ଲୋଡ଼ା ହେଲା ଆଉ ଏକ ପଣତ କାନି। ଲୋକ ପ୍ରଶାସନର ପ୍ରଧାପିକା ଓ ଡ. ବିଜୟିନୀ ମହାନ୍ତିଙ୍କୁ ଅନୁରୋଧ କରନ୍ତେ ସେ ପିଲାମାନଙ୍କ ଆଗ୍ରହ ଓ ଉତ୍ସାହ ଦେଖି ସାଦରେ ସମ୍ମତି ଦେଲେ। ସେଉଠୁ ଆରମ୍ଭ ହେଲା ସାହିତ୍ୟ ସାଧନା, କବିତା ଆବୃତିର ଆସର ସେହି ମା'ଙ୍କ ମନ୍ଦିର ପ୍ରାଙ୍ଗଣରେ ସିମେଣ୍ଟ ଚଟାଣ ଉପରେ। ଆବେଗ ଓ ଉତ୍ସାହର ସ୍ୱତଃସ୍ଫୁର୍ତ ଅନ୍ତସ୍ରୋତ ଏକ କ୍ଷୁଦ୍ର ନିର୍ଝରିଣୀ ପରି ତା'ର ଯାତ୍ରାରମ୍ଭ କଲା। ସାଂଧ ପବନରେ ଦୋଳାୟିତ ଦୀପଶିଖା ପରି ପ୍ରାରମ୍ଭିକ ଦିନଗୁଡ଼ିକ ଆଶା-ଆଶଙ୍କାରେ ଆନ୍ଦୋଳିତ ହୋଇ ସ୍ୱାଭାବିକ ଥିଲା। ସଂଖ୍ୟା ଦୃଷ୍ଟିରୁ ଓଡ଼ିଆ ବିଭାଗର ଅଧିକ ସହଯୋଗ ଥିଲା ଏବଂ ସେହି ବିଭାଗର ପ୍ରାଧାପିକା ଡ. ସଂଘମିତ୍ରା ମିଶ୍ରଙ୍କୁ ମଧ ଉପଦେଷ୍ଟା ଭାବରେ ସାମିଲ୍ କରାଗଲା। ଦୁଇ ଉପଦେଷ୍ଟାଙ୍କ ପ୍ରେରଣା ଫଳରେ ବିଶ୍ୱାସ ଓ ଭରସା ଦୃଢ଼ୀଭୂତ ହେଲା। ଧୀରେ ଧୀରେ ମନ୍ଦିର ପ୍ରାଙ୍ଗଣରେ ଦରି ପକାଇ ଆସର ଚାଲିବା ସହିତ ବାହାରର ଜଣେ ଅଧେ ସାହିତ୍ୟକଙ୍କୁ ଅତିଥି ରୂପେ ନିମନ୍ତ୍ରଣ କରିବା ଆରମ୍ଭ ହେଲା। ବାଣୀବିହାର ପିଲାଙ୍କ ଏହି ଉଦ୍ୟମରେ ବ୍ୟବହାର ଅତିଥିମାନେ ସାଗ୍ରହରେ ସାମିଲ ହେଲେ ଏବଂ ଆସରର ଗାରିମା ବଢ଼ିବାରେ ଲାଗିଲା। ଆସରରେ ଚା-ପାଣି ବନ୍ଦୋବସ୍ତ ପାଇଁ ପିଲାମାନେ ବୁଲିବୁଲି କିଛି ଆର୍ଥିକ ସାହାଯ୍ୟ ଯୋଗାଡ଼ରେ ସକ୍ଷମ ହେଲେ। ନିଷ୍ଠାପର ଉଦ୍ୟମ ବ୍ୟର୍ଥଯାଏ ନାହିଁ ନ୍ୟାୟରେ କିଛି ଅଧ୍ୟାପକ, କର୍ମଚାରୀ ଏପରିକି ସ୍ଥାନୀୟ ଦୋକାନୀମାନେ କିଛି କିଛି ସାହାଯ୍ୟ ଦେବାରେ କାର୍ପଣ୍ୟ କଲେନାହିଁ।

ଧୀରେ ଧୀରେ ଏହି ଆସର କିଛିଟା ଆତ୍ମପ୍ରତ୍ୟୟ ସୃଷ୍ଟି କଲା ଏବଂ ଅନ୍ୟ ବିଭାଗର ଛାତ୍ରଛାତ୍ରୀମାନେ ମଧ ଏଥିରେ ସାମିଲ ହେବା ଆରମ୍ଭ ହେଲା। ଏଥିଲା ୧୯୯୬ ମସିହାର କଥା। ବର୍ଷଶେଷରେ ବାର୍ଷିକ ଉତ୍ସବ ପାଇଁ ଉଦ୍ୟମ ଆରମ୍ଭ ହେଲା। ଆର୍ଥିକ ଅବସ୍ଥା ଦୃଷ୍ଟିରୁ ଅପେକ୍ଷାକୃତ ନିରାଡ଼ମ୍ବର ଭାବରେ ପଲିଟିକାଲ ସାଇନ୍‌ସ ବିଭାଗ ଗ୍ୟାଲେରୀରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେଲା। ବର୍ଷ ପୁରାଣୀରେ ଉତ୍ସାହିତ ପିଲାମାନଙ୍କ ସ୍ୱପ୍ନରେ ପର ଲାଗିଯାଇଥିଲା। ସେମାନଙ୍କ ଉତ୍ସାହ ଏବଂ ଉଦ୍ୟମରେ ଏକ ପୁସ୍ତକ ପ୍ରଦର୍ଶନୀ ମଧ ଅନୁଷ୍ଠିତ ହୋଇ ପ୍ରଶଂସାଭାଜନ ହୋଇ ପାରିଥିଲା।

ଏ ଆସର ସହିତ ମୋର ସଂପୃକ୍ତି କିଛିଟା ଭାବଗତ ଥିଲା। ପିଲାଙ୍କ ମଧରୁ ଦେବେନ୍ଦ୍ର ପତି କବେ କେବେ ଆସର ପାଇଁ ମୋ ଠାରୁ ଯତ୍‌କିଞ୍ଚିତ୍ ଆର୍ଥିକ ସାହାଯ୍ୟ ନେଇଥିଲେ। ପିଲାମାନଙ୍କ ଆତ୍ମବିଶ୍ୱାସ ଏବଂ ନିଷ୍ଠା ମୋତେ ଆକୃଷ୍ଟ କଲା। ଏବଂ ମୁଁ ଆସରର ନିକଟତର

ହେଲି । ସେମାନେ ମୋତେ ସ୍ୱାଗତ କଲେ ଏବଂ ଧୀରେ ଧୀରେ ମୁଁ ସେଇ ଆସରର ଅଂଶ ବନିଗଲି । ମୋ ଭିତରେ ପିଲାବେଳୁ ଓଡ଼ିଆ ସାହିତ୍ୟ ପ୍ରତି ଏକ ସ୍ୱତସ୍ଫୁର୍ତ୍ତ ଆକର୍ଷଣ ରହିଥିଲା । ଷଷ୍ଠ ଶ୍ରେଣୀରେ ପଢୁଥିବାବେଳେ ସ୍କୁଲ ମ୍ୟାଗାଜିନ୍‌ରେ କବିତା ଲେଖିଲା ପରେ ମୋ ଭିତରେ ସାହିତ୍ୟ ଚେତନା ଦାନା ବାନ୍ଧିବାରେ ଲାଗିଲା । ସ୍କୁଲ ଲାଇବ୍ରେରୀ ଦାୟିତ୍ୱରେ ଥିବା ଶିକ୍ଷକ ଆମ ପାଖ ଗାଁର ଥିଲେ । ସେ ସମୟରେ ଗାଁ ରାସ୍ତାର ଦୁରବସ୍ଥା ଅସହ୍ୟ ଥିଲା । ପାଖ ଗାଁର ରାସ୍ତା ଅତ୍ୟଧିକ ଖରାପ ଥିବାରୁ ସେ ଶିକ୍ଷକ ବର୍ଷ ଦିନେ ତା'ଙ୍କ ସାଇକେଲ ମୋ ମାର୍ଫତରେ ଆମ ଗାଁ ସ୍କୁଲ ବାରଣ୍ଡାରେ ରଖିଯାଉଥିଲେ । ତାକୁ କଷ୍ଟେମଷ୍ଟେ ଆମ ଘରକୁ ନେଇ ପରଦିନ ଦଶଟା ପୂର୍ବରୁ ପୁଣି ସେହିଠାରେ ରଖୁଥିଲି । ବଦଳରେ ସେ ମୋତେ ଲାଇବ୍ରେରୀ ବହି ପଢ଼ିବାର ଅବାଧ ସୁଯୋଗ ଦେଇଥିଲେ । ତା'ର ସଦୁପଯୋଗ କରି ଦୁଇବର୍ଷ ମଧ୍ୟରେ ସ୍କୁଲ ଲାଇବ୍ରେରୀର ପ୍ରାୟ ସବୁ ବହି ପଢ଼ି ଦେଇଥିଲି । ଏହା ମୋତେ ସାହିତ୍ୟ ସହିତ ଯୋଡ଼ିବାରେ ଅନେକ ସହାୟକ ହୋଇଥିଲା । ଏହା ପରେ କଲେଜ ଜୀବନରେ ମୁଁ ଲେଖାଲେଖି ପ୍ରତି ଆକୃଷ୍ଟ ହୋଇ ଦୈନିକ ଖବର କାଗଜ ଓ କିଛି ପତ୍ରପତ୍ରିକାରେ ଲେଖାଲେଖି କରୁଥିଲି । ବାଣୀବିହାରର ଚାକିରୀ କାଳରେ ୧୯୯୬ ମସିହାରେ ଆରମ୍ଭ ହୋଇଥିବା ତାଳପଦେଶ୍ୱରୀ ସାହିତ୍ୟ ଆସରର ବାସ୍ନା ସ୍ୱାଭାବିକ ଭାବେ ମୋତେ ବିମୋହି କରିଥିଲା । ସେ ସମୟରେ ଆସରରେ ଉପସ୍ଥାନ କମ ରହୁଥିଲେ ମଧ୍ୟ ପରିବେଶ ବେଶ୍ ଆତ୍ମୀୟ ଏବଂ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଥିଲା । ଆନ୍ତରିକତା ଓ ସାହିତ୍ୟ ମନସ୍କତା ସହ ଦୁଇ ଉପଦେଷ୍ଟାଙ୍କ ସସ୍ନେହ ମାର୍ଗଦର୍ଶନ ଓ ପ୍ରେରଣା ସମସ୍ତଙ୍କୁ ଅନୁପ୍ରେରିତ କରୁଥିଲା । ଏହି କ୍ଷୁଦ୍ର ପ୍ରୟାସ କୌଣସି ପ୍ରକାର ତଦାନୀନ୍ତନ କୁଳପତିଙ୍କ ନଜରକୁ ଆସିଲା । ଏଭଳି ଚିନ୍ତାଧାରା ଏବଂ ନିଷ୍ପାପର ପ୍ରୟାସ ତାଙ୍କୁ ପ୍ରଭାବିତ କଲା । ପୂର୍ବରୁ ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଇଂରାଜୀ ପ୍ରଫେସର ଥିଲାବେଳେ ମଧ୍ୟ ତାଙ୍କର ଓଡ଼ିଆ ଭାଷା ସାହିତ୍ୟ ପ୍ରତି ଯଥେଷ୍ଟ ଆକର୍ଷଣ ରହିଥିଲା । ସେ ତାଳପଦେଶ୍ୱରୀ ସାହିତ୍ୟ ଆସରକୁ ଆସି ପିଲାଙ୍କ ସହିତ ଦରି ଉପରେ ବସି କବିତା ଆବୃତ୍ତି ଉପଭୋଗ କଲେ ଏବଂ ପିଲାମାନଙ୍କୁ ଉତ୍ସାହିତ କଲେ । ତାଙ୍କ ଉଦ୍ୟମରେ କୁଳପତି ନିବାସ ପଛ ପାଖ ବଗିଚା ଏକ ସୁରମ୍ୟ ଉଦ୍ୟମରେ ରୂପାନ୍ତରିତ ହେଲା ଏବଂ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମର ପେଣ୍ଠସ୍ଥଳୀରେ ପରିଣତ ହେଲା । ତାଙ୍କ ଆଗ୍ରହରେ ତାଳପଦେଶ୍ୱରୀ ସାହିତ୍ୟ ଆସର କିଛି ବୈଠକ ସେହିଠାରେ ଅନୁଷ୍ଠିତ ହୋଇଥିଲା । ସେ କୁଳପତିଙ୍କ କାର୍ଯ୍ୟକାଳ ସରିବା ପରେ ସେହି ବଗିଚା କ୍ରମେ ଅବକ୍ଷୟ ମଧ୍ୟରେ ବିଲୀନ ହୋଇଗଲା ଏବଂ ତାଳପଦେଶ୍ୱରୀ ଆସର ତା'ର ସ୍ୱସ୍ଥାନ ମା'ଙ୍କ ପ୍ରାଙ୍ଗଣକୁ ଫେରିଆସିଲା । ତୃତୀୟ ବର୍ଷର ବାର୍ଷିକ ଉତ୍ସବ ପରେ ଏକ ପତ୍ରିକା ପ୍ରକାଶନର ଆଶା ଦାନା ବାନ୍ଧିଲା । ଚତୁର୍ଥ ବାର୍ଷିକୋତ୍ସବରେ ସରୋଜ ବଳଙ୍କ ସଂପାଦନାରେ ଏହି ଆସରର ମୁଖପତ୍ର 'ଭୋର୍' କ୍ଷୁଦ୍ର କଳେବରରେ ଆତ୍ମ ପ୍ରକାଶ କଲା ।

ସ୍ନାତକୋତ୍ତର ଶିକ୍ଷାର ଅବଧି ଦୁଇବର୍ଷ ଶେଷକରି ପିଲାମାନେ ବିଦାୟ ନେଇ ଯାଉଥିଲେ ମଧ୍ୟ ପୁରୁଣା ପିଲାମାନେ ନୂଆପିଲାଙ୍କୁ ଏହି ଆସରକୁ ଚଳାଇ ରଖିବାର କଳା ଶିଖାଇ ଯାଉଥିଲେ ଏବଂ ମଧ୍ୟେ ମଧ୍ୟେ ତାଙ୍କ ସ୍ୱପ୍ନର ଏହି ମୃଣ୍ମୟ ମଞ୍ଚକୁ ଅନୁପ୍ରେରିତ କରିବାରେ ହେଳା କରୁ ନଥିଲେ । ଭୁବନେଶ୍ୱର ଏବଂ ଆଖପାଖ ଅଞ୍ଚଳରେ କାର୍ଯ୍ୟରତ ପୁରୁଣା ପିଲାମାନେ ସାଧ୍ୟମତେ ଏହାର ଉନ୍ନତି ପାଇଁ ଯଥା ସାଧ୍ୟ ଉଦ୍ୟମ ଜାରି ରଖିଛନ୍ତି । ପରବର୍ତ୍ତୀ କୁଳପତି ଗଣିତ ବିଶାରଦ ପ୍ରଫେସର ଗୋକୁଳାନନ୍ଦ ଦାସ ମଧ୍ୟ ସାହିତ୍ୟରେ ରଚି ରଖିଥିଲେ ଏବଂ କେବେକେବେ ସପତ୍ନୀକ ଆସରରେ ଭାଗନେଇ ପିଲାଙ୍କ ଉତ୍ସାହ ବଢ଼ାଉଥିଲେ । ଏହିଭଳି କିଛି ସକାରାତ୍ମକ ସହଯୋଗ ଫଳରେ ଆସରର ଗୁଣାତ୍ମକ ମାନରେ ଅନେକ ସୁଧାର ଆସିବା ସହିତ ବାର୍ଷିକ ଉତ୍ସବ ସବୁ ଆକର୍ଷଣୀୟ ହେବାରେ ଲାଗିଲା । ବାଣୀବିହାର ପିଲାଙ୍କ ସାହିତ୍ୟ ଆସର ହୋଇଥିବାରୁ ଉପଦେଷ୍ଟା ପ୍ରଫେସର ସଂଘମିତ୍ରା ମିଶ୍ର ଯେଉଁ ସାହିତ୍ୟିକଙ୍କୁ ଅନୁରୋଧ କରୁଥିଲେ ସେ ଆଗ୍ରହରେ ଆସି ଦରିରେ ବସି ଆସରର ଅତିଥିଭାବେ ଆଲୋଚନା ଓ କବିତା ଆବୃତିରେ ଭାଗ ନେଉଥିଲେ ।

ଏହା ମଧ୍ୟରେ ମୁଁ ଏହି ଆସରର ଭକ୍ତ ପାଲଟି ଯାଇଥିଲି ଏବଂ ମୋର କାର୍ଯ୍ୟକୁ ଯଥାସମ୍ଭବ ଶେଷକରି ପ୍ରତିଟି ଆସରରେ ଭାଗ ନେଉଥିଲି । ଫଳରେ ପିଲାଙ୍କ

ଆସ୍ଥାଭାଜନ ହୋଇପାରିଥିଲି। କେବେକେବେ ସୁଯୋଗ ଆସିଲେ ଆସରର କିଛି କାର୍ଯ୍ୟରେ ସକ୍ରିୟ ସହଯୋଗ କରିବାକୁ ପଛାଉନଥିଲି। ବିଭାଗୀୟ କାର୍ଯ୍ୟଚାପରେ ଉପଦେଷ୍ଟା ପ୍ରଫେସର ବିଜୟିନୀ ମହାନ୍ତି ସବୁ ଆସରକୁ ଆସିପାରୁନଥିଲେ ମଧ୍ୟ ସମସ୍ତ ସାହାଯ୍ୟ ସହଯୋଗ ଦେବାରେ କାର୍ପଣ୍ୟ କରୁନଥିଲେ। କିଛି ସମସ୍ୟା ଉପୁଜିଲେ ତୁରନ୍ତ ନିଜେ ଦାୟିତ୍ୱ ନେଇ ସମାଧାନ କରାଇବାରେ ପଛାଉନଥିଲେ। ପ୍ରଫେସର ସଂଘମିତ୍ରା ମିଶ୍ର ନିୟମିତ ଭାବେ ଆସର ପାଇଁ ଅତିଥି ଚୟନ କରିବା ସହ ପ୍ରତିଟି ଆସରକୁ ଯଥାସମ୍ଭବ ସଫଳ ହେବାରେ ସହାୟକ ହେଉଥିଲେ।

ଉପଦେଷ୍ଟା ଦୁଇଜଣଙ୍କୁ ଛାଡ଼ିଦେଲେ ପିଲାମାନଙ୍କ ଭିତରୁ ସଭାପତି, ସଂପାଦକ, ପତ୍ରିକା ସଂପାଦକ ଓ ସହ ସଂପାଦକ ଦାୟିତ୍ୱ ତୁଲାଉଥିଲେ। ପରଂପରା ଅନୁଯାଇ ଜୁଲାଇ-ଅଗଷ୍ଟ ମାସ ଆସରରେ ପଞ୍ଚମ ବାର୍ଷିକ ପିଲାଙ୍କୁ ସ୍ୱାଗତ କରାଯିବା ସହିତ ପରମାସ ଆସରରେ କର୍ମକର୍ତ୍ତା ଚୟନ ହେଉଥିଲା। ୨୦୦୪ ମସିହାରେ ଏହି ଅବକାଶରେ ଏକ ଅଭାବିତ ଘଟଣା ଘଟିଲା। କର୍ମକର୍ତ୍ତା ଚୟନ ସମୟରେ ପିଲାମାନେ କେହି ସଭାପତି ଦାୟିତ୍ୱ ନେବାକୁ ଅନିଚ୍ଛା ପ୍ରକାଶ କଲେ। ଦୁଇ ଉପଦେଷ୍ଟା ବିଚାର ବିମର୍ଷ କରିବା ପରେ ଅଚାନକ ପ୍ରଫେସର ସଂଘମିତ୍ରା ମିଶ୍ର ମୋ ନାମ ଘୋଷଣା କରିଦେଲେ। କୌଣସି ପ୍ରାକ୍ ଆଲୋଚନା ନଥିଲା କିମ୍ବା ମୋର ନିଷ୍ପତ୍ତି ପାଇଁ ମଧ୍ୟ ସୁଯୋଗ ନଥିଲା। ବିନା ମେଘେ ବଜ୍ରପାତ ଭଳି ମୁଁ ହତ୍‌ବାକ୍ ହେଲି ଏବଂ ଅକ୍ଷମତା ମଧ୍ୟ ପ୍ରକାଶ କଲି। କିନ୍ତୁ ସର୍ବସମ୍ମତକ୍ରମେ (ମୋ ବ୍ୟତୀତ) ବଳିର ବୋଦା ଭଳି ମୋ ଉପରେ ଏହି ଗୁରୁଦାୟିତ୍ୱ ଆପାତତଃ ଲଦି ଦିଆଗଲା ଯାହା ମୋ ପାଇଁ ଏକ ଆହ୍ୱାନ ପାଲଟିଗଲା।

ଏତେବେଳକୁ ଏହି ଆସର ପାଖାପାଖି ଏକ ଦଶନ୍ଧି କାମ କରି ସାରିଲାଣି। ଏହାର ସୁବାସ ବିଚ୍ଛୁରିତ ହେବା ଆରମ୍ଭ କଲାଣି ଏବଂ ରାଜ୍ୟର ବହୁ ସ୍ଥାନରେ ଏହାର ଚର୍ଚ୍ଚା ଦାନା ବାନ୍ଧିବାକୁ ଆରମ୍ଭ କଲାଣି। ମେ ପାଇଁ ଏହା ଏକ ଗୁରୁଦାୟିତ୍ୱ ପାଲଟିଗଲା। ଉତ୍ତରଣର ବନ୍ଧୁର ପଥରେ ଏତେ ପିଲାଙ୍କ ଆଶା, ଉଦ୍ଦୀପନାକୁ ନେଇ ଆଗକୁ ବଢ଼ିବା ମୋତେ ଦୁଷ୍କର ଲାଗିଲା। ପ୍ରଫେସର ବିଜୟିନୀ ମହାନ୍ତି ନିର୍ଭର ଆଶ୍ୱାସନା ଦେବା ସହିତ ଯେକୌଣସି ସମସ୍ୟା ସମାଧାନର ପ୍ରତିଶ୍ରୁତି ଦେଲେ। ମୋ ମୁଣ୍ଡରେ ଶିରପା ବାନ୍ଧିଥିବା ପ୍ରଫେସର ସଂଘମିତ୍ରା ମିଶ୍ର ସବୁ ପରିସ୍ଥିତିକୁ ସାମନା କରିବାର ଭରସା ଦେଲେ। ପିଲାମାନେ ନୂଆ ପରିସ୍ଥିତିକୁ ସ୍ୱାଗତ କଲେ, ମୋର ସଫଳତା କାମନା କଲେ। ମୋ ପାଇଁ ନୂଆ ପରୀକ୍ଷା ଆରମ୍ଭ ହେଲା। ପିଲାଙ୍କ ଆଶା ଭରସାକୁ ସାକାର କରିବା ପାଇଁ ପ୍ରସ୍ତୁତି ଆରମ୍ଭ କଲି। ଆସରକୁ ଶୃଙ୍ଖଳିତ ଓ ନିୟମିତ କରିବା ସହିତ ପିଲାମାନଙ୍କୁ ଭାବାବେଗକୁ ପ୍ରାଧାନ୍ୟ ଦେଇ ସମସାମୟିକ କବି, ଲେଖକଙ୍କୁ ଆମନ୍ତ୍ରଣ ପାଇଁ ଉପଦେଷ୍ଟାଙ୍କ ସହ ପରାମର୍ଶ କଲି। ତେବେ ଆସର ପାଇଁ ଅତିଥିଙ୍କୁ ଉପଦେଷ୍ଟା ପ୍ରଫେସର ସଂଘମିତ୍ରା ମିଶ୍ର ହିଁ କରୁଥାନ୍ତି। କିଛିବର୍ଷ ଧରି ବାର୍ଷିକ ଉତ୍ସବ ବିଭିନ୍ନ ବିଭାଗର ଗ୍ୟାଲେରୀରେ ଅନୁଷ୍ଠିତ ହେଉଥିଲା। ଏଥିମଧ୍ୟରେ ସ୍ନାତକୋତ୍ତର ପରିଷଦର ନିଜସ୍ୱ ସଭାକକ୍ଷ ପ୍ରସ୍ତୁତ ହୋଇ ସାରିଥିଲା ଏବଂ ମା' ତାଳପଦେଶ୍ୱରୀ ପୀଠରେ ପରିଚାଳନା କମିଟି ଆନୁକୂଲ୍ୟରେ ଏକ ହଲ୍ ମଧ୍ୟ ସୃଷ୍ଟି ହୋଇ ସାରିଥାଏ। ଫଳରେ ସେହି ହଲ୍‌ରେ ଖରାବର୍ଷାକୁ ବେଖାତିର କରି ଆମ ଆସର ସୁରୁଖୁରୁରେ ଚାଲିଥାଏ। ବାର୍ଷିକ ଉତ୍ସବକୁ ଆକର୍ଷଣୀୟ କରିବା ପାଇଁ ଉପଦେଷ୍ଟାଙ୍କ ସହ ପରାମର୍ଶ କରି ସ୍ନାତକୋତ୍ତର ପରିଷଦ ସଭାକକ୍ଷରେ ଏହା ଅୟୋଜିତ ହେଲା। ପିଲାଙ୍କ ଉତ୍ସାହ ଦ୍ୱିଗୁଣିତ ହେଲା ଏବଂ ଏହାର ଚର୍ଚ୍ଚା ଧିରେ ଧିରେ ଅନ୍ୟାନ୍ୟ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟକୁ ସଂପ୍ରସାରିତ ହେବାରେ ଲାଗିଲା। ବାର୍ଷିକ ଉତ୍ସବକୁ ଓଡ଼ିଶାର ବରେଣ୍ୟ ଏବଂ ବିଶିଷ୍ଟ ଲେଖକ, କଳାକାର ଓ ସଂସ୍କୃତିମନସ୍କ ପ୍ରତିଭାଙ୍କୁ ଅତିଥିଭାବେ ଆମନ୍ତ୍ରଣ କରାଗଲା। ଦେଖାଗଲା ପଞ୍ଚମ ବାର୍ଷିକ ପିଲାମାନେ ପ୍ରାରମ୍ଭିକ ଅବସ୍ଥାରେ ତାଳପଦେଶ୍ୱରୀ ସାହିତ୍ୟ ଆସର ବିଷୟରେ ଅନ୍ୱେଷଣ ଆରମ୍ଭ କଲେ। ବାଣୀବିହାର ଆପାତତଃ ସବୁ ବିଭାଗର ଛାତ୍ରଛାତ୍ରୀ ମଧ୍ୟେ ମଧ୍ୟେ ସ୍ୱରଚିତ କବିତା ଆବୃତ୍ତିରେ ସାମିଲ ହେଲେ। ଆସରର ମାନ ବୃଦ୍ଧି ସହିତ ମୁଖପତ୍ର 'ଭୋର୍' ପତ୍ରିକାର ଗୁଣାତ୍ମକ ଉନ୍ନତି ସହିତ ପରିପାଟୀ ମଧ୍ୟ ରଚିସମ୍ପନ୍ନ ହେବାରେ ଲାଗିଲା। ବାର୍ଷିକ ଉତ୍ସବରେ ସାହିତ୍ୟିକ ବ୍ୟକ୍ତିତ୍ୱଙ୍କ ସହିତ କଳା, ସଂସ୍କୃତି ଓ ଅନ୍ୟକ୍ଷେତ୍ରର ଚର୍ଚ୍ଚିତ ପ୍ରତିଭାଙ୍କୁ ଅତିଥି କରିବାର ଗୌରବରେ ଆମେ ମହିମା ମଣ୍ଡିତ ହେଲୁ। ଏହିକ୍ରମରେ ଆମେ ପ୍ରାୟତଃ ଓଡ଼ିଶାର ବହୁ ଲବ୍ଧପ୍ରତିଷ୍ଠିତ ପ୍ରତିଭାଙ୍କୁ ଆମନ୍ତ୍ରଣ କରିସାରିଛୁ ଏବଂ ଏହି ଧାରା ବଜାୟ ରଖିବାକୁ ଯତ୍ନଶୀଳ ଅଛୁ। ଏହି

ଆସରରୁ ନିଜର ସାହିତ୍ୟିକ ଜୀବନ ଆରମ୍ଭ କରିଥିବା କିଛି ତରୁଣ ପ୍ରତିଭା ଏବେ ନିଜର ପ୍ରଜ୍ଞା ଓ ପ୍ରତିଭାର ପରାକାଷ୍ଠାରେ ଓଡ଼ିଆ ସାହିତ୍ୟାକାଶରେ ସମୁଜ୍ଜ୍ୱଳ ତାରକା ରୂପେ ପ୍ରତିଭାତ ହେଲେଣି । କେନ୍ଦ୍ର ସାହିତ୍ୟ ଏକାଡେମୀର ଯୁବ ପୁରସ୍କାର ଠାରୁ ଆରମ୍ଭ କରି ଅନେକ ସମ୍ମାନଜନକ ପୁରସ୍କାର ପାଇ ଏହି ମଞ୍ଚର ଗୌରବ ବୃଦ୍ଧି କରିଛନ୍ତି ।

ଅଧୁନା ଭୁବନେଶ୍ୱର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଇଲାକାରେ ଶତାଧିକ ସାହିତ୍ୟ ମଂଚ ଆସର ଆୟୋଜନ କରୁଥିବାବେଳେ ସେଥିରୁ ଅଧିକାଂଶ ବୟସ୍କ ବ୍ୟକ୍ତିଙ୍କ ସୌଖିନ ଆସର ହୋଇଥିବାବେଳେ ତାଳପଦେଶ୍ୱରୀ ସାହିତ୍ୟ ଆସର ଏକମାତ୍ର ଯୁବ ଆସର ଏବଂ ଆଗାମୀକାଲିର ଆଶା ଭରସା । ଭିନ୍ନ ଭିନ୍ନ ମହାବିଦ୍ୟାଳୟଠାରୁ ଆରମ୍ଭ କରି ପଡ଼ୋଶୀ ରାଜ୍ୟ ଶାନ୍ତିନିକେତନ ବିଶ୍ୱବିଦ୍ୟାଳୟର କିଛି ପ୍ରଫେସର ଏହି ଆସରରେ ଅତିଥିରୂପେ ଯୋଗଦେଇ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱକାଳ ନିରବଚ୍ଛିନ୍ନ ଭାବେ ପିଲାମାନଙ୍କ ନିଜସ୍ୱ ଉଦ୍ୟମରେ ଗତିଶୀଳ ଥିବା ଏହି ଅନନ୍ୟ ଅନୁଷ୍ଠାନର ପ୍ରଶଂସାରେ ଶତମୁଖ ।

ବାଇଶି ବର୍ଷର ଚଲାପଥରେ ଆମେ କିଛି ଦୁଃଖଦ ସ୍ମୃତିକୁ ସାଉଁଟିବାକୁ ବାଧ୍ୟ ହୋଇଛି । ପ୍ରାୟ ଚାରିବର୍ଷ ତଳେ ଆମର ପ୍ରତିଷ୍ଠାତା ଉପଦେଷ୍ଟା ପ୍ରଫେସର ବିଜୟିନୀ ମହାନ୍ତି ଆମକୁ ହତ୍‌ବାକ୍ କରି ଅକାଳରେ ଇହଲୀଳା ସମ୍ବରଣ କଲେ । ଏହା ଆମ ପାଇଁ ଏକ ଅପୂରଣୀୟ କ୍ଷତି । ବିନା ମେଘେ ବଜ୍ରପାତ ଭଳି ଏହା ଆମର ଚିନ୍ତା-ଚେତନାକୁ ଦୋହଲାଇ ଦେଲା । ସେ ମହିୟସୀ ମହିଳାଙ୍କ ଅବଦାନ ଆମପାଇଁ ଅତୀଳନୀୟ ଥିଲା । ହେଲେ ତାଙ୍କର ଅବର୍ତ୍ତମାନରେ ଏ ଅନୁଷ୍ଠାନକୁ ପୂର୍ବଠାରୁ ଅଧିକ ସହଯୋଗର ବ୍ୟବସ୍ଥା ସେ କରିଯାଇଛନ୍ତି । ମନେହେଉଛି, ଏବେ ମଧ୍ୟ ସେ ଆମ ଭିତରେ ଉପସ୍ଥିତ ରହି ମାର୍ଗଦର୍ଶନ କରିଚାଲିଛନ୍ତି ।

ଅବଶ୍ୟ ଏହାର କିଛି ପୂର୍ବରୁ ଆମ ଅନୁଷ୍ଠାନର ଅନ୍ୟଜଣେ ଶୁଭେଚ୍ଛୁ ଡ. ବିଷ୍ଣୁପ୍ରିୟା ଓତା ଆମ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗରେ ପ୍ରାଧ୍ୟାପିକା ଭାବରେ ଯୋଗଦେଇ ଆମ ସହ ସାମିଲ ହୋଇଛନ୍ତି ଏବଂ ଅନ୍ୟତମ ଉପଦେଷ୍ଟାର ଦାୟିତ୍ୱ ସୂଚାରୁରୂପେ ନିର୍ବାହ କରୁଥିବାରୁ ଗମ୍ଭୀର ପରିସ୍ଥିତିରୁ ଏହି ଆସର ଆଶ୍ୱସ୍ତ ହୋଇ ନୂଆ ଆଶା ଓ ବିଶ୍ୱାସରେ ଆଗେଇ ଚାଲିଛି । ବିଗତ ଚାରିବର୍ଷ ତଳୁ ଆମେ ପ୍ରଫେସର ବିଜୟିନୀ ମହାନ୍ତି ସ୍ମୃତି ସମ୍ମାନ ଆରମ୍ଭ କରିଛୁ ଏବଂ ଏଯାବତ୍ ଆମ ଅନୁଷ୍ଠାନର ପ୍ରାକ୍ତନ ସଦସ୍ୟ ଏବଂ ସମସାମୟିକ ସାହିତ୍ୟର ଆଦୃତ ବ୍ୟକ୍ତିତ୍ୱମାନଙ୍କୁ ସେହି ସମ୍ମାନ ପ୍ରଦାନ ଜାରିରଖିଛୁ । ପୁନଶ୍ଚ ବିଗତ ଦୁଇବର୍ଷ ମଧ୍ୟରେ ଆମେ ଗତାନୁଗତିକ ଧାରାରୁ ବାହାରି ଆମ ଆସରରେ ପୁସ୍ତକ ଉନ୍ମୋଚନ, ବରିଷ୍ଠ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧନା ଭଳି କିଛି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନେଇ ସଫଳତାର ସ୍ୱାଦ ରଖିସାରିଛୁ ।

ଆଜି ଆମେ ଏହାର ବାଇଶି ବର୍ଷର ଇତିହାସ ପ୍ରତି ସିଂହାବଲୋକନରେ ବହୁ ସ୍ମୃତିମଧୁର ଘଟଣା ସହିତ କିଛି ଦୁର୍ଦ୍ଦଶା ଓ ଦୁଃଖଦ ଘଟଣାକୁ ମଧ୍ୟ ସାମନା କରୁଛୁ । ସତତ ଆନ୍ଦୋଳିତ ଏହାର ପ୍ରେକ୍ଷାପଟ ଅନେକ ହୃଦ୍ୟ ଏବଂ ଭାବ-ଆବଗର ସଂଘାତ ମଧ୍ୟରେ ଉଜାଗର ରହିଥିବା ସ୍ପଷ୍ଟ ଦୃଶ୍ୟମାନ ହୁଏ । ଏକୋଇଶ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ମଧ୍ୟ ଏହାର ସ୍ଥିତି ଏଯାବତ୍ ସହଜ, ସ୍ୱାଚ୍ଛନ୍ଦ ଏବଂ ନିରାପଦ ମନେହୁଏନାହିଁ । କିଛି ବର୍ଷ ତଳୁ ବରିଷ୍ଠ ଉପଦେଷ୍ଟା ପ୍ରଫେସର ସଂଘମିତ୍ରା ମିଶ୍ର ଏବଂ ମୁଁ ବିଶ୍ୱବିଦ୍ୟାଳୟରୁ ଅବସର ନେଇସାରିଥିଲେ ମଧ୍ୟ ଏହି ଅନୁଷ୍ଠାନ ସହିତ ସକ୍ରିୟତା ବଜାୟ ରଖିଛୁ । ପରିବର୍ତ୍ତିତ ପରିସ୍ଥିତିରେ ନୂଆପିଢ଼ିର କେହି ଦାୟିତ୍ୱ ସମ୍ପନ୍ନ ବ୍ୟକ୍ତିତ୍ୱ ଏହି ସଂସ୍ଥାର ଦାୟିତ୍ୱ ସମ୍ଭାଳିବାର ସମୟ ଆସିଛି । ତଥାପି ମା' ତାଳପଦେଶ୍ୱରୀଙ୍କ ଅଶେଷ କରୁଣା, ଏହାର ଅଦ୍ୟ ସ୍ରଷ୍ଟା ଛାତ୍ରଛାତ୍ରୀଙ୍କ ନିଷ୍ଠା ଓ ଆତ୍ମବିଶ୍ୱାସ ଏବଂ ନୂଆପିଢ଼ିର ଛାତ୍ରଛାତ୍ରୀଙ୍କର ଆଗ୍ରହ, ସମାଜର ଏହାର ପ୍ରାଣସତ୍ତାକୁ ଜୀବନ୍ତ ରଖିପାରିଛି । ବାଣୀବିହାରର କେଉଁ ଏକ କୋଣରେ ଏହି କ୍ଷୁଦ୍ର ଅନୁଷ୍ଠାନଟି ଶେଫାଳି ଫୁଲର ମହକ ଭଳି କିଛି ଚମକ ସୃଷ୍ଟି କରି ପାରିବାର ଆତ୍ମତୃପ୍ତିରେ ଆହ୍ଲାଦିତ । କୁନ୍ତଳା କୁମାରୀଙ୍କ କାଳଜୟୀ କବିତାର ପଂକ୍ତିରେ ତେଣୁ ଏ ଆଲେଖ୍ୟର ଉପସଂହାର କରାଯାଉ ।

"କ୍ଷୁଦ୍ର ତୋର ଜୀବନର ସୁମହତ ବିକାଶ
ହାସେ, ବାସେ, ରସେ ମାତ୍ର ଫୁଟିଅଛୁ କ୍ଷଣିକ
ମାଟିରେ ମିଶିବୁ ତୁହି, ମାଟିରେ ମିଶିବି ମୁହିଁ
ତଥାପି ମୋ ଆଶାଫୁଲ ନ ଯିବରେ ମଉଳି
ତେଣୁ ଆଶା ବହି ଦିନ କାଟେ ଗଙ୍ଗଶିଉଳି ।"

**ଅମୂଲ୍ୟ କୁମାର ଦାଶ**
ସଭାପତି, ତାଳପଦେଶ୍ୱରୀ ସାହିତ୍ୟ ଆସର
ବାଣୀବିହାର

# ବାଣୀବିହାରରେ ପ୍ରଥମ ଦିନ

ଶତ୍ରୁଜିତ୍

କ୍ୟାମ୍ପସରେ କାଲି ମୋର ପ୍ରଥମ ଦିନଟି
ଖୁବ୍ ମିଠା ମିଠା ଥିଲା
ଯୌବନର ଦ୍ୱିତୀୟ ପାହାଚେ
ନୂଆ ଜୀବନର ଆରମ୍ଭ ହୋଇଲା।
ଦେଖା ହେଲେ କାଲି କେତେ ନୂଆ ବନ୍ଧୁ,
ହେଲା ପୁଣି ପରିଚୟ ନୂଆ
ମାପିଚୁପି କହୁଥିଲେ କିଏ କିଏ,
କେହି ପୁଣି ପୁରା ବେପରୁଆ
ହସ, ଖୁସି, ହାଲୋ ! ହାଏ !
ସମ୍ଭାଷଣେ ବିତିଗଲା କାଲି ସାରାଦିନ
ଇଚ୍ଛା ହୁଏ କାଲିଭଳି କ୍ୟାମ୍ପସରେ
ବିତିଯାଆନ୍ତି କି ସବୁଦିନ ।

ଏଇଠି ମୁଁ ବିତାଇବି ସାତଶହ ଦିନ
ପୁଣି ରାତି ସାତଶହ
କିଛି ହେବ ମଧୁମୟ-ରସମୟ-ପ୍ରୀତିମୟ,
କିଛି ଦୁର୍ବିସହ
ଜୀବନର ରାସ୍ତା କେତେ ଉଠାଣି-ଗଡ଼ାଣି,
ମୁଁ ଏଇଠି ଶିଖିବି
ସ୍ମୃତି ବିଜଡ଼ିତ ସେଇ ମୁହୂରତ ସବୁ
ମନେ ସାଇତି ରଖିବି।

ହାୟ ! ଆଜି ଆଗାମୀ କାଲିର କଥା
ସତେ କିଆଁ ଏତେ ମୁଁ ଭାବୁଛି
କ୍ୟାମ୍ପସ ଜୀବନ ଏବେ ଆରମ୍ଭ ତ ହେଲା,
କେତେ ରାତି ବାକି ଅଛି।

ମୋ: ୯୮୬୧୫୫୦୭୬୧/
୯୫୮୩୨ ୧୮୩୩୩

# ପ୍ରେମ

◆ ସପନ କୁମାର ବାରିକ୍

ପ୍ରେମ ଅଟେ ଏକ କଣ୍ଟକିତ ପଥ
ଦିଏ ସେ ଖାଲି ଯାତନା
ମରୀଚିକା ସମ ଉଦ୍ଭାସିତ ହୁଏ
ଚାରିଆଡ଼େ ପ୍ରବଞ୍ଚନା ।
ପ୍ରେମରେ ଭରିଛି କେତେ ଆବିଳତା
କେବଳ ଅଛି ବାସନା
ଅନାବିଳ ପ୍ରେମ ଦୁଃସ୍ୱପ୍ନ ପରାୟେ
ମନର ଏକ ଭାବନା ।
ସ୍ୱାର୍ଥ ବିଜଡ଼ିତ ପ୍ରେମର ମହକ
ସୌରଭରେ ଦୁର୍ବାସନା ।
କ୍ଷଣସ୍ଥାୟୀ ଏହା ଚିରସ୍ଥାୟୀ ନୁହେଁ
ନାହିଁ ତା'ର ସୁବାସନା ।
ଝାସ ଦିଏ ଯିଏ ପ୍ରେମରେ ନିଆଁରେ
ଜଳି ଜଳି ମରେ ସିନା ।
ପତଙ୍ଗ ଯେମିତି ମରେ ଆଲୁଅରେ
ନ ଜାଣି ମୃତ୍ୟୁ ଯନ୍ତ୍ରଣା ।
ଶାଶ୍ୱତ ପ୍ରେମର ସଂଜ୍ଞା ନିରୂପଣ
କରିବାକୁ ନାହିଁ ସଚ୍ଚା
ହେଲେ ଆଉ ନାହିଁ ନିସର୍ତ୍ତ ପ୍ରେମର
ଅମଳିନ ଉପାସନା ।
ଅଙ୍ଗୀକାରବଦ୍ଧ କିଏ ବା ରହୁଛି
କୃତ୍ରିମ ସେ ଆଶ୍ୱାସନା
ପ୍ରେମର ଯୁଦ୍ଧରେ ଜୟ ପରାଜୟ
କରେ ବା ଅନୁଶୋଚନା ।

ରାଜନୀତି ବିଜ୍ଞାନ,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

# ତୁମ ମୋ କଥା

◆ ଲୋପାମୁଦ୍ରା ନାୟକ

ପୁ – ତୁ ଆଉ ମୁଁ ଥିଲେ ! ଜହ୍ନ ଥିଲା ! ଥିଲା ବି ଜୋଛନା ?
ଏଇଟା ହିଁ କଥା ଥିଲା ! ହୁଁ କି ନା ? ?
ତୁ କହନା, ଏବେ କୋଉଠି ରହିଲୁ ତୁ ? ?
ପ୍ଲିଜ୍ ମତେ ଖୋଜିଦେ ନା, ଭିଡ଼ ଭିତରୁ !
ଖୋଜି ଦେ, ଏକାଠି ବଦନାମ ହେବାର ଠିକଣା ଓ ଆୟୁଷ ।

ଝି – ତୁ ଥିଲୁ ! ମୁଁ ଥିଲି ! ଥିଲା ବି କିଛି କିଛି ମୁହୂର୍ତ୍ତ !
କିଏ ନେଲା ଛଡ଼ାଇ, କି ବା ତୁ ଗଲୁ ଦୂରେଇ !
ଖୋଜି ମୁଁ ପାଏନା !
ହେଉ ମିଠା ରାତି, କି ବା ଅପବାଦ ଘଣ୍ଟି !
ଥରଟିଏ ବି ପାରିଲୁନି ?
ହଁ, ନା ରେ କିଛି କହି ।

ପୁ – ସବୁ ତ କହିଲି, ହୁଏତ ପାଟି ନ ଖୋଲି ।
ତୁ ସବୁ ବୁଝିଲୁ, ଦେଲୁ ମୁଣ୍ଡ ଟୁଙ୍ଗାରି ।
ଏବେ କହୁଛୁ କ'ଣ ନା, ମୁଁ ଦେଲି ଭଣ୍ଡେଇ ।

ଝି – ଦୁଇ ପ୍ରକାର ମୁଣ୍ଡ, ଥାଏ ଟୁଙ୍ଗୁରା
ତୁ କି ନ ଥିଲୁ ଜାଣି !
ହୁଁ କି ନାଁ ର ଟୁଙ୍ଗୁରା ଥିଲା
ଓଠ ଖୋଲି ଥରେ ଦେଲୁନୁ ସ୍ପଷ୍ଟ କରି ।

# ତୁମ ପାଇଁ

◆ ମେନନ ସାହୁ

ତୁମରି ନାମରେ ହଜାରେ ଝିଅ
ତୁମପରି କେହି ନୁହଁ
ତୁମେ ଥିଲେ ବହେ ମଳୟ ପବନ
ଆଗୋ ମୋ ଜୀବନ ଧନ।

ମନ ମୋ କହୁଛି ବର୍ଣ୍ଣନା କରିବ
ତୁମର ସେ ଗୋରା ରୂପ
କବି ନୁହେଁ ଧନ ପ୍ରେମିକ ଭାବରେ
ଯାହା ଦେଖିଛି ତାହା ଲେଖୁଛି
ଦେବ ନାହିଁ ମତେ ଦୋଷ।

ନୟନ ମୋ ଯେବେ ଦର୍ଶନ କରିଲା
ତୁମର ପ୍ରଥମ ରୂପ
କେଜାଣି କାହିଁକି ଏମିତି ଲାଗିଲା
ପ୍ରିୟତମା ତୁମେ ମୋର।

ବେଣୀ ତୁମର ଖଜୁରୀର ଗଛ
ମୂଳରୁ ପାହାଚ ପାହାଚ
ବାନ୍ଧ ଖୋସା ଯେବେ କେଶରେ ତୁମର
ଲାଗ ମୋତେ ଅତି ନିଜର।

ଦେଖିନାହିଁ କେବେ ତୁମ ଖୋଲା କେଶ
କହିତ ପାରିବି ନାହିଁ
ନିଶ୍ଚେ ଲାଗୁଥିବ ସ୍ୱର୍ଗର ପରୀ
ଏଥିରେ ସନ୍ଦେହ ନାହିଁ।

କଳା କଳା ଜାଇ ଶୋଭା ପାଉଅଛି
ତୁମରି ହାତ ମଥାରେ
ଦେଖିଲେ ଲାଗୁଛି ସତେକି ଯେପରି
ମୋତି ଶାମୁକା ଭିତରେ।

ପୁଣି ହାତେ ତମ ମେହେନ୍ଦିର ଗାର
ଅଙ୍କା ବଙ୍କା ନଈ ପରି
ଉପରକୁ ଯେବେ ସେ ହାତ ଉଠେ
ଦିଶେ ଇନ୍ଦ୍ରଧନୁ ପରି।

ଓଷ୍ଠ ପାଖୁଡ଼ାର ଗୋପନ ଭିତରେ
ଦେଖିଲି ତୁମର ଦନ୍ତ
ହୃଦୟ ଭିତରେ ପ୍ରବେଶ କରିଲା
ଭଲ ପାଇବାର ଗ୍ରନ୍ଥ।

କାନରେ ଲଗାଅ ଯେବେ ଛୋଟ ଦାନା
ଦିଶେ ଗଛେ ଫଳ ଫଳିଛି
ପୁଣି ଲଗାଇଲେ ଲମ୍ବା ଲମ୍ବା ଦାନା
ସତେକି ଝରଣା ବହୁଛି।

ହସରେ ତୁମର ଝରିପଡୁଥାଏ
କୋଟି ଶ୍ରାବଣର ଛିଟା
ସେ ଛିଟା ଆସି ମୋ ଦେହରେ ବାଜେ
ତୁମେ ଯେବେ ଦିଅ ଦେଖା।

ରଙ୍ଗରେ ଯେବେ ରଙ୍ଗେଇ ଦିଅ
ତୁମ ହାତର ନଖ
ଆଙ୍ଗୁଠି ଲାଗଇ ଇନ୍ଦ୍ରଧନୁ ପରି
ହାତ ମୟୂରର ପୁଚ୍ଛ।

ଚାଲିରେ ତୁମର ହରିଣୀର ଠାଣି
ମନକୁ ମୋ ନିଅ କିଣି
ମନ ଗଗନରେ ହରୁ ଥାଅ ଆହେ
ହେଲେ ପାରେନା ମୁଁ ଧରି।

ଦେହ ତୁମର ପୂର୍ଣ୍ଣିମାର ଚନ୍ଦ୍ର
ଛୁଇଁବାକୁ ମୋର ମନ
ଆଲିଙ୍ଗନ ପାଇଁ ଯେବେ ମୁଁ ଆଗାଏ
ହୃଦୟେ ହୁଏ କମ୍ପନ ।

ସ୍ୱଭାବ ତୁମର ନିଜର କରୁଛି
ପାରୁନକି ତୁମେ ବୁଝି
ତୁମେ ନଥିଲେ ଜୀବନେ ମୋହର
ମୁଁ ପରା ନୁହେଁ କିଛି ।

ତୁମ ପାଇଁ ମୋର ଅସୁମାର ସ୍ୱପ୍ନ
ଆଖିରେ ଭରି ରହିଛି
ପାଇବି ପାଇବି ବୋଲି ମୁଁ କେତେ
ମନ୍ଦିରେ ଦୀପ ଜାଳୁଛି ।

ତୁମ ଚଲାପଥ ପୁଷ୍ପମୟ ହେଉ
ଜୀବନ ମଧୁରମୟ
ଦୁଃଖ କଷ୍ଟ ତମ ପାଖୁ ନମାଡୁ
ଏତିକି ପ୍ରାର୍ଥନା ମୋର ।

ଚେହେରା ତୁମର ମୋ ପୃଥିବୀ ପୂର୍ଣ୍ଣ
ଯୁଆଡ଼େ ଗଲେ ଦେଖେ ନୟନ
ଏ ଜନମେ ନୁହେଁ ସାତ ଜନ୍ମ ଲାଗି
ତୁମ ପାଇଁ ମୋର ଜନ୍ମ ।

ଷଷ୍ଠବର୍ଷ ଛାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ
୭୮୭୩୩୭୬୫୪୯

# ସ୍ନିଗ୍ଧ ପ୍ରେମମୟୀ

◆ **ସତ୍ୟପତି ଶବର**

ସ୍ୱର୍ଣ୍ଣିମ ବନର ମଧୁ ଚନ୍ଦ୍ରିକା
ତୁମେ ମୋ ମନ ମାନସୀ,
କବି ସାଜି ନୀତି ଚିତ୍ର ଆଙ୍କେ ତୁମ
ଭାବି ତୁମକୁ ପ୍ରେୟସୀ ॥
ରୂପ ତୁମ ସତେ ସହସ୍ର ଲାବଣ୍ୟ
ଭାବନା ଅସୀମପୂର୍ଣ୍ଣା,
ବର୍ଣ୍ଣିବି କେମିତି ଅବର୍ଣ୍ଣନୀୟା ହେ !
ଦିବ୍ୟ କାମିନୀ କବିତା ॥
ସାଗର ବୁକୁରେ ତୋଳିଛି ଘର
ଜ୍ୱାଳିଛି ରକ୍ତ ଦୀପାଳି,
ଭଲପାଇ ସଦା ତୁମକୁ ପ୍ରିୟା ମୋ
ଆଙ୍କିଛି ତୁଣୀର ଧରି ॥
ଦେଖିଛି ଜୀବନେ ଅସହ୍ୟ ଯନ୍ତ୍ରଣା
ଭୋଗିଛି କେତେ ଯାତନା,
ତୁମେ ଆସି କେତେ ସୁଖ ଭରିଦେଲ
ସେ କଥା କହିପାରେନା ॥
କେମିତି ବର୍ଣ୍ଣିବି ସ୍ନିଗ୍ଧ ପ୍ରେମମୟୀ ତୁମେ
ଅଲିଭା ଅଭିପ୍ସା ପ୍ରିୟା,
ସାତରଙ୍ଗୀ ଢ଼େଉ ଜୀବନେ ଭରିଲ
ଚିର ଶାଶ୍ୱତୀ କବିତା ॥

ପଞ୍ଚମ ବର୍ଷ, ସଂସ୍କୃତ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ

# ବର୍ଷାଭିଜା ପ୍ରେମ

◆ ନବକିଶୋର ବିଷୋୟୀ

ସେଦିନର ସେଇ ଢୁ ଢୁ ବର୍ଷାରେ ପ୍ରିୟା !
ତମ ଶରୀରଟା ଓଦାରେ ଜୁଡୁବୁଡୁ
କେଜାଣି କାହିଁକି,
ସେଦିନ ତମକୁ ବର୍ଷାରେ ଭିଜିବାକୁ
ଏତେ ଭଲ ଲାଗୁଥିଲା ?

ତମକୁ କ'ଣ ବର୍ଷାର ସେଇ ଶୀତଳ ସ୍ପର୍ଶ
ଭଲ ଲାଗେ ?
ଭଲଲାଗେ ତା'ର ପ୍ରୀତିଭରା ଛୁଆଁ
ଯାହାପାଇଁ ଏତେ ବ୍ୟାକୁଳ
ଏତେ ଉଲ୍ଲସିତ ?

ତମର ମନ
ତମର ଦେହ, ଆଉ ହୃଦୟ
ଇଚ୍ଛା ହେଉଥାଏ ତମ ସହ
ସେଇ ବର୍ଷାର ସ୍ପର୍ଶ
ମୁଁ ଟିକେ ପାଇଥାନ୍ତି ଭଲା !
ଚାହିଁଲେ ମଧ୍ୟ ସେ ସୁଯୋଗ
ମତେ ମିଳିବନି । କାରଣ,
ତମେ ମୋ ପାଇଁ ଥିଲ ଅଜଣା
ଆଉ, ମୁଁ ତମ ପାଇଁ ଥିଲି ଅଜଣା !

ଅଜଣା ହେଲେବି, ସେଦିନର ସେହି
ଅପୂର୍ବ ମୁହୂର୍ତ୍ତ, ପାଗଳ କରିଛି ମତେ
ତମର ସେହି ଓଦା ଜୁଡୁବୁଡୁ
ଦେହଟା ଯେମିତି ସେହି
ପ୍ରେମଭରା ବର୍ଷା ଭିତରେ ଖୋଜୁଥିଲା
ଗୋଟେ ଅଳ୍ପ ଉଷୁମର ପରଶ ।
କାହିଁକି ନା ବର୍ଷାଭିଜା ଦେହ ତ
ସବୁବେଳେ ଖୋଜେ କିଛି ଉଷୁମଭରା
ଛାତିର ସ୍ପର୍ଶ
ମନର ସ୍ପର୍ଶ, ଆଉ ଦୁଇ ହୃଦୟର
ମହାର୍ଘ ମିଳନ ।

ସେହି ମିଳନ ହିଁ ଚାହେଁ ଗୋଟେ
କୁଆଁରୀ ଝିଅର ତଟକା ଯଉବନରେ
ପଦାର୍ପଣ କରିଥିବା ତା'ର ବୟସ ।

ତା'ର ବୟସ ହିଁ ତାକୁ ଏଇ ସବୁ ପାଗଳାମି
କରିବାକୁ ବାଧ୍ୟ କରେ, ଆଉ ଏଇ ଟିକକ
ପାଇଁ ହିଁ ସେ ପାଗଳ ହେଇଯାଏ ।

ସ୍ନାତକୋତ୍ତର ଛାତ୍ର,
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ମୋ: ୯୦୯୦୧୫୩୪୫୫



# ପ୍ରତୀକ୍ଷା

◆ ସୁକାନ୍ତ କୁମାର ବାରିକ

ଜାଣିଛୁ କି କହ ଭସାବାଦଲରେ
ମୋ ପ୍ରିୟାର ମନ କଥା
କାହିଁକି ସେ ଆଜି ବୁଝିତ ପାରୁନି
ମୋ ମନର ଅନ୍ତର୍ବ୍ୟଥା ।

ଚଗଲି ପ୍ରିୟା ମୋ ବଡ଼ ଚୁଲବୁଲି
ହୁଲସ୍ଥୁଲ କରେ ମନର ସହର
କିପାଇଁ ସେ ଆଜି ନୀରବ ନିସ୍ତବ୍ଧ
ସାଜିଛି ମୋ ପାଇଁ ନିଷ୍ଠୁର ।

ତା' କଥାକୁ ଭାବି ଅମାନିଆ ମନେ
ଉଠୁଛି ଅଜଣା ଝଡ଼ର ସ୍ରୋତ
ଦେହ ପା' ତାର କେମିତି ଅଛି
ସବୁକୁଶଳ ଟି ତାର... ।

କି ହୋଇଛି ତାର ଦଉନି ଉତ୍ତର
ଅକାମି ବି ଆଜ ଦୂରଭାଷ ତାର
କିପାଁଇ ସେ ଆଜି ନୀରବ ନିସ୍ତବ୍ଧ
ସାଜିଛି ମୋ ପାଇଁ ନିଷ୍ଠୁର ।

ତା ବାଟକୁ ଚାହିଁ ବସିଛି ମୁଁ କେତେଦିନୁ
ସକାଳରୁ ସଞ୍ଜାଯାଏଁ
ଅଜାଣତେ ଓଠ ଓଦା ହୋଇଯାଏ
ଅମାନିଆ ଲୁହଧାରେ ।
କହିକି ପାରିବୁ ବନ୍ଧୁ ମୋର ମନ ବ୍ୟଥା
ମୋ ପ୍ରିୟାର କାନେ ଥରେ
ଝୁରେ ମୁଁ ତାକୁ ପ୍ରତି କ୍ଷଣେ ଆଜି
ନିଶୀଥ ପୂର୍ଣ୍ଣିମା ଜହ୍ନ ଆଲୁଏ ।

ତା ବିନା ଆଜି ଜନସମୁଦ୍ର ଲାଗେ
ମରୁଭୂମି ସମ
ପ୍ରତିକ୍ଷଣେ ଆଜି ମନ ଆନମନା ହୁଏ
ତା ପାଉଁଜିର ଭ୍ରମେ ଭ୍ରମେ ।

ଯା ଯା ବେଗି ଭସା ବାଦଲରେ
ମୋ ପ୍ରିୟାର ସହରକୁ
ଭିଜାଇ ଦେବୁ ମୋ ମନ ବ୍ୟଥା କହି
ତାର ସାରା ଶରୀରକୁ ।

ଫେରାଇ ଆଣିବୁ ବୋଲି ତାକୁ ଥରେ
ରଖିଛି ତୋ ପାଖେ ଆଜ ଆଶା
ନିରାଶା କରିବୁନି ବନ୍ଧୁ ମତେ ତୁହି
ତୁହି ତ ମୋର ଶେଷ ଭରସା ।



# ଫୁଲରାଣୀ

◆ ଅମ୍ରିତା ପୌଦାର

ଧରାବନ୍ଧା ଧରାଶାୟୀ ଧରିତ୍ରୀରେ
ଧର୍ମଚକ୍ର ଘୁରିବୁଲେ ଫଣଫଣ ଫଣିପ୍ରିୟ ହୋଇ
ଫରକଟା ଫରଚ୍ଚ ଓଢ଼ଣୀମାନ
ଆଜି ଫର୍‌ଫର୍ ହୋଇ ଉଡ଼େ
ମନ୍ଦିର ସୁରକ୍ଷାର ଦ୍ୱାହିରେ ।।

କାଲି ଫୁଲସଞ୍ଜରେ ଫୁଲଶଯ୍ୟା,
ଫୁଲଫିତା, ସଜାଇବା ଆଗରୁ
ଫେଁ ଫେଁ ହସିବାର ଶବ୍ଦ ଶୁଣାଯାଉଥିଲା
ଏ ବୋଧେ ତା ଧଳାଶାଢ଼ିର କରାମତି ଥିଲା ।
ଫୁଲଠାର ଦେବା ଆଗରୁ ଭୁଆସୁଣିଟା ଶାଶୁଘରେ ଛି ଛି...
କିଏ ଭଲା ହସେ ଏମିତି ସ୍ୱାମୀ ମୃତ୍ୟୁରେ...
ଏଠି ଏଠି ଗଡ଼ିଗଲାଣି କେଇବର୍ଷ
ମୁଲାଏମ୍ ଚେହେରା ଝଟକେ
ସଂଧ୍ୟା ଅବା ତା' ପରେ ପରେ
ଯୌବନ ଝଟକୁଛି, ଆଉ ଫେଁ ଫେଁ ହସ ଶୁଭୁନି
ନିରବି ଯାଇଛି ସେ ଫଳନ୍ତି ଗଛ ପରି
ସେ ନିରବତାର କୋଳାହଳ ବାଡ଼ାଏ
ଭାଙ୍ଗେ ପୁରା ଗାଁ ଟାକୁ
ଆପେ ଆପେ ଚଳନୀୟ ହୋଇଛି ସବୁକିଛି ।
ସଞ୍ଜ ହେଉଛି, ସକାଳ ହେଉଛି, ପକ୍ଷୀ ରାବୁଛି
ଯେ ଯାହା ବାଟରେ ଚାଲିଛି...
ଏଇ କିଛିଦିନ ହେବ ଫୁଲରାଣୀ ଘରେ
ଫେଁ ଫେଁ ହସ ଶୁଭୁଛି
କେବେ ଭେଁା ଭେଁା କାନ୍ଦ ଶୁଭୁଛି
କିଏ କହେ ଫୁଲରାଣୀ ପୁଣି ପାଗଳ ହୋଇଛି
ଅବା ତା ସ୍ୱାମୀ ତାକୁ ଡାକୁଛି
ହଁ ଫୁଲରାଣୀ ଜୀବନର ସଂଧ୍ୟାରେ ପହଞ୍ଚି ସାରିଛି ।

ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ

# ଆଶାର ଆଲୋକ

◆ କବିତା ନାଏକ

ନିର୍ନିମେଷ ନୟନେ ଦରଦୀ
ଅନାଇ ବସିଛି ଦୂର ଦିଗ୍‌ବଳୟକୁ
ଆଶାର ଆଲୋକବିନ୍ଦୁ ଟିକକ ପାଇବାଲାଗି ।
କ'ଣ ସେ ଆଶା ପାଇବ ନା,
ନିରାଶ ହେବ !
ଆଶାର ଅଙ୍ଗାର ଜଳିବ ଅଗ୍ନିଶିଖା ହୋଇ ନା,
ପାଉଁଶ ସାଜିବ !
ସେଇ ଆଶା ମଧ୍ୟେ ନିରାଶାର ବହ୍ନି
ପ୍ରତିକ୍ଷଣ କରୁଛି ହତୋତ୍ସାହିତ-ଅବିହେଳିତ
ଉତ୍ସାହର ବହ୍ନି ଜାଳିବାଲାଗି
ଯେତେ ପ୍ରଯତ୍ନ - ଆକାଂକ୍ଷା-ଉଦ୍‌ବେଳନ
ବିରୋଧୀ ସାଜଛି ପାରିପାର୍ଶ୍ୱିକତା
ଯୁଦ୍ଧର ଘନଘଟା
ମନ-ମସ୍ତିଷ୍କ ମଧ୍ୟେ
ଜୀବନ ଦୀପ ଜଳି ଜଳି ଯାଉଛି
ଶେଷ ତ ନିଶ୍ଚିତ,
ଅନ୍ଧର ଲଉଡ଼ି ସାଜିଛି ଆଶା
ମୃତ୍ୟୁର କୋଳରେ ଶୋଇବା ଆଗରୁ
ଆଶାର ପୂର୍ଣ୍ଣଜହ୍ନ ଉଇଁବ ନା,
କେଉଁ ଅପାର ଦିଗ୍‌ବଳୟରେ
ଅନ୍ଧକାର ଘୋରରେ ଅସହାୟମଣି
ଜଳାଞ୍ଜଳି ଦେଇଦେଇଥିବ ?

ଷଷ୍ଠ ବର୍ଷ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ

# ଏ ହସ ସେଇ ପ୍ରିୟାର....

◆ ପବିତ୍ର ଦାସ

ଏ ହସ ସେଇ ପ୍ରିୟାର
ଯାହାକୁ ଦେଖିବା ଦିନୁ
ଜୀବନଟା କଅଣ ବୋଲି ଜାଣିଲି ?
ବଞ୍ଚିବାଟା କଅଣ ବୋଲି ଶିଖିଲି ? ଆଉ
ହସିବା ମଧ୍ୟ,
ମୋର ଏମିତି ପାଗଳାମିକୁ ଦେଖି ମନରେ ପ୍ରଶ୍ନ
ଆସେ ସେମାନଙ୍କର
କି ସମ୍ପର୍କ ଅଛି ତୁମ ସହ ମୋର ?
ମୁଁ କେମିତି କହିବି ଯେ ସେମାନଙ୍କୁ କି ?
ମୋ ପାଇଁ ଏ ସମ୍ପର୍କ
ଜଣେ ମା ଓ ପୁଅର
ଜଣେ ଭାଇ ଓ ଭଉଣୀର
ଆଉ ଜଣେ ପ୍ରେମିକ ଓ ପ୍ରେମିକାର
ମୁଁ କେମିତି ବିଶ୍ୱାସ ଦେବି ଯେ ସେମାନଙ୍କୁ କି ?
ମୁଁ ଯେ ବଞ୍ଚିଛି କେବଳ
ବଞ୍ଚିଛି,
ସେଇ ହସ ପାଇଁ...
ସେଇ ହସ ପାଇଁ.....

ଷଷ୍ଠ ବର୍ଷ, ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର



# ଶେଷ ଚିଠି

◆ ନିରଞ୍ଜନ ସାହୁ

ହୃଦୟର କଥା ଲେଖୁଛି ଚିଠିରେ
ଭାବିବନି ଗପ ଲେଖୁଛି ଲୁହରେ
ମନେପଡ଼େ ସେହି କଥା କୁହା ଆଖି
ଭୋକ ଶୋଷ ଭୁଲି ଯାଉଥିଲି ଯାହାକୁ ଦେଖି ।

ଲେଖୁନାହିଁ ତୁମ ପାଇଁ ପ୍ରେମ କବିତା
ସତେ ଅବା ହଜି ଯାଇଛି ମୋ ଅସ୍ମିତା
ଝରି ଯାଏ ଆଖିରୁ ଦି ଟୋପା ଲୁହ
କେଉଁଠି ହଜିଲା ପ୍ରେମ କୁହ ପ୍ରିୟା କୁହ ।

ଆଜି ନାହିଁ ମୋ ପାଇଁ ତୁମ ଉପଦେଶ
କେମିତି ଚାଲୁଛି ବାଟ, ଥରେ ଦେଖି ଆସ
ତୁମେ ମୋର ବିଶ୍ୱାସ, ନିଶ୍ୱାସ, ପ୍ରେୟଷୀ
ଭୁଲ୍ ବୁଝିବନି ହେ ପ୍ରିୟ ସୁବାଷୀ ।

ତୁମେ ମୋ ପାଇଁ, ଆଉ ଦେବି
ଆମ କାହାଣୀ ସତେ, ସହମତିର ସ୍ମୃତି
ମନେ ପଡ଼େ ସେହି ଶୀତୁଆ ସକାଳ
ଦିବା ଭାବୁ ଆମେ ଥିଲେ ପ୍ରେମ ପାଗଳ ।

ଆଗୋ ମୋ ସୁନୟନା କରନି ମନ ଉଣା
ଫେରି ଆସ ଆଉ ମାଗିବିନି ପାଉଣା
ଏଇ ମୋର ବ୍ୟଥା ଲେଖିଚି ଚିଠିରେ
ଆଶାକରେ ତୁମେ ଫେରି ଆସିବ ଆର ଫଗୁଣରେ ।

ଷଷ୍ଠ ବର୍ଷ, ଭୂଗୋଳ ବିଭାଗ

# ତୁମେ

◆ ବଦ୍ରିନାଥ ଦାସ

ତୁମକୁ ପାଇଛି ସାଗରରେ ମୁକ୍ତାକୁ ପାଇଲାଭଳି
ପୁଣି ତୁମକୁ ହରାଇଛି
ପଶ୍ଚିମ ଆକାଶେ ଅସ୍ତଗାମୀ ସୂର୍ଯ୍ୟ ପରି ।୧।
ତୁମକୁ ଖୋଜି ବୁଲେ କେତେବେଳେ
ବସନ୍ତର ଆଗମନରେ ତ,
ପୁଣି କେତେବେଳେ ନିଷିଦ୍ଧ ରାତ୍ରିର ଚନ୍ଦ୍ରମା ଆଲୁଅରେ ।୨।
ତୁମ ପ୍ରତି କାହିଁକି ଯେ ମୋର ଦୁର୍ବଳତା
ମୋ ମନର ବ୍ୟାକୁଳତା
ତାହା ମୁଁ ଜାଣେନା, କି ତା'ର ଉତ୍ତର ଖୋଜି ପାଏନା
କିନ୍ତୁ ଜାଣେ ଖାଲି ଏତିକି
ତୁମେ ମୋର ସ୍ୱପ୍ନରେ, ବାସ୍ତବରେ, ହୃଦୟରେ ବିରାଜମାନ ।୩।
ହରେଇବା କ'ଣ ଜାଣେନା, କିନ୍ତୁ ଭଲପାଏ ହରେଇବାକୁ,
କାରଣ ମୋ ମନକୁ ହରେଇ ପାଇଛି ତୁମକୁ ।୪।
ସେ ହରେଇବା ଭିତରେ ଚାହେଁନାହିଁ ଆଉ କିଛି
କାରଣ ତୁମକୁ ହରେଇଲେ ଏ ଜୀବନଟା ହୋଇଯିବ ମୂଲ୍ୟହୀନ
ଚାହେଁନାହିଁ ଆଉ କାହାର ଅନିଷିଦ୍ଧ ଆଗମନ ।୫।
ସେଥିପାଇଁ ତ ତୁମକୁ ବାନ୍ଧି ରଖିଛି
ମୋର ପ୍ରେମ ଓ ବିଶ୍ୱାସ ବନ୍ଧନରେ
ମାଗେ ନାହିଁ ଆଉ କିଛି ତୁମକୁ, ଚାହେଁ ଖାଲି ଏତିକି
ତୁମ ମନର ମନ୍ଦିରରେ ସର୍ବଦା ରହିବାକୁ ।୬।
ଦୁନିଆରେ ଦିବାରାତ୍ର ସତ୍ୟ ପରି
ଆକାର ପ୍ରେମ ଚିର ସତ୍ୟ ଓ ପବିତ୍ର
ସେଥିପାଇଁ ତ ମୋ ହୃଦୟରେ
ଛପେ କେବଳ ତୁମେ....।୭।

ଗବେଷକ, ରାଜନୀତି ବିଜ୍ଞାନ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

# ପୃଥିବୀ ଯା'ର ବଶବର୍ତ୍ତୀ

◆ ଦୀପକ କୁମାର ଶତପଥୀ

ବିଶ୍ୱ ହିତ ପାଇଁ ଜନମ ତୋହର
ତ୍ୟାଗର ତୁ ପ୍ରତିମୂର୍ତ୍ତୀ
ତୋ ବିନୁ ଅନ୍ୟଥା ସୃଷ୍ଟି ଅସମ୍ଭବ
ପୃଥିବୀ ତୋ ବଶବର୍ତ୍ତୀ
ସେହନଶ୍ରୀଲତାର ମୂର୍ତ୍ତୀମନ୍ତ ଦେବୀ
ସ୍ନେହର ତୁ ପୂଜାରିଣୀ
ମମତା ଡୋରୀରେ ବାନ୍ଧୁତୁ ସମାଜ
ଆଦି ଶକ୍ତି ସ୍ୱରୂପିଣୀ
କେବେ ତୁ ପଣତ କାନିରେ
ପୋଛି ଦେଉଆଖି
କେବେ ତୁ ଭଗିନି ହୋଇ
ବାନ୍ଧୁ ହାତେ ରାଖୀ
କେବେ ତୁ ପ୍ରେମିକା ହୋଇ ବଞ୍ଚିବା ଶିଖାଉ
କେବେ କୁଳବଧୂ ହୋଇ
ମମତ ଝରାଉ
ସଭିଏଁ ତୋ ମନ୍ତ୍ର ପରା
ନାହିଁ ତୋର ଅରୀ
ସୃଷ୍ଟିକୁ ବିନାଶ ମୁଖୁ
ରଖୁ ତୁ ଆବୋରି.....

ତୋ ହସରୁ ଝରୁଥାଏ
ଅମୃତର ଧାରା
ତୋ ଆଖିରେ ଲୁହ ଦେଖି
ସ୍ତବ୍ଧ ହୁଏ ଧରା.....

ଷଷ୍ଠବର୍ଷ, ସ୍ନାତକୋତ୍ତର ରସାୟନ ବିଜ୍ଞାନ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

# ସ୍ୱପ୍ନ

◆ ସରୋଜ ସ୍ୱାଇଁ

ଦିନେ ସ୍ୱପ୍ନରେ ମୋ ପ୍ରିୟା
ବୁଲୁଥିଲା ମୋ ସହ
ନିଝୁମ୍ ରାତିର ଆଲୋକରେ
କାନ୍ଧରେ ହାତକୁ ରଖି
ଲୁଚି ବସି କାଳ କରୁଥିଲା ଥଟ୍ଟା
ଆମର ଏକତ୍ରକୁ ଦେଖି ।

ତାର ସେଇ କୋମଳ ହସ୍ତର ସ୍ପର୍ଶରେ
ମନ ମୋର ଥିଲା ଅଜଣା ଦୁନିଆରେ
ପାରୁନି ଚିତ୍ରକୁ ଦର୍ଶାଇ
ଧନ୍ୟବାଦ ଦେଉଛି
ହେ ପ୍ରଭୁ ଡିସ୍ ବ୍ରେକ୍ ମାରି
ଭାବନାକୁ ଦେଲ ଅଟକାଇ ।

ମୁହଁ ଥିଲା ତାର ଲାଜର ସମୁଦ୍ର
ଢେଉ ପରେ ଢେଉ ଆସୁଥାଏ
ମୁଁ ବି ଥିଲି ଭୟର ସାଗର
ଚେଷ୍ଟା କଲେ ବି
ମାପି ପାରିଲିନି ତାର ଗଭୀର ।

ସମୟ ସୁଅରେ ଗଡ଼ି ଚାଲିଥାଏ
ସମୟର ମହାସ୍ରୋତ
କିଛି ପାରିଲିନି କହି
ଶୂନ୍ୟରୁ ମୋତେ ଶୂନ୍ୟବାଣୀ ହେଉଥାଏ
ସୁଯୋଗ ବାରମ୍ବାର ଆସେ ନାହିଁ ।

ମନକୁ ଦୃଢ଼ କଲି
ବିକଳ୍ପ ନ ରଖି ସଂକଳ୍ପ କଲି
ଖୋଲିଦେବି ମୋ ହୃଦୟର ପେଡ଼ି
ହାୟ ମୋ ଭାଗ୍ୟ
ଏଡିଏଟ୍ ଆଲାରାମ୍‌ଟା
ନିଜକୁ ଦେଲା ମୋ ବିଗାଡ଼ି ।

ପଞ୍ଚମ ବର୍ଷ, ଓଡ଼ିଆ ବିଭାଗ

# ସେଦିନ ବର୍ଷାର ସ୍ପର୍ଶ

◆ ପ୍ରଭାତ ବାରିକ

ହଠାତ୍, ଅଦିନରେ ବର୍ଷାଟିଏ
କଳାମେଘର ବାଦଲ ଧରି ଚାଲିଆସିଲା ।

ଆଉ ବିନା ଆଘାତରେ
ବର୍ଷି ଦେଇଗଲା ମୋର ସାରା ଶରୀରରେ ।
ପ୍ରଥମ ମେଘର ସେ ବର୍ଷାରେ
ଅନେକ ଭିଜେଇଲା ମୋତେ ।
ଆଉ ନିଜେ ପୁଣି ମୁଁ, ନିଃସଂକୋଚରେ ଭିଜିଗଲି
ସତେଯେମିତି ସାରା ଶରୀରରେ ଖେଳିଗଲା
ଅସ୍ପୃହା ପ୍ରେମର ଆନନ୍ଦ ।

କୋମଳ ମନରେ ସତେକି, ପଦ୍ମିନୀ
ଆଉ ବିଭୋର ପ୍ରେୟସୀ ପରି ଚଗଲି
ବର୍ଷାର ଏଇ ପ୍ରେମ ପାଇଁ ।

କାହିଁକି ମୁଁ ପାଗଳ ଜାଣେନା
ଆଉ ବି ଜାଣିପାରିଲି ନାହିଁ ।
ଇଏ କ'ଣ ସେଇ ବର୍ଷା ?
ଯାହାର ସ୍ପର୍ଶରେ ଆଜି ମୁଁ
ବିଭୋର ହୋଇଗଲି
ଆଉ ହଜିଗଲି ସ୍ୱପ୍ନଭରା ପ୍ରେମ ଦୁନିଆରେ...
ହେଲେ; ହଜିବା ପୂର୍ବରୁ
ହଠାତ୍ ବର୍ଷା ନିସ୍ତବ୍ଧ ହୋଇଗଲା
ଆଉ କ୍ଷତବିକ୍ଷତ କରି ଚାଲିଗଲା
ହୃଦୟରେ ଜାଗ୍ରତ ହୋଇଥିବା ସ୍ପର୍ଶର ଦ୍ୱନ୍ଦ୍ୱକୁ !

ବୋଧହୁଏ ବର୍ଷାର ସ୍ପର୍ଶକୁ
ନିଜର କରିବା ପୂର୍ବରୁ
ନିର୍ମଳ ଶୂନ୍ୟ ଭସା ବାଦଲର ଆଢୁଆଳରେ
ବର୍ଷା ହଜିଗଲା
ଆଉ ଛାଡ଼ିଗଲା
କେବଳ ସ୍ପର୍ଶ, ସ୍ପର୍ଶ ଆଉ ସ୍ପର୍ଶ ।

ଷଷ୍ଠବର୍ଷ ଛାତ୍ର

# ମାୟାବିନୀ

◆ ଭାଗବତ ପ୍ରସାଦ ତ୍ରିପାଠୀ

ଅଜଣା ଅପରିକଳ୍ପନୀୟ କେଉଁ ରାଇଜରୁ
ଉଡ଼ିଆସିଲ ତୁମେ ମାୟାବିନୀ
ସେ ରାଇଜ ଆଗରୁ ଶୁଣିନି
ବୁଝିବାର ଆସ୍ପର୍ଦ୍ଧା ବା ଧୃଷ୍ଟତା କରିନି।

ଧରି ରୂପ ବିହଙ୍ଗମର
ଏରୁଣ୍ଡି ଡେଇଁ ସ୍ୱପ୍ନର
ଭେଦି ହୃଦୟର ଅଭେଦ୍ୟ ପ୍ରାଚୀ
ଅଦୃଶ୍ୟ ହୋଇଗଲ ନିଭୃତ କୋଣରେ
ରାତ୍ରିର ଘନ ତମିସ୍ରାରେ।

ତପନର ତାମ୍ର କିରଣ
ଦେହେ ଆଣିଦେଲା ଶିହରଣ
ଜାଣିଲି ମୁଁ ନିଶ୍ଚେ ହେଲା ସକାଳ
ଆଣିଥିବ କାଳେ ଶୁଭ ଖବର
ଶୁଣିନି ତୁମର ମଧୁର ଗାନ
ବସନ୍ତ ସକାଳେ ଆମ୍ରତରୁ ଡାଳେ
ଯୌବନଦୀପ୍ତ କୋକିଳର କୁହୁତାନ
ପାଇଯାଇଥିଲି ସମୀକରଣ
କରି ଅନୁମାନ।

ଲେଉଟାଇଲି ଯେତେବେଳେ କଡ଼
ଦେଖିଲି ଆତ୍ମାର ଅଜ୍ଞାତ କୁଟୀରେ
ବାନ୍ଧିଅଛ ତୁମେ ନୀଡ଼।
କିଏ ତୁମେ ? ହୃଦୟ ଆହ୍ଲାଦିନୀ,
ଆତ୍ମାର ଅଧାଗଢ଼ା ମନ୍ଦିରେ
ମୁଁ ଯେ ପ୍ରେମର ତୂଳୀ ଧରେ
ସାଧିକା ହୋଇ ବସିଲ ନୀରବରେ।

ପ୍ରେମର ବୀଣା କଲ ବାଦନ
ଶିଞ୍ଜୀପ୍ରାଣର କଲ ଦମନ
କି ପ୍ରଚଣ୍ଡ ଉଷ୍ମ ନିନାଦ
ହୃଦୟତନ୍ତ୍ରୀ ମୋ ଉଠିଲା ଚଞ୍ଚଳ
ଉଠିଲି ମୁଁ ହୋଇ ବୋବାଳି।

କିଏ ତୁମେ ପ୍ରେମପ୍ରସବିନୀ
ଭରିଦେଲ ସବୁଜିମା ହୃଦୟ ମରୁଦ୍ୟାନେ
ପରିଣତ ହେଲା ସେ ଚିରହରିତ୍ ଅରଣ୍ୟେ।

ହେ ଅଶରୀରୀ ଦିଅ ଉତ୍ତର
କେବେ ହେବ ତୁମ ରୂପ ସାକାର
ମୋ' ସମ୍ମୁଖରେ ହେବ ଉଭା
ଦେଖିବି ତୁମର ଦୀପ୍ତିମନ୍ତ ଆଭା
କେଉଁ ସାୟାହ୍ନରେ,
ପ୍ରେମର ପରିଭାଷା ହେବ ପ୍ରସ୍ଫୁଟିତ
ଶୈଳୀର ଗାମ୍ଭୀର୍ଯ୍ୟ
ରୂପର ମାଧୁର୍ଯ୍ୟ ହେବ ପ୍ରସ୍ଫୁଟିତ
ହୋଇ ଉତ୍ଫୁଲ୍ଲିତ
ତୁମେ ଓ ମୁଁ ଛନ୍ଦି ହାତକୁ ହାତ
ଚାଲିଯିବା ଅନେକ ପଥ।

ଯେବେ ହୋଇଯିବା କ୍ଳାନ୍ତ
ସାୟାହ୍ନ କହେ ମିତରେ ମିତ
ହୁଅ ପ୍ରଧାବିତ
ପବିତ୍ର ଆତ୍ମ ଦ୍ୱୟ
ଲକ୍ଷ୍ୟ ଦୂର ଅଶୁଣା ରାଇଜ।

ହେ ମାୟାବିନୀ,
କହିବି କେମିତି
ମୁଁ ଯେ ସ୍ୱପ୍ନବିଳାସୀ
ସ୍ୱପ୍ନରେ ଜିଏଁ
ସ୍ୱପ୍ନରେ ମରେ
ସ୍ୱପ୍ନରେ ସାଉଁଟେ ଅନୁଭୂତି।
ଜାଣେନା ସ୍ୱପ୍ନ ସତ ହେବ କି ନା
ଭୟ ଆସେ, ହେ ମାୟାବିନୀ
ଦେବ ପ୍ରତାରଣା
ରହିଯିବ ହୋଇ ଏକ ମୃଗତୃଷ୍ଣା।

ଷଷ୍ଠବର୍ଷ, ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ବିଭାଗ

# ତୁମେ ଆସିଥିଲ

◆ କାଳନ୍ଦୀ ମଲ୍ଲିକ

ତୁମେ ଆସିବ ବୋଲି
ଜାଣିଥିଲି...
ହେଲେ ଏମିତି
ବତାସ ଭଳି ଆସି
ସବୁ ଉଜାଡ଼ି ଦେଇ
ଚାଲିଯିବ...ଭାବିନଥିଲି।

ଗଢ଼ିଥିବା ଘର
ଏମିତି ଖ୍ୟାନ୍‌ଭିନ୍ କରିଦେବ
ଭାବିନଥିଲି।

ତୁମେ ଆସିଥିଲ... ଜୀବନ ମୋର
ସବୁଜିମା ଭରି
ତୁମେ ଗଲାପରେ ପରେ
ଜୀବନ ମୋର
ମରୁଡ଼ି ହୋଇଲା।

ଗଲ ଯେ ଗଲ... ହେଲେ
ଶିଖାଇ ଦେଇଗଲ...
ଭାବିବା ନ ଭାବିବାରେ
ସଂସାର ଚଳେନି
ଚଳେ... ଅର୍ଥ ଓ ପ୍ରତିପତ୍ତିରେ।

ପଞ୍ଚମ ବର୍ଷ, ଓଡ଼ିଆ ବିଭାଗ

# ରେବି ଯଦି ବେବି ହୁଏ

◆ ନୀଳକଣ୍ଠ ପ୍ରଧାନ

ଅନ୍ଧ ବିଶ୍ୱାସ ଓ କୁସଂସ୍କାର ଯେବେ ସମାଜରୁ ଦୂର ହୁଏ,
ରେବତୀ ରେବତୀ ଡାକ ବଦଳରେ ବେବି ଡାକ ଶୁଭୁଥାଏ
ରେବି ଯେବେ ବେବି ହୁଏ।
ଆମ ଏ ସମାଜେ ଶାଢ଼ି ବଦଳରେ ମିନିସ୍କର୍ଟ୍ ଝୁଲୁଥାଏ
ରେବି ଯେବେ ବେବି ହୁଏ।

ରେବିର ସେଇ ଶାଢ଼ି ବ୍ଲାଉଜ୍ ଦିନେ ଥିଲା ତା ରକ୍ଷାକବଚ୍
ରକ୍ଷାକବଚକୁ ପରିହାର କରି ବେବି ହୁଏ ସଜବାଜ
ରେବି ପାଇଁ ସିନା ବାସୁ ନିତି ଝୁରି ମରେ
ବେବି ପାଇଁ ପରା ସବୁ ଗୋଳମାଳ
ବାସବ ଅହଲ୍ୟା, ରାବଣ ସୀତା, ଦ୍ରୌପଦୀ ଜୟଦ୍ରଥ
ବ୍ରେକିଙ୍ଗ୍ ନ୍ୟୁଜ୍ ହୁଏ ଟି.ଭି ଆଉ ଖବରକାଗଜରେ।

ପୁରୁଣାକାଳିଆ ରକ୍ଷଣଶୀଳା ନାରୀ ପାଇଁ ଯଦି କାମାନନ୍ଦ ଢଳିପାରେ
ଆଜିର ସମାଜ ବେବି ପାଇଁ ପରା ରାମ୍ ରହିମ୍, ସାରଥିବାବା
କେତେ କ'ଣ ବେଶ ଧରିପାରେ।
ଶିକ୍ଷା ଲୋକ ଯେବେ ତମସା ତେଜଇ ଅଶିକ୍ଷା ଆସିଲା କଉଠୁ
ଉଚ୍ଚ ଶିକ୍ଷା ପୁଣି ପଥଭ୍ରଷ୍ଟ କରେ ରେବି ବେବି ହୁଏ ଯଉଠୁ।
ରେବି ଯଦି ବେବି ହୁଏ!
କୁସଂସ୍କାର ଦୂର ହୁଏ, କିନ୍ତୁ ଅପକର୍ମ ଆଉ ବଳାତ୍କାର ସଙ୍ଗେ
ନୀତି ସାଲିସ୍ ହୁଏ...।
ରେବି ଯଦି ବେବି ହୁଏ।

ପଞ୍ଚମ ବର୍ଷ, ଓଡ଼ିଆ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# ଅଡୁଆ ସୂତା

◆ ସୁଶାନ୍ତ କୁମାର ସେନାପତି

ତର ତର ହୋଇ
କାମଟିଏ ପାଇଁ
ଅଫିସ୍ ଗଲେ ଧାଇଁ
ଦେଖିବେ ଯାଇ
ଫାଟକ ଖୋଲା
ଅଫିସ୍ ମେଲା
ହେଲେ ବାବୁଙ୍କ ଦେଖା ନାହିଁ।

ବିଚରା ଆପଣ କ'ଣ କରିବେ ?
ଏକଡ଼ ସେକଡ଼ ଘୂରି ବୁଲିବେ
ଅବା ପାନ ଦୋକାନରେ
ବରାଦ କରି, ପାନଟେ ଧରି
ଭିତରକୁ ପୁଣି ଫେରି ଆସିବେ।

ଭିତରକୁ ଯାଇ ପରଦା ଆଡ଼େଇ
ଚାହିଁ ଦେଖିବେ
ବାବୁ ବି ସେଯାଏଁ ଆସି ନଥିବେ
କୁହନ୍ତୁ ଏଥର କ'ଣ କରିବେ ?

ବାହାରକୁ ଯାଇ
ଦେଖି ଗଛ ଛାଇ
ବସି କରି ଟିକେ
ଥକ୍କା ମାରିବେ।

ଟିକିଏ ପରେ ପୁଣି ଫେରିବେ
ହାତକୁ ଚାହିଁ ଘଣ୍ଟା ଦେଖିବେ
ବାରଟା ଥିବ ବାଜି
ଭାବିବେ ବାବୁ ଆସିଗଲେଣି
କାର୍ଯ୍ୟଟି ହେବ ଆଜି।

ଦେଖି କରି ସବୁ ଲୋକଗହଳି
ପାଦକୁ ଦଳି, ଆଖିକୁ ମଳି
ଯିବେ ତ ଆପଣ
ସେଠାକୁ ଚଳି।



ଟେବୁଲ୍ ପାଖରେ
ହେବେ ତ ଠିଆ
ବୁଲାଇ ଆଖି
ସବୁ ପରଖି
ବୁଲାଇବେ ବାବୁ
ତୁମକୁ ଭୁଆଁ।

ପଚାରିବେ ସବୁ
କ'ଣ ହେଲା
କହିବ ନିଶ୍ଚୟ
କାମଟେ ଥିଲା
ଟିକିଏ ପରେ ଆସ ଦେଖିବା
ଦେଖିଲେ ତ ଯାଇ
ଯାହା କରିବା
ଏଇଆ କହି
ଦେବେ ସେ ତୁମର ମନ ଭୁଲାଇ।

ଏଥର ଆପଣ କ'ଣ କରିବେ ?
ବାରଣ୍ଡାରେ ଥିବା ବେଞ୍ଚରେ ଟିକେ
ବସିପଡ଼ିବେ
ହାତେ ନେଇଥିବା

ଖବର କାଗଜ ପୃଷ୍ଠା ଓଲଟାଇ
ପାଠ କରିବେ
ଅବା ଆପଣଙ୍କ ଭଳି
ସାଥିଟିଏ ଦେଖି
ଗପ ଯୋଡ଼ିବେ।

ଟିକିଏ କମିଲେ ଲୋକଗହଳି
ଯାଇ କରି ଯଦି ଦେଖା କରିବେ
ବାବୁ କହିବେ
ଆସୁଛି ମୁହିଁ
ଚା' ପାଣି ଟିକେ ପିଇ ତ ଦେଇ।

ଏଥର ଆପଣ କ'ଣ କରିବେ ?
ମନେ ମନେ ଟିକେ ବିରକ୍ତି ହେବେ
ନାଁ ତାଙ୍କୁ କିଛି କହି ପାରିବେ
ଅବା ସହି ପାରିବେ
ମୁରୁକି ହସି ବୋଲିବେ ତାହାଙ୍କୁ
ଆସନ୍ତୁ ଆପଣ
ଅଛି ମୁଁ ବସି।

ନଥି ପଡ଼ିଥିବା ପଙ୍ଖା ଘୂରୁଥିବ
ଘଣ୍ଟାଏ ଯିବ
ଦି ଘଣ୍ଟା ଯିବ
ହେଲେ ବାବୁଙ୍କର ଦେଖା ନଥିବ।

ଚା ଦୋକାନରେ ଭାଷଣ ମାରି
ହସୁଥିବେ ବାବୁ କିଇରି କିରି
ଅଫିସ୍ ସମୟ ଶେଷ ବେଳକୁ
ସିଗାରେଟ୍ ଖଣ୍ଡେ ଧରି ହାତରେ
ପଶିବେ ତ ବାବୁ ହତା ଭିତରେ।

କହିବେ କିଆଁ
ଏତେବେଳ ଯାଏ ହୋଇଛ ଠିଆ
ଯାଅ ଯାଅ ତୁମେ ଆସିବ କାଲି
ମୁଁ ତ ଅବିକା ଘର ଚାଲିଲି
କାର୍ଯ୍ୟଟି ତୁମର ଅଡୁଆ ବାବା
କାଲି ଆସିଲେ ତ ଯାହା ଦେଖିବା।

ବିଚରା ଆପଣ କ'ଣ କରିବେ
ମନ ଦୁଃଖ କରି ଘର ଫେରିବେ
ଦୁଇ ଚାରିଦିନ ଧାଇଁବା ପରେ
ପିଅନ ଡାକିବ ପାଖକୁ ଧିରେ
ଫୁସ୍ ଫୁସ୍ କରି କାନେ କହିବ
ଟଙ୍କା କୋଡ଼ିଏଟା ମୋତେ କି ଦେବ
ସାଥି ସାଥି ତୁମ କାମ ହୋଇବ।

ଏଥର କୁହନ୍ତୁ କ'ଣ କରିବେ ?
ମନେ ମନେ ଟିକେ ଭାବି ବସିବେ
କେତେଦିନ ଆଉ ଦଉଡୁଥିବି
ଗଲେ ପଛେ ଯାଉ ଟଙ୍କା କୋଡ଼ିଏଟା
ବଢ଼ାଇ ଦେବି।

ହାତେ ଗୁଞ୍ଜି ଦେଲେ
ତା' ମାଲମତା
ଫିଟିଯିବ ତୁମ ଅଡୁଆ ସୂତା।

ନାଁ କ'ଣ ଭାଇ
ଦେଲିକି ଏ ସବୁ ଭୁଲ୍ କହି
ଯଦି ବା କହିଛି ଭୁଲ୍ କିଛି
ମାଫ୍ କରିବେ
ଠିକ୍ କଥାଟି ବତାଇ କରି
ଚିଠିଟେ ଦେବେ।

ଏମ୍.ଆଇ.ଜି-୧, ୨୦/୪
ହାଉସିଂବୋର୍ଡ କଲୋନୀ,
ଚନ୍ଦ୍ରଶେଖରପୁର,ଭୁବନେଶ୍ୱର-୧୬
ମୋ: ୯୬୫୮୩୦୩୨୨୦

# ବିଧବାର ପ୍ରେମିକ

◆ ମୋନାଲିସା ଦାଶ

ଜାଣିନି କେବେଠୁ କେମିତି କେଉଁଠି ଭଲପାଇଛି
ଖାଲି ଏତିକି ଜାଣିଛି କେବଳ ତାକୁ ହିଁ ଭଲପାଇଛି ।

ଯେବେ ପ୍ରଥମଥର ତାକୁ ଦେଖିଲି ସେତେବେଳେ
ଲାଗିଲା ଏ ସମ୍ପର୍କ ଆଜିର ନୁହେଁ କାହିଁ କେବେର
ମାତ୍ର ତାହାତ ମୁଁ ଜାଣେନା
ଖାଲି ଏତିକି ଜାଣିଛି ପ୍ରଥମ ଦେଖାରେ ତା' ପ୍ରେମରେ ପଡ଼ିଛି
ଦୁନିଆ କହୁଛି ମୁଁ କାଳେ ଭୁଲ୍ ରାସ୍ତାରେ ପାଦ ଥାପିଛି
ଯେଉଁଠି ଫୁଲଠୁ ଅଧିକା କଣ୍ଟା ବେଶି ଅଛି ।



ହେଲୋ ଦୁନିଆ କାହୁଁ ବୁଝିବ ଏ ରାସ୍ତାରେ କଣ୍ଟା ବେଶି ଭଲ
ହସଠୁ ଭୁଲ୍ ବେଶି ଭଲ ଆଉ ସୁନାମଠୁ ବଦନାମଟା ବି ଭାରି ମିଠା ।
ମୁଁ ଯାହାକୁ ପ୍ରେମ କରେ ସମାଜ ଆଖିରେ ସେ ଜଣେ ବିଧବା
ଆଉ ମୁଁ ସେଇ ବିଧବାର ପ୍ରେମିକ..
ହଁ ମୁଁ ଗୋଟେ ବିଧବାର ପ୍ରେମିକ...
କିନ୍ତୁ ଆଜିଯାଏ ପଢ଼ିପାରିଲିନି ସମ୍ବିଧାନର ସେହି ପୃଷ୍ଠା
ଯେଉଁଠି ଲେଖାଥିଲା ବିଧବାର ସ୍ୱପ୍ନ ଦେଖିବାର ଅଧିକାର ନାହିଁ,
ଆଜିଯାଏ ଖୋଜି ପାଇଲିନି ସେହି ତତ୍ତ୍ୱର ଅର୍ଥ ଯେଉଁଠି,
ବିଧବାର ପ୍ରେମିକ ହେବାର ସ୍ୱାଧୀନତା ନଥିଲା...
ଭୁଲ୍ କାହାର ତ ଜାଣିପାରିଲିନି ମୋର ନା ସେ ବିଧବାର
ଯିଏ ସୁନାର ସ୍ୱପ୍ନ ଦେଖିବା ଆଗରୁ, ପାଦର ଅଳତା ଲିଭିବା ଆଗରୁ
ତା' ମଥା ସିନ୍ଦୂର ତାକୁ ଠକି ସାରିଥିଲା
ନା ଭୁଲ୍ ତା'ର ନୁହେଁ ସେ ତ ଗଙ୍ଗାଠାରୁ ପବିତ୍ର
ଜାଣେନା ମୁଁ କିଏ ଭୁଲ୍ କିଏ ଠିକ୍ ।
ଖାଲି ଏତିକି ଜାଣିଛି ମୁଁ ପ୍ରେମ କରେ ତାକୁ
ଆଉ ଋହେଁ ମୋ ହାତ ସିନ୍ଦୂରରେ ତା'ର ସେ ଶୂନ୍ୟ ମଥା
ନାଲି ଟୁକୁଟୁକୁ ଦିଶୁ...
ଭାଙ୍ଗିଦେବାକୁ ଋହେଁ ଏ ଅନ୍ଧବିଶ୍ୱାସର ପ୍ରାଚୀର

ଆଉ ଗର୍ବରେ କହିବାକୁ ଋହେଁ
ହଁ ମୁଁ ପ୍ରେମିକ ଗୋଟେ ବିଧବାର ଯା'ର ମନ ଓ ଆତ୍ମା
ସରଳ, ସୁନ୍ଦର ଓ ପବିତ୍ର...

# ପ୍ରଜାପତି

◆ ଦେବସ୍ମିତା କର

ଫୁଲଟିଏ ଫୁଟିଅଛି
ସଭିଙ୍କୁ ଆକର୍ଷିତ କରିଛି ନିଜ ଆଡ଼କୁ,
ଯାଉଛନ୍ତି ପୁଣି ଫେରୁଛନ୍ତି ସମସ୍ତେ
ଦେଖି ତାର କଣ୍ଟକିତ ଶରୀରକୁ।(୧)
ସୌନ୍ଦର୍ଯ୍ୟ ପାଇଁ ସମସ୍ତେ ଆଶାୟୀ
କଷ୍ଟ ଯେ ସଦା ଘୃଣିତ,
ତଥାପି ଭଅଁର ଭ୍ରୁକ୍ଷେପ କରେନା

ଶୋଷିନିଏ ମଧୁତକ।(୨)
ଭଅଁର ପିଇଗଲେ ରସ
ତାକୁ ସେ ବାରଣ କରିପାରେନା,
ମଧୁ ଶୋଷି ଯେବେ ଉଡ଼ିଯାଏ ଦୂରେ
ତାକୁ ସେ ରୋକି ପାରେନା। (୩)

ଭଅଁର ଯେ ଭାରି କପଟୀ
ଫୁଲକୁ ନେଲା ଯେ ଲୁଟି
କିନ୍ତୁ ଭଅଁର ସମ୍ମୁଖେ ନିଜକୁ
କାହିଁକି ଦେଲା ସମର୍ପି। (୪)

ଫୁଲ କ'ଣ କପଟୀ ନୁହେଁ
ପ୍ରଜାପତି, ମଧୁମାଛି, ଭଅଁର
ସମସ୍ତଙ୍କୁ ଫସେଇ ଦିଏ ରୂପରେ
ଶୋଷିବାକୁ ମଧୁ ଦିଏ ଅବାଧରେ। (୫)

ସମସ୍ତେ ପିଅନ୍ତି ତାକୁ ଶୋଷି ଶୋଷି
କିନ୍ତୁ ଭଅଁର ସାଜିଛି କପଟୀ,
କାରଣ ପ୍ରଜାପତି ରୂପ ମନଲୋଭା
ମହୁମାଛିର ମଧୁ ମିଠା। (୬)



ଭଅଁର ଯେ ଅଭାଗା
ରୂପରେ ଗୁଣରେ ସେ ଦୁହିଁଙ୍କଠୁ ଊଣା,
ସୌନ୍ଦର୍ଯ୍ୟ ନାହିଁ ତା ଠେଇଁ
ତେଣୁ ସେ ସାଜିଛି ଲମ୍ପଟୀ। (୭)

ହେଉପଛେ ବାରାଙ୍ଗନା, ଦୋଷରୁଣୀ
ହୋଇଥିବାରୁ ସେ ରୂପସୀ,
ଠାକୁରଙ୍କ ପ୍ରିୟ ସେତ
ମସ୍ତକେ ତାକୁ ଧାରନ୍ତି। (୮)

ପ୍ରେମରେ ସୌନ୍ଦର୍ଯ୍ୟ,
ମହନୀୟତାର ମୂର୍ତ୍ତି ସେତ
ଲୋଭାସକ୍ତ ପ୍ରେମମୟୀ ତାର ରୂପ। (୯)

ଫୁଲ ନୁହେଁ ଖାଲି ରୂପସୀ
ଅଟେ ସେ ଭାରି ପ୍ରେୟସୀ
ସଭିଙ୍କୁ ବାଣ୍ଟେ ସେ ପ୍ରେମ
ତା' ଗୁଣେ ସେ ଅଟେ ମହାନ୍।(୧୦)

ଫୁଲ ନୁହେଁ କାମୁକୀ
କି ଭଅଁର ନୁହେଁ କପଟୀ
ଭଅଁର ଫୁଲ ପ୍ରେମ ନୁହେଁ ଦୈହିକ ପ୍ରେମ
ଏମାନଙ୍କ ପ୍ରେମ ଯେ ଶାଶ୍ୱତ ଚିରନ୍ତନ। (୧୧)

# ସଂଧ୍ୟା ଆସେ

◆ ପ୍ରବୀଣା ମଲ୍ଲିକ

ଅସ୍ତଗାମୀ ସବିତାର ସୁନେଲି କିରଣ
ଯେତେବେଳେ ପୃଥିବୀ ବକ୍ଷରେ ପଡ଼େ
ଧରଣୀ ବକ୍ଷକୁ ଆବର କରେ
ସେହି ମନୋରମ ଗୋଧୂଳି ବେଳାରେ ।

ଗାଈ ଫେରେ ଗୋଠରୁ
ପକ୍ଷୀ ଫେରେ ନୀଡ଼କୁ
ନିଜ କର୍ମ ସାରି ସଭିଏଁ ବାହୁଡ଼ନ୍ତି ଘରକୁ ।

ସୁନ୍ଦର ଦିନକୁ ବିଦାୟ ଦେଇ
ସଂଧ୍ୟା ନବବଧୂ ପରି ଆସେ
ମଧୁର ପବନ ଉପହାର ଦେଇ
ସଭିଙ୍କ ମନ ହରଷେ ।

ମନ୍ଦିରରେ ଶୁଭେ ଶଙ୍ଖ ଘଣ୍ଟା ଧ୍ୱନି
ପୂଜାରୀଙ୍କ ସେହି ଆଳତି
ଟୁଙ୍ଗୀ ଭାଗବତ ଶୁଣିବାକୁ ପଦେ
ପାଦ ରହିଯାଏ ଅଟକି ।

ହାତେ ଦୀପ ଧରି ଘରର ଘରଣୀ
ସ୍ୱାଗତ କରେ ସଂଧ୍ୟାକୁ
ବୁଢ଼ୀମା କଣ୍ଠେ ଗୀତାର ଶ୍ଲୋକ
ଆକର୍ଷିତ କରେ ମନକୁ ।

ଦୀପ ଧୂପ ଝୁଣା ଦେଇ ଠାକୁରଙ୍କ ପାଶେ
ସଦାବେଳେ ମା' ସୁଖ ମନାସେ
ମୋ ପିଲାଙ୍କୁ ଘଣ୍ଟ ଘୋଡାଇ ରଖିଥା
ଦୁଃଖ ମୋର କେବେ ନଆସୁ ପାଶେ ।

ଖେଳବୁଲା ସାରି ଗୋଡ଼ହାତ ଧୋଇ
କୁନି କୁନି ପିଲାମାନେ
ତୁନି ତୁନି କଣ୍ଠେ ପ୍ରାର୍ଥନା ସ୍ୱର
ବୋଲିଥାନ୍ତି ନିତିଦିନେ ।

ସୁନୀଳ ଆକାଶ ଛାତିରେ
ତୋଫା ଜହ୍ନ ଆସେ ଉଇଁ ଉଇଁ
ଅନ୍ଧାର ରାତିରେ ସାରା ଦୁନିଆରେ
ଜୋଛନା ଦିଏ ବିଛେଇ ।

ଦିବସର ସେହି କଳି କୋଳାହଳ
ମନରୁ ଯାଏ ପାସୋରି
ଶୀତଳ ଶାନ୍ତିର ପରଶ ଦେଇ
ରାତି ଆସେ ଅବତରୀ ।

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

# କାଗଜ କାନ୍ହୁ

◆ ବନସ୍ମିତା ନାୟକ

ବ୍ୟସ୍ତ ହଅନି ତୁ ବିବ୍ରତ ବି
କାଳେ ମୋ ଆଞ୍ଜୁଳାଏ ସ୍ମୃତି
ତୋତେ ଅଣନିଶ୍ୱାସୀ କରିଦବ
ସେଇ ଡରରେ ତୁ ରାତି କାଟନି....
ମୁଁ ତୋ ପାଖେ କିଛି ବି ସ୍ମୃତି ଛାଡ଼ି ଆସିବିନି
ତୋ ମନ ଆଉ ମସ୍ତିଷ୍କକୁ ହାଲ୍‌କା କରିବା ପାଇଁ
ବରଂ ତୋ ଠୁ ସବୁତକ ସ୍ମୃତି ଚିପୁଡ଼ି ଆଣିବି...
ତୁ ଚିରିଦେ ସେ କାଗଜ
ଲିଭେଇ ଦେ ସେଥିରେ ଲେଖାଥିବା
କାଲି ସତ ପରି ମନେ ହେଉଥିବା
ଆଜିର ମିଛ କାହାଣୀକୁ
ମୁଁ ଭୁଲିଯାଇଛି ସବୁ
ବାସ୍ ମନେରଖିଛି ଏତିକି
ତୁ ସ୍ୱପ୍ନପରି ଆସିଲୁ
କୁଟା କାଠି ଦେଇ ମାଟି କାହ୍ନୁର ଘର ସଜାଡ଼ିଲୁ
ଦିନ, ରାତି, ସଞ୍ଜ ଓ ସକାଳର ଅମୂଲ୍ୟ ସମୟକୁ
ଶାଗ, ମାଛ ଦରରେ ବିକିଦେଇ
ମୁଁ ସେ ମାଟି କାହ୍ନୁରେ ରଂଗ ବୋଳିଲି
ମୁରୁଜ କାଟିଲି
ଝୋଟି ଆଙ୍କିଲି
ହେଲେ ସେଦିନ
ସେଦିନ ଅନ୍ଧାର ରାତି ଥିଲା
ନା...ନା....,
ବୋଧେ ଜହ୍ନ ରାତି ମୋର
ଠିକ୍ ସେ ମନେ ନାହିଁ
ମୁଁ ନିଦରୁ ଉଠି ତୁ ତିଆରି ଥିବା
ଘର ଆଡ଼କୁ ଚାହିଁଲି
ତୁ ଦିଆସିଲିଟିଏ ମାଗୁଥିଲୁ ମାଟି କାହ୍ନୁକୁ
କାହ୍ନୁ ଜଳୁଥିଲା।
ମୁଁ ଦେଖିଲି....
ଜାଳିବାରେ ତୋର ଆନନ୍ଦ ବୋଲି ସେଦିନ ଜାଣିଲି
ମୁଁ ନିଦରୁ ଧୀରେ ଧୀରେ ଫେରି ଆସିଲି
ମୋ ଦିନ, ମୋ ରାତି, ସଞ୍ଜ ଓ ସକାଳ ପାଖକୁ
ଯାହାକୁ ମୁଁ ତୋତେ ଦେଇଥିଲି।

କଳାଭୂଷଣ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ମୋ: ୯୪୩୮୪୪୯୯୩୧

# ସ୍ମୃତି

◆ ଅନ୍ୱେଷା ମହାପାତ୍ର

ସ୍ମୃତି ଯେ ଏମିତି ନୁହେଁ ଭୁଲିବାର
ନୁହେଁ ଫିଙ୍ଗିବାର, ନୁହେଁ ତୋଳିବାର।

ସ୍ମୃତି ଆସିଗଲେ ଆସିଯାଏ କୋହ
ଆଉ କେବେ ଲାଗେ ଭାରି ମୋହ ମୋହ।

ସ୍ମୃତିରେ ଟିକକ ଏତେ ଯେ ମହତ
ଜୀବନଟା ଲାଗେ ସ୍ମୃତିର ଆୟତ୍ତ।

ବଂଚିଛି ମଣିଷ ସେ ସ୍ମୃତିକୁ ନେଇ
ଯିବ ବି ମଣିଷ ସେ ସ୍ମୃତିକୁ ନେଇ।

ସ୍ମୃତିର ନୌକା ଅଛି କହିବାର
ବାହିଦେଲେ ଯାଏ ଅନେକ ଦୂର।

ଆଜିବି ସେ ସ୍ମୃତି ରହିଛି ରହିବ
ରହିଥିବ ସେ ସ୍ମୃତି ଯୁଗଯୁଗର।

ଷଷ୍ଠ ବର୍ଷ, ଉତ୍କଳ ବିଶ୍ୱବିଦ୍ୟାଳୟ

# ଇତର ମଣିଷ

◆ ହରିପ୍ରିୟା ପାତ୍ର

ମଣିଷ ଜୀବନ ଭେଳିକି ଭେଳି
ଆଜି ଯେ ସାହେବ କାଲି ଭିକାରି।
ଭଲ ବେଳେ ସିଏ ସ୍ୱର୍ଗ ପାଖରେ
ଦୁର୍ଦ୍ଦିନ ଆସିଲେ ନର୍କ ଗାତରେ।
ବେଳଥିଲା ବେଳେ ସେ ଦୁନିଆ ରାଜା
ଅବେଳ ଆସିଲେ ସେ ନିଜେ ପରଜା।
କେବେ ହାତ ଧୁଏ ଭାତଥାଳିରେ
କେବେ ଭୋକ ମେଣ୍ଟେ ଅଇଁଠା ପତର ବଳେ।
ବେଳଯାଏ କେବେ ଶୁଟ୍‌ବୁଟ୍‌ରେ
କେବେ ଲାଜ ଲୁଚେ ଛିଣ୍ଡା ଧୋତିରେ।
କେବେ ହୁଏ ସାରା ପୃଥିବୀ ଘର
କେବେ ଖୋଜେ ଏକ ଆଶ୍ରୟସ୍ଥଳ।
ନଥାଏ ଆସ୍ଥା ତା ନିଜ ଜୀବନେ
ନିଜକୁ ମହୀର ରାଜନ ଭାବେ।
ବୋଲାଇ ନିଜକୁ ଉତ୍ତମ ଜୀବ
ଭୟ ଥାଏ କାଳେ ଜୀବନ ଯିବ।
ବିଚିତ୍ର ମଣିଷ ମନ କଳ୍ପନା
ନୁହେଁ କି ନିଜ ସହିତ ଛଳନା
ଯେତେ ସୁଖ ଆଉ ଦୁଃଖର କଥା
ସବୁବେଳେ ବୋଝ ମୁଣ୍ଡରେ ଚିନ୍ତା
ଶୁଣେନାହିଁ କେବେ ବୁଝେନାହିଁ କେବେ
ନିଜ ହୃଦୟର ଅନ୍ତର ବାର୍ତ୍ତା।
ପାସୋରିବ ଯେବେ ନିଜ ଛଳନା
ନିକଟୁ ଦେଖିବ ନିଜ କଳ୍ପନା
ମଣିଷଟି ଅତି ଇତର ଜୀବ
ଭିତର କଥାକୁ କେବେ ବୁଝିବ ?

ଷଷ୍ଠବର୍ଷ, ସ୍ନାତକୋତ୍ତର ରସାୟନ ବିଜ୍ଞାନ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

# ଏମିତି ଫୁଲ

◆ ମମତା ମଞ୍ଜରୀ ନାୟକ

ମୁଁ ଏମିତି ଫୁଲ ହେବାକୁ ଚାହେଁନା
ଯେଉଁ ଫୁଲ ଦେବତାଙ୍କ ଚରଣେ ଲାଗେ ନାହିଁ।
ମୁଁ ଏମିତି ଫୁଲ ହେବାକୁ ଚାହେଁନା
ଯେଉଁ ଫୁଲରେ ମଧୁ ନାହିଁ।
ମୁଁ ଏମିତି ଫୁଲ ହେବାକୁ ଚାହେଁନା
ଯେଉଁ ଫୁଲରେ ବାସ୍ନା ନାହିଁ।
ମୁଁ ଏମିତି ଫୁଲ ହେବାକୁ ଚାହେଁନା
ଯେଉଁ ଫୁଲ ରାତିରେ ଫୁଟି
ସକାଳେ ଝଡ଼ିଯିବା ପାଇଁ।
ମୁଁ ଏମିତି ଫୁଲ ହେବାକୁ ଚାହେଁ
ଯେଉଁ ଫୁଲ ଠାକୁରଙ୍କ ଚରଣେ ପୂଜା ପାଇଥିବ।
ଯାହାର ମଧୁଥିବ, ବାସ୍ନାଥିବ
ସଭିଙ୍କୁ ଆନନ୍ଦରେ ଆନନ୍ଦିତ କରୁଥିବ।
ଯିଏ ରାତିରେ ଫୁଟି
ସକାଳର ସୂରୁଜକୁ ଦେଖୁଥିବ।
ଧରାପୃଷ୍ଠର ସବୁଜିମାକୁ ଦେଖିଥିବ
ଅନୁଭବ କରି ଆନନ୍ଦରେ ଆନନ୍ଦିତ ହେଉଥିବ।
ମୁଁ ଏମିତି ଫୁଲ ହେବାକୁ ଚାହେଁ।

ପଞ୍ଚମ ବର୍ଷ, ସ୍ନାତକୋତ୍ତର ଓଡ଼ିଆ
ଭାଷା ସାହିତ୍ୟ ବିଭାଗ

# ଅପୂର୍ଣ୍ଣ ସ୍ୱପ୍ନ

◆ **ଶଶିଭୂଷଣ ଯେନା**

ସ୍କୁଲ ଛୁଟି ପରେ, ଏକାନ୍ତରେ
ବସିଥିଲି ନିଜ ଘର ଝରକା ପାଖରେ ।
ଦେଖୁଥିଲି କୁନି ଚଢ଼େଇକୁ, ସେ
ନିଜ ଇଚ୍ଛାର ମାଲିକ, ଖେଳୁଛି
ବୁଲୁଛି, କିଚିରି ମିଚିରି କରି
ଗଗନ ପବନ କମ୍ପାଉଛି ।
ହେଲେ ମୁଁ ପରାଧୀନ
ଖେଳିବା ପାଇଁ ସମୟ ନାହିଁ
ମା' କହିଗଲା, ଧନରେ....
ଖାଇ ସାରିଲୁଣି, ନିଜ ବହିଖାତା
ସଜାଡ଼ି ନେ, ଆସନ୍ତାକାଲି ପାଇଁ ।
ଦେଖୁଥିଲି, ସାମ୍ନାରେ ପ୍ରିୟ ଖେଳନା ସବୁ
ହେଲେ ଖେଳିପାରୁ ନଥିଲି ।
ମୋ ନିଜ ଇଚ୍ଛାର ମାଲିକ ନୁହେଁ ମୁଁ ।
ରୁଟିନ୍ ବନ୍ଧା ଜୀବନରେ
ଖେଳର ଆୟୁଷ ଖୁବ୍ କମ୍
ଗୋଧୂଳି ଯାଇ ରଜନୀ ମଧ୍ୟ ପାଇଲା
ପ୍ରଭାତୁ ଚଢ଼େଇ ମନ ଖୁସିରେ
ମୁକ୍ତାକାଶେ ଘୁରି ବୁଲିଲା ।
ବସିଥିଲି ସେଇ ପଢ଼ା ପଖେ
ସ୍କୁଲ ବେଳ ହେଲା, ମା'କୁ କହିଲି
ମୋ'ର ଯେବେ ଶେଷ ହେବ ପାଠ
ମୁଁ ବହୁତ ଖେଳିବି,
ଖେଳଛଡ଼ା ମୋଟେ କରିବନି ।

ପଞ୍ଚମ ବର୍ଷ, ସ୍ନାତକୋତ୍ତର ଓଡ଼ିଆ
ଭାଷା ସାହିତ୍ୟ ବିଭାଗ



# ଅଭିଳାଷ

◆ **କଳ୍ପନା ରାଉତ**

ଜୀବନରେ କିଛି ଲୋଡ଼ାନାହିଁ
ପ୍ରଭୁ ତୁମେ ଯଦି ପାଖେ ଥାଅ
ଲୀନ ହୋଇଯିବି ମାୟା ବନ୍ଧନରୁ
ଫେଡ଼ିଯିବ ଦୁଃଖ ଭଜ ସଂସାରରୁ
ପ୍ରଭୁ ଏତିକି କରୁଣା କରୁଥାଅ
ଫୁଲ ପରି ଛୋଟ ପ୍ରାଣଟିଏ ମୋର
ନ ପକାଅ ହାତେ ଦଳି
ପ୍ରାଣ ସଙ୍ଗେ ଫୁଲ ମହକ ମାଗୁଛି
ଦିଅ ଅନ୍ତର ଖୋଲି ।
ଫୁଲପରି ଗଢ଼ିଦିଅ ମୋତେ
ରହିବି ତୁମରି ପାଦେ
ଫୁଲର ପ୍ରାଣରେ, ସମସ୍ତ ବେଦନା
ଜଣାଇବି ତୁମ ପାଶେ ॥

ଷଷ୍ଠ ବର୍ଷ,
ସ୍ନାତକୋତ୍ତର ଓଡ଼ିଆ ଭାଷା ସାହିତ୍ୟ ବିଭାଗ

# ଜୀବନ ସଳିତା

◆ ସୁଶ୍ରୀ ମଞ୍ଜୁଳା କର

ଜୀବନ ସଳିତା ସରି ସରି ଆସେ
ଆଉ ବା ସେ କେତେକାଳ
ଝଲକା ପବନେ ଲିଭିଯିବ କେବେ
ନେଇ ଯିବ ସବୁ କାନ୍ଦ।　　।୦।

ଏ କ୍ଷଣ ଭଙ୍ଗୁର ମୋହ ମାୟା ଭରା
ସଂସାର ବଡ ବିଷମ,
ଶ୍ରୀଚରଣେ ଯଦି ଶରଣ ପାଇବୁ
ଜୀବନ ହୋଇବ ଧନ୍ୟ।
ଭବସିନ୍ଧୁ ପାର ହେବୁ ମନ ଭାବୁ
ନାମକୁ ତୁ କର ଜୀବନ ସଳିତା ।୧।

ଶ୍ରୀରଙ୍ଗା ଚରଣେ ହୋଇ ସମର୍ପଣ
ଛାଡ ମୋହ ମାୟା ମନ
ଅନ୍ତରେ ବାହାରେ ସର୍ବମୟ ହରି
ସଦା ଦେଖୁ ତୋ ନୟନ
ତାଙ୍କରି ସେବାରେ ରହି ନିରନ୍ତର
ବିତାଅ ଜୀବନ କାଳ ଜୀବନ ସଳିତା।୨।

କ୍ୱାଟର - ଏଫ୍ / ୩୩
ବାଣୀବିହାର, ଭୁବନେଶ୍ୱର



# ଜୀବନ ସମ୍ମାନ

◆ ମୋନାଲିସା ବାରିକ

କେଡେ ଏ ବିଚିତ୍ର ଦୁନିଆ
କରେ ତାକୁ ଅପମାନ,
ସବୁ ସହି ପଡି ଉଠି ସିଏ
ଗଢୁଛି ତା'ର ସମ୍ମାନ　　।୧।

ମାଆ ଗର୍ଭରେ ରହିବା ଦିନରୁ
ସହି ଚାଲେ ନିର୍ଯ୍ୟାତନା,
କେବେ ସେ ବଞ୍ଚିବ ସ୍ୱାଧୀନ ହୋଇ
ନାହିଁ କିଛି ଆଶ୍ୱାସନା　　।୨।

ପୁଅଟିଏ ପାଇବା ଆଶାରେ
କରନାହିଁ ତାକୁ ହତ୍ୟା
ସବୁ ଦୁଃଖ ଯନ୍ତ୍ରଣା ଗହନେ
ଆଜି ସେ ଜଗତଜିତା　　।୩।

ସରଳ କୋମଳ ପୁଷ୍ପଟିଏ କନ୍ୟା
ବଞ୍ଚିବାକୁ ତାକୁ ଦିଅ
ତା'ର ସେ ସୁନ୍ଦର ସୁରଭି ମଧ୍ୟରେ
ଜଗତ କମ୍ପାଇ ଦିଅ　　।୪।

୫ମ ବର୍ଷ, ସ୍ନାତକୋତ୍ତର
ଓଡିଆ ଭାଷା ଓ ସାହିତ୍ୟ ବିଭାଗ

# ଜୀବନର ମୂଳ

◆ ବ୍ରହ୍ମାନନ୍ଦ ମହନ୍ତ

ନିଜ ସ୍ୱାର୍ଥ ପାଇଁ ଅବକାଶ କାହିଁ
କର୍ମମୟ ଦୁନିଆରେ
ସମୟର ସ୍ରୋତ ଶେଷ ହେବ ଦିନେ
ଶୋଇବା ମହାନିଦ୍ରାରେ ।
ଦିନଟିଏ ଗଲେ ସାରା ଆୟୂଷରୁ
ଦିନଟିଏ କଟେ ପରି
କେଉଁ ମୁହୂର୍ତ୍ତରେ ଯାଇପାରେ ଚାଲି
ଆତ୍ମା ଏ ଶରୀର ଛାଡି ।।

ବିସ୍ତୀର୍ଣ୍ଣ ଶରୀରେ ନିଶ୍ଚିହ୍ନ ଆତ୍ମାର
କିଛି ବି ସମ୍ପର୍କ ନାହିଁ
ଧନ, ଯୌବନରେ ଗର୍ବ କି କରିବି
ଏ କ୍ଷୁଣ୍ଣ ଶରୀର ପାଇଁ !
ଧର୍ମର ରକତ ସତ୍ୟର ଶପଥ
ଦେହେ ଯଦି ବୋହୁନାହିଁ
ମାନବିକତାର ମାନବ ଜନ୍ମର
ମୂଳ ବୋଲି କିଛି ନାହିଁ ।।

ସାମୟିକ ସୁଖ ଏହି ଉପଭୋଗ
ଅଶାନ୍ତିର ଦୂତ ସେହି
ସୁଖ ସରିଯାଏ ସମୟ ସହିତ
ପାପ କିନ୍ତୁ ସରେ ନାହିଁ
ହେଉ ପଶୁ ପକ୍ଷୀ କୀଟ କି ପତଙ୍ଗ
ଯାହା ପାଖେ ଅଛି ପ୍ରାଣ
ଖାଦ୍ୟ ଭୋଗ ଧନ ସୁଖକୁ ଯୌବନ
ମିଥ୍ୟା ଭୋଗେ ତାର ମନ ।।



ଶ୍ରେଷ୍ଠ ପ୍ରାଣୀ ବୋଲି କିପରି କହିବି
କର୍ମ କଲେ ପଶୁଭଳି
ସତ୍ୟକୁ ଜୀବନେ ମିଥ୍ୟା ଭୋଗେ ଧାଇଁ
ପାପ କୂଳେ ଯାଇ ଢଳି ।।

ମାନବ ଜୀବନେ ଦୂର କରିଦେଇ
ସେହି ପାଶବ ପ୍ରବୃତ୍ତି
ନିଜ ସୁଖ ବାଣ୍ଟି ଦୁଃଖୀ ସେବା କରି
ପୁଣ୍ୟ ଅରଜିବି ନିତି
ଜନ୍ମ ନୁହେଁ ଖାଲି ସ୍ୱାର୍ଥରକ୍ଷା ପାଇଁ
ଦେହସୁଖ ଆଦରିବି
କରି ଗୁରୁ ପୂଜା ଦୁଃଖୀଙ୍କର ସେବା
ମୂଳ ମୋର ଦେଖାଇବି ।

ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ବିଭାଗ,
ବାଣୀ ବିହାର

# ଏଇତ ଜୀବନ

◆ ସନ୍ତୋଷ କୁମାର ଜେନା

ଏଇତ ଜୀବନ
ଆଦୌ ସ୍ଥିର ନୁହେଁ
ଠିକ୍ ଋତୁ ମାନଙ୍କ ପରି ପରିବର୍ତ୍ତନ
ଅଙ୍କାବଙ୍କା ନଦୀପରି ଗତିଶୀଳ।
ଗ୍ରୀଷ୍ମର ଅସହାୟ, ବର୍ଷାର ତାଣ୍ଡବ,
ଶୀତର ଶୁଷ୍କତା, ପୁଣି ବସନ୍ତର ରୋମାଞ୍ଚକତା,
ଏଠି କେବେ ଲୁହ ଝରେ ସମ୍ପର୍କକୁ ନେଇ
ଏଠି କେବେ ଲହୁ ଝରେ ସ୍ମୃତିକୁ ସାଇତି ଦେଇ,
ଠିକ୍ ଭଙ୍ଗା ଗଢା ହୃଦୟଟେ ପରି
ଖରାରେ ତାତୁଥିବା ମାଟି, ବର୍ଷାର ପରଶରେ ଭିଜେ,
ଦ୍ୱନ୍ଦ୍ୱରେ ଥିବା ମଣିଷ
ସମାଧାନ ମିଳିଲେ ଖୁସିରେ ହସେ,
ଶୀତରେ ଝଡିଥିବା ପତ୍ର ବସନ୍ତରେ ନୂଆ କଅଁଳେ,
ମଉଳି ଯାଇଥିବା ଆଶା,
ପୁଣି କାକର ବିନ୍ଦୁ ପରି ଚମକିଉଠେ।

ଏଇତ ଜୀବନ
ଦୁଃଖ ପାଇଁ ସୁଖ, ସୁଖ ପାଇଁ ଦୁଃଖ
ଏଠି କିଛି ସ୍ଥିର ନୁହେଁ, ଜୀବନର ଚଲାବାଟେ,
ନିଜ ଲୁହ ନିଜେ ପିଇବାକୁ ହୁଏ,
ବାଲିଘର ଗଢି ଭାଙ୍ଗିବାକୁ ହୁଏ,
ମିଛ ମାୟା ରଙ୍ଗମଞ୍ଚେ ଅଭିନେତା ସାଜି।
ଏଠି କେହି ନୁହେଁ କାହାର,
ସଭିଙ୍କ ପାଇଁ ସବୁ ସମୟ ଲାଗେ ସମାନ,
ଏଇତ ଜୀବନ, ଭଙ୍ଗାଗଢା ଜୀବନ।

ସ୍ନାତକୋତ୍ତର ଓଡ଼ିଆ ଭାଷା
ଓ ସାହିତ୍ୟ ବିଭାଗ (କଳା ଭୂଷଣ)

# ଏ ଜୀବନ

◆ ଆଶାଜ୍ୟୋତି ଦାସ

ଏ ଜୀବନ ନୁହେଁ ବାଲିଘରଟିଏ
ଖେଳି ପୁଣି ଭାଙ୍ଗିଦେବ,
ଏ ଜୀବନ ନୁହେଁ ଫୁଲ କଢିଟିଏ
ଫୁଟି ଉଠି ମଉଳି ପଡିବ।
ଏ ଜୀବନ ନୁହେଁ ଖେଳାଳିର ଖେଳ
ବାଜି ମାରି ଜିତାପଟ ହେବ,
ଏ ଜୀବନ ନୁହେଁ ମାୟା ମରିଚିକା
ପଛେ ପଛେ ଧାପୁଡାଇ ଦେବ।
ଏ ଜୀବନ ସତେ ଜ୍ଞାନର ବର୍ତ୍ତିକା
ଅଜ୍ଞାନ ଅନ୍ଧାର ପୋଛି ଦେବା ପାଇଁ,
ଏ ଜୀବନ ସତେ ଅମୂଲ୍ୟ ସମ୍ପଦ
ଅନ୍ୟକୁ ସହାୟ ହେବା ପାଇଁ।
ଏ ଜୀବନ ଅଟେ ଫଗୁଣର ଫଗୁ
ନିରଙ୍ଗ ପ୍ରାଣରେ ରଙ୍ଗ ଟିକେ ଭରି ଦେବାପାଇଁ।
ଏ ଜୀବନ ଅଟେ ଶ୍ରାବଣର ଧାରା
ଦୁଃଖୀର ମରୁରେ ଜଳ ଟିକେ ଭରିଦେବା ପାଇଁ
ଏ ଜୀବନ ଅଟେ ବସନ୍ତ ମଳୟ
ଚିର ଦିନ ଖୁସି ହେବା ପାଇଁ।
ଜୀବନକୁ ତୁଚ୍ଛ ମଣି ଯିଏ କାର୍ଯ୍ୟ କରେ
ସବୁଦିନ ପ୍ରଶଂସିତ ସମ୍ମାନିତ ହେଉଥାଏ,
ଜଗତରେ କେବଳ ନିଜପାଇଁ ଯିଏ ବଞ୍ଚିଥାଏ
ଜୀବନରେ ସ୍ୱାର୍ଥପର ଚିହ୍ନିତ ହୁଏ ସେହିରେ !

ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

# ଅନ୍ତରଙ୍ଗ ଜୀବନ

◆ ସବିତା ମହାନ୍ତି

ସମୟର ରଥଚକ ତଳେ
ଜୀବନ ଆଜି ବାହୁନି ବାହୁନି କାନ୍ଦେ
କାହିଁକି ଜୀବନ ସ୍ୱାଧୀନ ନୁହେଁ
ସମୟ ଡୋରିରେ ବନ୍ଧା
କାଳ ଛଞ୍ଚାଣଟା ପ୍ରତି ନିମିଷରେ
ଜଗି ରହିଅଛି ଚାହିଁ ଜୀବନ ବଳୟେ
ଏ ମାୟା ରଙ୍ଗମଞ୍ଚେ ଜୀବନ
ପାଲଟିଯାଏ ସଖୀ କଣ୍ଢେଇଟିଏ
ନାଚି ଚାଲିଥାଏ, ନାଚି ଚାଲିଥାଏ
ସମୟର ଇଙ୍ଗିତରେ ।
କାଳର ପ୍ରଳୟ ପ୍ରଭଞ୍ଜନରେ
ସ୍ନେହ, ପ୍ରୀତି, ମମତାର ନାବ ବୁଡିଯାଏ
ସମୟ ରୂପକ ସମୁଦ୍ରର ଅତଳ ଗର୍ଭରେ
ସରେ ଜୀବନ ସମୟବାଟର ବାଟୋଇ ସାଜି ।
ନା ଜୀଇଁବ ! ମୁଠାଏ ସ୍ୱପ୍ନ ନେଇ !
ନା ବଞ୍ଚିବ ସେ ମୁଠାଏ ସ୍ୱପ୍ନ ନେଇ ?
ନା ଜୀଇଁବ ସେ ଆଞ୍ଜୁଳାଏ ହସ ନେଇ,
ନା ଜୀଇବ ସେ ବଞ୍ଚିବାର ନୂତନ ସ୍ପର୍ଦ୍ଧା ନେଇ ।

ପଞ୍ଚମ ବର୍ଷ



# ମାୟାର ଜୀବନ

◆ ବିଜୟ ଲକ୍ଷ୍ମୀ ଭୋଇ

ମଣିଷ ଜୀବନ ସପନଭରା
ଇନ୍ଦ୍ରଧନୁର ରଙ୍ଗ ପର,
ଥରେ ଲିଭିଗଲେ ସେଇ ରଙ୍ଗ
ଆଉ ତ ଝଟକେ ନାହିଁ ।
ଦେହ ତ ମାଟିରେ ଗଢା
କେତେବେଳେ ଯିବ ଭାଙ୍ଗି,
ହୃଦୟ ଭିତର ସପନ ସବୁ
ଚିର ଦିନ ଯିବ ଲିଭି ।
ସବୁ ବାକୀ ତାର ଦେଇଛି ଶୁଝି ମୁଁ
ଦେଇଥିଲା ଯାହା ବରଷରେ
ଛାଇ ଆଲୁଅର ଖେଳ,
ମଣିଷ ଖେଳୁଛି ଆଜି ।
ମିଛ ମାୟା ଏ ସଂସାରେ
କିଏ ବା କାହାର ଏଠି ?
ସମୟ ହାତରେ ସବୁ ବନ୍ଧା ହୋଇଛି,
ମଣିଷ ତ ବୁଝି ପାରୁନି,
କେମିତି ତୋଳିବ ନିଜକୁ
ଅନ୍ୟକୁ ଅନାଇଁ ରହିଛି ।
ନିଜକୁ ବୁଝିବା ପାଇଁ
ଶକ୍ତି କି ସମୟ ମିଳୁନି,
ଅନ୍ୟକୁ ବୁଝିବା ପାଇଁ
ମନ ତା ପାଖରେ ନାହିଁ

ବାୟୋଟେକ୍ନୋଲଜି ବିଭାଗ,
ବାଣୀବିହାର

# ଓଡିଆ

◆ ଦେବାଶିଷ ମହାପାତ୍ର

।। ଏକ ।।

କେଜିଠାରୁ ପିଜି
ପଢିଲେ ଇଂରାଜୀ
ଓଡିଆକୁ ମାରି ଗୋଇଠା !
ଓଡିଆକୁ ଭାବି
ବାସି ପାଉଁରୁଟି
ଇଂରାଜୀ ପନିର ପରଠା !
ଏମିତିକା ଆମେ ନିଲଠା
କଂସାବାସନରେ
ଘିଅଅନ୍ନ ଛାଡି
ଅଣ୍ଡାଲୁଛୁ ଅନ୍ୟ ଅଇଁଠା !!

। ଦୁଇ ।।

ପଞ୍ଚମରେ ଆମେ
ପଢିଥିଲେ ଏଇ
ଇଂରାଜୀ !
ସେ ଇଂରାଜୀ ପଢି
ଦେଶ ବିଦେଶରେ
ମାରିଲେ ବି କେତେ
ବାଜି !
ହେଲେ କଣ ହେଇଚି ଆଜି ?
ଘରେ ଓ ବାହାରେ
ଓଡିଆ ଅଡୁଆ
ମଞ୍ଚରେ ଖାଲି
ଚାଲିଛି ଭାଷଣବାଜି !!

ବିଜୟ ଭବନ, ୧୫୮୮,
କେଉଟସାହିଛକ, ଭୁବନେଶ୍ୱର-୨
ମୋବାଇଲ୍ - ୮୭୬୩୫୦୪୪୩୫

# ଭୟ

◆ ଆଲୋକ ରଞ୍ଜନ ଷଡ଼ଙ୍ଗୀ

ସେଇ ପର୍ବତର ଶୀର୍ଷରେ
ଅଛି କି ଆନନ୍ଦ ?
ମନଭରି ହସିବାର ସୁଖ
ହୃଦୟ ଖୋଲି ଭଲ ପାଇବାର ଭାବ,

ଯିବାକୁ ହେବ,
ଯାଇ ଦେଖିବାକୁ ହେବ,
ହାସଲ କରି ହସିବାକୁ ହେବ,
ଯୁଗଯୁଗର ବିଷାଦମୟ ରଙ୍ଗହୀନ କଳାଧଳା ଜୀବନକୁ
ରଙ୍ଗାଇବାକୁ ହେବ ।

ଆଉ ସେଥିପାଇଁ
କ୍ଷତରେ କ୍ଷତାକ୍ତ, ରକ୍ତରେ ରକ୍ତାକ୍ତ ହେବାକୁ ହେବ,
ଉପରକୁ ଉଠୁ ଉଠୁ ପାଦ ଖସିଗଲେ,
ତଳେ ମୁହଁ ମାଡ଼ି ନାକ ଘସିବାକୁ ହେବ,
ଆଉ ପରିଶେଷରେ ହୁଏତ
ଲକ୍ଷପ୍ରାପ୍ତିର କିଞ୍ଚିତ୍ ସଂଭାବନା ।

ହେଲେ,
ରଚନା କରି କଳ୍ପନାର ସ୍ୱର୍ଗପୁର
ଆପଣାକୁ ଅଭିଷିକ୍ତ କରି
ସ୍ୱର୍ଗ ସିଂହାସନେ,
ଶୀର୍ଷକୁ ଯିବାର ଅଭିନୟ କଲେ,
ସେ ଶୀର୍ଷ ଯଦି ପକ୍ଷୀରାଜ ଘୋଡ଼ା ପରି କାଳ୍ପନିକ ହୁଏ ?
ସେ ଶୀର୍ଷ ଯଦି ମନ୍ଦିରର ଆବଦ୍ଧ କୋଠରୀରେ
ଭଗବାନଙ୍କ ଅସ୍ତିତ୍ୱ ପରି ହୁଏ ?
ସେ ଶୀର୍ଷ ଯଦି ମରୁଭୂମିର ମୃଗତୃଷ୍ଣା ପରି ହୁଏ ?
ତେବେ ଛାତି ଫାଟି ଯିବନିତ,
ଏଇ ଚିରକାଳ ଶୀର୍ଷ ଲୋଭି ମାଟି ମଣିଷର ?

ପଞ୍ଚମ ବର୍ଷ
ସ୍ନାତକୋତ୍ତର ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ

# ନିଆଁ

◆ ଲକ୍ଷ୍ମୀଧର ଦାସ

ଚାରିଆଡ଼େ
ତେଜି ଚାଲିଛି ନିଆଁ
ନିଆଁର ଧାସରେ ପୋଡ଼ି ଯାଉଛି
ସହର, ଦୋକାନ, ବଜାର, ଘରଦ୍ୱାର....
ଏଇ ନିଆଁରେ ଦିନେ ଜଳିଥିଲା କନ୍ଧମାଳ
ଏବେ ଜଳୁଛି ଭଦ୍ରକ.... ॥

ହେଇ ଦେଖ ହୁତ୍ ହୁତ୍ ହୋଇ
ଜଳୁଛି ଭଦ୍ରକ ସହର
ସାଳନ୍ଦୀର ବି ପାଣି ଟୋପେ ନାହିଁ
ଲିଭେଇବାକୁ ନିଆଁର ସନ୍ତ୍ରାସ
ସୁ ସୁ ପବନରେ ଖେଳିଯାଉଛି
ନିଆଁର ଆସ୍ତରଣ ॥

ଭୋଟ ବେପାରି ଦଳେ
ନିଆଁ ଲିଭାଇବା ନାଁରେ
ଢ଼ାଳି ଦିଅନ୍ତି ମହଣ ମହଣ ଘିଅ
ସର୍ବଗ୍ରାସୀ ନିଆଁ ମାଡ଼ିଗଲାଣି
ସମଗ୍ର ସହର
ଚାରିଆଡ଼େ ଅସନ୍ତୋଷର ବାତାବରଣ ॥

ପ୍ରତିଥର ଇଦୁଲ୍‌ଫିତର ଓ ରାମନବମୀରେ
ଏ ନିଆଁ କୁହୁଳେ
କୌଣସି ନା କୌଣସି ବାହାନାରେ
ସବୁଆଡ଼େ ଧୂଆଁମୟ
ସହରବାସୀଙ୍କ ଦୁଃଖ
ଦୂରେଇ ପାରେନା ପ୍ରଶାସନ ॥



ବିଶ୍ୱାସରେ ଭରିଦିଆଗଲା ବିଷ
ଭାଇଚାରାର ସହରରେ ସଇତାନର ସବାର
ମାନବିକତାକୁ କବର ଦେଇ
ଈଶ୍ୱରଙ୍କ ନାମରେ ନରସଂହାର ॥
ନିଆଁ ଓ ଧୂଆଁରେ
ଭାଙ୍ଗିଯାଏ ବିଶ୍ୱାସର ବନ୍ଧ
ଚାରିଆଡ଼େ ପୋଡ଼ା ପାଉଁଶର ସ୍ତୁପ
କଲବଲ ଛଟପଟ ସମଗ୍ର ସହର ॥

ଧୂଆଁର କୁହେଳି ଭିତରୁ
ଭାସିଆସୁଛି କରୁଣ ଚିତ୍କାର
ନିଜ ଆଖିରେ ଚିହ୍ନି ହେଉନି ନିଜର ସହର
ଧର୍ମକୁ ନେଇ କେମିତି ନିଆଯାଏ ପ୍ରତିଶୋଧ
ଏହା ଦେଖି ଡରି ଯାଇଥିବ ଇତିହାସ ॥

ଭଦ୍ରକ !
କେତେଥର ଏମିତି
ବଳିପଡୁଥିବୁ ଧର୍ମର ଯୁଦ୍ଧରେ
ବିଗତ ଛବିଶ ବର୍ଷ ତଳେ ଜଳିଥିଲୁ
ଏବେ ଜଳୁଛୁ
ଏ ସ୍ୱାଧୀନ ଦେଶରେ ॥

# ଆମେ ତ ଭାଗ୍ୟବାନ ପିଲାରେ !

◆ ସୁବୋଧକାନ୍ତ ସ୍ୱାଇଁ

ଜହ୍ନ ରାଇଜର ଜ୍ୟୋତି ଆମେ
ମଧୁ-ଦୀପ୍ତିମୟ ଶଶୀ ।
ଦିବା-ଗଗନର ସୂର୍ଯ୍ୟ ଆମେ
ତଟିନୀର ଜଳ ରାଶି ।।
ମସ୍ତକେ ଆମର ହିମାଳୟ
ରହିଅଛି ଶତ ଗର୍ବେ ।
ଅଭୟ ଦାୟିନୀ ମାତା ସିଏ
ଭାଗ୍ୟବାନ ଆମେ ସର୍ବେ ।।
ବିଚିତ୍ରବର୍ଣ୍ଣା ଜନ୍ମଭୂମି
ଶସ୍ୟ ଶ୍ୟାମଳା ଘେନି ।
ବିଶ୍ୱ-ଦରବାରେ ବିମଣ୍ଡିତା
ଯଶ-କୀର୍ତ୍ତି ପ୍ରଦାୟିନୀ ।।
ଏ ଦେଶେ ଜନମି କେତେ ବୀର
ରଖିଗଲେ ନାମ ତା'ର ।
ପ୍ରାଣ ତେଜି ଶାନ୍ତି ଭରିଦେଲେ
ହୋଇଗଲେ ଅମର ।।
ମହାତମା ଗାନ୍ଧୀ-ସୁଭାଷ ବୋଷ
ନେହେରୁ ଚାଚା ସହ ।
ସୁରେନ୍ଦର ବାଳଗଙ୍ଗାଧର
ବୀର ସନ୍ତାନ ନାହିମହ ।।
କାଶୀ-ବୃନ୍ଦାବନ କୃଷ୍ଣକ୍ଷେତ୍ର
ଦ୍ୱାରିକା ପ୍ରାଙ୍ଗଣ ଆଦି ।
ଉଦ୍‌ଘୋଷଣ କରେ ବିଜୟ ବାନା
ସୁଦୃଢ଼ ସମୃଦ୍ଧି ନେଇ ।।
ଆସ ଆସ ଭାଇ ଏକ ହୋଇ
ପ୍ରାଣୋଦିତ ଐକ୍ୟ ମନ୍ତ୍ରେ ।
ଦେଶ-ମାତୃକାର ନା' ରଖିବା
ଆମେ ତ ଭାଗ୍ୟବାନ୍ ପିଲାରେ ।।

ପଞ୍ଚମ ବର୍ଷ, ସଂସ୍କୃତ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ

# ଧୂଳିର ପରସ୍ତ ଖୋଲି

◆ ପ୍ରୀତିପ୍ରିୟମ୍ୱଦା ପରିଡ଼ା

ସେଇଦିନ ସବୁ ଏବେ କିଆଁ ପଡ଼େ ମନେ
ଉପରେ ଯାହାର ପରସ୍ତ ପରସ୍ତ ଧୂଳି
ତଥାପି ଯାହାର ଛବି ଅଛି ଅମଳିନ
ଯେତେ ଇଚ୍ଛା କଲେ ତାକୁ ପାରୁନି ତ ଭୁଲି ।
ପିଲାଦିନର ସେଇ ଶଢ଼େଇ ଖେଳର ସାଥୀ
ତା'ପରେ ଆସିଲେ ସ୍କୁଲ୍ ସହରେ
ଏକାଠି ପଢ଼ିଲୁ, ଅ, ଆ, କ, ଖ, ଗ
ପଣିକିଆ ଘୋଷା ଯୋଗ ଓ ବିୟୋଗ ଯେତେ
ଗୁଣନ, ହରଣ, ଭାଗଫଳ, ଭାଗଶେଷ
ହଜିଗଲେ ସବୁ ଜୀବନର ଚଲାପଥେ
ରଖିଛନ୍ତି କି ସେ ମନେ ମତେ ଅବଶେଷ
ଗାଇଥିଲୁ ଯେତେ ଏକା ସାଥେ ମିଳି ଗୀତ
ଆହେ ଦୟାମୟ ବିଶ୍ୱ ବିହାରୀଙ୍କୁ ଡାକି
ଆଜି ଏତେକାଳ ଅତିକ୍ରମ କରି ଆସି
ଜୀବନର ଆଉ କେତେ ଦିନ ଅଛି ବାକି ?
ତଥାପି ପଡ଼ନ୍ତି ମନେ ସେଇ ବାଲ୍ୟସାଥୀ
ତାଙ୍କ ସାଥେ ସବୁ ବିତିଗଲା ଯେତେ ସ୍ମୃତି
ଏଇ ଶେଷବେଳେ ସବୁ ଚଳଚ୍ଚିତ୍ର ପରି ଦିଶେ
ମଧୁର ସେ ଦିନ ଅତୀତେ ରହିଛି ପୋତି
ସେମାନେ କି ସବୁ ମନେ କରନ୍ତି ମତେ
କହନ୍ତା କେ ଆଜି ଆସି ମୋର କାନେ କାନେ
ତାପିତ ପରାଣ ସାନ୍ତ୍ୱନା ଲଭନ୍ତା କ୍ଷଣେ
ଜୀବନର ଏଇ ଶେଷ ଅବସର ଦିନେ

ପଞ୍ଚମ ବର୍ଷ, ସଂସ୍କୃତ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ

# ପ୍ରକୃତିର ଉପହାର

◆ **ମାନିନୀ ଆଚାର୍ଯ୍ୟ**



ପବନର ସେହି ଶାନ୍ତିର ସ୍ପର୍ଶ ଦେଇ କି ପାରିବ କେହି ।
ଗଗନର ସେହି ସୌନ୍ଦର୍ଯ୍ୟ ତାରକା ହୋଇ କି ପାରିବ କେହି ॥
ବୃକ୍ଷର ସେହି ଦୟାଶୀଳ ଛାୟା ନ ଦେଇ ପାରିବେ କେହି ।
ଚନ୍ଦ୍ରମାର ସେହି ଶୀତଳ କିରଣ ନ ଦେଇ ପାରିବେ କେହି ॥
ସମୁଦ୍ରର ସେହି ଗଭୀର ଢ଼େଉର ସୌନ୍ଦର୍ଯ୍ୟ ବର୍ଣ୍ଣନା ନାହିଁ ।
ପରିବାର ସୁଖ, ଶାନ୍ତିର ମୁହୂର୍ତ୍ତ ବାହାରେ ତ ମିଳେ ନାହିଁ ॥
ଦେଉଳର ସେହି ପଥର ମୂର୍ତ୍ତିଟି ନିରବେ ରହିବି ଦିଏ ସବୁ କିଛି କହି ।
ମାଆର ମମତା, ବାପାଙ୍କ ସ୍ନେହର କଳନା ତ ଏଠି ନାହିଁ ॥
ଏ ପାଣି, ପବନ, ଓଡ଼ିଶା ସଂସ୍କୃତି ଟେକ ରଖ ଜାତି ଭାଇ ।
ଗର୍ବ ସହକାରେ କହୁଥା ସର୍ବଦା ଏଇ ମାଟିର ସନ୍ତାନ ମୁହିଁ ॥
ମାତୃଭୂମିରେ ପାଦ ଥୋଇ ଦେଲେ ହୃଦୟ କମ୍ପରେ କାହିଁ ।
ଗର୍ବରେ ଖାଲି ହୃଦୟ କୁହେରେ ମୋ ଓଡ଼ିଶା ଭୂମି ଯେ ଏଇ ॥
ପ୍ରକୃତିର ଏହି ଉପହାର ପାଇ ଧନ୍ୟ ହୋଇଅଛି ସେହି ।
ଧନ୍ୟ ଧନ୍ୟ ସେହି ମଣିଷ ଜନ୍ମିଛି ଯେ ଓଡ଼ିଶା ମାଟିରେ ଏଇ ॥

ଏମ୍.ଫାର୍ମ, ଦ୍ୱିତୀୟ ବର୍ଷ

# ଅସମ୍ପୂର୍ଣ୍ଣ ଅଭିଳାଷ

◆ **ରାଜଲକ୍ଷ୍ମୀ ଜେନା**



ସ୍ୱପ୍ନ ଦେଖିନାହିଁ କେବେ ପୂର୍ଣ୍ଣ ଚନ୍ଦ୍ରମାର
ଚିକ୍‌ମିକ୍ ତାରା ଗହଳିରେ ଧପ୍‌ଧପ୍ କୁଆଁ ତାରାରେ
ଆମ୍ଭ ସନ୍ତୁଷ୍ଟ,
ତୃଷ୍ଣା ମୋ ମାଗିନାହିଁ କେବେ ବିସ୍ତୃତ ସାଗର
ଟୋପାଏ ବରଷା ଛିଟା ମୋ ଓଠକୁ ଶୀତଳତା
ଦେବା ପାଇଁ ଯଥେଷ୍ଟ ।
ଆଶା କରିନାହିଁ କେବେ ଦୂର ଆକାଶରେ ଉଡ଼ିବାର
ସୀମା ମୋର ଖାଲି ତୁମ ହୃଦର ପରିସୀମାରେ କେନ୍ଦ୍ରୀଭୂତ
ଗୋଲାପ ସାଜିବାକୁ ଚାହିଁ ନାହିଁ ବଗିଚାର
କେବଳ ଶିଉଳି ସାଜି ପ୍ରେମିକର ପାଦ ସ୍ପର୍ଶ ପାଇବା ଲାଗି ଜୀବିତ
ଗଢ଼ିବାକୁ ଇଚ୍ଛା ନାହିଁ କିମ୍ବଦନ୍ତୀ ପ୍ରେମର
ରଚିବାର ମନଖୋଲି ଏକ ସୁନ୍ଦର ସୃଷ୍ଟି ବିଶ୍ୱାସ, ଭରସା ପ୍ରତିଶ୍ରୁତିର...

ପଞ୍ଚମ ବର୍ଷ, ସ୍ନାତକୋତ୍ତର ଇଂରାଜୀ ବିଭାଗ

# ଅର୍ଥହୀନ ଅଭିପ୍ସା

◆ ସରୋଜ ମହାନନ୍ଦ

ସ୍ନିଗ୍ଧ ଆଲୋକ ମାଧୁର୍ଯ୍ୟ ପଦ୍ମ
ଅପ୍ରସ୍ଫୁଟିତ ସୁମନ
ପ୍ରତିଭାସ ହେବାର ସ୍ୱପ୍ନାକାଂକ୍ଷା
କିନ୍ତୁ.....
କୁହେଳିକା ପରିବେଷ୍ଟିତ ଏ ପରିବେଶ
ଔଜଲ୍ୟ ସ୍ୱପ୍ନର ଅଭିମର୍ଷ
କ୍ଷଣିକରେ ନିର୍ଜନ ତଡ଼ାଗେ
ବିଧ୍ୱସ୍ତ ହେବ ଅନ୍ତାବସ୍ଥା ତା'ର
ଏହା ଜଣା ତାକୁ
ତଥାପି ସ୍ୱପ୍ନ ଦେଖେ
ବଞ୍ôଚ ରହିବାର ବାଟ ଖୋଜେ
ସୌର୍ଯ୍ୟ-ସୁନୀଳିମା ପ୍ରାସାଦ ସୁସଜ୍ଜିତ କାର୍ଯ୍ୟେ ବିବ୍ରତ ସେ
ଦୀପ୍ତିମାନ୍ ଅମ୍ବରସ୍ଥ ଅନଳ ସମ
ଗରୀୟାନ୍ ସେ ସ୍ୱପ୍ନାଭିଳାଷୀ
ଦୁଷ୍ପ୍ରାପ୍ୟ ଏହା ସତ୍ୟ
ତଥାପି ଉଦ୍ଦୀପୀତ ହେବ
ବାମନ ମନର ବୃଥା ପ୍ରୟାସ
ସ୍ୱାର୍ଥପର ସମାଜ
କିଛି ବୁଝେ ନାହିଁ
ଶୋଷଣ କରିବା ଲାଞ୍ଛନା ଦେବା
ପ୍ରତାରଣାକାଶେ ସୁ-ସମର୍ଥ
ଏ ସମ୍ବନ୍ଧେ ଜ୍ଞାପିତ ମନର
ମିଛ ମରୀଚିକାକୁ ଗମନ
ସମୁଦ୍ରର ଉତ୍ତାଳ ତରଙ୍ଗ
ଶୀତଳତା ଭରିଦେବ
ପୁନଶ୍ଚ ଅସୀମ ଅମ୍ବୁ

ପଥ-ଶ୍ରାନ୍ତ କ୍ଳାନ୍ତ ପଥିକର
ତୃଷ୍ଣା ନିବାରଣେ ଅସମର୍ଥ
ଜ୍ଞାତ ପଥିକ
ତଥାପି ସେ ନିଶ୍ଚଳ
ଦଣ୍ଡାୟମାନ
ଅପୂର୍ଣ୍ଣ ଆସ୍ଥାର ସହାୟତାରେ
ତୃଷ୍ଣା ସମ୍ବରଣ ପାଇଁ
ମିଥ୍ୟା-ସମାଜକୁ ଆପଣାର ଭାବି
ନିଷ୍ପାପ ହୃଦୟ ତା'ର
ଆର୍ଦ୍ର ପ୍ଲାବିତ ହୁଏ
ଅସ୍ଥଗିତ ଲୋତକ ଧାରାରେ
ଅପର ପ୍ରଦେଶର ସ୍ୱର୍ଗଗଙ୍ଗା
ଏହା ନିଜସ୍ୱ ନୁହେଁ
ତଥାପି
ପାରିଜାତ ପାଇବାର ଉଚ୍ଚାଭିଳାଷ
ଚଞ୍ଚଳିତ ମନର ବୃଥା ଆବେଗ
କଳିକା ଗହଣେ ଉଡ୍ଡୀୟମାନ୍ ବିହଙ୍ଗ
ଅପ୍ରସ୍ଫୁଟିତ ପ୍ରସୂନ ଗର୍ଭେ
ମଧୁ ପାଇବାର ମିଥ୍ୟା ପ୍ରଳାପ
ସୁବିଦିତ ବିଜ୍ଞ ମନର
ତୁଚ୍ଛ ଏ ଅଧିକାର ସାବ୍ୟସ୍ତ ।
କେମିତିକା ମନ....ଏ ?
ଏ କ'ଣ କିଛି ବୁଝିପାରେ ନାହିଁ ?
ବାସ୍ତବତା ଭିତରେ
ଏ କ'ଣ ବାତୁଳ.... ?
ଯାହା ଅସମ୍ଭବ

ଯାହା ଅପ୍ରାପ୍ୟ
ତା' ପଛରେ ଧାଇଁ ତାକୁ ନିଜର କରି
ତାକୁ ସର୍ବସ୍ୱ ଦେଇ
କ'ଣ ବା ମିଳିବ ତାକୁ ?
ମିଳିବ,......
ଅସହ୍ୟ ଯନ୍ତ୍ରଣା, ଅବାରିତ ଅଶ୍ରୁଧାରା
ଯାହା ଆଣିଦେବ ଜୀବନେ ନୂତନ ଅନୁଭବ
ଅଲଭ୍ୟ ଅପ୍ରାପ୍ୟକୁ ଆପଣାର କରି
ନ ପାଇବାର ସ୍ୱାଦ
ସହିଯିବାର ନିଆରା ଆନନ୍ଦ
ସେହି ପ୍ଳୁତ ପବିତ୍ର
ଦୁଃଖ ବିବର୍ଦ୍ଧିତ
ଆନନ୍ଦର ଅନୁଭବ ହିଁ
ଆଣିଦେବ ସ୍ୱର୍ଗୀୟ ସନ୍ତୋଷ
ସେହି ଅର୍ଥହୀନ ଅଭିସ୍ପାର
ସ୍ୱଗତୋକ୍ତିରେ
ସର୍ବାଙ୍ଗ ଶରୀର ହେବ ପୂତ ପବିତ୍ର
ହୃଦୟ ପ୍ରଦେଶେ ପ୍ରେମ ପ୍ରସୂନ କୁସୁମିତ ହେବ
ଆହ୍ଲାଦ ଦେବ ମଧୁ ସୌରଭରେ

ଏମ୍.ଫିଲ୍, ସଂସ୍କୃତ ବିଭାଗ



# ଜିଦି

◆ ପ୍ରିୟଙ୍କା ନାୟକ

ଜିଦି ଦୁଇଟି ଅକ୍ଷର ମିଶ୍ରିତ
ଗୋଟଏ ଶବ୍ଦ,
କାହାକୁ ଦିଏ ସେ ଅନାଦିତ
କାହାକୁ କରାଏ ବିଷାଦ ॥
ଜିଦି କରି ମଣିଷ ହରାଏ
ନିଜର ହିତାହିତ ଜ୍ଞାନ,
ଜ୍ଞାନୀ ହେଲେ ମଧ୍ୟ ନିଜ ଗୁଣ
ଯୋଗୁଁ ହୁଏ ସେ ଅଜ୍ଞାନ ॥
ଜିଦି ଏମିତି ଗୋଟିଏ ବଦ୍‌ଗୁଣ,
ତା ପାଇଁ ହୁଅନ୍ତି ବହୁ ଲୋକ ହଇରାଣ ॥
ଜିଦି ଯୋଗୁଁ ଅନେକ ସଂଘର୍ଷ
ହୁଏ ଏଠି ବିଚ୍ଛେଦ,
ପୁଣି କେତେବେଳେ ତାପାଇଁ
ଆସେ ଅନେକ ବିପଦ ॥
ଜିଦି ଗୋଟିଏ ମାରାତ୍ମକ ରୋଗ,
ତା ପାଇଁ କେବେ ମଣିଷ ସାଜେ ବୈରାଗ ॥
ଜିଦି ବୋଲି ଜିଦି କର
ନାହିଁ କିଛି କଥା,
ଅତି ଜିଦି ଭଲ ନୁହେଁ
ଦେଇଥାଏ ସର୍ବଦା ଅନ୍ୟକୁ ବ୍ୟଥା ॥

ଷଷ୍ଠ ବର୍ଷ, ସ୍ନାତକୋତ୍ତର ଓଡ଼ିଆ ଭାଷା ଓ
ସାହିତ୍ୟ ବିଭାଗ

# ବଞ୍ଚିବାକୁ ଦିଅ

◆ ଲୋପାମୁଦ୍ରା କର

ମୋତେ ବଞ୍ଚିବାକୁ ଦିଅ;
ଅନ୍ଧାର ରାତିରେ ଖଦ୍ୟୋତର ପରି,
ଅମାବାସ୍ୟାର ପୂର୍ଣ୍ଣିମା ପରି,
ଆରେ, ତୁମେ କ' ଣ ଭାବୁଛ !
ଚାଲିଯିବି ମୁଁ ମାଇଲ୍ ମାଇଲ୍ ଦୂରକୁ,
ନିଃସଙ୍ଗ ପୃଥିବୀକୁ ନିଜର କରି
ନା ଥିବ ଚନ୍ଦ୍ରମା ନା ତା' ର କଳଙ୍କ,
ଖାଲି ଥିବ ରାତିର ଶୀତଳତା,
ବାଲିଘର ତୋଳୁଥିବି ବସି
ନିର୍ଜନ ବେଳାଭୂମିରେ,
ସ୍ୱପ୍ନ ଦେଖିବାକୁ ଗୋଟେ ରାତି ତ ଦିଅ !

ହାତ ଠାରି ଡାକୁଥିବେ, ପ୍ରତିବିମ୍ବ ସହ ବନ୍ଧୁପ୍ରିୟଜନ,
ହାୟଃ, ଭାଗ୍ୟର କି ବିଡମ୍ବନା,
କଷଟି ପଥରର ଏ ଜୀବନ,
ଆଜି ଯିଏ ନିଜର
ତ କାଲି ସିଏ ପର ;

ହେ ଈଶ୍ୱର !
କରିଦିଅ ମୋତେ ବିହଙ୍ଗ
ଉଡିଯିବି ମୁଁ ସୁଦୂର ସାଇବେରିଆ,
ନୀଳବୋଳା ଆକାଶର ବୁକୁ ମଧ୍ୟେ,
ଦେଖ, ଫର୍ଚ୍ଚା ହେଲାଣି,
ଆଗ ମୋତେ ଡେଣା ତ ଦିଅ !
ବାସ୍, କିଛି କ୍ଷଣ ପାଇଁ,
ଦର୍ପଣ ଆଗରେ ନିଜକୁ ସଜାଡିବାକୁ ଦିଅ,
ଭୁଲିଯିବି ନାରୀତ୍ୱର ସେ ଦୁର୍ବଳତାକୁ,
ଠିକ୍ ବର୍ଷାପରର ଇନ୍ଦ୍ରଧନୁ ପରି,
ଆଷାଢର ବର୍ଷା ପରି ମୋତେ ଝରିଯିବାକୁ ଦିଅ,
ବାସ୍, ଏଇ କିଛି ମୁହୂର୍ତ୍ତ ପାଇଁ,
ନିଃଶବ୍ଦ ପୃଥିବୀରେ ଶାନ୍ତିରେ
ବଞ୍ଚିବାକୁ ଦିଅ ।।

# ଅଭୁଲା ସ୍ମୃତି

◆ ସେହଓ୍ୱାନା ୟାସ୍ମିନ

ସ୍ମୃତି ତୁମେ ରହିଥାଅ
ମନର ଅତଳ ସମୁଦ୍ର ତଳେ
ହୁଏତ ବା ମସ୍ତିଷ୍କର ପ୍ରତିଟି ତନ୍ତ୍ରୀରେ
ଲୋକ କହନ୍ତି ତୁମେ ବେଦନାମୟ
କିନ୍ତୁ ମୁଁ କୁହେ ତୁମେ ଆନନ୍ଦମୟ ।

ରୋମାଞ୍ଚିତ ହୁଏ ମୁଁ ସ୍ମୃତିର ଭାରରେ
ସ୍ନାନ କରେ ମୁଁ ତୁମର ନିର୍ମଳ ଜଳରେ
ଇଚ୍ଛାହୁଏ ତୁମକୁ ଧରି
ଭାବିବାକୁ ସୁଖ ଦୁଃଖର ପ୍ରତିଟି ମୁହୂର୍ତ୍ତକୁ
ଭରି ରଖି ଆନନ୍ଦ ଅନୁରାଗକୁ
ମନର ବୀଣାରେ
ଚାହିଁଲେ ମଧ୍ୟ ଭୁଲି ପାରେନା
ସବୁ ଦୁଃଖ ଯେମିତି ଆର୍ତ୍ତନାଦ ହୋଇ
ଅଟକି ଯାଏ ହୃଦୟ ତନ୍ତ୍ରୀରେ
ଭୁଲିବି କିପରି ମୁଁ
ତୁମେ ଯେ ବୋହି ଯାଅ
ମୋ ମନର ନଦୀରେ ଅବିରାମ ଧାରାରେ ।

୫ମ ବର୍ଷ, ସ୍ନାତକୋତ୍ତର
ଓଡିଆ ଭାଷା ଓ ସାହିତ୍ୟ ବିଭାଗ

# ଅଧାଜହ୍ନ

◆ ଗୋପାଳକୃଷ୍ଣ ମହାପାତ୍ର

ଶେଷ ଡିସେମ୍ବରର ଅଳସ ଅପରାହ୍ନରେ
ଦେଖା ପୁଣି କ୍ଲାନ୍ତ ମଲ୍ଲିକା ସହିତ
କେତେ କ୍ଷଣ ଅବା କେତୋଟି ମୁହୂର୍ତ୍ତ
ସମ୍ବଲପୁରୀ ଗୋଲାପୀ ପାଟରେ
ସଯତ୍ନରେ ବନ୍ଦୀ ଥିଲା ତାର ଉଜୁଡ଼ା ଭୂଗୋଳ
ଦିଶୁଥିଲା ଅକ୍ଷୟ ମହାନ୍ତିର ମନ୍ଦନୁହେଁ ଭଳି
ତା ତନୁ ବଲ୍ଲରୀ ଥିଲା, 'କିନ୍ତୁ' ଲଗା ମୁଠାଏ ମଟାଳ।

ଆଜିକାଲି ମଲ୍ଲିକା ଆକାଶେ ଉଡୁଛି
ସ୍ତାବକଙ୍କୁ ଗଳାରେ ବେଷ୍ଟନ କରି
ଚନ୍ଦ୍ରମଲ୍ଲୀ ନାଇ, ଝିଲିମିଲି ତାରା ଦେଖାଉଛି...
ମଥାରେ ସିନ୍ଦୂର ବୋଲି
ମିଛି ମିଛି ସିନ୍ଥି ନାଇ
ଗଜରା ଗଭାକୁ ତାର
ଅଗ୍ନିରେ ପଖାଳି ସତୀତ୍ୱର ଡିଣ୍ଡିମ ପିଛୁଛି...

ମଲ୍ଲିକା ଗୋଟେ ନିବିଡ଼ ଆଶ୍ଳେଷ
ମଧୁମକ୍ଷିକାର ଗୁଂଜରଣ ପରି
ଦିନରାତି ଗୁଂଜରିତ, ଟୁଣ୍ଟାଣ ଶୁଭୁଥିବା
ଲମ୍ବି ଯାଇଥିବା ସଂଧ୍ୟା, ତୁଳୀତଳ୍ପ ଶେଯ ପରେ
ଲୋଟିଥିବା ଉଲଗ୍ନ ପ୍ରଭାତ...

ଡାଳ ପରେ ଡାଳ ଖୋଜି ପାଉଥିବା
ମଲ୍ଲିକା କିନ୍ତୁ ଗୋଟେ ମସ୍ତ ପ୍ରଶ୍ନବାଚୀ
ଅନ୍ୟ କା'ର ଭୂଗୋଳକୁ ଘୋଷିମାଜି
ପାଣିକରି ଦେଇଥିବା ଅହଂକାରୀ ସଚି...

ମଲ୍ଲିକା କେତେବେଳେ ଆସେ
କେତେବେଳଯାଏ, ସେ କେବଳ ଜାଣେ
ନିଃଶବ୍ଦ ଅଭିସାରେ କେତେବେଳେ ମଗ୍ନ ହୁଏ
ଚିତ୍ରିତ ପ୍ରଜାପତିର ଡେଣାରେ ବାରବାର ମୁହଁ ଦେଖୁଥାଏ
ସେ କିନ୍ତୁ ଖବର ରଖେ, ରାତିର, ରତିର
ଅବା ତା ସହ କରିଥିବା ପୁରୁଷର ଗୁପ୍ତ ଅଭିସାର
ନା' ମର୍ତ୍ତ୍ୟରେ ସେ କୁହେଳିର ରାତି !
ନା' ସ୍ୱର୍ଗରେ ସେ ଦିବ୍ୟ ଜଳଧାରା ବନିଥିଲା ସତୀ !!

ସେ ଗୋଟେ ଅଧାଜହ୍ନ
ଗୋଟିଏ ପାଖରେ ତାର
ଗଦାଗଦା କଳଙ୍କର କଳାଦାଗ
ଆଉ ଅଲଗା ପାଖଟା ତାର
ମଉଳା ଗଜରା ଭଳି ମିଛ ଜହ୍ନରାତି...

ଦୂରଦର୍ଶନ ସମାଚାର,
ଭୁବନେଶ୍ୱର



# ନାରୀ

◆ ଦେବାଶିଷ୍ ପ୍ରଧାନ

ଫୁଲ ତା'ର ସ୍ୱରୂପ ଦେଖାଏ, ଯେତେବେଳେ ଝଡ଼େ ତା ପାଖୁଡ଼ା
ନାରୀ ତା'ର ସ୍ୱରୂପ ଦେଖାଏ, ହଜିଗଲେ ନିର୍ଭର ସାହାରା।
ମହମହ ବାସୁଥାଏ ଖିଲିଖିଲି ହସୁଥାଏ, ଯୌବନାରେ ଅଗ୍ନିଶିଖା ପରି
ବୟସଟା ଗଡ଼ିଗଲେ ଅହଂକାର ଭାଂଗିଯାଏ ସତେ କି ! ଉତୁରା କ୍ଷୀରେ ପଡ଼ିଲେ ପାଣି।

ଭଅଁର ଯେ ଆଡ଼ ଆଖେ ଚହେଁ ନାହିଁ, ବାସ୍ନାହୀନ ଶୁଖିଲା ଫୁଲକୁ ଦେଖି
ଶରୀରର ଗର୍ବେ ନାରୀ କେବେ ଚହେଁନି ନିରେଖି
ଦେହେ ତା'ର ଲାଗୁଛି କି କାଦୁଅର ଛିଟା
ଯୌବନରେ ସେ ଦୂରୁ ଦିଶେ ଆଖିକୁ ଯେ ସତେ
ଅବା ମହାସତୀ ହିମାଳୟ ସୁତା।
ଶରୀର ତା ଝଟକଇ ସ୍ୱର୍ଣ୍ଣଲତା ପରି
ହୃଦୟଟା ଲଣ୍ଡାପାହାଡ଼ାର ଖାଲଖମା
ଯତ୍ନ କରି ଯଦି ଦେଖ ଶୁଖିଲା ଫୁଲକୁ
ଧରା ପଡ଼େ ସୌନ୍ଦର୍ଯ୍ୟର କ୍ଷୀଣ ଘୋଡ଼ଣିଟା,
ନିରୋଳାରେ ନାରୀ ଯଦି ପାଏ ପୁରୁଷ ଶରୀର
ମୁହଁରୁଁ ତା ଖସିଯାଏ ସତୀତ୍ୱର ମୁଖା।
ବିଧାତାର ଅଲେଖା ନିୟମ ସମୟର ସ୍ରୋତେ
ଫୁଲ ଯେବେ ହୁଏ ବୃନ୍ତଚ୍ୟୁତ
ଗର୍ବ ଛାଡ଼ି ଫୁଲ ନିଏ ଭୂଇଁର ଆଶ୍ରୟ
କିନ୍ତୁ ବଞ୍ଚିବାକୁ ନାରୀ ଚହେଁ ସନ୍ତାନର ମୁଖ।
କାଳେ ଏହା ଯୋଡ଼ିଦେବ ପତି ସହ ପୋଡ଼ାମନେ
ଦାମ୍ପତ୍ୟର ଭଂଗା ସଂପର୍କକୁ
ମିଳିଯିବ କନା ଆଉ ଆହାରର ଦାନ
ପେଟର ଭୋକକୁ ଅବା ଦେହର ଦାହକୁ
ଏଇ ଆସେ ଚିନ୍ତିତ ହୋଇଣ ନାରୀ ଫୁଲର ଗୁଣକୁ ଛାଡ଼ି ହୋଇଛି ଭ୍ରମର
ଗୋଟାଏ ପୁରୁଷଠାରୁ ଅନ୍ୟ ଏକ ଦେହେ ଲତାପରି ହେଉଛି ଗୋଡ଼ାଇ ଏହି ଯେ ନିୟତି।



# ଲକ୍ଷ୍ମୀ

◆ ଦକ୍ଷିଣେଶ୍ୱର ଜେନା

ବୋଉ,
ଗୋଟେ ଦଳିତ ପରିବାରର
ଝିଅଟିର ହାତ ଧରିଲି ବୋଲି
ତୋ ମନ ଖୁବ୍ ଦୁଃଖ ନା...
କିନ୍ତୁ କହିଲୁ ବୋଉ
ଯେତେବେଳେ ବାପା
ମାସ ମାସ ଧରି
ଡାକ୍ତରଖାନାରେ ପଡ଼ିଥିଲେ
ତାଙ୍କ ପାଖେ ପାଖେ କିଏ ଥିଲା।
ତୋ ଭଙ୍ଗା ଗୋଡ଼ରେ
କିଏ ତତଲା ପାଣିରେ
ସେକ ଦେଉଥିଲା।

ଆଉ କେତେ କ'ଣ ଅଛି
ମୁଁ କହୁନି...
ସେ ବ୍ରାହ୍ମଣ ଘରର
ଭାଉଜଙ୍କୁ ଦେଖିଲୁ
କ'ଣ ନନାଟାକୁ-
ବଢ଼ାଇ ଦେଇଛି ଯେ
ବୁଢ଼ାବୁଢ଼ୀ ଦି'ଟା
ଦାଣ୍ଡପିଣ୍ଡାରେ, ଶୀତରାତିରେ
'ଖ' 'ଖ' ହେଉଛନ୍ତି...।

ବୋଉ ତତେ କୋଟି ମୁଣ୍ଡିଆ ମାରୁଚି ଲୋ... ବୋଉ
ତୋ ଲକ୍ଷ୍ମୀ ପରିକା ବୋହୂକୁ
ଆଉ ଗାଳି ଦିଏନା...
ଆଉ ଗାଳି ଦିଏନା...।

ପ୍ରତ୍ନତତ୍ତ୍ୱ ବିଭାଗ



# ସମୟ

◆ ରତନ କୁମାର ଦିଗଲ

ସମୟ ପରି କେହି ନାହିଁ
କେବେ କାହାକୁ ହସାଏ ତ
କେବେ କାହାକୁ କନ୍ଦାଏ।

କେବେ କାହାର ସବୁ ଲୁଟି ନିଏ ତ
କେବେ କାହା ପାଇଁ ହୀରା ବନିଯାଏ।

କେବେ କାହାର ସ୍ୱପ୍ନର ତାଜମହଲକୁ ଭାଙ୍ଗି
ମୁଠାଏ ପାଉଁଶରେ ପରିଣତ କରିଦିଏ।

ସତରେ କି ବିଚିତ୍ର ଏ ସମୟ ?

ଷଷ୍ଠ ବର୍ଷ,
ସ୍ନାତକୋତ୍ତର ଲୋକ ପ୍ରଶାସନିକ ବିଭାଗ

# ମାମୁଁଘର

◆ ପୂର୍ଣ୍ଣିମା ପରୀକ୍ଷା

ବଞ୍ଚିବାକୁ ହେଲେ ଏଇ ଦୁନିଆ ବୁକୁରେ
ଏକା ଏକା ପଥ ସବୁ ଅତିକ୍ରମ କରିବାକୁ ହୁଏ।
ପାଦ ତ ଚାଲେନା, ତାକୁ ଟାଣିବାକୁ ହୁଏ
ଯୋର୍ କରି ନହେଲେ ବା ସାକୁଲେଇ ଅବା ବହଲେଇ
ପାଦରେ କଣ୍ଟା ବାଜି ଯଦି ରକ୍ତ ବହେ ପ୍ରଥମେ ଟିକିଏ କଷ୍ଟ ହୁଏ
ହେଲେ ଧୀରେ ଧୀରେ ତାହା ମଧ୍ୟ ହୋଇଯାଏ ଦେହସୁହା
କିଛିଦିନ ପରେ ପାଦ ଆଉ ସେ ସବୁକୁ ଖାତିର୍ କରେନା
ଉପାୟ ବା କ'ଣ? ଯିବା ତ ହେବ!
କେବଳ ଆଗକୁ, ପଛକୁ ତ ଫେରି ହେବନି
ଯଦି ଫେରି ହେଉଥାନ୍ତା,
ତାହେଲେ ସେ ଜାଣି ଜାଣି କଣ୍ଟାକୁ ଆଡ଼େଇ
ସଫାସୁତୁରାରେ ପାଦ ରଖନ୍ତା ସିନା
ଆଉ ତାକୁ କଷ୍ଟ ହୁଅନ୍ତାନି।
ଆଘାତ ସହିବାକୁ ହୁଏ ହେଲେ ଲୁହ ଝରେଇବା ମନା
କେହି କ'ଣ ତାକୁ ତାଗିଦ୍ କରିଛି ନ କାନ୍ଦିବା ପାଇଁ
ତା'ତ ନୁହେଁ, ସେ ଭୟଭୀତ ତା'ର ଏ ଅସହାୟତାକୁ
ଆଉ କେହି ଜାଣିଯିବନି ତ,
ସେ ଭୟରେ ଲୁହର ରାସ୍ତାରୋକି ଅକାରଣେ
ମାଙ୍କଡ଼ଙ୍କ ପରି ଦାନ୍ତ ଦେଖାତ,
ଜଣାଯାଏନା ସେ ଖତେଇ ହୁଏ ଅବା ହସୁଥାଏ
ତଥାପି ସେ ଚାଲିଥାଏ, ସ୍ୱଇଚ୍ଛାରେ ନୁହେଁ
କେହି ଜଣେ ତାକୁ କହିଛି ଆଗରେ ତାର ମାମୁଁଘର
ସେ ଚାଲୁନି ତ, ଧାଉଁଛି ଏଇ ନିଶାରେ ଯେ-
ସେଇଠି ପହଞ୍ଚି ସେ ବିଶ୍ରାମ ନେବ...।

# ପ୍ରଶ୍ନ ଖୋଜୁଥିବା ଉତ୍ତର

◆ ଅମ୍ବିକା ସାହୁ

ଦେଖିବା ମାତ୍ରେ
ମୁଁ ପଚାରେ ତୁମକୁ
କେମିତି ଅଛ
ତମେ ହସିଦିଅ
ସେଇ ଏକା ପ୍ରଶ୍ନରୁ ଆରମ୍ଭ କର
କେମିତି ଅଛ?

ସମୟ ବିତିଛି ରଙ୍ଗ ଲିଭିଛି
ଆଶାଭରା ଆକାଶରୁ
ଗୋଧୂଳି ଲଗନେ ମଧୁଭରା ସ୍ମୃତି
ଉଭା ମନ ଫରୁଆରୁ
ତୁମ ସ୍ମୃତି ଆଜି ଭିଜାଏ ବୟସ
ଅପରାହ୍ନ ଆଲୋକରେ
ଆଖି କୋଣେ ଲୁହ ହୁଅଇ ଅଥୟ
କୋହଭରି ପବନରେ।

ସମୟ ଶୋଇଯିବା ପରେ
ନିଜକୁ ପଚାରିଲି ପ୍ରଶ୍ନ
ନିଜେ ହିଁ ତା'ର ଉତ୍ତର ଖୋଜିଲି।

ପଞ୍ଚମ ବର୍ଷ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ବାଣୀବିହାର

# ଲୁଚକାଳି

◆ **ସୁଶାନ୍ତ ଭୁତିଆ**

ଆଉ କ'ଣ ଖେଳିପାରିବି ମୁଁ ଲୁଚକାଳି
ବୋହୂଚୋରୀ, ରଙ୍ଗହୋଲି ତା ସହିତ ରାଜଦୋଳି
ବେଳ ବୁଡ଼ିଲେ ମନେପଡ଼େ କେମିତି ମୁଁ ସାଥିପିଲାଙ୍କ ମେଳରେ
ଖେଳୁଥିଲି ଲୁଚକାଳି ।

ଖେଳିବାକୁ ଏବେ କେହି ନାହିଁ ମୋ ସାଥେ ଲୁଚକାଳି
କୁନି କୁନି ପାଦରେ ନାଲି ଅଳତା, ପାଉଁଜି ପିନ୍ଧା ପାଦଟିକୁ
ଦେଖିବାକୁ ତା ସହିତ ମଥାରେ ଟୋପା ଟୋପା ଚନ୍ଦନ ବିନ୍ଦୁ ମୁଖକୁ
ଦେଖିଲେ ମନେପଡ଼େ ଆଉ କି ଫେରିଆସିବ
ମୋ ପିଲାଦିନର ସେଇ ରଜଦୋଳିରେ ବସି ଝୁଲୁଥିବାର ମଜା
କେତେ ଯେ ସରାଗ ଥାଏ ସାଙ୍ଗ ସାଥି ହୋଇ
ରଙ୍ଗ ବୋଳାବୋଳି ହୋଇ ଖେଳିବାକୁ
ଫଗୁ ରଙ୍ଗରେ ରଙ୍ଗୀନ୍ ହୋଇଯିବାକୁ ସାତରଙ୍ଗରେ ।

ଆଉ କି ଫେରିବ ସେ ପିଲାଦିନର ରଙ୍ଗହୋଲିର
ଲୁଚକାଳିର ଆଉ ରଜଦୋଳିର ମଜା
କାହିଁକିନା ଏ ପିଲାଦିନର ବାଲିଘର ନିମିଷକେ
ଭାଙ୍ଗିଯାଏ, କିନ୍ତୁ ସେ ବାଲିଘରଟାକୁ ତିଆରି କରିବା ପାଇଁ
ପିଲାବେଳେ କେତେ ଯେ ଆଗ୍ରହ ଥାଏ ମନରେ ।
ଜାଣିନଥିଲି ବାଲିଘର କ୍ଷଣକ ପାଇଁ ଖୁସିଦିଏ ମନରେ
ପୁଣି ସମୁଦ୍ରର ଲହଡ଼ି ତାକୁ ଭସାଇଦେଇ ଚାଲିଯାଏ ।
ଏଇ ତ ଜୀବନ ବାଲିଘର ପରି
ଆଇନା ଭାଙ୍ଗିଗଲେ ସମସ୍ତେ ଜାଣିପାରନ୍ତି କିନ୍ତୁ
ମନ ଭାଙ୍ଗିଗଲେ କେହି ଜାଣିପାରନ୍ତି ନାହିଁ ।

ପଞ୍ଚମ ବର୍ଷ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ବାଣୀବିହାର

## ହେ ଉତ୍କଳ !

◆ କରୁଣାକର ସିଂ

ଯେଉଁଠାରେ ମୁଁ ଜନ୍ମ
ସେହିଠାରେ ମୋର ମୃତ୍ୟୁ
ଏହି ଯେ ସେ ଉତ୍କଳ... !

ଯାହାର ବାୟୁ, ଉତ୍ତାପ, ଜଳ, ଅଗ୍ନି
ମାଟିରେ ହୋଇଛି ଛିଡ଼ା
ଗରବେ କହିବି ମୁଁ ଉତ୍କଳୀୟ
ଯାହାର ଫଳ ଓ ଶସ୍ୟ
ଗ୍ରହଣ କରି,
ଜୀବନ ନିର୍ବାହ କରୁଛି
ସେ ହିଁ ତ ଉତ୍କଳ... !

ଯାହା ପିଠିରେ
ଆନନ୍ଦରେ ଭ୍ରମଣ କରେ
ତା'ଠାରୁ ଆଉ କେଉଁ
ସ୍ଥାନ ନାହିଁ
ସେ ହିଁ ତ ଉତ୍କଳ... !

ଯେଉଁ ଦେଶରେ ଗିରି ପର୍ବତ
ଶୋଭା ପାଉଛି
ଖଣିରେ ମୁକ୍ତା ଭରିଛି
ସେ ହିଁ ତ ଉତ୍କଳ... !

ଯେଉଁ ଆକାଶରେ
ଅସଂଖ୍ୟ ନକ୍ଷତ୍ର
ଶୋଭା ପାଉଛି
ନୂତନ ମେଘ ଭାସିଯାଉଛି
ସେ ହିଁ ତ ଉତ୍କଳ... !

ପଞ୍ଚମ ବର୍ଷ



## ଅଶ୍ରୁଲେଖା

◆ ଆରାଧନା ସେଠୀ

ସ୍ନେହ, ପ୍ରେମ, ସ୍ୱପ୍ନ, ସ୍ମୃତି ତ ମୋ ପାଇଁ ରୂପେଲି ପରଦା କଥା ।
ଆତ୍ମୀୟତା ଭିଜା ଶବ୍ଦ ବି ମୋ ପାଇଁ କେବଳ ବହିର ଭାଷା ।

ପାପ ନୁହେଁ ପୁଣ୍ୟ ପାଇଁ ମୁଁ କରୁଛି ପ୍ରାୟଶ୍ଚିତ ଏକା ବସି ।
ମୃତ୍ୟୁଝରିଲାନି ମୁକ୍ତି ଦେଲା ମତେ ଜୀବନ ଦେଉଛି ଫାଶୀ ।

ଅଭିଶପ୍ତ ଏଇ ଜୀବନର ଦିନ ଗଣେ ବସି ଏକା ଏକା ।
ଅତି ଆପଣାର ଅଶ୍ରୁ ଅଗଣାରେ ଲେଖୁଛି ମୋ ଅଶ୍ରୁଲେଖା ॥

ପ୍ରଥମ ବର୍ଷ, ସଂସ୍କୃତ ବିଭାଗ



# ଜାଣିବା ଆସ କାହାକୁ ଚିହ୍ନିବା କେମିତି...

◆ ଶିବରାମ ମହାପାତ୍ର

ରୁଢ଼ିଆ ମୁହଁକୁ ଅଲରା ଚୁଟି
ପାଦରେ ପିନ୍ଧଇ ଖଣ୍ଡିଆ ଚଟି
ସହି ଖରାବର୍ଷା ଶୀତ କାକର
କାନ୍ଧରେ ଧରେ ସେ ରଦି ଚଦର
ରାତିରେ ଯା' ମୂର୍ତ୍ତି ଜଗେ ବଜାର
ମୁଣ୍ଡେ ହଗେ ନୀତି କାଉ ଯାହାର
ସ୍ୱାଧୀନତା ଦେଲା ଦେଶକୁ ସିଏ
ମନ ଦୁଃଖେ କହେ ସଂଗ୍ରାମୀଟିଏ।

ଦେଶ ସଂପତ୍ତି ଲୁଟଇ ଯିଏ
ପୈତୃକ ବୋଲି ଭାବି
ପଥପ୍ରାନ୍ତରେ ନିତି ଯାହାର
ଫିତା କାଟିବା ହବି।

ସିବିଆଇ କି ଭିଜିଲାନ୍ସକୁ
ନଥାଏ ଯା'ର ଭୟ
ମିଡ଼ିଆ ଆଗେ ବାଇଟ୍ ଦିଏ
ଟାଣ କରିଣ ମୁହଁ।

ନିରିବାଚନ ବଇତରଣୀ
ହୋଇଲେ ଥରେ ପାରି
ରାଜସ୍ୱଠାରୁ ଦେବସ୍ୱ ଯାଏଁ
ଖାଏ ସେ ଖୋଳ କରି।
କୁକୁର ମୂତ ମଣେ ଅମୃତ
ନିରିବାଚନ ବେଳେ
ଭାଷଣ କହି ଭୋଟରଙ୍କଠି
ନିଆଁର ତାତି ଜାଳେ।
ଦୁର୍ନୀତିକୁ ଯେ ନୀତି ବୋଲାଏ
କହିଣ ମିଠା କଥା
ବରଷେ ନାହିଁ ପାଞ୍ଚବରଷ
ମିଳେ ନାହିଁ ଯା' ପତ୍ତା।
କୁର୍ତ୍ତା ପଞ୍ଜାବୀ ପିନ୍ଧଇ ସିଏ
ନାଆଁଟି ତା'ର ନେତା।

ମାଟିଆ ପୋଷାକ ଦେହେ ଯା ଶୋଭା
ନେତା ପଛେ ନିତି ଧାଏଁ ସେ ସଭା
ପ୍ରେମିକା ପରି ଯେ ଲୁଟଇ ପର୍ସ
ମିଲ୍ସ ଯାହାର ମଦ ମାଉଁସ
ମାଛ ଖାଏ ଯା'ର ନାଁ ଇଲିସି
ଜାଣିବ ଭାଇଟି ସିଏ ପୋଲିସି।

କରତାଳି ଓ ଫୁଲମାଳରେ
ହୁଏ ଯେ ଭାରି ଖୁସି
ଶ୍ରୋତାଙ୍କ ଠାରୁ ବାଃ ବାଃ ଶୁଣି
ମନ ତା ଯାଏ ଭାସି।
ନିଜ ପକେଟୁ ପଇସା ଦେଇ
ଛପାଉଥାଏ ବହି
ଘରଣୀଙ୍କର ମୁଣ୍ଡଖାଏ ଯେ
କବିତା ଗାଇ ଗାଇ।
ରାତି ଅଧରେ ଆଲୁଅ ଜାଳି
ଲେଖିବା ଯା'ର ହବି
ଜାଣିବ ନିଶ୍ଚେ ସିଏଟି ଜଣେ
ଅତ୍ୟାଧୁନିକ କବି।

ଷଷ୍ଠ ବର୍ଷ, ସାମ୍ବାଦିକତା ଓ
ଗଣଯୋଗାଯୋଗ ବିଭାଗ

# ଝୁମୁକା

◆ ଦିଲ୍ଲୀପ କୁମାର ତ୍ରିପାଠୀ

ଝୁମୁରୁ ଝୁମୁ ଝୁମୁକା
ଝୁମୁକା ଯାଇଛି ନଈକି ଗାଧେଇ
ଆଣିବ ଗୋଟାଏ ଶାମୁକା ।
ଶାମୁକା ପେଟରେ ମୁକୁତା
ମୁକୁତା ମଥାରେ ସିନ୍ଦୂର ଟୋପା ଲୋ
ପାଦରେ ନାଇଚ଼ି ଅଳତା ।
ଅଳତା ଲୋ ଅଳତା
ଅଳତା ଦିନରେ ନାଲି ଟହଟହ
ରାତିରେ ମିଞ୍ଜି ସଳିତା ।
ସଳିତା ମୁହଁରେ ନିଆଁ
ନିଆଁ ଜଳୁଅଛି କାଠ ଚୁଲିଟାରେ
ଘରିଆଡ଼େ ଖାଲି ଧୂଆଁ ।
ଧୂଆଁ ବଲବଲ ଆକାଶ
ଆକାଶରୁ ଝରେ ମେଘ ଟୋପା ଟୋପା
ମାଟି ପାଇଯାଏ ପରଶ ।
ପରଶ ପାଇଲା ଗଛ
ଗଛଟିଏ ପରା ମିତଟିଏ ଆମ
ଆଉ ସବୁ କଥା ପଛ ।
ପଛରେ ବାବନା ଭୂତ
ଭୂତ ଯାଇଥିଲା ପାଠ ପଢ଼ିବାକୁ
ଭୂତୁଣୀ ଯାଇଛି ଯାତ ।
ଯାତ ହେଲା ରାତିରେ
ଅଜା ଥରୁଛି ଆଈ ଥରୁଛି
ମାଘ ମାସ ଜାଡ଼ରେ ।
ଜାଡ଼ରେ କମଳ ଘୋଡ଼ା
ଘୋଡ଼ା ଚଲଉଛି ମଟର ବାଇକି
ସରକସ ଦେଖେ ବୁଢ଼ା ।
ତୁମର ଗାମୁଛା ନାଲି
ଆଜି ଏଇ କଥା ଏଇଠି ଥାଉରେ
ଆଉ ସବୁ କଥା କାଲି ।

ମୋ: ୯୭୭୭୦୩୫୭୭୮

# ଗଛ

◆ ସାଉନା କିସ୍କୁ

ନୁହେଁ ବୋଲି ନାହିଁ
ଅଛି,
ସ୍ନେହ, ଶ୍ରଦ୍ଧା, ପ୍ରେମ
ନହେଲେ କାହିଁ ଟଙ୍ଗେଇ ଥାନ୍ତେ
ସଫା କାନ୍ଥରେ
ରଙ୍ଗ ବେରଙ୍ଗ
ବିଚିତ୍ର ଫଟୋଚିତ୍ର
କାହିଁ ବା ଖେଳିଥାନ୍ତେ ଲୁଚକାଳି ?
ଗଛ ଗହଳରେ
ଫଳକୁ ଖାଦ୍ୟ ଆକାରେ
ଫୁଲକୁ ପୂଜା ଭାବରେ
ଗ୍ରହଣ କରି ବଞ୍ଚିବାକୁ ଅମ୍ଳଜାନ
ବିଶ୍ରାମ ଲାଗି ଛାଇ
ହେଲେ ଭୁଲି ଯାଉଛି
ଗଛ ଲଗାଇବାକୁ
ନିଜ ସ୍ୱାର୍ଥ ପାଇଁ
ଆଉ
ସଂସାରରେ ବୁଡ଼ି ରହିଛି ବୋଲି ।

ପଞ୍ଚମ ବର୍ଷ, ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ବାଣୀବିହାର

# ଶିକାର

◆ ଶଶିଭୂଷଣ ଜେନା

ମନ ଅରଣ୍ୟର କଦାକାର ବ୍ୟାଘ୍ର
ଭିଡ଼ିମୋଡ଼ି ହୁଏ, ଭୋକରେ
ମୃଗୁଣୀର ଅନୁସନ୍ଧାନେ
ଧାଇଁଯାଏ ଘୋର କାନନେ
ଖୋଜିପାଏ, ପାଇ ଖୁସି ହୁଏ।
ହିଂସ୍ରରୁ ହିଂସ୍ରତର ହୁଏ।
ତା'ର କୋମଳ ଶରୀରକୁ
ଛିନ୍‌ଭିନ୍ କରି ଖେଳେ
ଶରୀରରେ ରାମ୍ପୁଡ଼ା ରାମ୍ପୁଡ଼ା
ଦାଗ ବସାଏ।

ମୃଗୁଣୀ ବିକଳରେ
ଚିତ୍କାର କରେ, କରିଚାଲେ।
ଭ୍ରୂକ୍ଷେପ କରେ ନାହିଁ ବାଘ
ତା'ର ଜାନ୍ତବ କ୍ଷୁଧା
ପରିତୃପ୍ତି ହେବା ନଯାଏ।
ସେ'ବା ଛାଡ଼େ କେଉଁଠୁ!!
ତୃପ୍ତି ପରେ, ଛାଡ଼ି ଚାଲିଯାଏ।

ନିଃଶବ୍ଦ, ନିସ୍ତେଜ ହୋଇ ପଡ଼ିରୁହେ
ସଂଜ୍ଞାହୀନ ହୋଇ, ମୃଗୁଣୀ।
ଚେତା ଫେରିପାଇ ଖୋଜେ
ଅନେକ ଖୋଜେ, ପାଏ ନାହିଁ
ତାକୁ ଶିକାର କରିଥିବା ବାଘକୁ।
ହଜାଇ ଦିଏ ଠିକଣା, ଅରଣ୍ୟରେ
ଆସନ୍ନ ସନ୍ତାନର ବାପକୁ।

ପଞ୍ଚମ ବର୍ଷ, ସ୍ନାତକୋତ୍ତର
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

# ବର୍ଷା

◆ କୀର୍ତ୍ତିଦୀପା ନାୟକ

ବର୍ଷା ଆସେ ନୂଆ ଅଦମ୍ୟ ସାହସେ
ଅପରୂପ ରଙ୍ଗେ ଭିଜି
କର୍ମେ ସେ ବଳିଷ୍ଠ ଅତି ପୁଲକିତ
ଅଜସ୍ର ସପନେ ସାଜି।
କୋମଳକାନ୍ତି ତା'ର ନୟନ ତାରା
ମନରେ ଆଣେ ଉଚ୍ଛ୍ୱାସ
ଭରିଦିଏ ବାସ୍ନା ଜୀବନ ତରଙ୍ଗେ
ଯୁଥେ ଏ ଗ୍ରୀଷମ ପରାସ
ତାହା ଠାଣିରେ ଏ ଜଗତ ସମ୍ଭୁତ
ଦେଇଥାଏ ନବ ରୂପ
ମନରେ ତାହାରି ଅଜସ୍ର କରୁଣା
ହରେ ସକଳ ସନ୍ତାପ
ବର୍ଷା ଆଣିଥାଏ ପ୍ରେମର ପୁଲକ
ଶୋଭିତ ଅନେକ ରଂଗେ
ସ୍ୱପ୍ନର ନଗରୀ ତୋଳିଥାଏ ପୁଣି
ନାନା ବହଙ୍ଗମ ରବେ
ହେଇ ତ ବରଷା ଆସିଗଲା ଦେଖ
ପ୍ରକୃତି ସାଜିଛି ରାଣୀ
ତେଣୁ ଏ ସଂସାର ଗାଉଅଛି ତାର
ନିତ୍ୟ ନୂତନ କାହାଣୀ।

ପଞ୍ଚମ ବର୍ଷ

# ଏପ୍ରିଲ୍

◆ ଶୁଭଶ୍ରୀ ଶୁଭସ୍ମିତା ମିଶ୍ର (ସେଲି)

ଏଇ ଏପ୍ରିଲ୍ ହିଁ ମୋତେ ମନେପକେଇ ଦିଏ ଯେ
ମୋ ବୋଉ ଫାଟି ଯାଇଥିଲା
ଦି'ଫାଳ ହୋଇ।
ମାଟିରୁ ଉର୍ବରା ହେବାର କଷ୍ଟ ସେ ଭୋଗିଥିଲା
ଏଇ ଏପ୍ରିଲ୍‌ର ଖରାରେ।

ମୁଣ୍ଡରୁ ନେଇ ପାଦ ଯାକେ
ସେ ଫାଡ଼ି ହେଇ ପଡୁଥିଲା
ତା' ପରେ ବି ଏତେଟିକେ କଷ୍ଟ
ଦିଶୁନଥିଲା ତା'ର ମୁହିଁ,
ଦେବୀ ପରି ଝଟକୁ ଥିଲା ରୂପ,
ଠାକୁରାଣୀ ପରି ମାଜି ହୋଇ ବସିଥିଲା ସିଂହାସନରେ।

ମୁହଁରେ ଚକ୍‌ଚକ୍ ହସର ଆଲୁଅ
ଅଥଚ ରକ୍ତରେ ଭାସୁଥିଲା
ତା' ସିଂହାସନ ତଳ
ମୁଁ ଦେଖିନି କିନ୍ତୁ ଜାଣେ,
ଏଣେ ରକ୍ତ କ୍ଷୟ ପରେ କେବଳ ଦେବୀ ହିଁ ହସିପାରେ।
ସେ ହସରେ ଝଲ୍‌ମଲ୍ କରେ ଅଗଣା
ଏପ୍ରିଲ୍‌ର ଖରା ବି ଉଷୁମ ପୁଆଁଏ
ସେ ହସରୁ ଉତ୍ତାପ ନେଇ।
ବାମ୍ଫେଇ ଉଠେ ଧାନଉସାଁ ହାଣ୍ଡିପରି
ସେଥିପାଇଁ ଏପ୍ରିଲ୍ ଏତେ ଶୀତଳ,
ଖାସ୍ ମୋ ବୋଉ ପାଇଁ।



କିଛି ବର୍ଷ ହେଲା ଏପ୍ରିଲ୍ ଜଳୁଛି
ଜଳୁଛି ଯେ ଜଳୁଛି, ପାରଦ ଆକାଶ ଡେଉଁଛି
କିଛି ବର୍ଷ ହେଲା ବୋଉ ଖାଲି ହସୁଛି
ଏଠି ଦେବୀଙ୍କୁ ବି କାଳେସୀ ଲାଗିଛି
ଅବା ଦେବୀ ପାଗେଳୀ ହୋଇଛି !

ମୁଁ ଦେଖୁନି ସିନା,
ଜାଣିଛି,
ବୋଉ ହସୁଛି,
ଦେବୀ ହସୁଛି,
ପାଗେଳୀ ହସୁଛି,
ଆଉ ଏପ୍ରିଲ୍ ଧିରେ ଧିରେ
ଉତ୍ତପ୍ତ ହେଉଛି।

କୁସୁମ ବାଟିକା, ଭୁବନେଶ୍ୱର
ମୋ: ୯୮୬୧୪୮୦୯୯୯

# ଋତୁରାଜ ବସନ୍ତ

◆ ଦିପ୍ସୀ ପଟ୍ଟନାୟକ

ପ୍ରକୃତିରାଣୀ ଲୋ ପ୍ରକୃତିରାଣୀ
ତୋର କୋଳରେ ଜନମ ଛଅଋତୁ
ବସନ୍ତଋତୁ ତା ମଉଡ଼ମଣି।

ମନ୍ଦ ମନ୍ଦ ଶୀତୁଆ ପବନର ଲହରୀରେ
ଆଗମନ କର ହେ ଋତୁରାଜ
ଆଣିଦିଅ ପ୍ରେମ ଶିହରଣ ସମ
ପ୍ରକୃତ ଆହ୍ଲାଦ ବସନ୍ତ ରାସ
ଆଜି ମନ ମଧ୍ୟେ ଉଙ୍କିମାରୁଅଛି
ଅପୂର୍ବ ସୁଗନ୍ଧ ପ୍ରକୃତ ବାସ।

ପୁରାଣ ଗାଏ ତମ ଯଶ ହେ ବସନ୍ତ ଋତୁ
ତୁମେ ଗାଅ ସେହି ରସିକ ରାଜ ରାସେଶ୍ୱର କାହ୍ନା
ରାସେଶ୍ୱରୀ ମାନିନୀ ରାଧାଙ୍କର ପ୍ରେମର ମୁହୂର୍ତ୍ତକୁ
କୋଇଲିର କୁହୁ କୁହୁ ନାଦ କୁଞ୍ଜବନେ
ଉଠେ ମୁଖରିତ ହୋଇ
ଖେଳିଯାଏ ବସନ୍ତ ରାସର ମହକ ଚତୁର୍ଦ୍ଦିଗ ମହକିଯାଇ।

ପ୍ରେମର ପ୍ରତୀକ ତୁମେ ହେ ବସନ୍ତରାଜ
ପ୍ରେମିକ ପ୍ରେମିକାଙ୍କର ଅଟ ତୁମେ ପ୍ରିୟ ଋତୁରାଜ
ବସନ୍ତ ଋତୁର ଉପସ୍ଥିତି ସତେ ଅବା
ତାଙ୍କ ପ୍ରେମକୁ କରେ
ଅମର କରେ କେତେ ପ୍ରୀତି, ମାନଭରା, ନିବିଡ଼ ତାଙ୍କ
ପ୍ରେମ ସମ୍ପର୍କର ଏହି ବସନ୍ତ ଋତୁର ଆସର।

ଆସେ ପୁଣି ରଙ୍ଗର ପର୍ବ ଏହି ଋତୁ ମଧ୍ୟରେ
ପରସ୍ପର ଆମୋଦ, ପ୍ରୀତିର ରଙ୍ଗର ମୁହୂର୍ତ୍ତ ଢାଳିଦେଇଯାଏ
ପରସ୍ପର ମଧ୍ୟରେ
ତୁମ ଉପସ୍ଥିତି ସତେ ଅବା ଦିଏ ହେ ବସନ୍ତରାଜ ଆନନ୍ଦର
ପ୍ରକୃତ ଲହରୀ
କବିର ଦୃଷ୍ଟିରେ ତୁମେ ତ ବୋଲାଅ ରାଜାଧିରାଜ
ଋତୁରାଜ ବସନ୍ତ ଋତୁ ବୋଲାଇ
ବସନ୍ତ ଋତୁ ବୋଲାଇ
ବସନ୍ତ ଋତୁ ବୋଲାଇ।

ପଞ୍ଚମ ବର୍ଷ, ଓଡ଼ିଆ ବିଭାଗ

# ଆସୁଛି ହୋଲି

◆ ସଂଧ୍ୟାରାଣୀ ମାଝି

ଆସୁଛି ହୋଲି ରଙ୍ଗରଙ୍ଗେଲି ଖୁସିର ପସରା ନେଇ
ସେଇ ଖୁସିରେ ଯିବାରେ ହଜି ସରଗକୁ ଯିବା ଛୁଇଁ।
ଧରଣୀରାଣୀ ପିନ୍ଧିବ ପରା ନାନା ରଙ୍ଗର ଶାଢ଼ି
ନାଲି ରଙ୍ଗର ଓଢ଼ଣୀ ପୁଣି ଗୋଲାପି ରଙ୍ଗ ଧଡ଼ି।
ସାଧବ ବୋହୂ ଉପରେ ଯେବେ ପଡ଼ିବ ରଙ୍ଗ ଛିଟା
ଲାଜରେ ସିଏ କଣେଇ ଚହିଁ ତୋଳିବ ମୃଦୁ ବ୍ୟଥା।
ଅବିର ଆଉ ପିଚକାରିରେ ପୂରି ଉଠିବ ଗଗନ
ରଙ୍ଗ ଲଗାଇ ପରସ୍ପରକୁ ଆପ୍ଳୁତ ହେବ ମନ।
ପିଲାଠୁଁ ବୁଢ଼ା ସଭିଏଁ ମିଶି ଖେଳିବେ ରଙ୍ଗ ଖେଳ
ସଭିଙ୍କୁ ଏକ ସୂତ୍ରରେ ବାନ୍ଧା ପର୍ବର ନାଁ ଦୋଳ।
ଗୁରୁଜନମାନେ ଆନନ୍ଦିତ ହେବେ ସଂସାର ଜଞ୍ଜାଳ ଭୁଲି
କ୍ରୋଧ ଘୃଣା ସବୁ ଦୂରେଇ ଦେଇ ମନେ ସ୍ନେହ ପ୍ରେମ ବୋଳି।
ଜଗତର ନାଥ ଶ୍ରୀଜଗନ୍ନାଥ ବି ପା'ନ୍ତି ଭଲ ରଙ୍ଗକୁ
ସେଥିଲାଗି ସିନା କଳା ଚକାଡୋଳା ନାଲି କଲେ ଅଧରକୁ।
ମନେ ହୁଏ ମୋର ସେ ଅଧରେ ଲୁପ୍ତ ହୋଇଛି ସମସ୍ତ ରଙ୍ଗ
ସକଳ ପ୍ରାଣୀଙ୍କ ମନ ମୋହିନିଏ ଦୁଃଖ ହୁଏ ଅପାରଗ।

ପଞ୍ଚମ ବର୍ଷ, ଓଡ଼ିଆ ବିଭାଗ

# ତୁମ ପାଇଁ ବସନ୍ତ ହାତରେ ଚିଠି

◆ ମାଧବାନନ୍ଦ ପାତ୍ର

ପାଶେ ନାହିଁ କାନ୍ତ ଆରେ ହେ ବସନ୍ତ
କଷ୍ଟ ଲାଗେ ବଞ୍ଚିବାକୁ
ମଳୟ ପବନ ସୁନେଲି ସପନ
ତୋଳି ଧରେ ମୋ ସ୍ମୃତିକୁ।

ଥିଲା ଯଉବନ ଅଳସୀ ନୟନ
ବୁଲୁଥିଲା ସପନରେ
ଛୋଟ ଦୁଷ୍ଟ ମନ ଭୁଲି ହିତ ଜ୍ଞାନ
ଭାସିଗଲା ପ୍ରେମ ଧାରେ।

ଧରି ପ୍ରେମିକକୁ ଜଡ଼ାଇ ବକ୍ଷକୁ
ହଜିଲି ଅଜଣା ବନେ
ଫଗୁଣ ରଂଗରେ ବିନା ଫଗୁଣରେ
ଦୁଷ୍ଟାମୀ ପଶିଲା ମନେ।

ଆରେ ଏ ବସନ୍ତ ତୁ ଜାଣୁ ଅତୀତ
ପ୍ରେମିକ ମୋ ପାଶେ ଥିଲେ
କେମିତି ନିଜକୁ ଭୁଲି ଦୁନିଆକୁ
ସମର୍ପି ଦିଏ ମୁଁ ଭଲେ।

ଦିନେ ଚାଲିଯାଇ ସଂସାର ହସାଇ
ପୁଣି ତୁ ଆସିଛୁ ଚାଲି,
ହେଲେ ମୋ ପ୍ରେମିକ ଛିଡ଼ାଇ ସମ୍ପର୍କ
ରହିଗଲେ ଅବା ଭୁଲି।

ଖବର ଦେଲି ମୁଁ ହାତରେ ତୋହର
କହିବୁ ବସନ୍ତ ଯାଇ,
ପ୍ରେମିକାର ମୁଖ ନ ଦେଖି ପ୍ରେମିକ
କେମିତି ପାରିଛ ରହି।

ଫଗୁଣ ମାସରେ ପ୍ରେମିକା ପାଖରେ
ନ ରହି ରହିଛ ଦୂରେ,
ପ୍ରେମିକାର ମନ ହେଲାଣି ଉଛନ୍ନ
ପାଇବ ବୋଲି ପାଖରେ।

ଭାରି କଷ୍ଟରେ ସେ ଏ ଫଗୁଣ ମାସେ
ଦୁଃଖରେ କାଟୁଛି ଦିନ
ଚାଲିଯାଇ ପାଶେ କହିବେ ହରଷେ
ଉଚ୍ଛୁର ଏ ଯଉବନ।

ଆରେ ଏ ବସନ୍ତ କହିବୁ ତୁ ସତ
ପ୍ରେମିକ ଆଗରେ ଯାଇ
ଆଜି ଏ ଋତୁରେ ନ ପାଇ ପାଖରେ
ମରି ମରି ଅଛି ଜିଇଁ।

ଏତିକି ସମ୍ବାଦ ଦେଲିରେ ବସନ୍ତ
ତତେ ସଖା ମଣି, ଆଜ
ତୁ ବୁଝୁ ମୋ ମନ ଦୁଷ୍ଟ ଯଉବନ
ତୁ ପରା ଋତୁରାଜ।

ପଞ୍ଚମ ବର୍ଷ, ସ୍ନାତକୋତ୍ତର ଓଡ଼ିଆ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

# ବସନ୍ତ ପରଶ

◆ କନକମଂଜରୀ ପଟ୍ଟନାୟକ

ନବ ବସନ୍ତର ଅମୃତ ପରଶ
ଉଲ୍ଲସିତ ଧରାଭୂଇଁ
ଧରାବତରଣ ଋତୁ ରାଜଙ୍କର
ସଂପ୍ରୀତିର ଗାଥା ଗାଇ।

ମନ ଓ ପ୍ରାଣରେ ଗଛ ଓ ଡାଳରେ
ନବ ନବ ଉନ୍ମାଦନା
ମଳୟ ପବନ ଶିହରଣ ଖେଳାଇ
କରିଦିଏ ଆନମନା।

କିଶଳୟଭରା ବୃକ୍ଷ ରାଶି ରାଶି
ଦେଖାଇ ନୂତନ ରଂଗ
ଅପୂର୍ବ ଶୋଭନ ଦିଶଇ ଧରିଣୀ
ଖେଳାଏ ଖୁସି ତରଂଗ।

କୁହୁ କୁହୁ ତାନ ଗୁଂଜରିତ ହୁଏ
ଚୂତ କୁଞ୍ଜ ଡାଳେ ଡାଳେ
ଦେଖିବାକୁ ମନ ହୁଅଇ ଉଛନ
ଦର୍ଶନ ନେତ୍ରଯୁଗଳେ।

ଚଇତାଳ-ବାଆ ମନ ଓ ତନୁରେ
ଖେଳାଏ କାଉଁରୀ ସ୍ପର୍ଶ
ସୁପ୍ତ ପ୍ରାୟ ଆତ୍ମା ଜାଗରିତ ହୁଏ
ମିଳନାକାଂକ୍ଷା ଉଚ୍ଛ୍ୱାସ।

କାମଦେବଙ୍କର ପଞ୍ଚଶର ବିଦ୍ଧ
ତରୁଣ-ତରୁଣୀ ମନ
ଉନ୍ମାଦିତ ଭରେ ପ୍ରେମ ଫଲଗୁକୁ
କରିଥାନ୍ତି ଆମନ୍ତ୍ରଣ।

ବସନ୍ତ ଆସିଲା ସ୍ୱର୍ଣ୍ଣିମ ବେଶରେ
ସୁଖର ସପନ ନେଇ
ରୂପ ରଂଗ ରସ ସ୍ପର୍ଶ ଆଉ ଗନ୍ଧ
ପ୍ରକୃତି ପ୍ରକଟ ହୋଇ।

ରଂଗର ପସରା ଫଗୁଣ ଆଣିଲା
ମିତ୍ରତା ବାହୁ ବନ୍ଧନ
କୋଳାକୋଳି ହୋଇ ଶତ୍ରୁତା ପାସୋରି
ପରସ୍ପର ଆଲିଙ୍ଗନ।

ରାଧାକୃଷ୍ଣଙ୍କର ଶାଶ୍ୱତ ପ୍ରେମର
ଆସିଗଲା ଅବକାଶ
ଗାଆଁ ଓ ସହରେ ବୁଲି ଭୋଗଖାଇ
କରିଲେ ପ୍ରୀତି ପ୍ରକାଶ।

ସବୁଜ ବର୍ଣ୍ଣାଳୀ ପରିହିତା ଧରା
ସୁଖ-ଶାନ୍ତିର ପ୍ରତୀକ
ବୁଲିଲା ବସନ୍ତ ପ୍ରୀତିର ବିଳାସ
ପ୍ରେମ ଯୌବନର ରେଖ।

ଧନ୍ୟ ତୁ ବିଦ୍ଧାଣୀ ଧନ୍ୟ ତୋ ସର୍ଜନା
ଋତ-ଋତୁରେ ଫରକ
ଶୁଷ୍କ ମଟାଳରେ ଅମୃତ ଝରାଉ
ନବ ରୂପର ଝଲକ।

# ବିପଥ ମଣିଷ

◆ ସତ୍ୟଶିବ ଦାସ

ବିଶାଳ ଆଶାର ପରିସୀମା ଡେଇଁ
ନୂଆ କିରଣର ଆଭାସକୁ ଚାହିଁ
ହେଲା ସେ ସହର ମୁହାଁ ।
ଛୋଟ ମନେ ତାର ବଡ଼ ଆଶାର ପ୍ରବେଶ
ଲଭିବା ପାଇଁ ସେ ଜୀବନର ସୁଖ
କର୍ତ୍ତବ୍ୟ ପଥରେ ମନ ପ୍ରାଣ ତା'ର
ହଜିବ କେମିତି ବିଭୀଷିକାର ଅନ୍ଧାର ।
ସୁନାହରିଣୀ ସିନା ଡେଇଁ ଡେଇଁ ଚାଲେ
କାମୁକ ମନଟା ତା ପଛେ ଘୂରିବୁଲେ
ଅସରନ୍ତି ଆଶା ସରିବ କେମିତି
ସହଜେ ପରିବର୍ତ୍ତିତ ହେବ ଭାବନା କମିତି ?
ବିପଥକୁ ସେ ମଣିଲା ନିଜର
ଲକ୍ଷ ତା'ର ଅଛି ତା'ଠୁ ବହୁ ଦୂର
ଅଫେରା ବାଟର ସେ ପଥିକ
ହଜାରେ ପ୍ରଶ୍ନ ଥିଲେ ବି ତା' ମନେ
ହୋଇଥାଏ ସେ ମୂକ ।
ସମୟର ଅନ୍ତରାଳ ପାର୍ଶ୍ୱେ ତାର ଠିଆ
ଚେଷ୍ଟା ଶ୍ରୋତେ ସେ ଲଭିବ ଜୀବନ ନୂଆ ।
କାମୁକ ମନ ତାକୁ କରିଛି ବାଟ ବଣା
ଜୀବନ ଦୋଛକିରେ ଦଣ୍ଡାୟମାନ ସେ
କ'ଣ କରିବ ତା'କୁ ତ ଅଜଣା ।

ସ୍ନାତକୋତ୍ତର ସଂସ୍କୃତ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ

# ଆଜିର ମାନବ ସମାଜ

◆ ମମତା ପାତ୍ର

ଦେଖ ଦେଖ ଆଜିର ମାନବ ସମାଜ
ପଡ଼ିଅଛି ଏଠି ଫିକା ରାଇଜ ॥
ଶେଷ ହୋଇଛି ଯେଉଁଠି ମାଆର ସମ୍ମାନ
ନାହିଁ ଆମର ସେଠି ସତ୍ ମନନ ॥
ଶେଷ ହେଲାଣି ଯେଉଁଠି ଭାଇର ପ୍ରେମ
ଶୁଆ ତୁ ଜପୁଛୁ କାହିଁ ରାମନାମ ॥
ତୋ ଜପରେ ଅଛି ସିନା ବହୁ ମମତା
ଆମ ବାକ୍ୟରେ ନାହିଁ ସେହି ସତ୍ୟତା ॥
ମରିଚୀକା ପାଲଟିଛି ଏ ପୃଥିବୀ ପୃଷ୍ଠ
ଆମେ ହୋଇଅଛୁ ଅତ୍ୟନ୍ତ ଉତ୍କୃଷ୍ଟ ॥
କୁସୁମ ସଦୃଶ ପଡ଼ିଛୁ ଆମେ ଝାଉଁଳି
ଏବେ ଆମେ ନିଜ ନାଆର ନାଉରୀ ॥
ବାପାଙ୍କୁ ସିନା ଆମେ ଜଗନ୍ନାଥ କହୁ
ଯେ ଅଟନ୍ତି ସମସ୍ତଙ୍କ ପ୍ରାଣ ବହୁ ॥
ଶେଷ ହୋଇଅଛି ଆଜି ତାଙ୍କ ମାନ୍ୟତା
କର ନାହିଁ ଏବେ ଆଉ ଏ ଧୃଷ୍ଟତା ॥
ଜାଗ ଜାଗ ହେ ଭାରତ ସନ୍ତାନ
ରକ୍ଷା କର ଏହି ମାଆର ଅପୂର୍ବ ସମ୍ମାନ ॥

ଇତିହାସ ସମ୍ମାନ

# ଘାଗରାରେ ଏକ ବର୍ଷାଭିଜା ସଞ୍ଜ

◆ ବିଜୟଲକ୍ଷ୍ମୀ ମିଶ୍ର

ଝିପି ଝିପି ବର୍ଷାର
ଆର୍ଦ୍ର, ସିକ୍ତ ପରିବେଶରେ
ଶାଳବୃକ୍ଷର ବନାନୀରେ
ନୂଆ ବୋହୂ ଭଳି
ମେଘମାଳାର ଓଢ଼ଣୀରେ
ଆବୃତ୍ତ ପର୍ବତର
କି ସୁନ୍ଦର ରୂପ !
କି ଆକର୍ଷଣୀୟ
ମନଲୋଭା ଦୃଶ୍ୟ ପ୍ରକୃତିର !!
ନୌକାବିହାରର ନୀଳ ଜଳରାଶି
ଭ୍ରମ ସୃଷ୍ଟି କରୁଛି ଚିଲିକାର
ମନେପଡୁଛି ରାଧାନାଥଙ୍କ ଉକ୍ତି
"ସୁନ୍ଦରେ ତୃପ୍ତିର ଅବସାଦ ନାହିଁ
ଯେତେ ଦେଖୁଥିଲେ ନୂଆ ଦିଶୁଥାଇ ।"
ଆସନ୍ନ ସନ୍ଧ୍ୟାର
କୁଜ୍‌ଝଟିକା ମଧ୍ୟରେ
ପାଦ ଚାଲୁଛି ଆଗକୁ ଆଗକୁ ।
ସତେ ଅବା ପ୍ରକୃତିରାଣୀ
ପରିଧାନ କରି
ସବୁଜ ରଙ୍ଗର ଶାଢ଼ୀ
ବିସ୍ତାରିତ କରିଛି
ତା'ର ଧବଳ ପଣତକୁ ।
ସାନ ଘାଗରା ଜଳପ୍ରପାତର ଜଳରାଶି
ଯେତେବେଳେ ପଦଧୌତ କଲା
ପ୍ରତୀତ ହେଲା ସତେ
ପାଦର ସୌନ୍ଦର୍ଯ୍ୟ
ଦ୍ୱିଗୁଣିତ ହେଲା
ବାୟୁମଣ୍ଡଳରେ
ବିସ୍ତାରିତ ଜଳକଣିକା
ଯେତେବେଳେ ମୁଖମଣ୍ଡଳକୁ ସ୍ପର୍ଶ କଲା
ସ୍ପର୍ଶ କଲା ଶରୀରର ବିଭିନ୍ନ ଅବୟବକୁ
ସୃଷ୍ଟି ହେଲା ଶରୀରରେ
ଏକ ଅଜବ ରୋମାଞ୍ଚ ଶିହରଣ ।
ସୁନ୍ଦର, ରମଣୀୟ, ଆକର୍ଷଣୀୟ
ଉପବନ ମଧ୍ୟରେ
ଦୋଳିର ଦୋଳାୟମାନ ଗତି ସହ
ଜୀବନକୁ ମନଭରି ଉପଭୋଗ
କରିବାର ସୁଯୋଗ
କ'ଣ ହାତଛଡ଼ା କରିବ ସମ୍ଭବ !!
କି ଚମତ୍କାର ଅନୁଭବ
ସେହି ମୁହୂର୍ତ୍ତର ।
ସାରଙ୍କର ଫଟୋଚିତ୍ର ଉତ୍ତୋଳନ
ସହପାଠୀଙ୍କର ସେଲ୍‌ଫି
ମନରେ ଅସୁମାରୀ ଆନନ୍ଦର ଲହରୀ ଆଙ୍କିଲା ।
କିଛି ବଗବଗୁଲୀଙ୍କର ଯୋଡ଼ି
ପରିବେଶକୁ କରୁଥିଲା ପ୍ରେମମୟ ।
ସାନ ଘାଗରା ନିକଟସ୍ଥ
ପୁରାତନ ଐତିହ୍ୟର ପ୍ରତୀକ ରାଜବାଟୀ
ରାସ୍ତାର ଉଠାଣି, ଗଡ଼ାଣି ସହ
ମନକୁ ପୁଲକିତ, ପ୍ରଫୁଲିତ, ଆନ୍ଦୋଳିତ
କରୁଥିବା ବର୍ଷା
ଯୌବନର ଉଦ୍ଦାମତା
ମତୁଆଲା ମନକୁ କରୁଥିଲା ରୋମାଞ୍ଚିତ
ଅଗ୍ନିରେ ଘୃତ ସଂଯୋଗ ପରି ।
ଇତି ମଧ୍ୟରେ ଆମେ ପ୍ରତ୍ୟାବର୍ତ୍ତନ କରୁଥିଲୁ
ନିତିଦିନିଆ ରୁଟିନ୍ ବନ୍ଧା
ଜୀବନର ପରିସରକୁ ।

ଏମ୍.ଫିଲ୍, ଓଡ଼ିଆ ବିଭାଗ
ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ

# କୁନ୍ଦୁଲି ତୁମେ ଯାଇନା ହାରି

◆ ସୁପ୍ରଭା ବିଶ୍ୱାଳ

କୁନ୍ଦୁଲି ତୁମେ ଯାଇନା ହାରି କି ପାରନା ମରି
କଳଙ୍କର ଟୀକା ମଥାରେ ମାରି
ବିଜୟର ଧ୍ୱଜା ହସ୍ତରେ ଧରି
ଚାଲିଗଲ ତୁମେ ସରଗ ପୁରୀ
ଅନ୍ତର ଭିତରେ କୋପଦୃଷ୍ଟିରେ
ଆତ୍ମହତ୍ୟା କଲ ଅତି ନିଷ୍ଠୁରେ
ପ୍ରଶାସନ ଠାରୁ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରେ
ଅପେକ୍ଷା କରିଛ ଶହେ ଦନ ଅତି ଆତୁରରେ
ସମସ୍ତେ ଜାଣିଶୁଣି ଏଡ଼ାଇଲେ ଅଣଦେଖାରେ
ତୁମ ମୃତ୍ୟୁ ପାଇଁ ରାଜନେତାଙ୍କୁ ଏଡ଼ାଇ ଯାଇନପାରେ
ତା ନ ହୋଇଥିଲେ ଦୋଷୀ କିପରି ରହିଛି ଏ ସଂସାରେ
ଶହେଦିନ ଧରି ଅତି କଲବଲ ହୋଇ
ଜୀବନ ସହ ସଂଗ୍ରାମ କରି
ଶେଷେ ଚାଲିଗଲ ଅମରପୁରୀ
ଯେତେ ଡାକିଲ ଚିତ୍କାର କରି
କେହି ଶୁଣିଲେନି ତୁମ ଗୁହାରୀ
ମରିଗଲା ପରେ ସରକାର ଚତୁର କରି
ଲାଞ୍ଚ ଦେଇ ଦାୟିତ୍ୱ ଦେଲେ ଯେ ସାରି
ଶିକ୍ଷା ଜଗତଠୁଁ ରାଜ୍ୟବାସୀ ଗଣ
ତୁମ ପାଇଁ ସମସ୍ତଙ୍କର ଅଶ୍ରୁର ଶ୍ରାବଣ
ପ୍ରାର୍ଥନା କରୁଛୁ ଈଶ୍ୱରଙ୍କ ଠାରେ
କୁନ୍ଦୁଲି, ତୁମେ ଆଉ ଥରେ ଫେରିଆସ ମହିଷାମର୍ଦ୍ଦିନୀ ରୂପରେ
ଗୋଟି ଗୋଟି ବଧ କର
ଯେଉଁମାନେ ସଂପୃକ୍ତ ଅଟନ୍ତି ଏ ଜଘନ୍ୟ ଦୁଷ୍କର୍ମରେ

ସଂସ୍କୃତ ବିଭାଗ, ପଞ୍ଚମ ବର୍ଷ

# ଚପଲ

◆ କରୁଣାକର ରାଉଳ

"କି ସୁନ୍ଦର ଦିଶୁଥାଏ ନୂତନତା
କିଣା ବିକାର ସମୟ ସ୍ରୋତରେ
ସେ ଜାଣେ ନାହିଁ କେତେ ଯେ
ପ୍ରହାର ପଡ଼ିବ ତା' ଉପରେ
ନିଜର ବେଦନାକୁ ସେ କେବଳ ଭାବେ
କିନ୍ତୁ ପ୍ରକାଶ କରିବାର ବାଟ ନଥାଏ
ଏପଟ ସେପଟ ହୋଇଥାଏ
ସେହି ମାଲିକଟିର ହାତରେ।"

"ଅନ୍ଧାରର ସେହି ନିବୁଜ
ଜରି ଭିତର ମଧ୍ୟରେ
କିପରି ଦେଖିବ ଏହି
ଆଲୋକ ସମାଜର ଜଗତକୁ
ମାଲିକର ଦୁଃଖ କଷ୍ଟକୁ ନିଜ
ମୁଣ୍ଡ ଉପରକୁ ନେଇଯାଏ
ବିନା ସ୍ୱାର୍ଥରେ ଅହରହ ରହିଥାଏ
ମନୁଷ୍ୟର ସେହି ପାଦ ତଳେ ।"

"କେତେ ଯେ ଗୋଡ଼ି ମାଟି ବାଲିକୁ
ହଟାଇବା ପାଇଁ ଚେଷ୍ଟା ତା'ର
ବାରମ୍ବାର ଉଦ୍ୟମ ଚାଲିଥାଏ
ରୋଗମୁକ୍ତି କରିବ ମାଲିକର
ମନେମନେ କହୁଥାଏ ମୋତେ
ସବୁବେଳେ ପରିଷ୍କାର ରଖ
ଏମିତି ସେମିତି ପକାଇ ଦିଅନା
ଇଆଡ଼େ ସିଆଡ଼େ କରି।"

"ଏହି ଚପଲ କିପରି ପ୍ରତ୍ୟେକ ସମୟରେ
ତା'ର ସମ୍ବେଦନଶୀଳତା ରକ୍ଷାକରି
ମନୁଷ୍ୟମାନଙ୍କୁ ଏହି ବିଶ୍ୱ ସଂସାରରୁ
ବିଭିନ୍ନ ରୋଗରୁ ମୁକ୍ତି ପ୍ରଦାନ କରିଥାଏ।"

୬ଷ୍ଠ ବର୍ଷ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

# ଗାଆଁରୁ ବାଣୀବିହାର

◆ ଦିପୁନ୍ ପୁହାଣ

କୁଶେଇ, ରେଂଭାଳ, ଷେଣ୍ଢେଇ
ତିନି ନଦୀ ଯୋଉଠି ଏକାତ୍ମ,
ସେଇଠି ଋରି ସଂପ୍ରଦା ବାବାଙ୍କ ମଠ
ସେ ପାଖକୁ କେଂଦୁଝର ସୀମା
ଆଉ ତା'ର ଦି'ପାହୁଂଡ ପଛକୁ
ମୋ ଗାଆଁ 'ଆଂଗୋର'।

କୁଶେଇ ନଈର ଠିକ୍ କୂଳକୁ
ଉଣେଇଶ୍ ଶହ ଛୟାନବେର
ଧୂ ଧୂ ଖରାବେଳ,
ପୁହାହାଣଘର ଖଂଜାରୁ ଭାସି ଆସୁଥିବା
କୁଆଁ କୁଆଁ କାଂଦ,
ଲଂଗଳା ପିଲାବେଳ, ହଗମୂତ, ମାଆ ମାଆ ଡାକ,
ଖଡ଼ିଛୁଆଁ ଓ ମୋ'ଠୁ ଦି'ବର୍ଷ ବଡ଼ ଜଂବୁ ମାଉସୀକୁ
ବାହାହେବାର ଜିଦ୍‌ରେ
ମୋ ଅବୋଧ ଅତୀତ।

ଦି'ହଜାର ଆଠ କି ନଅରେ
ନୂଆକରି ଉଠୁଥିବା ନାକତଳ ନିଶ,
ପଡ଼ିଶାଘର ବାଂଗାଲୁର୍ ଫେରଂତା ପାଣ୍ଡୁମାମୁ ଫୋନ୍‌ରୁ
ପର୍ଣ୍ଣ ମୂର୍ତ୍ତି ଦେଖା,
କବାଟ କଣ କାଂଥରେ କେତେଥର ଲେସି ଦେଇଥିବା
ଯୌବନର କ୍ଷଣିକ ଉତ୍ତାପ
ଓ ନବମ ଶ୍ରେଣୀର ଧୋକା ଦେଇଥିବା ପ୍ରେମିକା,
ଆଉ ତା ଗାଲର ଅନନ୍ୟ କଳାଜାଇ।

ଏ ସବୁ ତ ପୁରୁଣା କଥା।
ଦି'ହଜାର ଷୋହଳକୁ ଗୋଟାପଣି କୁଶେଇ ପାଣିରେ
ଉବୁଟୁବୁ ଗାଉଁଲା ଦେହଟା,
ପୁରୀ ବଡ଼ବିଲ୍ ସୁପରଫାଷ୍ଟ୍ ଏକ୍ସପ୍ରେସ୍‌ରେ ଲଦି ହୋଇ
ଭୁବନେଶ୍ୱର ଆସିବା
ମାଷ୍ଟର୍ କ୍ୟାଣ୍ଟିନ୍‌ରୁ ବାଣୀବିହାର ଅଟୋ ଧରିବା।
ଭୁବନେଶ୍ୱର ଟାକୁ ବଲ୍‌ବଲ୍ କରି ଋହିଁବା
ଆଉ ଅଟୋରୁ ଓହ୍ଲାଇ ଦଶଟଂକା ଜାଗାରେ
ହାରାମୀ ଅଟୋବାଲା କୋଡ଼ିଏ ଟଂକା ଠକି ନେବାବେଳେ
କେମିତି ପରିଚୟ ଦେଇଥାଂତି
ମୋ ଜିଲ୍ଲା ଯାଜପୁର ବୋଲି ? ?

ଓଭର ବ୍ରିଜ୍ କ୍ରସ୍ କଲେ
ଦି'ପାଦ ଆଗରେ ବାଣୀବିହାର।
ସାମ୍ନାରେ ବସିଥିବା ଦେବୀମୂର୍ତ୍ତିଟାଏ,
ହାତରେ ବୀଣା, ପୁସ୍ତକ, ଲେଖନୀ
ଓ ଋହାଣୀରେ ଦେବୀପରି ଜ୍ୟୋତି
ଠିକ୍ 'ଠ' ପରି ବର୍ତ୍ତୁଳ ମୁହଁ
ଆଉ ବେଶୀ କିଛି ଦେଖିନାହିଁ ସେ ଦେବୀର ସେଦିନ
ହଳଦିଆ ଛିଟଶାଢ଼ୀ ଢଂକା ଥିଲା ଦେହଟାରେ ବୋଲି।

ଦେବୀକୁ ପଛକରି ଆଗକୁ ବଢ଼ିବା ବେଳେ
ଗାଁ ଯାକ ଝୁଲିଥିଲା କାଂଧ ବ୍ୟାଗରେ ବୋଲି
ହଠାତ୍ ଅନୁଭବ ହେଲା,
କାଂଧଟା କେମିତି ଟିକେ ଭାରୀ ଭାରୀ ଲାଗୁଥିଲା
କାହିଁ ସେଦିନତ ବିକ୍ରମ୍ ପିଠିରେ ଝୁଲୁଥିବା ଅଶରୀରୀ ପରି
ମୋ ଗାଁ ମତେ ଗପଟିଏ କହିଲାନି ?
ପଋରିଲାନି ଗପ ପଛ ପ୍ରଶ୍ନର ଉତ୍ତର ?
ଓ ମୁଁ ପାଟି ଫିଟାଇବା ମାତ୍ରେ
ଛ' କରି ଛୁଟିଗଲାନି ମୋ କାଂଧରୁ ଶିଂଶପା ଡାଳକୁ ?

ମୁଁ କ'ଣ ଧାଇଁ ଯାଇ ନଥାଂତି କି ଆଉଥରେ
ମୋ ଗାଁଟା ଯାକର ଭାରକୁ
ମୋ କାଂଧରେ ଲଦିଦେବା ପାଇଁ ?

ଏବେ ଆଉ ମୁହଁ ଅଛି ଯେ କହିବି
ମୋ ଗାଁ ନାଁ ଆଂପୋର,
ମୋ ଜିଲ୍ଲା ଯାଜପୁର,
ମୋ ପ୍ରେମିକା କେଂଦୁଝର
ମୋ ବୟସ କୋଡ଼ିଏ
ମୁଁ ଦିପୁନ୍ ପୁହାଣ !

କହୁନଥିଲି,
ବାଣୀବିହାର ସାମ୍ନାରେ ବସିଥିବା
ଦେବୀପରି ଦେବୀ ମୂର୍ତ୍ତିଟାର କଥା !
ସେଇ ତ ଶୋଷି ନେଇଛି
ମୋର ସବୁ କିଛି ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ
ମୋ: ୯୬୬୮୪୦୭୩୨୨



# ଉତ୍କଳର ସୁନେଲି ଭବିଷ୍ୟତ...

◆ ଅନନ୍ତ ସାହ

ପ୍ରଦେଶରେ ଉଡ଼େ ଯାର ନିତି କାଳିଆ ଆଶିଷର ନେତ;
ବ୍ଲାକ୍ ପାଗୋଡ଼ା ଆମ ବିଶ୍ୱ ଦରବାରେ କଳିଙ୍ଗର ଖ୍ୟାତ ।
ପାଇକର ତପୋଭୂମି ସିଏ ବଣିକର ସ୍ମୃତି ଅର୍ଘ୍ୟେ ବାଲିଯାତ;
ମହାନଦୀ ଗାଏ କୃଷକର ଗୀତ, ଶାନ୍ତି ଉପବନ ଧଉଳିର ସ୍ତୂପ ।
ସାଗର ଯାହାର ଚରଣ ଧୁଏ, ଚିଲିକା ଗାଏ ବିହଙ୍ଗର ଶଙ୍ଖନାଦ,
କବି ସମ୍ରାଟ ଓ କବିବରଙ୍କର ଲିଖନୀରେ ସେ ସାହିତ୍ୟ ଥିଲା ଗୁଣମୁଗ୍ଧ
ଷଢ଼େଇକଳା, ଖରସୁଆଁ ବାହୁନି କାନ୍ଦୁଛି ଗାଇ କାନ୍ତକବିଙ୍କର ସ୍ତବ;
ଆଦିବାସୀଙ୍କର ସେ ଲାଗେଣ୍ ନୃତ୍ୟ ଆମ ଓଡ଼ିଶୀ ବିଶ୍ୱ ବିଖ୍ୟାତ ।
ଧର୍ମରେ, ଶିକ୍ଷରେ, ଶିଳ୍ପରେ, କେବେହେଁ ନଥିଲା ଉତ୍କଳରେ ମତଭେଦ;
ଶାନ୍ତିର ମନ୍ତ୍ରରେ ଦୀକ୍ଷିତ ଥିଲା, ସ୍ୱର୍ଣ୍ଣିମ ଭାଇ ଆମ ଇତିହାସ ।
ମହାବାତ୍ୟା, ନଅଙ୍କ ଦୁର୍ଭିକ୍ଷ ଆଣି ତ ଦେଇଛି ମେଞ୍ଚା ମେଞ୍ଚା ଅବଶୋଷ;
ଜୀର୍ଣ୍ଣ ନୋହୁଁ ଆମେ, ଶୀର୍ଣ୍ଣ ନୋହୁଁ ଆମେ ସ୍ୱାଭିମାନେ ପରବଶ ।
ଭିତରକନିକା ଜୈବ ବିବିଧତା, ୟୁନେସ୍କୋର ସ୍ପନ୍ଦିତ ମାନଚିତ୍ର;
ବାରବାଟୀ ଦୁର୍ଗ ଫୁଲେଇହୁଏ, ନିର୍ଭୀକ ସେ ଇତିହାସ ପଟ୍ଟଚିତ୍ର ।
କୃଷକର ଝାଳୁଆ ଗନ୍ଧରେ, ମାଟି ମା' ମୋର ହୋଇଯାଏ ପରିତୃପ୍ତ;
ଗୋଧୂଳି ବେଳର ଜହ୍ନିଫୁଲ, ଆଣିଦିଏ ଶଙ୍ଖ, ମୃଦଙ୍ଗର ମାନପତ୍ର ।
ଆଶା, ଆକାଂକ୍ଷାର ଗ୍ଲାନିରେ ଜର୍ଜରିତ, ଆମ ଏ ସୁନେଲି ଭବିଷ୍ୟତ;
ଉଠରେ ଉତ୍କଳ ଜାତି, ମା' ତୋର, ଆଜି କୁଶିକ୍ଷା, ଦରିଦ୍ରରେ କରାଗତ ।
ନାହିଁରେ ସମୟ, ଆସିଛି ଆହ୍ୱାନ, ହେବନାହିଁ ଆଉ ନିଷ୍ପେସିତ;
ହେବାରେ ସଜାଗ, ସୁଯୋଗ ପର୍ଯ୍ୟାପ୍ତ, ଗରିବୀ ହୋଇଯିବ ଦୂରୀଭୂତ ।
କେତେଦିନ ଯିବାରେ ଦାଦନ, ଖାଉଥିବା ପର ଘର ଲୁଣଭାତ;
ଓଡ଼ିଶା ମାଟିରେ ଆସିବ ସୁରୁଜ ଗାଇ ଉଦ୍ୟୋଗର ଦାଣ୍ଡିଯାତ ।
ମେକ୍ଇନ୍ ଓଡ଼ିଶା ହୋଇବ ସଫଳ, ଲୋଡ଼ା ଯୁବକର ସହଯୋଗ;
ସୁସ୍ଥ ସମାଜ ଗଢ଼ିବା ଆମେରେ, ସମ୍ପର୍କର ଯାଦୁରେ ଅଭିଷିକ୍ତ ।
ବଣିଜ, କ୍ରୀଡ଼ା ଓ ମେଧାରେ ଗାଇବାରେ ନିତି, ଉଲ୍ଲାସର ବେଦମନ୍ତ୍ର;
କଥା ତ କହିବ କାରିଗରୀ ପୁଣି, ଆମେ ନୂତନତାର ବରପୁତ୍ର ।
ବିଶ୍ୱଦରବାରେ ଓଡ଼ିଆ ପୂଜାତ ପାଇବ, ଜ୍ଞାନ ଗାରିମାରେ ପରିବ୍ୟାପ୍ତ;
ଆଶାର ମଶାଲ ଜାଳି, ଭବିଷ୍ୟତ ଆମ କରିଦେବା ଦୀପ୍ତିମନ୍ତ ।

ଏମ୍.ଫିଲ୍ ରିସର୍ଚ୍ଚ ସ୍କଲାର୍ (ବାଣିଜ୍ୟ ବିଭାଗ)

# ଭୋର୍ ହେଲାଣି

◆ ଗୌରାଙ୍ଗ ଚରଣ ମହାରଣା

ପ୍ରାଚୀମୂଳେ ଚିତ୍ରଭାନୁ ସିନ୍ଧୁବକ୍ଷ ଭାଜି
ଆସୁଛନ୍ତି ବୀର ପ୍ରାୟେ କାଳିମାକୁ ତେଜି ।
ଶୀତଳ ସମୀରେ ପୁଷ୍ପ ହୋଇ ବିକଶିତ
ଦ୍ୱିଜଙ୍କର ରବେ ପୃଥ୍ୱୀ ହେଉଛି କମ୍ପିତ ।
ଧିରକଣ୍ଠେ ସ୍ନେହମୟୀ କୁନାକୁ ଡାକିଲେଣି,
ଉଠୁରେ ବାବୁ ମୋର 'ଭୋର୍' ହେଲାଣି ।(୧)
ନଗରେ ନଗରେ ଶୁକ ପିକ ଦ୍ୟନ୍ତି ରବ
ସହସ୍ରାଂଶୁ ଆଣିଲେ କାଳିମା ପରାଭବ
ଶ୍ରୋତ୍ରିୟ ମନ୍ଦିରେ ଉଚ୍ଚେ କଲେ ଶ୍ରୌତ୍ରଧ୍ୱନି
ମୁନି ପଢୁଅଛି ପାଠ ବସି ତୁନି ତୁନି
ଧିର କଣ୍ଠେ ସ୍ନେହମୟୀ କୁନାକୁ ଡାକିଲେଣି,
ଉଠୁରେ ବାବୁ ମୋର 'ଭୋର୍' ହେଲାଣି । (୨)
କାଳିଆ ବଳିଆ ସାଥେ ସେ ରଘୁଆ ଭାଇ
କ୍ଷେତ୍ର କର୍ଷୁଅଛି ଆସି ରବର ହୋଇ
ସଦ୍ୟସ୍ନାନ କରି ନବବଧୂ ତଡ଼ାଗରେ
ଧୂଳିମାର୍ଗେ ସିକ୍ତ  ବସ୍ତ୍ର ଲେଉଟଇ ଘରେ ।
ଧିରକଣ୍ଠେ ସ୍ନେହମୟୀ କୁନାକୁ ଡାକିଲେଣି,
ଉଠୁରେ ବାବୁ ମୋର 'ଭୋର୍' ହେଲାଣି । (୩)
ହିରଣ୍ୟକଶ୍ୟପ ବଧି ନୃସିଂହ ପରାୟେ
ଜ୍ୱଳନ୍ତ ରକ୍ତିମ ମୁଖ ଭାନୁ ସେହି ପ୍ରାୟ
ସଂସାର ପାପ ଦୈତ୍ୟକୁ କରିବାକୁ ନାଶ
ଏଇ ଶୁଭ ମୁହୂର୍ତ୍ତେ ଭାନୁ ହେଲେକି ପ୍ରକାଶ
ଧିରକଣ୍ଠେ ସ୍ନେହମୟୀ କୁନାକୁ ଡାକିଲେଣି
ଉଠୁରେ ବାବୁ ମୋର 'ଭୋର୍' ହେଲାଣି । (୪)
ରଜନୀ ବିଦାୟ ସୂର୍ଯ୍ୟ ଉଦୟର କାଳ
ଏ ସନ୍ଧି ମୁହୂର୍ତ୍ତେ ଜନ୍ମ ନେଲା ଭୋର୍ ବେଳ
ନୂତନ ଚିନ୍ତନ ସୃଷ୍ଟି ଶକ୍ତି ତତ୍ତ୍ୱ ବହି
ଭୋର୍ ମୁହୂର୍ତ୍ତକୁ ଧରା ପାଛୋଟି ଆଣଇ
ଧିର କଣ୍ଠେ ସ୍ନେହମୟୀ କୁନାକୁ ଡାକିଲେଣି,
ଉଠୁରେ ବାବୁ ମୋର ଭୋର୍ ହେଲାଣି । (୫)

ସଂସ୍କୃତ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ
ମୋ: ୮୭୫୮୫୩୧୧୮୧

# କର୍ତ୍ତବ୍ୟ

◆ ନକୁଳ କୁମାର ସାହୁ

ମନରେ ଅସୀମ ଧୈର୍ଯ୍ୟ ଉତ୍କଣ୍ଠା ଓ ଆବେଗ। ଚକ୍ଷୁ ଯୁଗଳରେ ଅତୀତର କୋହ ଦୁଃସ୍ୱପ୍ନ ପରି ମିଳେଇ ଯାଇଛି। ମନର ସେହି ଆବେଗକୁ ପ୍ରକାଶ କରିବା ପାଇଁ ଓଠଟି କୋମଳ ପତ୍ରପରି ଥରୁଥାଏ।

ଆଶ୍ଚର୍ଯ ଲାଗିଲା ଦେଖି ତାଙ୍କୁ ଘର ଛାଡ଼ି ଆସିଲେଣି ୫ବର୍ଷ ହେଲାଣି। ଯା ଭିତରେ ନାତିକୁ ୨ ବର୍ଷ ହୋଇଗଲାଣି। ପୁଅର ଯେତେବେଳେ ପୁଅଟିଏ ହେଲା ଖବର ପାଇଥିଲେ ପୁନିଆଠାରୁ ଯିଏ କି ତାଙ୍କ ପଡ଼ିଶା ଘରର। ନାତି ଜନ୍ମ ହେଇଛି ଖବର ଶୁଣି ତା'ଙ୍କ ଗୋଡ଼ ଆଉ ତଳେ ପଡୁନଥାଏ। ମନ ଖାଲି ଆକାଶରେ ଉଡୁଥାଏ। ତାଙ୍କର ଖୁସି କହିଲେ ନସରେ। କିନ୍ତୁ ତାଙ୍କର ସେହି ଖୁସି ଥିଲା କିଛି ସମୟ ପାଇଁ। ନାତିକୁ ଦେଖି ଆସିବା ପାଇଁ ତରତର ହେବା ସମୟରେ ମନେ ପଡ଼ିଗଲା ଶେଷ ପଦ ଟିକକ।

ସତରେ କେତେ ସ୍ୱାର୍ଥପର ଏ ମଣିଷ ସମାଜ। ଶିକ୍ଷିତ ହେବାର ଡିଣ୍ଡିମ ପିଟି ସଭ୍ୟ ସମାଜର ସଭ୍ୟ ମାନବ ବୋଲି ସେ ନିଜକୁ ଅଭିହିତ କରି କେତେବେଳେ ସେ ହରାଇବ ସେ ନିଜର ହିତାହିତଜ୍ଞାନ। ସେ କଥା ସେ ବୁଝିପାରେ ନାହିଁ। ତା' ନହେଲେ ରାମବାବୁଙ୍କର ପୁଅ ବୋହୂ କ'ଣ ତାଙ୍କ ସାଙ୍ଗରେ ଏପରି କରିଥା'ନ୍ତେ। ଘରକୁ କେତେ କିଏ ବନ୍ଧୁବାନ୍ଧବ ଆସିବେ। ସେମାନେ ରାମବାବୁଙ୍କୁ ଦେଖି କ'ଣ ଭାବିବେ। ରାମବାବୁ ସେଇଠି ଥିଲେ ତାଙ୍କର ମାନ-ସମ୍ମାନ ନଷ୍ଟ ହୋଇଯିବନି। ବୃଦ୍ଧ ଜଣକ ପୁଅ ବୋହୂଙ୍କର ସମ୍ମାନ ପାଇଁ ବଳି ଦେଇଥିଲେ ନିଜ ଇଚ୍ଛାକୁ। ସ୍ୱାମୀ ସ୍ତ୍ରୀ ଦୁହେଁ ଠାକୁର ବଇଦ କରି ଈଶ୍ୱରଙ୍କ କୃପାରୁ ପୁଅଟିଏ ପାଇଥିଲେ ପରିଣତ ବୟସରେ। ମନରେ ଅନେକ ଆଶା। ପୁଅକୁ ବଡ଼ ମଣିଷ କରିବେ, ରାମବାବୁ ପୁଅକୁ ପାଠ ପଢ଼େଇବେ ଆଉ ପୁଅ ବଡ଼ ଚାକିରି କରିବା ଦିନରାତିକୁ ଏକ କରି ଦୁହେଁ ଲହୁଲୁହାଣ ହେଇ ପୁଅକୁ ପାଠ ପଢ଼େଇଲେ।

ଶେଷରେ ପୁଅର ଚାକିରି ପାଇଁ ମୋଟା ଅଙ୍କର ହାତ ଗୁଞ୍ଜାଦେବା ପାଇଁ ଶେଷ ସମ୍ବଳ ଜମି ତିନିମାଣକୁ ବିକି ଦେଇଥିଲେ। ତଥାପି ମଧ୍ୟ ମନରେ ଅବଶୋଷ ନଥିଲା। ପୁଅ ଚାକିରି କଲେ ଆମର ଆଉ ଜମି କ'ଣ ହେବ। ପୁଅ ସହରରେ ଚାକିରି କଲା ଓ ଶେଷରେ ନିଜ ଇଚ୍ଛାରେ ବି ବିବାହ କଲା। ତଥାପି ମଧ୍ୟ ବାପା ମା' ଦୁହେଁ ପୁଅର ଇଚ୍ଛାକୁ ସମ୍ମତି ଦେଲେ। ଭାବିନେଲେ କି ପୁଅ ଏତେ ପାଠ ପଢ଼ିଛି ସେ ତା' ଜୀବନ ସାଥୀ ସେ ବାଛି ନେଉ। ପୁଅ ବୋହୂ ସହରରେ ରୁହନ୍ତି। ପ୍ରତି ମାସରେ କିଛି ଟଙ୍କା ପଠାନ୍ତି ବୁଢ଼ାବୁଢ଼ୀଙ୍କ ପାଖକୁ। ବର୍ଷକୁ ଥରେ ବା ଦି'ଥର ଦେଖି ଆସନ୍ତି। ବୁଢ଼ୀ ଆରପାରିକୁ ଚାଲିଯିବା ପରେ ବୁଢ଼ା ଏବେ ସହରରେ ରହୁଛନ୍ତି ପୁଅ ପାଖରେ। ଗାଁର ଘର ବି ବିକ୍ରି ସାରିଛି। ବୃଦ୍ଧଜଣଙ୍କ ପୁଅ ପାଖକୁ ଆସିବା ସମୟରେ ମନରେ କେତେ ସ୍ୱପ୍ନ ନେଇ ଆସିଥିଲେ ପୁଅବୋହୂଙ୍କର ସେବା ଶୁଶ୍ରୁଷା ଟିକେ ପାଇ ନାତି ନାତୁଣୀଙ୍କର ଗହଣରେ ରହି ଜୀବନର ଅନ୍ତିମ ସମୟ ଖୁସିରେ କଟିଯିବ। କିନ୍ତୁ ତାଙ୍କର ସ୍ୱପ୍ନ ସ୍ୱପ୍ନରେ ହିଁ ରହିଯାଇଥିଲା। ଚିରଦିନ ପାଇଁ କିଛି ଦିନ ରହିବା ପରେ ସବୁକିଛି ଓଲଟପାଲଟ ହୋଇଯାଇଥିଲା। ପୁଅ ବୋହୂଙ୍କ ଭିତରେ ତିକ୍ତତା ବଢ଼ିବାକୁ ଲାଗିଥିଲା ବୃଦ୍ଧାଙ୍କର କାରଣରୁ। ପୁଅ ବୋହୂଙ୍କର ଖୁସି ପାଇଁ ସେ ସବୁଦିନ ପାଇଁ ଘର ଛାଡ଼ି ଚାଲିଯାଇଥିଲେ ଅନ୍ୟ ଏକ ସହରର ଧର୍ମଶାଳାକୁ। ସେଠାରେ କିଛି କାମ କରି ନିଜ ପେଟ ନିଜେ ପୋଷୁଥିଲେ।

କିନ୍ତୁ ଆଜି ସେ ବୁଢ଼ାଜଣଙ୍କ ବାହାରି ଆସିଛନ୍ତି ତାଙ୍କ ନାତିକୁ ଦେଖିବା ପାଇଁ। ଅତୀତର ସବୁ ଘଟଣାକୁ ଏକ ଦୁଃସ୍ୱପ୍ନ ଭଳି ଭୂଲି। କେବଳ ନିଜର କର୍ତ୍ତବ୍ୟ ପାଳନ କରିବା ପାଇଁ। ବାପା ହିସାବରେ ପୁଅ ବୋହୂ ଏବଂ ନାତି ପ୍ରତି ଯେଉଁ କର୍ତ୍ତବ୍ୟ ଥିଲା ତାକୁ ହିଁ ସେ ତାଙ୍କ ଜୀବନରେ ଧ୍ୟେୟ ମନେ କରିଛନ୍ତି।

ପଞ୍ଚମ ବର୍ଷ, ସଂସ୍କୃତ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

# ସାଂପୁ ଫେଣ

◆ ଅସିତ୍ ପ୍ରଧାନ

ଆଜି ବି ଗଉରୀ ନାନୀ ସକାଳୁ ଉଠିଲା । ଯୋରରେ ଯାଇ ଡ଼ୋଭ୍ ସାବୁନ୍‌ରେ ବହେ ଗାଧେଇଲା । ସନ୍‌ସିଲ୍‌କ୍ ସାଂପୁର ଗଦାଏ ଫେଣ ପାଣିରେ ମିଳେଇ ଯାଉଥିଲା । କିନ୍ତୁ ଗଉରୀ ନାନୀର ଛାତି ଭିତର ରକତଖିଆ ଫେଣତକ...।

ହଉ ଛାଡ଼ ।

କୂଳକୁ ଉଠିଲା ଗଉରୀ ନାନୀ । ଘରକୁ ଫେରିବା ବେଳେ ତା' ମୁକୁଳା କେଶରୁ ଗଳିପଡୁଥିଲେ ସନ୍‌ସିଲ୍‌କର ଉଚାଟିଆ ବାସ୍‌ନାମାନେ । ଶୁଖିଲା ଲୁଗାଟିଏ ପିନ୍ଧି ଅପରାଜିତା ଗଛ ମୂଳେ ବାଁ ଆଣ୍ଠୁ ପକେଇ ପାଣି ଦେଲା । ଗୋଟାମୁଗ ଆଉ ଅରୁଆଚାଉଳରେ ଟିକେ ହଳଦୀ ମିଶେଇ ଖେଚୁଡ଼ି କଲା । ଖୋଜି ଖୋଜି ତିନିଟା ବୁଲା କୁକୁରଙ୍କୁ ଖାଇବାକୁ ଦେଲା । ରାଧାକୃଷ୍ଣଙ୍କ ପାଖରେ ଅଧଘଣ୍ଟା ଭଜନ ଗାଇସାରି ମୁହଁରେ ମାରିଲା ଫେୟାର୍ ଆଣ୍ଡ ଲଭ୍‌ଲି ଆଉ ପଣ୍ଡସ୍ ପାଉଡ଼ର । କାଖଟେକି ଛିଞ୍ଚି ହେଇପଡ଼ିଲା ଫଗ୍ ସେଣ୍ଟରୁ ମେଞ୍ଚାଏ । କାନରେ ମା'ର ସୁନା କାନଫୁଲ ହଳକ ପିନ୍ଧିଲା । ବାପାଙ୍କ ବାହାଘର ବେଳେ ମାମୁଁଘର ବାପାଙ୍କୁ ବନ୍ଦେଇଥିବା ସୁନାଚେନଟିକୁ ଆଲମିରାରୁ କାଢ଼ି ବେକରେ ପକେଇଲା ।

ହେଲେ ଆଜି ବି କିଛି ହେଲାନି । ଖାଇଦେଇ କନ୍ୟା ଦେଖି ସାରିଲା ପରେ ବରଘର ଲୋକେ ଫେରିଯାଇଥିଲେ ମୁହଁ ଫଣ ଫଣ କରି । ଗଉରୀ ନାନୀର ଆଶାଟିକକ ସାଂପୁଫେଣ ପରି ମିଳେଇ ସାରିଥିଲେ ଛାତି ତଳର କୋଉ ଯୋରରେ କେଜାଣି । ଗଉରୀ ନାନୀ ବୁଝିସାରିଥିଲା କାରଣ ସେଇ ଗୋଟିଏ ।

ବାପାଙ୍କ କଥା ଛାଡ଼ । ମା' ଘଣ୍ଟାଏ ମୁହଁ ମାଡ଼ି ଶୋଇଲା ପରେ ଉଠିଲା । ମନୁ ମୁହଁକୁ ତ ଚାହିଁ ହଉନି । ବାପା ବୋଧେ ମା' କଥାରେ ହଁ ମାରିଲେ । ବଡ଼ ଭଉଣୀ ଥାଇ ସାନଭାଇମାନେ କ'ଣ ବାହା ହଉନାହାଁନ୍ତି । ନା' ସାନଭାଇ ବାହା ହେଲା ପରେ ବଡ଼ଭଉଣୀମାନେ ବାହା ହଉନାହାଁନ୍ତି । ମନୁର ବି ବୟସ ହେଲାଣି । ଆଜିକାଲିକା ଛୁଆ କେତେବେଳେ ଯଦି ଭୁଲଠିକ୍ କ'ଣ କରିବସେ ।

ଆଜି ମନୁ ଯାଇଛି କନ୍ୟା ଦେଖି । ହେଇ ଆସିଲା ବୋଧେ । ହେ ଭଗବାନ୍ ମୋର ନ ହେଲା ନାହିଁ ମୋ ଭାଇ ବାହାଘର କିନ୍ତୁ ଶିଘ୍ର କରେଇ ଦିଅ ।

ଆରେ ଏ କ'ଣ ଏ ମନୁ ନା ସେଦିନର ସେଇ ବରଘର ଲୋକ । ମନୁ ମୁହଁ ଆଉ ମୁହଁ ଫଣ ଫଣ କରି ଫେରିଯାଉଥିବା ବରଘର ଲୋକଙ୍କ ମୁହଁ ଭିତରେ କିଛି ଫରକ ବାରି ପାରୁ ନଥିଲା ଗୌରୀ ନାନୀ । ରାଗ ତମ୍ ତମ୍ ହେଇ ମା', ବାପାଙ୍କୁ ଶୁଣେଇ ଶୁଣେଇ ମନୁ କହୁଥିଲା ମତେ ଝିଅ ଦେଖିବାକୁ ପଠେଇଥିଲ ନା ବଳି ପକେଇବାକୁ ପଠେଇଥିଲ । ଏଭଳି ଜହ୍ନିମଞ୍ଜିଆ ଝିଅକୁ ମୁଁ ବାହା ହେଇପାରିବିନି । କାଳିକୋତରୀଟେ ସହ ମତେ ଛନ୍ଦିଦେଇ ଜୀବନକୁ ମୋର ନର୍କ କରିଦେବେ ବୋଲି ଭାବିଛନ୍ତି ......।

ଫେୟାର୍ ଆଣ୍ଡ ଲଭ୍‌ଲି ଆଉ ପଣ୍ଡସ୍ ପାଉଡ଼ରକୁ ଝରକା ବାଟେ ଫୋପାଡ଼ି ଦଉଥିଲା ଗଉରୀ ନାନୀ । ବୋଧେ ମନୁ କଥା ଶୁଣିଦେଲା କି କ'ଣ । ହେଲେ ଫୋପାଡ଼ି ପାରିଲାନି ସାଂପୁ ଡ଼ବାକୁ । ମେଞ୍ଚାଏ ସାଂପୁ କାଢ଼ି ଦୁଇ ହାତରେ ଫେଣ କରି ମାରି ପକଉଥିଲା ମୁହଁସାରା । କଳା କେଶକୁ କହରା କରିଦେଉଥିବା ସାଂପୁ ଫେଣଟା ତା' ମୁହଁକୁ ଗୋରା ନକଲେ ନାହିଁ ଟିକେ କହରା କରିଦିଅନ୍ତାନି ।

# ଆତ୍ମହତ୍ୟା

◆ ସରିତା ଲେଙ୍କା

ଓଃ ! କି ମୁଣ୍ଡଫଟା ଖରା । ଖରା ଯେତେ ଅସହ୍ୟ ହେଉ ପଛକେ ମୋତେ ଆଜି ଟୁକୁନାକୁ ଦେଖିବାର ଅଛି । ଟୁକୁନା ବୋଉ ଟୁକୁନା ପାଇଁ ଯେଉଁ ଆରିସା ପିଠା ପଠେଇଛି, ତା'ର ଭାରି ପ୍ରିୟ, ସିଏ ହଷ୍ଟେଲକୁ ଆସିବା ଦିନରୁ ତା' ବୋଉ ମୋତେ ଜମା ଘରେ ରଖେଇ ଦଉନାହିଁ । ସବୁବେଳେ ଖାଲି କହୁଛି ତମେ ଗଲ ସହରକୁ ଆଉ, ତାକୁ ଦେଖା କରି ଆସିବ । ଦୁଇ ମାସ ହେଲାଣି ଗଲାଣି ଯେ ତା'ର କୌଣସି ଖବର ନାହିଁ କି ଅନ୍ତର ନାହିଁ ? ତମେ ଯାଅ ଆଉ ତାକୁ ଦେଖିକରି ଆସ । ଭଲରେ ଅଛି କି ଆମ ଟୁକୁନା । ତା' ଦେହପା ଭଲ ଅଛି କି ନାହିଁ ? ଏମିତି କେତେ କଥା । ଟୁକୁନାର ବାପା ଆସି ପହଁଚିଲେ ଭୁବନେଶ୍ୱର ସହରରେ । ପହଁଚି ଗଲେ ସତ ସହରରେ । ହେଲେ ହଷ୍ଟେଲ୍ ଯିବାର ବାଟ ତ ତାଙ୍କୁ ଜଣା ହିଁ ନଥିଲା । ତା'ପରେ ପାଖଆଖରେ ଥିବା ସେଠାକାର ଲୋକମାନଙ୍କୁ ଟୁକୁନାର ହଷ୍ଟେଲ୍ ଠିକଣା ପଚାରିଲେ ଏବଂ ସେମାନେ କହିବା ଠିକଣାରେ ଟୁକୁନାର ବାପା ହଷ୍ଟେଲ୍ ପାଖରେ ପହଁଞ୍ଚିଲେ । ସେଠାରେ ପହଁଚିବା ପୂର୍ବରୁ ତାଙ୍କ ମନରେ ନେକ ଉତ୍ସାହ ଏବଂ ଆନନ୍ଦ । କାରଣ ବହୁତ ଦିନ ପରେ ଟୁକୁନାକୁ ଭେଟିବେ । ହେଲେ ଏ କ'ଣ ? ହଷ୍ଟେଲ୍ ଆଗରେ ଏତେ ଭିଡ଼ । ଆଶ୍ଚର୍ଯ୍ୟ କଥା ! ପୋଲିସ୍ ବାବୁମାନେ ମଧ୍ୟ ଅଛନ୍ତି । କ'ଣ ହେଇଛି ସିଏ ଟିକେ ବ୍ୟସ୍ତ ହୋଇପଡ଼ି ଆଗକୁ ଗଲେ । ସେଠାରେ ରୁଣ୍ଡ ହୋଇଥିବା ପିଲାଙ୍କୁ ଭିଡ଼ର କାରଣ ପଚାରିଲେ । ଆରେ ପୁଅମାନେ ! କ'ଣ ହେଇଛି ଏଠାରେ ? ଆରେ ଶୁଣ ! କେହି ତ ମୋ ପ୍ରଶ୍ନର ଉତ୍ତର ଦିଅ । କିନ୍ତୁ, କେହି ବି ତାଙ୍କ ପ୍ରଶ୍ନର ଉତ୍ତର ଦେଲେ ନାହିଁ । ସମସ୍ତେ ଦୁଃଖରେ ନତମସ୍ତକ ହେଉଥାନ୍ତି । ଟୁକୁନାର ବାପା ଆଗକୁ ଯାଇ ଦେଖିଲେ ତ ଗୋଟେ ପିଲା ଶୋଇଛି ଏବଂ ତା' ଉପରେ ଗୋଟେ ଧଳା ଚଦର ଆବୃତ୍ତ ହୋଇଛି । ଏ କ'ଣ ? ଆମ ଟୁକୁନା ପରି ଲାଗୁଛି । ହେଲେ ସେ ଶୋଇଛି କାହିଁକି ? ତା'ପରେ ପାଖକୁ ଯାଇ ଦେଖେ ତ କହି ସେ ସେଠାକୁ ଗଲେ ଏବଂ ସେ ସେଠାରେ ଯାହା ଦେଖିଲେ ନିଜକୁ ବିଶ୍ୱାସ ମଧ୍ୟ କରିପାରୁନଥିଲେ । ଥପ୍ କରି ବସି ପଡ଼ିଲେ ତଳେ । ବୁକୁଭରା ଚିତ୍କାରରେ ଗଗନ ମଣ୍ଡଳ ସ୍ତବ୍ଧ ହୋଇଉଠିଲା । ସେଠାରେ ସେ ଦେଖିଲେ ଏକ ଚିଠି ଯାହାକି ଟୁକୁନାର ହାତରେ ଥିଲା । ସେଥିରେ ଲେଖା ଥିଲା, "ଓ କି କଷ୍ଟ ବୋଉ ତୁ ମୋତେ କ୍ଷମା କରିଦେବୁ ଲୋ ! ତୋ ଟୁକୁନା ତୋ କଥା ରଖି ପାରିଲାନି । ତୁ କହିଥିଲୁ ତୋ ଟୁକୁନା ପାଠ ପଢ଼ି ଚାକିରି କରିବ ଆଉ ତୋ ଦୁଃଖ ଦୂର କରିବ ହେଲେ ହଷ୍ଟେଲରେ ସିନିୟର ଭାଇମାନଙ୍କର ଅସହ୍ୟ ନିର୍ଯ୍ୟାତନାରେ ମୁଁ ଦୁନିଆ ଛାଡ଼ିବାକୁ ବାଧ୍ୟ ହେଉଛି ।"

ଇତି ତୋର,

ଗେହ୍ଲାପୁଅ ଟୁକୁନା ।

ପଞ୍ଚମ ବର୍ଷ, ସଂସ୍କୃତ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର



# ଉଜୁଡ଼ା କ୍ଷେତ

◆ ଦିଲ୍ଲିପ ସ୍ୱାଇଁ

ନୀତିଦିନ ପରି ସେଦିନ ମଧ୍ୟ କାନ୍ଧରେ ନଙ୍ଗଳ ପକାଇ ଚାଲିଥା'ନ୍ତି ୫୮ ବର୍ଷର ମଣିଷଟି। ଲୋକେ କିଏ ଉଠିଥାନ୍ତୁ କି ନଥାଆନ୍ତୁ ତାଙ୍କର ସେଥିପ୍ରତି ଭ୍ରୁକ୍ଷେପ ନଥାଏ। କାହିଁକି କେଜାଣି ସେଦିନ ମୁଁ ଚାଲିଯାଉଥାଏ ବାଡ଼ିତୋଟା ପଛ ବିଲ ଆଡ଼କୁ। ସକାଳର ସେହି ପରିଶ୍ରମୀ ଲୋକଟିକୁ ଦେଖି ମୋର ଆଖି ଲାଖି ଯାଉଥାଏ ତାଙ୍କଠାରେ। ସ୍ୱାଧୀନତାର ୫୮ ବର୍ଷ ବିତି ଯାଇଥିଲେ ମଧ୍ୟ ବିଜ୍ଞାନର ଅଗ୍ରଗତି ସତ୍ତ୍ୱେ ସାମନ୍ତରାୟ ବାବୁ କିନ୍ତୁ ପ୍ରାଚୀନ କାଳରେ ସେହି ବୃତ୍ତି ଚାଷଜମିକୁ ନିଜର ବୃତ୍ତି ଭାବରେ ନିଷ୍ଠା ସହକାରେ କରିଥା'ନ୍ତି।

ପ୍ରକୃତି ସୌନ୍ଦର୍ଯ୍ୟଭରା ତରୁଲତା ବିମଣ୍ଡିତ ଗାଁଟି ହେଉଛି ମୁକୁନ୍ଦପୁର। ଗାଁଟିରେ ପ୍ରାୟ ପାଞ୍ଚ ହଜାରରୁ ଅଧିକ ଲୋକ ବସବାସ କରିଥାନ୍ତି। କିନ୍ତୁ ସାମନ୍ତରାୟ ପରିବାର ଦେଖିଲେ କେହି ହେଲେ ନିଃସଂକୋଚରେ କହିପାରିବ ଯେ ସେ ଘରଟି ଉଚ୍ଚ ସମ୍ଭ୍ରାନ୍ତ ପରିବାର। ଉଚ୍ଚ ଶେଣୀ ଦିଆ ଘର, ଆଣ୍ଠୁ ଥିବା ଘର। ଏତଦ୍‌ବ୍ୟତୀତ ଘର ଆଗରେ ଦୁଇ ଚାରୋଟି ଦେବଦାରୁ ଗଛ ଆକାଶକୁ ମୁଣ୍ଡ ଟେକି ଘରର ସୌନ୍ଦର୍ଯ୍ୟକୁ ବୃଦ୍ଧି କରୁଛନ୍ତି। ସାମନ୍ତରାୟ ପରିବାର ତିନି/ଚାରୋଟି ସଦସ୍ୟକୁ ନେଇ ପରିବାରଟି ବୈକୁଣ୍ଠ ପରି ମନେହେଉଥାଏ। ସାମନ୍ତବାବୁ ମାଆଙ୍କର ବୟସ ଅଶୀ ରୁ ପଞ୍ଚାଅଶୀ ବର୍ଷ ହେବ। ଆଉ ଶ୍ରୀମନ୍ତ ସାମନ୍ତରାୟଙ୍କ ବୟସ ଅଠାବନରୁ ଷାଠିଏ ବର୍ଷ ଭିତରେ ହେବ। ତାଙ୍କ ସ୍ତ୍ରୀଙ୍କର ନାମ ଜ୍ୟୋତ୍ସ୍ନା। ନାତିଟିର ନାଁ – ବଗୁଲା। ପ୍ରତିଦିନ ସନ୍ଧ୍ୟାରେ ଏହି ପରିବାରରୁ ଭାସି ଆସୁଥାଏ ଭାଗବତର, ଅମୃତବାଣୀ ଗୁଡ଼ିକ। ଆଖିରେ ବଳ ନଥିଲେ ପ୍ରଚକ୍ଷୁ ଲଗାଇ ଯେଉଁ ନିର୍ଭୁଲ୍ ଭାବରେ ଶ୍ରୀମନ୍ତଙ୍କ ମାଆ ଭାଗବତ ବୋଲନ୍ତି ଓ ଏହାର ଫଳଗୁରେ ଯେ କେହି ଦୁଇଚାରି ମିନିଟ୍ ଘର ପାଖରେ ଅଟକିଯାଇଥାଏ।


ପ୍ରକୃତିରେ ଶ୍ରାବଣ ମାସର ପ୍ରବେଶ। ଚାଷୀକୁଳ ଆକାଶ ନୀଳ ଗଗନରେ କଳାବାଦଲ ସହିତ ଘୁଡୁ ଘୁଡୁ ଶବ୍ଦ ଶୁଣି ଉତ୍‌ଫୁଲ୍ଲିତ ତା'ର ମନ। ଶ୍ରୀମନ୍ତ ବାବୁ ଓଡ଼ିଆ ଘରର ପରଂପରାକୁ ବଞ୍ଚାଇ ରଖିଛନ୍ତି। ଅକ୍ଷୟ ତୃତୀୟା ଦିନରେ ଚାଷଜମିରେ ଧାନକ୍ଷେତରେ ଚାଷର ଶୁଭ ପକାଇଛନ୍ତି। ଚାଷ ଅନୁକୂଳ ହେବାକ୍ଷଣି ସକାଳୁ ସକାଳୁ କଅଣ ଦି'ଖଣ୍ଡ ଚକୁଳି ପିଠା ଓ କଞ୍ଚାଲଙ୍କା କାମୁଡ଼ି ଦେଇ ତରତର ହୋଇ ବାହାରି ପଡ଼ିଥାନ୍ତି ଚାଷ କିଆରିକୁ। କେହି ବିଲକୁ ନ ଯାଇଥାନ୍ତୁ ପଛେ କିନ୍ତୁ ଶ୍ରୀମନ୍ତବାବୁ କିଆରିରେ ଏକାକୀ ଦୁଇ ହଳ ବଳଦକୁ ସାଥିରେ ଘେନି ଚାଷ କାର୍ଯ୍ୟରେ ଲିପ୍ତ ହୋଇପଡ଼ନ୍ତି। ଉଚ୍ଚ ସମ୍ଭ୍ରାନ୍ତ ପରିବାରରେ ଥାଇ ମଧ୍ୟ ମନରେ ଟିକେ ଗର୍ବ ନଥାଏ। ସେ ମଧ୍ୟ ଦିନେ ଉଚ୍ଚଶିକ୍ଷା ଅଧ୍ୟୟନ କରିଥିଲେ। ଜୀବନରେ କାହା ଅଧୀନରେ ରହି କାର୍ଯ୍ୟରତ ହେବା ନିମନ୍ତେ ସେ ପସନ୍ଦ କରିନଥାନ୍ତି। ସେ କୁହନ୍ତି– "ସମାଜରେ ଚାକିରୀଟିଏ କ'ଣ ର ନିହାତି ଦରକାର ! ଯଦି ମଣିଷ ପାଖରେ ମାନବିକତା, ନିଃସ୍ୱାର୍ଥପରତା ଆଉ ଅହଂ ନଥାଏ ତେବେ ସେ ସମାଜ ନିକଟରେ ପୂଜା ପାଉଥାଏ। ଠିକ୍ ସେହିପରି ଶ୍ରୀମନ୍ତଙ୍କ ଭାଷାରେ କି ଯାଦୁ ଥାଏ କେଜାଣି ଗାଁରେ କୌଣସି ସ୍ଥାନରେ ବିବାଦ ଲାଗିଥିଲେ, ତାଙ୍କ କଥାରେ ତତ୍‌କ୍ଷଣାତ୍ ସମାଧାନ ହୋଇ ଯାଇଥାଏ। ଶ୍ରୀମନ୍ତ କହନ୍ତି – ଜୀବନରେ ସାର୍ଥକତା ଟଙ୍କା ପଇସାରେ ନଥାଏ। ଥାଏ ସରଳ ମଣିଷର ହୃଦୟରେ।

ମାତ୍ର ପ୍ରକୃତିର ତାଡ଼ନାରେ ମଣିଷ କେତେବେଳେ ଛନ୍ଦି ହେଇଯାଏ, ତାହା ବଡ଼ କଷ୍ଟଦାୟକ। ବାତ୍ୟା, ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସାଧାରଣ ଚାଷୀକୁ ତଥା ଦେଶର ମେରୁଦଣ୍ଡକୁ କ୍ଷତ ବିକ୍ଷତ କରିପକାଇଛନ୍ତି। ଏମିତି ଏକ ଘଟଣା ଆସି ପହଞ୍ଚିଛି ମୁକୁନ୍ଦପୁରରେ। ଶ୍ରାବଣ ମାସର ପରେ ପରେ ଧାନ ଜମିରେ ଧାନଗଛ ଗୁଡ଼ିକ ଅତି ସୁନ୍ଦର ଭାବରେ ମହକି ଉଠୁଥାଏ। ସମସ୍ତ ଚାଷିକୁଳ ମନ ଉତ୍‌ଫୁଲ୍ଲରେ ଥା'ନ୍ତି। ମାତ୍ର ଏମିତି ଏକ ସମୟ ଉପୁଜିବ କେହି ସ୍ୱପ୍ନରେ ସୁଦ୍ଧା ଭାବିନଥିଲେ।। ଧାନରେ ମାରାତ୍ମକ ଜଉପୋକ କ୍ଷେତକୁ ଖାଇ ଉଜାଡ଼ି ଦେଇଛନ୍ତି।

ସେହି ଚାଷଜମି ଗୁଡ଼ିକୁ ଶ୍ରୀମନ୍ତ ବାବୁ କେତେ ମେହେନତରେ ସାଙ୍ଗରେ ଦୁଇ ବଳବାନ୍ ସାଥିଙ୍କୁ ନେଇ ଜମିକୁ ସୁନ୍ଦର କରିଥିଲେ। ମାତ୍ର ଏଭଳି ଘଟଣା ତାଙ୍କୁ ବ୍ୟସ୍ତ କରି ପକାଉଥାଏ। ମା' ଶ୍ରୀମନ୍ତ ବାବୁଙ୍କ ଏପରି ଅବସ୍ଥା ଦେଖି ପଚାରିଲେ ଆରେ ଶ୍ରୀମାନ୍, କ'ଣ ହେଇଛିରେ! ଇଏ ତ ହେଉଛି ପ୍ରକୃତିର ତାଡ଼ନା। ହଠାତ୍ ସେଦିନ ଖରାବେଳେ ଡାକ ପିଅନ ଆସି ଡାକ ଦେଲା ଶ୍ରୀମନ୍ତ ସାମନ୍ତରାୟ ଅଛନ୍ତି, ଆଜ୍ଞା; ଡାକ ଦେଇ ବାହାରକୁ ବାହାରି ଆସିଲେ ଶ୍ରୀମନ୍ତ ବାବୁ। ଚିଠିକୁ ହାତକୁ ବଢ଼ାଇ ଦେଇ ଡାକପିଅନ ସେଠାରୁ ପଳାଇଅଛି। ଏହା ପରେ ପରେ ଚିଠିକୁ ପଢ଼ି ଶ୍ରୀମନ୍ତ ବାବୁଙ୍କ ହୃଦୟରେ ସମୁଦ୍ରର ଅଥଳ ତରଙ୍ଗ ତରଙ୍ଗାୟିତ ହେବାଭଳି ସେ ବ୍ୟସ୍ତ ବିବ୍ରତ ହୋଇପଡ଼ିଲେ। ମାଆର ପାଦତଳେ ଲଥ୍ କରି ବସିପଡ଼ିଲେ। ମା' ତାଙ୍କ ମୁଣ୍ଡରେ ହାତ ବୁଲାଇ ପଚାରିବାକ୍ଷଣି କେଇ ମିନିଟ୍‌ରେ ତାଙ୍କ ହୃଦୟରୁ ଆଖିର ଲୁହଧାରରେ, କୋହଭରା କଣ୍ଠରେ କହିଲେ- ସବୁ ଉଜୁଡ଼ିଗଲା।

ଶ୍ରୀମନ୍ତ ବାବୁଙ୍କ ପତ୍ନୀ ଜ୍ୟୋସ୍ନା ପଚାରି ବୁଝିବାରୁ ସେ କହିଲେ- ଆମର ଚାରିମାଣ ଜମି ଭାରତ ସରକାରଙ୍କ ରେଳ ରାସ୍ତା ନିମନ୍ତେ ଚିହ୍ନଟ କରାଯାଇଛି। ପତ୍ନୀ ଜ୍ୟୋସ୍ନା କହୁଥାନ୍ତି- କଥାରେ ଅଛି- 'କପାଳ ଲିଖନ କେ କରିବ ଆନ'। କେହି ସାନ୍ତ୍ୱନା ଦେଉଥାନ୍ତି। ଏହି ଜମି ଥିଲା ତାଙ୍କ ଅତୃପ୍ତିର ତୃପ୍ତି, ନିରାଶାର ଆଶା। ଏହା ସମାଧାନ ପାଇଁ ବହୁ ଉଚ୍ଚ ପଦାଧିକାରୀଙ୍କ ସହିତ ସାକ୍ଷାତ କରିଛନ୍ତି। ଏହାର କୌଣସି ସୁଫଳ ମିଳିନାହିଁ। ଏହାର କିଛି ଦିନ ପରେ ସରକାରଙ୍କ କିଛି କର୍ମଚାରୀମାନେ ଚେକ୍ ନେଇ ଶ୍ରୀମନ୍ତଙ୍କ ଘରେ ଉପସ୍ଥିତ ହୋଇଛନ୍ତି। ଶ୍ରୀମନ୍ତ ଚେକ୍‌ଟିକୁ ଗ୍ରହଣ କରିନାହାନ୍ତି। ବରଂ ଦୃଢ଼ କଣ୍ଠରେ କହିଛନ୍ତି- "ମୋର ଶହ ଶହ ବନ୍ଧୁ ତଥା ଗାଁର ଆବାଳ ବୃଦ୍ଧବନିତା ଏହାଦ୍ୱାରା ଉପକୃତ ହେବେ।"

ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର
ଓଡ଼ିଆ ବିଭାଗ, ଶେଷ ବର୍ଷ



# ପଶ୍ଚିମ ଓଡ଼ିଶାର ଲୋକସଂସ୍କୃତିରେ ଓଷାବ୍ରତ

◆ ମୋହନ କର

ଓଡ଼ିଶାର ସଂସ୍କୃତି ହେଉଛି ବହୁ ପ୍ରାଚୀନ ସଂସ୍କୃତି । ଓଡ଼ିଶାର ସଂସ୍କୃତି କହିଲେ, ଓଡ଼ିଶାର ଲୋକସାହିତ୍ୟ, ଲୋକଧର୍ମ, ଲୋକଗୀତ, ଲୋକକାହାଣୀ, ଲୋକଚେତନା, ଲୋକପର୍ବପର୍ବାଣୀ ଓ ଓଷାବ୍ରତ ଆଦିକୁ ହିଁ ବୁଝାଇଥାଏ । 'ସଂସ୍କୃତି'ର ଅର୍ଥ ସୀମିତ ନୁହେଁ, ଏହା ଏକ ଭାବୋଦ୍ଦୀପକ ଶବ୍ଦ ମାତ୍ର । ସାଧାରଣଭାବେ ସଂସ୍କୃତି ଦ୍ୱିବିଧ ଭାବରେ ପ୍ରତିଷ୍ଠିତ, ଯଥା - ବୈଦିକ ସଂସ୍କୃତି ଓ ଲୋକ ସଂସ୍କୃତି । ବୈଦିକ ସଂସ୍କୃତି ଅବଶ୍ୟ ଲୋକ ସଂସ୍କୃତିଠାରୁ ଭିନ୍ନ । ପ୍ରଥମଟି ବିଦ୍ୱାନର ଏବଂ ଅପରଟି ଲୋକ ସମାଜର ଜୀବନ ଉପରେ ଆଧାରିତ ।

ଅବଶ୍ୟ ଲୋକ ଅପରିସୀମା ପ୍ରଭାବ ଏ ସମାଜରେ ସର୍ବଥା ଗୃହିତ ହୋଇ ଆସିଥିବାରୁ ବୈଦିକ ସଂସ୍କୃତିକୁ ଲୋକ ସଂସ୍କୃତି ପରିପୁରକ ଭାବରେ ଗ୍ରହଣ କରାଯାଇପାରେ ।

'ଲୋକ ସଂସ୍କୃତି'କୁ ଇଂରାଜୀରେ "ଫୋକ୍ ଲୋର୍" ବୋଲି କୁହାଯାଇଥାଏ । ଏହି 'ଫୋକ୍ ଲୋର୍' ଶବ୍ଦଟିକୁ ଇଂରେଜ ଗବେଷକ ଉଇଲିୟମ ଜେ.ଥମାସ ୧୮୪୬ ମସିହାରେ ବ୍ୟବହୃତ କରିଥିଲେ । ସେ କହିଥିଲେ ଯେ, 'ଫୋକ୍'ର ଅର୍ଥ ଅଶିକ୍ଷିତ ଜନସାଧାରଣ ଏବଂ 'ଲୋର୍'ର ଅର୍ଥ ସେମାନଙ୍କ ବିଦ୍ୟା, ଜ୍ଞାନ ଯାହା 'ଲୋକ ଜ୍ଞାନ' ଭାବରେ ବ୍ୟବହୃତ । କିନ୍ତୁ ଏହି ଫୋକ୍ ଲୋର୍ ବା ଲୋକ ସଂସ୍କୃତିର ବିଷୟରେ ଭାରତୀୟ ତଥା ଓଡ଼ିଶାର ଶିକ୍ଷାବିତ୍, ସଂସ୍କୃତିବିତ୍ ମାନେ ଭିନ୍ନ ଭିନ୍ନ ମତପୋଷଣ କରିଥିବାର ଦେଖାଯାଏ । ଡ଼.ସୁନୀତି କୁମାର ଚଟ୍ଟୋପାଧ୍ୟାୟ 'ଲୋକମାନ', ରାମପ୍ରସାଦ ଚନ୍ଦ୍ର 'ଲୋକବିଦ୍ୟା', ଡ଼. ସୁକୁମାର ସେନ 'ଲୋକଚର୍ଯ୍ୟା', ତୁଷାର ଚଟ୍ଟୋପାଧ୍ୟାୟ 'ଲୋକକୃତି' ଆଦି ଶବ୍ଦ ମାନ ଚୟନ କରିଥିବା ବେଳେ ଓଡ଼ିଶାର କୁଞ୍ଜବିହାରୀ ଦାଶ 'ଲୋକକୃତି', ଭାବଗ୍ରାହୀ ମିଶ୍ର 'ଲୋକବିଦ୍ୟା', ଡ଼. ପ୍ରସନ୍ନ କୁମାର ମିଶ୍ର 'ଲୋକତତ୍ତ୍ୱ' ଏବଂ ଡ଼. କୁମୁଦ ରଞ୍ଜନ ପାଣିଗ୍ରାହୀ 'ଲୋକଧାରା' ଆଦି ଶବ୍ଦମାନ ଚୟନ କରିଛନ୍ତି । କିନ୍ତୁ ଉପରୋକ୍ତ ଶବ୍ଦଗୁଡ଼ିକରୁ 'ଲୋକସଂସ୍କୃତି' ଶବ୍ଦଟି ହିଁ ଅଧିକ ଯୁକ୍ତି ଯୁକ୍ତ ।

ଏହାର ଐତିହାସି ପଟ୍ଟଭୂମି ଯାହା ହେଉ, ଆରମ୍ଭ ଯେବେଠାରୁ ହେଉ ଲୋକସଂସ୍କୃତି ବା ଫୋକ୍ ଲୋର୍ ସାମ୍ପ୍ରତିକ ବ୍ୟାଖ୍ୟାକୁ ଆମକୁ ମାନିବାକୁ ପଡ଼ିବ । ସାଧାରଣଭାବେ ଲୋକସଂସ୍କୃତି କହିଲେ, ପ୍ରଥା, ପରମ୍ପରା, ପ୍ରାଚୀନ ରୀତିନୀତି, ବିଶ୍ୱାସ, ଚଳଣୀ, ଶ୍ରୁତି ଏବଂ କଳାର ଅଧ୍ୟୟନକୁ ବୁଝାଯାଏ । ବିଧିବଧଭାବେ କୁହାଯାଇପାରେ ଯେ ମନୁଷ୍ୟ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ତା'ର ଜୀବନ ଯାତ୍ରା ପଥରେ ଷୋଡ଼ଶ ସଂସ୍କାର ମଧ୍ୟ ଦେଇ ସଂସ୍କୃତ ହୋଇଥାଏ। ଏହି ସଂସ୍କୃତ ସ୍ୱରୂପର ପରିପ୍ରକାଶ ହିଁ ଲୋକସଂସ୍କୃତି । ଏହି ଲୋକସଂସ୍କୃତି ହେଉଛି ମାନ ଜୀବନର ଏକ ମାନଦଣ୍ଡ ସ୍ୱରୂପ। ଏହା ମାନବ ଜାତିର ମୂଳଦୁଆକୁ ଦୃଢ଼ ଓ ବଳିଷ୍ଠ କରି ତୋଳିବାରେ ସହାୟକ ହୋଇଥାଏ । ତେଣୁ ମାନବ ଜାତିର ଧର୍ମଧାରା, ପୂଜାପାର୍ବଣ ତଥା ଓଷାବ୍ରତ ମାଧ୍ୟମରେ ତା'ର ଲୋକସଂସ୍କୃତିର ଅଧ୍ୟୟନ କରାଯାଇପାରେ ।

ଆମ ଦେଶ ତଥା ରାଜ୍ୟରେ ପ୍ରଚଳିତ ପର୍ବପର୍ବାଣୀ ଓଷାବ୍ରତର ପାଳନ ବିଧିରେ କିଛି ସ୍ୱାତନ୍ତ୍ରତା ରହିଛି । ଏହିଗୁଡ଼ିକ ଲୋକସଂସ୍କୃତିରେ ଥିବା ଚଳଣି ମଧ୍ୟରେ ନିହିତ। ଏ ସବୁ ପାଳନ କରିବା ଦ୍ୱାରା ଆମ ସଂସ୍କୃତି ମହାନ୍ ହୋଇ ଉଠେ । ବିଶେଷକରି ଆମ ଓଡ଼ିଶାର ଜନମାନସରେ ପାରମ୍ପରିକ ଭାବେ ପାଳିତ ହୋଇ ଆସୁଥିବା ବାର ମାସରେ ତେର ପର୍ବ ଏବଂ ଓଷାବ୍ରତ ଗୁଡ଼ିକ ଖୁବ୍ ଉଲ୍ଲେଖଯୋଗ୍ୟ । ଏହି ପର୍ବପର୍ବାଣୀ ଓ ଓଷାବ୍ରତଗୁଡ଼ିକ ଓଡ଼ିଶାର ଲୋକମାନଙ୍କୁ କେଉଁ ଆଦିମକାଳରୁ ବିପୁଳ ମାତ୍ରାରେ ଆନନ୍ଦ ଓ ଉଲ୍ଲାସ ଦେଇ ଆସୁଅଛି । ଏଗୁଡ଼ିକ ଧର୍ମବିଶ୍ୱାସ ଉପରେ ପାଳନ ହୋଇ ଆସୁଅଛି । ଓଡ଼ିଶାରେ ଗୋଟିଏ ପ୍ରକାରର ପର୍ବପର୍ବାଣୀ ଓ ଓଷାବ୍ରତର ସୂଚନା ପାଇବା ସମ୍ଭବ ନୁହେଁ । ଓଡ଼ିଶାର ପଶ୍ଚିମାଞ୍ଚଳର ଅଧିବାସୀ ମାନଙ୍କର ଓଷାବ୍ରତ, ପର୍ବପର୍ବାଣୀମାନ ପୂର୍ବାଞ୍ଚଳର ଅଧିବାସୀମାନଙ୍କର ପାଳନ ବିଧିଠାରୁ ଭିନ୍ନ । ଏହି ପଶ୍ଚିମ ଓଡ଼ିଶାର ଲୋକ ସଂସ୍କୃତିଟି ବେଶ୍ ମହାନ୍ ଏବଂ ଏହା ସାରା ଦେଶରେ ଗୌରବଲାଭ ପାଇଛି ।

ଓଡ଼ିଶାର ପଶ୍ଚିମାଞ୍ଚଳ କହିଲେ ସମ୍ବଲପୁର, ସୁନ୍ଦରଗଡ଼, ବଲାଙ୍ଗୀର, ବରଗଡ଼, କଳାହାଣ୍ଡି, ଝାରସୁଗୁଡ଼ା, ବୌଧ, ନୂଆପଡ଼ା ଓ ଅନୁଗୁଳ ଜିଲ୍ଲାର ଆଠମଲ୍ଲିକ ସବ୍‌ଡ଼ିଭିଜନକୁ ବୁଝାଯାଏ । ଏହି ଅଞ୍ଚଳ ହେଉଛି ସବୁଜ ଜଙ୍ଗଲ ଓ ପାହାଡ଼ ପରିବେଷ୍ଟିତ ପ୍ରାକୃତିର ଗନ୍ତାଘର । ଏହି ଅଞ୍ଚଳର ଆଦିବାସୀ ସମ୍ପ୍ରଦାୟର ଅନେକ ଜନଜାତି ଆଜି ବି ପ୍ରକୃତି ସହିତ ତାଳ ଦେଇ ଜୀବନ ଅତିବାହିତ କରିଆସୁଛନ୍ତି କେଉଁ ଆଦିମ କାଳରୁ। ଏମାନଙ୍କର ଲୋକସଂସ୍କୃତି ହେଉଛି ମହାନ୍ । ଏମାନଙ୍କର ଲୋକସଂସ୍କୃତି ସାରା ଦେଶ ମଧ୍ୟରେ କିଛି ସ୍ୱାତନ୍ତ୍ରତା ରହିଛି । ପଶ୍ଚିମ ଓଡ଼ିଶାର ଲୋକସଂସ୍କୃତି କହିଲେ ଏ ଅଞ୍ଚଳର ଲୋକ ଜୀବନରେ ପିଢ଼ିରୁ ପିଢ଼ି ଗଢ଼ି ଆସୁଥିବା ସାମାଜିକ ଆଚାର ଯଥା - ଜନ୍ମ ମୃତ୍ୟୁ ସମ୍ବନ୍ଧିୟ, ବିବାହ, ଉତ୍ତରାଧିକାରୀ, ବାଲ୍ୟ ତଥା ପୌଢ଼ଜୀବନର ରୀତିନୀତି, ବ୍ୟବସାୟ, ପଶୁପାଳନ, କୃଷି, ଧର୍ମଧାରା, ଲୋକବିଶ୍ୱାସ ଓ ଚିକିତ୍ସା, ଜୀବନ-ଜୀବିକା, ସାଂସ୍କୃତିକ କାର୍ଯ୍ୟ, ପୋଷାକ ପରିଛେଦ, ଲୋକଗୀତ, ନୃତ୍ୟ, କ୍ରୀଡ଼ା, ଜାନିଯାତ୍ରା, ପର୍ବପର୍ବାଣୀ ଓ ଓଷାବ୍ରତକୁ ବୁଝାଇଥାଏ । ଏ ଅଞ୍ଚଳର ଲୋକସଂସ୍କୃତି କାହିଁ କେଉଁ ଆବାହମାନ କାଳରୁ ପ୍ରଥା ସର୍ବସ୍ୱ ସ୍ୱରୂପ ଗଢ଼ି ଆସି ବର୍ତ୍ତମାନ ଯାଏ ଲୋକ ଜୀବନରେ ସୁଦୃଢ଼ ହୋଇ ତିଷ୍ଠି ରହିଅଛି । ଏହି ମହାନ୍ ପରମ୍ପରାଟି ସମଗ୍ର ଭାରତ ବର୍ଷରେ ଉନ୍ନତ ତଥା ରଚିଶୀଳ । ଏହି ଅଞ୍ଚଳର ଲୋକସଂସ୍କୃତିର ଚଳଣୀ ମଧ୍ୟରେ ଓଷାବ୍ରତଟି ଅନ୍ତର୍ଭୁକ୍ତ । ଏହି ଓଷାବ୍ରତ ଏ ଅଞ୍ଚଳର ଧର୍ମବିଶ୍ୱାସ ଉପରେ ପ୍ରତିଷ୍ଠିତ । ତେଣୁ ଏ ଅଞ୍ଚଳରେ ବର୍ଷକୁ ଅନେକ ଓଷାବ୍ରତମାନ ପାଳନ କରାଯାଇଥାଏ । ହେଲେ ସବୁ ଓଷାବ୍ରତ ସମଗ୍ର ଅଞ୍ଚଳରେ ଲୋକେ ପାଳନ କରି ନଥାନ୍ତି। ପାଳନ ହେଉଥିବା ଓଷାବ୍ରତଗୁଡ଼ିକ ମଧ୍ୟରେ ଜହ୍ନି ଓଷା, ପୁଅଜୀଉଁତିଆଁ ଓଷା, ଭାଇଜୀଉଁତିଆଁ ଓଷା, ମାଣବସା ଓଷା, ଷଷ୍ଠି ଓଷା ପ୍ରଭୃତି । ବ୍ରତଗୁଡ଼ିକ ହେଲା - ସୁଦଶା ବ୍ରତ, କାର୍ତ୍ତିକ ବ୍ରତ, ସାବିତ୍ରୀ ବ୍ରତ ଆଦି ପ୍ରଧାନ ।

ଓଷାବ୍ରତ କହିଲେ ସକାମ ଭାବରେ କୌଣସି ଏକ ନିର୍ଦ୍ଧିଷ୍ଟବାର, ତିଥି, ମାସ, ବର୍ଷ ଆଦିରେ ସଂକଳ୍ପ ବିଧାନ ସହିତ ପାଳନ ଓ ଆଚାର ନିଷ୍ଠା ହୋଇ ଏକ ନିର୍ଦ୍ଧିଷ୍ଟ ଦେବଦେବୀଙ୍କର ସନ୍ତୋଷ ବିଧାନ ଇପ୍ସିତ ଫଳଲାଭ ନିମନ୍ତେ ଶାସ୍ତ୍ରୀୟ ଏବଂ ଲୌକିକ ନିୟମ ଅନୁଯାୟୀ ସଂପ୍ରସନ୍ନ ହେଉଥିବା ଆଧ୍ୟାତ୍ମିକ ଉପାସନାକୁ ଓଷାବ୍ରତ ଭାବରେ ବୁଝାଯାଇଥାଏ । ଏହା ନିଷ୍କାମ ଭାବରେ ମଧ୍ୟ ପାଳନ କରାଯାଇଯାଥାଏ । କିନ୍ତୁ ଆମ ସମାଜରେ ନିଷ୍କାମ ପାଳନ ଅପେକ୍ଷା ସକାମ ପାଳନ ହିଁ ଅଧିକ ପ୍ରଚଳିତ ହୋଇ ଆସୁଛି । ବହୁ ସମ୍ପତ୍ତି, ଉତ୍ତମ ପତି ବା ସନ୍ତାନ ସନ୍ତତି, ଅଶେଷ ପରମାୟୁ ଓ ଯଶପ୍ରତିଷ୍ଠା ଲାଭ ପାଇଁ ହିଁ ସମସ୍ତ ଓଷା ପାଳନ ଉଦ୍ଦିଷ୍ଟ । 'ଓଷା' ସାଧାରଣତଃ 'ଉପବାସ' ଅର୍ଥରେ ବ୍ୟବହୃତ ହୁଏ । ଏହାର ଶାବ୍ଦିକ ଅର୍ଥ ହେଉଛି (ଉପବାସ) ଆପଣାର ଆରାଧ୍ୟ ନିକଟରେ ବାସ କରିବା । ଏହି ଉପବାସର ନିଷ୍ଠା ଆନ୍ତରିକତା ତଥା ଏକାଗ୍ରତା ହିଁ ମଣିରେ ବ୍ରତ। ସଂସ୍କୃତ ଭାଷାରେ ଏହି 'ଉପବାସ'ର ଅର୍ଥ ହେଉଛି ଉପବସତି, ଅର୍ଥାତ୍ ନିକଟରେ ବାସ କରିବା । ଉପବାସ ଦ୍ୱାରା ଭଗବାନଙ୍କ ନିକଟରେ ବାସ କରିହେବ ବୋଲି କୁହାଯାଇଥାଏ । ଏହାର ପ୍ରକୃତ ଅର୍ଥ ହେଲା ଉପବାସ ଦ୍ୱାରା ମନର ସଂଯମ ଓ ଏକାଗ୍ରତା ଭାବ ବୃଦ୍ଧି ପାଏ। ଆଉ ମଣିଷର ଦୁଇଟି ଚେତନା ଜାଗ୍ରତ ହେଲେ ଭଗତ୍ ଭକ୍ତି ସମ୍ପର୍କରେ ଜ୍ଞାନ ଆହରଣ କରିବା ମାର୍ଗ ସହଜ ହୋଇଥାଏ । ରାତି ଦିନ ଭୋଜ ନ କରି ଭଗବାନଙ୍କୁ ପ୍ରାର୍ଥନା କରିବାର ଅନ୍ୟ ନାମ ଉପବାସ । ଏହି ଉପବାସକୁ 'ଓଷା' କୁହାଯାଏ । କିନ୍ତୁ ସାଧାରଣ ଭାବେ ମାନସିକ କରି ଦେବାଦେବୀଙ୍କୁ ପ୍ରାର୍ଥନା କରି ହାତରେ ଧାରଣ କରିବା ସୂତାକୁ 'ବ୍ରତ' ବୋଲି କୁହାଯାଇଥାଏ । ଏହି ବ୍ରତର ଆଭିଧାନିକ ଅର୍ଥ ହେଉଛି 'ପୂଜା' ଉପବାସ ରହି ବାହୁରେ ଧାରଣୀୟ ସୂତ୍ର, ସଂକଳ୍ପ, ତପସ୍ୟା, ଧର୍ମାନୁଷ୍ଠାନ, ପାପକ୍ଷୟଙ୍କର ଓ ଇଷ୍ଟଲାଭମୂଳକ କାର୍ଯ୍ୟ । 'ଓଷା' ପରି ବ୍ରତ ମଧ୍ୟ ଯେ କୌଣସି ତିଥି ବାର, ଯୋଗ, ସପ୍ତାଇ ମାସର କୌଣସି ନିର୍ଦ୍ଦିଷ୍ଟ ସମୟରେ ଦେବଦେବୀଙ୍କୁ ସନ୍ତୋଷ ବିଧାନ ବା ଆନୁକୂଲ୍ୟ ଲାଭ ପାଇଁ ସଂକଳ୍ପବଧ ଲାଭରେ ନିର୍ଦ୍ଧାରିତ ନିୟମ ଅନୁସାରେ ପାଳନ କରାଯାଇଥାଏ ।

ଓଷା ଓ ବ୍ରତ ମଧ୍ୟରେ ସେଭଳି ବିଶେଷ ପାର୍ଥକ୍ୟ ଦେଖାଯାଇ ନଥାଏ । ଓଷା କେବଳ ନାରୀ କୁମାରୀମାନେ ପାଳନ କରୁଥିବା ବେଳେ ବ୍ରତକୁ ଉଭୟ ନାରୀ ଓ ପୁରୁଷ ପାଳନ କରିଥାନ୍ତି । ବ୍ରତ ଯେପରି ଶାସ୍ତ୍ରାନୁମୋଦିତ ଓଷା

ସେପରି ଶାସ୍ତ୍ରାନୁମୋଦିତ ନୁହେଁ । କାଁ ଭାଁ କେତେକ ଓଷା ବ୍ରତକୁ ଛାଡ଼ିଦେଲେ ବ୍ରାହ୍ମଣମାନଙ୍କର ଆବଶ୍ୟକତା ପଡ଼ିନଥାଏ । ଓଷା ପାଳନ କରୁଥିବା ନାରୀ, କୁମାରୀମାନଙ୍କୁ 'ଓଷେଇବୁଢ଼ୀ' କୁହାଯାଉଥିବା ବେଳେ ବ୍ରତ ପାଳନ କରୁଥିବା ଲୋକଙ୍କୁ 'ବ୍ରତୀ' କୁହାଯାଇଥାଏ । 'ଓଷା' ପାଳନରେ ନାରୀ କୁମାରୀମାନେ ନିର୍ଜଳା ଉପବାସ ରହୁଥିବା ବେଳେ ବ୍ରତ କରୁଥିବା ଲୋକମାନଙ୍କର ସଂପୂର୍ଣ୍ଣ ଉପବାସ ରହିବାକୁ ପଡ଼ି ନଥାଏ । କେତେକ ବ୍ରତରେ 'ଲଘୁ' ଓ 'ଯଜ୍ଞ' ଉପଯୋଗୀ ଖାଦ୍ୟ ଗ୍ରହଣ କରାଯାଇଥାଏ । ଏଥିରେ ସଂକଳ୍ପ ଇଷ୍ଟପୂଜା ଓ କଥା ଶ୍ରବଣ ଅନିବାର୍ଯ୍ୟ ଅଙ୍ଗ ଭାବରେ ଥାଏ । ବ୍ରତ ଗୁଡ଼ିକର ନିୟମ ଓ ରୀତିନୀତି ଓଷାଭଳି ପାଳନ କରିବାକୁ ପଡ଼ିଥାଏ । ଉଭୟ ଓଷା ଓ ବ୍ରତ ପାଳନ ସମୟରେ ବହି ପାଠ ଓ ଗାନ କରିବାକୁ ପଡ଼ିଥାଏ ।

ପଶ୍ଚିମ ଓଡ଼ିଶାରେ ସାଧାରଣତଃ ଦୁଇଟଇ ପର୍ଯ୍ୟାୟରେ ଓଷାବ୍ରତ ପାଳନ କରାଯାଇଥାଏ, ଯଥା – ଶାସ୍ତ୍ରୀୟ ଓଷାବ୍ରତ ଓ ଲୌକିକ ଓଷାବ୍ରତ। ଶାସ୍ତ୍ରୀୟ ଓଷାବ୍ରତ ଗୁଡ଼ିକ ବ୍ରାହ୍ମଣ ସାହାଯ୍ୟରେ ପାଳିତ ହେଉଥିବା ବେଳେ ଲୌକିକ ଓଷାବ୍ରତ ଯେକୌଣସି ଜାତିର ଲୋକଙ୍କ ପୂଜାଅର୍ଚ୍ଚନା ଦ୍ୱାରା ସମାପନା କରାଯାଇଥାଏ । ଓଷାବ୍ରତ ଗୁଡ଼ିକରେ ଗୋଟିଏ ଗୋଟିଏ କାହାଣୀ ଜଡ଼ିତ ହୋଇ ରହିଥାଏ । ଏଥିରେ ଦେବଦେବୀଙ୍କର ମହିମା ହିଁ ବର୍ଣ୍ଣିତ ଥାଏ । ଏତଦ୍‌ବ୍ୟତୀତ ଏଥିରେ ସେମାନଙ୍କର ଆଶୀର୍ବାଦ ଓ ଅଭିଶାପ ମଧ୍ୟ ବର୍ଣ୍ଣିତ ହୋଇଥାଏ । ମୋଟ ଉପରେ କହିବାକୁ ଗଲେ ଓଷାବ୍ରତ ଆଚରଣ ଦ୍ୱାରା ଏ ଅଞ୍ଚଳର ଲୋକମାନେ ବୁଝିଥାନ୍ତି ଯେ ଦେବତାର ତୁଷ୍ଟରେ ରୋଗ ମୁକ୍ତି, ସକଳ ଧନସମ୍ପତ୍ତି ଲାଭ, ଦେବତାର ଅସନ୍ତୋଷରେ ଦୁଃଖ ସୁଖ, ରୋଗ ବ୍ୟାଧି, ଅଧପତନ ହୋଇଥାଏ । ତେବେ ଉକ୍ତ ଉଷା ବ୍ରତଗୁଡ଼ିକ ପଶ୍ଚିମ ଓଡ଼ିଶାର ଲୋକମାନଙ୍କ ଜୀବନରେ ବିସ୍ତାର କରିଥିବା କେତୋଟି ଓଷାବ୍ରତର ସଂକ୍ଷିପ୍ତ ଆଲୋଚନା କରାଗଲା ।

ସାଧାରଣତଃ ଜହ୍ନିଓଷା ଏ ଅଞ୍ଚଳରେ ଅବିବାହିତା କୁମାରୀ କନ୍ୟାମାନେ ଆଶ୍ୱିନ କୃଷ୍ଣପକ୍ଷ ପ୍ରତିପଦାଠାରୁ ପ୍ରତ୍ୟହ ସାୟଂକାଳରେର ସମବେତ ଭାବେ ପାଳନ କରିଥାନ୍ତି । ଏହି ଓଷାରେ ତୁଳସୀ ଦେବୀ କିମ୍ୱା ବୃନ୍ଦାବତୀ ଦେବୀଙ୍କୁ ପୂଜା କରାଯାଇଥାଏ । କୁମାରୀ ମାନେ ଉତ୍ତମ ବର, ସୁଖଶାନ୍ତି ପାଇବା ପାଇଁ ଏହି ଓଷା ପାଳନ କରିଥାନ୍ତି ।

ସେହିପରି ପୁଅଜୀଉଁତିଆ ଓଷା ବା ଦୂତିବାହନ ଓଷା ଏ ଅଞ୍ଚଳରେ ଏକ ସାର୍ବଜନୀନ ଓଷା । ପୁଅଜୀଉଁତିଆ ଓଷା ଆଶ୍ୱିନ ମାସର କୃଷ୍ଣ ଅଷ୍ଟମୀ ଦିନ ପାଳନ କରାଯାଏ । ଏହି ଓଷା ସପ୍ତମୀ, ଅଷ୍ଟମୀ ଓ ନବମୀ ଏହି ତିନିଦିନ ଧରି ପାଳନ ହୋଇଥାଏ । ଏହି ଓଷାର ମୁଖ୍ୟ ଉଦ୍ଦେଶ୍ୟ ହେଲା ପୁତ୍ର କନ୍ୟା ମାନଙ୍କର ମଙ୍ଗଳ କାମନା ଓ ଅପୁତ୍ରିକର ପୁତ୍ର କାମନା । ଓଷାରେ ଦୂତିବାହନଙ୍କ ପୂଜା କରାଯାଏ ତେଣୁ ଏହି ଓଷାକୁ ଦୂତିବାହନ ଓଷା ମଧ୍ୟ କୁହାଯାଇଥାଏ । ପୁଅଜୀଉଁତିଆ ଓଷା ଭଳି ଏ ଅଞ୍ଚଳରେ ଲୋକପ୍ରିୟ ଓଷା ହେଉଛି ଭାଇଜୀଉଁତିଆ ଓଷା । ଏହି ଭାଇଜୀଉଁତିଆ ଓଷା ମଧ୍ୟ ଆଶ୍ୱିନ ମାସର ଶୁକ୍ଳ ଅଷ୍ଟମୀ ଓ ନବମୀ ଏହିପରି ଦୁଇଦିନ ଧରି ପାଳିତ ହୋଇଥାଏ । ଏହି ଓଷାକୁ ବିବାହିତା ନାରୀମାନେ ଓ ଅବିବାହିତା କୁମାରୀମାନେ ଏପରିକି ବିଧବାମାନେ ମଧ୍ୟ ନିଜ ନିଜ ଭାଇମାନଙ୍କର ମଙ୍ଗଳ କାମନା ସକାଶେ ନିଷ୍ଠାର ସହ ପାଳନ କରିଥାନ୍ତି । ଏହି ଦିନ ନାରୀ, କୁମାରୀମାନେ ଆଠ ବର୍ଣ୍ଣ ଫଳ, ଫୁଲ, ଶହେ ଆଠ ଦୂବ, ଅରୁଆ ଚାଉଳ, ଦହଣା ଡ଼ାଳ ଆଦି ଯୋଗଡ଼ କରି ଟା ହଳଦୀ ଓ ଅଁଳା ଡ଼ାଳ ଆଦି ଧରି ସନ୍ଧ୍ୟାରେ ଗାଁ ଦାଣ୍ଡରେ ରୁଣ୍ଡ ହୋଇ ସମସ୍ତେ ଏକାଠି ବସି ଓଷା ପାଳନ କରିଥାନ୍ତି । ଏହି ଓଷାରେ ମା'ଦୁର୍ଗାଙ୍କୁ ପୂଜା ଆରଧନା କରି ତାଙ୍କ ଆଶୀର୍ବାଦ ଗ୍ରହଣ କରାଯାଇଥାଏ ଏବଂ ବ୍ରାହ୍ମ ଦ୍ୱାରା ଓଷା କଥା ଶ୍ରବଣ କରାଯାଏ । ତା'ପରେ ଷୋଡ଼ଶ ଉପଚାରରେ ପୂଜା କରାଯାଇ ପୂର୍ବୋକ୍ତ ଦୁର୍ବାକ୍ଷତ ସହିତ ବ୍ରତକୁ ଦେବୀଙ୍କୁ ସମର୍ପଣ କରି, ସେହି ବ୍ରତକୁ ନିଜେ ଧାରଣ କରିବା ସଙ୍ଗେ ସଙ୍ଗେ ଭାଇମାନଙ୍କ ହାତରେ ମଧ୍ୟ ବନ୍ଧା ଯାଇଥାଏ ଏବଂ ତା'ପରଦିନ ବା ନବମୀ ଦିନ ପ୍ରଭାତରେ ପୂଜା କରାଯାଇଥିବା ସାମଗ୍ରୀକୁ ନଦୀ କିମ୍ୱା ପୋଖରୀରେ ବିସର୍ଜନ କରାଯାଏ । ଏହି ଓଷା କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି "ଭାଇମାନଙ୍କ କୁଶଳ ଏବଂ ତାଙ୍କର ଦୀର୍ଘ ନିରାମୟ ଜୀବନ ପାଇଁ ମା' ଦୁର୍ଗାଙ୍କ ପାଖରେ ପ୍ରାର୍ଥନା କରିବା" । ଏତଦ୍‌ବ୍ୟତୀତ ଏହି ଅଞ୍ଚଳରେ କିଛି ଓଷା ପାଳିବାର ପ୍ରଚଳନ ଅଛି ତାହା ଖୁବ୍ କମ୍ ଲୋକ ପାଳନ କରିବାର ଦେଖାଯାଏ । ଯେପରି – ଷଷ୍ଠୀ ଓଷା । ଏହି ଓଷା ଭାଦ୍ରବ ଶୁକ୍ଳପକ୍ଷ ଦିନ ଷଷ୍ଠୀ ମା'ଙ୍କ ପାଖରେ ନିଜ ପିଲାମାନଙ୍କ ନିରୋଗ କାମନା ପାଇଁ ମା'ମାନେ ପାଳନ

କରିଥାନ୍ତି । ବାଟ ଓଷା– ଏହି ଓଷା ମାଘମାସ କୃଷ୍ଣପକ୍ଷ ତୃତୀୟା, ସପ୍ତମୀ କିମ୍ବା ନବମୀ ଦିନ ଏ ଅଞ୍ଚଳର ଲୋକମାନେ ପାଳନ କରିଥାନ୍ତି । ନିଜ ପୁତ୍ର କନ୍ୟାମାନଙ୍କୁ ଯମଦଣ୍ଡରୁ ମୁକ୍ତି କରିବା ପାଇଁ ସଂସାର କର୍ତ୍ତା ବିଷ୍ଣୁଙ୍କୁ ପୂଜା କରି ମା'ମାନେ ପାଳନ କରିଥାନ୍ତି ବାଟ ଓଷା । ଏହି ଓଷା କ୍ୱଚିତ୍ ପରିମାଣରେ ପାଳନ ହେବାର ଦେଖାଯାଇଥାଏ। ମାଣବସା ଓଷା– ମାର୍ଗଶୀର ମାସର ପ୍ରତ୍ୟେକ ଗୁରୁବାରରେ ଏ ଅଞ୍ଚଳର ପ୍ରତ୍ୟେକ ଘରେ ପାଳନ ହୋଇଥାଏ ମାଣବସା ଗୁରୁବାର ଓଷା। ଏହି ଓଷା ସଧବା, ବିଧବା ସ୍ତ୍ରୀଲୋକମାନେ ଧନ ସମ୍ପତ୍ତି ଭୋଗ ପାଇଁ ସ୍ୱାମୀ, ପୁଅ, ଝିଅର ସୁଖ ମନାସିବା ପାଇଁ ଲକ୍ଷ୍ମୀଙ୍କୁ ପୂଜା କରିଥାନ୍ତି । ଏହି ଓଷା ମାର୍ଗଶୀର ମାସର ଶେଷ ଗୁରୁବାର କିମ୍ବା ପୌଷମାସର ପ୍ରଥମ ଗୁରୁବାରରେ ଉଦ୍‌ଯାପିତ ହୋଇଥାଏ । ମା'ଲକ୍ଷ୍ମୀଙ୍କ ପ୍ରଧାନ ଭୋଗ ମଣ୍ଡାପିଠାକୁ ଏହି ଓଷାରେ ଅର୍ପଣ କରାଯାଏ ଏବଂ ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣକୁ ପାଠ କରାଯାଏ ।

ସେହିପରି ଏ ଅଞ୍ଚଳରେ ଓଷା ବ୍ୟତୀତ ବ୍ରତ ପାଳନର ମଧ୍ୟ ଜନପ୍ରିୟତା ରହିଛି । ଏ ଅଞ୍ଚଳରେ ପାଳନ ହେଉଥିବା କେତୋଟି ବ୍ରତର ସଂକ୍ଷିପ୍ତ ଆଲୋଚନା କରାଗଲା ।

**ସୁଦଶା ବ୍ରତ :–** ଏହି ବ୍ରତ ହେଉଛି ମା' ଲକ୍ଷ୍ମୀଙ୍କର ପ୍ରିୟ ବ୍ରତ । ଏହି ବ୍ରତ କୌଣସି ମାସର ଶୁକ୍ଳପକ୍ଷ ଦଶମୀ ଦିନ ଗୁରୁବାର ପଡ଼ିଲେ ଏହିଦିନ ପାଳନ କରାଯାଏ । ଏ ଅଞ୍ଚଳର ସଧବା ସ୍ତ୍ରୀଲୋକମାନେ ଏକ ସୁ-ଗୃହୀଣୀଟିଏ ହେବା ପାଇଁ ସୁଦଶା ବ୍ରତର ସମସ୍ତ ନିୟମ ପାଳନ କରି ମା' ଲକ୍ଷ୍ମୀଙ୍କୁ ପୂଜା କରି, ବ୍ରତ କଥା ପାଠ କରି ଏହି ଓଷା ପାଳନ କରିଥାନ୍ତି ଏବଂ ପରେ ବ୍ରତ ଧାରଣ କରିଥାନ୍ତି । କିନ୍ତୁ ଏ ଅଞ୍ଚଳର ଆଦିସୀ ସ୍ତ୍ରୀମାନେ ଏହି ବ୍ରତ ପାଳନ କରୁଥିଲେ ହେଁ ବିଶେଷ ନିୟମ ପାଳନ ନ କରି ବ୍ରତ ଧାରଣ କରିଥାନ୍ତି । ଏମାନଙ୍କ ପୂଜାରେ ପୁରୋହିତଙ୍କର ଆବଶ୍ୟକତା ହୁଏ ନାହିଁ କିମ୍ବା ମା' ଲକ୍ଷ୍ମୀଙ୍କ ପୁରାଣ କଥା ପାଠ ଶ୍ରବଣ ମଧ୍ୟ କରନ୍ତି ନାହିଁ ।

ଏ ଅଞ୍ଚଳରେ ସାର୍ବଜନୀନ ବ୍ରତ ଭାବେ ଜ୍ୟେଷ୍ଠମାସର ଅମାବାସ୍ୟାରେ ସାବିତ୍ରୀ ବ୍ରତ ପାଳନ କରାଯାଇଥାଏ । ଏହି ଅମାବାସ୍ୟାକୁ 'ଆମ୍ବ ଉଆଁସ' ମଧ୍ୟ କୁହାଯାଇଥାଏ । ସାବିତ୍ରୀ ବ୍ରତ କେବଳ ସଧବା ନାରୀମାନେ ହିଁ ବୈଧବ୍ୟରୁ ବଞ୍ଚିବା ପାଇଁ ଏବଂ ସ୍ୱାମୀମାନଙ୍କର ଦୀର୍ଘାୟୁ କାମନା ପାଇଁ ଲକ୍ଷ୍ମୀ ନାରାୟଣ କିମ୍ବା ସାବିତ୍ରୀ ସତ୍ୟବାନଙ୍କୁ ପୂଜା କରି ପାଳନ କରିଥାନ୍ତି । ଏହି ବ୍ରତ ପାଳନ ପାଇଁ ବ୍ରତ ଦିନ ସଧବା ନାରୀମାନେ ସକାଳୁ ନିର୍ଜଳା ଉପବାସ ରହି ଗାଁ ଦାଣ୍ଡରେ ମଧ୍ୟାହ୍ନରେ ଏକତ୍ର ହୋଇ ପୁରୋହିତଙ୍କ ଦ୍ୱାରା ସାବିତ୍ରୀ ସତ୍ୟବାନଙ୍କ ପୂଜା କରାଇ କଥା ଶ୍ରବଣ କରି ପ୍ରସାଦ ସେବନ କରିଥାନ୍ତି ଏବଂ ପୁରୋହିତ, ମାନ୍ୟ ବ୍ୟକ୍ତିମାନଙ୍କୁ ନମସ୍କାର କରି ଆଶୀର୍ବାଦ ଗ୍ରହଣ କରିଥାନ୍ତି । ଏତଦ୍‌ବ୍ୟତୀତ ଏ ଅଞ୍ଚଳରେ କାର୍ତ୍ତିକ ମାସରେ କାର୍ତ୍ତିକ ବ୍ରତ, ମାଘ ମାସ କିମ୍ବା ଫାଲ୍‌ଗୁନ ମାସର କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ଦିନରେ ଜାଗର ବ୍ରତ, ମାଘ ମାସର ରବିବାରରେ ରବିନାରାୟଣ ବ୍ରତ, ଚୈତ୍ରମାସରେ ଚୈତ୍ରମଙ୍ଗଳବାର ବ୍ରତ ଏବଂ ସନ୍ତୋଷୀ ମାତାଙ୍କ ଷୋଳ ଶୁକ୍ରବାର ବ୍ରତ ଆଦି କିଛି ପରିମାଣରେ ପାଳନ କରାଯିବାର ଦେଖାଯାଏ ।

ଏହିପରି ଭାବରେ ପଶ୍ଚିମ ଓଡ଼ିଶାର ଲୋକ ପରମ୍ପରାରେ ରହିଥିବା ଓଷା ବ୍ରତମାନ ପାଳନ କରାଯାଉଥିବାର ଦୃଷ୍ଟିଗୋଚର ହୋଇଥାଏ। ଉକ୍ତ ପାଳିତ ଓଷାବ୍ରତ ଗୁଡ଼ିକ ଏ ଅଞ୍ଚଳର ଗ୍ରାମ୍ୟ ଜୀବନର ଐକ୍ୟ ଓ ନୈତିକ ମୂଲ୍ୟବୋଧର ସୁରକ୍ଷା ହେବା ସାଙ୍ଗେ ସାଙ୍ଗେ ସର୍ବଭାରତୀୟ ସ୍ତରରେ ଏକ ମହାନ୍ ଜାତୀୟ ବୋଧର ପରିପୁଷ୍ଟତା ସାଧିତ ହୋଇପାରିବ । ତେବେ ଏ ଅଞ୍ଚଳର ଲୋକ ସଂସ୍କୃତି କେଉଁ ଅନାଦି କାଳରୁ ଏହି ଓଷାବ୍ରତ ଗୁଡ଼ିକୁ ଆପଣାର କରିପାରିଛି ଏବଂ ତଦ୍ୱାରା ବ୍ୟକ୍ତି ତଥା ସମାଜର ସତ୍ ଶୃଙ୍ଖଳା ତଥା ସତ୍ ଆକାର ପ୍ରତିଷ୍ଠା ଦିଗରୁ ସହାୟକ ହୋଇପାରିଛି । କିନ୍ତୁ ଦୁଃଖର ବିଷୟ ଯେ ଆଧୁନିକ ପାଶ୍ଚାତ୍ୟ ସଭ୍ୟତା ଓ ଜନମାନସର ବସ୍ତୁବାଦିତାର ମୋହ ଅଧିକରୁ ଅଧିକ ପ୍ରଭାବିତ କରୁଥିବାରୁ ଏହି ଓଷାବ୍ରତ ପାଳନ ଅକୃତ୍ରିମ ସ୍ୱଭାବ ହ୍ରାସ ପାଇବାରେ ଲାଗିଛି। ଫଳରେ ସାମୂହିକ ଜୀବନର ସହଜ ଓ ସରଳ ମୌଳିକତା ନଷ୍ଟ ହୋଇ ଆସୁଛି।

'ବରିଷ୍ଠ ଗବେଷକ', ସ୍ନାତକୋତ୍ତର ଓଡ଼ିଆ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର

# ସାନ୍ତାଳୀମାନଙ୍କ ବିବାହ ପର୍ବ

◆ ଚମ୍ପା ସୋରେନ

ମଣିଷ ଏହି ସଂସାରରେ ଏକା ଜନ୍ମ ହୋଇଛି ଏବଂ ଏକାହିଁ ମୃତ୍ୟୁବରଣ କରିବ। ଏହି ଜନ୍ମ ଏବଂ ମୃତ୍ୟୁ ମଧ୍ୟରେ ଯେଉଁ ବ୍ୟବଧାନ ରହିଲା ସେଥିରେ କିପରି କେତେଦିନ ଏକା ବନ୍ଧୁ ବା ବାନ୍ଧବୀ ବିନା ବଞ୍ଚିବ। ତେଣୁ ବିଧିର ବିଧାନ ଏବଂ ନୀତିର ନିୟମ ଅନୁସାରେ ଜଣେ ଜଣଙ୍କ ସହିତ, ଅନ୍ୟ ଜଣଙ୍କୁ ଭେଟାଇଥାନ୍ତି, ଏହି ନାରୀ ଏବଂ ପୁରୁଷ ମିଳନର ସ୍ୱୀକୃତି ନାମ ଦେବାକୁ ପଡ଼ିଥାଏ। ନଚେତ୍ ସମାଜ ତାଙ୍କୁ କେବେ ଗ୍ରହଣ କରିନଥାଏ, ଅପରାଧି ବା ଦୋଷୀ ବୋଲି କହିଥାଏ। ତେଣୁ ଏହି ସ୍ୱୀକୃତିର ନାମ ଦେଲେ ବିବାହ ବା ବାପ୍ଲା।

ବିବାହକୁ ସାନ୍ତାଳରେ ବାପ୍ଲା କୁହାଯାଏ। ବିବାହ (ବାପ୍ଲା) ପ୍ରତ୍ୟେକ ସଂସ୍କୃତିର ଭିନ୍ନ ଭିନ୍ନ ରୀତିନୀତିରେ କରାଯାଏ। ସେହି ସଂସ୍କୃତି ମଧ୍ୟରେ ସାନ୍ତାଳୀ ବିବାହର ନିତିନିୟମ ଖୁବ୍ ନିଆରା ଏବଂ ଭିନ୍ନ ପ୍ରକାରର ହୋଇଥାଏ। ସେମାନଙ୍କର ବିବାହକୁ ସାଧାରଣତଃ ପାଞ୍ଚ ଭାଗରେ ବିଭକ୍ତ କରିଛନ୍ତି ଯଥା- (୧) ଗୁଲ୍‌ଦାଞ୍ଜାପାମ୍ ବାପ୍ଲା (୨) ମାରାଂ ବାପ୍ଲା ବା ବିକୁବାପ୍ଲା (୩) ହାଲାମ ବାରିୟତ୍ ବା ବୁଢ଼ାବର ଯାତ୍ରୀ (୪) ଟୁଙ୍ଗୀ ଦିପିଲ୍ ବାପ୍ଲା (୫) ସାଙ୍ଗେବାରିୟତ ବାପ୍ଲା। ଏହି ପାଞ୍ଚ ପ୍ରକାର ବିବାହ ମଧ୍ୟରେ ବର୍ତ୍ତମାନ ବେଶୀ ଦୁଇଟି ବିବାହ ଦେଖାଯାଏ ଯଥା- ଗୁଲ୍‌ଦାଞ୍ଜାପାମ୍ ବାପ୍ଲା ଏବଂ ମାରାଂବାପ୍ଲା।

**(୧) ଗୁଲ୍‌ଦାଞ୍ଜାପାମ୍ ବାପ୍ଲା ବା ପରସ୍ପର ପସନ୍ଦ କରି ବିବାହ କରିବା :**

ଏହି ବିବାହରେ ପୁଅ, ଝିଅ ପରସ୍ପରକୁ ପସନ୍ଦ କରନ୍ତି। ବାହାଘର ପୂର୍ବରୁ ପରସ୍ପରକୁ ଜାଣିବା, ବୁଝିବା, ଚିହ୍ନିବା ନିହାତି ଆବଶ୍ୟକ। ସାରା ଜୀବନ ସାଙ୍ଗ ହୋଇ ରହିବାର ପ୍ରତିଶ୍ରୁତି ଦେଇ ଯଦି କୋଉଠି ରହି ନ ପାରନ୍ତି, ତେବେ ତାହା ସମାଜ ଆଗରେ ଲୋକହସା ହେବାକୁ ପଡ଼ିଥାଏ। ତେଣୁ ବିବାହ ବନ୍ଧନ ପୂର୍ବରୁ ପରସ୍ପରର ପସନ୍ଦ ନାପସନ୍ଦ ସମ୍ପର୍କରେ ଅବଗତ ହୋଇ ନିଜ ନିଜର ଜୀବନ ସାଥୀ ଚୟନ କରିବା ତାଙ୍କ ଉପରେ ନିର୍ଭର କରେ। ସେ ଦୁହେଁ ଯେହେତୁ ନୂଆ ଘର ବସେଇବେ, ଚଳେଇବେ ଏବଂ ସବୁ ପରିସ୍ଥିତିକୁ ସମ୍ଭାଳିବେ ତେଣୁ ତାଙ୍କ ଉପରେ ସବୁ ସ୍ୱାଧୀନ ଛାଡ଼ି ଦିଆଯାଏ। କେବଳ ଗୁରୁଜନମାନେ ସେମାନଙ୍କର ଭୁଲ୍ ଠିକ୍ ସୂଚେଇ ଦିଅନ୍ତି।

ସାନ୍ତାଳ ମାନଙ୍କର ଏହି ଗୁଲ୍‌ଦାଞ୍ଜାପାମ୍ ବାହାଘରଟିରେ ପିଲା ଦୁହେଁ ରାଜି ହେଲେ ଏବଂ ପରସ୍ପର ପସନ୍ଦ କଲେ ପଳେଇ ଯାଆନ୍ତି। ଯାଇ ପୁଅର ଗାଁରେ ପହଞ୍ଚନ୍ତି। ସେଠାରେ ନିଜ ସମ୍ପର୍କୀୟ ଚିହ୍ନା ପରିଚିତ ଘରେ ଆଶ୍ରୟ ନିଅନ୍ତି। ସେ ଘର ଲୋକ ଯାଇ ପୁଅର ଘରେ ଜଣାନ୍ତି ଏବଂ ଗାଁର ପାଞ୍ଚଜଣ ମୁଖିଆଙ୍କୁ ଖବର ଦିଆଯାଏ। ସେମାନେ ଆସି ପୁଅ ଏବଂ ଝିଅକୁ ପ୍ରଶ୍ନ ପଚାରନ୍ତି। ଝିଅର ନାଁ, ଗାଁ, ଠିକଣା ଏବଂ ମାତା ପିତା ସହିତ ଜାତି(ପାରିସ୍) ସବୁ ଜାଣି ସାରିବା ପରେ ସେ ଦୁହେଁ, ସ୍ୱାମୀ ସ୍ତ୍ରୀ ରୂପେ ରହିବା ପାଇଁ ସେମାନେ ନିଜ ଇଚ୍ଛାରେ ଆସିଛନ୍ତି ନା କିଏ କାହାକୁ ବାଧ୍ୟ କରି ନେଇ ଆସିଛି। ବାଟରେ ଆସିଲାବେଳେ କିଛି ସୁବିଧା ଅସୁବିଧା ହୋଇଛି କି ତାକୁ ମଧ୍ୟ ପଚାରି ବୁଝନ୍ତି। ସେମାନଙ୍କର ଜାତି ଯଦି କଟୁଥିବ ବା ପଟୁଥିବ ତେବେ ତାକୁ ବୋହୂରୂପେ ସ୍ୱୀକାର କରିବାରେ କୌଣସି ଅସୁବିଧା ନାହିଁ। ସେମାନଙ୍କର ଜାତି ବା ସାଞ୍ଜା ଯଦି ସମାନ ଥାଏ ତେବେ ସେ ବିବାହ କରଯାଏନି। ଯଥା- ବେଶ୍ରା ପୁଅ କେବେ ବେଶ୍ରା ସାଞ୍ଜା ଥିବା ଝିଅକୁ ବିବାହ କରିପାରିବନି। ସୋରେନ୍ ଝିଅ ବା ପୁଅ କୌଣସି ସୋରେନ୍ ସାଞ୍ଜାଥିବା ଝିଅ ବା ପୁଅକୁ ବିବାହ କରିପାରିବେନି। କାରଣ ସାଞ୍ଜା ସମାନ ଥିବାରୁ ସେ ଦୁହେଁ ଭାଇ ଭଉଣୀ ହେବେ। ରକ୍ତର ନ ହେଲେ ନାହିଁ ସମ୍ପର୍କୀୟ ବା ଦୂର ସମ୍ପର୍କୀୟ ଭାବରେ ଗ୍ରହଣ କରାଯାଏ। ନିଜର ସାଞ୍ଜା ଛାଡ଼ି ଅନ୍ୟ ସାଞ୍ଜା ଥିବା ନାରୀ ବା ପୁରୁଷକୁ ବିବାହ କରିପାରିବେ। ଓଡ଼ିଆ ଝିଅ ମଧ୍ୟ ବୋହୂ ରୂପେ ଗ୍ରହଣ କରନ୍ତି କିନ୍ତୁ ପୂଜାପାଠ କରି ପାରିବନି। ସେମିତି ସାନ୍ତାଳୀ ଝିଅ

ଅନ୍ୟ ସାଙ୍ଗା ଥିବା ପୁଅ ବା ଓଡ଼ିଆରେ ବିବାହ କରିପାରିବ ମାତ୍ର ତାକୁ ଆଉ ଘରେ ପ୍ରବେଶ କରାନ୍ତି ନାହିଁ। କୌଣସି ପୂଜା ପାଠରେ ମିଶାନ୍ତି ନାହିଁ। କିନ୍ତୁ ଅନ୍ୟ ସଂସ୍କୃତିରେ ଦେଖାଯାଏ ଯେ ରଥ ସାଙ୍ଗା ଥିବା ଝିଅ ବା ପୁଅ ସେ 'ରଥ୍-ସାଙ୍ଗା ଥିବା ଝିଅ ବା ପୁଅକୁ ହିଁ ବିବାହ ହୁଏ। ମହାପାତ୍ର, ମହାପାତ୍ରକୁ ହିଁ ବିବାହ କରାଯାଏ।

ସମାନ ସାଙ୍ଗା ଥିଲେ ଝିଅକୁ ସମ୍ମାନର ସହିତ ନେଇ ତାଙ୍କ ଘରେ ଛାଡ଼ିଦେଇ ଆସନ୍ତି। ହଳଦୀ ପାଣି (ସାସାଂଦାଃ)ରେ ଗୋଡ଼ ଧୁଆ ହୋଇ ନ ଥିବାରୁ ସେ ବାଡୁଅ (ଡାଂଙ୍କୁଓ୍ୱାକୁଲି) ହୋଇଥାଏ, ହଳଦୀ ପାଣିରେ ଗୋଡ଼ ଧୁଆ ହେଲା ପରେ ହିଁ ସେ ତାକୁ ବୋହୂ ରୂପେ ଗ୍ରହଣ କରନ୍ତି, ନଚେତ କୁଣିଆ ଭାବରେ ରହିଥାଏ। ସବୁ ସୁବିଧା ଅସୁବିଧା ପଚାରି ସାରିଲା ପରେ ହଳଦୀ ପାଣିରେ ଗୋଡ଼ ଧୋଇ ଦିଅନ୍ତି ଏବଂ ସମସ୍ତଙ୍କୁ ପ୍ରଣାମ କରି ଆଶୀର୍ବାଦ ଗ୍ରହଣ କରନ୍ତି। ଏହାକୁ ସାନ୍ତାଳରେ (ତିରିଲ୍ ଡାଇଜ୍) କହନ୍ତି। ସେଦିନଠାରୁ ତାକୁ ଅଧା ବୋହୂ ରୂପେ ଗ୍ରହଣ କରନ୍ତି। ଏହାପରେ ସାମାଜିକ ବୈବାହିକ ରୀତି-ନୀତି ଅନୁସାରେ କରାଯାଏ। ସେଥିପାଇଁ ବିବାହର ମଧ୍ଯ ଆୟୋଜନ କରାଯାଏ। ଝିଅ ଘରେ ପ୍ରବେଶ କରି ସାରିଲା ପରେ ଗାଁର ମୁଖିଆ ବା ଘର ଲୋକ ଏକ ମଧ୍ୟସ୍ତିକୁ ଠିକ୍ କରନ୍ତି। ସେ ଏହି ଖବର ଦେଇ ଝିଅ ଘର ଗାଁକୁ ଯାଏ। କନ୍ୟାର ଘରେ ପହଞ୍ଚି ଜଣାଇ ଦିଏ ଯେ ତାଙ୍କ ଝିଅ ଅମୁକ ଗାଁର ଅମୁକ ଘରେ ଅଛି। ସେ ଜାତି ଏବଂ ଘର ଠିକଣା ସବୁ ଜଣାଇଦେଇ କହେ ଯେ ତାକୁ ବୋହୂରୂପେ ଗ୍ରହଣ କରିବା ପାଇଁ ରାଜି ଅଛନ୍ତି। ଏଥିରେ ଏକ ମତ କି ନୁହେଁ ସେ କଥା କନ୍ୟା ଘରର ମଧ୍ୟସ୍ଥି (ରାଇବାର) ଆସି ଖବର ଦେଇଥାଏ। ଯଦି ରାଜି ଥାନ୍ତି ତେବେ ସେ କଥା ଆଗକୁ ବଢ଼ାଇ ବାହାଘରର ତିଥିଲଗ୍ନ ଦେଖି ଠିକ୍ କରନ୍ତି। ଝିଅର ବାପୁଅଇ ଜନ୍ମ ମାସରେ ବାହାଘର କରାଯାଏ ନାହିଁ। ସାନ୍ତାଳୀ ମାନଙ୍କର ବିବାହ ଚୈତ୍ର ଏବଂ ବୈଶାଖ ମାସରେ ବେଶି ଦେଖାଯାଏ। କାରଣ ସେହି ସମୟରେ ସେମାନଙ୍କର ବିଲବାଡ଼ି କାମ ସରିଯାଇଥାଏ। ଏକାଠି ସେବାର ସୁଯୋଗ ମଧ୍ଯ ପାଆନ୍ତି। ବିବାହ ସମ୍ବାଦ ବା ନିମନ୍ତ୍ରଣ ପତ୍ର ନିଜେ ଯାଇ ଜଣାଇ ଦେଇ ଆସନ୍ତି। ତାଙ୍କର କୌଣସି କାର୍ଡ଼ ସିଷ୍ଟମ୍ ନାହିଁ। ଏବେ ତାହା ପ୍ରଚଳିତ ହେଲାଣି।

ବାହାଘର ପୂର୍ବଦିନ ଘର ସାମ୍ନାରେ ବା ପାଖାପାଖି ଖାଲି ସ୍ଥାନ ଦେଖି ଗଛ ପତ୍ରରେ ଛାଉଁଣି କରନ୍ତି। ତା'ରି ତଳେ ସବୁ ଖାଇବା ପିଇବା ବନ୍ଧୁ ଦେଖା ମଧ୍ଯ ହୁଏ। ସେଦିନ ଗାଁର ତିନିଜଣ ବା ପାଞ୍ଚଜଣ ଦମ୍ପତ୍ତିଙ୍କୁ ଡାକିଆଣି (ତିତିରି କୁଳି) ବାଡୁଅ ଝିଅ ମାଧ୍ୟମରେ ତେଲ, ହଳଦୀ ଲଗାଇ ଶୁଭକାର୍ଯ୍ୟ ଆରମ୍ଭ କରାଯାଏ। ପରେ ବର, କନ୍ୟାଙ୍କୁ ସ୍ନାନ କରି ଦିଆଯାଏ। ଏହି କାମ ଗାଁର ତିତିରିକୁଳି ମାଧ୍ୟମରେ ଗୁରୁଜନଙ୍କ ଇସାରାରେ କାମ କରନ୍ତି।

ବାହାଘର ଦିନ କନ୍ୟାପଟୁ କନ୍ୟାର ଘର ଲୋକ ବନ୍ଧୁବାନ୍ଧବ ଗାଁ ଲୋକ ଆସି ବରର ଗାଁ ମୁଣ୍ଡରେ ପହଞ୍ଚନ୍ତି। ସେଠାରେ ବିଶ୍ରାମ (ଡେରା) କରାଯାଏ। ପାଣି ପଣା ପିଇସାରିଲା ପରେ ସ୍ୱାଗତ ଜଣାଇ ବରଘର କୁଣିଆଁ ଯାଏ ଯିବା ରାସ୍ତାରେ ବର, କନ୍ୟା ଦଳର ଦୁଇଟି ଦଳ ପ୍ରଶ୍ନ ଛଳରେ ଗୀତ ନାଚ୍ କରି କରି ବର ଘରେ ପହଞ୍ଚନ୍ତି। ସେଠାରେ ପାଦଧୁଆ କାର୍ଯ୍ୟ କରାଯାଏ। ପ୍ରଥମେ କନ୍ୟାର ପାଖାପାଖି ସମ୍ପର୍କୀୟ ମାନଙ୍କୁ ପାଦ ଧୋଇ ପରସ୍ପର ପ୍ରଣାମ କରି ବସିବା ପାଇଁ ଆସନ ଦିଆଯାଏ। ପରେ ଅନ୍ୟ ସମସ୍ତଙ୍କ ପାଦ ଧୁଆହୁଏ। ପାଦ ଧୁଆ ପାଣି ଚାଳରେ ପକାଯାଏ, ଯେପରି ଅନ୍ୟ କାହାରି ପାଦ ସ୍ପର୍ଶରେ ନ ପଡ଼େ। ପାଣି ପଣା ହାଣ୍ଡିଆ ଦେଇ ନାଚ୍ ଗୀତ ବା ବିଶ୍ରାମ ଦିଆଯାଏ। ଏହାପରେ ସିନ୍ଦୂର ଦାନ କାର୍ଯ୍ୟ ଆରମ୍ଭ ହୁଏ। ଝିଅ ଏବଂ ପୁଅଙ୍କୁ ତେଲ ହଳଦୀ ଲଗାଇ ହଳଦିଆ ଶାଢ଼ୀ ଏବଂ ଧୋତି ସାନ୍ତାଳ ମାନଙ୍କୁ ପିନ୍ଧେଇ ଦିଆଯାଏ। ଝିଅକୁ ଏକ ବାଉଁଶ ଡାଲା (ଦାଉଲା)ରେ ବସେଇ ବରର ବଡ଼ଭାଇମାନେ ଟେକି ଧରିଥାନ୍ତି। କେବଳ ଏହି ଦିନ ହିଁ ଝିଅକୁ ଦେଢ଼ଶୁର (ବହଞ୍ଜହାରିଂ)ମାନେ ଛୁଇଁପାରିବେ। ପୁଅକୁ ଏବଂ କନ୍ୟାର ଭାଇକୁ ମଧ୍ଯ କାନ୍ଧରେ ବସାଇଥାନ୍ତି। ଗାଁର ଲୋକ ବା ପରିବାର ବର୍ଗ କେହି ଦୁଇଜଣ ଗୋଟିଏ ଶାଢ଼ୀକୁ ଲମ୍ବେଇଥାଉ ଭାବରେ କଣେଇ ଧରନ୍ତି ତା'ରି ଚାରି ପାଖରେ। ବର କନ୍ୟା ତିନିଥର କନ୍ୟାର ଭାଇ ମଧ୍ଯ ବୁଲାନ୍ତି। ଏହି ବୁଲିଲାବେଳେ ବର ଏବଂ କନ୍ୟା ପରସ୍ପରକୁ ଅରୁଆ ଚାଉଳ ଫିଙ୍ଗନ୍ତି।

ପ୍ରଥମେ ବର କନ୍ୟାକୁ ଆମ୍ବଡାଳ ମାଧ୍ୟମରେ ଜଳ ସିଞ୍ଚନ କରେ ଏବଂ କନ୍ୟା ମଧ୍ୟ ବରକୁ ପାଣି ସିଞ୍ଚନ କରେ। ବର ତିନିଥର ତଳକୁ ସିନ୍ଦୂର ମାରାଂବୁରୁ ଙ୍କ ନାମରେ ପକାଯାଏ ଏବଂ କନ୍ୟାର ମଥାରେ ତିନିଥର ସିନ୍ଦୁର ଦିଏ ଯାହା ବଳକା ରହେ ସେ ଶାଳ ପତ୍ର ସହିତ ମୁଣ୍ଡରେ ଘସିଦିଏ ଏବଂ ପରସ୍ପର ମାଳା ଅଦଳ ବଦଳ କରନ୍ତି। ଝିଅକୁ ବୋହୂ ରୂପେ ସ୍ୱୀକାର ପାଇଁ ଏକ (ମେଣ୍ଟେ ସୋକମ୍) ଚୁଡ଼ି ପିନ୍ଧାଯାଏ। ପରେ ପୁଅ ଝିଅକୁ କାଖେଇକି ସେ ଦାଉଳରୁ ତଳକୁ ଓହ୍ଲେଇ ଘର ଭିତରକୁ ନେବା ବେଳେ ଏରୁଣ୍ଡି ବନ୍ଧ ପାଖରେ ନଣନ୍ଦ ବେଢ଼ିଛନ୍ତି କୁଳି ବାଟ ଛେକି ଥାନ୍ତି ପାଉଣା ନଦେଲା ପର୍ଯ୍ୟନ୍ତ। ବର କନ୍ୟା ଘରେ ପ୍ରବେଶ ପରେ ଯିଏ ଯାହା ଉପହାର ଝିଅକୁ ପୁଅକୁ ଦେବା କଥା ଦିଅନ୍ତି। ଏହାପରେ ଭୋଜିଭାତ ଖାଇ କନ୍ୟାଘର ଲୋକଙ୍କୁ ପଣ ବା (ଗନଂ) ଦିଆଯାଏଏଥିସହିତ ବାପା, ମା, ମାଇଁ, ମାମୁଁ ଏବଂ ମଧ୍ୟସ୍ଥି ପାଇଁ ଗାମୁଛା, ସେମାନଙ୍କ ପାଇଁ ଶାଢ଼ୀ ଏବଂ ଧୋତି ଦିଆଯାଏ। ଗାଁ ମୁଣ୍ଡ ଯାଏ ବାଟେଇ ଦେଇ ଆସନ୍ତି। ବାହାଘରର ସବୁ ଦାୟିତ୍ୱ ପୁଅ ହିଁ ତୁଲାଏ।

ବର କନ୍ୟା ଲେଉଟାଣି ପର୍ବ କରାଯାଏ ସୁବିଧା ଅନୁସାରେ ଡକାଯାଏ। ବର କନ୍ୟା ଘରେ ଆସିଲେ ଶାଳୀମାନେ ଭେଣେଇ (ତେଞ୍ଜାଙ୍ଗ) ର ପାଦ ଧୋଇ ଦିଅନ୍ତି ଏକ ଥାଳି ଏବଂ ତେଲ ପାଣିରେ ଗୋଡ଼ ଧୋଇ (କାଟକମ୍) ବା କଙ୍କଡ଼ା ପରି ଦୁଇ ହାତ୍ରେ ଜାବୁଡ଼ି ଧରିଥାନ୍ତି ପାଉଣା ନ ଦେଲା ପର୍ଯ୍ୟନ୍ତ। ଗୋଡ଼ ଧୋଇ ନୂଆ ଗାମୁଛାରେ ପୋଛି ପ୍ରଣାମ କରନ୍ତି। କିଛିଦିନ କନ୍ୟା ଘରେ ରହିବା ଭିତରେ ବର କନ୍ୟା ଘରେ ଏକ ପରୀକ୍ଷା ଦିଏ। ସେ ରାତି ବାରଟାରେ ସମସ୍ତେ ଶୋଇ ସାରିଲା ପରେ ଛେଳିକୁ ବଳି ଦିଏ, ଏକ ଘର ଭିତରେ ଯେପରି କେହି ଦେଖିବେନି। ଗୋଟିଏ ଚୋଟରେ ଯେପରି ଛେଳିଟି ବଳି ପଡ଼ିବା ଆବଶ୍ୟକ। ଫଳରେ ସମସ୍ତେ ବରର କ୍ଷମତା ଜାଣନ୍ତି ଏବଂ କନ୍ୟାଘରର ପୂର୍ବପୁରୁଷମାନେ ତାକୁ ଜୋଇଁ ରୂପେ ଗ୍ରହଣ କଲେ ବୋଲି ବିଶ୍ୱାସ କରନ୍ତି। ତା'ପରଦିନ ଭୋଜି ଖାଇ ବର କନ୍ୟାଙ୍କୁ ବିଦା କରାଯାଏ।

ଏହାପରେ ସମୁଦି ଦେଖା। ଏଥିରେ ବରର ପିତା ମାତା ସବୁ ଏକାଠି ହୁଅନ୍ତି। ସବୁ ଦିନ ପାଇଁ ଏକ ବିବାହ ବନ୍ଧନରେ ବାନ୍ଧି ହୋଇଥିବା ସମ୍ପର୍କରେ ବନ୍ଧୁବାନ୍ଧବ ଭାବେ ଚିହ୍ନା ପରିଚିତ ହୁଅନ୍ତି। କନ୍ୟାର ପିତା ଏବଂ ବରର ପିତା ଦୁହେଁ ପଗଡ଼ି ଏବଂ ମାଳା ଅଦଳ ବଦଳ ହୋଇ ସମୁଦି (ବାଲାକଳ) ହେଲେ ବୋଲି ପ୍ରଣାମ କରନ୍ତି, ସେପରି କନ୍ୟାର ମାତା ବରର ମାତା ଦୁହେଁ ମଧ୍ୟ ସମୁଦୁଣି (ବାଲାକୁଳି) ହେଲେ ବୋଲି ପ୍ରଣାମ କରନ୍ତି। ସେମାନଙ୍କର ପ୍ରଣାମ କରିବାର ଶୈଳୀ ଖୁବ୍ ସୁନ୍ଦର ଏବଂ ଭିନ୍ନ ଧରଣର। ଏହିପରି ଭାବରେ ସାନ୍ତାଳୀ ମାନଙ୍କର ଗୁଲ୍‌ଦାଞ୍ଜାପାମ୍ ବାହାଘରଟି ସମ୍ପୂର୍ଣ୍ଣ ହୁଏ।

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
(କଳାଭୂଷଣ)



# ବାଥୁଡ଼ି ସଂପ୍ରଦାୟର ନୂଆଖାଇ ପର୍ବ

◆ ଅନିତା ଦଳାଇ

ସାଧାରଣତଃ ବାଥୁଡ଼ି ସଂପ୍ରଦାୟର ଲୋକମାନେ ତିନୋଟି ଜିଲ୍ଲାରେ ବସବାସ କରିଥାନ୍ତି। ଯଥା- ମୟୂରଭଞ୍ଜ, ବାଲେଶ୍ୱର ଓ କେଉଁଝର। ଏମାନେ ବଣ ଜଙ୍ଗଲ ଘେରା ପାହାଡ଼ର ପାଦଦେଶରେ ବସବାସ କରିଥାନ୍ତି। ବଣ ଜଙ୍ଗଲରୁ ମିଳୁଥିବା ଜାଳେଣି, ଫଳମୂଳକୁ ସଂଗ୍ରହ କରିବା ସହିତ ଜଙ୍ଗଲ ଉପରେ ନିର୍ଭର କରିଥାନ୍ତି। ଏହାବ୍ୟତୀତ ଚାଷକାର୍ଯ୍ୟ କରିଥାନ୍ତି। ଏମାନଙ୍କର ସାମାଜିକ ଚଳଣି, ପୂଜାପାର୍ବଣ ଓ ଆଧାତ୍ମିକ ଭାବ ବେଶ୍ ସ୍ମୃତିସଜଳ। ଦୁଃଖ ମଧ୍ୟରେ ଜୀବନ ଅତିବାହିତ କଲେ ହେଁ ଅଭାବ ଓ ଦୈନ୍ୟ ଭିତରେ ପ୍ରତ୍ୟହ ଜୀଉଁଥିଲେ ହେଁ ଅନ୍ୟର ସୁଖ ସମୃଦ୍ଧିରେ ସେମାନେ ଆତ୍ମହରା ହୁଅନ୍ତି।

ଏହି ସଂପ୍ରଦାୟରେ ସାଧାରଣତଃ ଦୁଇଥର ନୂଆଖାଇ ପର୍ବ ପାଳନ କରାଯାଏ। ସେଥି ମଧ୍ୟରୁ ଗୋଟିଏ ଆଶୁ ନୂଆଖାଇ ପର୍ବ ଭାବରେ ଜଣାଯାଏ। ଯାହା ଭାଦ୍ରବ ମାସରେ ପାଳନ କରାଯାଏ ଏବଂ ଅନ୍ୟଟି ଚୈତ୍ର ମାସରେ ପାଳନ କରାଯାଏ। ଏହି ମାସରେ ନୂଆ କରି ଧରିଥିବା ଆମ୍ବ, ପଣସ, ମହୁଲଫୁଲ, ନୂଆ କରି ହୋଇଥିବା ଶାଳପତ୍ରକୁ ପୂଜା କରାଯାଏ। ଏହା ପ୍ରତ୍ୟେକ ବଂଶର ଈଶାଣ ଘରେ ପୂଜା କରାଯାଏ। ଗ୍ରାମରେ ଏକ ସଭା ହୁଏ। ସେଠାରେ ଏକ ଦିନ ଧାର୍ଯ୍ୟ କରାଯାଏ ଏବଂ ସେହି ଦିନ ପୂଜା ହୁଏ। ପୂଜା ଦିନ ସକାଳୁ ଈଶାଣ ଘରର ପୂଜକଙ୍କ ପତ୍ନୀ ସ୍ନାନସାରି ଈଶାଣ ଘରକୁ ମାଟି ଓ ଗୋବରରେ ପରିଷ୍କାର ଭାବରେ ଲିପାପୋଛା କରିଥାନ୍ତି।

ଉଷୁନା ଓ ଅରୁଆ ଧାନକୁ ଢିଙ୍କିରେ କୁଟି ଚାଉଳ ପ୍ରସ୍ତୁତ କରନ୍ତି। ଏହି ସବୁ କାର୍ଯ୍ୟ କରିବାବେଳେ ଟୋପାଏ ପାଣି ପିଇ ନଥାନ୍ତି କି ଅନ୍ୟ କାହା ସହିତ କଥାବାର୍ତ୍ତା କରନ୍ତି ନାହିଁ। ଈଶାଣ ଘରେ ଦୁଇଟି ଚୁଲି ଥାଏ। ସେହି ଚୁଲିରେ କେବଳ ଶାଳକାଠ ସାହାଯ୍ୟରେ ରୋଷେଇ କାର୍ଯ୍ୟ କରାଯାଏ। ସ୍ନାନସାରି ପାଣି ଆଣି ରୋଷେଇ କରାଯାଏ। ଦୁଇଟି ଚୁଲିରେ ଦୁଇଟି ମାଟିହାଣ୍ଡି ଯଥା- ନାଲିରଙ୍ଗର କିମ୍ବା କଳାରଙ୍ଗର ମାଟିହାଣ୍ଡିରେ ରୋଷେଇ କରାଯାଏ। ଅରୁଆ ଚାଉଳରୁ ପ୍ରସ୍ତୁତ କ୍ଷୀରୀକୁ ଦେବାଦେବୀଙ୍କୁ ଅର୍ପଣ କରାଯିବା ବେଳେ ଉଷୁନା ଚାଉଳରୁ ପ୍ରସ୍ତୁତ କ୍ଷୀରୀକୁ ପୂର୍ବପୁରୁଷଙ୍କୁ ଦିଆଯାଇଥାଏ। ପୂଜକଙ୍କ ପତ୍ନୀ ଧଳାଶାଢୀ ଏବଂ ପୂଜକ ଧଳାଧୋତି ପରିଧାନ କରି ପୂଜା କାର୍ଯ୍ୟ କରିଥାନ୍ତି। ଏହି ପୂଜାରେ ଆମ୍ବ, ମହୁଲ, ଗୁଡ଼, କ୍ଷୀର, କଦଳୀ, ଅରୁଆ ଚାଉଳ ଆଦି ପୂଜା ସାମଗ୍ରୀ ରୂପେ ବ୍ୟବହାର କରାଯାଇଥାଏ। ପୂଜା କରାଯାଇଥିବା ଆମ୍ବ, ମହୁଲ, ଗୁଡ଼କୁ ପ୍ରସ୍ତୁତି କ୍ଷୀରୀରେ ମିଶା ଯାଏ। ଏକା ଥରକରେ ଯେମିତି ନିଆଁ କାଠରେ ଲାଗି ଜଳି ଉଠିବ ସେମିତି ନିଆଁ ଧରାଯାଏ। କାରଣ ନିଆଁ ଲିଭିଗଲେ ଫୁଙ୍କାଯାଏ ନାହିଁ। ପ୍ରସ୍ତୁତ କ୍ଷୀରିକୁ ଦେବାଦେବୀ, ଇଷ୍ଟଦେବୀଙ୍କୁ ଅର୍ପଣ କରାଯିବା ପରେ ପୂର୍ବପୁରୁଷଙ୍କୁ ଦିଆଯାଇଥାଏ। ଏହା ପରେ ଛୋଟପିଲା ଏବଂ ବୁଢ଼ାବୁଢ଼ୀମାନଙ୍କୁ ଡାକି କ୍ଷୀରୀ ଦିଆଯାଏ। ଏହି ପୂଜା ପର ଠାରୁ ଆମ୍ବ, ପଣସ, ମହୁଲ ଏମିତିକି କଞ୍ଚା ଶାଳପତ୍ରକୁ ବ୍ୟବହାର କରାଯାଏ। ପୂଜା ପୂର୍ବରୁ ବ୍ୟବହାର କରାଯାଏ ନାହିଁ। କେତେକଙ୍କ ଗାଁରେ ନୂଆଖାଇର ଗୋଟିଏ ଦିନ ପୂର୍ବରୁ ଶାଳଡାଳ ଖଣ୍ଡେ ଆଣି ଗାଁ ବଡ଼ାମ ଶାଳରେ ରଖି ପୂଜା କରାଯାଏ, ଆଉ ସନ୍ଧ୍ୟାରେ ଚାଙ୍ଗୁବାଜା ବଜାଇ ନୃତ୍ୟ ପରିବେଷଣ କରାଯାଏ। ତହିଁ ଆର ଦିନ ନୂଆଖିଆ ହୁଏ।

ନୂଆଖିଆ ସରିବା ପରେ ଚୈତ୍ର ମାସର ଶନିବାର କିମ୍ବା ରବିବାର ମେଲାଣି ଦିଆଯାଏ। ଗାଁରେ ଯାହାବି ରୋଗ ରହିଥାଏ ଯଥା- ବସନ୍ତ, ମିଳିମିଳା ହୋଇଥାଏ। ଏହି ମେଲାଣି ପୂଜା କରାଗଲେ ସେ ସବୁ ଭଲ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହି ପୂଜାଦିନ ଯେଉଁମାନଙ୍କୁ ଦାସି (କାଳିସୀ) ଆସେ ସେମାନଙ୍କୁ ପୂର୍ବରୁ ଜଣାଇ ଦିଆଯାଇଥାଏ ଯେ ସେହିଦିନ ଉପବାସ ରହିବାକୁ। ଗାଁର ଯେତେକ ପୂଜା ସ୍ଥାନ ରହିଛି ସେଠାରେ ଅବିବାହିତ ପୁଅମାନେ ଆମ୍ବପତ୍ର, ଫୁଲରେ ସଜାଇ ଦିଅନ୍ତି ଏବଂ ଅବିବାହିତ ଝିଅମାନେ ଗୋବରରେ ପରିଷ୍କାର ଭାବରେ

ଲିପାପୋଛା କରି ଦିଅନ୍ତି । ପ୍ରଥମେ ଗ୍ରାମଦେବତୀଙ୍କ ନିକଟରେ ପୂଜା ହୁଏ ଏବଂ ପରେ ଗାଁ ଛକରେ ହୁଏ । ଦାସି ମାନଙ୍କ ପାଇଁ ଯାହା ପାଇଁ ଯେଉଁ ଅସ୍ତ୍ର କାଠରେ ସଜାଇ ଘାସରେ ତିଆରି କରିବାକୁ ଗ୍ରାମର ପୂଜକ ବା ଦେହୁରୀ ନିର୍ଦ୍ଦେଶ କରିଥାନ୍ତି । ଗାଁର ସମସ୍ତଙ୍କ ଘରକୁ ବୁଲିଯାଆନ୍ତି ଦାସିମାନେ ଏବଂ ଯାହା ଘରୁ ଯାହା ପାଇଲେ କଣା ଟୋକେଇ, କୁଲା ସେସବୁକୁ ଲୋକମାନେ ସାଙ୍ଗରେ ନେଇଯାଆନ୍ତି । ଦାସିମାନେ ଧଳାଧୋଳତି, ଗେଞ୍ଜି ପରିଧାନ କରିଥାନ୍ତି । ହାତରେ ଅରୁଆ ଚାଉଳ ଧରି ସବୁଆଡ଼େ ଫିଙ୍ଗିଥାଆନ୍ତି । ଘର ବୁଲି ସାରିବା ପରେ ପୂଜା ଛକରେ ମାଉସୀବୁଢ଼ୀକୁ ତଥା ଅନ୍ୟ ଦାସିମାନଙ୍କୁ ଅବିବାହିତ ଝିଅମାନେ ଧଳା ଶାଢ଼ୀ ପିନ୍ଧି ହଳଦୀ ପାଣିରେ ତାଙ୍କ ପାଦ ଧୋଇ ବନ୍ଦାପନା କରନ୍ତି । ଏହି ପୂଜା ସମୟରେ ଶଙ୍ଖ, ଢୋଲ, ହୁଳହୁଳି, କିରିକିରା ଦିଆଯାଏ । ଏହି ବନ୍ଦାପନା କରିବାବେଳେ ଅରୁଆଚାଉଳରେ କରା ନଯାଇ କେରାଟ ଫୁଲରେ କରାଯାଇଥାଏ । କେରାଟ ଫୁଲରେ ମାଳ ଗୁନ୍ଥି ସବୁ ଦାସିମାନଙ୍କୁ ପିନ୍ଧାଇ ଦିଆଯାଏ । କିନ୍ତୁ ମାଉସୀବୁଢ଼ୀ ପାଇଁ ଏହି ଫୁଲରେ ଗହଣା ତିଆରି କରାଯାଇଥାଏ । ଯଥା- ହାର, କାନଫୁଲ, ବଳା, ପାଉଁଜି, ବାହୁଟି, ଅଣ୍ଟାବିଛା ଆଦି ତିଆରି କରି ତାଙ୍କୁ ପିନ୍ଧାଇ ଦିଆଯାଏ । ଏକ ଆଟିକାରେ ଭୋଗ ଦିଆଯାଇ ଗାଁରୁ ରୋଗମୁକ୍ତ କରି ଜଙ୍ଗଲକୁ ନେଇ ଛାଡ଼ିଦିଆଯାଏ । ଯେତେକ ଘରମାନଙ୍କରୁ କଣା ଟୋକେଇ ଆଣିଥାନ୍ତି ସେସବୁକୁ ଏକ ଲୋକ ବାଉଁଶରେ ନେଇ ଜଙ୍ଗଲରେ ଛାଡ଼ିଦିଏ । ଦାସି ଛାଡ଼ିବା ପରେ ସଙ୍ଗରେ ନେଇଥିବା ଛେଳିବୋଦା, କୁକୁଡ଼ାକୁ ମାରି ରୋଷେଇ କରି ଖାଇ ଖୁସିରେ ଘରକୁ ଫେରନ୍ତି । ସଙ୍ଗରେ ଗୋଟିଏ ଛୋଟ କୁକୁଡ଼ା ଚିଆଁକୁ ନେଇଥାନ୍ତି । ତାକୁ ସେହି ଜଙ୍ଗଲରେ ଛାଡ଼ି ଦିଆଯାଏ । ଏହି ପର୍ବରେ ହୋଲି ଖେଳନ୍ତି । ଏହିପରି ଭାବରେ ବାଥୁଡ଼ି ସଂପ୍ରଦାୟର ଆମ୍ବ ନୂଆଖିଆ ଏବଂ ମେଲାଣି ପର୍ବ ପାଳନ କରାଯାଇଥାଏ ।

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, (କଳାଭୂଷଣ)



# ସମାଜସଂସ୍କାର ଓ 'କନକଲତା'

◆ କାଦମ୍ବିନୀ ସାହୁ

ମାନବ ଜୀବନର ହସ କାନ୍ଦ, ଲୁହ-ଲହୁ, ଆବେଗ ଉତ୍କଣ୍ଠା ଇତ୍ୟାଦି ନିତ୍ୟାନ୍ତ ମାନବୀୟ ପ୍ରବୃତ୍ତିର କଳାତ୍ମକ ଅଭିବ୍ୟକ୍ତି ହେଉଛି ଉପନ୍ୟାସ। ଏଥିରେ ମାନବର ଆଶା ଆକାଙ୍କ୍ଷା, ଘାତ ପ୍ରତିଘାତ, ଅଭାବ ଅଭିଯୋଗ ବଳିଷ୍ଠ ରୂପେ ପରିଗ୍ରହ କରେ। ଏହା ଏପରି ଏକ କଳା, ଯାହା ସାର୍ବଜନୀନ ଚିନ୍ତା ଓ ଚେତନାରେ ସ୍ୱୟଂସମ୍ବେଦ୍ୟ, ସାମାଜିକ ଆଦର୍ଶରେ ଅର୍ଘ୍ୟ ଓ ନୈବେଦ୍ୟ।

ପଲ୍ଲୀକବି ରୂପେ ସୁପରିଚିତ ନନ୍ଦକିଶୋର ବଳଙ୍କ 'କନକଲତା' ନାମକ ଏକମାତ୍ର ଉପନ୍ୟାସର ରଚୟିତା। ଏହି ଉପନ୍ୟାସ ଷୋଡ଼ଶ ପରିଚ୍ଛେଦ ବିଶିଷ୍ଟ ଉତ୍କଳ ସାହିତ୍ୟ ସପ୍ତଦଶ ବର୍ଷ ପ୍ରଥମ ସଂଖ୍ୟାରୁ ଅଷ୍ଟମ ସଂଖ୍ୟା ମଧ୍ୟରେ ପ୍ରକାଶିତ। ପରେ ଏହା ପୂର୍ଣ୍ଣାଙ୍ଗ ରୂପେ ୧୯୨୫ ମସିହାରେ ପ୍ରକାଶିତ ହୋଇଛି। 'କନକଲତା'ର ଶୈଳୀ ମିଶ୍ରିତ ଶୈଳୀ ଓ ଅନୁଭବରେ ସଂହତି ସମନ୍ୱୟ ଓ ସଦ୍‌ଭାବନାର ଦୃଷ୍ଟିକୋଣ, ଯୌତୁକ ସମସ୍ୟା ଓ ବିଧବାମାନଙ୍କ ସମସ୍ୟା ବିରୁଦ୍ଧରେ ନନ୍ଦକିଶୋରଙ୍କ ଏହି ଉପନ୍ୟାସ ସମାଜ ସଂସ୍କାର ପ୍ରୟାସ ମନୋବୃତ୍ତିର ପରିଚୟ ଦେଇଛନ୍ତି।

ବହୁ ଚରିତ୍ର ବିଶିଷ୍ଟ ଏହି ଉପନ୍ୟାସରେ ହରିଚନ୍ଦନଙ୍କ ପୁତ୍ର ରାଜେନ୍ଦ୍ର ଯିଏ କି ଏହି ଉପନ୍ୟାସରେ ସଂସ୍କାର ପ୍ରୟାସର ମନୋବୃତ୍ତି ଭାବେ ଲେଖକ ଗ୍ରହଣ କରିଛନ୍ତି। ନଦୀସ୍ନାନରୁ ଫେରିବାବେଳେ ଚମ୍ପାକୁ ଦେଖି ଏକାନ୍ତ ଆନ୍ତରିକ ବେଦନା ଅନୁଭବ କରିଛି। ମନେକରିଛି ଏପରି ଯୁବତୀ-ବିଧବାଙ୍କର ପୁନଃ ବିବାହ ପ୍ରଚଳନ କରିବାପାଇଁ। ସେ କହି ଉଠିଛି, ଉତ୍କଳରେ କ'ଣ ବିଦ୍ୟାସାଗର ଜନ୍ମିବେ ନାହିଁ। ବିଧବା ବିବାହ ପାଇଁ ପଥରୋଧ କରିଥିବା ସମସ୍ୟା ଗୁଡ଼ିକ ଉପରେ ଆଲୋଚ଼ନା କରିଛନ୍ତି।

ପ୍ରଥମତଃ - ବରପାତ୍ର ମିଳିବେ କାହୁଁ? ଦ୍ୱିତୀୟ ଏହାର ସ୍ୱଜାତୀୟ ଛଡ଼ା ଅନ୍ୟ ବର ସହିତ ବିବାହ କେଉଁ ଆଇନ୍ ଅନୁସାରେ ଚଳିବ। ତୃତୀୟ କଥା ଏ ସବୁ ପାଇଁ ଗୋଟିଏ ସ୍ତ୍ରୀ ସମ୍ମତି ଦେବ କି? ଏଭଳି ଅନେକ ପ୍ରଶ୍ନ ତାଙ୍କ ଚିତ୍ତକୁ ଚଳଚଞ୍ଚଳ କରିଦେଇଛି। ପୁତ୍ରର ଏଭଳି କାର୍ଯ୍ୟ ଦେଖି ପିତା ଅସନ୍ତୋଷ ପ୍ରକାଶ କରିଛନ୍ତି। କିନ୍ତୁ ନାୟିକା କନକଲତା ଭାଇର ଏଭଳି ନିଷ୍ପତ୍ତି ପାଇଁ ପ୍ରେରଣା ଦେଇଛି।

କେବଳ ଚମ୍ପା ନୁହେଁ ଅନ୍ୟ ୨ ଜଣ ନାରୀଙ୍କ କଥା ଲେଖକ ଏଠାରେ ଆଲୋଚ଼ନା କରିଛନ୍ତି। ସେମାନଙ୍କ ମଧ୍ୟରୁ ଉମା ଯିଏ ନାୟକ ଧନଞ୍ଜୟ ଭଉଣୀ ଓ ଅନ୍ୟଟି ତୁଳସୀ ଦେଈ। ଏମାନେ ଦୁଇଜଣ ବାଲ୍ୟବିଧବା ଉମା ଚିରହାସ୍ୟମୟୀ କ୍ଷଣପ୍ରଭା କିନ୍ତୁ ତୁଳସୀ ଦେଈ ନିର୍ମମ ସ୍ଥୈର୍ଯ୍ୟ ଅଟଳ ଅଚଳ। ନିୟତି ଉଭୟଙ୍କୁ ଏକ ସୂତ୍ରରେ ବାନ୍ଧି ଦେଇଛି। ଉଭୟଙ୍କ ଜୀବନରେ କି ସାମ୍ୟ କି ବୈଷମ୍ୟ! ଯୁବତୀ ଅରକ୍ଷିତା ହୋଇ ଶେଷପର୍ଯ୍ୟନ୍ତ ନିଷ୍କଳଙ୍କ ଭାବରେ ରହିବା ବଡ଼ ଦୁରୂହ। ସମାଜରେ ଦୁରନ୍ତ ପୁରୁଷଙ୍କ ସାତ୍‌ଖୁନ୍ ମାଫ୍। କୌଣସି ଦଣ୍ଡ ବା ସାମାଜିକ ପ୍ରତିକାର କିଛି ନାହିଁ। ସ୍ତ୍ରୀମାନଙ୍କ ଉପରେ ସମସ୍ତେ ଖଡ୍‌ଗହସ୍ତ। ଚିରଜୀବନ ସେମାନେ ଜଘନ୍ୟ, ହେୟ, ଘୃଣିତ, ଲାଞ୍ଛିତ ହୋଇ ରହେ।

ରାଜେନ୍ଦ୍ର ଜଣେ ଶିକ୍ଷିତ ଯୁବକ। ସେ ହିନ୍ଦୁ କୁସଂସ୍କାର ବିରୋଧରେ ବାଖ୍ୟାନ କଲେ। ସେ ଗୋଟିଏ ପ୍ରବନ୍ଧ ଲେଖିଥିଲେ ଯେଉଁଥିରେ ସମାଜ କୁସଂସ୍କାର ଦୂରୀଭୂତ ହୋଇ ସଂସ୍କାର ପ୍ରୟୋଗ ମନୋବୃତ୍ତି ଆସିବ। କୁପ୍ରଥା ଦ୍ୱାରା ହିନ୍ଦୁସମାଜର ଜନସଂଖ୍ୟା ହ୍ରାସ ହୋଇ ଧରାପୃଷ୍ଠ ବିଲୁପ୍ତ ହେବ। ଚିର ବୈଧବ୍ୟ ଦ୍ୱାରା ବଂଶବୃଦ୍ଧିକ୍ଷମ ଯୁବତୀଗଣ ସନ୍ତାନ ଉତ୍ପାଦନରେ ଅକ୍ଷମ। ସ୍ତ୍ରୀମାନଙ୍କର ସ୍ୱାମୀଙ୍କ ସହିତ ବିଦେଶ ଯିବା ନିଷେଧ ବିଧି ଇତ୍ୟାଦି। ଏଥିରେ ବାଲ୍ୟ ବିଧବାଙ୍କର ପୁନଃ ବିବାହ ବିଷୟ।

ସେହିଭଳି ଅନ୍ୟପଟରେ ଯୌତୁକ ସମସ୍ୟା ଥିଲା ପ୍ରଚଣ୍ଡ। ଯେପରି କନକଲତା ଓ ଧନଞ୍ଜୟ ବିବାହ ପାଇଁ ପାଇକରାୟଙ୍କ ଭାଇ ପୁରଞ୍ଜୟ ଋରିପଣ ଯୌତୁକ ମାଗିଥିଲେ କିନ୍ତୁ କନ୍ୟାପକ୍ଷ ଏଥିରେ ସମ୍ମତି ହେଲେ ନାହିଁ।

ଧନଞ୍ଜୟ ପିତାଙ୍କର ଏପରି ପ୍ରସ୍ତାବରେ ଲଜ୍ଜ୍ୟା ଓ ମ୍ରିୟମାଣ ହୋଇଥିଲେ ଏବଂ ସେ ପ୍ରତିଜ୍ଞା କରିଥିଲେ ସେ କଦାପି ବିକ୍ରୟମୂଳକ ବିବାହ କରିବେ ନାହିଁ। କାରଣ ସେ ଥିଲେ ଜଣେ ଉଚ୍ଚଶିକ୍ଷିତ ଯୁବକ ଭଲ ମନ୍ଦ ବିଚାର କରିବାରେ ସେ ଥିଲେ ସକ୍ଷମ। ଯାହାଦ୍ୱାରା ପିତାଙ୍କର ଚିନ୍ତାଧାରାରେ ପରିବର୍ତ୍ତନ ଘଟିଲା। ଦୁହିଁଙ୍କ ବିବାହ କାର୍ଯ୍ୟ ସଂପନ୍ନ ହେଲା ନାୟକ ଧନଞ୍ଜୟ ଓକିଲାତି ଅପେକ୍ଷା ପରୋପକାରୀ, ସାମାଜିକ ବା ରାଜନୈତିକ ଉନ୍ନତି ପ୍ରତି ଅଧିକ ଆସ୍ଥାବାନ୍।

ଧନଞ୍ଜୟ ନିଜ ଭଉଣୀ ଉମା ପ୍ରତି ରାଜେନ୍ଦ୍ରର ଗଭୀର ପ୍ରଣୟ ଜନ୍ମିଥିବାର ସ୍ପଷ୍ଟ ଅନୁଭବ କରିପାରୁଥିଲେ। କିଛିଦିନ ପରେ ରାଜେନ୍ଦ୍ର ଶୁଣିଲେ ଯେ ଉମା ଇହ ସଂସାରରେ ନାହିଁ। ବିସୂଚିକା ରୋଗରେ ତୁଳସୀ ଦେଈଙ୍କ ସହିତ ଉମା ପ୍ରାଣତ୍ୟାଗ କରିଛି। ଶେଷରେ ରାଜେନ୍ଦ୍ର ସଂସାର ତ୍ୟାଗ କରି ଜଣେ ସନ୍ନ୍ୟାସୀ ରୂପେ ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ ଦୂର କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଦେଇଛନ୍ତି। ଯାହାକି ନିଜ ମାତା ପଦ୍ମାବତୀ ଦେବୀଙ୍କର ମୃତ୍ୟୁର କାରଣ ହୋଇଛି। ପୁରୀ ଜଗନ୍ନାଥ ମନ୍ଦିରରେ ବକ୍ତୃତା ଦେଉଥିବା ବେଳେ କନକ ନିଜର ଭାଇକୁ ଚିହ୍ନିପାରିଛି ଓ କ୍ରନ୍ଦନ କରିଛି। ମାତା ପଦ୍ମାବତୀଙ୍କ ଠାରୁ ଜନ୍ମ ଏକ ଲତାର ଦିଓଟି ପୁଷ୍ପପରି ପ୍ରସ୍ଫୁଟିତ ହୋଇଥିଲେ। ବିଦେଶ ଭ୍ରମଣ କରି ରାଜେନ୍ଦ୍ର ସମାଜ ସଂସ୍କାର ବିଷୟରେ ପ୍ରବଚନ ଦେଉଥିଲେ ଠିକ୍ ସେହିପରି କନକଲତା। ସପରିବାରେ ରହି ବନ୍ଧୁବାନ୍ଧବ, ଅତିଥି, ଶାଶୂ ଶ୍ୱଶୁର, ସ୍ୱାମୀ ଓ ଦାସଦାସୀଙ୍କ ସେବା କରିଆସୁଛନ୍ତି। ରାଜେନ୍ଦ୍ର ଦେଖିଥିବା ସ୍ୱପ୍ନ ବାସ୍ତବତାର ରୂପ ନେଇଥିଲା ଅଳ୍ପଦିନ ପୂର୍ବେ ଗୋଟିଏ ବାଳବିଧବା ବ୍ରାହ୍ମଣ ବାଳିକାର ବିବାହ କରାଯାଇଥିଲା ମାତ୍ର କେଉଁ ଯୁଗରେ ରାଜେନ୍ଦ୍ର ଓ ଉମାର ମିଳନ ହେବ ତାହା ଥିଲା ଏକମାତ୍ର ପ୍ରଶ୍ନ ?

ସ୍ୱାଧୀନତା ପୂର୍ବବର୍ତ୍ତୀ ପୃଷ୍ଠଭୂମି ଉପରେ ପର୍ଯ୍ୟବେଶିତ ଏହି ଉପନ୍ୟାସ। ସେତେବେଳର ସମାଜରେ ଯେଉଁ ପ୍ରଥା ଯଥା ଅନ୍ଧବିଶ୍ୱାସ, କୁସଂସ୍କାର ଭରି ରହିଥିଲା ତାହାକୁ ଲେଖକ ରାଜେନ୍ଦ୍ର ଚରିତ୍ର ମାଧ୍ୟମରେ ଦୂର କରିବା ପାଇଁ ଚେଷ୍ଟା କରିଛନ୍ତି। ବାସ୍ତବିକ୍ 'କନକଲତା' ଉପନ୍ୟାସର ରାଜେନ୍ଦ୍ର ଚରିତ୍ର ଏଭଳି ଚିନ୍ତାଚେତନାର ପ୍ରଚାର ଓ ପ୍ରସାର ମାଧ୍ୟମରେ ବର୍ତ୍ତମାନ ସମୟରେ ଅନେକ ଉମା ନୂତନ ଜୀବନ ଆରମ୍ଭ କରିବା ପାଇଁ ସକ୍ଷମ ହୋଇପାରୁଛନ୍ତି।

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, (କଳାଭୂଷଣ ଛାତ୍ରୀ)



# ପ୍ରକୃତିର କାବ୍ୟ 'ଅନ୍ତର୍ବ୍ୟଥାର ପ୍ରକୃତ ସ୍ୱର

◆ ବ୍ରଜମୋହନ ମେହର

ପ୍ରକୃତିର ନୈସର୍ଗିକ ସୁଷମାରେ ମୁଗ୍ଧ ହୋଇ କବିବର ରାଧାନାଥ ରାୟ ଓଡ଼ିଆ ସାହିତ୍ୟରେ ଯେଉଁ କାବ୍ୟିକ ଧାରାର ଭିତ୍ତି ସ୍ଥାପନ କଲେ, ତାହା ଅନେକ କବିଙ୍କୁ ପ୍ରାକୃତିକ କାବ୍ୟ ରଚନା କରିବାର ପ୍ରେରଣା ଯୋଗାଇଲା। 'ଚିଲିକା' କାବ୍ୟର ପ୍ରତିଧ୍ୱନିରେ ଗଂଗାଧରଂକ କବି ହୃଦୟ 'ବେଦବ୍ୟାସ'ର ମହିମା ଗାନ କରିବାରେ ଯେଭଳି ଲାଗି ପଡ଼ିଲା, ସେହିଭଳି ରାଜକବି ସୁଢଳ ଦେବଂକ ମାନସ ପଟରେ 'ଚିତ୍ରୋତ୍ପଳା'ର ଚିତ୍ର ଚିତ୍ରାୟିତ ହେବାରେ ଲାଗିଲା। ପବିତ୍ରମୋହନ ପ୍ରଧାନଂକ 'ବ୍ରାହ୍ମଣୀ', ଜୟକୃଷ୍ଣ ମିଶ୍ରଙ୍କ 'ଅଂଶୁପା', ଗଦାଧର ମିଶ୍ରଶର୍ମାଙ୍କ 'ମହାନଦୀ' ଏପରିକି କବି ଅଭୟ ଚରଣ ଚଲାନଂକ 'ସୁଂଦର ସରିତ' ସେହି ରାଧାନାଥୀୟ ପ୍ରେରଣାର ଏକ ଏକ କାବ୍ୟିକ ଝରଣା।

ପ୍ରକୃତିର ବାହ୍ୟରୂପ ଚିତ୍ରକାର ରାଧାନାଥ ଏବଂ ଅଂତଃରୂପ ଚିତ୍ରଣରେ ସିଦ୍ଧହସ୍ତ ଭାବରେ କବି ଗଂଗାଧର ହେଲେ ସମ୍ମାନିତ। ସେହିଭଳି ଭାଷା ପ୍ରୟୋଗରେ ମଧ୍ୟ ଛୁଟି ଚଲିଲା ରାଧାନାଥୀୟ-ଗଂଗାଧରୀୟ ଏକ ନୂତନ ଶୈଳୀ, ଯାହାକି ପରବର୍ତୀ ବହୁ କବିଂକୁ ପ୍ରଭାବିତ କରିବା ସହିତ ଆଧୁନିକ ଯୁଗର କାବ୍ୟସ୍ରଷ୍ଟା ଖଡ଼ିଆଳର କବି ପଟ୍ଟାୟତ ଶ୍ରୀ ନୀଳଲୋହିତ ସିଂହଦେବଂକୁ ମଧ୍ୟ ନୂତନ ନୂତନ କାବ୍ୟ ସୃଷ୍ଟିରେ ପ୍ରେରଣା ଯୋଗାଇଲା। ଜନ୍ମ ନେଲା 'ଅଂତର୍ବ୍ୟଥା' ନାମରେ ଏକ ସୁଂଦର କାବ୍ୟଗ୍ରଂଥ।

କବି ନୀଳଲୋହିତ ସିଂହଦେବ ଜନ୍ମଲାଭ କରଂତି ଖଡ଼ିଆଳ ରାଜପ୍ରାସାଦରେ, ରାଜା କବି ଅନୁପ ସିଂହଦେବ ଓ ରାଣୀ ସୌଭାଗ୍ୟ ମଂଜରୀ ଦେବୀଂକ ଦ୍ୱିତୀୟ ସଂତାନ ଭାବରେ ୧୯୫୪ ମସିହାରେ। ଖଡ଼ିଆଳର କାବ୍ୟ ପରଂପରା ମୁଖ୍ୟତଃ ରୀତି ଶୈଳୀରେ ପରିପ୍ରକାଶ ଘଟୁଥିବାବେଳେ କବି ନୀଳଲୋହିତ ହେଉଛଂତି ପ୍ରଥମ, ଯିଏକି ସେହି କାବ୍ୟଧାରାରୁ ତାଂକ କାବ୍ୟସ୍ୱରକୁ ପରିବର୍ତିତ କରି ନୂତନତାର ଆଲୋକରେ ଆଲୋକିତ କରିବାରେ ଲାଗିଲେ। ତାଂକ କଲମରୁ ପ୍ରକାଶ ଲାଭ କଲା 'ଛାୟା', 'ତୃଷ୍ଣା', 'ଅଂତର୍ବ୍ୟଥା', 'ଦଧିବାମନ', 'ନୂପୁର', 'ପରାତୃଷ୍ଣା', 'ଭଗ୍ନ ଦେଉଳର ଭାଷା' ପ୍ରଭୃତି କାବ୍ୟ ଓ କବିତା ସଂକଳନ; ଏପରିକି କବିଗୁରୁ ବିଶ୍ୱକବି ରବୀଂଦ୍ରନାଥଂକ ଇଂରାଜୀ 'ଗୀତାଂଜଳି'କୁ ଓଡ଼ିଆ ଭାଷାରେ ଅନୁବାଦ କରି ଓଡ଼ିଶାର ପାଠକ ସମାଜରେ ହୋଇପାରିଛଂତି ପ୍ରିୟ ପରିଚିତ।

କବି ନୀଳଲୋହିତଂକ ଏକ ବିଶିଷ୍ଟ ଗୁଣ ହେଲା ଯେ ତାଂକୁ ମୁଗ୍ଧ କରିଛି ଛାଂଦସିକତା। ଚତୁର୍ଦଶାକ୍ଷରୀ ଛଂଦରେ ରଚିତ 'ଅଂତର୍ବ୍ୟଥା' ଭାଷାରେ ରାଧାନାଥ-ଗଂଗାଧରୀୟ ଶୈଳୀରେ ପରିଭୂଷିତ। ଏକା କିଂତୁ ପ୍ରାକୃତିକ କାବ୍ୟ ହେଲେ ହେଁ 'ଚିଲିକା', 'ଚିତ୍ରୋତ୍ପଳା' ବା 'ମହାନଦୀ' ଭଳି ପ୍ରକୃତିର ରୂପ ବର୍ଣ୍ଣନାତ୍ମକ କାବ୍ୟ ଭଳି ନ ହୋଇ ଏହାର ସ୍ୱତଂତ୍ରତାର ନିଜସ୍ୱ ସୌଂଦର୍ଯ୍ୟ ମନୋହର ତଥା ସ୍ୱତଂତ୍ର ଦୃଷ୍ଟି ଆକର୍ଷଣ କରିପାରିବାରେ ସମର୍ଥ।

'ଅତଂର୍ବ୍ୟଥା' ସଂପୂର୍ଣ୍ଣ ଭାବେ ପ୍ରକୃତିକୁ ଉପଜୀବ୍ୟ କରି ହିଁ ରଚିତ। ପ୍ରକୃତି ହେଉଛି ମୁଖ୍ୟତଃ ଚରିତ୍ର। ନାୟକ ହେଉଛଂତି ସୂର୍ଯ୍ୟ, ନାୟିକା ହେଉଛି ପଦ୍ମିନୀ। କବିଂକ ନୂତନତା ହେଲା, କେଉଁ ଆବହମାନ କାଳରୁ କବି ରସିକ ଶୃଂଗାରୀକମାନଂକ କାବ୍ୟକଳ୍ପନା ତଥା ପ୍ରକୃତି ବର୍ଣ୍ଣନାରେ ଭ୍ରମର ପଦ୍ମିନୀର ପ୍ରେମିକ ତଥା ଏକ ଲଂପଟ ସାଜିଥିବାବେଳେ କବି ଲୀଳଲୋହିତଂକ ଦୃଷ୍ଟିରେ କିଂତୁ ପରିଣତ ହୋଇଯାଇଛି ତାର ସଂତାନ। ପୁଣି 'ରବି-ସୁତସୁତା ଯମୀ କୃତାଂତ ଯମୁନାଂକ ଭଳି ବର୍ଣ୍ଣ ପରିଚୟରେ ପ୍ରମାଣିତ ହୋଇଯାଏ ଯେ ଭ୍ରମର ହେଉଛି ପଦ୍ମିନୀର ପ୍ରକୃତ ସଂତାନ; କାରଣ ପଦ୍ମିନୀର ପ୍ରେମିକ ବା ସ୍ୱାମୀ ସୂର୍ଯ୍ୟଂକର ଅନ୍ୟାନ୍ୟ ସଂତାନ ଭଳି ଭ୍ରମରର ବର୍ଣ୍ଣ ହେଉଛି କଳା; ଅବଶ୍ୟ ଏହି ମତ ପୌରାଣିକତାର ନେଇଛି ଆଶ୍ରୟ।

ସଂତାନ ଯେମିତି ଜନନୀ ବକ୍ଷରୁ ଦୁଗ୍ଧ ପାନକରି

ଜୀବନ ଧାରଣ କରେ, ସେହିଭଳି ଭ୍ରମର ପଦ୍ମିନୀର କୋଳମଂଡନ କରି ମଧୁପାନ କରି ଜୀବନ ବଂଚେ। ଯେଭଳି–

"ମଧୁ ଶୋଷି ଶାନ୍ତ କରେ ଜଠର ଜ୍ୱଳନ
ଅମ୍ଭୋଜିନୀ ପାଶେ ଆସି ମଧୁନିସୂଦନ।୭୦।
ବାତ୍ସଲ୍ୟ ସ୍ନେହରେ କୋଳେ ଧରି ସରୋଜିନୀ
ଭୃଙ୍ଗେ ମଧୁ ଦିଏ ହୋଇ ମଙ୍ଗଳକାରିଣୀ ।୭୧।
ଜରାଏ ଯେସନ ସ୍ତନ୍ୟପାନ ସ୍ନେହଭରେ
ଜନନୀ ତା ସନ୍ତାନକୁ ବସାଇ କୋଳରେ ।୭୨।"

(ଅତଂର୍ବ୍ୟଥା)

କବିଂକ ଲେଖନୀରେ କେବଳ ବାହ୍ୟଚିତ୍ର ଫୁଟି ନାହିଁ, ଫୁଟି ଉଠିଛି ଅଂତଃଚିତ୍ର; ତତ୍‌ସଂଗେ ସାହିତ୍ୟରେ ତଥା ସମାଜରେ ଦୃଶ୍ୟମାନ ହେଉଥିବା ବାସ୍ତବତା ହୋଇ ପଡ଼ିଛି ଅଂଗାଗୀ ଭାବେ ଜଡ଼ିତ। କାବ୍ୟାରଂଭରୁ ଶେଷ ପର୍ଯ୍ୟଂତ ଲଂବିଯାଇଛି କବି କଳ୍ପନା। ଭଜଙ୍କ 'ଜଳଦ ଶାର୍ଦ୍ଦୂଳ ପରା ଆସିଲା / ମୃଗ ଥିଲାକୁ ଚଂଦ୍ରକୁ ଗ୍ରାସିଲା' ନୁହେଁ। ସଂଧ୍ୟାବାଳୀ ଆହ୍ୱାନ କରିଛି ସୂର୍ଯ୍ୟଂକୁ ବାରୁଣୀ ସଦନକୁ। ଫୁଟିଉଠିଛି ଭାବ ଶ୍ଲେଷ। ବାରୁଣୀ ଏକ ଅର୍ଥରେ ପଶ୍ଚିମ ଦିଗ, ଅନ୍ୟପଟରେ ସାମାଜିକ ପାଶ୍ଚାତ୍ୟ ପ୍ରଭାବ, ପୁଣି ବାରୁଣୀ ସଦନ–ସୁରାସଦନ।

ଭାରତୀୟ ସଂସ୍କୃତିର ପ୍ରତୀକ ପବିତ୍ର ପ୍ରେମର ଅଧିକାରିଣୀ ପତିବ୍ରତା ପଦ୍ମିନୀ। ପାଶ୍ଚାତ୍ୟ ସଭ୍ୟତାର ମତୁଆଲା ସଂଧ୍ୟାବାଳୀ। ନାୟକ ସୂର୍ଯ୍ୟଦେବ ପଦ୍ମିନୀର ପ୍ରାଣପ୍ରିୟ। ସେହି ପ୍ରାଣପ୍ରିୟ ସୂର୍ଯ୍ୟ କିଂତୁ ପଦ୍ମିନୀକୁ ଛାଡ଼ିଦେଇ ସଂଧ୍ୟାବାଳୀର ଆକର୍ଷଣରେ ଆସକ୍ତ ହୋଇ ଗମନ କରିଛଂତି ବାରୁଣୀ ସଦନକୁ। ଯାହାଫଳରେ ପଦ୍ମିନୀ ହୃଦୟରେ ଭରିଯାଇଛି ଦୁଃଖ।

ପଦ୍ମିନୀ ଦୁଃଖରେ ଦୁଃଖାଭିଭୂତ ହୋଇ ପଡ଼ିଛଂତି କବି। ପଦ୍ମିନୀ ହୃଦୟର ବ୍ୟଥା କବି ହୃଦୟରେ ଜାତ କରାଇଛି ବ୍ୟଥା। ସେହି ବ୍ୟଥା ହିଁ 'ଅଂତର୍ବ୍ୟଥା'। ସଂଧ୍ୟା ପରେ ପରେ ରଜନୀର ଆଗମନ। ଚଂଦ୍ର ଉଦିତ ହୋଇଛଂତି। ଏମାନେ ପଦ୍ମିନୀ ପ୍ରତି ସୃଷ୍ଟି କରିଛଂତି ଅଧିକ ପୀଡ଼ା ମାତ୍ର। ଚକୋର ଚକୋରୀ ଏହି ସମୟରେ ପଦ୍ମିନୀକୁ ସମବେଦନା ଜଣାଇବା ପରିବର୍ତ୍ତେ ପାଲଟି ଯାଇଛଂତି ପଦ୍ମିନୀର ପୀଡ଼ାଦାୟୀ ଚଂଦ୍ରର ସ୍ତାବକ। ଚୌରକର୍ମର ପ୍ରଶ୍ରୟଦାୟିନୀ ରାତ୍ରି, ସ୍ୱାମୀ ପ୍ରବାସୀ ହୋଇଥିବାର ପଦ୍ମିନୀ ନାୟିକାର ଦୁଃଖ ବଢ଼ାଉଥିବା ଚଂଦ୍ର ଏବଂ ସ୍ତାବକ ଚାଟୁକାର ଚକୋର–ଚକୋରୀ ପ୍ରତି କବି ହୃଦୟରେ ଶୁଭିଛି ପ୍ରତିବାଦର ସ୍ୱର। ଭାରତୀୟ ସଂସ୍କୃତିର ବିରୋଧୀ ସଭ୍ୟତାର ଚାଟୁକାରମାନେ କବି କଲମରେ ବ୍ୟଂଜିତ ଏବଂ ଏମାନଂକ ପାଇଁ ହିଁ କବି ହୃଦୟରେ ପ୍ରତିବାଦର ସ୍ୱର ଗୁଂଜରିତ ହୋଇ ଉଠିଛି। ଏପରିକି ପରସ୍ପର ବିଚ୍ଛେଦ ହୋଇ କ୍ରନ୍ଦନରତ ଚକ୍ରବାକ–ଚକ୍ରବାକୀ ଯେ ନିଜ ନିଜ ବିରହରେ ଦୁଃଖିତ; ଏବଂ ତାହା ପଦ୍ମିନୀର ଦୁଃଖରେ ନୁହେଁ, ତାହା ଅନୁଭବ କରିପାରିଛଂତି କବି। ସେହିଭଳି ରାତ୍ରିଚର ଜୀବ ସମୂହ କିଏ ବି ପଦ୍ମିନୀର ଦୁଃଖ ବୁଝିବାକୁ ପ୍ରସ୍ତୁତ ନୁହଁନ୍ତି। କବି ଆହ୍ୱାନ କରିଛଂତି ବର୍ତ୍ତମାନର କବିସମାଜକୁ, ବଡ଼ବଡ଼ିଆ ସାହିତ୍ୟିକମାନଂକୁ ସେମାନେ ହେଲେ ଆସଂତୁ ପଦ୍ମିନୀର ଦୁଃଖ ବୁଝଂତୁ ଏବଂ ଚଂଦ୍ରର ପୀଡ଼ାଦାୟୀ ଚଂଦ୍ରିକାରୁ ରକ୍ଷା କରିବା ପାଇଁ କବିଂକୁ ସାହାଯ୍ୟ କରଂତୁ। ହେଲେ କବି, ସାହିତ୍ୟିକମାନେ କବିଂକ ଆତ୍ମାର ଅଂତର୍ବ୍ୟଥାକୁ କର୍ଣ୍ଣପାତ କରିପାରି ନାହାଂତି।

ଶେଷରେ ହସ ହସ ମୁହଁରେ ପ୍ରଜ୍ଞା କବିଂକ ସମ୍ମୁଖରେ ଉପସ୍ଥିତ ହୋଇ ସୁରାସକ୍ତ ରବି ଯେ ଦେବେନ୍ଦ୍ର ଦର୍ଶନ କରି ତାଂକ ପାପକ୍ଷାଳନ କରିବେ (ଯେଉଁ ସୂର୍ଯ୍ୟ ପଶ୍ଚିମାଭିମୁଖୀ ହୋଇଯାଇଥିଲେ ସେ ପୂର୍ବଦିଗର ଅଧିକର୍ତ୍ତା ଦେବେନ୍ଦ୍ରଂକୁ ଦର୍ଶନ କରିବା ଦ୍ୱାରା ପାପକ୍ଷାଳନ ହେବ, ଅର୍ଥାତ୍ ପୂର୍ବଦିଗରେ ଉଦୟମାନ୍ ହେବେ।)ପଦ୍ମିନୀର ସୁଖାଲୋକ ଆନୟନ କରିବେ ଏବଂ ସତ୍ୟ ଧର୍ମର ଉଷା ଉଇଁ ଉଠିବ ବୋଲି ଦେଇଛଂତି ଆଶ୍ୱାସନା।

କବିଂକ କାବ୍ୟାରଂଭ ପୂର୍ବରେ ଶ୍ରୀମଦ୍ ଭଗବଦ୍ ଗୀତାର ପ୍ରସିଦ୍ଧ ଉଦ୍ଧୃତି ଏହି କାବ୍ୟରେ ଧ୍ୱନିତ ହୋଇଛି। କବିଂକ ଭାଷାରେ–

"ପ୍ରଜ୍ଞାଂକ ଭାରତୀ କେବେ ନ ହୁଏ ଅନ୍ୟଥା
ଧଇର୍ଯ୍ୟ ଧରିଣ ଶେଷେ ଲଭିଲେ ହେଁ ବ୍ୟଥା।
ସତ୍ୟ ଧର୍ମ ସଂସ୍ଥାପିକା ଉଷା ଆଗମନେ
ଅନାଇ ରହିଲା କବି ସଜଳ ନୟନେ।"

ପ୍ରକୃତରେ ପ୍ରକୃତି ଚିତ୍ରଣ ଫଳରେ କବି ନୀଳଲୋହିତ ଅନାଇ ରହିଛଂତି ସତ୍ୟ ଧର୍ମ ସଂସ୍ଥାପିକା ଉଷାର ଆଗମନକୁ। ଏହିଠାରେ ହିଁ କାବ୍ୟିକ ସୌଂଦର୍ଯ୍ୟ ନିହିତ ହେବା ସହିତ ଫୁଟିଉଠିଛି ଅଂତରାତ୍ମାର ସ୍ୱର।

**ସହାୟକ ଗ୍ରଂଥାବଳୀ :-**


୧. ଅଂତର୍ବ୍ୟଥା, ନୀଳଲୋହିତ ସିଂହଦେବ, ତୃତୀୟ ମୁଦ୍ରଣ-୨୦୧୩
୨. ଓଡ଼ିଆ ସାହିତ୍ୟର ଇତିହାସ, ପ୍ରେମାନଂଦ ମହାପାତ୍ର, ସତ୍ୟନାରାୟଣ ବୁକ୍‌ଷ୍ଟୋର୍, କଟକ-୨୦୧୫
୩. ଓଡ଼ିଆ ସାହିତ୍ୟର ଇତିହାସ, ସୁରେଂଦ୍ର କୁମାର ମହାରଣା, ଓଡ଼ିଶା ବୁକ୍‌ଷ୍ଟୋର୍, କଟକ, ୨ୟ ସଂସ୍କରଣ-୨୦୧୨
୪. ରାଧାନାଥ ଗ୍ରଂଥାବଳୀ, ଆଦିକଂଦ ସାହୁ, ବିଦ୍ୟା ପ୍ରକାଶନ, କଟକ-୨୦୦୨
୫. ଗଂଗାଧର ଗ୍ରଂଥାବଳୀ, ନଗେଂଦ୍ରନାଥ ପ୍ରଧାନ, ଧର୍ମଗ୍ରଂଥଷ୍ଟୋର୍, କଟକ
୬. ଗଂଗାଧର ଗ୍ରଂଥାବଳୀ, ମଣୀଂଦ୍ର କୁମାର ମେହର, ଗ୍ରଂଥ ମଂଦିର-୨୦୧୫
୭. ମହାନଦୀ-ଗଦାଧର ମିଶ୍ରଶର୍ମା, ଗଦାଧର ସାହିତ୍ୟ ସଂସଦ କୋମନା-୧୯୯୫
୮. ସୁଂଦର ସରିତ, ଅଭୟ ଚରଣ ଚଲାନ, ଶରତ ଚଂଦ୍ର ଚଲାନ-୧୯୯୫
୯. ଖଡ଼ିଆଳ ପ୍ରଭା, ପ୍ରୟାଗଦତ୍ତ ଯୋଶୀ,ଖଡ଼ିଆଳ ସାହିତ୍ୟ ସମିତି-୧୯୯୨
୧୦. ଖଡ଼ିଆଳ ରାଜ ଦରବାର ଓ କବି ବ୍ରଜରାଜ ସିଂହଦେବ, ଦୁର୍ବାଦଳ ମେହେର, ଖଡ଼ିଆଳ ସାହିତ୍ୟ ସମିତି-୨୦୦୭



ଗବେଷକ, ସ୍ନାତକୋତ୍ତର ଓଡ଼ିଆ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର




# ଅମୃତସନ୍ତାନ ଗଙ୍ଗାଧର ମେହେରଙ୍କ ଜନ୍ମପୀଠ ଅଭିମୁଖେ

◆ ସତ୍ୟନାରାୟଣ ଜେନା

ପ୍ରତିଟି ଓଡ଼ିଆଙ୍କ ମନକୁ ପ୍ରାଣକୁ ସୁମଧୁର କରିଥିବା ଓ ବିଶ୍ୱକୁ ମଧୁମେୟ ସୃଷ୍ଟିର ରୂପ ଦେଇଥିବା କବି ଗଙ୍ଗାଧର ମେହେର ତାଙ୍କ କବିତା ପ୍ରତିଟି ପ୍ରାଣକୁ ଖାଲି ସୁମଧୁର କରେନି ପ୍ରତ୍ୟେକଙ୍କ ପ୍ରାଣରେ। ପକ୍ଷୀଟି ବସା ବାନ୍ଧିଲା ପରି ଘର କରି ରହି ଆସିଛନ୍ତି କବି। ଆଜି ବି ଆବାଳ ବୃଦ୍ଧ ବନିତା ମନ ମଧ୍ୟରେ ଗୁଣୁଗୁଣୁ ହୋଇ ଗାଇ ଉଠନ୍ତି ତାଙ୍କର କବିତାର ପଂକ୍ତି। ସେ ସିନା ଏ ଭୂଲୋକରୁ ବିଦାୟ ନେଇଛନ୍ତି ହେଲେ ସମସ୍ତଙ୍କ ଭିତରେ ଆଜି ବି ସେ ଜୀବିତ। ଆମ ଘରେ ମୋ ଜେଜେ ସମୟ ପାଇଲେ ତପସ୍ୱିନୀ କାବ୍ୟ ପଢ଼ିବାର ମୁଁ ଦେଖିଛି। ପିଲାବେଳଠୁ ଆଜି ପର୍ଯ୍ୟନ୍ତ କେବଳ ମୁଁ ନୁହେଁ ପ୍ରତ୍ୟେକ ସ୍କୁଲ୍, କଲେଜ, ବିଶ୍ୱବିଦ୍ୟାଳୟ ମାନଙ୍କର ପାଠ୍ୟ ଖସଡ଼ାରେ ଯାହାଙ୍କର କବିତାଟେ ସମସ୍ତେ ପଢ଼ି ଆସିଛନ୍ତି। ତାଙ୍କର କବିତା ଗୁଡ଼ିକ ପ୍ରେରଣାର ଉତ୍ସ। କ'ଣ ନାହିଁ ତା ଭିତରେ!! ଯୌବନଠାରୁ ଆରମ୍ଭ କରି ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ ଉକ୍ତି ଠାରୁ ଆରମ୍ଭ କରି ଶକ୍ତି ପର୍ଯ୍ୟନ୍ତ ତାଙ୍କ କବିତା ଗୁଡ଼ିକର ଭାବ ଭାଷା ଛନ୍ଦ ମାଧୁରୀ ଉପମା ଆଦିର ପ୍ରୟୋଗରେ କାବ୍ୟ କବିତା ସରସ, ସୁନ୍ଦର, ସରଳ ଓ ହୃଦୟସ୍ପର୍ଶୀ। ତାଙ୍କ କାବ୍ୟଗୁଡ଼ିକ ଓଡ଼ିଆ ସାହିତ୍ୟ ଭଣ୍ଡାରର ଏକ ଏକ ସମୁଜ୍ଜ୍ୱଳ ରତ୍ନ। ତାଙ୍କର ପ୍ରାୟ କବିତାର ପଂକ୍ତି ମୋ ମନ ଭିତରେ ଅହରହ ଗୁଂଜରିତ ହୋଇଯାଏ, ଯେଭଳିକି-

"ମଙ୍ଗଳେ ଅଇଲା ଉଷା ବିକଚ୍-ରାଜୀବ-ଦୃଶା
ଜାନକୀ-ଦର୍ଶନ-ତୃଷା ହୃଦୟେ ବହି,
କରପଲ୍ଲବେ ନୀହାର ମୁକ୍ତା ଧରି ଉପହାର
ସତୀଙ୍କ ବାସ ବାହାର ପ୍ରାଙ୍ଗଣ ରହି
କଳକଣ୍ଠ କଣ୍ଠେ କହିଲା
ଦରଶନ ଦିଅ ସତୀ ରାତି ପାହିଲା।"

ସୀତାଦେବୀଙ୍କୁ ଦେଖିବାକୁ ଉଷାଙ୍କର ଦର୍ଶନ ତୃଷାରେ ଯେଭଳି ପ୍ରତିବିଂବିତ ହେଉଥିଲା, କବିଙ୍କର ଜାନକୀ ଦର୍ଶନ ତୃଷା, ଯାହାକି ପ୍ରଥମ ସର୍ଗରେ ସ୍ଥାନ ପାଇଥିଲା।

"ବାଲ୍ମୀକି ଆଶ୍ରମକୁ ଧାଇଁ ଅଛି ମନ
କରିବାକୁ ନିର୍ବାସିତା ସୀତାଙ୍କୁ ଦର୍ଶନ।"

କବିଙ୍କର ପବିତ୍ର ଜନ୍ମମାଟିକୁ ଯିବାର ଆଶା ମୋ ମନ ଭିତରେ ସେହିପରି ରହିଥିଲା। ହେଲେ ସେ ତୃଷା ସେହିପରି ମନରେ ରହିଯାଇଥିଲା। ୦୫.୦୮.୨୦୧୭ ତାରିଖ ଦିନ ରାତି ୧୦ଟାରେ ପ୍ରିୟ ମଣୀନ୍ଦ୍ର ସାର୍‌ଙ୍କର ଫୋନ୍ ଆସିଲା। କିନ୍ତୁ ସବୁଦିନର ଫୋନ୍ ପରି ସେଦିନର ଫୋନ୍ ଆସିବାଠାରୁ ସ୍ମରଣୀୟ ମୁହୂର୍ତ୍ତ ଥିଲା ଭିନ୍ନ। କାଲି ତମେ ଆମ ସହ ବରପାଲି ଯିବ। ମୁଁ କିଛି ନ ଶୁଣି ହଁ କରିଦେଲି ବରପାଲି ଯିବି ବୋଲି ସେଦିନ ରାତିରେ ମୋତେ ନିଦ ନଥାଏ। ସକାଳୁ ସକାଳୁ ବାହାରି ପଡ଼ିଲୁ କାରଣ ୬.୩୦ରେ ଟ୍ରେନ୍ ଥାଏ। ବଲାଙ୍ଗୀର ଇଣ୍ଟର୍‌ସିଟି ମୁଁ ମୋର ବନ୍ଧୁ କରୁଣା ସହ ଛାତ୍ରାବାସରୁ ବାହାରି ରେଲ୍‌ୱେ ଷ୍ଟେସନରେ ପହଞ୍ଚିଥିଲୁ। ସେଠାରେ ମଣୀନ୍ଦ୍ର ସାର୍, ମାଡାମ୍, ଶୌଭିକ (ସାର୍‌ଙ୍କ ପୁଅ) ଏବଂ ତାଙ୍କ ମା' ପ୍ରେମଶୀଳା ଆମକୁ ଅପେକ୍ଷା କରିଥିଲେ। ଆମେ ଟିକେ ବିଳମ୍ବ କରିବାରୁ ଅଲଗା ଅଲଗା ବଗିରେ ଯିବାକୁ ପଡ଼ିଲା। ହେଲେ ମନ ମୋର ମୋ ପାଖରେ ନଥାଏ। ସତେ ଯେପରି ଉଡୁଥାଏ ଆକାଶରେ ପ୍ରଜାପତିଙ୍କ ଭଳି।

ଆରମ୍ଭ ହେଲା ଟ୍ରେନ୍ ଯାତ୍ରା। ବାଟରେ ବଣ ପାହାଡ଼ର ଦୃଶ୍ୟ ମନକୁ ମୋହିତ କରୁଥାଏ ଏବଂ ଅନେକ ସ୍ଥାନରେ ଋଷୀ କ୍ଷେତରେ କାମ କରୁଥାନ୍ତି। ଟ୍ରେନ୍‌ଟି ଯିବାର ଦେଖି ଟା ଟା କରୁଥାଏ ଜଣେ। କେତେ ନିଷ୍ପାପ ମଣିଷଟିଏ ସେ। ସେ ହାତ ହଲେଇ ଟା ଟା କରୁଥିଲା ସତେ ଯେପରି ସେ ମତେ ସ୍ୱାଗତ ଜଣାଉଥିଲା ମୋର ଯାତ୍ରାର ପ୍ରେରଣାର ଉତ୍ସ ଥିଲା। ଶେଷରେ ଅପରାହ୍ନ ସମୟରେ ଯାଇ ବରପାଲିରେ ପହଞ୍ଚି, ସାର୍‌ଙ୍କ ମାଉସୀଙ୍କ ଘରେ ଖାଇ କିଛି ସମୟ ବିଶ୍ରାମ ନେଇ ଋଲିଲୁ ଗଙ୍ଗାଧର ସ୍ମୃତି ସଦନକୁ। କିଛି ସମୟ ପରେ ସେଠାରେ ପହଞ୍ଚିଲୁ ବଜାର ପାଖରେ ଲାଗିକି ବହୁ ପୁରୁଣା ଘର। ଘର ଭିତରକୁ ପ୍ରବେଶ

କଲାବେଳେ ପ୍ରଥମେ କବିଙ୍କର ଫଟୋଚିତ୍ର ଡାହାଣ ପାର୍ଶ୍ୱରେ କବିଙ୍କର ସମସ୍ତ ସାମଗ୍ରୀର ସଂରକ୍ଷଣର ଏକ ଆଲମିରା ଦେଖିଲୁ। ପରେ ଛାତ ଉପରେ ଗୋଟିଏ କୋଠରୀରେ ରହିଲୁ। ସେହି କୋଠରୀର ଗୋଟିଏ ପାର୍ଶ୍ୱରେ ଉପରୁ ତଳ ଯାଏ ଏକ ଥାକ ବିଶିଷ୍ଟ ର୍ୟାକ୍‌ରେ ବହି ଭରପୂର। ପାଖରେ ଫଟୋଟିଏ। ମୁଣ୍ଡ ଉପରେ ବଲ୍ ଜଳୁଥାଏ। ସେଠାରେ ସାର୍ ରାତିରେ ଅଧ୍ୟୟନ କରନ୍ତି ବୋଲି ମ୍ୟାଡାମ୍ କହୁଥିଲେ। ସନ୍ଧ୍ୟା ହେବାରୁ ଟିକେ ବୁଲିବାକୁ ବାହାରିଲୁ ହେଲେ ଯିବୁ କୁଆଡ଼େ ? ସାରଙ୍କ ପାଖରୁ ଶୁଣିଥିଲୁ ଯେ ଏବେ ଯେଉଁଠି ଅଛନ୍ତି ତାହା କବିଙ୍କର ଜନ୍ମସ୍ଥଳୀ ନୁହେଁ। ଜନ୍ମସ୍ଥଳୀକୁ କାଲି ଯିବା। ଡାହାଣ ପାଖରେ ଗଲେ ଆଗରେ ପଡ଼ିବ, ତାହା ସରକାରଙ୍କ ହାତରେ ନ୍ୟସ୍ତ ରହିଛି। ଭାବିଲୁ ଆଜି ଯାଇ ସେହି ସ୍ଥାନାରୁ ଟିକେ ବୁଲି ଆସିବୁ। ସଂଧ୍ୟା ସମୟରେ କରୁଣା ଓ ମୁଁ ଚାଲିଲୁ ଗଙ୍ଗାଧର ମେହେରଙ୍କ ଜନ୍ମସ୍ଥଳୀ ଦେଖିବାକୁ। ହେଲେ କ'ଣ ହେବ ? କିଛି ବାଟ ଗଲାପରେ ଦୁର୍ଗାମନ୍ଦିର ପାଖରେ ଦୁଇଟି ରାସ୍ତା। କେଉଁ ବାଟରେ ଯିବୁ। ଆଉ ବାଟ ନପାଇ ଠିଆ ହେଲୁ। ମନ୍ଦିରରେ ଆଳତି ହେଉଥାଏ। ବହୁତ ସୁନ୍ଦର ମନ୍ଦିର। ମନୋହର ପରିବେଶ। ମା'ଙ୍କୁ ଯାଇ ଦର୍ଶନ ସାରି ପୁଣି ଆସି ଠିଆହେଲୁ। ସେଠାକୁ ଆଳତି କରିବାକୁ ଆସିଥିବା ଏକ ମା'କୁ କବିଭବନ ପଚାରିବାରୁ ଆମକୁ ଡାହାଣପଟରେ ଗଲେ ଶେଷଘରଟା ବୋଲି କହିଲେ। ଚାରି ପାଞ୍ଚଟି ଘର ପରେ 'କବି ଭବନ' ପଡ଼ିଲା। ଦେଖିଲା ମାତ୍ରେ ମୋ ଛାତି ଭିତରେ ଏକ ଶିହରଣ ଖେଳିଗଲା। ସତେ ଯେପରି ଆକାଶରେ ବିଜୁଳି ମାରୁଛି। ସେଠାରେ ରାତ୍ରି ସମୟରେ ବନ୍ଦ ଥିବାରୁ ଭିତରକୁ ନଯାଇ ବାହାରୁ ବୁଲି ଦେଖିଲୁ। କବି ଭବନ ପିଣ୍ଡାରେ କେତେ ପିଲା ବସି ଗପସପ କରୁଥିଲେ। ତାକୁ ଦେଖି ମନେପଡ଼ିଯାଏ ସତରେ ସେ କେତେ ଭାଗ୍ୟବାନ।

"ଆମେ ତ ଭାଗ୍ୟବାନ ପିଲାରେ
ଆମପରି କିଏ ଆଉ ଅଛିରେ।"

ତାଙ୍କ ଉପରେ ଈର୍ଷାର ଭାବ ଆସୁଥିଲେ ମଧ୍ୟ ଈର୍ଷା ନ କରି ପୁଣି ଫେରିଲି ସ୍ମୃତିସଦନକୁ। ରାତି ପାହିଲେ କବିଙ୍କର ଜୟନ୍ତୀ। ସେଠାକାର ସବୁ ଛାତ୍ରଛାତ୍ରୀ ଆସି ଲାଗିପଡ଼ିଥାନ୍ତି କାମରେ। ଆମେ ତାଙ୍କୁ ସହଯୋଗ କରିବାକୁ ଯିବାରୁ ତାଙ୍କ ସହ ପରିଚୟ ହେଲା ଏବଂ ସେ ଏବେ ଭଲ ବନ୍ଧୁ ମଧ୍ୟ ହୋଇ ରହିଛନ୍ତି। ୦୭.୦୮.୨୦୧୭ ୧୫୫ତମ ଗଙ୍ଗାଧର ଜୟନ୍ତୀ, ପାଳନ ହେବ ଗଙ୍ଗାଧର କଲ୍ୟାଣ ମଣ୍ଡପରେ।

ପରଦିନ ସକାଳୁ ଉଠି ନିତ୍ୟକର୍ମ ସାରିବା ବେଳକୁ ବିଭିନ୍ନ ସ୍କୁଲ୍ କଲେଜର ଛାତ୍ରଛାତ୍ରୀ, ଅଧ୍ୟାପକ, ବରିଷ୍ଠ ନାଗରିକ, ରାଜନୀତିଜ୍ଞ, ସାହିତ୍ୟିକ ଏପରି ଅନେକ ବ୍ୟକ୍ତିବିଶେଷ ଆସି ସ୍ମୃତିସଦନରେ ଥିବା ଗଙ୍ଗାଧରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ପାଇଁ ମେହେର ପରିବାର ସହ ସବୁ ଅତିଥିମାନେ ମାଲ୍ୟାର୍ପଣ କରି କିଛି କିଛି ସ୍ମୃତି ଓ ଅନୁଭୂତି ଦୁଇ ପଦରେ କହିଲେ। ପରେ ପରେ ସମସ୍ତେ ଏକଧାଡ଼ିରେ ଚାଲିଲେ କବି ଭବନକୁ। ଗଲାବେଳେ ବାଟରେ ଏକ ରମଣୀୟ ଦୃଶ୍ୟ ଦେଖିବାକୁ ମିଳିଲା। ଏକ ଗାଡ଼ିକୁ ସୁସଜ୍ଜିତ ରଥ ସଦୃଶ କରି ସେଥିରେ ଗଙ୍ଗାଧର ମେହେରଙ୍କ ଫଟୋ ରଖି ତାଙ୍କ କବିତା ପାଠ କରି ଏକ ସଂଘ ଚାଲିଛନ୍ତି। କେବଳ ସେମାନେ ନୁହଁନ୍ତି, ଏପରି ଅନେକ ଭୁଲିଆ ସମାଜ ଏହିପରି କବିତା ପାଠ କରି ରାସ୍ତାରାସ୍ତା ବୁଲିଥାନ୍ତି। ସେ ଦୃଶ୍ୟ ବହୁ ଆନନ୍ଦଦାୟକ, ଯେପରି ଗ୍ରାମରେ ଏକ ବିବାହ ନିମନ୍ତେ ସଜବାଜ ହୋଇ ପ୍ରୋସେସନ୍ ଧରି ଆସୁଛନ୍ତି ଏହିପରି କିଛି ଦୃଶ୍ୟ। ପରେ ପରେ ଏକ ଗଳି ରାସ୍ତା ଦେଇ ଯିବାକୁ ପଡ଼ିଲା। କାରଣ ଆମେ ଠିଆ ହୋଇ ପ୍ରୋସେସନ୍ ଦେଖୁଥିଲାବେଳେ ସମସ୍ତେ ଚାଲିଯାଇଥିଲେ କବି ଭବନକୁ। ଆମେ ଚାରିଜଣ ଗଳି ରାସ୍ତାରେ ଗଲାବେଳେ ଅନେକ ବୁଣାକାର ଲୁଗା ବୁଣୁଥିବାର ଦୃଶ୍ୟ ଦେଖିଲୁ। ଏସବୁ ସତ କି ନା ମୁଁ ଦେଖୁଛି ଅଥଚ ଜାଣିପାରୁନଥାଏ। ଏହିପରି ଗପସପ ମଧ୍ୟରେ କବିଭବନରେ ପହଞ୍ଚିଲୁ। ସେଠାରେ କବିଙ୍କର ଏକ୍ତୁଡ଼ିଶାଳ କବିଙ୍କର ଜନ୍ମଗୃହ ଏବଂ କବିଙ୍କର ସାଧନାଗୃହ ଦେଖିଲୁ। ସେଠାରେ ପୂଜାର୍ଚ୍ଚନା ଚାଲିଥାଏ। ଧାଡ଼ିବାନ୍ଧି ସମସ୍ତେ ସେଠାକୁ ଯାଇ କବିଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଜ୍ଞାପନ କରି ଫେରୁଥାନ୍ତି। ଏସବୁ ଘରର ବାମପାର୍ଶ୍ୱରେ ରହିଥାଏ।

ଡାହାଣ ପାର୍ଶ୍ୱରେ ରହିଥାଏ ପାଠାଗାରର ବ୍ୟବସ୍ଥା। ସେଠାରେ ପୂଜାର୍ଚ୍ଚନା ଶେଷ କରି ସମସ୍ତେ ଫେରିଲେ ଗଙ୍ଗାଧର କଲ୍ୟାଣ ମଣ୍ଡପକୁ। ସେହିଠାରେ ଆରମ୍ଭ ହେଲା ସଭାକାର୍ଯ୍ୟ। ସଭାରେ ଆସନ ଅଳଙ୍କୃତ କରିଥିଲେ ମୃତ୍ୟୁଞ୍ଜୟ ରଥ, ଅଧ୍ୟାପକ ଡ. ଶୁକମୁନି ମେହେର, ମଣୀନ୍ଦ୍ର ସାର୍, ସେଠାକାର ମନ୍ତ୍ରୀ ସୁଶାନ୍ତ କୁମାର ସିଂହ, ଏମ୍.ପି. ପ୍ରଭାସ କୁମାର ସିଂହ। ସଭାକାର୍ଯ୍ୟ ଆରମ୍ଭ ପୂର୍ବରୁ ପ୍ରଦୀପ ପ୍ରଜ୍ୱଳନ ଏବଂ ଏକ ସୁନ୍ଦର ଘଟଣା ଘଟିଲା। ଇଂରାଜୀ ମାଧ୍ୟମିକ ସ୍କୁଲ୍ ପିଲାଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ ଏବଂ ତାଙ୍କର ଉଚ୍ଚାରଣର ସ୍ୱର ବହୁତ ଆକର୍ଷଣୀୟ ଥିଲା। ସଭାକାର୍ଯ୍ୟ ଆରମ୍ଭ ହେଲା। ସଭାରେ ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ଦୁଇଜଣଙ୍କୁ ଗଙ୍ଗାଧର ମେହେର ସାରସ୍ୱତ ସମ୍ମାନ ଓ ଗଙ୍ଗାଧର ପ୍ରତିଭା ସମ୍ମାନ ବାଉରୀବନ୍ଧୁ କର ଓ ଗଣେଶ ରାମ ନାହକଙ୍କୁ ସମ୍ମାନିତ କରାଗଲା। ଏବଂ ବିଭିନ୍ନ ସ୍କୁଲ୍ କଲେଜରେ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ସମ୍ମାନିତ କରାଗଲା। ଯାହା ତାଙ୍କ ଆଗାମୀ ଭବିଷ୍ୟତ ମଧୁମୟ ହେଉ, ଯାହା ପ୍ରେରଣାର ଉତ୍ସ ଥିଲା। ସଭାକାର୍ଯ୍ୟର ପରିସମାପ୍ତି ପରେ ସମସ୍ତେ ଏକ ହୋଟେଲ୍‌ର ଆୟୋଜିତ ଭୋଜି କାର୍ଯ୍ୟକ୍ରମରେ ଭାଗ ନେଇ ସୁସ୍ୱାଦୁ ଖାଦ୍ୟ ଖାଇବାର ମଜା ନେବାପରେ ଏକ ଫୁଲର ସୁସଜ୍ଜିତ ଗାଡ଼ିରେ ଫୁଲ ଓ କବିଙ୍କ ଫଟୋଚିତ୍ର ସହ ଡୁଙ୍ଗୁରିପାଲି ଯିବା ଉଦ୍ଦେଶ୍ୟରେ ଗାଡ଼ି ଚାଲିଲା 'ଗଙ୍ଗାଧର ଜ୍ୟୋତି ନେଇ'। ସେଠାରେ ମଣୀନ୍ଦ୍ର ସାର୍‌ଙ୍କ ସଂଯୋଜନା ସହିତ କଣ୍ଠଶିଳ୍ପୀ ମାନଙ୍କ ସ୍ୱରରେ କବିଙ୍କ କାବ୍ୟଗୁଡ଼ିକ ସଲଳିତ କଣ୍ଠରେ ଅପୂର୍ବ ମୂର୍ଚ୍ଛନା ସୃଷ୍ଟି କରୁଥାଏ। ବାଟରେ ଗଲାବେଳେ କିଛି ସ୍କୁଲ୍ ପିଲା ଜ୍ୟୋତି ଦର୍ଶନ ପାଇଁ ଅପେକ୍ଷା କରିଥାନ୍ତି। ସେଠାରେ ଗାଡ଼ି ରୁହେ। ସେମାନେ ଧୂପ, ଦୀପ, ଚନ୍ଦନ ଓ ହରିବୋଲ ହୁଳହୁଳି ଦେଇ ଜ୍ୟୋତିରେ ପୁଷ୍ପାଞ୍ଜଳି ଦେଇ ପ୍ରଣାମ କରନ୍ତି। ତା' ସହିତ ସାର୍‌ଙ୍କ ଠାରୁ ଦୁଇ ତିନି ପଦ ଅମୃତବାଣୀ ଶୁଣନ୍ତି। ଏହିପରି ବାଟରେ ଅନେକ ଲୋକ ରୁଣ୍ଡ ହୋଇଥାନ୍ତି। ଯାହାକୁ ଦେଖିବାମାତ୍ରେ ଜ୍ୟୋତି ଗାଡ଼ି ଆପେ ଆପେ ରହିଯାଏ। ଜ୍ୟୋତିକୁ ଦର୍ଶନ ପରେ ସମସ୍ତଙ୍କ ମନରେ, ମୁଖମଣ୍ଡଳରେ ଫୁଟି ଉଠୁଥିବା ସ୍ମିତ ହସକୁ ମୁଁ ଅନୁଭବ କରୁଥାଏ। ଶେଷରେ ଜ୍ୟୋତି ଯାତ୍ରା ପହଞ୍ଚିଲା ଡୁଙ୍ଗୁରିପାଲିର ଉଚ୍ଚ ବିଦ୍ୟାଳୟରେ। ସେଠାରେ ଆନନ୍ଦର ସହିତ ସମସ୍ତଙ୍କୁ ପାଛୋଟି ନେଲେ ଓ ଜ୍ୟୋତିକୁ ମଧ୍ୟ ହରିବୋଲ ହୁଳହୁଳି ଦେଇ ପାଛୋଟି ନେଲେ। ସଭାକାର୍ଯ୍ୟ ଆରମ୍ଭ ହେଲା। ସେଠାରେ ସମସ୍ତଙ୍କ ଭାଷଣ ଏତେ ଚମତ୍କାର ଥିଲା ଯେ, ତାହା କଳ୍ପନା କରିହେବ ନାହିଁ। ପଦ ପଦକରେ କବିତାର ପଂକ୍ତି। କାରଣ ସେମାନେ କେବଳ ଗଙ୍ଗାଧର ସାହିତ୍ୟ ପଢ଼ିନାହାନ୍ତି ତାକୁ ଅନୁଭବ କରିଛନ୍ତି ମର୍ମେ ମର୍ମେ। ସେଠାରେ କିଛି ସମୟ ପରେ ଜଳଖିଆ ଖାଇ 'ହରିହର ନଗର'ରେ ପହଞ୍ଚିଲୁ। ରାତ୍ରି ହୋଇଥିଲେ ମଧ୍ୟ ଲୋକଙ୍କ ମଧ୍ୟରେ ସେପରି ଆଗ୍ରହ ରହିଥିଲା। କେବଳ ପୁରୁଷଲୋକ ନୁହେଁ, ଝିଅଠାରୁ ବୋହୂ ପର୍ଯ୍ୟନ୍ତ ମା'ଠାରୁ ମାଉସୀ ପର୍ଯ୍ୟନ୍ତ ସମସ୍ତେ ଏକାଠି ହୋଇଛନ୍ତି 'ଗଙ୍ଗାଧର ଜ୍ୟୋତି' ଦେଖିବାକୁ। ଖାଲି ସେତିକି ନୁହେଁ, ଜ୍ୟୋତି ସହିତ ଗଙ୍ଗାଧରଙ୍କ ସୁଯୋଗ୍ୟ ସନ୍ତାନ ମଣୀନ୍ଦ୍ର ସାର୍‌ଙ୍କ ମୁଖରୁ ପଦକ ଅମୃତବାଣୀ ଶୁଣିବାକୁ।

କାରଣ ମୁଁ ତ ଗଙ୍ଗାଧରଙ୍କୁ ଫଟୋରେ ଦେଖିଛି। ତାଙ୍କ କବିତା ପଢ଼ିଛି। ଯାହାକିଛି ମନ ଭିତରେ ଅନୁଭବ କରିଛି ସବୁକିଛି ପାଇଛି ମୁଁ ମଣୀନ୍ଦ୍ର ସାର୍‌ଙ୍କ ଭିତରେ। ସେ ଦ୍ୱିତୀୟ ଗଙ୍ଗାଧର ନ ହୋଇ ପାରନ୍ତି କିନ୍ତୁ ଗଙ୍ଗାଧରଙ୍କର ଗଙ୍ଗାର ଧାର ତାଙ୍କ ଭିତରେ ପ୍ରବାହିତ। କେବଳ ତାଙ୍କ ଭିତରେ ନୁହେଁ ତାଙ୍କ ପରିବାର ମଧ୍ୟରେ ମଧ୍ୟ ପ୍ରବାହିତ। ସାର୍‌ଙ୍କ ମାଆଙ୍କ ନାମରୁ ହିଁ ଜାଣିବା ଯଥେଷ୍ଟ ହେବ 'ପ୍ରେମଶୀଳା ମେହେର'। ସତରେ ସେ ପ୍ରେମମୟୀ, ପ୍ରଚୁର ପ୍ରେମର ଭଣ୍ଡାର। ତାଙ୍କ ମୁଖର ହସ ଦେଖିଲେ ଲିଭିଯାଏ ମନର କଷ୍ଟ। ସବୁବେଳେ ହସ ହସ ମୁଖ। ମ୍ୟାଡାମ୍ ତ ଦେଖିଲା ମାତ୍ରକେ ନିଜ ପୁଅ ପରି କୋଳେଇ ନିଅନ୍ତି। ଏହା ମୋର ଅନୁଭବ ନୁହେଁ। ଅନେକଙ୍କ ମୁଖରୁ ଶୁଣିଛି। ଆଉ ଗୋଟିଏ କଥା ଆଶ୍ଚର୍ଯ୍ୟ ଲାଗେ ସାର୍‌ଙ୍କ କୁନିପୁଅ, ଛ'ବର୍ଷ ହେବ ମନରେ କିଛି ନଥାଏ, ଖୋଲା ହୃଦୟର। ଆଉ ଗୋଟିଏ କଥା ଜାଣି ଆଶ୍ଚର୍ଯ୍ୟ ଲାଗେ ତୁମେ ଯେଉଁ ବହିଟି ପଢୁଥିବବ ସେ ପଚାରିବବ ଭଲଲାଗୁଚ୍ଚି ? ଯଦି ହଁ କରିବ ସାଙ୍ଗେ ସାଙ୍ଗେ ସେ ବହିଟି ଆଣି ତୁମ ବ୍ୟାଗ୍‌ରେ ରଖିଦେବ ଏବଂ

କହିବ ଗଲାବେଳେ ନେଇଯିବ। ସମସ୍ତଙ୍କୁ ଦେଖିଲା ମାତ୍ରକେ ତାର ଖୁସି କହିଲେ ନ ସରେ। ସେ ଖାଇବା ପିଇବା ଠାରୁ ଆରମ୍ଭ କରି ଟିଉସନ୍ ଯିବା ମଧ୍ୟ ବନ୍ଦ କରିଦିଏ।

୮.୮.୨୦୧୭ରେ ଆମେ ସାର୍, ମୁଁ, କରୁଣା ଏକ ଗାଡ଼ି ଯୋଗେ ବଲାଙ୍ଗୀରର ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ପହଞ୍ଚିଲୁ। ଅଧ୍ୟାପକ ଶେଷନ ବିଶି ସାର୍‌ଙ୍କ ସହଯୋଗ ଓ କଲେଜ କର୍ତ୍ତୃପକ୍ଷଙ୍କ ପୂର୍ଣ୍ଣ ସହଯୋଗରେ ଅନୁଷ୍ଠିତ ଗଙ୍ଗାଧର ଜୟନ୍ତୀ ପାଳିତ ହେଲା ଏବଂ ଆରମ୍ଭରେ ମଧୁମୟ କବିତା ପାଠ ଦ୍ୱାରା ସେହି ପରିବେଶଟି ସତେଯେପରି ମଧୁପୂର୍ଣ୍ଣ ହୋଇ ଉଠୁଥିଲା। ସାର୍ ସେଠାରେ ରାଜା ରାଜେନ୍ଦ୍ରଙ୍କର ରାଜକୁମାର ଓ ରାଜକୁମାରୀ ବୋଲି ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରି ତାଙ୍କର ବକ୍ତବ୍ୟଟି ଦେଇଥିଲେ।

୯.୮.୨୦୧୭ରେ ମେହେର ସଂଘ ଦ୍ୱାରା ଆଗଲପୁରରେ ଆୟୋଜିତ ଗଙ୍ଗାଧର ଜୟନ୍ତୀ ପାଳନରେ ଯୋଗଦେଲୁ। ସେଠାକାର ବହୁ ବିଶିଷ୍ଟ ସାହିତ୍ୟିକ ଓ ପ୍ରସିଦ୍ଧ ବାଦ୍ୟଶିଳ୍ପୀ ପଦ୍ମଶ୍ରୀ ଚତୁର୍ଭୁଜ ମେହେର ମଧ୍ୟ ଉପସ୍ଥିତ ଥିଲେ। ସେହି ସଭାରେ ତାଙ୍କ ଅଞ୍ଚଳର କୃତି ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରି ଭୁଲିଆ ସମାଜ ପାଇଁ ଗଙ୍ଗାଧରଙ୍କ ଦାନକୁ ବର୍ଣ୍ଣନା କରିଥିଲେ। ସେଠାରୁ ଫେରିବାବେଳେ ମଧ୍ୟ ଅନେକ ସ୍କୁଲ୍‌ରେ ପିଲାମାନେ ବାରଣ୍ଡାରେ ଗଙ୍ଗାଧର ମେହେରଙ୍କ ଫଟୋ ରଖି ଜୟନ୍ତୀ ପାଳନ କରୁଥିବାରୁ ଯେଉଁ ଦୃଶ୍ୟ ଆମେ ଦେଖିଲୁ, ତାହା ବହୁତ ଆନନ୍ଦପ୍ରଦ ହୋଇପାରିଥିଲା।

ସେହି ଆଧୁନିକ ଯୁଗର ସ୍ୱଭାବକବି, ମାନବବାଦୀ କବି ଗଙ୍ଗାଧର ମେହେର ୧୮୬୨ ମସିହା ଅଗଷ୍ଟ ୯ ତିଥିରେ ସମ୍ବଲପୁରର ବରପାଲିଠାରେ। ପିତା ଶ୍ରୀ ଚୈତନ୍ୟ ମେହେର ଓ ମାତା ସେବତୀ ଦେବୀଙ୍କ କୋଳ ମଣ୍ଡନ କରିଥିଲେ। ତାଙ୍କର ସର୍ବୋଚ୍ଚ ଶିକ୍ଷାଗତ ଯୋଗ୍ୟତା ପଞ୍ଚମ ଶ୍ରେଣୀ। ସେ ବାଲ୍ୟବିବାହ କରିଥିଲେ। ଦାରିଦ୍ର୍ୟ ନିପୀଡ଼ିତ ପରିବାରର ଦାୟିତ୍ୱ ତାଙ୍କୁ ବିଦ୍ୟା ଅଧ୍ୟୟନ କରିବାର ସୁଯୋଗ ଦେଇ ନଥିଲା। ସେ ସ୍ୱଳ୍ପ ବିଦ୍ୟା ଗ୍ରହଣ କରି ମଧ୍ୟ ବିଭିନ୍ନ ସ୍ଥାନରେ ଜୁଡ଼ିସିଆଲ୍ ମୋହରୀର କାର୍ଯ୍ୟ ତୁଲାଇଥିଲେ। ସେହି ମହାନ ପୁରୁଷ ୧୯୨୪ ଖ୍ରୀଷ୍ଟାବ୍ଦ ଏପ୍ରିଲ୍ ୪ ତାରିଖ ଚୈତ୍ର ଅମାବାସ୍ୟା ତିଥିରେ କର୍ମମୟ ଜୀବନର ଅବସାନ ଘଟାଇ ଇହଲୀଳା ସମ୍ବରଣ କରିଥିଲେ। ଏହିପରି ଅନେକ କଥା ସାର୍‌ଙ୍କଠାରୁ ଶୁଣି ଶୁଣି ଫେରୁଥିଲୁ। ବାଟରେ ଗଙ୍ଗାଧରଙ୍କ ସମାଧିପୀଠ ଦର୍ଶନ କରି ସ୍ମୃତିସଦନ ଫେରିଲୁ। ୯.୮.୨୦୧୭ରେ ରାତ୍ରି ଟ୍ରେନ୍ ଯୋଗେ ପୁଣି ଭୁବନେଶ୍ୱର ଉଦ୍ଦେଶ୍ୟରେ ଦୁର୍ଗ-ପୁରୀ ଟ୍ରେନ୍‌ରେ ଫେରିଆସିଲୁ।।

ଏ ସବୁ ବିରଳ ଅନୁଭୂତି ନିଶ୍ଚିତ ଭାବରେ ଭାବରେ ଚିରଦିନ ଆମ ପାଇଁ ଅଭୁଲା ହୋଇ ରହିବ। ସାର୍‌ଙ୍କର ଇଚ୍ଛା ଥିଲା ଉତ୍କଳ ବିଶ୍ୱବିଦ୍ୟାଳୟର ସବୁ ଛାତ୍ରଛାତ୍ରୀଙ୍କୁ ବରପାଲି ନେଇଯିବାର ଆଗ୍ରହ। ମନର ସବୁ ଭାବନା ବାସ୍ତବତାରେ ପରିଣତ ହୋଇପାରେନା। ସେଥିପାଇଁ ସବୁ ଛାତ୍ରଛାତ୍ରୀଙ୍କୁ ସେ ଦିନ ଗୁଡ଼ିକର ଅନୁଭୂତି ସଂକ୍ଷେପରେ ବ୍ୟକ୍ତ କରି କବିତୀର୍ଥ ବରପାଲିକୁ ମାନସିକ ସ୍ତରରେ ଅନୁଭବ କରିବା ପାଇଁ ମୋର ଏହି ନମ୍ର ପ୍ରୟାସ ସ୍ୱରୂପ ଲେଖାଟି ପ୍ରସ୍ତୁତ କରିଛି। କବିତୀର୍ଥ ବରପାଲିରେ ଓ ସେ ଅଞ୍ଚଳରେ ଗଙ୍ଗାଧର ଜୟନ୍ତୀ କିପରି ପାଳନ କରାଯାଏ ଏଥିରୁ ମୋର ବନ୍ଧୁ ସ ସହପାଠୀମାନେ ନିଶ୍ଚୟ ଅନୁଭବ କରିପାରିବେ ବୋଲି ମୋର ଆଶା।

ଷଷ୍ଠବର୍ଷ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର
(ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ)

# ବିଂଶ ଶତାବ୍ଦୀର ଅନାଲୋଚିତ ପ୍ରତିଭା ଗୋବିନ୍ଦଚନ୍ଦ୍ର ଶୂରଦେଓ - ଏକ ଅନୁଶୀଳନ

◆ ପ୍ରତିମା ମହାପାତ୍ର

ବିଂଶ ଶତାବ୍ଦୀର ପ୍ରଥମ ପର୍ଯ୍ୟାୟରେ ଓଡ଼ିଆ ନାଟ୍ୟ ସାହିତ୍ୟ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ନାଟ୍ୟକାରମାନଙ୍କ ମଧ୍ୟରେ ଗୋବିନ୍ଦ ଚନ୍ଦ୍ର ଶୂରଦେଓ ଜଣେ ଉଲ୍ଲେଖଯୋଗ୍ୟ ପ୍ରତିଭା । ଜଣେ ନାଟ୍ୟ ଶିଳ୍ପୀ ହିସାବରେ ପରିଚିତ ଥିଲେ ମଧ୍ୟ ନାଟ୍ୟ ନିର୍ଦ୍ଦେଶନା, ରଚନା, ନୃତ୍ୟଶିକ୍ଷା, ମଞ୍ଚ ପରିକଳ୍ପନା, କଳାକାରମାନଙ୍କର ବେଶ ସଂଯୋଜନା, ସଂଗୀତ ନିର୍ଦ୍ଦେଶନା, ଗୀତ ରଚନା ଆଦିରେ ସେ ଥିଲେ ଅତୀବ ପାରଦର୍ଶୀ । ସେଥିପାଇଁ ସେ ସମୟର ପତ୍ରପତ୍ରିକାରେ ସେ ଅଷ୍ଟବଧାନୀ ଭାବରେ ପରିଚିତ ଥିଲେ।

ଦକ୍ଷିଣ ଉତ୍କଳ ଅନ୍ତର୍ଗତ ତରଳାଗଡ଼ ରାଜପରିବାରରେ ଗୋବିନ୍ଦଚନ୍ଦ୍ର ଶୂରଦେଓ ୧୮୮୪ ଖ୍ରୀଷ୍ଟାବ୍ଦ ଏପ୍ରିଲ ୧୨ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ସ୍କୁଲ କଲେଜରେ ଛାତ୍ର ଥିଲାବେଳୁ ଶୂରଦେଓ ସଂଗୀତ ଚର୍ଚ୍ଚା, କବିତା ଓ ନାଟକ ଲେଖାରେ ମନୋନିବେଶ କରିଥିଲେ। ସେ କାଳର 'ମୁକୁଟ' ଓ 'ଉତ୍କଳ ସାହିତ୍ୟ' ମାସିକ ପତ୍ରିକାରେ ବିଭିନ୍ନ ଦୃଶ୍ୟ ଭଙ୍ଗୀ ସମ୍ବଳିତ ଚିତ୍ର ସହ ତାଙ୍କର କବିତା ଗୁଡ଼ିକ ପ୍ରକାଶ ପାଉଥିଲା । ରାସଲୀଳାରେ ଗୀତର ସଂଯୋଜନାରୁ ଶୂରଦେଓଙ୍କ କବି ପ୍ରତିଭା ବିକଶିତ ହୋଇଥିଲେ ମଧ୍ୟ ଶୂରଦେଓଙ୍କ କାବ୍ୟ ପ୍ରତିଭା ଥିଲା ବହୁସ୍ତରୀୟ । ସରଳ ଶବ୍ଦର ସଂରଚନାରେ ଜଟିଳ ଅଭିବ୍ୟକ୍ତିକୁ ପ୍ରକାଶ କରାଇବାରେ ଶୂରଦେଓଙ୍କ ପ୍ରସିଦ୍ଧି ଥିଲା ଅନନ୍ୟ ସାଧାରଣ । ସଂଗୀତ ସମ୍ପର୍କରେ ଅସାଧାରଣ ଜ୍ଞାନ ହେତୁ କବିତା ଲେଖିବା ବେଳେ ତାର ଗାନଯୋଗ୍ୟତା ପ୍ରତି ସେ ବିଶେଷ ଧ୍ୟାନ ଦେଉଥିଲେ । ନାଟକ, ରାସରେ ବ୍ୟବହୃତ ଗୀତଗୁଡ଼ିକ ବ୍ୟତୀତ ଶୂରଦେଓଙ୍କ କେତେକ କବିତା ମଧ୍ୟ ସେ ସମୟର ପ୍ରତିଷ୍ଠିତ ପତ୍ରପତ୍ରିକାରେ ପ୍ରକାଶିତ ହୋଇଥିଲା। ତାଙ୍କର କବିତା ଗୁଡ଼ିକ ମଧ୍ୟରେ 'ଅଙ୍ଗେ ଅଙ୍ଗେ ବହେ ନବ ତେଜ', 'କହ କୃପାନିଧି', 'କେତେ ନୀରବିଧି କୂଳେ ମୁଁ କାତରେ କାନ୍ଦିବି', 'ଖଡ଼ାଖିଆ ବାବୁ ଢ଼ଙ୍ଗ', ' ମୁଁ ସାହେବ ହେବି', 'ଧନ୍ୟ ଧନ୍ୟ ବାବୁ ନାମ', 'ଶ୍ମଶାନ' ଆଦି ଅନ୍ୟତମ । ଶୂରଦେଓଙ୍କର କବିତା ଗୁଡ଼ିକ ଜାତୀୟତାବୋଧ, ହାସ୍ୟରସର ପ୍ରବାହ, ପ୍ରେମ, ବୀରହ, ବିଭୁଭକ୍ତି ଏବଂ ପ୍ରକୃତି ଚିତ୍ରଣରେ ଅତ୍ୟନ୍ତ ହୃଦୟସ୍ପର୍ଶୀ । ସେ ପ୍ରଥମେ ଗଜଲ ସୁରରେ ଓଡ଼ିଆ ଗୀତ ରଚନା ଓ ସଂଯୋଜନା କରିଥିଲେ ।

ରାସଲୀଳାକୁ ପାରମ୍ପରିକତାରୁ ମୁକ୍ତ କରି ଅଭିନୟ ପ୍ରଧାନ ତଥା ସଂଳାପଧର୍ମୀ କରିବାରେ ଏବଂ ଲୀଳା ନାଟକର ମଂଚ ପରିକଳ୍ପା ଭିତ୍ତିକ ନୂତନତା ପ୍ରଦର୍ଶନ କରିବାରେ ମଧ୍ୟ ଶୂରଦେଓ ଥିଲେ ଅଗ୍ରଣୀ । ନୃତ୍ୟଗୀତର ଆଧିକ୍ୟ ଭିତରେ ପ୍ରଚଳିତ ପାରମ୍ପରିକ ରାସଲୀଳାକୁ ସଂଳାପଧର୍ମୀ ବକ୍ତବ୍ୟ ଆଦାନ ପ୍ରଦାନ ଏବଂ ଅଭିନେତାମାନଙ୍କୁ ଅଭିନୟର ସୁଯୋଗ ପ୍ରଦାନ ଦୃଷ୍ଟିରୁ ଶୂରଦେଓଙ୍କର ଏହି ପ୍ରୟାସ ଏକ ନୂତନ ପରିକଳ୍ପନା ଥିଲା। ବିଶ୍ୱନାଥଦେବ ବର୍ମାଙ୍କ ରଚିତ 'ଶ୍ରୀ ରାଧାଗୋବିନ୍ଦ ଶରହ୍ରାସ'ର ମଂଚାୟନରୁ ଆରମ୍ଭ ହୋଇଥିବା ତାଙ୍କର ଏହି ଯାତ୍ରା ପରବର୍ତ୍ତୀ ପର୍ଯ୍ୟାୟରେ ସାରା ଓଡ଼ିଶାରେ ଚହଳ ସୃଷ୍ଟି କରିଥିଲା । 'ବାନଲୀଳା', 'ମାନଭଞ୍ଜନ', 'ବଳରାମ ମିଳନ', 'ଶୀକୃଷ୍ଣ ମହିମା' ଭଳି ରାସରଚନା ଓ ନିର୍ଦ୍ଦେଶନା ଶୂରଦେଓଙ୍କ ରାସ ସଂପୃକ୍ତିକୁ ନିବିଡ଼ କରିଥିଲା । ରାସର ଭାବ, ସାଂଗୀତିକତା ଓ ରାସକୁ ଅକ୍ଷୁର୍ଣ୍ଣ ରଖି ଅଭିନୟକୁ ଆଧୁନିକ ନାଟକଧର୍ମୀ କରିବାରେ ଶୂରଦେଓଙ୍କ ଏହି ପ୍ରୟାସ ପରବର୍ତ୍ତି ରାସସ୍ରଷ୍ଟା ଓ ନିର୍ଦ୍ଦେଶକମାନଙ୍କୁ ଅନେକ ଭାବରେ ପ୍ରଭାବିତ କରିଥିଲା ।

ଓଡ଼ିଆ କଥା ସାହିତ୍ୟର ମଂଚାୟନ କ୍ଷେତ୍ରରେ ମଧ୍ୟ ଶୂରଦେଓ ସିଦ୍ଧହସ୍ତ ଥିଲେ । ସେ ପ୍ରଥମକରି ଓଡ଼ିଆ କଥା ସାହିତ୍ୟକୁ ବହିର ପୃଷ୍ଠାରୁ ମଂଚ ଉପରକୁ ଆଣିଥିଲେ ।

ପ୍ରଥମେ ସେ ଉମେଶ ଚନ୍ଦ୍ର ସରକାରଙ୍କର ପ୍ରଥମ ପୂର୍ଣ୍ଣାଙ୍ଗ ଉପନ୍ୟାସ 'ପଦ୍ମମାଳୀ'କୁ ମଂଚାୟନ କରି ସେ ସମୟରେ ନାଟ୍ୟମୋଦୀ ଦର୍ଶକ ଓ ବୁଦ୍ଧିଜୀବିଙ୍କ ମହଲରେ ବେଶ୍ ଚର୍ଚ୍ଚିତ ହୋଇଥିଲେ । ପରେ ପରେ ଫକୀରମୋହନଙ୍କ ଉପନ୍ୟାସ 'ଲଛମା' ଏବଂ ଗଳ୍ପ 'ପେଟେଣ୍ଟ ମେଡ଼ିସିନ'କୁ 'ତାରାବାଈ ଫାର୍ଶ' ରୂପରେ ନାଟ୍ୟ ରୂପ ଦେଇଥିଲେ । ଏଥିରେ ସେ ମୂଳଗଳ୍ପରେ ଥିବା ଗାଳ୍ପିକଙ୍କ ନିଜସ୍ୱ ବକ୍ତବ୍ୟ ସହିତ ନିଜର ମୌଳିକତାକୁ ସଂଯୋଗ କରିଛନ୍ତି ।

ଶୂରଦେଓ ତାଙ୍କର ଫାର୍ଶ ନାଟକଗୁଡ଼ିକରେ ହାସ୍ୟରସକୁ ଆଧାର କରି ସମାଜ ଜୀବନର ଚିତ୍ରକୁ ମଂଚକୁ ଆଣିଛନ୍ତି । ସାମାଜିକ ପରିବେଶର ଚିତ୍ରକଳ୍ପ ପ୍ରଦାନରେ ଶୂରଦେଓଙ୍କର ଫାର୍ଶଗୁଡ଼ିକର ବିଶେଷତ୍ୱ ଖୁବ୍ ବେଶୀ । ତାଙ୍କର ଫାର୍ଶଗୁଡ଼ିକ ହେଉଛି– 'କୁଳରକ୍ଷା ଫାର୍ଶ', 'ପାଠୋଇ ବୋହୁ ଫାର୍ଶ', 'ମହନ୍ତ ଫାର୍ଶ', 'ହସ କୌତୁକ ଫାର୍ଶ', 'ହାଡୁବାବୁ ଫାର୍ଶ' ଇତ୍ୟାଦି । ଏହିସବୁ ଫାର୍ଶରୁ ଶୂରଦେଓଙ୍କ ସଂସ୍କାରବାଦୀ ଆଭିମୁଖ୍ୟର ସୂଚନା ମିଳେ ।

ଏହି ସମସ୍ତ ଗୁଣର ଅଧିକାରୀ ହୋଇଥିଲେ ମଧ୍ୟ ଶୂରଦେଓଙ୍କୁ ଯାହା ବିଶେଷ ପ୍ରସିଦ୍ଧି ଦେଇପାରିଥାନ୍ତା ତାହା ହେଉଛି ତାଙ୍କର ନାଟ୍ୟ ଚରନାଗତ ଦକ୍ଷତା । ନିର୍ଦ୍ଦେଶନା, ମଂଚ ପରିକଳ୍ପନା, ଦୃଶ୍ୟ ପରଦା ଅଙ୍କନ, କଳାକାରଙ୍କ ରୂପସଜ୍ଜା, ବେଶପୋଷାକ ନିର୍ମାଣ ଭଳି ବିଶେଷତ୍ୱ ଥିବା ସତ୍ତ୍ୱେ ସେ ଜଣେ ନାଟ୍ୟକାର ଭାବରେ ବେଶ୍ ପରିଚିତ ଥିଲେ । ତାଙ୍କର ନାଟକଗୁଡ଼ିକ ଥିଲା – 'ନରମେଧ ଯଜ୍ଞ', 'ସୁବଳ ମିଳନ', ' ମାନଭଞ୍ଜନ', 'ମାୟାଶବରୀ', 'ଶ୍ରୀକୃଷ୍ଣ ମହିମା', 'ଇନ୍ଦ୍ରସଭା', ମିବାରପୁତ୍ର', 'ଯୋଗେଶ୍ୱର ପୂଜା', 'ସୁଦାମା', ହିନ୍ଦୋଳ ବିଜୟ', ଧ୍ରୁବ ଚରିତ', 'ଉତ୍କଳରମଣୀ', 'ନରକାସୁର ବଧ', 'ସାକ୍ଷୀଗୋପାଳ' ଇତ୍ୟାଦି । ଏ ସମସ୍ତ ନାଟକଗୁଡ଼ିକୁ ସେ କେନ୍ଦ୍ରାପଡ଼ା, କଟକ, ନୟାଗଡ଼ ସହିତ ଖଡ଼ିଆଳ, ପିଙ୍ଗଳ, ବ୍ରହ୍ମପୁର, ପୁରୀ, କନିକା, ଖୋର୍ଦ୍ଧା ଭଳି ବିଭିନ୍ନ ଅଂଚଳ ବୁଲି ନାଟକ ପ୍ରଦର୍ଶନ କରିଛନ୍ତି । ନୟାଗଡ଼ର ବିଭିନ୍ନ ଗ୍ରାମର ବାଳକମାନଙ୍କୁ ନେଇ ସେ 'ଗୋପୀନାଥ ନାଟ୍ୟନିକେତନ' ନାମକ ଏକ ରାସଦଳ ଗଠନ କରିଥିଲେ । ତାର ସାହାଯ୍ୟରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ନାଟକ ଓ ଲୀଳା ପରିବେଷଣ କରୁଥିଲେ । ପରବର୍ତ୍ତୀ କାଳରେ ଉତ୍କଳର ପୁରପଲ୍ଲୀ, ରାଜଦରବାର, ସମ୍ଭ୍ରାନ୍ତ ମହଲରେ ତାଙ୍କର ନାଟକ ଗୁଡ଼ିକର ପ୍ରଦର୍ଶନ ପାଇଁ ଅତିଶୟ ପ୍ରଶଂସାଭାଜନ ହୋଇଥିଲେ । ଶୂରଦେଓ ତାଙ୍କ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ନାଟକ ପରିବେଷଣ କରୁଥିଲେ ଓ ଏହି ପରିବେଷଣ କାଳରେ ଯୋଦ୍ଧା ଯୁଦ୍ଧ କ୍ଷେତ୍ରରେ ପ୍ରାଣତ୍ୟାଗ କରି ନାମ ରଖିଲା ଭଳି ଦକ୍ଷିଣ ଓଡ଼ିଶାରେ ଦକ୍ଷିଣ ଦେଶରେ ନାଟକ ପରିବେଷଣ କରୁ କରୁ ୧୯୩୯ ଜୁନ ମାସ ୧୫ ତାରିଖରେ ଇହଲୀଳା ସମ୍ବରଣ କରିଥିଲେ । 'ଇନ୍ଦ୍ର ସଭା' ନାମକ ନାଟକର ଯବନିକା ପକାଇ ସାରିବା ପରେ ତାଙ୍କ ଜୀବନ ନାଟକର ଯବନିକା ପଡ଼ିଯାଇଥିଲା ।

ଏହି ବିଚିତ୍ର ଧୀ-ଶକ୍ତି ପ୍ରତିଭାବାନ ଶିଳ୍ପୀ ତାଙ୍କ ଜୀବନର ସମସ୍ତ ସମୟ ଓଡ଼ିଆ ସାହିତ୍ୟ ପାଇଁ ଉତ୍ସର୍ଗ କରିଦେଇଥିଲେ । ଶୂରଦେଓ ଅନେକ ଦିନରୁ ଚାଲିଗଲେଣି । ଆଜି ସୁଦ୍ଧା ଏହି ନାଟ୍ୟ ମହାରଥୀଙ୍କ ପ୍ରତିଭାର ସଠିକ୍ ମୂଲ୍ୟାୟନ ହୋଇପାରିନାହିଁ । ତାଙ୍କ ରଚିତ ସମସ୍ତ ନାଟକ ଓ ଫାର୍ଶ ଇତ୍ୟାଦିର ପାଣ୍ଡୁଲିପି କଟକସ୍ଥିତ ଦାଶରଥି ପୁସ୍ତକାଳୟରେ ସେ ମୁଦ୍ରଣ ପାଇଁ ଦେଇଯାଇଥିଲେ । ମାତ୍ର ଦୁଃଖ ପରିତାପର ବିଷୟ ଏହିକି ଯେ, ଏପର୍ଯ୍ୟନ୍ତ ତାହା ଓଡ଼ିଶା ଲୋକମାନଙ୍କ ଦୃଷ୍ଟିକୁ ଆସିପାରିଲା ନାହିଁ । ଆଜି ବି ଓଡ଼ିଶାର ସାଂସ୍କୃତିକ ଜୀବନର ଉଜ୍ଜ୍ୱଳମୟ ଅଧ୍ୟାୟ ରହିଯାଇଛି ଲୋକଲୋଚନର ଅନ୍ତରାଳରେ । ଅନାଲୋଚିତ ପ୍ରତିଭା ହୋଇ ରହିଛନ୍ତି ବିଂଶ ଶତାବ୍ଦୀର ନାଟ୍ୟକାର ଗୋବିନ୍ଦଚନ୍ଦ୍ର ଶୂରଦେଓ ।

ଗବେଷିକା, ଉତ୍କଳ ବିଶ୍ୱବିଦ୍ୟାଳୟ
ବାଣୀବିହାର, ଭୁବନେଶ୍ୱର

# ଗୁଡ଼ ହାଣ୍ଡି

◆ ଶୁଭ୍ରାଂଶୁ ମିଶ୍ର

ସତାନବେ ଲାଇକ୍ !

ତେତିଶି କମେ !

ଇରେ ବାପରେ !

ଦି' ଘ । ପନ୍ଦର ମିନିଟରେ !

ମୋ ଫେସ୍‌ବୁକ୍ ଆଇଡ଼ିର ପାଗେଲୀ କବିତା ସିରିଜର ଗୋଟେ କବିତାକୁ ନେଇ ଏତେ ଆଲୋଡ଼ନ ।

ଅବଶ୍ୟ କବିତାଟି ଯେତିକି ସରସ ନ ଥିଲା ତାଠୁ ଢ଼େର ଗୁଣ ଅଧିକ ସୁନ୍ଦର ଥିଲା ପାଗେଲୀର ମୁହଁପୋଡା ଫଟୋ । ଫଟୋଟିକୁ ଅଧିକ ସୁନ୍ଦର କରୁଥିଲା ତା ଅଲରା ଚୁଟି ।

ପାଗେଲୀ କିଏ ? ଅନେକଙ୍କ ପ୍ରଶ୍ନ ।

ଏଇ ଯେମିତି ମୋ ସହ ପଢୁଥିବା ଭାବନା ଅପା, ଗୋଟେ ଶ୍ରେଣୀରେ ପଢୁ କିନ୍ତୁ ମୋ'ଠୁ ଟିକେ ବଡ଼ । ଅପା ଡ଼ାକିଲେ ସେ ଖୁସି ହୁଅନ୍ତି । ସେ ହଠାତ୍ ଦିନେ ପଚାରିଦେଲେ, ପାଗେଲୀ କିଏ ?

ମୁଁ ତାଙ୍କୁ କହିଦେଲି, ଯାହାର ଲମ୍ବା ବେଣୀ ଆଉ ବହାଡ଼ା ଦାନ୍ତ ସେ ।

ସେଦିନଠୁ ଆଜିଯାଏ ତାଙ୍କ ଖୋଜା ସରିନି । ଏବେ ଦିନେ ପଚାରୁଥିଲେ । ମୁଁ ତାଙ୍କୁ କଥା ବୁଲାଇ ଆଉ କ'ଣ ଗୋଟେ କହିଦେଲି ।

ମୁଁ ଯୁକ୍ତ ଦୁଇରେ ପଢ଼ିବା ବେଳେ ମୋ ସହ ପଢୁଥିଲା ଆରାଧ୍ୟ । ଏବେ ସେ ବଡ଼ କଲେଜରେ ପଢୁଚି । ତା ସହ ଏବେ ଭେଟ ହୁଏ ଫେସ୍‌ବୁକ୍‌ରେ । ଦେଖିବାକୁ ସୁନ୍ଦର, ସରଳ ଆଉ ମନଲୋଭା । ମୁଁ ଫଟୋକୁ ଲାଇକ୍ ବଢ଼ାଇବାରେ ତା' ଭୂମିକା ଗୁରୁତ୍ୱପୂର୍ଣ୍ଣ । ମୋ ଫଟୋ ଉପରେ ତା' ଆଙ୍ଗୁଠି ବାଜି ଲାଇକଟିଏ ବଢ଼ିବା ଆଗରୁ ମୋ ଦେହ କେମିତି ଶିହରିଯାଏ । ଅଜଣା ଆବେଗଟିଏ ଜୁଆର ବେଗରେ ଆସି ପୁଣି ଭଙ୍ଗା ପଡ଼ିଯାଏ । ଯା'ର ମଧ୍ୟ ଥିଲା ସେଇ ଏକା ପ୍ରଶ୍ନ, ପାଗେଲୀ କିଏ ?

ମୋ ମନ ତ କହିଦେବାକୁ ଚାହୁଁଥିଲା, ତୋ ଛଡ଼ା ଆଉ କିଏ କଣ ହେଇପାରେ । ଶହେ କୋଡ଼ିଏ ସ୍ପିଡ଼ର ମୋ ମନରେ ହଠାତ୍ ଡ଼ିସ୍ ବ୍ରେକଟା ଫକ୍ କିନା ଲାଗିଗଲା । ମୋର ତାକୁ କେତେ କଥା କହିବାର ଥିଲା, କଥା ବାଁରେଇ ଦେଇ କହିହେଲି, ହଁ କେହିଜଣେ ।

ଆମ ଗାଁ ମୁଣ୍ଡ ଡ଼ାକୁକା ନଦୀରେ ଲୋକେ ଚାଲିକି ଯିବା ଆସିବା କରୁଥିଲେ । ବର୍ଷା ବଢ଼ିରେ ପାଣି ଆସିଲେ ଲୋକମାନେ ଗାମୁଛା ବଦଳି ସାଇକେଲ ମୁଣ୍ଡେଇ ପାର ହୁଅନ୍ତି । ମୁଁ ମଧ୍ୟ ନିଜେ କେତେଥର ଏ ଅସୁବିଧାରେ ପଡ଼ିଛି । ଏ ବର୍ଷ ନୂଆକରି ସେତୁଟିଏ ତିଆରି ହୋଇଛି । ତା'ରି ଉପରେ ଠିଆ ହୋଇ ଫଟୋଟା ଉଠେଇଥିଲି । ଅବଶ୍ୟ ସେ ଫଟୋଟାରେ ମୋ ଚେହେରା ଏତେ ଭଲ ନଥିଲା । ଉଦାସ ଜଣାପଡୁ ଥିଲା । ସେଇ ଫଟୋଟି ଉପରେ ପାଗେଲୀକୁ ନେଇ କବିତା ପଦଟେ ଲେଖି ଦେଇଥିଲି । ଗୋଟାଏ ଦିନରେ ଦୁଇଶହ ପଂଚସ୍ତରୀ ଲାଇକ୍ ଆଉ ଶହେ ସତର କମେ ।

ସେଥିରେ ଆରାଧ୍ୟର ମଧ୍ୟ ଗୋଟେ ଥିଲା । ଲେଖିଥିଲି, ପାଗେଲୀ କ'ଣ ତଳକୁ ଡ଼େଇଁ ପଡ଼ିଲା କି ?

ପ୍ରତ୍ୟୁତ୍ତରରେ ଁ ଲେଖିଲି, ତୁ ତେବେ ଏୟା ଚାହୁଁ ? ପାଗେଲୀ ଡ଼େଇଁ ପଡୁ !

ଏ କଥାକୁ ନେଇ ସେ ବହୁତ ରାଗିଗଲା ।

ମୁଁ ତାକୁ ପାଖାପାଖି ସତର କି ଅଠର ମେସେଜ ଦେଲିଣି । ଏତେ ପରେ ବି ସେ ନିରବ ।

ହଉ !

ପରୀକ୍ଷା ସରିବା ପରେ ବାପା ଓ ବୋଉଙ୍କ ସହ ମାମୁଙ୍କ ଘରକୁ ବୁଲିବା ପାଇଁ ଯାଇଥିଲି । ମାମୁଙ୍କ ଝିଅ ସିପ୍ରାର ପରୀକ୍ଷା ସରିଥାଏ । ଘରେ ପହଂଚୁ ପହଂଚୁ ଡ଼ାକିଲା ଛାତକୁ ଯିବାକୁ । ପାହାଚ ଚଢୁ ଚଢୁ ପଚାରିଲା, ଆଉ ଭାଇ ପାଗେଲୀ ଖବର କ'ଣ ?

ମୁଁ ପ୍ରଥମେ ଟିକେ ଅବୁଝା ପରି ତା ମୁହଁକୁ ଅନେଇଲି । ସେ ହସିଦେଇ କହିଲା, ହଁ ମୁଁ ତୋ ପାଗେଲୀ କଥା କହୁଛି, ବୁଝି ପାରୁନୁ କ'ଣ ଗୋଟେ ? ଫେସ୍‌ବୁକ୍‌ରେ ଏତେ କବିତା, ଏତେ ଫଟୋ !

ମୁଁ ବୁଝି ସାରିଥିଲି ଯେ ସେ ବି ଫେସ୍‌ବୁକ୍‌ରେ ଅଛି । ତାକୁ ଲୁଚେଇବାଟା ବି ଏତେ ସହଜ ନଥିଲା ।

ତାକୁ କହିଲି, ପାଗେଲୀ ବହୁତ ସୁନ୍ଦର । ତୁ କଣ ସୁନ୍ଦରୀ ବୋଲି ଫୁଲଇ ହଉଚୁ , ତାକୁ ଦେଖିଲେ ଟେରା ହେଇଯିବୁ ।

ସେ ଧାନ ସିଝା ହାଣ୍ଡିଟା ପରି ମୁହଁ କରି ରାଗରେ ଗରଗର ହେଇ କହିଲା, ସେ କିଏ କି ଏମିତି ?

ମୁଁ ତାକୁ ଅଧିକ ଚିଡ଼େଇବାକୁ ଯାଇ କହିଲି, ଏତିକି ଜାଣିନୁ, ସେ ତୋ ଭାଉଜ ।

ସେ ମତେ ଡ଼ରେଇବାକୁ ଯାଇ କହିଲା, ରହରେ ପୁଅ ରହ, ପିଉସାଙ୍କୁ କହିଦେବି ଯେ ନାମ ନବୁ ।

ମୁଁ ତାକୁ ହକିଲି, ଯାଉନୁ କହିବୁ, ଡ଼ରଉଚୁ ନା କଣ ମତେ, ମୁଁ କାହାକୁ ଡ଼ରେନା ।

ଏତିକି ପରେ ସେ ହସିଲା ।

କ'ଣ ପାଇଁ ସେ ହସିଲା ବୋଲି ମୁଁ ପଛକୁ ବୁଲି ଦେଖ ତ ବାପା ।

ଏତିକିରେ ବାପା କଣ ବୁଝଲେ କେଜାଣି ମୋବାଇଲ ଧରିବା ମାତ୍ରେ ବିରକ୍ତ ।

କାଲି ଫଟୋଟା ଅପଲୋଡ଼ କରିଥିଲି ।

ରାତି ଅଧରେ ।

ଯା ଭିତରେ ପାଗେଲୀକୁ ନେଇ କେତେ କଣ ଗଦେଇ ହେଇ ଯିବଣି ।

କିନ୍ତୁ ହେଇଛି କ'ଣ ନେଟ ଖୋଲୁନି ?

ଟାୱାର ତ ଫୁଲ ଅଛି । ଚାରି ଚାରିଟା ଖାଡ଼ି ଠିଆ ।

ଆସୁନି କ'ଣ ।

ଇସ ! ନେଟପ୍ୟାକ୍ ଶେଷ । ଏବେ ଶେଷ ହବାକୁ ଥିଲା ।

ମୋବାଇଲରେ ନେଟ୍ ପ୍ୟାକ୍ ନଥିଲେ ମୋ ଦେହରେ ଜୀବନ ନଥିଲା ପରି ଲାଗେ ।

ନେଟ୍ ପ୍ୟାକ୍ ପକାଇବାକୁ ପଡ଼ିବ ।

ଟଙ୍କା ?

ମୋ ପାଖେ ନାଇଁ । ବାପାଙ୍କୁ ମାଗି ପାରିବିନି । ବାପା କାରଣ ପଚାରିବେ । ମୁଁ ମିଛ କହିପାରିବିନି । ଯଦି ଜାଣିବେ ମୋବାଇଲ ନେଟ ପ୍ୟାକ୍ ପାଇଁ ତେବେ ରାଗିବେ।

କ'ଣ କରିବି ?

ନେଟ ପ୍ୟାକ୍ ନାଇଁ ମୁଣ୍ଡ କାମ କରୁନି । ଅନ୍ଧାର ଅନ୍ଧାର ଲାଗୁଛି । ଖୁବ୍ ଚିଡ଼ା ଲାଗିଲାଣି ।

ଓଃ ...

ଦୁଆର ବନ୍ଧଟା ଏତେ ବେଳକୁ ଝୁଣ୍ଟିବାକୁ ଥିଲା ?

ବୁଢ଼ା ଆଙ୍ଗୁଠି ଆଉଁସି ଦେଇ ଦେଖିଲା ବେଳକୁ ସାମ୍ନାରେ ଗୁଡ଼ହାଣ୍ଡି ।

ଏ ତ' ଘର କଣରେ ରହିବା କଥା, ଏଠି କିଏ ରଖିଲା ?

ତା ଜାଗାରେ ରଖିଦେବି କି ? କିନ୍ତୁ କାଢ଼ିଛି କିଏ ? କ'ଣ ବାପା ? ଯିଏ କାଢୁ ; ତା' ଜାଗାରେ ରଖିଦେବି ।

ହାଣ୍ଡିକୁ ଥୋଇବା ପାଇଁ ଧରିଲି; ପୁଣି ଥୋଇଦେଲି।

ପାଗେଲୀକୁ ନେଇ କେତେ ପ୍ରକାର ଫଟୋରେ କବିତା ଲେଖିଲିଣି । କେତେ ଆଲୋଚନା ଆଉ ସମାଲୋଚନା ମଧ୍ୟ ଶୁଣିଲିଣି । ଯଦି ପାଗେଲୀକୁ ନେଇ ପରବର୍ତ୍ତି କବିତାଟିଏ ଗୁଡ଼ ହାଣ୍ଡିର ଫଟୋ ଉପରେ ଲେଖନ୍ତି ତେବେ ତ ଖୁବ୍ ଭଲ ହୁଅନ୍ତା । ଏ ହାଣ୍ଡି ତ ମୋ ଜୀବନର କଥା, ଯନ୍ତ୍ରଣାର କଥା ଆଉ ମୋ ବାସ୍ତବ ଅନୁଭୂତି ।

ଜେଜେ ? ଜେଜେଙ୍କ ମୁହଁ ଏ ହାଣ୍ଡିରେ ?

ହଁ; ବାପା କହୁଥିଲେ, ଜେଜେ ଆମର ହାଣ୍ଡି ପାଇଁ ଭାରି ସଚେତନ । ଶୀତ ଚାରିମାସ ଶାଳ ହୁଏ ସିନା ସେ କିନ୍ତୁ ବର୍ଷକ ଯାକ ହାଣ୍ଡି ସଂଧାନରେ ବୁଲୁଥିଲେ । ହାଣ୍ଡି ଭଲ ନ ହେଲେ ତାଙ୍କ ମନ ପାଏନି । ସେ କୁହନ୍ତି ସୁନା ଚେନାଏ ରଖିବାକୁ ବଢ଼େଇ ପିଲା କାଠ ସିନ୍ଦୁକ କରେ ଯେ ତା ଭିତରେ ପେଡ଼ାଟାଏ ବି କରିଥାଏ । ହାଣ୍ଡିରେ ତ ଗୁଡ଼ ପଡ଼ିବ । ଗୁଡ଼ ତ ଆମର ଜୀବନ, ଆମ ସଂସାର । ଏଇ ଗୁଡ଼ ହାଣ୍ଡିକୁ ବିକ୍ରି କରି ଆମ ପରିବାର ଚଳେ । ଚୁଲିରେ ନିଆଁ ଜଳେ । ଭାତ ହାଣ୍ଡିରେ ଚାଉଳ ପଡ଼େ ।

କୁମ୍ଭାର ଚକ ଘୂରିବା ପରି ଭାଗ୍ୟ ଯେ ଘୂରୁଥାଏ, ଏ କଥା ଜେଜେ ସମସ୍ତଙ୍କୁ କହୁଥିଲେ । ଜେଜେ ଚଷା ପିଲା ହେଲେ କ'ଣ ହେଲା କୁମ୍ଭାରମାନଙ୍କୁ ସେ ହାଣ୍ଡି ଗଢ଼ିବା ଶିଖାନ୍ତି । ଗୁଡ଼ପକା ହାଣ୍ଡିର ମଙ୍ଗ ଓସାରିଆ କରି ଚିରାମଙ୍ଗ କଲେ ଟେକା-ପକା କରିବା ପାଇଁ ସୁବିଧା ହୁଏ ବୁଝାନ୍ତି । ହାଣ୍ଡିର ପେଟ ସାରା ଯଦି ଟେରାକୁଟା କାମ ହେଇଚି ତେବେ ଜେଜେ ଖୁସି ହୁଅନ୍ତି ।

ଗୁଡ଼ ପଡ଼ିଥିବା ହାଣ୍ଡି ଭାଙ୍ଗିଲେ ଭାରି ଅମଙ୍ଗଳ, ଭାଗ୍ୟ ଫାଟିଯିବ କାଳେ । ଏ ଦିଗରେ ମଧ୍ୟ ସେ ଭାରି ସତର୍କ ।

କେବଳ ହାଣ୍ଡି ପାଇଁ ଯେ ଜେଜେ ସତର୍କ ତାହା ନୁହେଁ । ବିଲ ପାଇଁ ମଧ୍ୟ ସେ ସତର୍କ । ମଟାଳ ମାଟିରୁ ଗୁଡ଼ ଅମଳ ଭଲ ହୁଏ ଜାଣି ମାଟି ସହ ମାଟି ହୋଇ ସେ ଖଟୁଥିଲେ । ଅନବରତ ଝାଳବୁହା ପରିଶ୍ରମ କରି ଦି'ଚାରିମାଣ ମଟାଳ ମାଟିଆ ବିଲ କିଣିଥିଲେ । ଏବେ ଯାଏଁ ସେ ବିଲରୁ ଭଲ ଗୁଡ଼ ହେଉଛି । କିନ୍ତୁ ଆଗ ଅପେକ୍ଷା ଅମଳ କମିଗଲାଣି ବୋଲି ବାପା କୁହନ୍ତି ।

ଏ ଯେଉଁ ହାଣ୍ଡି । ଜେଜେ ତାକୁ ବରାଦ ଦେଇ ଗଢ଼େଇଥିଲେ ପାଖ ଗାଁ ମକରା କୁମ୍ଭାର ପାଖେ । ମାଟି ମିଳିଲାନି କି ମାଟି କାମରୁ ଚାହିଦା ଫାହିଦା ମିଳିଲାନି ବୋଲି ତା' ପୁଅ ନାତି ଏବେ ସୁରତ କି ଜମ୍ମୁରେ । କାହୁଁ କେତେବର୍ଷ ତଳର ଏ ହାଣ୍ଡି । ପ୍ରତିବର୍ଷ ଏଥିରେ ଗୁଡ଼ ପଡ଼େ, ସାରବାର ହୁଏ, ସରିଗଲେ ପୁଣି ପକାଯାଏ ।

ମୁଁ ନିସହାୟ ପରି ହାଣ୍ଡି ଚାରିପଟେ ହାତ ବୁଲେଇଲି। ମତେ ଲାଗିଲା ବାପାଙ୍କ ଦାଢ଼ିଆ ଗାଲକୁ ମୁଁ ଆଉଁସୁଛି । ବର୍ଷକଯାକ କାମରେ ଛନ୍ଦି ହେଇ ବାପାଙ୍କ ଗାଲରେ କଳାଧଳା ଦାଢ଼ି ରହିଯାଇଥାଏ । ଜଞ୍ଜାଳରୁ ବାହାରି ଦାଢ଼ି କାଟିବାକୁ କି ମୁଣ୍ଡବାଳ କଳା କରିବାକୁ ସମୟ ପାଆନ୍ତି ନାହିଁ। ମୁଣ୍ଡରେ ସେଇମିତି କଳାଧଳା ମିଶା ବାଳ ଜଟ ହୋଇପଡ଼ିଥାଏ ।

ତା'ଙ୍କୁ ଦେଖିବା ମାତ୍ରେ ମୋ ଭିତରେ ଥିବା ଭୟରୂପକ ମହାବୃକ୍ଷ ଗଜୁରିବାକୁ ଆରମ୍ଭ କରେ, ଏବେ କିନ୍ତୁ ଭୟ ବୋଲି କାଣିଚିଏ ମୋ ଭିତରେ ପାଇଲି ନାହିଁ । ବାପା ଖୁବ୍ ପରିଶ୍ରମ କରନ୍ତି । ନିଜକୁ ପଥର କରି ସବୁ ସହିଯାଆନ୍ତି । ଏତେ ପରେ ବି ଅଭାବ ଆମ ପିଛା ଛାଡ଼େନି, ଛାଇ ପରି ଲାଗି ରହେ । ଏ କଥା ଭାବିବା ବେଳକୁ ମୋ ଆଖି, ଲୁହରେ ଓଦା ।

ଆଖୁରେ କେଉଁବର୍ଷ ରୋଗ ଲାଗେ ତ କେବେ ମରୁଡ଼ି ପଡ଼େ । ଭଲ ଆଦାୟ ହୁଏନି । ମୋର ପ୍ରଥମ କଲେଜ ଆଡ଼ମିସନ ବର୍ଷ ଆଖୁରେ ରୋଗ ଲାଗିଥିଲା । ଧଳା ଧଳା ଲମ୍ବାଳିଆ ପୋକ ଆଖୁ ଭିତରେ ପଶି ଆଖୁ ସବୁ ନଷ୍ଟ କରି ଫମ୍ପା କରିଦେଇଥିଲେ । ଉପରୁ କିନ୍ତୁ ତାହା ଜଣାପଡ଼େନି। ଔଷଧ ବୋଲି ଯାହା ପକେଇଲୁ ପୋକକୁ ପୂର୍ଣ୍ଣ ଦମନ କରିପାରିଲା ନାହିଁ । ବୋଉ କାନଫୁଲ ବନ୍ଧା ପକାଇଲା ।

ପବନ ଭାଙ୍ଗିବନି ବୋଲି ବାପାଙ୍କ ସହ ଆଖୁପତ୍ର ବାନ୍ଧିବା ପାଇଁ ଯାଇଥିଲି । ସେଇଥର, ହଳଦିଆ ପଡ଼ିଥିବା ଧାରୁଆ ପତ୍ରଟେ ବାପାଙ୍କ ଗାଲକୁ ଚିରିପକାଇଲା । ଧାର ଧାର ରକ୍ତ ଗାଲସାରା ଭରିଗଲା । ମୁଁ କାନ୍ଦି ପକାଇଲି । ଅଣ୍ଟାରେ ଭିଡ଼ିଥିବା ଗାମୁଛାକୁ ଖୋଲି ବାପାଙ୍କ ଗାଲରେ ତର ତର ହୋଇ ଛପେଇଲି । ମୋ କାନ୍ଦରେ ବାପା ମୋ ଆଡ଼କୁ ଅନେଇ ହସିଦେଇ କହିଲେ, ଆରେ ଚାଷୀ ଜୀବନ ଇଏ, ରକ୍ତ ବିନ୍ଦୁଏ ଦେଖି କ'ଣ ବ୍ୟସ୍ତ ହୋଇପଡୁଛୁ । ଏ ବିଲରେ ଚଷାର ଜୀବନ ଆରମ୍ଭ, ଶେଷ ବି । ଏଇମିତି ପରା କେତେ ଜୀବନ ଯାଇଛି । ଭାଡ଼ି ଜଗା ସମୟରେ ଶାମଦାଦାକୁ ଭାଲୁ ଖାଇଗଲା । ବାପା; କଥା କହୁ କହୁ ନିଜେ ହୁଡ଼ା ଉପରେ ବସିପଡ଼ିଲେ । ହୁଡ଼ା କଡ଼ ପୋକଶୁଙ୍ଘା ପତ୍ରକୁ ମନ୍ଥି ଖଣ୍ଡିଆରେ ମାରିଲେ କହିଲେ, ଗଛଟାକୁ ଚିହ୍ନିଥା, ଭଲ କାମ ଦିଏ । ସେଦିନ କାମ ସାରି ଫେରିଲା ବେଳକୁ ବେଳ ଅଢ଼େଇ ପହର ।

ତା ପରଦିନ; ବୋଉ ମତେ କହିଥିଲା, କଲେଜରୁ ଫେରିଲା ବେଳକୁ ବାପାଙ୍କ ପାଇଁ ପଞ୍ଚଗୁଣାଟେ ଆଣିବାକୁ। ମୁଁ ଭୁଲିଯାଇଥିଲି । ବୋଉ ପଚାରିଲା କହିଲି ମନେ ପଡ଼ିଲାନିଲୋ ବୋଉ । ତା'ର ଯୋଉ ରାଗ ! ବାପାଙ୍କ ଖଣ୍ଡିଆକୁ ନେଇ; ଅଖିଆ ଅପିଆ ପରିଶ୍ରମକୁ ନେଇ କେତେ କଥା କହିପକାଇଲା । ବାପା ତାକୁ ବୁଝାଇଲେ, କ'ଣ ଖଣ୍ଡିଆଟିକେ ହେଇଚି ଯେ ଏତେ ବ୍ୟସ୍ତ । ପିଲାଟା ସେ କେତେ ବା ମନ ତା'ର କହିଲ। ପୋକଶୁଙ୍ଘା ପତ୍ର ଲଗେଇଛି ଆଉ ଥରେ କି ଦୁଇଥର ଲଗେଇ ଦେଲେ ଛାଏଁ ଶୁଖିଯିବ।

ଏତେ ସବୁ ପରେ କଣ ତା ରାଗ ଶାନ୍ତ ?

ମୁଁ ଜାଣେ ବାପାଙ୍କ ପାଇଁ ସେ ଏତେ ସଚେତନ ଯେ ମୋର ଏ ଭୁଲକୁ ସେ କ୍ଷମା ଦେବ ନାହିଁ । ବାପାଙ୍କ ଆଗରେ ସିନା କିଛି କହିଲାନି ଦିନେନା ଦିନେ ଏ କଥା ନିଶ୍ଚେ କହିବ ।

ଛେଦାଲାଗି କଳ ଭିଡ଼ ହେବାରୁ ମୁଁ ଆଖୁକଳରୁ ଛେଦା ସଫା କରୁଥିଲି । ବୋଉ ଆଖୁଶାଳକୁ ପଖାଳ ଆଣି ପହଁଞ୍ଚିଲା। ନିରୀକ୍ଷକ ପରି ଶାଳ ଘରକୁ ନଜର ଦେଲା । ଏକ ଲୟରେ ଗୁଡ଼ ରନ୍ଧା ହାଣ୍ଡି ଆଡ଼କୁ ଅନେଇ ରହିଲା ।

ବାପା କହିଲେ, ବ୍ୟସ୍ତ ହୁଅନି; ଏ ବର୍ଷ ତମ କଥା ନିଶ୍ଚୟ ବିଝିବି ।

ବୋଉ କହିଲା, କ'ଣ କାନଫୁଲ ? ପୁଅ ପଢ଼ା ବର୍ଷ ଶେଷ ହବାକୁ ବସିଲାଣି । ତମେ କିନ୍ତୁ ସବୁ ବର୍ଷ କହୁଛ ।

ବାପା କହିଲେ, ଦେଖୁଚ ତ' ଦିବର୍ଷ ହେଲା କି ଅଭାବ ! ସେଥିରେ ସୁନା କାନଫୁଲ ! ଚିନାଏ କି ଦୁଇଚିନାରେ ତ ହେଇ ଯିବନି । ପାଂଚ ଛଅ ଚିନା ଦରକାର। ହଉ ଦୁଃଖ କରନି । ଏଇଥର ଆଦାୟ ଭଲ ହେବ; ଆଉ ଏ ବର୍ଷ ଯଦି କାନଫୁଲ କରି ନ ପାରିଲି ତେବେ ଆଉ ପାରିବିନି। ମହାଜନ ଗୁଡ଼ ଟଙ୍କା ଦେବା ମାତ୍ରେ; ବଡ଼ ପୁଅ ପାଇଁ ନୂଆ ଡ୍ରେସ, ସାନର ସାଇକେଲ, ତମର କାନଫୁଲ ।

ବାପାଙ୍କ କଥାରେ ବୋଉ ଲାଜ କଲାକି କ'ଣ କହିଲା, ଛାଡ଼ ଛାଡ଼ ତମକୁ କିଏ ଏବେ କାନଫୁଲ ଆଣିବା କଥା କହୁଛି । ତମେ କୁଆଡ଼େ ପଳଉଚ ନା ମୁଁ କୁଆଡ଼େ ପଳଉଚି । ମୁଁ ଗୁଡ଼କୁ ଦେଖୁଥିଲି କେମିତି ସୁନାର ଫୁଲ ପରି ଚକମକ କରୁଚି । ଗୁଡ଼ ବୋଧେ ପାଗ ହେଇଆସିଲାଣି କି କଣ ? ବାସନା ଆସିଲାଣି ।

ବାପା କହିଲେ, ହଁ; ଏ ପାଗ ଗୁଡ଼ ସବୁ ବିକ୍ରି ହେବ। ପ୍ରଶ୍ନ କରିବା ଭଙ୍ଗିରେ ବୋଉ ପଚାରିଲା, ଗୁଡ଼ ଭଲରେ ଶୁଖୁଚି ତ ?

ବାପା ବୁଝାଇବା ପରି କଞ୍ଚା ସତ ସବୁ କହିକପାଇଲେ, ଗୁଡ଼କୁ ଆଉ କିଏ ପଚାରୁଛି ଯେ । ସରକାର ? ନା ମହାଜନ ? ସରକାର ତ ଆଖୁ ଚାଷୀଙ୍କୁ ଆଡ଼ ନଜର ଟିକେବି ଦେଉନାହାଁନ୍ତି ଆଉ ମହାଜନ କଥା ଛାଡ଼ । ମୁଲଚାଲ କରି ପଇସା ହିସାବଠାରୁ ଅଧା କାଟିକରି ଦେବ । ସେଥିପାଇଁ ବିକ୍ରି ଗୁଡ଼ରେ ପାଣି ଅଂଶ ରଖି ପାଗ କରିଦେଉଚି । ଉଖୁଡ଼ା ପାଗ କି ଖାଉଟି ପାଗ ପକାଇବା ବେଳେ ରନ୍ଧା ସିପ ଦେଇ ଭଲ ପାଗ କରି ଘରକୁ ନେବା।

ମୁଁ ଭାବନା ମଧ୍ୟରେ ଥାଇ ଗୁଡ଼ରେ ଟିପ ଦାବିଲି । ଦୁଇବର୍ଷର ଗୁଡ଼ ମାଟି ପରି ସେମିତି ଅଛି । ତେବେ ଟଙ୍କା ଅଭାବ ପଡ଼ିଲା ନା କ'ଣ? ନୋହିଲେ କାହିଁକି କଢ଼ା ହୋଇଥାଆନ୍ତା ? ମୋ ପିଠିରେ କାହାର ସ୍ପର୍ଶ । ପଛକୁ ଚାହିଁଲା ବେଳକୁ ବୋଉ ।

ଗୁଡ଼ ହାଣ୍ଡି ପାଖରେ ମତେ ଦେଖି ବୋଉ ପଚାରିଲା, କଣ ଟଙ୍କା ଦରକାର କି ? ମୁଁ କିଛି ସମୟ ନିରବ ରହିବା ପରେ ବୋଉ ପୁଣି କହିଲା, ଯଦି ଦରକାର ଏ ହାଣ୍ଡିକୁ ନେ ବିକ୍ରି କରିଦେବୁ । ଯେତିକି ତୋର ଦରକାର ରଖିବୁ । ବଳକା ଟଙ୍କା ବାପାଙ୍କୁ ଫେରାଇଦେବୁ । ବାପା ବୋଧେ ଯାକୁ ବିକ୍ରି କରିବାକୁ କାଢ଼ି ଥିଲେ ।

ଜେଜେଙ୍କ ସ୍ୱପ୍ନ, ବାପାଙ୍କ ଶ୍ରମ, ବୋଉର ସ୍ନେହ ସବୁ ମୋ ମନ ଭିତରକୁ ପଶି ଆସିଲା ।

ଭାବିଲି, ମୁଣ୍ଡ ଝାଳ ତୁଣ୍ଡରେ ମାରି; ଦେହରୁ ରକ୍ତ ନିଗାଡ଼ି; ମାଟି ସହ ମାଟି ପରି ଖଟି ଏତେ ଅଭାବରେ ବି ଏ ଗୁଡ଼ ହାଣ୍ଡି ସାଇତା ହୋଇଛି । ମୋବାଇଲରେ ନେଟ ପ୍ୟାକ୍ ପକାଇବା ପାଇଁ ମୁଁ ଗୁଡ଼ ହାଣ୍ଡିକୁ ବିକ୍ରି କରିଦେବି ?

ପାଗେଲୀକୁ ନେଇ କମେଣ୍ଟ କି ଲାଇକ୍‌ରୁ କ'ଣ ମିଳିବ ମୋତେ ?

ମୁଁ କହିପକାଇଲି, ନାଇଁ ଲୋ ବୋଉ ଥାଉ ।

# ସ୍ପନ୍ଦନଶୀଳ ପ୍ରେମ

◆ କସ୍ତୁରୀ ମଲ୍ଲିକ

କାଲିର ପିଢ଼ି ଆଉ ଆଜିର ପିଢ଼ି ମଧ୍ୟରେ ବହୁ ମତପାର୍ଥ୍ୟ ଭରିରହିଛି । ସେତବେଳର ପ୍ରେମ କହିଲେ ନିଷ୍ଠା ଆଉ ସାଧନାର ଭିତ୍ତିକୁ ବୁଝାଉଥିଲା । ପ୍ରେମ କାହାଣୀ ଯାହା ଆରବ୍ୟରଜନୀ ଭଳି ରୋମାଞ୍ଚପୂର୍ଣ୍ଣ ପୁଣି ସେତିକି ପୀଡ଼ାଦାୟକ । ପ୍ରେମ କରିବା ଭିତରେ ଥାଏ ଏତେ ବ୍ୟଥା, ଏତେ ସଂଗ୍ରାମ ? ପ୍ରେମର ଭାଷା ଅନୁଭବ ଅଲଗା । ପ୍ରେମର ରଙ୍ଗ ବି ନିଆରା । ପ୍ରେମ ଏପରି ଏକ ଅନୁଭୂତି ଏହା କେବେ, କେଉଁଠି, କେତେବେଳ ଆଉ କାହାସହ ହୋଇପାରେ ତାହା କହିବେନି । ପ୍ରେମରେ ନିର୍ଦ୍ଦିଷ୍ଟ ବୟସ ନଥାଏ । ପ୍ରକୃତ ଭଲପାଇବା ହିଁ ଆଣିଦିଏ ଆତ୍ମବିଶ୍ୱାସ । ପାହାଡ଼ ଭଳି ସମସ୍ୟା ସେଠି ତୁଚ୍ଛ ମନେହୁଏ । ପ୍ରେମହିଁ ଜୀବନକୁ ଗୀତିମୟ କରିଦିଏ । ପ୍ରେମ ମଧ୍ୟ କବି ବନାଇଦିଏ । ପ୍ରେମର ରିଦିମ୍ ବା ମୂବି ଅନେକ ସମୟରେ ନିଆରା । ଏହା ସମସ୍ତଙ୍କୁ ଶୁଣାଯାଏ ନାହିଁ । ଶୁଣିବା ପାଇଁ ନିଷ୍ପାପର ହୃଦୟର ଆବଶ୍ୟକତା ରହିଛି । ଯେଉଁମାନେ ଶୁଣିପାରନ୍ତି ସେମାନେ ହେଉଛନ୍ତି ପ୍ରକୃତ ପ୍ରେମର ଅଧିକାରୀ ଓ ଅଧିକାରିଣୀ । ଗଭୀର ଭଲପାଇବାରୁ ହିଁ ଜାତ ହୁଏ ଏକ ଦୃଢ଼ସଂକଳ୍ପ । ଦୁଇଟି ହୃଦୟ ନିଃସର୍ତ୍ତ ଭାବରେ ସମର୍ପିତ ନହେଲେ ଭଲପାଇବାର ରଙ୍ଗ କେବେ ଗାଢ଼ ହୁଏନାହିଁ । ଏ ସମର୍ପଣ ଦୁଇଆଡୁ ରହିବା ଦରକାର । ନହେଲେ ପ୍ରେମର ବୃଥା ଆସ୍‌ଫଳନ ଘଟିଥାଏ । ମାତ୍ର ବର୍ତ୍ତମାନ ପ୍ରେମ କହିଲେ ମିଛ ମରୀଚିକା ପଛରେ ଧାଇଁଲା ଭଳି ମନେହୁଏ । ପ୍ରେମ ହେଲା ସ୍ୱାର୍ଥହୀନ ଏକ ନିଃସର୍ତ୍ତ ସମର୍ପଣ ଏକଥା ଆଜିର ଜେନେରେସନ୍ ପିଲା କାହିଁ ବୁଝିବେ । ଆଜିକା ସମୟରେ ପୁଅର ଅର୍ଥ ଦେଖି ଝିଅମାନେ ସେମାନଙ୍କୁ ମିଛ ପ୍ରେମର ମୋହରେ ଆକର୍ଷଣ କରାଇ ଶେଷରେ ପ୍ରତାରଣା କରି ଛାଡ଼ି ଚାଲିଯାଉଛନ୍ତି । ଗୋଟିଏ ହୃଦୟ ସହିତ ଆଉ ଗୋଟେ ହୃଦୟର ସଂପର୍କ କ'ଣ ସେମାନେ ବୁଝନ୍ତି ନାହିଁ । ପ୍ରକୃତ ଅନୁଭବୀ ହିଁ ପ୍ରେମ କ'ଣ ତା'ର ମାପକାଠିକୁ ଅନୁଭବ କରି ପାରିଥାଏ । ପ୍ରେମ ସତ୍ୟ, ଶିବ, ସୁନ୍ଦର ଏବଂ ଚିରଶାଶ୍ୱତ ଏକଥା ।ଜିର ଯୁବପିଢ଼ି ନିକଟରେ ସଂପୂର୍ଣ୍ଣ ଭାବେ ମୂଲ୍ୟହୀନ ହୋଇପଡ଼ିଛି । ଡ୍ରେସ୍ ପରିବର୍ତ୍ତନ କଲାପରି ସେମାନେ ପ୍ରେମିକ, ପ୍ରେମିକା ପରିବର୍ତ୍ତନ କରିଚାଲିଛନ୍ତି । ସେକାଳରେ ପ୍ରେମକଥା କହିବାକୁ ଗଲେ ଜଣେ ପୁଅ ଜଣେ ଝିଅକୁ ପ୍ରପୋଜ କରିବାକୁ ତା'ର ଯୁଗ ବିତିଯାଉଥିଲା ବରଂ ସେ ଝିଅକୁ ନିଜର ମନକଥା ଖୋଲି କହିପାରୁ ନଥିଲା ଡରରେ । ଅଥଚ ଆଜିର ପ୍ରେମ ଚୁଇଁଙ୍ଗମ୍ ଖାଇ ଫିଙ୍ଗିଲା ପରି ମନେହେଉଛି । ଆଜିର ପିଲାଏ କେତେ ସହଜରେ ଘଣ୍ଟେଦିଘଣ୍ଟା ଦେଖାସାକ୍ଷାତ୍ ହେଉ ନ ହେଉଣୁ କହିପକାଉଛନ୍ତି, ନଚେତ୍ ଏସ୍.ଏମ୍.ଏସ୍ କରି ଦେଉଛନ୍ତି ନିଜ ପ୍ରେମ ସଂପର୍କରେ । ପ୍ରେମକରିବା, ଫଟ୍‌କି ବାହାହୋଇ ପଡ଼ିବା ନିଜ ଇଚ୍ଛାରେ ବାପାମାଆଙ୍କ ସ୍ୱୀକୃତି ଥାଉ କି ନଥାଉ ଆସନ୍ତୁ କି ନଆସନ୍ତୁ ସେମାନଙ୍କର କିଛି ଫରକ ପଡ଼େନାହିଁ । ସମର୍ପଣ ବିନା ଯେଉଁ ପ୍ରେମ ତାକୁ କି ଜୀବନର ଉପପାଦ୍ୟ କୁହାଯିବ ? ସେଥିପାଇଁ ତ ଆଜିର ଯୁବପିଢ଼ିଙ୍କ ଭିତରେ ସହଜରେ ଭଲପାଇବାର ତାଜମହଲ ଭୁଷୁଡ଼ି ଯାଉଛି । ଏଇ ଭୁଷୁଡ଼ିବା ବେଳେ କାହାରି ହୃଦୟ କିନ୍ତୁ ଫାଟି ଯାଉନାହିଁ କି କେହି କାହାପାଇଁ ଝୁରୁନାହାଁନ୍ତି ।

ମାଟିର ତାଜ ଗଢ଼ିବା କଥା ବେଶ୍ ସହଜରେ ଚିନ୍ତା କରୁଛନ୍ତି । ଯେଉଁ ଭଲ ପାଇବାରେ ଗଭୀର ଭିତ୍ତିଭୂମି ନାହିଁ ତାକୁ ନେଇକି ସାହାଜାହାନଙ୍କ ଭଳି ମାର୍ବଲର ତାଜ୍‌ଟିଏ ଗଢ଼ାଯାଇ ପାରିବ କିପରି ?

ପ୍ରେମ ଆଉ ସାଧନା, ତିତିକ୍ଷା, ଅପେକ୍ଷା କି ଧୈର୍ଯ୍ୟ, ସାଧନା ହୋଇ ରହିନାହିଁ । ପଦବୀ, ଅର୍ଥ, ଷ୍ଟାଟସ୍, ସୌନ୍ଦର୍ଯ୍ୟ, ଗ୍ଲାମର ସହିତ ଯୋନି ହୋଇଯାଇଛି ଭଲପାଇବାର ପରିଭାଷା । ସତରେ ପ୍ରେମ ଏକ ନିଆରା ଅନୁଭବ, ଏକ ଦୂରନ୍ତ ଶିହରଣ । ସ୍ୱପ୍ନର ସବୁଜ ଉପତ୍ୟକା । ଏକ ଅନନ୍ୟ ସ୍ନିଗ୍ଧ ଲଳିତଭାବ, ଯାହାକୁ ନ ଛୁଇଁଲେ ବି ଛୁଇଁ ହୋଇଯାଏ, ନ ଚାହିଁଲେବି ହେଇଯାଏ, ଯୁଆଡ଼େ ଚାହିଁଲେ ସିଏ ହିଁ ଦୃଶ୍ୟମାନ ହୁଏ । ଆବୋରି ବସେ ସମଗ୍ର ସତ୍ତା । ଜାତି, ବର୍ଣ୍ଣ, ଧର୍ମ, କୁଳ, ଲଜ୍ୟା, ଧନୀ, ଗରିବ, ବୟସ ବ୍ୟବଧାନ ସବୁକିଛି ପାରି ହୋଇଯାଏ । ଯଦି ନିଷ୍ଠାର ସହ ପ୍ରେମ କରାଯାଏ ତେବେ ତାହା ତପସ୍ୟା ପାଲଟିଯାଏ । ତେଣୁ ସାରାଜୀବନ ଏକାଠି ଚାଲିଲେ କ୍ଲାନ୍ତ ଲାଗେ ନାହିଁ କି ଝଡ଼ ଆସିଲେ ମଜବୁତ୍ ବନ୍ଧନ ତୁଟିଯାଏ ନାହିଁ ।

କଳାଭୂଷଣ ବିଭାଗ

# ବୋଉ

◆ ପ୍ରିୟଙ୍କା ମହାନ୍ତି

ସ୍ମୃତି ସହ ମୋର ପ୍ରଥମ ଭେଟ ହୁଏ କଲେଜ୍‌ରେ। ଅନ୍ୟ ସାଙ୍ଗସାଥୀମାନଙ୍କ ଭିତରେ ସେ ବେଶ୍ ବାରିହୋଇ ପଡୁଥାଏ। ନୃତ୍ୟ ସଙ୍ଗୀତ କ୍ରୀଡ଼ା। ବ୍ୟବହାର, କୌଣସିଥିରେ କେହି ମଧ୍ୟ କିଛି କରିବାର ନାହିଁ। ପୁରା ଗୋଟିଏ ଚାଉଳରେ ଗଢ଼ା ପରୀଟିଏ।

ଅନେକ ପୁଅ ତା' ପଛରେ ହେଲେ ସେ କାହାରିକୁ ମଧ୍ୟ ଆଡ଼ ଆଖିରେ ବୁଲି ଚାହେଁ ନାହିଁ। ସମାଜର ପ୍ରାୟ ସମସ୍ତ ଘଟଣା ଦୁର୍ଘଟଣା, ସମସ୍ୟା, ସମାଧାନ ସମ୍ପର୍କରେ ତା'ର ଅଗାଧ ଜ୍ଞାନ ହେଲେ ସେ କୌଣସି ସୋସିଆଲ୍ ମିଡିଆରେ ସମୟ ବିନିଯୋଗ କରେ ନାହିଁ। ସେ ସବୁଠି ଥାଏ, କେଉଁଠାରେ ମଧ୍ୟ ନଥାଏ। ଡେଉଁ ନ ଥାଇ ମଧ୍ୟ ନିବିଡ଼ ଭାବରେ ସେଥିରେ ଜଡ଼ିତ ଥାଏ। ଏ ସମସ୍ତ କାମ ପାଇଁ ସମସ୍ତେ ତାକୁ 'ତପସ୍ୱିନୀ' ବୋଲି ଚିଡ଼ାନ୍ତି। ହେଲେ କୌଣସି ଥଟ୍ଟା ମଜାରେ ସେ ବିଚଳିତ ହୁଏନାହିଁ। କେବେକେବେ ଲାଗେ ସତେ ଯେମିତି ସେ କାଚକେନ୍ଦୁ ପାଣି, ତାକୁ ଯେତେ ଟେକା ପଥର ମାରୁଛ ମାର ସେ କିନ୍ତୁ ଗୋଳିଆ ହେବନି।

ସେ ଏକାଥିଲେ ଡାଏରୀରେ କିଛି ଲେଖୁଥାଏ, ଅବା ସେଥିରେ ଲୁକ୍‌କାଇତ କେଉଁ ଏକ ଫଟୋକୁ ତଲ୍ଲୀନ ହୋଇ ଦେଖୁଥାଏ। ତା'ସହ ପରିଚିତ ସମସ୍ତେ ସେ ଫଟୋକୁ ଦେଖିବାକୁ କେତେ ରକମର ଫନ୍ଦି ଫିକର କରି ମଧ୍ୟ ବିଫଳ, ମୁଁ ଥରେ ରାଣ ପକାଇ ପଚାରିଲି, ଫଟୋରେ କିଏ କିଏ ତୁମ ମନର ମଣିଷ ?

ସେ କହିଲା, ନାଇଁରେ ପ୍ରଜ୍ଞା ସେମିତି କେହି ଆଜିଯାଏ ମୋ ଜୀବନରେ ଆସି ନାହାନ୍ତି। ହଁ ତୁ ଯେଉଁ ଫଟୋ ବିଷୟରେ ପଚାରୁଛୁ ସେ ହୋଇପାରନ୍ତି ସେମିତି କେହି ଆଜି ନିଜର, ଆତ୍ମାର, ହୁଏତ ହୃଦୟର ବୃହତ ଅଂଶ।

ମୁଁ ଭାବେ ହୁଏତ ସେ ଫଟୋ ହୋଇ ଥାଇପାରେ ସ୍ମୃତିର ବାପା କିମ୍ବା ବୋଉଙ୍କର। ନଚେତ୍ ନିଜର ସ୍ୱଚ୍ଛଳ ଭାବମୂର୍ତ୍ତିକୁ ବଞ୍ଚାଇବାକୁ ସ୍ମୃତିର ଏହା ଏକ ବାହାନା ହୋଇ ଥାଇପାରେ।

ସ୍ମୃତିକୁ ରୋଷେଇ ଜଣାନାହିଁ, କିନ୍ତୁ ତା ଟିଫିନ୍ ସବୁଦିନ ସୁନ୍ଦର ସୁନ୍ଦର ଖାଦ୍ୟ ପଦାର୍ଥରେ ଓଜନ। ତାକୁ ଇସ୍ତ୍ରୀ କରିବା ଜଣାନାହିଁ କିନ୍ତୁ ସବୁଦିନ ତା' ଦେହରେ ଭାଙ୍ଗ ନଥିବା ପୋଷାକ ତା ପାଖରେ ଥିବା କୌଣସି ଜିନିଷର ସଠିକ୍ ଦାମ୍ ତାକୁ ଜଣାନଥିଲେ ମଧ୍ୟ କୌଣସି ଅତ୍ୟାଧୁନିକ ଦ୍ରବ୍ୟର ଅଭାବ ତା'ପାଖେ ନାହିଁ। ମୁଁ ଭାବେ ବୋଉ ଛଡ଼ା ଏ କାମ ଆଉ କିଏ କରିପାରିବ। ଡ୍ୟାଡିଙ୍କ ଠାରୁ ଶୁଣିଛି ତାଙ୍କ ବୋଉଙ୍କୁ ନେଇ ଅନେକ କାହାଣୀ। ସେ କାଳେ ଦେବୀ ଭଳି। କେତେ କେତେ ଦୁଃଖ କଷ୍ଟ ସହି, ମୁଣ୍ଡ ଝାଳ ତୁଣ୍ଡେ ମାରି ତାଙ୍କ ବୋଉ ତାଙ୍କୁ ମଣିଷ କରିଥିଲେ। ମୁଁ ମୋ ମମିଙ୍କୁ ଦେଖେ, ତାଙ୍କ ଭିତରେ ବାପାଙ୍କର ସେଇ ଗାଁର ବୋଉ ଆଉ ସ୍ମୃତିର ସମ୍ଭାବ୍ୟ ବୋଉଙ୍କୁ ଖୋଜି ବସେ, ଓଦା ଦର୍ପଣରେ ମୁହଁ ଦିଶିଲା ଭଳି ମମି ମତେ ଝାପ୍‌ସା ଦିଶନ୍ତି। ତାଙ୍କ ହାତରେ ରିମୋଟ୍ ଆଉ ସ୍ମାର୍ଟଫୋନ୍। ଭାବେ ମମିମାନଙ୍କଠାରୁ ବୋଉମାନେ ନିଶ୍ଚିନ୍ତ ଭିନ୍ନ ହୋଇଥିଲେ। କିଏ ଜାଣେ ସେମାନେ କିପରି କେଉଁ ଉପାଦାନରେ ଗଢ଼ା ହୋଇଥିବେ।

କଦବା କୋଚିତ୍ ସାଙ୍ଗମାନଙ୍କ ସହିତ କ୍ୟାଣ୍ଟିନ୍‌ରେ ଖାଇବାବେଳେ ମୁଁ ସ୍ମୃତିକୁ ଦେଖେ। ସେ ହାତରେ ଠିକ୍ ସେ ଖାଇପାରେନି। ହୁଏତ ଘରେ ସ୍ମୃତିର ବୋଉ ତାକୁ ସବୁଦିନ ନିଜ ହାତରେ ଅତି ସ୍ନେହରେ ଖୋଇ ଦେଉଥିଲେ।

ସ୍ମୃତିର ଅନେକ ଗୁଣ ମତେ ଆକୃଷ୍ଟ କରେ। ତା ସହିତ ଜଡ଼ିତ ଅନେକ ଘଟଣା ପାଇଁ ସ୍ମୃତିର ବୋଉଙ୍କୁ ଥରଟିଏ ହେଉପଛେ ଭେଟିବା ସକାଶେ ମୋ ମନ ବ୍ୟାକୁଳ ହୋଇଉଠେ। ଯାହାଙ୍କ ଝିଅ ଏମିତି ସେ କେମିତି ହୋଇନଥିବେ। ପିତାମାତାଙ୍କ ସଂସ୍କାରରେ ପିଲାମାନେ ତ ସଂସ୍କାରିତ ହୋଇଥାଆନ୍ତି। ସେଇଥିପାଇଁ ତ ପିଲାମାନେ କିଛି ଖରାପ୍ କାମ କଲେ କିମ୍ବା ଭଲ କାମ କଲେ ତାଙ୍କ

ପିତାମାତାଙ୍କ ବିଷୟରେ ପଚରା ଯାଇଥାଏ । ମୁଁ ସ୍ମୃତିକୁ ଚାହିଁ ମନେମନେ କଳ୍ପନାରେ ତା' ବୋଉଙ୍କ ଚିତ୍ର ଆଙ୍କେ । ଯାହା କିଛିକ୍ଷଣ ପରେ ଆପେ ଆପେ ଚାଲିଯାଏ ।

ଆଜିଯାଏ ସ୍ମୃତି କିନ୍ତୁ ନିଜ ପିତାମାତା, ଆତ୍ମୀୟସ୍ୱଜନଙ୍କୁ ନେଇ ଖୁବ୍ ନିରବ । ଆଡ୍‌ମିଶନ୍, ରି-ଆଡ୍‌ମିଶନ, ପରୀକ୍ଷା, ଫଙ୍କ୍‌ସନ୍ କେଉଁଠାକୁ ମଧ୍ୟ ତା'ର ଅଭିଭାବକ ଆସିଥିବାର ଦେଖି ନାହାଁନ୍ତି । ଥରେ ବହୁ କଷ୍ଟରେ ତା'ଠାରୁ ଲୁଚାଇ ଅନ୍ୟମାନଙ୍କ ପାଇଁ ନିଷିଦ୍ଧ ତା'ର ସେଇ ଡାଏରୀରେ ଦୁଇଧାଡ଼ି ପଢ଼ିଥିଲି:- "ବୋଉ ମୁଁ ଯେବେ ଏକୁଟିଆ ହୁଏ, ଅସୁସ୍ଥ ଥାଏ କିମ୍ବା ସମସ୍ୟାରେ ପଡ଼େ, ତୋର ଅନୁପସ୍ଥିତିକୁ ଉପଲବ୍ଧି କରିପାରେ ନାହିଁ, ବରଂ ପ୍ରତିଟି ମୁହୂର୍ତ୍ତ ମୁଁ ତତେ ଅତି ନିବିଡ଼ ଭାବରେ ପାଏ.... ।

ହଠାତ୍ ପାଣିକୁଆ ମାଛ ଛାମ୍ପିଲା ଭଳି ସ୍ମୃତି ମୋ ହାତରୁ ଡାଏରୀଟି ଛଡ଼ାଇନିଏ । ଆରମ୍ଭ ହୁଏ ଗୋଟିଏ ଶୀତଳଯୁଦ୍ଧ । ପରେ ଅବଶ୍ୟ ସବୁକିଛି ସମାଧାନ ହୋଇଯାଏ; କାରଣ ସ୍ମୃତିର ସବୁଠୁ ଭଲ ଗୁଣ ସେ କାହା ଉପରେ କେତେ ବି ରାଗି ପାରେନାହିଁ । ଶତ୍ରୁକୁ ମିତ୍ର ଭଳି ବ୍ୟବହାର କରେ । ମୁଁ ପୁଣି ଭାବିବାକୁ ବାଧ୍ୟହୁଏ ତା'ର ବୋଉ କଥା । କେତେ ସଂସ୍କାର ଦେଇଛନ୍ତି ତା'କୁ, ଶିଖାଇଛି କେତେ ଶାଳୀନତା । ସତରେ ଏ ବୋଉମାନେ କେମିତି ହୋଇଥିବେ ଯେ, ଏତେ ଭଲ ମଣିଷ କେମିତି ଗଢ଼ନ୍ତି ସେମାନେ ?

ତା' ବୋଉକୁ ଥରଟିଏ ଭେଟିବାକୁ ମୋ ଆଖିରେ, ମନରେ ଆକାଂକ୍ଷା ବଢ଼ିଚାଲେ । ସେ କିନ୍ତୁ ତା'ଘରକୁ କାହାକୁ ବି ନିଏନି । ଓଲଟା କୁହେ "ମୋ ଘର କ'ଣ ଚିଡ଼ିଆ ଖାନା ।" ସେଠାକୁ ବୁଲିବାକୁ ଯିବ । ହାହାହା.... । ଆମେ ବି ହସିଦେଉ ।

ଏଇ କିଛି ଦିନ ତଳେ ଓଡ଼ିଶା ପ୍ରଶାସନିକ ପରୀକ୍ଷାର ଫଳ ପ୍ରକାଶିତ ହେଲା । ଜାଣିବାକୁ ପାଇଲି ସ୍ମୃତି ଓଡ଼ିଶାର ସମସ୍ତ ପରୀକ୍ଷାର୍ଥୀମାନଙ୍କୁ ପଛରେ ପକାଇ ପ୍ରଥମ ହୋଇଛି । ଏପରି ଏକ ସୁଯୋଗକୁ ଅନେକ ଦିନ ତଳୁ ମୁଁ ଅପେକ୍ଷା କରିଥିଲି । ଆଉ ଡେରି ନକରି ଅନ୍ୟ ସାମ୍ବାଦିକ ବନ୍ଧୁମାନଙ୍କ ସହିତ ନିଜର ସରଞ୍ଜାମ ଧରି ବାହାରିପଡ଼ିଲି । ଆଜି ମୁଁ ତା'ର ବନ୍ଧୁ ନୁହେଁ କେବଳ ସାମ୍ବାଦିକ । ହଁ କିନ୍ତୁ ସ୍ମୃତିର ବୋଉକୁ ଭେଟିବାର ଅଭିଳାଷଟିକୁ ଏଯାଏ ମୁଁ କବର ଦେଇପାରିନଥାଏ ।

ଅନେକ ପ୍ରଶ୍ନ ପଚରା ଚାଲିଥାଏ । ସେ ଅତି ଚମତ୍କାର ଭାବରେ ଉତ୍ତର ଦେଇଚାଲୁଥାଏ । ଜଣେ ବନ୍ଧୁ ପଚାରିଲେ ଆପଣଙ୍କର ସଫଳତାର ଶ୍ରେୟ କାହାକୁ ଦେବେ, ଆପଣଙ୍କ ପାଇଁ ପ୍ରେରଣାର ମଶାଲ୍ କେଉଁମାନେ ? ସେ ଅତି ସରଳ ଭାବରେ କହିଲା, "ବାପା ବୋଉ" ।

ଆଉ ଜଣେ ବନ୍ଧୁ ଅନୁରୋଧ ଭରା ସ୍ୱରରେ କହିଲେ, ଆପଣଙ୍କୁ ଗଢ଼ିଥିବା ସେଇ ଦୁଇଜଣ ଶ୍ରେଷ୍ଠ ପିତାମାତାଙ୍କ ସହିତ ପ୍ରଥମେ ଆପଣଙ୍କର ଏକ ଫଟୋଚିତ୍ର ନିଆଯାଉ । ନଚେତ୍ କାଲି ଆପଣଙ୍କର କାହାଣୀ ପଢ଼ିବା ସମୟରେ ପାଠକମାନେ ସଫଳତା ପ୍ରଚ୍ଛଦପଟ୍ଟର ସେଇ ସୃଷ୍ଟିକର୍ତ୍ତାଙ୍କୁ ନଭେଟି ନିରାଶ ହୋଇପାରନ୍ତି ।

ସମସ୍ତେ ସମ୍ମତିର ମୁଣ୍ଡ ଟୁଙ୍ଗାରିଲା ପରେ ସ୍ମୃତି "ବାପା", "ବାପା" ବୋଲି ଡାକିଲା । ସେହି ସମୟରେ ମୋ ପାଟିରୁ ଅପ୍ରସ୍ତୁତ ଭାବରେ ବାହାରି ପଡ଼ିଲା ଆଉ "ବୋଉ" ? ହୁଏତ ମୋ ପାଟିରୁ ଆକସ୍ମିକ ଭାବରେ ବୋଉ ନିଜେ ବାହାରି ପଡ଼ିବାର ଯଥେଷ୍ଟ କାରଣ ଥିଲା । ବୋଧହୁଏ ମୁଁ ଅନେକ ଦିନ ତଳରୁ ସ୍ମୃତିର ବୋଉଙ୍କୁ ଭେଟିବାକୁ ବ୍ୟାକୁଳ ଥିଲି ।

ସ୍ମୃତି ବୈଶାଖ ମଧ୍ୟାହ୍ନରେ ପ୍ରବାହିତ ଅଣଚାଷ ପବନ ଭଳି ଏକ ଦୀର୍ଘଶ୍ୱାସଟିଏ ନେଲା ଯେପରି ଆମର କୌଣସିକଥା ତା' ମନରେ ଶୁଖି ଆସୁଥିବା 'ଘା'କୁ ଉଖାରି ଦେଇଛି । ଆମେ ଚକିତ ଆଉ ସଙ୍କୋଚିତ ହୋଇ ତାକୁ ଚାହିଁଥାଉ ସେ କହିବାକୁ ଆରମ୍ଭ କଲା ।

ହଁ ବୋଉ ! ମୋ ଦୁଇ ଆଖି ତାଙ୍କୁ ଭେଟିବା ପୂର୍ବରୁ ସେ ମତେ ମା' ଛେଉଣ୍ଡ କରିସାରିଥିଲେ । ବାପାଙ୍କୁ ଦ୍ୱିତୀୟ ବିବାହ ପାଇଁ ଅନେକ ତାଗିଦ୍ କରାଯାଇଥିଲେ ମଧ୍ୟ ମୋର କୌଣସି ଅବହେଳା ହେବାର ଆଶଙ୍କା କରି ସେ ଅନିଚ୍ଛା ପ୍ରକାଶ କରିଛନ୍ତି । ଅନେକ ଲୋକ ତାଙ୍କୁ ପରାମର୍ଶ ଦେଇଛନ୍ତି; ଏତେ କୁନି ପିଲାଟିକୁ ପାଳିବା ସେତେଟା ସହଜ ନୁହେଁ । ତା' ପାଇଁ ମା'ଟିଏ ନିହାତି ଲୋଡ଼ା । ସେଦିନ

ବାପା ନିରବ ଥିଲେ କିନ୍ତୁ ଆଜି ହୁଏତ ଆଉ ସେମାନଙ୍କୁ ଉତ୍ତର ଦେବା ଆବଶ୍ୟକ ହେବନାହିଁ।

ଯେତେବେଳେ ରାତିରେ ମୋ ଆଖିକୁ ନିଦ ଆସେନି ସେ ଦିନଯାକର ହାଡ଼ଭଙ୍ଗା ପରିଶ୍ରମକୁ ଭୁଲି ମତେ ଲୋରୀ ଶୁଣାନ୍ତି। ଜହ୍ନମାମୁଁ, ବୁଢ଼ୀ ଅସୁରୁଣୀ, ରାଜାରାଣୀ, ପରୀକାହାଣୀ, କେତେ କଥା କୁହନ୍ତି। ଯେତେବେଳେ ମୁଁ ମୁଣ୍ଡ କୁଣ୍ଡାଇବାକୁ ଯାଏ, ସେତେବେଳକୁ ବାପା ପାନିଆ ଧରି ସାରିଥାନ୍ତି। ଅତି ଯତ୍ନରେ ମୋ ମୁଣ୍ଡରେ କେତେ ରକମର ବେଣୀ କରି ଦିଅନ୍ତି। ରବିବାର, ଛୁଟିଦିନମାନଙ୍କରେ ପୋଷାକପତ୍ର ସଫା କରିବାକୁ ବାହାରିଲେ ମୁଁ ଦେଖେ ସବୁ ପୋଷାକ ଇସ୍ତ୍ରୀ ହୋଇ ସାରିଥା'ନ୍ତି। ରୋଷେଇ ଘରକୁ ଯେବେ ଯାଏ ଦେଖେ ରୋଷେଇ ପ୍ରସ୍ତୁତ ସରିଛି। ଯେବେ ଜ୍ୱର ହୁଏ କିଛି ଜାଣିପାରେନି, ଟିକେ ସୁସ୍ଥ ଲାଗିଲେ ଦେଖେ ମଥା ପାକେ ବାପା ପାଣି ପଟି ବଦଳାଉଥା'ନ୍ତି। ନିଜ ହେବାଯାଏ ବହିକୁ ଜାବୁଡ଼ି ଧରିଥିଲେ ମଧ୍ୟ ସକାଳେ ବହିପତ୍ର ଖେଳାମେଳା ହୋଇ ନପଡ଼ି ବରଂ ଥାକରେ ସଜଡ଼ା ହୋଇ ସାରିଥିବାର ଦେଖେ।

ମୋ ବାପା କ'ଣ କୃଷକ। ମୁଁ ଦୁଃଖି ନୁହେଁ ଗର୍ବିତ। ମୁଁ ଆଜି ଯାହାକୁ ପାଉଛି ସବୁତ ତାଙ୍କ ପାଇଁ ସମ୍ଭବ। ସେ ମୋର ବାପା କମ୍ ବେଶି ବୋଉ। ଆଜିପର୍ଯ୍ୟନ୍ତ ବାପାଙ୍କୁ ନେଇ ସମାଜର କୌଣସି ସମ୍ବେଦନଶୀଳତା ମୁଁ ଦେଖିନାହିଁ। ବୋଉଙ୍କୁ ନେଇ ଶହ ଶହ ଗଳ୍ପ, ଉପନ୍ୟାସ, କବିତା କିନ୍ତୁ ଆପଣମାନେ କୁହନ୍ତୁ :- ମୋ ବାପା କ'ଣ କୌଣସି ବୋଉଙ୍କଠାରୁ କୌଣସି ଗୁଣରେ କମ୍?'

ମୁଁ ତ କହିବି ସେ ମୋର କେବଳ ବାପା ନୁହନ୍ତି, ସେ ମୋର ବୋଉ!! ସବୁ ଜନ୍ମରେ ମୁଁ ତାଙ୍କୁ କେବଳ ଚାହେଁ। କେବଳ ତାଙ୍କୁ।'

ଆଖିରେ ମୋର ନାଚିଯାଏ – ସ୍ମୃତିର ଡାଏରୀରୁ ଲୁଚାଇ ପଡ଼ିଥିବା ସେଇ କେତେଧାଡ଼ି। ଆଖିରେ ଲୁହ ଟଳମଳ। ସାମ୍ନାରେ କବାଟ ଫାଙ୍କରୁ ଝାପ୍‌ସା ଦିଶୁଥାନ୍ତି କାନ୍ଧରେ ଗାମୁଛା ପକାଇଥିବା ଜଣେ ବୃଦ୍ଧ। ତାଙ୍କ ଆଖିରେ ବି ଲୁହର ଜୁଆର। ମୁଁ ନିଶ୍ଚିନ୍ତ ହୁଏ ବୋଉ ବୋଧହୁଏ ଏହିଭଳି ଏକ ସୁନ୍ଦର ଚରିତ୍ର!

ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ



# ଲାଲ୍‌ବତୀ

◆ ସୋମ୍ ପ୍ରକାଶ ତ୍ରିପାଠୀ

ଓଃ ! ବାର୍ଦ୍ଧକ୍ୟଜନିତ ଯନ୍ତ୍ରଣାକୁ ଆଉ ସହି ନ ପାରି ମୋବାଇଲ ଦୋକାନରେ କାଠ ଚଉକିରେ ବସିପଡ଼ିଲେ ପୁରୁଷୋତ୍ତମ ବାବୁ । କରିବେ ବା କ'ଣ ? ୭୫ ବର୍ଷର ବୁଢ଼ା, ଶରୀର ଦୁର୍ବଳ ହୋଇଗଲାଣି । ସବୁ କାମ ନିଜେ ହିଁ କରିବାକୁ ପଡୁଛି । ସ୍ୱାର୍ଥପର ଦୁନିଆରେ ନିଜେ ହିଁ ଏକେଲା ନିଜର ସାହାଭରସା ହୋଇ ସମୟ କାଟୁଛନ୍ତି । ସାମାନ୍ୟ ଟିକେ ନିଶ୍ୱାସ ମାରି ଦୋକାନୀ ମୁନାକୁ ପଚାରିଲା; "ଦେଖିକରି ବୋଲ୍ ଫୋନଟା କାମ କରୁଛେ କି ନା ।" ମୁନା ଫୋନ୍‌ଟିକୁ ଭଲକି ନିରୀକ୍ଷଣ କରୁଥାଏ, ବୁଢ଼ା ଦେଖିଲା ବାମ ପଟେ କ୍ଷୀର ଦୋକାନ । ସେଠାରେ ଗୋଟେ ଛୋଟ ପିଲାଟି ଚକ୍‌ଚକ୍ କରୁଥିବା ସୁଆଦିଆ ଚକୋଲେଟ୍ ଖାଇବା ଲାଗି ବାପାଙ୍କ ନିକଟରେ ଅଳି କରୁଥିଲା । ହଠାତ୍ ମନେ ପଡ଼ିଗଲା ୨୦ ବର୍ଷ ତଳର କଥା । କେମିତି ତାଙ୍କ ପୁଅ ରାଜୁ ଚକୋଲେଟ୍ ଖାଇବ ବୋଲି ଅଳି କରୁଥିଲା । ପୁଣି ଭାବନାର ଦୁନିଆରୁ ଅସଲ ଦୁନିଆକୁ ପୁରୁଷୋତ୍ତମ ବାବୁ ଫେରି ଆସିଲେ ମୁନାର ସେ ମଉସା ଡାକରେ । କହିଲା, ନା ମଉସା । ଫୋନ୍‌ଟିର କିଛି ଅସୁବିଧା ନାହିଁ । ଭଲ ସ୍ଥିତିରେ ଅଛି । ଏହା ଶୁଣି ବୁଢ଼ାର ମନ ବିକଳ ହୋଇଗଲା । ପଚାରିଲେ ଯଦି ଫୋନ୍ ଠିକ୍ ଅଛି ତା' ହେଲେ ମୋ ପୁଅ ରାଜୁ ଫୋନ୍ କାହିଁକି କରୁନି ? ମୁନା ତାର ସେଇ ବିକଳ ଆଖି ଏବଂ ନିରାଶାକୁ ସାମ୍ନା କରିପାରିଲାନି ଏବଂ ଚୁପ୍ ରହିଲା । ମୁନା କିଛି ଜାଣିନି, ପିଲାଟା । ଫୋନ୍‌ଟା ଆପେ ଆପେ ଠିକ୍ ହେବ । ଠିକ୍ ହେଲା ପରେ ମୋ ପୁଅ ରାଜୁ ଫୋନ୍ କରିବ । ଏହା ମନକୁ ବୁଝାଇ ଚାଲିଯାଉଥାଏ ବୁଢ଼ା ବେଳାଭୂମି ଆଡ଼କୁ ।

ମନେ ପଡୁଥାଏ ଜୀବନର ସବୁ ଘଟଣା । କିଭଳି ତାଙ୍କୁ ୧୯୭୧ ମସିହାରେ ବଂଗଳା ବିଭାଜନରେ ତଡ଼ି ଦିଆଯାଇଥିଲା । ପିତାମାତାଙ୍କୁ ହରାଇଥିଲା ଏବଂ ଶେଷରେ ପୁରୀ ସହରକୁ ଆସି ନିଜ ଶିଙ୍ଗରେ ମାଟି ତାଡ଼ି ଗୋଟିଏ କିରାଣୀ ଚାକିରୀଟିଏ ପାଇଥିଲା । ସୁଲୁସୁଲିଆ ପବନ ବୋହୁଥାଏ, ହଠାତ୍ ବୁଢ଼ାର ନଜର ପଡ଼ିଲା ଏକ ଚମକୁଥିବା ମଣିସଦୃଶ ଲାଲ୍‌ବତୀ ଉପରେ । ଯେଉଁଟା କି ଆବହମାନ କାଳରୁ କୌଣସି ଏକ ବଡ଼ ଜାହାଜରୁ ସବୁ ଦିନ ସନ୍ଧ୍ୟାବେଳରେ ଏକ ନିର୍ଦ୍ଦିଷ୍ଟ ସମୟରେ ସାଗର କେନ୍ଦ୍ରରେ ୫-୧୦ ମିନିଟ୍ ପାଇଁ ଦେଖା ଦେଇଥାଏ । ଯେଉଁ ଦିନ ବୁଢ଼ା ପୁରୀରେ ପହଗ ?ଥିଲା ସେହି ଦିନ ବି ଏ ଲାଲ୍‌ବତୀ ଜଳୁଥିଲା । ବାସ୍ ତା'ପରେ ହଠାତ୍ ବନ୍ଦ ହୋଇଯାଇଥିଲା । ମନେପଡୁଥିଲା ସୁବ୍ରତା ଦେବୀଙ୍କ ସହ ସେ ବେଳାଭୂମିରେ ବିତେଇଥିବା ସୁବର୍ଣ୍ଣ ମୁହୂର୍ତ୍ତ, ପୁଅ ରାଜୁ ଓ ଝିଅ ଉଷାଙ୍କର ସେ ପିଲାଦିନର ମନଲୋଭା ହସ ଯେଉଁଟାକି ତାଙ୍କର ସମୁଦ୍ରକୁ ଦେଖିଲେ ଫୁଟି ଉଠୁଥିଲା । ସୁବ୍ରତା ଦେବୀ ତ ଅଧା ବାଟରୁ ହିଁ ତାଙ୍କ ହାତଛାଡ଼ି ଚାଲିଯାଇଥିଲେ ଆର ପାରିକି । ଝିଅ ଉଷା ଅଜାତିରେ ବାହା ହୋଇ ବିଲାତକୁ ପଳାଇଲା । ସେଥିପାଇଁ ଅବଶ୍ୟ ବୁଢ଼ା ଟିକିଏ ଅଭିମାନ କରିଥିଲା । କିନ୍ତୁ ମନେ ମନେ କ୍ଷମା କରିଦେଇଥିଲା । ବିବାହ ପରେ ଝିଅ ମଧ୍ୟ ଦୁଇ-ତିନିଥର ଆସିଥିଲା । କିନ୍ତୁ ସୁବ୍ରତା ଦେବୀଙ୍କ ଦେହାନ୍ତ ପରେ ଆଉ ତାର ଦେଖାସାକ୍ଷାତ୍ ମିଳି ନ ଥିଲା । ଆସିବ ବା କାହିଁକି ? ନିଜ ବାପାର ବାଲି ଭଳିଆ ଖସିଯାଉଥିବା ଆୟୁକୁ ଜାବୁଡ଼ି ଧରିବାଠାରୁ ଭଲ ନିଜ ଘରସଂସାର ପାଇଁ କାମ କରିବା । ଏହା ଚିନ୍ତା କରୁଥିଲା ବୁଢ଼ା, ଝିଅ ବିଲାତରେ ଘରସଂସାର କରି ଖୁସିରେ ଅଛି ବୋଲି । ଟିକିଏ ନିଶ୍ଚିନ୍ତ ଥିଲା । ଚିନ୍ତା ଥିଲା ତ ରାଜୁର । ସରଳିଆ ପିଲା କେମିତି ଓ କେଉଁଠି ଥିବ ଓ କେଉଁ ଅବସ୍ଥାରେ ଥିବ । କେତେ ଚିଠି ଯେ ଖଡଗପୁର ଗଲାଣି । ଗୋଟିଏର ବି ଉତ୍ତର ମିଳିନାହିଁ । ହେଇଥିବ କି ରାଜୁ ଏବେ ଗୋଟେ ବହୁତ ବଡ଼ ବାବୁ, ଏତେ କାମ ଥିବ କି ନିଶ୍ୱାସଟେ ମାରିବାକୁ ମଧ୍ୟ ସମୟ ହେଉନଥିବ । ହେଇପାରେ କି ସେ ବାହା ହେଇଯାଇଥିବ, ନାତିନାତୁଣୀ ମଧ୍ୟ ଥିବେ, ସମୟ କାଢ଼ିକି

ସେ କେବେ ଆସିବ ଓ ମୋତେ ତା’ କଂପାନୀକୁ ନେବ । ବୋହୂ ପରଶା ଖୋଇବ ଏହିସବୁ ଚିନ୍ତା ଘୁରିବୁଲୁଥିଲା ବୁଢ଼ା ମୁଣ୍ଡରେ । ମନେ ପଡ଼ିଲା ନିଜର ଭୁଲ, ପୁଅ କହିଥିଲା ତା ସାଙ୍ଗ ତ୍ରିବିକ୍ରମର ମାମୁଁଙ୍କ କମ୍ପାନୀ ଏବଂ ଏକଲକ୍ଷ ଟଙ୍କାରେ ଏକ ଉଚ୍ଚପଦସ୍ଥ ଚାକିରି ଦେବ । ଏହି ଚାକିରି ଖଡ଼ଗପୁରରେ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲା । ପୁଅ ଅଡ଼ି ବସିଥିଲା ସେଠାକୁ ଯିବ ବୋଲି । କିନ୍ତୁ ଅରାଜି ବୁଢ଼ା ଟଙ୍କା ଦେଲା ନାହିଁ । ଏଣୁ ସେ ଅଫିସ୍ ଯିବା ସମୟରେ ସୁବ୍ରତା ଦେବୀ ଗଡରେଜ୍‌ରୁ କାଢ଼ି ପୁଅକୁ ଦେଇଥିଲେ ଏକ ଲକ୍ଷ ଟଙ୍କା । ବୁଢ଼ା ଗଲା ଚା’ ପିଇବାପାଇଁ ସେ ସମୁଦ୍ରକୁଳିଆ ଦୋକାନକୁ ଯାହାକୁ ଚଲାଉଥିଲେ ପ୍ରସାଦ ଭାଇ ।

ପ୍ରତିଦିନ ଏକ ଘଟଣା ଘଟେ, ବୁଢ଼ା ଚାହା ପିଇବା ସମୟରେ ସବୁବେଳେ ଗୋଟେ ଗୋଡ଼ ଭଙ୍ଗା ଭିକାରୀଟେ ଆସେ ହାମୁଡ଼ି ହାମୁଡ଼ି । ମୁଣ୍ଡ ନୂଆଇ ଗିନାଟା ଦେଖାଏ । ବୁଢ଼ା କିଛି ପଇସା ଦିଏ ଓ ସେ ବୁଢ଼ାର ଦୁଇଟି ପାଦକୁ ମୁଣ୍ଡରେ ମାରି ଚାଲିଯାଏ । ଦିନେ ପ୍ରସାଦ ଭାଇଙ୍କ ମନରେ ଉତ୍କଣ୍ଠା ଦେଖାଦେଲା ଯେ ଆଜିକାଲିର ଭିକାରୀମାନେ ଯେତେ ଦେଲେ ମଧ୍ୟ ନାକ ଟେକନ୍ତି, କିନ୍ତୁ ବୁଢ଼ା ଯାହା ଦିଏ ସେ ଭିକାରୀ ନେଇ ପ୍ରଣାମ କରେ ଏବଂ ଆଉ କୌଣସି ଗ୍ରାହକଙ୍କୁ କିଛି ମାଗି ନଥାଏ । ଏହା ପ୍ରସାଦ ଭାଇ କହିଲା ବୁଢ଼ାକୁ, ବୁଢ଼ା ମଧ୍ୟ କହିଲା କି ଏତେ ଦିନ ହେଲାଣି ସେ ସେହି ଭିକାରୀର ଚେହେରା ଦେଖିନି । ହଉ ଆଜି ଆସୁ ଦେଖିବା । ଭିକାରୀଟି ଆସିଲା ଏବଂ ପଇସା ନେଲା । ପ୍ରଣାମ କିଭଳି ଚାଲିଯାଉଥିବାବେଳେ ବୁଢ଼ା କହିଲା ଶୁଣିଲ ବାବୁ, ଭିକାରୀ କିନ୍ତୁ ଚାଲିଯାଉଥାଏ ଏହା ଭିତରେ ବୁଢ଼ାଟି ଭିଡ଼ିଦେଲା ଭିକାରୀଟିର କମ୍ବଳ । ବାମ ହାତରେ ସେହି କଳାଜାଇ ଓ ବଦନକୁ ଲୁଚଉଥିବା ସେହି ଜାମା ଖଣ୍ଡଟେ ଯେଉଁଟା କି ସୁବ୍ରତା ଦେବୀ ଦେଇଥିଲେ ରାଜୁକୁ । ମୁହଁଟା ଯେମିତି ପୋଡ଼ିଯାଉଛି ଓ ଦାଢ଼ିଗୁଡ଼ିକ ସବୁ ଛାତି ପର୍ଯ୍ୟନ୍ତ ପହଞ୍ଚିଗଲାଣି । ସେଇଠି ଆଣ୍ଠେଇପଡ଼ି ବୁଢ଼ା ଭିକାରୀକୁ କୁଣ୍ଢାଇ ପକାଇଲା ରାଜୁ ବୋଲି ଚିତ୍କାର କରି । ଦୁହିଁଙ୍କ ଆଖିରୁ ଝରିପଡ଼ିଲା ଅଶ୍ରୁ । ରାଜୁ ଚିନ୍ତାରେ ପଡ଼ିଗଲା କ’ଣ ବୁଝାଇବ ବାପାଙ୍କୁ । କ’ଣ ବା କହିଥାନ୍ତା । ଖଡଗପୁରରେ ପହଂଚିବା ପରେ କିଛି ଦିନରେ ଜାଣିବାକୁ ପାଇଲା କି କେଉଁ ବଡ଼ କମ୍ପାନୀରେ ନୁହେଁ ବରଂ ତ୍ରିବିକ୍ରମ ତାକୁ ଚୋରୀ ତସ୍କରୀରେ ସାହାଯ୍ୟ କରିବାପାଇଁ ଆଣିଛି, ଯାହାବି ହେଲେ ବାପା ସହିତ ଝଗଡ଼ା କରି ନଥିଲା । ଏଣୁ କିଛି ଜଣାଇ ପାରୁନଥିଲା । ଫେରିବ ବି କେମିତି ? ବିବେକ ଅନୁମତି ଦେଉନଥାଏ । କିନ୍ତୁ ଏହି କଣ୍ଟକିତ ପଥରେ ଚାଲିବାକୁ ହିଁ ପଡ଼ିବ, ନିରୂପାୟ । ଦିନ ଆସିଲା ତସ୍କରୀରେ ତା’ ନାଁ ଦିଆହୋଇଗଲା । କାରାଦଣ୍ଡ ନ ହେଉ ଏହା ବିଚାରି ସେ କଳେବଳେ କୌଶଳେ ଖସି ପଳାଇଆସିଲା ପୁରୀକୁ । କିନ୍ତୁ ରାସ୍ତାରେ ହେଲା ଏକ ଦୁର୍ଘଟଣା । ଭାଙ୍ଗୀଗଲା ଦୁଇଟା ଗୋଡ଼ । ନିଜ ସାଙ୍ଗର ବିଶ୍ୱାସଘାତକତା ସହିପାରୁନଥାଏ । ଯାଇ ଯାଇ ପହଞ୍ଚିଲା ନିଜ ଘରେ । ଦେଖିଲା ବୋଉକୁ ଶବସତ୍କାର ପାଇଁ ନିଆଯାଉଛି ।

ଘରକୁ ବା ଫେରିବ କେମିତି ? ନିଜ ବାପାକୁ କଷ୍ଟ ନ ଦେବ ବୋଲି ଭାବିଲା ଭିକ୍ଷାବୃତ୍ତି କରିବ । ସହଜେ ବୃଦ୍ଧ ବାପାଟିର ପଇସାପତ୍ର ଅଭାବ ଏବଂ ନିଜେ ମଧ୍ୟ ଅକର୍ମଣ୍ୟ । ଏଣୁ ବାପାଙ୍କର ଚିନ୍ତା ବଢ଼ାଇ କିଛି ଲାଭ ନାହିଁ । ଏହିସବୁ କଥା ଭାବୁଥାଏ ରାଜୁ, ହଠାତ୍ ଦେଖିଲା ବାପା ସ୍ଥିର ହେଇଯାଇଛନ୍ତି । ଏମିତି ଅବସ୍ଥାରେ ତା’ କାନ ଯାଇ ଲାଗିଲା ବୁଢ଼ାର ଛାତି ପାଖରେ । ହୃଦ୍‌ସ୍ପନ୍ଦନ ଅନୁଭବ କରିପାରିଲା ନାହିଁ ।

ବହୁଥର ବାପା, ବାପା ଡାକିଲା । ଲିଭିଯାଇଥିଲା ଜଳୁଥିବା ସେ ଲାଲ୍‌ବତୀ, ଯାହାକି କେବେ ଚମକୁଥିବା ମଣିପରି ଦୃଶ୍ୟମାନ ହେଉଥିଲା ଓ ଲୋକଙ୍କୁ ନିଜ ଆଲୋକରେ ଉଲ୍ଲସିତ କରୁଥିଲା । ‘ବାପା’ ବୋଲି ଏକ ବିରାଟ ଚିତ୍କାର ଛାଡ଼ି ଭୋ... ଭୋ... କରି କାନ୍ଦିପକାଇଲା ରାଜୁ । କିଛି ସମୟ ପରେ ଖୁବ୍ ଯୋର୍‌ରେ ହସିବାକୁ ଲାଗିଲା । ଆଖପାଖ ଲୋକେ କିଛି ବୁଝିପାରୁନଥିଲେ । ସେ ସରଳିଆ, ସ୍ୱାଭିମାନୀ ଏବଂ ପିତୃଭକ୍ତ ପୁତ୍ର ଆଦି ପାଲଟିଯାଇଥିଲା ଉନ୍ମାଦ । ସାଗରମଣି, ସାଗରମଣି ପାଟି କରିକରି ମାଡ଼ିଯାଉଥିଲା ସେହି ସିନ୍ଧୁ ଗର୍ଭକୁ ଯେଉଁଠି ଜଳୁଥିଲା ଲାଲ୍‌ବତୀ ।

ଡି.ଏ.ଭି. ପବ୍ଲିକ୍ ସ୍କୁଲ, ୟୁନିଟ୍ – ୮, ଭୁବନେଶ୍ୱର

# ଚିନ୍ତା

◆ ସ୍ୱଦେଶ ବେହୁରିଆ

ଆଜିର ଶିଶୁ ଆସନ୍ତା କାଲିର ଭବିଷ୍ୟତ । ଏହା ଆଜିର ସଭ୍ୟ ସମାଜକୁ ଭଲ ଭାବେ ଜଣା । ପ୍ରାଚୀନ ଯୁଗରେ ପିଲାଟିଏ ମା'ର ଗର୍ଭରେ ସ୍ଥାନ ନେବା ପରଠାରୁ, ମା'କୁ ଏକ ଆଧ୍ୟାତ୍ମିକ ବାତାବରଣ ମଧ୍ୟରେ ରଖାଯାଇଥାଏ । ୧୦ମାସ ୧୦ ଦିନର ନିଷ୍ଠୁର ପ୍ରତୀକ୍ଷାର ଅନ୍ତ ଘଟାଇ ପିଲାଟି ଜନ୍ମ ନେଇଥାଏ । ପିଲାଟିକୁ ଏକ ସଫଳ ବ୍ୟକ୍ତିତ୍ୱରେ ପରିଣତ କରିବା ପାଇଁ ସେ ହୁଏ ଦୃଢ଼ମନା । ପ୍ରାଥମିକ ସ୍ତରରେ ଶିଶୁର ଚରିତ୍ର ଗଠନକୁ ପ୍ରାଧାନ୍ୟ ଦିଆଯାଉଥିଲା, ତା'ପରେ ଆସେ ଶିଶୁର ଶିକ୍ଷା ଓ ଶେଷରେ ଜୀବିକାର୍ଜନରେ ଉପାୟ । କିନ୍ତୁ ଏବେ ସ୍ଥିତି ଭିନ୍ନ, ଆଜିକାର ବୁଲେଟ୍ ଟ୍ରେନ୍‌ର ଯୁଗରେ ଆଉ ସେସବୁ କଥା କାହାର ମନେ ନାହିଁ, କିମ୍ବା ମନେ ରଖି ମନେ ପକାଉନାହାନ୍ତି । ସମସ୍ତଙ୍କୁ ନିଜ ଘରେ ଡକ୍ଟର, ଇଂଜିନିୟର ପରି ଉଚ୍ଚପଦସ୍ଥ କର୍ମଚାରୀ ଦରକାର ।

ଗୋଟିଏ ପିଲାକୁ ଆଜିକାର ଯୁଗରେ 'ଭଲ' କହିବା ଅର୍ଥାତ୍ ତା'ର ଶ୍ରେଣୀ ପରୀକ୍ଷାରେ ଥିବା ମାର୍କ କୁ ହିଁ ବଝାଏ । ପିଲାବେଳୁ ବାପା-ମା'ମାନେ ସ୍କୁଲ୍ ଓ ଟିଉସନ୍ ଆଦିରେ ପିଲାଟିକୁ ଏତେ ମାତ୍ରାରେ ବ୍ୟସ୍ତ ରଖିଦିଅନ୍ତି ଯେ ପିଲାଟି ନିଜର ମାନସିକ କ୍ଳାନ୍ତିକୁ ଦୂରକରିବା ପାଇଁ କିଛି ମାଧ୍ୟମ ପାଇନଥାଏ । ଶେଷରେ ସେ ବାଛିନିଏ Cartoon Programme, Mobile Phone, Video Game ପରି ନିର୍ଜୀବ ସାଥୀ । ଫଳରେ ପିଲାଟି ଦୂରେଇଯାଏ ଆଇମା' କାହାଣୀର ନୈତିକତାକୁ ଯାହାଦ୍ୱାରା କୋମଳମତି ପିଲାଟିର କୋମଳତା ହ୍ରାସ ପାଇଥାଏ ଏବଂ ତା'ର ହୃଦୟରେ ଭରିଯାଏ ଅନୈତିକ ଓ ଅସଂଗତି କର୍କଶତା । ଏହି କର୍କଶତା ହିଁ ତାକୁ ଭବିଷ୍ୟତରେ ଏକ ମଦ୍ୟପ କିମ୍ବା ବଳାତ୍କାରୀ ହେବା ପାଇଁ ଖୋରାକ୍ ଯୋଗାଇଥାଏ ।

ଏହିପରି କିଛି ଅମାନବୀୟ କାରଣ ପାଇଁ ଭାରତର ଶହ ଶହ ଯୁବକ ପଥଭ୍ରଷ୍ଟ ୨୦୧୧/୧୨ ମସିହାରେ ଭାରତରେ ଏକ ମଦ୍ୟପର ହାରାହାରି ବୟସ ଥିଲା ୧୬ ବର୍ଷ; ମାତ୍ର ବର୍ତ୍ତମାନ ଏହା ଆସି ପହଞ୍ଚିଛି ୧୨ବର୍ଷରେ, ବିଶ୍ୱର ପ୍ରମୁଖ ୫ଟି ବଳାତ୍କାରୀ ଦେଶ ମଧ୍ୟରେ ଭାରତର ଉପସ୍ଥିତି, ଆମ କୁତ୍ସିତ କଦାକାର ମାନବିକତାର ସ୍ୱାକ୍ଷର ବହନ କରୁଛି । ଆଜିର ଯୁଗକୁ ଆଧୁନିକ କହୁଥିବା ଲୋକଙ୍କୁ ଗୋଟିଏ ପ୍ରଶ୍ନ - "ଏହି ଏକବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଏଭଳି ମାନସିକତାର କାରଣ କ'ଣ ?"

ଆଜିକାଲି ଶିକ୍ଷାନୁଷ୍ଠାନମାନଙ୍କର କଥା ନକହିବା ଭଲ । ବିଶ୍ୱବିଦ୍ୟାଳୟରେ ପାଦ ଦେଉ ଦେଉ ମାତିଯା'ନ୍ତି କଲେଜ ନିର୍ବାଚନରେ ଯେଉଁଠି ଛାତ୍ରମାନେ ରାଜନୈତିକ ଦଳ ସମ୍ମୁଖରେ ପାଲଟିଯାଆନ୍ତି ଗୋଟିଏ ଗୋଟିଏ ପୋଷାକୁକୁର । ତାଙ୍କରି ପାପ ସାମ୍ରାଜ୍ୟରେ ଚାଲନ୍ତି, ତାଙ୍କ ପାଦ ସହ ତାଳଦେଇ । ଛାତ୍ର ରାଜନୀତି ନାଁରେ ଚାଲେ ଖୁଲମ୍‌ଖୁଲା ଗୁଣ୍ଡାଗିରି । ଭବିଷ୍ୟତରେ ଏମାନଙ୍କ ମଧ୍ୟରୁ ଜଣେ କିଏ ଆମକୁ ଶାସନ କରିବ । ଟିକେ ଭାବି ଦେଖତ, ଅବସ୍ଥା କ'ଣ ହେବ । ଏବେ ଆମ ଦେଶର ବା ରାଜ୍ୟର ଚାଷୀମାନଙ୍କ କଥା । ଦେଶ ଓ ରାଜ୍ୟ ଏକା ସାଙ୍ଗରେ ଏଥିପାଇଁ କହିଲେ ଯେ - କେଉଁଠାରେ ବି ସେମାନଙ୍କର ଅବସ୍ଥା ଭଲନାହିଁ । ପ୍ରତିଦିନ ଚାଷୀମାନେ ସରକାରଙ୍କ ନିକଟରେ ଗୁହାରି କରୁଛନ୍ତି, କିନ୍ତୁ ସରକାର କାନକୁ ସୁଡ଼ଙ୍ଗ କରି ବସିଛନ୍ତି । ଆଜିକାଲି ସମସ୍ତେ ଯେପରି ନିଜର ସୁବିଧା ପାଇଁ ଚାଷୀଙ୍କୁ ବ୍ୟବହାର କରୁଛନ୍ତି । ଓଡ଼ିଶା କୃଷି କର୍ମଣ ପୁରସ୍କାର ପାଉଛି, ମାତ୍ର ଏହାର ଚାଷୀ କାନ୍ଦିକାନ୍ଦି ଆତ୍ମହତ୍ୟା କରୁଛି । ଲୋକମାନେ ନିଜର ବୃତ୍ତିଗତ ଜୀବନକୁ ସ୍ୱଚ୍ଛନ୍ଦ କରିବା ପାଇଁ ମାନବିକତାକୁ ଭୁଲି ଯାଉଛନ୍ତି । ବରଗଡ଼ର ଚାଷୀ ଆତ୍ମହତ୍ୟା Live Telecast କରୁଥିବା ସାମ୍ବାଦିକମାନଙ୍କୁ ମୋର ପ୍ରଶ୍ନ - "ପ୍ରଥମେ ସେମାନେ ମଣିଷ ନା ପ୍ରଥମେ ସେମାନେ ସାମ୍ବାଦିକ ।" ଯେକୌଣସି ଦ୍ରବ୍ୟର ବଜାର ମୂଲ୍ୟ, ସେହି ଦ୍ରବ୍ୟ ଉତ୍ପାଦନ କରୁଥିବା Company ସ୍ଥିର କରିଥାଏ । ମାତ୍ର ଯେତେବେଳେ ଧାନ, ଗହମ ଆଦିର କଥା ଆସେ ତେବେ, ଏଗୁଡ଼ିକର

ସର୍ବନିମ୍ନ ମୂଲ୍ୟ ସରକାର ସ୍ଥିର କରିଥାନ୍ତି।

ଲାଲ୍ ବାହାଦୂର ଶାସ୍ତ୍ରୀ କହିଥିଲେ, "ଯବାନ ଓ କିଷାନ", ଦୁହିଁଙ୍କର ସମାଜ ପ୍ରତି ଅବଦାନ। ଯବାନଟିଏ ସୀମାରେ ମରିଗଲେ ତାକୁ ଶହୀଦ୍ ବୋଲି କୁହାଯିବା ସହିତ ତା'ର ପରିବାରକୁ ଅନୁକମ୍ପା ରାଶି ପ୍ରଦାନ କରାଯାଇଥାଏ ଓ ତାଙ୍କର ଅନ୍ତିମ ସଂସ୍କାର ରାଷ୍ଟ୍ରୀୟ ମର୍ଯ୍ୟାଦା ସହିତ କରାଯାଇଥାଏ। ଯାହା କି ହେବା କଥା। କିନ୍ତୁ ଏକ ଦୃଷ୍ଟିରୁ ଦେଖିଲେ ଏହି ତୁଳନାରେ ଚାଷୀଟିଏ କାଣିଚାଏ ବି ପାଉନାହିଁ। ଆଜିର ସଭ୍ୟ ସମାଜରେ ରହୁଥିବା ଆଧୁନିକତାର ବାସ୍ନାରେ ମଜଗୁଲ୍, ମଟର ଗାଡ଼ି ଚଢୁଥିବା ପ୍ରତ୍ୟେକଟି ଲୋକ ହୃଦୟଙ୍ଗମ କରିବା ଦରକାର ଯେ - ଚାଷୀ ବଂଚିଲେ, ଦେଶ ବଂଚିବ।

ଭାରତ ପରି ଏକ ବିଶାଳ ଧର୍ମନିରପେକ୍ଷ ରାଷ୍ଟ୍ରରେ ଆଜି ବି ସାଂପ୍ରଦାୟିକତା ନେଇ ଅନେକ ଦଙ୍ଗା ହୁଏ, ଦୀର୍ନୀତିଗ୍ରସ୍ତ ରାଷ୍ଟ୍ରମାନଙ୍କ ତାଲିକାରେ ଭାରତକୁ ମିଳିଛି ୪୧ ଅଙ୍କ (୦-ସବୁଠୁ ଦୁର୍ନୀତି, ୧୦୦ ସବୁଠୁ ସ୍ୱଚ୍ଛ) ଅର୍ଥାତ୍ ଭାରତ ଏକ ଅର୍ଦ୍ଧସ୍ୱଚ୍ଛ ରାଷ୍ଟ୍ରରେ ବି ପରିଗଣିତ ହେଉନାହିଁ। ସମୁଦାୟ ଜସଂଖ୍ୟାରେ ୬୫ ଭାଗ ଯୁବବର୍ଗ ତଥାପି ଭାରତ ପଛୁଆ। Social Media ରେ ବ୍ୟସ୍ତଥିବା ଯୁବପୀଢ଼ି ସୁଦୂର ଦେଶମାନଙ୍କରେ ଘଟୁଥିବା ପ୍ରତ୍ୟେକଟି ଘଟଣାର ଖବର ରଖିଥାନ୍ତି। ମାତ୍ର ନିଜ ଘରେ ଘଟୁଥିବା ଘଟଣା ବିଷୟରେ ସଂପୂର୍ଣ୍ଣ ଅଜ୍ଞ। ପ୍ରଦୂଷଣର ମାତ୍ରା ଏତେ ଅଧିକ ହେଲାଣି ଯେ ନିଃଶ୍ୱାସ ନେବାକୁ ଡର ଲାଗୁଛି। ବିଶ୍ୱର ଶ୍ରେଷ୍ଠ ୨୦ଟି ପ୍ରଦୂଷିତ ସହରମାନଙ୍କ ମଧ୍ୟରୁ ଭାରତର ୧୩ଟି। ଏ ସମସ୍ତ ଘଟଣା ପ୍ରତ୍ୟେକ ଯୁବକ ଯୁବତୀ ଭଲଭାବରେ ବୁଝିବା ଦରକାର। ସେମାନେ ଜାଣିବା ଦରକାର ଯେ Face Book, Twiter ଓ Cinema ହଲ୍ ବ୍ୟତୀତ ଏକ ସୁନ୍ଦର ଦୁନିଆ ବାହାରେ ତାକୁ ଅପେକ୍ଷା କରିଛି। ସେହି ସୁନ୍ଦର ଦୁନିଆ ପ୍ରତି ଥିବା ନିଜର କର୍ତ୍ତବ୍ୟକୁ ବୁଝି ତାକୁ ସୁଚାରୁ ସଂପାଦନ କରିବା ଉଚିତ୍।

କିନ୍ତୁ ଏ ସମସ୍ତ କଥା ଅନ୍ୟ ଜଣଙ୍କୁ ବୁଝାଇବା ଆଜିକା ଯୁଗରେ ଅସମ୍ଭବ। ତାକୁ ବୁଝାଇବାକୁ ଚେଷ୍ଟା କଲେ ହୁଏତ ସେ ହସିଦେବ କିମ୍ୱା ଓଲଟା ତୁମକୁ ଏକ ମୂର୍ଖ ବୋଲି କହିବ ଓ ଭାବିବ ଯେ ଆଜିର ଦୁନିଆ ପାଇଁ ତୁମେ ଅଯୋଗ୍ୟ।

ଯଦି ଆଜିର ପୃଥିବୀ ମା'ର ଦାରୁଣ ବିକଳ ପ୍ରାର୍ଥନା ଏହାର ସନ୍ତାନମାନେ ନ ଶୁଣନ୍ତି ତେବେ ପରିସ୍ଥିତିକୁ ସାମ୍ନା କରିବା ଅସମ୍ଭବ। କାରଣ ପ୍ରକୃତି ଯେତେବେଳେ ପ୍ରତିଶୋଧ ପରାୟଣ ହୋଇଯିବ ତେବେ ଅବସ୍ଥା ଅଣାୟତ୍ତ।

ଏ ସମସ୍ତ କଥାର ଏକ ଯୁକ୍ତିଯୁକ୍ତ ଆତ୍ମଅନୀଶୀଳନ ହେବା ଆବଶ୍ୟକ।

ପ୍ରଥମ ବର୍ଷ, ଗଣିତ ବିଭାଗ



# ନିଶା

◆ ଦିଲ୍ଲୀପ୍ କୁମାର ମୁଦୁଲି

ନକ୍ଷତି ନେବାର ଯେ କେତେ ଭୁଲ୍ ଥାଏ, ତାହା ସତରେ ଅବା ଜଣାନଥିଲା ଜଗଦୀଶ୍ ବାବୁଙ୍କୁ। ସମୟ ବଦଳିବା ସହ ବଦଳି ଯାଇଛି ତାଙ୍କ ପିଲାମାନଙ୍କର ଜୀବନଧାରା। କିଏ ଅବା ଜାଣିଥିଲା ଜଗଦୀଶ୍ କୋଉ ଗୁଣରେ କମ୍ ନୁହଁ.....ମ, ସେ କୁଆଡ଼େ ନୂଆଁ ନୂଆଁ ମଟର କାର ଚଢୁଛି। ତା'ଠୁ ବଳି ତାଙ୍କ ଝିଅ, ତାକୁ ଇଂଜିନିୟରିଂ ପଢ଼ିବାକୁ ଛାଡ଼ିଥିଲେ, ହେଲେ ସେ କୁଆଡ଼େ ଆଜି କାଲି ନୂଆ ନୂଆ ଡ୍ୟାନ୍‌ସ କମ୍ପିଟିସନ୍‌ରେ ଭାଗ ନେଉଛି। ସମୟର କି ବିଚିତ୍ର ରୂପ ଦେଖ ଏସବୁ ଦେଖି ଦେଖି ବାପାଙ୍କର ମୁଣ୍ଡବାଳ ଝଡ଼ିଗଲାଣି, ଆଜି ମନେମନେ ଭାବୁଛନ୍ତି ଜଗଦୀଶ୍ ବାବୁ, ଜୀବନରେ ସବୁ କରିବ ହେଲେ ଏଭଳି ଛୋଟ ମୋଟ କିରାନି ଚାକିରି କେବେ କରିବନି।

ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱଥିଲା ପରି, ପ୍ରତ୍ୟେକ ମଣିଷର କିଛି ନା କିଛି ଭଲ ଗୁଣ ଓ ଖରାପ ଗୁଣଥାଏ। ଠିକ୍ ସେହିପରି ଜଗଦୀଶ୍ ବାବୁଙ୍କର ସେଇ କେତେଟା ଚିରାଚରିତ ଗୁଣ ଗଲାନି, ଯେମିତିକି ସେ ସକାଳୁ ଉଠି ନାଲି 'ଚ' କପେ ବି ମିଳିଲା ନାହିଁ, ବିଚରା ହତଭାଗା ଜଗୁ ବାବୁ ରାଗିଲେ ମଧ୍ୟ କାହାକୁ କିଛି କହିପାରୁନାହାନ୍ତି। ରାଗ ତମତମ ହୋଇ ମାଡ଼ି ଚାଲିଲେ ରଘୁ ଚାଚା ପାଖକୁ। ରଘୁ ଚାଚାର ଘର ପ୍ରକୃତରେ ନୀଳମାଧପୁରରେ ନୁହେଁ ମ..... ଲୋକଟା ଭଲ ବୋଲି ଗାଁର ମୁରବୀ ଡାକି ଆଣିଛନ୍ତି, ରଘୁ ଚାଚା ଭଲ 'ଚ' ଦିଏ, ସେଥିପାଇଁ ଲୋକ ଜମା ହୋଇଥାନ୍ତି ଦୋକାନ ପାଖରେ। ବାଟରେ ଯାଉ ଯାଉ ଦେଖାହୁଏ ମାଧବ ସହ, ସେ କହୁଛି.... ଓ..... ଓ.... ଜଗୁ ଭାଇ ରାଧା କୁଆଡ଼େ ଭଲ ନାଚ କରୁଥିଲା। ତାଙ୍କ କଲେଜ୍ ଫଙ୍କସନରେ। ଏ କଥା ଶୁଣି ଜଗୁ ବାବୁ ମନେ ମନେ ଚିହିଁକି ଉଠିଲେ, ହେଲେ କ'ଣ ହବ 'ଚା' ପିଇ ନଥିବାରୁ ସେ କିଛି କହିପାରୁନାହାନ୍ତି ପରା। ସେ ରାଗରେ କିଛି ନକହିଲେ ମଧ୍ୟ ଗୋଟେ ଉଚ୍ଚସ୍ୱରରେ ହୁଁ....ହୁଁ..... କହି ଚାଲିଗଲେ।

ଦୁଃଖ ଯେତେବେଳେ ଆସେ ଭାଇ ବନ୍ଧୁ ସମସ୍ତଙ୍କୁ ନେଇ ଆସେ ବୋଲି ମହାପୁରୁଷମାନେ କହିଛନ୍ତି। ଚାଲି ଚାଲି ଯାଉ ଯାଉ ଆଖି ଆଗରେ ପଡ଼ିଲା ନୀଳମାଧପୁର ନୂଆସାହି ପ୍ରାଥମିକ ବିଦ୍ୟାଳୟ। ସେଠି ସେ ଯାହା ଦେଖିଲେ, ତା ଦେଖି ସେ ଆଉ ସହି ପାରିଲେନି। ସ୍କୁଲ ବାରଣ୍ଡାରେ ଗୋବିନ୍ଦ କେତେଜଣ ମଳିମୁଣ୍ଡିଆ ବୟସ୍କ ଲୋକଙ୍କୁ ପାଠ ପଢ଼ାଉଛି। ଲାଜରେ ମୁଣ୍ଡ ପୋତି ଚାଲଉଥାନ୍ତି ଓ ଭାବୁଥାନ୍ତି "ମୋ ଜୀବନର ପ୍ରାଣବାୟୁଟା ଉଡ଼ି ଯାଆନ୍ତା କି?" ହେଲେ କି ହେବ, ବଡ଼ ପୁଅ କହିଥିଲା, ଦିନେ ସେ ଗୋଟେ ଲେକ୍‌ଚର ହବ, କିନ୍ତୁ ସେ ଆଜି ପାଠ ପଢ଼ଉଛି କିଛି ବୟସ୍କ ଲୋକଙ୍କୁ ସେଟା ପୁଣି ମାଗଣାରେ। ଏସବୁ ଦୋଷ ଲଦୁଛନ୍ତି ଆଜି ମାୟା ଉପରେ, ଯେ କି ତାଙ୍କ ଜୀବନ ସାଥୀ, ସେ ଚାହୁଁଥିଲେ ମାୟା ତାଙ୍କ ପିଲାମାନଙ୍କୁ ମଣିଷ ପରି ମଣିଷଟିଏ କରି ଗଢ଼ିତୋଳିବେ। ହେଲେ କ'ଣ ହେବ, ଘରେ ଟିଭି ନଥିବାରୁ ସିରିୟାଲ୍ ଦେଖିବାପାଇଁ ଚାଲିଯାଉଛନ୍ତି ଯଦୁ ବୋଉ ଘରକୁ। ସେ ଭାବୁଛନ୍ତି "ଏ ଦୁନିଆଁଟା କେଡ଼େ ବିଚିତ୍ର ହୋ", ନା କାହାକୁ କିଛି କହି ହଉଛି ନା ସହି ହଉଛି। ଏ ସବୁ ଭାବୁଭାବୁ ସେ ଯାଇ ଗୋଟେ ଷଣ୍ଢ ପାଖରେ ବାଡ଼େଇ ହୋଇଯାଇଛନ୍ତି ବୋଲି ତାଙ୍କୁ ଜଣା ନଥିଲା। ଷଣ୍ଢଟା ଗଅଁ ଗଅଁ କରି ଦୁଇଟା ଭୁଷୁଣା ମାରି ଚାଲିଗଲା, ସେତେବେଳେ ଜଗୁ ବାବୁ କହୁଛନ୍ତି "ହେ ମା ଲୋ ମରିଗଲି"......। ଜୀବନଟା ଏତେ ଦୁଃଖ ବୋଲି ସେ ସତରେ ଅବା ଜାଣିନଥିଲେ, 'ଚ' ପିଇବାର କି ନିଶା ଦେଖ, ଏ ପର୍ଯ୍ୟନ୍ତ 'ଚ' ପିଇବାର ନିଶା ଉତୁରିନି ଜଗୁ ବାବୁଙ୍କର। ଏଥର ସେ ଠିକ୍ କଲେ ରାସ୍ତାରେ ଚାଲିଲା ବେଳେ ଆଉ ଅନ୍ୟମନସ୍କ ହେବେନି ଆଗକୁ ଦେଖି ରାସ୍ତା ଚାଲିବେ। ହଠାତ୍ ଖଟ୍ ଖଟ୍..... "ପଅଁ....", "ପଅଁ....." ଶବ୍ଦ ପଛ ପାଖୁ ଶୁଭିଲା। ସେ ଚମକି ପଡ଼ି ପଛକୁ ଦେଖେତ ବିଜୁ ଧଦଡ଼ା ମଟର ସାଇକେଲ ଖଣ୍ଡେ ଧରି ଆସୁଛି ପୁଣି

ମୁହଁରେ ନାଲି ଚଷମା, ବାପାଙ୍କୁ ଚିହ୍ନି ନ ପାରି ଆଗକୁ ଚାଲିଗଲା ବିଜୁ। ବାପା ଚାହୁଁଥିଲେ ବିଜୁକୁ ଗୋଟେ ପୋଲିସ୍ ଅଫିସର କରିବେ ବୋଲି। ହେଲେ କ'ଣ ହେବ, ସେ ସକାଳୁ ଉଠେ ତ ଖାଲି ଗ୍ୟାରେଜ୍ ଦୋକାନ ଛଡ଼ା ଆଉ କିଛି ଜାଣିନି।

ରାସ୍ତାରେ ଛୋଟେଇ ଛୋଟେଇ ଗଲାବେଳେ, ଦୁଃଖି ଭାଇ ଘରୁ ରେଡ଼ିଓରେ ଶବ୍ଦ ଶୁଭିଲା, ରେଡ଼ିଓରେ କହୁଥିଲା, "ଆଜିର ମୁଖ୍ୟ ସମାଚାର ରାଧା ମଞ୍ଜରୀ ସାହୁ ଡ୍ୟାନ୍ସ କମ୍ପିଟିସନ୍‌ରେ ପ୍ରଥମ ହୋଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଠାରୁ ବେଷ୍ଟ ଡ୍ୟାନ୍ସର ଆୱାର୍ଡ ଗ୍ରହଣ କରିଛନ୍ତି। ରେଡ଼ିଓରେ ଝିଅର ନାଁ ଶୁଣି ଝିଅ ପ୍ରତି ଗଢ଼ି ଉଠିଥିବା ଭୁଲ୍ ବୁଝାମଣା ସତରେ ଯେମିତି ତୁଟିଗଲା। ତାଙ୍କ ଆଖି ଲୁହରେ ଛଳ ଛଳ ହୋଇଗଲା। ଆଉ କିଛି ବାଟ ଆଗକୁ ଗଲାପରେ ଦେଖିଲେ ନିଧି ମଉସା ବସି ଖବର କାଗଜ ପଢୁଛନ୍ତି, ସେ ଆଗରୁ କିଛି ପଢ଼ି ପାରୁନଥିଲେ। କିନ୍ତୁ ଗୋବିନ୍ଦର ସଂସ୍ପର୍ଶରେ ଆସିବା ଫଳରେ ସେ ଆଜି ପୁରାଣ ମଧ୍ୟ ପଢ଼ି ପାରୁଛନ୍ତି, ଜଗୁବାବୁ ତାଙ୍କ ବଡ଼ ପୁଅର ମହତ୍ୱକୁ ଆଜି ବୁଝିପାରିଲେ। ସେ ଭାବୁଛନ୍ତି ପଇସା ଗୋଟେ ମଣିଷକୁ ବଡ଼ କରିଦେଇଥାଏ ସତ କିନ୍ତୁ ମଣିଷ କରିପାରିନଥାଏ। ନିଷ୍ପାପର ଅଧ୍ୟବସାୟ ହିଁ ଜଣକୁ ପ୍ରକୃତ ମଣିଷର ପରିଚୟ ଦିଏ। କୌଣସି କାମକୁ ଛୋଟ ଭାବିବା କଥା ନୁହଁ, ସବୁ କାମ ପ୍ରତି ଭଲପାଇବା ରହିବା ଉଚିତ୍। ନିଷ୍ପାପର ଅଧ୍ୟବସାୟ ଓ ଅଭିଜ୍ଞତା ହିଁ ଜଣେ ପ୍ରକୃତ ସାଧକର ଚାବିକାଠି। ଏହି ସମୟରେ ନିଧି ମଉସା କହୁଛନ୍ତି, ରେ... ଜଗୁ ତୋ ସାନ ପୁଅ ବିଜୁ ଆଜି ମହାନ ହୋଇଗଲାରେ.... ସେ ଗତକାଲି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କାର ଅଚଳ ହୋଇଯିବାରୁ ତାକୁ ଆମ ବିଜୁ ସଜ କରିଦେଇ ପୁରସ୍କାର ପାଇଛି। ଆସୁନୁ.... ଦେଖିବୁ...ଆ...।" ଏସବୁ କଥା ନିଧି ମଉସା ପାଖରୁ ଶୁଣି ତା'ର ଛାତି କୁଣ୍ଢେ ମୋଟ ହୋଇଗଲା। ପିଲାମାନଙ୍କ ପ୍ରତି ଜଗୁ ବାବୁଙ୍କର ଭୁଲ୍ ଧାରଣା ସତରେ ଅବା କୁଆଡ଼େ ଲିଭିଗଲା। ସେ ଚିନ୍ତା କଲା ପିଲାମାନେ ଯୋଉ କାମ କରୁଛନ୍ତି ଭଲ କରୁଛନ୍ତି। ମଣିଷ କେବଳ ଗୋଟିଏ କାମରେ ମନୋନିବେଶ କରିବା କଥା ନୁହେଁ। ସମାଜରେ ଭଲ ମଣିଷ ହେବାକୁ ହେଲେ ବିଭିନ୍ନ ପରିସ୍ଥିତି ସହ ଖାପ ଖୁଆଇ ଭିନ୍ନ ଭିନ୍ନ କାମ କରିବାକୁ ପଡ଼େ। ଯାହାବି ହେଇଯାଉ ପଛେ ଜଗୁ ବାବୁଙ୍କୁ ମାନିବାକୁ ପଡ଼ିବ। ୯.୦୦ ହବାକୁ ଗଲାଣି ପଛେ ତାଙ୍କ ଚା ପିଇବାର ନିଶା ଉତୁରୁନି, ଏଥର ସେ ଶୀଘ୍ର ଶୀଘ୍ର ଚାଲିବା ଆରମ୍ଭ କଲେ। ତାଙ୍କ ପାଇଁ ସୌଭାଗ୍ୟର ସମୟ ଆସିଗଲା। ସେ ରଘୁ ଚାଚାର 'ଚା' ଦୋକାନ ପାଖରେ ପହଞ୍ଚି ଗଲେ। ପହଞ୍ଚିବା ପରେ ତାଙ୍କ ଆନନ୍ଦର ଲହରି ସତରେ ଅବା ଯେମିତି ଦ୍ୱି-ଗୁଣିତ ହୋଇଗଲା। ଏହାକୁ ସେ ଜୀବନର ପ୍ରଥମ ସଫଳତା ବୋଲି ଭାବୁଥାନ୍ତି। ହେଲେ ସେ ଦିନ ରଘୁ ଚାଚା ଦୋକାନରେ କେହି ଲୋକ ନଥିଲେ, ଏମିତି କି ରଘୁ ଚାଚା ବି ନଥିଲେ। ଅଳ୍ପ କିଛି ବାଟ ଆଗରେ ବହୁତ ଲୋକ ଏକାଠି ହୋଇଥିବାର ଦେଖାଗଲା। ହଠାତ୍ ଚିତ୍କାର ବି ଶୁଭିଲା, ସେଠାକୁ ଗଲାପରେ ଯାହା ଦେଖିଲେ.....

ପଞ୍ଚମ ବର୍ଷ, ସ୍ନାତକୋତ୍ତର ଇତିହାସ ବିଭାଗ
ମୋ: ୯୬୬୮୨୯୯୩୬୩



# ରଂଗର ନାଁ ପ୍ରେମ

◆ ଡ. ସନ୍ଦୀପ ମହାପାତ୍ର

ଦଲକାଏ ମିଠା ବାସ୍ନା ପରି ହଷ୍ଟେଲ୍ ରୁମ୍ ଭିତରକୁ ପଶି ଆସିଲା ଶ୍ରୀ। ଗବେଷିକା ଶ୍ରୀମୟୀ ମିଶ୍ର। ହାତରେ ରଙ୍ଗର ଥାଳି। ପଛେ ପଛେ ବିଶ୍ୱ ବିଦ୍ୟାଳୟର ଆଉ କେତେ ଜଣ ପୁଅ ଝିଅ। ଖିଲି ଖିଲି ହସରେ ଫାଟି ପଡୁଥିଲା ହଷ୍ଟେଲ୍ ପରିବେଶ। ମୁଁ କିଛି ବୁଝିବା ଆଗରୁ ମୋ ମୁହଁରେ ରଂଗର ହାତ ବୋଳି ସାରିଥିଲା ଶ୍ରୀ। ଉତ୍ତେଜନାରେ ଥରୁଥିଲି ମୁଁ। ରାଗ ନ ଥିଲା ନିୟନ୍ତ୍ରଣରେ। କେତେବେଳେ ଶ୍ରୀ ଗାଲରେ ଶକ୍ତ ଥାପଡ଼ ଲଗେଇ ସାରିଥିଲି, ନିଜେ ବି ଜାଣେନି। ଶ୍ରୀର ଗୋଲାପି ଗାଲ ଦେଇ ଝରି ପଡୁଥିଲା ଟପ୍‌ଟପ୍ ଲୁହ ବୁନ୍ଦା। ବାହାରେ ମଜା ଦେଖୁଥିବା ପିଲାମାନେ ଏକ୍‌ଦମ୍ ନୀରବି ଯାଇଥିଲେ। ମୋ ମୁହଁରେ ରଂଗ ଲଗେଇ ମଜା ଦେଖିବାକୁ ଶ୍ରୀକୁ ମୋହରା ବନେଇ ନେଇ ଆସିଥିବା ପିଲାମାନେ ମୋ ରାଗ ଦେଖି ଫେରି ଯାଇଥିଲେ ଜଣ ଜଣ ହୋଇ। ଏକା ରହିଯାଇଥିଲା ଶ୍ରୀ। ଥାପଡ଼୍ ମାରି ସମସ୍ତଙ୍କ ଆଗରେ ଅପମାନିତ କରିଥିବାରୁ କ୍ଷମା ମାଗିଥିଲି ଶ୍ରୀକୁ। ଓଲଟା ସିଏ ମତେ କ୍ଷମା ମାଗୁଥିଲା, ମୋ ଭାବନା, ମୋ ଆବେଗକୁ ନ ବୁଝି ମତେ ରଂଗ ଲଗେଇ ଥିବାରୁ। ଲୁହ ଧାର ଶୁଖି ଆସୁଥିଲା ଗାଲରେ। ହଷ୍ଟେଲ୍‌ର ସେଇ ଛୋଟିଆ ବେଡ୍‌ରେ ସେମିତି ବସି ରହିଥିଲା ଶ୍ରୀ। ଦୋଷୀ ଭଳି ଠିଆ ହୋଇଥିଲି ମୁଁ। ଅଗତ୍ୟା ମତେ ଦୀର୍ଘ ତେର ବର୍ଷର ରହସ୍ୟ ଖୋଲିବାକୁ ପଡ଼ିଥିଲା। ରଂଗଠୁ ଦୂରେଇ ଯିବାର ରହସ୍ୟ। ପ୍ରେମଠୁ ଦୂରେଇ ଯିବାର ରହସ୍ୟ।

ହଁ, ମୋ ପାଇଁ ରଂଗର ନାଁ ଥିଲା ପ୍ରେମ। ପ୍ରେମ ନଥିବା ରଙ୍ଗ ସତରେ କଣ ରଙ୍ଗେଇ ପାରେ ଦେହକୁ, ମନକୁ ? ତେବେ ଅନେକ ରଂଗ ନେଇ ଆଦ୍ୟ ଯୌବନରେ ମୋ ଜୀବନ ପରିଧିକୁ ପଶି ଆସିଥିଲା ଶ୍ରୀପଦା, କଲେଜ୍ ଜୀବନ ଆରମ୍ଭରେ। ସେତେବେଳେ ଅନେକ ରଂଗରେ ସଜେଇ ହୋଇ ଆସୁଥିଲା ହୋଲି। ଖାସ୍ ମୋ ହାତରୁ ହୋଲିରେ ପ୍ରଥମେ ରଂଗ ହେବା ପାଇଁ ଆମ ଗାଁକୁ ଧାଇଁ ଆସୁଥିଲା ଶ୍ରୀପଦା। ଅବଶ୍ୟ ମୋ ଗାଁ ଥିଲା ଶ୍ରୀପଦାର ମାମୁଁଘର। ତେଣୁ ଅସୁବିଧା ନ ଥିଲା ତା' ପାଇଁ। ମୋ ପ୍ରିୟ ରଂଗ ସବୁଜ ରଂଗର ଅବିର ଧରି ଆସୁଥିଲା ସେ। ମୁଁ ବି ତା' ହାତରୁ ପ୍ରଥମ ରଂଗ ନେବାକୁ ଅପେକ୍ଷା କରୁଥିଲି। ନିରବରେ, ନିଶବ୍ଦରେ, ନିରୋଳାରେ, ଦୁହିଁଙ୍କ ମନରେ ଲାଗିଥିଲା ଗୋଲାପୀ ରଂଗର ପ୍ରେମ ଛିଟା। ହେଲେ, ପ୍ରେମର ରଂଗ ଗାଢ଼ ହେବା ବେଳକୁ ଆସିଥିଲା ବିବାହ ରତୁ। ଆସିଥିଲା ବିବାହ ପ୍ରସ୍ତାବ ଶ୍ରୀପଦା ପାଇଁ। ବିବାହ ଦିନ ମୋ ଛାତିରେ ଲୋଟିପଡ଼ି କାନ୍ଦି କାନ୍ଦି ଶ୍ରୀପଦା କହୁଥିଲା, ତା'କୁ କୁଆଡ଼େ ନେଇ ଚାଲିଯିବା ପାଇଁ। ହେଲେ ଗ୍ରାଜୁଏସନ୍‌ର ଶେଷ ପରୀକ୍ଷା ସରି ନଥିଲା । ଜୀବନର ବଡ ପରୀକ୍ଷାକୁ ସାମନା କରୁଥିଲି ମୁଁ। ନେଇ ପାରୁ ନଥିଲି ନିର୍ଣ୍ଣାୟକ ନିଷ୍ପତି। ମତେ ଛାତିରେ ଜଡ଼େଇ ଧରି କଇଁ କଇଁ କାନ୍ଦୁଥିଲା ଶ୍ରୀପଦା। ତା' ଆଖିର ଲୁହ ଓ ଗାଲର ହଳଦୀ ମୋ ସାର୍ଟକୁ ରଂଗୀନ କରି ସାରିଥିଲେ। ହେଲେ ମୋ ମନର ସବୁତକ ରଂଗକୁ ତା ଆଖିର ଲୁହରେ ଧୋଇ ନେଇ ଶ୍ରୀପଦା ଚାଲି ଯାଇଥିଲା ଆଉ ଜଣକ ହାତ ଧରି। ବାସ୍, ସେବେଠୁ ମୁଁ ଆଉ ରଂଗ ଖେଳନି କେବେ । ଖେଳିବାର ସାହସ କରିପାରିନି।

ମୋ କଥା ସରିବା ମାତ୍ରେ ଆଶ୍ଚର୍ଯ୍ୟଜନକ ଭାବେ ଉଠି ଠିଆ ହୋଇଥିଲା ଶ୍ରୀମୟୀ ମିଶ୍ର। ଆଖିରେ ଲୁହ ବଦଳରେ ଓଠରେ ଥିଲା ଦୁଷ୍ଟାମୀର ହସ। ରଂଗ ଥାଳିରୁ ଦୁଇ ମୁଠା ସବୁଜ ରଂଗ ନେଇ ମୋ ମୁହଁ ସାରା ପାଗେଳୀଙ୍କ ଭଳି ବୋଳି ଚାଲିଥିଲା ସେ। ଆଉ କହୁଥିଲା ତମ ପାଇଁ ରଂଗର ନାଁ ଯଦି ପ୍ରେମ ହୁଏ, ତମକୁ ରଂଗ କରିବାକୁ ମତେ କେହି ବି ଅଟକାଇ ପାରିବେନି। ଗୋଟେ ଥାପଡ଼୍ କ'ଣ, ତମଠୁ ଶହେ ଥାପଡ଼୍ ଖାଇଲେ ବି ମୁଁ ରଂଗ ବୋଳିବି ତମ ଦେହରେ; ତମ ଦେହ ଭିଜି ମନରେ ରଂଗ ଲାଗିବା ପର୍ଯ୍ୟନ୍ତ। ଏଥର କିନ୍ତୁ ମୁଁ ଥାପଡ଼୍ ମାରି ପାରୁ ନ ଥିଲି ଶ୍ରୀମୟୀକୁ। ଅବଶ ହାତ ଝୁଲି ରହିଥିଲା ସେଇମିତି। ରଂଗ ବୋଳି ବୋଳି ମତେ ଛାତିରେ ଜଡ଼େଇ ଧରିଥିଲା ଶ୍ରୀମୟୀ। ତା'ର ହୃଦୟ ସ୍ପନ୍ଦନକୁ ଅନୁଭବ କରୁଥିଲା ମୋର ଛାତି। ମନେ ପଡୁଥିଲା ରୋମାଂଟିକ୍ କବି ମାୟାଧର ମାନସିଂହଙ୍କର ସେଇ ଚର୍ଚ୍ଚିତ କବିତା – "ପ୍ରେମ କି ଥରେ ଆସି ... ଥରକେ ହୁଏ ଶେଷ ? ଜଣକୁ ଦେଲେ ସଅଁପି ... ନ ରହେ ଅବଶେଷ ?" ହଠାତ୍ ଠକ୍ ଠକ୍ ଶବ୍ଦରେ ନିଦ ଭାଂଗିଗଲା ମୋର। ଚମକି ପଡ଼ି ଉଠି ବସିଲି ବେଡ୍‌ରେ। ସକାଳୁ ସକାଳୁ ଇଏ କି ସ୍ୱପ୍ନ ଦେଖୁଛି ମୁଁ ? ସେପଟେ ଠକ୍ ଠକ୍ ଶବ୍ଦ ବଢୁଥିଲା କବାଟରେ। ଆଖି ମଳିମଳି ଯାଇ କବାଟ ଖୋଲି ଦେଲି ମୁଁ। ଆଗରେ ଠିଆ ହୋଇଥିଲା ଶ୍ରୀମୟୀ ମିଶ୍ର। ହାତରେ ରଂଗର ଥାଳି। ଇଏ କ'ଣ, ଆଉ ଗୋଟେ ସ୍ୱପ୍ନ କି ?

ଗବେଷକ, ଓଡିଆ ବିଭାଗ, ମୋ- ୯୯୩୭୩୬୯୯୬୧

# ଭାଇ ଓ ବନ୍ଧୁ

◆ ସୂର୍ଯ୍ୟକାନ୍ତ ଦାସ

ଯୌବନର ସ୍ପର୍ଶ ଆଜି ଲାଗିଛି ସଞ୍ଜେଇ ଦେହରେ । କିଶୋର ଅବସ୍ଥାର ସରୁ ସରୁ ହାତ ଗୋଡ଼ ଆଜି ତାର ମଟୋଇ ଯାଉଛି । ସେ ଯେମିତି ଅନୁଭବ କରୁଛି ଏକ ନୂତନ ଫଗୁଣର ଫଗୁ ତା'ର ଦେହ ସାରା ବୋଳି ହୋଇଯାଉଛି । ଗାଁ ପରିବେଶରେ ବଢ଼ି ଗୋଟେ ନିପଟ ଗାଉଲିଆ ହୋଇଯାଇଛି । ସ୍କୁଲର ହତା ମାଡ଼ିଛି । କିନ୍ତୁ ଓଡ଼ିଆ ସ୍ୱରବର୍ଣ୍ଣକୁ ଠିକ୍ ଭାବରେ ଚିହ୍ନି ପାରିନି । ଚାଳ ବରଡ଼ା ଛପର ସାଙ୍ଗକୁ ଗୋବରଲିପା ସ୍କୁଲରେ ପାଠ ପଢ଼ିଛି । ପାଠ ପଢ଼ାରେ ଆଦୌ ମନ ଦିଏନି । ମନ ଦେଇଥାଆନ୍ତା ବା କିପରି ? ମା' ଅଶାନ୍ତି ସଞ୍ଜେଇକୁ ଚାରିବର୍ଷ ପୂରିବା ଆଗରୁ ସ୍ୱର୍ଗ ପଥକୁ ଟିକେଟ କାଟିଥିଲା । ଅତି କଷ୍ଟରେ ବାପା ହଡ଼ି ସେନାପତି ସଞ୍ଜେଇ ଓ ତା'ର ବଡ଼ ଭାଇ ରଘୁଆ, ମଝିଆ ଭାଇ ରାଧୁଆ ଓ ଭଉଣୀ ଶାରୀକୁ ପାଳିପୋଷି ବଡ଼ କରିଛନ୍ତି । ଶାରୀ ତାର ମା' ମରିଯିବା ପରେ ନଅବର୍ଷ ବୟସରୁ ରୋଷେଇ କରି ବାପା ଭାଇଙ୍କୁ ଖାଦ୍ୟ ପରସେ । ସ୍କୁଲ ହତା କ'ଣ ସେ ଦୂରରୁ ଯାହା ଦେଖି ଜାଣେ । ବଡ଼ ଭାଇ ଓ ମଝିଆ ଭାଇ ଦୁଇଜଣ ବାପାଙ୍କୁ ଚାଷ କାମରେ ସାହାଯ୍ୟ କରନ୍ତି । ସଞ୍ଜେଇଟା ସାନ ପିଲା ଥିଲା, ସେ ବା କ'ଣ କରେ ? ବାପା, ଭାଇ ବିଲରେ ଖଟନ୍ତି । ସେମାନଙ୍କ ପାଇଁ ସବୁଦିନ ଦୁଇପ୍ରହର ବେଳା ଭାତ ନେବାର ତା'ର କାମ । ସେଥିପାଇଁ ବୋଧେ ପାଠ ପଢ଼ି ପାରିଲାନି ! ତା'ର ସାଙ୍ଗମାନେ ଆଜି ପାଠ ପଢ଼ି ହୋଇଛନ୍ତି ମାଷ୍ଟର, ଇଞ୍ଜିନିୟର ତ କିଏ କିରାଣୀ ।

ସେହି ବନ୍ଧୁମାନଙ୍କୁ ଦେଖିଲେ ସଞ୍ଜେଇ ତା'ର ଭବିଷ୍ୟତ ପଥକୁ ଅନାଇ ରହେ । ଭାବି ଉଠେ " ପାଠ ପଢ଼ିଲିନି, ମୋ ସାଙ୍ଗମାନେ ଆଜି ଗୋଟେ ଗୋଟେ ବଡ଼ ଚାକିରିଆ ହୋଇଛନ୍ତି । କିନ୍ତୁ ମୁଁ କ'ଣ ହୋଇଛି, ନିପଟ ଗାଉଲି ମଫସଲିଆ ।"

ସେଇ ଛୋଟବେଳେ ଯାଇଥିବା ସ୍କୁଲରେ ତା'ର ଭେଟ ହୋଇଥିଲା ବନ୍ଧୁ ବଂଇଶୀ ସହିତ । ସେ ଥିଲା ତା'ର ପରମ ମିତ୍ର । ପରବର୍ତ୍ତୀ ଅବସ୍ଥାରେ ପାଠ ନ ପଢ଼ିଲେ ମଧ୍ୟ ସଞ୍ଜେଇ ତା'ର ବନ୍ଧୁ ବଂଇଶୀ ସହିତ ସମ୍ପର୍କ ରହିଥିଲା ନିବିଡ଼ । ଏହି ନିବିଡ଼ତା ମଧ୍ୟରେ ସେ ଭୁଲିଯାଇଥିଲେ, ଶିକ୍ଷିତ - ଅଶିକ୍ଷିତ, ଗରିବ - ଧନୀର ଭେଦଭାବ । ଏହି ବନ୍ଧୁତାର ସମ୍ପର୍କ ମଧ୍ୟରେ ରହିଥିଲା ଏକ ଦିନର ସ୍ମରଣୀୟ ଘଟଣା । ଯାହା ପାଇଁ ବଂଇଶୀ ସଞ୍ଜେଇକୁ କେବେ ଭୁଲି ପାରେନି । ଚାଟଶାଳୀରେ ପାଠ ପଢୁଥିବା ସମୟରେ ଏକ ବିଷଧର ସର୍ପର ଦଂଶନରୁ ସଞ୍ଜେଇ ରକ୍ଷା କରିଥିଲା ବନ୍ଧୁ ବଂଇଶୀକୁ ।

ବଡ଼ ଭାଇ ଦୁଇଜଣଙ୍କୁ ବାପା ହାତକୁ ଦିହାତ କରିଦେଲେଣି ଦୁଇବର୍ଷ ପୂର୍ବରୁ । ସଞ୍ଜେଇକୁ ବିବାହ କରିଦେଲେ ତାଙ୍କ ଜଞ୍ଜାଳ ସରିଲା ବୋଲି ଭାବି ହେଉଥାଆନ୍ତି ହଡ଼ି ସେନାପତି । କିନ୍ତୁ ଏକ ଦୁଃଖର କଥା ଏ ପରିବାର ପାଇଁ ଭଗବାନ କେଉଁଆଡୁ ଉଠାଇ ଆଣିଲେ କେଜାଣି । ବଡ଼ ଭାଇ ଦୁଇଜଣଙ୍କ ସ୍ତ୍ରୀମାନଙ୍କର କାନଫୁଙ୍କାରେ ଘରଡ଼ିହ ଓ ଚାଷ ଜମିକୁ ଭାଗ କରିନେଲେ । ବାପା ଚାହୁଁଥିଲେ ସଞ୍ଜେଇ ବିବାହ କରିଦେଇଥିଲେ ସେମାନେ ସେମାନଙ୍କର କଥା ବୁଝି ଥାଆନ୍ତେ । ଭାଗ ପରେ ସଞ୍ଜେଇ ଭାଗରେ ପଡ଼ିଥିଲା ଏକ ଛୋଟିଆ ଭଙ୍ଗା ଚାଳ ଘର । ଘରାଦିନର କାଳ ବୈଶାଖୀରେ ଛପର ଗୁଡ଼ିକ ଉଡ଼ିଯାଇଛି । ରାତ୍ର କାଳରେ ସଞ୍ଜେଇ ସେଇ ବାଟ ଦେଇ ଆକାଶରେ ମିଞ୍ଜି ମିଞ୍ଜି ହେଉଥିବା ତାରାଗୁଡ଼ିକରେ ତାର ମା'କୁ ଖୋଜେ ।

ବଡ଼ ଭଉଣୀ ଶାରୀଆର ବିବାହ ସରିଗଲାଣି ଅନେକ ବର୍ଷ ତଳୁ । ଆନୁମାନିକ ଭାବରେ ଦଶ ଏଗାର ବର୍ଷ ହେବ ନା କ'ଣ । ବୁଢ଼ା ଶଶୁର ଓ ଗଣ୍ଡ ଦିଅରକୁ ଭାତ ରାନ୍ଧି

ପରସି ଦେବା ପାଇଁ ବଡ଼ ବୋହୂ ଦୁଇଜଣ ମନା କରିଦେଇଥିଲେ । ବୁଢ଼ା ବାପାଟା ଏ ଗଣ୍ଡଟାକୁ ଧରି କରିବା କ'ଣ ? ଦେହରେ ବଳ ତ ସବୁ ଗଲାଣି । ଏଣେ ସବୁ ଭାଇ ଏକାଠି ଥିଲେ ବୋଲି ଜମିଗୁଡ଼ିକ ଚାଷ କରି ଆନନ୍ଦରେ କାଳାତିପାତ କରୁଥିଲେ। କିନ୍ତୁ ଏବେ ସଞ୍ଜୋଇ କରିବ କ'ଣ । ଚାଷ ବିଷୟରେ ତା'ର ବିଶେଷ ଅଭିଜ୍ଞତା ନାହିଁ । ଭାଗରେ ଚାଷ କରୁଥିବା ଜମିର ମାଲିକ ସଞ୍ଜୋଇକୁ ଚାଷ କରିବା ପାଇଁ ଦେବା ପାଇଁ ମନା କରିଦେଲେ । ସଞ୍ଜୋଇ ମୁଣ୍ଡରେ ବଜ୍ର ଚଡ଼କ ପଡ଼ିଲା, କିନ୍ତୁ ବୁଢ଼ା ହଡ଼ି ସେନାପତିର କୁହାପୁଛାରେ ଗାଁର ଠାକୁର ଜମି ସଞ୍ଜୟକୁ ଚାଷ କରିବା ପାଇଁ ମିଳିଲା । ସେ ଜମିଗୁଡ଼ିକ ରହିଥିଲା ଢ଼ିପ । ତଥାପି ସଞ୍ଜୟ ନାହିଁ ମାମୁଁଠାରୁ କଣା ମାମୁଁ ଭଲ ଆପଣେଇ ନେଲା ।

ଆଗାମୀ ଭବିଷ୍ୟତର କଥା କିଏ ବା ଜାଣେ ? ସଞ୍ଜୋଇ ଜୀବନରେ ଭଗବାନ ଏକ ଦୁଃଖ ଖେଳିଲେ । ସେ ବର୍ଷ ମରୁଡ଼ି ଯୋଗୁଁ ଢ଼ିପ କଥା ଛାଡ଼ ଖାଲ ବିଲରୁ ବିହନ ଆସିଲା ନାହିଁ । ସଞ୍ଜୋଇ ଏବେ କରିବ କ'ଣ ? ବାପାକୁ ତା'ର ଅଶୀବର୍ଷ ଛୁଇଁଲାଣି, କିନ୍ତୁ ସରକାରୀ ସହାୟତାର କୌଣସି ଭତ୍ତା ମିଳିନାହିଁ କି ଏକଟଙ୍କିଆ ଚାଉଳ ମଧ୍ୟ ମିଳିନାହିଁ । ବୁଢ଼ା ବାପା ଓ ସଞ୍ଜୋଇ ଦୁଇଦିନ ହେଲା କିଛି ଖାଇ ନ ଥିଲେ । ସଞ୍ଜୋଇ ଭାବିଲା "ଭାଇମାନେ ତ ମାଇପ ବୋଲକରା ହେଲେ, ସେ କାହାର ସାହାଯ୍ୟ ନେବ ? ଦଇବ ଭାଇମାନଙ୍କ ଏଭଳି ଖେଳ ଖେଳିବ କିଏ ବା ଜାଣିଥିଲା ? ସେ ତା'ର ଛୋଟବେଳର ବନ୍ଧୁ ବଂଇଶୀ କଥା ଭାବିଲା । ବଂଇଶୀ ଏବେ ତାଙ୍କ ଜିଲ୍ଲାର କଲେକ୍ଟର ପଦବୀରେ ନିଯୁକ୍ତି ହୋଇଛି, ସେ ପୁଣି ତୁଚ୍ଛା ଲାଞ୍ଚୁଆ ଓ ସରକାରୀ ଟଙ୍କାକୁ ହଡ଼ପ କରି ଖାଇଯାଉଛି ।

ମରୁଡ଼ିଗ୍ରସ୍ତ ଅଞ୍ଚଳକୁ ଚିହ୍ନଟ କରିବା ପାଇଁ ବଂଶୀ ବାବୁଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଲେ । କିନ୍ତୁ ସେ ମରୁଡ଼ିଗ୍ରସ୍ତ ଗ୍ରାମର ବଡ଼ ବଡ଼ ଚାଷୀମାନଙ୍କୁ ହାତକୁ ନେଇ ସେମାନଙ୍କୁ କିଛି ଟଙ୍କା ଦେଇ ଗରିବମାନଙ୍କ ଟଙ୍କାକୁ ପକେଟରେ ପୂରାଇଲା ।

ସଞ୍ଜୋଇ ତା'ର ପରମ ମିତ୍ର ସାହେବ ବନ୍ଧୁ ପାଖକୁ ନିବେଦନ ପାଇଁ ଆସିଛି । ବାପା ହଡ଼ି ସେନାପତିର ଭତ୍ତା ଆଉ ତା'ର ମରୁଡ଼ିରେ ନଷ୍ଟ ହୋଇଥିବା ଶସ୍ୟର ପାଉଣା ପାଇଁ । ଆଧୁନିକ ମଣିଷ ହିସାବରେ ନିଜର ହକ୍ ପ୍ରାପ୍ୟ ପାଇଁ ସେ ଧାଇଁ ଆସିଛି । ଆସି ନ ଥାଆନ୍ତା ବା କିପରି। ସେ ଆସିଛି ତା'ର ଅଧିକାର ପାଇଁ ।

ବଡ଼ ଆନନ୍ଦ ସହକାରରେ ସଞ୍ଜୋଇ କଲେକ୍ଟର ଅଫିସ ସାମ୍ନାରେ ଠିଆ ହୋଇଛି । କିନ୍ତୁ କଲେକ୍ଟର ବାବୁଙ୍କୁ ଜଣାଇବା ପାଇଁ ଲିଖିତ ଅଭିଯୋଗ ଦରକାର । ଠିଆ ହେବା ପାଇଁ ସମୟ ଦରକାର । କିନ୍ତୁ ସଞ୍ଜୋଇ ସେ ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ । ବାଲ୍ୟକାଳର ବନ୍ଧୁକୁ ଦେଖିବା ପାଇଁ ତା' ମନରେ ଉତ୍କଣ୍ଠା ଆବେଗ ଭରି ରହିଛି । ସେ ଭାବୁଛି "ମୋର ସବୁ ଠିକ୍ ହେଇଯିବ, ମୋ ପ୍ରିୟ ବନ୍ଧୁ ପାଖକୁ ଆସିଛି । ଆଉ ମୋର କିଛି ଅସୁବିଧା ହେବ ନାହିଁ ।" ହଠାତ୍ କଲେକ୍ଟର ସାହେବଙ୍କ ରୁମ୍‌କୁ ପଶିଗଲା ବାହାର ଦରଓ୍ୱାନର ବାରଣ ସତ୍ତ୍ୱେ । ସେ ଯାଇ ବଂଶୀବାବୁଙ୍କୁ ଆନନ୍ଦରେ କୁଣ୍ଢାଇ ପକାଇଲା । କିନ୍ତୁ ବଂଶୀବାବୁ ତତ୍‌କ୍ଷଣାତ୍ ରାଗି ଯାଇ ସଞ୍ଜୋଇକୁ ଛିଞ୍ଚାଡ଼ିଦେଲେ । କହିଲେ " ଅଭଦ୍ର ଭଳି ବ୍ୟବହାର କାହିଁକି ପ୍ରଦର୍ଶନ କରୁଛ । ଇଂରାଜୀ ଭାଷାରେ ଇଡ଼ିଏଟ୍, ବାଷ୍ଟାଡ଼ ଯାହା ପାଇଲେ ଗର୍ଜନ କରି ଉଠିଲେ । କିନ୍ତୁ ମୁର୍ଖ ସଞ୍ଜୋଇଟା ବୁଝିବ କ'ଣ ? ପୁନର୍ବାର କଲେକ୍ଟର ସାହେବଙ୍କ ଗୋଡ଼କୁ ଧରି ଆବେଦନ କଲା । ସଞ୍ଜୋଇ କହିଲା "ବଂଶୀ ତୁ ମୋର ସେହି ପିଲାଦିନର ସାଙ୍ଗନା, ଆରେ ମୁଁ ସଞ୍ଜୋଇ, ଆମେ ପିଲାଦିନେ କେତେ ଖେଳିଛେ, କେତେ ନଦୀ କୂଳରେ ମାଛ ମାରିଚେ ।" କିନ୍ତୁ ବଂଶୀବାବୁଙ୍କ ହୃଦୟରେ ସଞ୍ଜୋଇ ପ୍ରତି କିଛି ଭାବ ଝରିଲା ନାହିଁ । ଓଲଟା ଅତ୍ୟଧିକ ରାଗିଯାଇ ସଞ୍ଜୋଇକୁ ଗୋଇଠା ମାରିବାକୁ ପଶ୍ଚାତପଦ ହେଲେ ନାହିଁ । ବାହାରେ ବସିଥିବା ଦେଓ୍ୱାନକୁ ଗୋଇଠା ମାରି ବାହାର କରିବାକୁ ନିର୍ଦ୍ଦେଶ ଦେଲେ । କିନ୍ତୁ ଅବୁଝା ପିଲାଟି ପରି ସଞ୍ଜୋଇ ବୁଝୁ ନ ଥାଏ । ପିଅନ ଓ ଗାର୍ଡ଼ମାନେ ଘୋଷାରି ଘୋଷାରି ତାକୁ ବାହାର କରିଦେଲେ । ସଞ୍ଜୋଇର ଆଖିର ଲୁହରେ ତା'ର

ମୁଖ ମଣ୍ଡଳ ଭିଜି ଥପ୍ ଥପ୍ ହୋଇ ମାଟିରେ ପଡୁଥାଏ । କୋହଗୁଡ଼ିକ ଯେମିତି ମାଟିର ଧୂଳି ସହିତ ମିଶି ତାଣ୍ଡବ କରିବାକୁ ଲାଗିଲେ ।

ନିରାଶରେ ଘରକୁ ଫେରିଯିବା ପାଇଁ ସଞ୍ଜେଇ ପାଇଁ ଅନ୍ୟ କୌଣସି ରାସ୍ତା ନ ଥିଲା । ରାସ୍ତାରେ ଆସିଲାବେଳେ ତା' ମନ ମଧ୍ୟରେ କେତେ ଭାବନା ଉଙ୍କି ମାରିଲା । ଛୋଟବେଳେ ସେ ଏଇ ସାଙ୍ଗକୁ ମରଣ ମୁଖରୁ ବଞ୍ଚାଇଥିଲା, କିନ୍ତୁ ଆଜି ତାକୁ କାହିଁକି ସେ ସାହା ହେଲାନାହିଁ। ଦଇବ ଏଭଳି ଖେଳ କାହିଁକି ଖେଳିଲା । ପୁନଶ୍ଚ ଭାଇମାନଙ୍କର ପ୍ରତାରଣା ତାକୁ ଆହୁରି ଦୁଃଖରେ ବୁଡ଼ାଇଦେଲା ।

ଘରେ ପହଁଞ୍ଚିବା ବେଳକୁ ଗ୍ରାମର ଲୋକମାନେ ତା'ର ସେଇ ଛୋଟ କୁଡ଼ିଆର ଚାରିପାଖରେ ଘେରି ରହିଛନ୍ତି। ସଞ୍ଜେଇ ଛାତିରେ ଦକା ପଶିଗଲା । ଦୂରରୁ ଭଉଣୀର କ୍ରନ୍ଦନ ସ୍ୱର ତାକୁ ଆହୁରି ବିବ୍ରତ କରିଦେଲା ।

ଭାଇମାନଙ୍କର ଏହି ମୁହୂର୍ତ୍ତରେ ମାଂସ ଭକ୍ଷଣ, ବାପାଙ୍କର ମରଶରୀର ପାଖରେ ଭଉଣୀର କ୍ରନ୍ଦନ, ବନ୍ଧୁର ପ୍ରତାରଣା ଭିତରେ ସଞ୍ଜେଇର ଛାତି ଭିତର କଲିଜାଟା ବାହାରକୁ ଯେମିତି ବାହାରି ଆସୁଥିଲା । କିଛି ସମୟ ପରେ ତା'ର ଆଖି ଦୁଇଟା ଆକାଶର ପଥ ଆଡ଼କୁ ଅପଲକ ନୟନରେ ଚାହିଁ ରହିଥାଆନ୍ତି । ସେ ସବୁ ଦିନ ପାଇଁ ସ୍ତବ୍ଧ ହୋଇ ରହିଗଲା ।

ଷଷ୍ଠବର୍ଷ ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ



# ଭୋର୍

◆ ପ୍ରଫେସର ଅଭିନ୍ନ ସାହୁ

ସିନ୍ଦୂରା ଫାଟୁନଫାଟୁଣୁ
କୁଆଁତାରାର ଈଷତ୍
ମହଳଣ ଆଲୁଅରେ
ଭୋର୍ ଆସେ,
ଧୋବ ଫରଫର
ବଗବଗୁଲୀ ଓଢଣାରେ ।।

ଭୋର୍ ଆସେ,
ଅଭିଆଡୀ ଫୁଲଙ୍କ କାନେ-କାନେ
ଗୁଣୁଗୁଣେଇ, ମହୁଆ-ମହୁଆ
ପ୍ରୀତିଗୀତି ଆଳାପରେ ମସଗୁଲ୍
ମହୁମାଛିଙ୍କର ସ୍ୱରଲହରରେ ।।

ଭୋର୍ ଆସେ, ଅରୁଣଙ୍କ
ସପ୍ତାଶ୍ୱର ସାତରଙ୍ଗୀ
ବଲ୍‌ଗା ଯୋଚା ଏକଚକ୍ର
ରଥର ଘର୍ଘରେ ।।

ଭୋର୍ ଆସେ,
ଲାଜକୁଳୀ ଲତା
ଆଉ ଘାସ ପତ୍ରେ,
ଝଲ୍‌ମଲ୍ ପାହାନ୍ତି ପହରର
ମାଈ କାକରେ କାକରେ ।।

ଭୋର୍ ଆସେ,
ଜାଙ୍ଗୁଲୁ ଜାଙ୍ଗୁଲୁ
ଅନ୍ଧାରରେ ସ୍ନାନାର୍ଥିନୀ
ଭୁଆସୁଣୀ ବୋହୂ
ଓଦାଲୁଗା କାନି ପଣତରେ ।।

ଭୋର୍‌ରେ ସ୍ୱର ଶୁଭେ
'ରାମ ଯେ ଲଇଖଣ
ଗଲେ ମୃଗମାରି'
ଗହଳ ବିଲର
ମନଫୁଲାଣିଆ
ହଳିଆ ଗୀତରେ ।।

ଏମିତି, ଏମିତି
ଅନ୍ଧାର କାଳିମାକୁ
ହତାଶା ଓ ନୈରାଶ୍ୟକୁ ପୋଛିଦେଇ
ଆଶାବରୀ ଗୀତ ଗାଇଗାଇ,
ଆଲୋକର ମନ୍ତ୍ରଦ୍ରଷ୍ଟା ଭୋର୍,
ଆନନ୍ଦ ଓ ଆଶା ଉଜୁଳାଇ
ଆନନ୍ଦ ଓ ଆଶା ଉଜୁଳାଇ !!

୯୬୬ ବି, ପକୃତି ବିହାର ବରମୁଣ୍ଡା,
ଭୁବନେଶ୍ୱର-୩
ମୋ- ୯୪୩୭୫୭୭୫୦୦

# ଦେବ ମୁହୂର୍ତ୍ତ ଆସୁଛି

◆ ଡ. ମନୋରମା ବିଶ୍ୱାଳ ମହାପାତ୍ର

ଯେଉଁ ସକାଳ ଆସିବ
ଏତେ ଦିନ ପରେ
ସେ ସକାଳ ଭରିଯିବ
ପକ୍ଷୀଙ୍କର କିଚିରି ମିଚିରି ଶବ୍ଦରେ
ନୂଆ ଇତିହାସ ଲେଖାହେବ ଭାରତରେ
ସେଇ ଇତିହାସରେ ରହିବ
କେତେ କେତେ ପାଦଚିହ୍ନ
ସତ୍ୟାଗ୍ରହୀଙ୍କର ।

ଦେଖ ଦୂରରୁ ଦିଶୁଛି ଆଲୁଅ
ସେ ଆଲୁଅରେ ଦ୍ୱୀପ ଅନ୍ତରୀପ
ନଦୀ ପର୍ବତ ସବୁ ଏକାକାର ।

ଭାରତର ସବୁ ନଦୀ ସବୁ ପର୍ବତ
ସେ ମହାନଦୀ ହେଉ କିମ୍ବା ଭାର୍ଗବୀ
ଶିବାଲିକ୍ ହେଉ କିମ୍ବା ବିନ୍ଧ୍ୟାଚଳ
ସବୁଠି ବାଜୁଛି ଆଜି
ଭାରତର ସପ୍ତସ୍ୱର ।
ସମୟ ଆସନ୍ନ ଆଜି
ସମସ୍ତେ ଜାଗ୍ରତ
ଆଜି ଏଇ କ୍ରାନ୍ତିର ଦିନରେ
ଏଇମାନେ ଆଣିବେ କ୍ରାନ୍ତି
ଆମ ଭାରତର
ଏଇମାନେ କହିବେ ନୂଆକଥା
ଆଗାମୀ ଦିନର ।
ନୀରବତା ଭିତରୁ ଦେଖାଯିବ
ଅତୀତର ଲୁହାର ଶିକୁଳି
କାରାଗାର ଅବରୁଦ୍ଧ ପ୍ରକୋଷ୍ଠ ଭିତରେ
ସ୍ୱାଧୀନତା ସଂଗ୍ରାମୀମାନଙ୍କର
ସଂକଳ୍ପର ଶିଖା

କେତେ ଯୁଦ୍ଧ କେତେ ପଦଯାତ୍ରା
କେତେ ଅଭିସନ୍ଧି କାରାବାସ
କେତେ ରକ୍ତପାତ
ସେ ସମସ୍ତ କ୍ଷତକୁ
ଲୁଚାଇ ରଖିଥିଲୁ ନିଜ ଭିତରେ
ଆଜି ସେ ନିଆଁ ହୋଇ ଜଳୁଛି
ଦିକିଦିକି ଛାତିତଳ ଉହ୍ମେଇଁରେ ।

ଚାରିଆଡ଼େ ଅନ୍ଧାରର କୁଜ୍‌ଝଟିକା
ବ୍ୟାପିଯାଇଛି ସାରା ଦିଗନ୍ତ
କୁଢ଼ କୁଢ଼ ଶବ
ସତ୍ୟାଗ୍ରହୀମାନଙ୍କର
ସ୍ୱାଧୀନତା କେଉଁଠି ଶୋଇ ପଡ଼ିଛି
କେଜାଣି
ଅସହାୟ ହୋଇ ।
ସମୟକୁ ପଚାରିଲେ ସମୟ କହିବ
ସ୍ମୃତିକୁ ବି ପଚାରିଲେ
ସ୍ମୃତି ବି କହିବ
କେଉଁ ସତ୍ୟାଗ୍ରହୀମାନଙ୍କର ପଦଚିହ୍ନରେ
ଆଲୋକିତ
ଏ ଭାରତବର୍ଷ ।

ଦେଖ ଦେବ ମୁହୂର୍ତ୍ତ ଆସିଲାଣି
ସ୍ୱାଧୀନତାର ମହାମନ୍ତ୍ର ଜପି ଜପି
ଯେଉଁ ଶିଶୁ କନ୍ୟାଟି ବଡ଼ ହେଉଛି
ସେ ସ୍ୱପ୍ନ ଦେଖୁ ନୂତନ ଭାରତର
ରକ୍ତରେ ଲେଖୁ ତା'ର ତ୍ୟାଗ ଆଉ ତିତିକ୍ଷାର
ଦସ୍ତାବିଜ ।
ସେ ଚିହ୍ନି ନେଉ ତା'ର ଅଧିକାର
ଭାରତୀୟ ମନ ନେଇ

ତା'ର ଯେତେ ଅଭୀପ୍ସା
ସବୁକୁ ସେ ରୋପି ଦେଉ
ମଣିଷ ମନରେ
ସେମାନଙ୍କ ହାତ ରକ୍ଷା କବଚ ହୋଇଯାଉ
ଅନୀତି ଆଉ ଅତ୍ୟାଚାର ରୋକିବାର ହାତ
ସମୟ ବଦଳିଯାଇଛି ।
ଦେବ କନ୍ୟାମାନେ ଭୂମିଷ୍ଠ ହେଲେଣି
ଓଡ଼ିଶାରେ ।
ସେଇମାନେ ନେତୃତ୍ୱ ନେବେ
ସମଗ୍ର ଭାରତବର୍ଷର
ସଇତାନମାନଙ୍କ ତୂଣୀରରୁ ମାରଣାସ୍ତ୍ର ସରିଆସିଲାଣି ।
ଅନେକ ସମ୍ଭାବନାରେ
ଭରପୁର ଆସନ୍ତାକାଲି ।
ଏକ ସମୃଦ୍ଧ ଭାରତ
ସୁନାର ଭାରତ
ଅପେକ୍ଷା କରିଛି ସେଇଦିନକୁ ।
ଦେଖ ଆଜି ଅନ୍ଧାର କେମିତି ଅପସରି ଗଲାଣି ।
ଚାରିଆଡ଼େ ପ୍ରଗତିର ଆଲୋକରେ
ଆଲୋକିତ ଦେଶ
ଅଭିମନ୍ତ୍ରିତ ହୋଇଯାଇଛି
ଆଜି ଭାରତର ମାଟି ଓ ଆକାଶ ।
ବାର୍ଦ୍ଧକ୍ୟ ଭତ୍ତା କିମ୍ବା ଆଶ୍ୱାସନା ଟିକିଏ ପାଇଁ
ମାଆମାନେ ଆଉ କାନ୍ଦିବେନି
ଗୋପନରେ ।
କେବଳ ସହର ନୁହେଁ
ଓଡ଼ିଶାର ଗାଁରେ ବି
ଝିଅମାନେ ଜାଗ୍ରତ ହେଲେଣି
ମହାମାୟା ରୂପରେ ।

ପ୍ରୀତମପୁରୀ, ୧୨୫, ଆଚାର୍ଯ୍ୟବିହାର
ଭୁବନେଶ୍ୱର, ଫୋନ୍-୦୯୪୩୭୦୧୧୦୦୩

# ମୋ' ଗାଁ

◆ ନୀନା ଦାସ

ଏ ବସନ୍ତ ଆସିଥିବ ମୋ' ଗାଆଁ ତୋଟାପାଖ କୃଷ୍ଣଚୂଡ଼ା ଫୁଲେ
ଦୂରର ପାହାଡ ନୀଳେ, ବିରୂପାର ଛଳଛଳ ନୀରେ,
ବିସର୍ପିତ ଜନପଥ, ନଇପଠା, ସହକାର ବନ
ମହକିତ ହେଉଥିବ ମିଠାମିଠା ବଉଳ ବାସ୍ନାରେ ।
ଫଗୁଣର ମୃଦୁ ସାହାନାଇ ରହିରହି ଉଠୁଥିବ ବାଜି
ଫଗୁବୋଳା ସକାଳର ନରମ ତନୁରେ,
କୋଇଲିର କୁହୁତାନେ ଝୁମିଝୁମି ମତୁଆଲୀ ହୋଇ
ସୁନେଲି ରୂପେଲି ଖରା ଲୁଚକାଳି ଖେଳୁଥିବ ପତ୍ରକୁଞ୍ଜ ପରେ ।
ମନ ଆଇନାରେ ଆଜି ନାଚିଉଠେ
ମୋ' ଅଗଣା ଖୋଲା ବାତାୟନ
ଶୁଣୁଥିଲି ଯହିଁ ବସି ଆଷାଢର ଗୁରୁଗୁରୁ ମେଘ ଗରଜନ,
ମୌସୁମୀର ଖରସ୍ପର୍ଶେ ଉଚ୍ଛୃଙ୍ଖଳ କେଶବିଥି
ବର୍ଷାର ଛିଟାରେ ଭିଜା ତ୍ରସ୍ତବାସ ସ୍ନିଗ୍ଧ ପ୍ରସାଧନ ।
ସ୍ମୃତିର ପରଦାତଳୁ ଉଙ୍କିମାରେ ମୋ' ଗାଆଁ ନଇପଠା,
କାଶତଣ୍ଡୀ, ଗୋଧୂଳି ଲଗନ ସୋରିଷଫୁଲର ଶେଯ,
ଭଅଁରର ଗୁଣୁଗୁଣୁ ସନ୍ଧ୍ୟାର ଆକାଶବୁକେ
ନୀଡଫେରା ପକ୍ଷୀର କାକଳୀ
ବାଲିପାହାଚର ଧାରେ ଖିଲିଖିଲି ଚାପାହସ,
ରୁଣୁଝୁଣୁ ଚୁଡିସ୍ୱନ, ନୁପର ନିକ୍ୱଣ
ବିରୂପାର ଜଳଧାରେ ଚିକିମିକି ରୂପାମାଛ,
ଅସ୍ତଗାମୀ ସୂର୍ଯ୍ୟରଶ୍ମୀ ଅପୂର୍ବ ବର୍ଣ୍ଣାଳୀ ।
ଆଜିର ଏ ଅବସରେ ମନ ଫେରେ ଅତୀତକୁ
ଅତିକ୍ରମି ସମୟର ଦୀର୍ଘ ପାରାବାର
ଝରା ଶେଫାଳୀର ବାସ୍ନା, ଝୋଟି ଆଲପନା,
ପାର୍ବଣର ଜ୍ୟୋସ୍ନାସ୍ନାତା ରାତି,
ମମତାରେ ଜୁଡୁବୁଡୁ ମୋ ଟିକି ଗାଆଁଟିର
ଅମଳିନ ସବୁଜ ପଣତ
ବୁକୁର ନିଭୃତ କୋଣେ ଜଉମୁଦା ଛଳଛଳ ଚପଳତା,
ମନଛୁଆଁ ସ୍ମୃତି ଅନୁଭୂତି ।
ମୁହୂର୍ତ୍ତ ଦିବସ ମାସ ବହିଚାଲେ ଅବିରତ ସମୟର ସୁଏ,
ବୁକୁତଳ ସାଇତା ସ୍ମୃତିକୁ ଘଷିମାଜି ନିତି ଧୁଏ ମୋ ଆଖିର ଲୁହେ !

୧୭୭, ଧର୍ମବିହାର
ମୋବାଇଲ୍-୯୪୩୭୬୯୬୧୫୬

# ଆସନ୍ତା କି ଫେରି

◆ ବିରାଜ ମୋହନ ଦାସ

ଆଜି ବି ଫୁଟୁଛି ଫୁଲ
ମୋ ଅଗଣାର ସେଇ ପୁରୁଣା ଗଛରେ।
ହେଲେ ସେଇ ସାଥୀ ଆଜି ନାହିଁ ମୋର ପାଶେ
ମୋ ଫୁଲ ଫୁଟାଇବାର କଉତୁକକୁ
ଯିଏ ଦେଖୁଥିଲା ଅପଲକ ନେତ୍ରେ।

ବର୍ଷ ବର୍ଷ ଧରି,
ତା ପ୍ରେମରେ ବିଭୋର ମୁଁ
ଫୁଟାଉଥିଲି ଫୁଲ ଅସୁମାରି।

ସେଇ ସାଥୀ ଆଜି ନାହିଁ ମୋର ପାଶେ,
ଅଫେରା ରାଇଜକୁ ଯାଇଛି ଚାଲି ସେ।

ଅସନ୍ତା କି ଫେରି,
ଦେଖିବାକୁ ମୋର ଏଇ ତୁଚ୍ଛ ବାହାଦୁରି।

ନାନା କିସମର ଫୁଲ ମୁଁ ଫୁଟାଇ
ଅଟକାଇ ଦିଅନ୍ତି ତା'ରେ ହାତ ଓଠ ଧରି
ଆସନ୍ତା କି ଫେରି !



# ଜୀବନ ରାଗ

◆ ବିଦେଶୀ ଭଞ୍ଜ

ଉଦୟ ରାଗରେ ଜନ୍ମ ନିଏ ପ୍ରତିକ୍ଷଣେ
କୋମଳ ଅନିନ୍ଦ୍ୟ ରୂପ
ସ୍ରୋତସ୍ୱିନୀ ହୋଇ ବହି ଯାଉଥାଏ
ଦିବ୍ୟ ଆତ୍ମା ଅପରୂପ
ସେଇ ସେ ଆଦ୍ୟ ମଙ୍ଗଳ ସ୍ୱରୂପ
ସମୟର ପ୍ରତିରୂପ ।୧।

ଗୋଧୂଳିର ଦେହେ ରଂଗାୟିତ ହୁଏ
ଅସ୍ତରାଗର ଛବି
କ୍ଲାନ୍ତ ଜଗତ ଖୋଜି ହୁଏ ଧୀରେ
ବର୍ଣ୍ଣାଳୀର ପ୍ରତିଛବି
ପୁଣ୍ୟଶ୍ଳୋକ ହୋଇ ଅତୀତର ସ୍ମୃତି
ଗାଉଥାଏ ଅନୁରୂପ ।୨।

ସେଇ ସେ ଆଦ୍ୟ .......................
ରାତ୍ରି ତାର ପଦଧ୍ୱନି ଥାପି ଦିଏ
ଅନ୍ଧାରର ବାଲିଘରେ
ନିଦୁଆ ପରଶ ବାଣ୍ଟିଦିଏ ପ୍ରଶାନ୍ତିରେ..
ଶେଫାଳିର ଓଠଧାରେ
ରାତ୍ରିର ଭରା ସୁକୋମଳ ଦେହେ
ପ୍ରକୃତି ମଧୁ ସଂଳାପ ।୩।

ସେଇ ସେ ଆଦ୍ୟ ମଙ୍ଗଳ ସ୍ୱରୂପ
ସମୟର ପ୍ରତିରୂପ।

ସୃଜନିକା, ଖଣ୍ଡଗିରି, ଭୁବନେଶ୍ୱର - ୩୦
ଦୁରଭାଷ - ୯୪୩୭୦୮୨୧୦୬ , ୭୦୦୮୮୫୦୬୩୨

# ଋତୁ କେଡେ ରୂପମତୀ

◆ ହଂସନାଥ ମୁଦୁଲି

ଋତୁ କେଡେ ରୂପମତୀ
ଯେତେବେଳେ ଦେଖ
ଯେମିତି ବି ଦେଖ
ସୁନ୍ଦର ତା'ର ଗତି ।୦।

ନିଦାଘ ଆରମ୍ଭେ
ଫୁଲେଇ ଫଗୁଣ
ଚିକିମିକି କରେ ଆଖି
ବାଟୋଇ ମନକୁ
ହରିନେଇ ଧୀରେ
ନିଜେ ହୃଦେ ଦେଏ ରଖି
ମନେ ଆଣିଦିଏ ଭୀତି
ଯେଉଁଠାରେ ଥାଅ
ଯେମିତି ବି ଥାଅ
ଯୋଡିଦେବ ତା'ର ପ୍ରୀତି ।୧।

ବରଷା ଆସିଲେ
ନବବଧୂ ପରି
ଧରଣୀ ସଜେଇ ହୁଏ
କାକରେ ଶୀତରେ
ରଙ୍ଗ ଝଲମଲ
ଫୁଲେ ଫୁଲେ ନାଚିଯାଏ
ଭରିଦିଏ ମନେ ପ୍ରୀତି
ଯେଉଁଠିକି ଚାହଁ
ଯେମିତି ବି ଚାହଁ
ଅଧିର ହୁଅଇ ମତି ।୨।

ଡୁମୁଡୁମା (କ), ଖଣ୍ଡଗିରି, ଭୁବନେଶ୍ୱର-୩୦
ମୋବାଇଲ୍ - ୯୭୭୭୯୬୮୭୧୯



# ଭାଗ୍ୟ

◆ ଡକ୍ଟର କୃତ୍ତିବାସ ନାୟକ

ଭାଗ୍ୟ ଭଲ ଥିଲେ ଆକାଶ କୁସୁମ ଧରାଦିଏ ବଳେ ବଳେ,
ଭାଗ୍ୟ ଦୁର୍ବଳକୁ ହାତେ ଥିବା ଧନ ଖସିଯାଏ କଉଶଳେ।

ସୁପୁରୁଷ କହେ- ଭାଗ୍ୟ ମୋ ହାତରେ ବଦଳାଇଦେବି ମୁହିଁ,
କାପୁରୁଷ କହେ- ହାରିବି ନିଶ୍ଚୟ ଜିତିବା ଭାଗ୍ୟରେ ନାହିଁ।

ଭାଗ୍ୟ-କର୍ମଫଳ ଈଶ୍ୱରଂକ ଇଚ୍ଛା ପ୍ରକୃତି ଦେବୀଙ୍କ ନୀତି,
ଏ କଥାକୁ ଯେଉଁ ସାହସୀ ନମାନେ ଜଗତକୁ ଯାଏ ଜିତି।

ଇଚ୍ଛାଶକ୍ତି, ନିଷ୍ଠା, ଆତ୍ମବିଶ୍ୱାସରେ ଯିଏ ଲାଗିରହିଥାଏ,
ଈଶ୍ୱରଙ୍କ ଇଚ୍ଛା ପ୍ରକୃତିର ନୀତି ତା' ପାଇଁ ବଦଳିଯାଏ।

ଶ୍ରମ-କଉଶଳ, ଈଶ୍ୱର ବିଶ୍ୱାସ କେବେ ନାଶ ଯାଏ ନାହିଁ,
ବିଳମ୍ବ ହେଲେ ବି ସଫଳତା ମିଳେ ବୋକା ରହିଥାଏ ରହିଁ।

ଧନଜନ ବଳେ କୁଟ କପଟରେ ଦୟା ଅନୁଗ୍ରହ ପାଇ,
ଉଚ୍ଚ ଆସନରେ ବସିଗଲେ କେହି ସିଏ ବଡ଼ ହୁଏ ନାହିଁ।

# ଏବେ ମୁଁ ବନ୍ଦୀଶାଳରେ

◆ ପବିତ୍ର ସାହୁ

ଯେତେବେଳେ ଶବ୍ଦ ସବୁ ନିଶବ୍ଦ
ବାକ୍ୟ ସବୁ ଅର୍ଥହୀନ
ଭାବନାମାନେ ଡେଣା ଜାକିଛନ୍ତି
ବୈଶାଖର ବୃକ୍ଷରେ
ସେତେବେଳେ ତମେ ଆସିଛ
ହାତରେ ମୋର କଲମ ଧରାଇ କହୁଛ
କବିତା ଲେଖ ମୋ ପାଇଁ।

କେମିତି ଲେଖିବି କୁହତ !
ତମେ କ'ଣ ଜାଣିନ
ଏବେ ମୁଁ ବନ୍ଦୀଶାଳରେ
କାଳଚକ୍ର ବାନ୍ଧିଛନ୍ତି
ମୋତେ, ମୋ ଶବ୍ଦକୁ ଭାବନାକୁ
କେଉଁ ଏକ ନିଷ୍ଠୁର ବନ୍ଧନରେ।

ଏଠି ସବୁ ଓଲଟପାଲଟ ଚାଲିଛି
ମୋର ଅନେକ ଅନୁଭବ ଅନୁଭୂତିକୁ
ଦଗ୍ଧ କରିଦିଆଯାଇଛି ଦୁଃଖର ଅଗ୍ନିରେ
ସ୍ମୃତିର ପୃଷ୍ଠାକୁ ଫର୍ଦ୍ଦ ଫର୍ଦ୍ଦ କରି
ଚିରି ଫିଙ୍ଗାଯାଇଛି ଲୁହର ନଦୀକୁ
ଆଉ ମୋ କଲମଧରା ହାତକୁ
କାଟି ଦିଆଯାଇଛି ଯନ୍ତ୍ରଣାର ଧାରୁଆ ଖଣ୍ଡାରେ।
ଏବେ ମୁଁ ନୁହେଁ, ତମେ କୁହ
କେମିତି ଲେଖିବି ଆଉ କିଏ ଶୁଣିବ
ମୋ କବିତା।

ତମେ ଏବେ ଫେରିଯାଅ
ଯଦି ପାରୁଛ ଅପେକ୍ଷାକର
କେଉଁ ଏକ ନିର୍ଜନ ସ୍ଥାନରେ
ଏଠୁ ମୁକ୍ତି ହେଲେ ଫେରିବି ନିଶ୍ଚିତ
ସେଦିନ ହେବ ମୋର ନୂଆ ସକାଳ
ଆଉ ମୋ କବିତାର ନବଜାଗରଣ
ଖାଲି ଟିକେ ଅପେକ୍ଷା କର ଶୁଣିବ
ମୋ ଜୀବନ ଓ ଜଗତର ଆଲେଖ୍ୟ।

ଓଡ଼ଙ୍ଗା, କେନ୍ଦ୍ରାପଡ଼ା, ମୋ: ୮୦୯୩୪୫୧୨୪୫

# ରାସ୍ତା

◆ ସୁମିତ୍ ପଣ୍ଡା

ରାସ୍ତାର ମୁହଁ ଉପରେ ଆଜି
ଚଢ଼ିଛି ଗଲାବେଳେ
ତା' ଉଚ୍ଚ ନାକ ପାଖରେ ଝୁଣ୍ଟିପଡ଼ିଲି।
ଖତେଇ ହେଇକି କହିଲା ସେ-
'ତମେ ମଣିଷମାନଙ୍କୁ ଏଇଆ ଦରକାର !'

ବୁଲିପଡ଼ି ପଚାରିଲି-
'କି ?'
କହିଲା-
'ତୋ ମୁହଁ ଉପରେ ଛେପ ପକେଇଲେ
କେମିତି ଲାଗିବ ?'
ମୁଁ ବି କୋଉ ଛାଡ଼ିବା ଛୁଆ !
କହିଲି-
'କୁକୁର ଗାଈ ଗୋରୁ ଏମାନେ କ'ଣ ସାଧୁ ?'
ତାଙ୍କୁ ତ କାଇଁ କହୁନୁ !
କହିଲା- ସେମାନେ ଦିନରେ ଏଇଠି ହଗିଲେ ବି
ରାତିରେ ମତେ କୁଣ୍ଢେଇକି ଶୁଅନ୍ତି।
ଖାଇବା ବି ଆମେ ଭାଗ ଭାଗ କରି ଖାଉ
ମୋରି ମୁହଁରେ ଆଗ ଦିଅନ୍ତି।
କମ୍‌ସେ କମ୍ ଅଇଁଠା ତ ଫିଙ୍ଗନ୍ତିନି ତୋ ଭଳିଆ !

ନଶୁଣିଲା ଭଳିଆ ଆଗକୁ ଆଗୁ ଯାଉଥିଲି
ପଛରୁ ଡାକି କହୁଥିଲା
ଚପଲରେ କ'ଣ ଲାଗିଛି ତୋର
ଘଷିଦେ ଦେ ମୋ ଦେହରେ।
ଟିକେ ପରେ ମୁନ୍‌ସୀ ପାଲିଟି ଗାଡ଼ି ଆସିବ
ମତେ ଗାଧେଇଦେବ।

ଆଉ ଦାନ୍ତ କଟମଟ କରି କହୁଥାଏ
'ଯା' ହଉ କିଛି ତ ବନ୍ଦୋବସ୍ତ କରିଛ !'

ଇନ୍‌ଫୋସେସ୍,ଏଲ୍.ଟି.ଡି., ଭୁବନେଶ୍ୱର
ମୋ: ୯୯୩୭୨୩୮୩୩୬

# ପ୍ଲାଟ୍‌ଫର୍ମରେ ବସନ୍ତ

◆ ଆଶିଷ୍ କୁମାର ମିଶ୍ର

କ୍ଷେତ୍ରରାଜପୁର ପ୍ଲାଟ୍‌ଫର୍ମରେ
ଠିଆ ହୋଇଥିଲା ଲୋକଟି,
ଯଦିଓ ସେ ଠିକ୍ ଭାବରେ ଜାଣେନାହିଁ
ବସନ୍ତ ଫାଟକ ଷ୍ଟେସନ୍‌ରେ ଓହ୍ଲେଇବ
ନା କ୍ଷେତ୍ରରାଜପୁରରେ।

ଅସୁବିଧା ବା କୋଉଠି ?
ସେ ତ ଚିହ୍ନିପାରିବ ବସନ୍ତକୁ ଦେଖିଲେ।
ସାଇରନ୍ ବଜାଇ
ଲୋକଟିର ବାଁ ପଟରୁ ଆସିଲା ଟ୍ରେନ୍,
ସେ ଆଖି ବୁଲାଇଲା,
ହେଲେ ବସନ୍ତର ଦେଖାନାହିଁ।
ପ୍ରକୃତରେ ବସନ୍ତ ଓହ୍ଲେଇ ସାରିଥିଲା
ଏବଂ ଦେଖିସାରିଥିଲା ସେ ଲୋକକୁ।
ହେଲେ ବସନ୍ତ କାହିଁକି ଆସୁନାହିଁ
ସେ ଲୋକ ପାଖକୁ ?

ସିମେଣ୍ଟ୍ ବେଞ୍ଚ୍‌ରେ ବସିଗଲାଣି ବସନ୍ତ।
ବାହାର କଲାଣି ଡାଏରୀରୁ ଖଣ୍ଡେ କାଗଜ
ଛାତି ପକେଟ୍‌ରେ ହାତ ମାରିଲା ବେଳକୁ
ଗୋଚର ହେଲା
ଟ୍ରେନ୍‌ରେ ଚଢ଼ିବା ବେଳକୁ ଖସି ଯାଇଛି କଲମ।

ପାଖ ଯାତ୍ରୀଠୁ ମାଗିଲା,
କ'ଣ ସବୁ ଗାରେଇଲା
ଚରିଭାଂଗ କଲା
ଥୋଇଦେଲା ସିମେଣ୍ଟ୍ ବେଞ୍ଚ୍‌ରେ
କାଗଜ ଉପରେ ପଥରଟେ ରଖି।

ଠିଆ ହେଲା ସେଇଠି
ପରବର୍ତ୍ତୀ ଟ୍ରେନ୍ ଆସିଲା
ସେ ଚଢ଼ିଲା,
ଆରେ ଇଏ କ'ଣ ଫେରି ଯାଉଛି ବସନ୍ତ !

ଆଉ ପାଖ ଲୋକଟି କାଗଜ ଖୋଲି ପଢୁଛି-
ପକ୍‌କା ଘର ତିଆରି ପାଇଁ
ଗାଁ ମୁଣ୍ଡରୁ କାଟି ଦେଇଛ ଆମ୍ବଗଛ ସବୁ
ମୁଁ ରହିବି କୋଉଠି ?

ଶୁଖି ଗଲାଣି ମହାନଈର ଧାର,
ଜଙ୍ଗଲ ବୁଲି ଗାଁକୁ ଫେରିଲାବେଳେ
ମୋତେ ଶୋଷ ହେଲେ ପିଇବି କ'ଣ ?

କଂକ୍ରିଟ୍ ବିଛେଇ ଦେଲଣି ରାସ୍ତା ଉପରେ
ଧୂଳିରେ ମାତି ଖଣ୍ଡିଆଭୂତ ହୋଇ
ଖୁସି କେମିତି କରେଇବି ଗୁଡ଼ି ଉଡ଼ଉଥିବା ପିଲାଙ୍କୁ ?

ଖସି ଗଲାଣି ତରୁଣୀଙ୍କ ଛାତିରୁ ଓଢ଼ଣୀ,
ସେମାନେ ମତେ ଦେଖି ଲାଜ କରୁଛନ୍ତି ବୋଲି
ଜାଣିବି କେମିତି ?

ଯୋଉଠି ବଂଚିବା ମରଣଠୁ ଜଘନ୍ୟ
ସେଇଠି ଫୁଲ ଶେଯର ମାନେ କ'ଣ ?
ତେଣୁ, କ୍ଷମା କର
ବସନ୍ତ ତୁମ ରାଇଜରୁ ଫେରିଯାଉଛି।

# ଦିନାବସାନେ

◆ ଚନ୍ଦନଲାଲ୍ ତେୱାରୀ

ଦିନଟି ତା'ର ଶେଷ ସୋପାନରେ
ମଣିଷର କାନେ କାନେ କହିଯାଏ
ଭୋର୍ ପକ୍ଷୀଙ୍କ କାକଳିରେ
ଅନ୍ଧାରର ଅନ୍ତ ହେବ,
ତଥାପି କାହିଁକି କେଜାଣି ସେ
ଆଜି ବି ଉଦାସ ।

ହୁଏତ ଆଲୋକ ହେବ ନିର୍ବାପିତ
ନ ଥିବେ ସାଥେ ତାର କେହି
ପଥଟା ବି ଅଧାରେ ହୋଇଯିବ ଶେଷ
ଅଶ୍ରୁର ନୀରବ କଥା ଶୁଣିବେନି କେହି
ଭୋର୍ ଆଲୋକ କଥା ଭାବି ଭାବି
ହୁଏତ, ସ୍ୱପ୍ନରେ ସଜାଡ଼ ସଜାଡ଼
ଅଜାଣତେ ରାତି ଯିବ ପାହି ।

ହୁଏତ ବା କ୍ରନ୍ଦର ଶେଷ ଅଛି
କୂଳରେ ସେ ଯାଇଛି ପହଞ୍ଚି
ମଧ୍ୟରାତ୍ରରେ ରାତ୍ରିଟା ବି ହୋଇଯିବ ଶେଷ
ଆନନ୍ଦ ବନ୍ୟା ତାକୁ ଭସାଇ ନେବ
ଖଦ୍ୟୋତ ତା' ଦୀପ ଜାଳି ଜାଳି
ହୁଏତ ସ୍ୱପ୍ନର ସ୍ୱର୍ଗ ସଜାଡ଼ ସଜାଡ଼
ଅଜାଣତେ ରାତିଯିବ ପାହି ।

ପ୍ରାକ୍ତନ କର୍ମଚାରୀ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

# କ'ଣ ଲେଖିବି ?

◆ ଗୋକୁଳାନନ୍ଦ ଦାସ

ବେଳେ ବେଳେ ଇଚ୍ଛାହୁଏ
କିଛି ଲେଖିବାକୁ;
ଅନୁରୋଧ ବି ଆସେ;
କିନ୍ତୁ କ'ଣ ବା ଲେଖିବି ?

ନୀଳ ଆକାଶ,
ଦୂର ବନାନୀ କଥା
ଅବା
ଦୂର ଦିଗବଳୟ ମଥାରେ
ସିନ୍ଦୂର ବିନ୍ଦୁ ପରି
ଅସ୍ତାଚଳଗାମୀ ସୂର୍ଯ୍ୟଙ୍କ କଥା,
ଅଥବା
ଚନ୍ଦ୍ରବିଧୌତ ରଜନୀରେ
ଶୁଭ୍ର ରଜନୀଗନ୍ଧାର ସୁରଭି କଥା
ବା
ପରୀ ରାଇଜର
ଝିଲିମିଲି ରାଜକୁମାରୀ କଥା,
କ'ଣ ଲେଖିବି ?

ଥାଉ, –
ଏ କଥା ସବୁ ପୁରୁଣା ହେଲାଣି ।
ଆଉ ଦେଶାତ୍ମବୋଧ କବିତା ?
ନାଁ – ନାଁ
ଆବଶ୍ୟକ ନାହିଁ
ଆମେ ସମସ୍ତେ ଦେଶପ୍ରେମୀ;
ଆମର ସମସ୍ତ ଯୋଜନା
ଗୃହାଭିମୁଖୀ :
ମୋ' ଅଟ୍ଟାଳିକା
ମୋ' ସମ୍ପତ୍ତି
କାହାର କି ?
ସବୁ ତ ଦେଶର !
କିଛି ଉପଦେଶ ?

Bore !
ସବୁଠାରୁ ଶସ୍ତା commodity
ସବୁଠାରୁ ବେଶୀ ଅନାଦୃତ !
କିଏ ବା ନଜାଣେ ?
'ସତ୍ୟମ୍ ବଦ'
'ଗୁରବେ ନମଃ'
'ଅଧ୍ୟୟନମ୍ କୁରୁ'

ଆଉ ପ୍ରେମ କବିତା ?
ପାହାଚ ତଳେ
କିମ୍ବା କୃଷ୍ଣଚୂଡ଼ା ଗଛ
ଛାଇ ଆଲୁଅରେ
ଆତ୍ମବିଭୋର
ତରୁଣ ତରୁଣୀଙ୍କ
ଖିଲିଖିଲି ହସ !
ସେମାନଙ୍କ କଥା ?
ସାବଧାନ
ଗୁରୁଙ୍କ ପକ୍ଷେ ଶୋଭା ପାଏନା ।
ଆତ୍ମକଥା ?
ସମାଲୋଚନା ହେବ ।

ପରମାତ୍ମା କଥା ?
ଏଥିରେ ଆପତ୍ତି ନାହିଁ;
ସବୁଠାରୁ ନିରାପଦ ରାସ୍ତା
ବରଂ ଏହି ରାସ୍ତାରେ ରହି
ସୁବିଧା ଉଣ୍ଡି
କଣେଇ କଣେଇ
ବେଶି ନୁହେଁ
ପାଦେ କି ଦୁଇପାଦ,
ମାତ୍ରହୁଡ଼ି ପାର ।
ତାହାହେଲେ ମୁଁ କିଏ ?
ଏକ ଅସ୍ତିତ୍ୱ ବିହୀନ ପ୍ରାଣୀ
ଏକ ମପାଚୁପା
ଧରାବନ୍ଧା ରାସ୍ତାର ପଥିକ,
କିଛି ଲେଖିବାର ନାହିଁ
ଯଦି ନିହାତି ହୁଏ ଆବଶ୍ୟକ,
ବହୁ ଅନୁରୋଧ ପରେ
ତେବେ ଲେଖିପାର
"ହରେକୃଷ୍ଣ ହରେରାମ"

୧୭୭, ଧର୍ମବିହାର
ମୋବାଇଲ୍-୯୪୩୭୦୩୫୧୨୧

# ଖିଲିଖିଲି ହସେ ଫୁଲେଇ ଫଗୁଣ

◆ **ଡ. ସୁକାନ୍ତି ତ୍ରିପାଠୀ**

ଫଗୁଣ ଆସିଲେ ବାସ ଚହଟଇ
ଧରଣୀ ରାଣୀ ହସଇ,
ମଳୟ ବହୁଛି କୋଇଲି ଗାଉଛି
ସଭିଏ ହୁଅନ୍ତି ବାଇ ।୦।
ଅନେକ ଫଗୁଣ ଛୁଇଁଲାଣି ଦେହ
ମନେ ସବୁ ପଡୁଥାଏ,
ନିଦରେ ନିଦରେ କେତେ ଯେ ସପନ
ହସି ହସି ଦେଖୁଥାଏ
ଲାଗେ ସତେ ଅବା ସବୁରି ମନକୁ
ଯଉବନ ଯାଏ ଛୁଇଁ ।୧।
ଫଗୁ ପୁନେଇଁର ଜହ୍ନକୁ ଦେଖିଲେ
ମନେ ପଡେ ତୁମ କଥା
କାହିଁ କେତେ ଦୂରେ ରହିଲ ତୁମେ ଯେ
ପାଉଥାଏ ମୁହିଁ ବ୍ୟଥା
ଉଡନ୍ତେ ଭ୍ରମର ଫୁଲରୁ ଫୁଲକୁ
ମଧୁ ଶୋଷି ନେବା ପାଇଁ ।୨।
ଦୋଳ ପୁନିଅଁର ଫଗୁଖେଳ ସାଥେ
ହାତେ ଧରି ପିଚକାରୀ
ମନ ଆନନ୍ଦରେ ଖେଳୁଥାନ୍ତି ରଙ୍ଗ
ଭାବ ପ୍ରୀତି ଦିଏ ଭରି
ଖିଲି ଖିଲି ହସେ ଫୁଲେଇ ଫଗୁଣ
ହାତ ଧରି ଡାକୁ ଥାଇ । ୩।

ଏନ୍/୫ - ୪୨୮, ଆଇ. ଆର୍. ସି.; ଭିଲେଜ,
ଭୁବନେଶ୍ୱର-୧୫,ମୋବାଇଲ୍ -୯୪୩୮୦୭୯୫୨୮

# ଚାରାର ଛାଇ

◆ ଡା. ଗୌରୀଶଙ୍କର ପଣ୍ଡା

ମହାମାନ୍ୟ ହେ,
ସବୁ ସରିଲା ତ କଟା କଟି
ନା, ରହିଯାଇଛି ଗୋଟେ ଅଧେ
କାଁ-ଭାଁ କେଉଁଠି ।

ଯାଅ, କମିଶନ ବସାଅ
ଗୁଇନ୍ଦା ଲଗାଇ ତଦନ୍ତ କର ...

ଯଦି କିଏ ଫନ୍ଦିଫିକର କରି ବଂଚେଇ ଦେଇଥିବ କେଉଁଠି
ଚାରାଟିଏ କି ଛାଇଟିଏ,
ତା'କୁ ସେଇକ୍ଷଣି ଜେଲ୍‌ରେ ଭର ...।

ତମର ନଜରର ଅଢୁଆଲୁ ବଂଚି
ଯିଏ ଉଭାନ୍ ହୋଇଯାଇଥିବ
ରାସ୍ତାକଡ଼େ ଚାରାଟିଏ ଜଗେଇ ଦେଇ,
ତା'କୁ ପଳାତକ ଘୋଷଣା କର ...

ଯିଏ ଅହରହ ଦେଖଉଥିବ ସଭିଙ୍କୁ ଗଛ ଗୁଛାର ସାଗୁଆ ସ୍ୱପ୍ନ
ତମର ଶିଳ୍ପାୟନର ବିରୁଦ୍ଧରେ ଯାଇ
ତା'କୁ ସେଇଠି ହିଁ ମାର ...।

ନହେଲେ, ଗୁଡ଼ାଏ ଦଫା ଲଗେଇ ସଜା ଦିଅ
ସବୁ ବିଦ୍ରୋହୀଙ୍କୁ, ଯିଏ ତଂଟି ଫଟେଇ ଫଟେଇ
ନାରା ଦେଉଥିବେ ଚାରା ବଂଚାଅ- ଛାଇ ବଂଚାଅ
ଗଛ ବଂଚାଅ- ପୃଥ୍ୱୀ ବଂଚାଅ
ପାରୁଛ ଯଦି, ବିନା ମକଦ୍ଦମାରେ / ବିନା ବିଚାରରେ
ସିଧା ଫାଶି ଖୁଂଟରେ ତାଙ୍କୁ ଝୁଲେଇ ଦିଅ ...।

ଗଛ ଗୁଛା ହଜୁ ...
ଘର୍‌ଘର୍ କାର୍ଖାନାର ସାଇରନ୍ ବାଜୁ ... !

ଦେଖିବ, ରାସ୍ତା ଚଉଡ଼ା ହୋଇ ସାରିଥିବ
ତା'ପରେ ଆପେ ଆପେ... !

କେଉଁ ରାସ୍ତା କି ...!!
କେଉଁ ଆଡ଼େ କି ...!!

ହୁଏତ ରାସ୍ତା ଚଉଡ଼ା ହେଲା ପରେ ପରେ
ତମେ ଆରାମ୍‌ରେ ପହଂଚି ଯାଇଥିବ ଦିନେ
କଂକ୍ରିଟ୍‌ର ମରୁଭୂମିରେ !

ମହାମାନ୍ୟ ହେ,
ସେଦିନ ତମକୁ ଆଉ ବୋଧେ ଶୋଷ ହେବନି ...
କାରଣ, ତମେ ପିଇ ସାରିଥିବ ସେତେବେଳକୁ
ସବୁଜ ସେନାନୀର ସବୁତକ ରକ୍ତ
ଓ ତମର ବାଟସାରା ବିଛେଇ ହୋଇଥିବା ଚେର ଯାକର
ସବୁତକ ପାଣି
ଭଲ ଭାବେ ଝୁଣି ଝୁଣି ।

ମହାମାନ୍ୟ ହେ,
ତମେ ଥିବ ତ ସେଦିନକୁ ସତରେ ...!!
ଜଳି ଯିବନି ତ ଡ଼ହଡ଼ହ ଖରାରେ ...!!

ମହାମାନ୍ୟ ହେ, ଆଗପଛ ଅନେଇ ଆସ ...
ଚାରାଟିଏ ମାଟିରେ ପୋତି ଟିକେ ହସ ...
ହୁଏତ, ତା'ପରେ ପବନରୁ ସରିପାରେ ବିଷ
ଓ ସେଇ ଚାରାର ଛାଇରେ ବଢ଼ିପାରେ ଟିକେ ଆୟୁଷ ...!!

ମାର୍ଫତ୍- ଶ୍ରୀଯୁକ୍ତ ଗୋପାଳ ଚନ୍ଦ୍ର ପଣ୍ଡା
ଶାନ୍ତିନଗର, ସୋନପୁର- ୭୬୭୦୧୭
ମୋ.- ୯୪୩୮୨୦୪୫୯୮

# ଧରମ ଭାଇ

◆ ଡ. ତ୍ରିନାଥ ମଲ୍ଲିକ

ତୁମେ କହୁଥିଲ ତୁମେ ମୋର, ତୁମେ ମୋର
ଆଉ ମୁଁ ତୁମର
ଦୁହେଁ ଦୁହିଁଙ୍କ ପାଇଁ
ଏବେ କିନ୍ତୁ କୁହନାହିଁ
ସତେ ଅବା ପଶିଆସିଲା କି କେଉଁ ଧରମ ଭାଇ !

ତୁମେ କହୁଥିଲ ମୁଁ ତୁମ ଆକାଶର ଜହ୍ନ
ତୁମ ହୃଦ ଚନ୍ଦନ
ମୋ ପାଇଁ ତୁମ ମନ ଥିଲା ଉଚ୍ଛନ୍ନ
ଏବେ କିନ୍ତୁ କୁହନାହିଁ
ସତେ ଅବା ପଶିଆସିଲା କି କେଉଁ ଧରମ ଭାଇ !

ତୁମେ କହୁଥିଲ ପାର୍କ ଯିବା, ସିନେମା ଯିବା
ଯିବା ଗୁପଚୁପ୍ ଖାଇ
ଏବେ କିନ୍ତୁ ଯାଅନାହିଁ
ସତେ ଅବା ପଶିଆସିଲା କି କେଉଁ ଧରମ ଭାଇ !

ତୁମେ କହୁଥିଲ ତୁମେ ମୋ ସାଥୀ
ତୁମେ ମୋ ପ୍ରୀତି
ତୁମେ ମୋର ଦିନ ରାତି
ଏବେ କିନ୍ତୁ କୁହନାହିଁ
ସତେ ଅବା ପଶିଆସିଲା କି କେଉଁ ଧରମ ଭାଇ !

ତୁମେ କହୁଥିଲ ମୁଁ ତମ ଦୁନିଆଁ
ମୁଁ ତମ କେଶପାନିଆ
ତମ ସଂଗୀତର ହାରମାନିଆ
ଏବେ କିନ୍ତୁ କୁହନାହିଁ
ସତେ ଅବା ପଶିଆସିଲା କି କେଉଁ ଧରମ ଭାଇ !

ତୁମେ କରୁଥିଲ ମୋ ପାଇଁ ଜାଗର
ଯାଇ ଶିବ ମନ୍ଦିର
ରହି ଉଜାଗର
ଏବେ କିନ୍ତୁ କରନାହିଁ
ସତେ ଅବା ପଶିଆସିଲା କି କେଉଁ ଧରମ ଭାଇ !

ତୁମେ ବୁଲୁଥିଲ ମୁଁ ବୁଲୁଥିଲି
ବେଳାଭୂମିରେ ହାତ ଧରାଧରି ହୋଇ
ଜୀବନ ସାଥୀ ହେବାପାଇଁ
ଶପଥ କଲେ ବଟ ମୂଳରେ ଯାଇ
ଏବେ କିନ୍ତୁ ତୁମ ମନେନାହିଁ
ସତେ ଅବା ପଶିଆସିଲା କି କେଉଁ ଧରମ ଭାଇ !

ଅଧ୍ୟକ୍ଷ, ଶ୍ରୀ ବାଣେଶ୍ୱର ଡିଗ୍ରୀ ମହାବିଦ୍ୟାଳୟ
ବେଣ୍ଣୁପୁର, ଖୋର୍ଦ୍ଧା

# ମନ ବଗିଚାର ଫୁଲ

◆ ଡ. ସରୋଜିନୀ ପାଣି

ଏବେ ବି ମନରେ ମହକି ବାସୁଛି
ମନ ବଗିଚାର ଫୁଲ ।
ମନ ହୁଏ ଏବେ ସେଇ ଫୁଲ
ସାଥେ ଟିକିଏ ହୁଅନ୍ତି ଗେଲ ।

ସୁଖ ଦୁଃଖ ଭରା ଜୀବନଟା ଯାଏ
ଖାଲ ଖମା କେତେ ଡେଇଁ
କେଉଁଠି ପାହାଡ଼, କେଉଁଠି ବା ଝଡ଼
କୁଳୁକୁଳୁ ବହେ ନଈ ।

ହତାଶ ବତାସ ଭାବନାରେ ସିନା
ମଧୁମୟ ଏ ଜୀବନ
ଆଶା ପାରିଜାତ ଉଷାରେ ରହିଛି
ଅଶେଷ ଆଶାର ଧ୍ୟାନ ।

ସୁନ୍ଦର ସୃଷ୍ଟି ସୁନ୍ଦର ଦୃଷ୍ଟି
ସୁନ୍ଦର ଏ ସଂସାର
ଜୀବନ ଯାତ୍ରାରେ ଲଗାଇ ତୁ ଚାଲ
ମନ ବଗିଚାର ଫୁଲ ।

# ସପନ

◆ ବିଘ୍ନେଶ୍ୱର ନାୟକ

କେତେ କିଏ କହିଛନ୍ତି
ସପନଦେଖ ବୋଲି
ସପନ ଦେଖିବାଜେ
ଏତେ କସା
ଜାଣି ମୁଁ ନଥିଲି
ଜାଣି ମୁଁ ନଥିଲି

ନିଦ ଯେବେ ଭାଙ୍ଗିଯାଏ
ସପନତୁମେ ଆସିବା ଆଗରୁ
ଲାଗେ ମୋତେ ସତେ ଅବା
ଫୁଲ ମୋର ଝାଉଁଳି ପଡ଼ିଛି
ଫୁଟିବା ଆଗରୁ ॥

ଆଞ୍ଜୁଳାଏ ସପନ ପାଇଁ ସତେ
କେତେଜେ ଖୋଜିଛି
ଆଜି ସତେ କେତେ ଖୁସି
ପାଖେ ମୁଁ ସପନ ପାଇଛି

ମୋତେ ଯଦି ପଚାରିବ
ସପନକୁ ପାଖରେ ପାଇ
କି ଲାଭ ପାଇବ
ମୁଁ କହିବି
ନଥାଇ ରାଜ୍ୟ ତୁମେ ରାଜା ହୋଇ ଯିବ
ସ୍ୱର୍ଗର ନନ୍ଦନ କାନନ ଠାରୁ
ନଦେଖିଲା କଥା
ସବୁ ପାଖରେ ପାଇବ
ସବୁ ପାଖରେ ପାଇବ

କର୍ମଚାରୀ, ପଣ୍ଡିତ ନୀଳକଣ୍ଠ ଛାତ୍ରାବାସ
ବାଣୀବିହାର



# ମରୀଚିକା ସାଥୀ

◆ ସୁନିତା ସାହୁ

ମନ ଯେ ମୋହର ମରୀଚିକା ସାଥୀ
ଖୋଜେ ମୁଁ ତୁମକୁ ଆଜି
ମନକୁ ଭାଙ୍ଗିକି କାହିଁ ଗଲ ସାଥୀ
କେମିତି ମୁଁ ଯେ ବଞ୍ଚିବି
ଖୋଜେ ମୁଁ ତୁମକୁ ନୀଳ ଆକାଶରେ
ଖୋଜେ ମୁଁ ବର୍ଷାରେ ଭିଜି
ଖୋଜି ଖୋଜି ଆଜି ପାଗଳି ସାଜିଛି
ନ ପାଏ ତୁମକୁ ଖୋଜି
ବିରହ ନିଆଁରେ ଜଳି ମୁଁ ଚାଲିଛି
ମରିବା ପାଇଁ ମୁଁ ରାଜି
ଥରଟେ ତ ଆସି ଦେଖାଦିଅ ସାଥୀ
ହୁଏତ ମୁଁ ବଞ୍ଚିଯିବି....।

ଦୂର ନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟ

## ମାତୃଭାଷା

◆ ଡ. ସ୍ନେହଶ୍ରୀ ସ୍ୱାଇଁ

ମାତୃଭାଷା........... ମାତୃଭାଷା
ଓଡ଼ିଆର ପ୍ରତି ରକ୍ତରେ ତୁମେ
ଓଡ଼ିଆର ପ୍ରାଣ ଶ୍ୱାସ ପ୍ରଶ୍ୱାସରେ
ଓଡ଼ିଆ ସଂସ୍କୃତି ଓଡ଼ିଶାର ଧର୍ମରେ
ଚାଲି ଚଳଣୀରେ ଓଡ଼ିଆତ୍ୱର ବାଣୀ
ଓ......... ବୀରତ୍ୱର ଠାଣି ।

ଉକୁଟି ଉଠଇ ସଦ୍ୟ କୁସୁମ
ତୁମ ଭାଷା ଶୈଳୀରେ
ଫକୀର ମୋହନଙ୍କ..... କଥାକୃତୀରେ
ରାଧାନାଥଙ୍କ.... କାବ୍ୟଶୈଳୀରେ
ଏବଂ ଗଙ୍ଗାଧରଙ୍କ..... ପ୍ରକୃତି ଛନ୍ଦରେ
ସେ ଭାଷାର ପୁରାଣ.... ଓଡ଼ିଆ ଜୀବନ ଛନ୍ଦରେ।
ତୁମ ପାଇଁ ଜାତି ଗର୍ବିତ ଆଜି
ମୋ ପ୍ରିୟ ଓଡ଼ିଆ ଭାଷା
ସଂସ୍କୃତିରେ ଓ ଧର୍ମରେ।

ଶାସ୍ତ୍ରୀୟ ମାନ୍ୟତା ପାଇବାରେ
ଅଗ୍ରଣୀ ହେଲ ତୁମେ
ଚାଟଶାଳୀରୁ ଉଚ୍ଚ ବିଦ୍ୟାଳୟ ଯାଏ,
ମହାବିଦ୍ୟାଳୟରୁ ସରକାରୀ ସ୍ତରରେ
ତୁମର ଆଦର ରହିଛି, ରହିବ ହେ !
ମୋର ପ୍ରିୟ ମାତୃଭାଷା।

ଓଡ଼ିଆର ପ୍ରାଣକର୍ତ୍ତା
ଗୋଲାକାର ଆଖିର ଚେହେରା
ଆକୃତି ବହନ କରିଛ ତୁମେ।
ସାବଲୀଳ ସ୍ୱର ତୁମ ନିଆରା
ଓଡ଼ିଆର ଜାତି ପ୍ରାଣ
ଯୁଗେ ଯୁଗେ ରହିଛି, ରହିବ,
ବିଞ୍ଚିଦେଇ ଜ୍ଞାନର ପସରା,

"ଓଡ଼ିଆ ଭାଷା" ସେ ମୋ ମାତୃଭାଷା
ମୋ ମାଆର ଭାଷା, ମୋ ଜେଜେ ମା'ର ଭାଷା
ଆମ ପିଢ଼ୀ ପିଢ଼ୀର ଭାଷା।
ଓଁ ବ୍ରହ୍ମାଃ, ଓଁ ବିଷ୍ଣୁଃ, ଓଁ ମହେଶ୍ୱର।"

## ସାଥୀ

◆ ପଙ୍କଜ କୁମାର ବେହେରା

ପାରିବିନି ଭୁଲି ତୁମକୁ ମୁଁ ସାଥି
କେମିତି ଭୁଲିବି ଆମ ପ୍ରେମ ସ୍ମୃତି
ତୁମ ବିନା ସାଥି ଭଲ ଲାଗେନା
ତୁମ ଛଡ଼ା କିଛି ମୁଁ ଜାଣେନା
କେମିତି ଭୁଲିବି କୁହ ତୁମେ ସାଥୀ
ସାଥିରେ........... (୧)

ପ୍ରେମ ନୁହେଁ ଏକ କାଚଘର
ପଡ଼ିଗଲେ ଭାଙ୍ଗିଯିବ
ପ୍ରେମ ନୁହେଁ ଏକ ବାଲିଘର
ଭାଙ୍ଗିଦେଲେ ଗଢ଼ିହେବ
ସିଏତ ହୃଦୟର ଘର
ସବୁଦିନ ରହିଥିବ
ସାଥିରେ........... (୨)

ଭୁଲିବନି କେବେ ପକାଅତ ରାଣ
ଭୁଲିଗଲେ ତୁମେ ମୁଁ ମରିଯିବି ଜାଣ
ଏ କି ଜନମେ ନ ହେଲା ନାହିଁ
ଆର ଜନମକୁ ଥିବି ମୁଁ ଚାହିଁ
ସାଥିରେ........... (୩)

ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

# ଲାଇକ୍ ନା କମେଣ୍ଟ ?

◆ ବାଦଲ ମହାନ୍ତି

ଦେଖିଲି ଝିଅଟିଏ ଫେଶବୁକ୍ କାନ୍ଥରେ
କେଶ ମୁକୁଳା କରି ହସୁଥିଲା
ଚାରିଶହ ଅଠାନବେ ଲାଇକ୍ ପରେ ।

ମୋର ମନେପଡ଼ିଗଲା ଦେବୀ କଥା
କେବେ ବି ଚାହିଁନି ସେ ମୁହଁକୁ ସିଧାସିଧା
ଆଜିଯାଏଁ ବି କିନ୍ତୁ ମନେଅଛି ତା'ର
ଗୋଟିଗୋଟି ମୁଁ କହିଥିବା ପ୍ରତିଟି ଶବ୍ଦ
ଆଶ୍ଚର୍ଯ୍ୟ !

ଅବଶ୍ୟ ! ତା ମୁକୁଳା କେଶ
ବେଫିକର ହସ
ମୋତେ ବାଧ୍ୟ କରିଛି
ଦେବୀ ଦେଖିବାକୁ ତା' ଠିଁ
ସେଥିପାଇଁ ତାକୁ ଧନ୍ୟବାଦ
ସେ କାହାପରି ଦିଶୁଛି
ନ'କହିଥିଲେ ବି ଚଳିଥାନ୍ତା
ହେଲେ ମୁଁ ନିରୂପାୟ
ଦେବୀପରି ଦିଶୁଥିବା
ଫଟୋ ସହ ଛଳ ?
ଅସମ୍ଭବ ।

ତାକୁ ତ କହିପାରିବିନି
ଉଠେଇ ନିଅ ଏ ଛବି
ସେ କହିଦେଇ ପାରେ
ଫେଶବୁକ୍ କାନ୍ଥ କ'ଣ
ତମ ପୈତୃକ ସମ୍ପତ୍ତି ?

ତେଣୁ ତା' ଭିତରେ
ବାଧ୍ୟରେ ଦେଖୁଛି
ମୁଁ ଦେବୀହୀନ ଛବି ।
ଦେବୀ ! ଜାଣିଛ

ସେ ଠିକ୍ ତମ ପରି ଭାରି ଜିଦ୍ଦି
ବାରମ୍ବାର ମୋ ଟାଇମ୍ ଲାଇନ୍‌ରେ
ଫଟୋ ଛାଡ଼ି ଯେମିତି ପଚାରୁଛି
କ'ଣ ହେଇଗଲ କି ହୋ ?
ଇନ୍ଦ୍ର ନା ଗନ୍ଧର୍ବ ?
ଭାରି ଅହଂକାରୀ ତ ତମେ
ଏବେବି ମୋ ଫଟୋକୁ
କମେଣ୍ଟ କି ଲାଇକ୍
କଲନି କେମିତି ?

ତାକୁ ମୁଁ କେମିତି କହିବି
ସାତସିଆଁ କାନିରେ
ମାଗିଯାଚି ନେଉଥିବା ପ୍ରେମ
ଅଧାବାଟକୁ ନିଅଣ୍ଟ ବୋଲି ?

ମାନୁଛି ତା'ପାଖରେ
ମନଲାଖି ଦେହଟିଏ ଅଛି
ସେଇଥିପାଇଁ ତ ସେ
କାଙ୍ଗାଳମାନଙ୍କ ଥାଳିରେ
ଠନ୍‌ଠନ୍ ଦୟା ହେଇ ଝରିପଡୁଛି
ମିଛ ଜୟଜୟକାରରେ
ଛାତି ତା'ର ଉଚ୍ଛୁଳି ଉଠୁଛି ।

କହିଦେବି କି ଦେବୀ ହେବାର ଉପାୟ ?
ନା ଥାଉ
ସେଇମିତି ଅପୂରଣୀୟ ହେଇ ରହୁ
ଦେବୀର ଆସ୍ଥାନ ।

ବରଂ ସେ ଲାଇକ୍ କି କମେଣ୍ଟ ଟେ
ମାଗୁଛି ଯଦି ନଉ,
ଏଥିରେ କ୍ଷତି କ'ଣ ?

ପ୍ଲଟ ନଂ -୫୧୩, ନୂଆସାହି, ନୟାପଲ୍ଲୀ
ଭୁବନେଶ୍ୱର -୧୨, ମୋ : ୯୭୭୮୦୩୫୭୬୭

# ଫଗୁଖେଳ

◆ ଚକ୍ରଧର ତ୍ରିପାଠୀ

ଫଗୁଣ ମାସର ଶୁକ୍ଳ ଦଶମୀରେ
ରାଧାକୃଷ୍ଣ ଫଗୁଖେଳ
ଏକାଦଶୀ ଠାରୁ ଋତ୍ୱେରୀ ଭୋଗରେ
ଭକ୍ତଗଣ ହର୍ଷୋତ୍‌ଫୁଲ୍ଲ ।୧।
ଘଣ୍ଟ, ଘଣ୍ଟା, ଶଙ୍ଖ, ମର୍ଦ୍ଦଳ ଶବଦେ
କମ୍ପି ଉଠେ ଚତୁର୍ଦ୍ଦିଗ
ମନୋହର ବେଶେ ହୋଇ ସୁସଜ୍ଜିତ
ବିମାନେ ବିଜେ ଗୋବିନ୍ଦ ।୨।
ବିମାନ ସଜାଇ କାନ୍ଧରେ କାନ୍ଧେଇ
(ଦେଇ) ହରିବୋଲ, ହୁଳହୁଳି
ମଶାଲର ପଛେ କରନ୍ତି ଗମନ
ମୁଣ୍ଡେ ପ୍ରଭୁ ଫଗୁ ବୋଳି ।୩।
ଭକ୍ତମାନେ ଭୋଗ ଦିଅନ୍ତି ସମର୍ପି
ପ୍ରଭୁଙ୍କୁ ଦୁଆରେ ପାଇ
ସଭିଙ୍କର ସର୍ବ ସୁଖ ମନାସନ୍ତି
ଅବିର ମୁଣ୍ଡେ ଲଗାଇ ।୪।
ଦୋଳ ପୂର୍ଣ୍ଣମୀ ଦିନରେ ବିମାନେ
(ପ୍ରଭୁ) ଦୋଳମଣ୍ଡପରେ ବିଜେ
ଦୋଳି ଖେଳିଥାନ୍ତି ରାଧାଙ୍କ ସହିତେ
ନଟଖଟିଆ, ଛଳିଆ ନିଜେ ।୫।
ହରିହର ଭେଟ ସାନ୍ନିଧ୍ୟ ସକାଶେ
ଋହିଁଥାନ୍ତି ଭକ୍ତଗଣ
ପୁଣ୍ୟ ସାୟଂକାଳେ ପୁଷ୍ପ, ଫଗୁ ସାଥେ
ଅପୂର୍ବ ଶୋଭା ଦର୍ଶନ ।୬।
ପ୍ରଭୁଙ୍କ ଲୀଳାରେ ହୋଇ ନିମଜ୍ଜିତ
ଛଅ ଦିନଯାଏ ବିତି
ଅବିର ମହିମା ଭାବିବାକୁ ଥରେ
ନଥାଏ କାହାର ମତି ।୭।
ପ୍ରକୃତ ଅବିର ସଂସ୍ପର୍ଶେ ଆସିଲେ
ବଢ଼େ ପ୍ରତିରୋଧ ଶକ୍ତି
ଆଜି କିନ୍ତୁ ତାର କାର୍ଯ୍ୟ ବିପରୀତ
ସ୍ଥିର ନୁହେଁ କାର ମତି ।୮।
ହୋଲିର ନାମରେ ହୋଇ ଉନ୍ମାଦିତ
ଘଟେ ଯେତେ ଅଘଟଣ
ଜାଣନ୍ତି ସରବେ ରହନ୍ତି ନୀରବେ
ଜଗି ମାନ ସନମାନ ।୯।
କୁଆଡ଼େ ଗଲା ସେ ପୂଜ୍ୟପୂଜା ପ୍ରଥା
ପିତାମାତା ଗୁରୁଜନ
ସାନ, ବଡ଼ ଭୁଲି କରନ୍ତି ଚିତ୍କାର
ଛାଡ଼ି ମାନ ସନମାନ ।୧୦।
ରାସାୟନିକ ଦ୍ରବ୍ୟ ବ୍ୟବହାରେ ସିନା
ହୁଏ ଜଳ ପ୍ରଦୂଷିତ
ନିଜ ଅଙ୍ଗେ ବୋଳି ସେ ଘୃଣ୍ୟ ପଦାର୍ଥ
ହୁଅନ୍ତି ସେ ହନ୍ତସନ୍ତ ।୧୧।
ନିଶା ସେବନରେ ଭୁଲି ଆତ୍ମଜ୍ଞାନ
ଏଣେ ତେଣେ ଥାନ୍ତି ବୁଲି
ଗାଡ଼ିରୁ ପଡ଼ନ୍ତି, ଝଗଡ଼ା କରନ୍ତି
ସିଧା ନ ପାରନ୍ତି ଋଲି ।୧୨।
ମଦ୍ୟପମାନଙ୍କ ବିକଟାଳ ରଡ଼ି
ଶୁଣି ସର୍ବେ ଥରହର
କି ପ୍ରକାର ହୋଲି ଋଲିଛି କିପରି
(ପ୍ରଭୁ) ଶ୍ରୀକୃଷ୍ଣଙ୍କୁ ଅଗୋଚ଼ର ।୧୩।
ପ୍ରଭୁ ଯୋଗ୍ୟ ଫଗୁ ଖେଳ ଭାଇମାନେ
ଆନନ୍ଦେ ହୋଇ ବିଭୋର
ଯୋଡ଼ହସ୍ତେ ପ୍ରଣିପାତ କରେ ମୁହିଁ
କ୍ଷମିବେ ଦୋଷକୁ ମୋର
ମଥାନତ କରେ ଚକ୍ରଧର
(ପ୍ରଭୁ) ପଦେ ପ୍ରଣିପାତ ମୋର ।

ଅବସରପ୍ରାପ୍ତ ଶିକ୍ଷକ, ୟୁନିଭରସିଟି ହାଇସ୍କୁଲ

## ତୁମ ପ୍ରତୀକ୍ଷାରେ

◆ ନୀହାରିକା ମହାନ୍ତି

ଏବେ ବି ଚାହିଁରହେ
ବିଶ୍ୱାସର ମଞ୍ଜିବୁଣି
ଆଶ୍ୱାସନାର ଶାଖା ପତ୍ର ମେଳେ
ଫୁଲର ମହକରେ
ଭଙ୍ଗୁର ହୃଦୟକୁ ଥାପୁଡ଼େଇ ଦିଏ ବାରମ୍ବାର
କାନରେ କିଏ ଫୁସ୍‌ଫାସ୍ କହେ
ତୁମେ ଆସିବ......

ସ୍ୱପ୍ନର କାନଭାସ୍ ଫିଟାଇ
ତୁମେ ସଜାଇ ଦେବ
ମୋ ଜୀବନର ସମସ୍ତ ତମସା ଘେରା ନିଳୟକୁ
ଚନ୍ଦ୍ରର ଜ୍ୟୋସ୍ନାରେ
ଆଷାଢ଼ ଶରୀରକୁ ମୋର
ଆଶାବାଡ଼ି ଧରାଇ
ତୁମେ ଦେବ ଜୀବନ୍ୟାଶ
ଗୋଲାପ ବଗିଚାରେ
କୁନି ପ୍ରଜାପତି ଧରିଦେବା ପାଇଁ
ମୋତେ ଛୁଇଁଦେଇ ତୁମେ ପୁଣି
ହଜିଯିବ ଦୂର ଦିଗ୍‌ବଳୟ ଭିତରେ।

ବିଶ୍ୱାସ କର
ତୁମକୁ ସାଥିକରି ନେଲା ପରେ
ମୁଁ ଭୁଲିଯାଇଛି
ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ
ବହୁତ ଆନନ୍ଦ ଲାଗେ
ତୀକ୍ଷ୍ଣ ଖଣ୍ଡାଧାରେ ଚାଲି
ପାଦ ରକ୍ତାକ୍ତ କରିବାକୁ
ଜାଣେନା ମୁଁ,
ଜାଣେନା ତୁମକୁ ଆପଣେଇ ନେଲେ
ମୋତେ ସୁଖ ମିଳିବ କି ଦୁଃଖ
ଜ୍ୱଳନ କି ଯନ୍ତ୍ରଣା
କିମ୍ବା ନୀଳ ଆକାଶର ମୁଠାଏ ଖୁସି,
ତଥାପି ଚାହିଁ ବସିଛି
ମୋ ଆଖି ପାଉନାହିଁ
ରାସ୍ତା ସେପାଖକୁ
ତୁମ ଆସିବା ବାଟକୁ।

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ

## ତୁମେ

◆ ବେଦପ୍ରକାଶ ନାୟକ

କେମିତି କହିବି ମନକଥା ମୋର
ତୁମେ ତ ଶୁଣନା କିଛି,
ଆଖି ଖୋଜେ ଯାହା
ମନ ଭାବେ ତାହା
ତୁମେ ତ ମୋ ପ୍ରିୟା ପ୍ରୀତି ।
ଚୁପ୍ ରହିଲେ କି
ମନ କଥା ତୁମ
ଜାଣିକି ପାରିବି ସାଥୀ ?
କାନ ପାଖେ ଆସି କହିଦେଇ ଯାଅ
ତମେ ତ ମୋ ପ୍ରିୟା ପ୍ରୀତି ।
ବର୍ଷା ରାତିରେ, ଶୀତ ସକାଳରେ
କାକର ବିନ୍ଦୁରେ ତୁମେ
ମୋ ମନ ଆଇନାରେ
ହୃଦୟ ମନ୍ଦିରେ,
ବସିଛ ହୋ ସାଥି ତୁମେ ।
ଚାଲ ସଖୀ ଯିବା ଦୂର ଇଲାକାକୁ
ଯହିଁ ନଥିବ କାହାର ନଜର
ତୁମେ ଥିବ ପାଖେ
ସବୁ ଥିବ ସାଥେ
ସାଥି ଆମେ ଯୁଗ ଯୁଗର

ବଳରାମପୁର, କୁଜଙ୍ଗ
ମୋ: ୯୧୨୪୩୦୩୭୬୯

# କୁନ୍ଦୁଲି ପୀଡ଼ିତା

◆ ତନ୍ମୟୀ ରଥ

ସବୁକିଛି ସ୍ଥଗିତ ରହିଯାଇପାରେ
ବଦଳିବି ପାରେ, କେବଳ
ଟିକିଏ ଇସାରାରେ।
ଏପରିକି ଫାଇଲ୍, ତଦନ୍ତ, ଦଣ୍ଡବିଧାନ
ହଁ କୁ ନାଁ, ଦୋଷୀକୁ ନିର୍ଦ୍ଦୋଷରେ।
ହେଲେ ମୃତ୍ୟୁକୁ କ'ଣ ରୋକିହେବ ?
ନା ରୋକିପାରିବ ତମର
କ୍ଷମତା, ପ୍ରତିପତ୍ତି, ପ୍ରତିଷ୍ଠା
ସେଇଥିପାଇଁ ମୃତ୍ୟକୁ ଡାକିଲି
ନିଜ ଇଚ୍ଛାରେ ନୁହେଁ,
ତମର ସେଇ ଭୋକର ଆଁ ଭିତରୁ ମୁକ୍ତ ହେବାକୁ
ଦେଖି ପାରିଲିନି
ମୋ ଭିତରେ ବଢୁଥିବା ମୋ ବାପାଙ୍କର
କଅଁଳ ସ୍ୱପ୍ନକୁ । ପୂର୍ବପୁରୁଷଙ୍କ
ଆଶୀର୍ବାଦକୁ।
ପାଠ ପଢ଼ିବି, ସ୍ୱପ୍ନ ଦେଖିବି
ଭାଇକୁ ମଣିଷ କରିବାର ଇଚ୍ଛା ରହିଗଲା ଅଧାରେ।
ବୁଝିପାରିଲାନି ଏ ବାପଛେଉଣ୍ଡ ଝିଅଟିର ଅନ୍ତର୍ଜ୍ୱାଳା
କେତେ ବା ଜାଣିପାରିଚ
କେମିତି ଜଳୁଥିଲା ଆତ୍ମା ମୋର,
କୁହୁଳିଥିଲା ମନ, ତମର ଏ
ଅମାପ ପ୍ରଶ୍ନବାଣରେ।
ଗୋଟେ ପରେ ଗୋଟେ ଉତ୍ତର ଦେଲା ପରେ ବି
ସରୁନଥିଲା,
ପୁଣି କେଡ଼େ ସହଜରେ କହିଦେଇ ପାରିଲ
ମାନସିକ ରୋଗୀ,
ଆକ୍ଷେପ, ଉପହାସର ଗୁଳି
ଛାତିକୁ ଖଣ୍ଡ ଖଣ୍ଡ କରୁଥିଲା
କଉଠି ଆଉ ରହିଥିଲା ମୋ ପାଇଁ ଶନ୍ତି
ଘରେ, ବାହାରେ, ଡାକ୍ତରଖାନାରେ
ନା ବିଦ୍ୟାଳୟରେ।
ଝିଅଟିଏ ବୋଲି ଏ ଦେହ ତ
ମୋର ହେଇ ରହିଲାନି।
ସବୁ ଇଚ୍ଛା ପୂରିବା ଆଗରୁ ଶୀକାର ହେଇଗଲି
ନା ମୋ ଦୁଃଖକୁ ଶୁଣିପାରିଲା ଆଇନ୍ ନା
ପ୍ରଶାସନ।
ନା ମୁଁ ମରି ନଥିଲେ ନ୍ୟାୟ ପାଇଥାନ୍ତି।
ଦିନରେ, ମାଟିରେ ତ ଛିଡ଼ା ହୋଇ ପାରିଲିନି,
ଆଉ କ'ଣ ଆମେ ଦେଖିବୁ
ସ୍ୱାଧୀନତାର ସ୍ୱପ୍ନ।
ତମେ ଯାକୁ କହିପାର ରାଷ୍ଟ୍ରରଚିତ
ହତ୍ୟାକାଣ୍ଡ। ରାସ୍ତାଘାଟ ବନ୍ଦ କରିଦେଇ ପାର
ବା ହରତାଳ ଦେଇପାର।
ତଥାପି
ମୋ ପରି ଅଗଣିତ କୁନ୍ଦୁଲି
ଆଜି ତମର ଏଇ ନ୍ୟାୟ ଅପେକ୍ଷାରେ

# ଜୀଅନ୍ତା ଶବ

◆ ଲିପିପୁଷ୍ପା ନାୟକ

ମୁଁ ଏକ ଜୀଅନ୍ତା ଶବ
ନା ମୁଁ କହିପାରେ
ନା କିଛି କରିପାରେ
ଖାଲି ଯାହା ଶୁଣିପାରେ
ଆଉ ଜଳ ଜଳ ଦେଖିପାରେ......।
ମୁଁ ଏକ ଜୀଅନ୍ତା ଶବ
ମୋର ନା ଅଛି ଇଚ୍ଛା
ନା କିଛି ଅଭିଳାଷ
ନା ମୁଁ କାନ୍ଦିପାରେ
ଖାଲି ଯାହା ମିଛେ ହସିପାରେ....।
ମୁଁ ଏକ ଜୀଅନ୍ତା ଶବ
ମୋ ଭିତରେ ନା ଅଛି ଲୁହ
ନା ଅଛି କୋହ
ଖାଲି ଯାହା ମୋ ଭିତରେ ଅଛି
ଏକ ପାଷାଣ ହୃଦୟ....।
ମୁଁ ଏକ ଜୀଅନ୍ତା ଶବ
ନା ମୁଁ ବଞ୍ଚିପାରେ
ନା ମୁଁ ମରିପାରେ
ଖାଲି ଯାହା ଜଳିପାରେ ପ୍ରତି ମୁହୂର୍ତ୍ତରେ
ମୁଁ ଏକ ଜୀଅନ୍ତା ଶବ....।

ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

# ମଣିଷ ହାଟ

◆ ସୁଚିସ୍ମିତା ଦାସ

ରାଜପଥ ଧାରେ ବସିଛି ମଣିଷ ହାଟ
ଅଦୃଶ୍ୟ ଏକ ଦୋକାନରେ
ଦଇବ ବିକୁଛି ମଣିଷର ଭାଗ୍ୟ
ଖାଲି ଦିନଟିଏ ପାଇଁ।
ଏଠି ସଉଦା ଚାଲେ
ମୂଲଚାଲ ବି ଚାଲେ
ମୁଣ୍ଡ ଉପରୁ ସୂରୁଜ ନ ଖସିବା ଯାଏଁ
ମେଳା କିନ୍ତୁ ସରେ ନାହିଁ।
କାହିଁ ଦୂରୁ ଧାଇଁ ଆସିଥାଏ
ଯୁବା ଭେଣ୍ଡିଆଟାଏ
ଅବା ମାଇପିଟିଏ
ଦାଉ ସାଧେ ଯେବେ ପେଟର ଭୋକ ।
ଲଟେରି ଉଠିଲା ପରି
ଗୋଟିଏ ଗୋଟିଏ
ଲଦା ହେଉଥାନ୍ତି
ବୁହା ହେଉଥାନ୍ତି
ଛିଡୁଥାଏ ଗୋଟେ ଗୋଟେ ଅଙ୍କ ।
ବଢୁଥାଏ ଦିନ
ଜଳୁଥାଏ ସୂର୍ଯ୍ୟ
ସିଝୁଥିବା ନର ହେଲେ
ଖାତିର କରେ ନାହିଁ
ଯନ୍ତ୍ରଣାଦାୟୀ ତାତି ।
'ପୁଣି କାଲି'ର ଆଶା ନେଇ
ଧୀରେ ଧୀରେ ଭାଙ୍ଗୁଥିବା
ଭିଡ଼ର ଅଲୋଡ଼ା କିଛି
ମଣିଷଙ୍କ ତତଲା ନିଃଶ୍ୱାସରେ
ସହି ଯାଉଥାଏ ରାଜଧାନୀର ଛାତି ।

ସ୍ନାତକୋତ୍ତର ସାମାଜିକ ବିଜ୍ଞାନ ବିଭାଗ

# ପ୍ରକୃତି ମା'

◆ ସୀମା ସ୍ୱାଇଁ

ସୁନ୍ଦର ଶ୍ୟାମଳ ଅରଣ୍ୟ ମଧ୍ୟରେ
ଲାବଣ୍ୟ ତୋର ବେଶ
ପବିତ୍ର ଭାରତ ଭୂମି ମୋର
ତୁହି କାହା ସଙ୍ଗେ ନୁହେଁ ତୁଳନୀୟ
ଘଞ୍ଚ ଅରଣ୍ୟର ବନାନୀ ଭିତରେ
ସବୁଜ ପ୍ରତିମା ଭରରା
ଚତୁର୍ଦ୍ଦିଗେ ଅଟେ ଶସ୍ୟଶ୍ୟାମଳା
ସୁନାର ଫସଲ ପରା
ପାହାଡ଼ ପର୍ବତ ନଦୀ ଝରଣା
ତୋହରି ତଟରେ ଧାରଣ
ପକ୍ଷୀମାନେ ଉଡ଼ିଯାନ୍ତି ତୋହରି ବକ୍ଷରେ
ଆକାଶରେ ଦଳ ବାନ୍ଧି ବହୁଦୂରେ
ଦେଖିବାକୁ ଚାହିଁଲେ ବି
ଦେଖିପାରେନା ଏ ଆଖି।
ଗୁରୁ ଝରଣାର ଗିରି କନ୍ଦରରୁ
ଉଭାହେଲା ତୋର ସଂପଦ
ସୁନ୍ଦର ଅଟେ ତୋର ଏହି ରୂପ
ପ୍ରକୃତିର ତୁ ଅଟୁ ସମ୍ଭାର ।
ତୋ ରୂପଲାବଣ୍ୟ ତୋର ଏ ମହିମା
ମୋତେ କରିପକାଏ ପ୍ରତି ମୁହୂର୍ତ୍ତରେ ଆନମନା
ନ ଲେଖି ମୁଁ ରହିପାରେନା
ତୋର ସୁନ୍ଦର ରୂପର ପ୍ରତିମା
ସ୍ୱର୍ଗଠୁ ସୁନ୍ଦର, ଚିରବନ୍ଦିତା
ଲାବଣ୍ୟମୟୀ ପ୍ରକୃତି ମା'।

ଓଡ଼ିଆ ଭାଷା ସାହିତ୍ୟ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର



# ପ୍ରେମ ନା ଆଉ କିଛି

◆ ସୁନୀଲ୍ କୁମାର ପାଣିଗ୍ରାହୀ

ହୃଦୟରୁ ଭଲ କେବେ ପାଉନଥିଲି କାହାକୁ
ମନ କଥା କହି ନଥିଲି କାହାକୁ...
ସେ କ'ଣ ଏତେ ଭଲ ପାଉଥିବ ମୁଁ ପାଉଛି ଯାହାକୁ...
ଖୋଜୁଥାଏ ତା ଚେହେରା, ଶୂନ୍ୟ ଆକାଶେ ଆଙ୍କୁଥାଏ
ତା ଚେହେରା
କେବେ ମୁଁ ସାଜେ ଗାୟକ, ତ କେବେ ଗାଳ୍ପିକ
ହେଲେ ଜଣା ପଡ଼େନା କେବେ ମୁଁ ପୁଣି ସାଜେ ଏକ
ହତାଶିଆ ପ୍ରେମିକ...
ଶୁଣିଥିଲି ପ୍ରେମ ଏକ ଅସରନ୍ତି ଅଙ୍କାବଙ୍କା ରାସ୍ତା...
ହେଲେ ପ୍ରେମ କ'ଣ ଏକ ପଦାର୍ଥ ଯାହାର ବଜାର ଦର
ହୁଏ ପୁଣି କେବେ ମହଙ୍ଗା ତ କେବେ ଶସ୍ତା.....
ପ୍ରେମ କ'ଣ ସତରେ ଏତେ କଷ୍ଟ,
କେବେ ସେ ହୃଦୟ ଭାଙ୍ଗି କରିଦିଏ
ଅଶାନ୍ତ ଦେହ ଆଉ ମନ...
ତ କେବେ ନିଶବ୍ଦ କରିଦିଏ ଦେଇ ଏକ ଗଭୀର ଚୁମ୍ବନ.....

ଭୂଗୋଳ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ

# ଅବୁଝା ମନ

◆ ଛବି ମହାପାତ୍ର

ଏଇ ଅବୁଝା ମନକୁ
କ'ଣ କହି ବୁଝାଇବି
ଖାଲି ନୀରବ ରହି
ଖୋଜିବୁଲେ ତୁମକୁ
କେବେ ଆସିବ......
ତୁମ ବାଟ ଚାହିଁ ବସିଥାଏ
କେବେ ଫେରିବ ମୋ ପାଖକୁ.....
ସକାଳୁ ସଞ୍ଜଯାଏ ସବୁ କାମ କରେ
ତା ଭିତରେ ବି ତୁମକୁ ଖୋଜି ବୁଲେ
ଏଇ ମନ.....
କେବଳ ଚାହେଁ ଟିକେ....
ମନ, ଦେହ, ଆତ୍ମାର ତୃଷା ନିବାରିତ ନିମନ୍ତେ।
ଚାହେ ଟିକେ ମିଳନ
ଏହି ମିଳନକୁ ପାଇବା ନିମନ୍ତେ
ଅପେକ୍ଷା କରିଛି ଦିନ ଦିନ
କେତେ ଦିନ ତାହାର କଳ୍ପନା ନାହିଁ।

ସ୍ନାତକୋତ୍ତର ଓଡ଼ିଆ ଭାଷା ସାହିତ୍ୟ ବିଭାଗ

# ପ୍ରତିଶ୍ରୁତି

◆ ଧର୍ମେନ୍ଦ୍ର ମୁଦୁଲି

ପ୍ରେମର ଦ୍ୱୀପରେ ମାଟି କୁଡ଼ିଆରେ
ତୁମେ ମୋର ରାଜକୁମାରୀ,
ଜହ୍ନ ଜୋଛନାରେ ପୁଲକିତ ହୁଅ
ଆଗୋ ଏ ମନର ମୟୁରୀ ॥
ତୁମରି ନୟନ ଯୁଗଳରେ ଆଜି
ବନ୍ଦୀ, ପଥଭୁଲା ପଥିକ,
ସେ କାରାଗାରରେ ବନ୍ଦୀ ରହିବାକୁ
ଇଚ୍ଛା କରେ ପ୍ରତି ମୁହୂର୍ତ୍ତ ॥
ତୁମ ଅନୁରାଗ ନିମିତ୍ତ ଏ ପ୍ରାଣ
ଜରାଜୀର୍ଣ୍ଣ ଆଉ ଦୁର୍ବଳ,
ପ୍ରୀତି ସଞ୍ଜିବନୀ ସିଞ୍ଚି ଦେଇଯାଅ
ସତେଜିତ ହେଉ ସବଳ ॥
ଶୀତୁଆ-ପୂର୍ଣ୍ଣିମା-ରାତିର-ଚନ୍ଦ୍ରମା
ତା'ଠାରୁ ବି ତୁମେ ନିର୍ମଳ,
ତୁମ ପ୍ରେମ ରଶ୍ମି ଏତେ ଯେ ପ୍ରକୋପ
ହୃଦୟରେ ଲାଗେ ଅନଳ ॥
ଏହି ପ୍ରତିଶ୍ରୁତି ରହିଲା ହେ ସାଥି
ତୁମେ ସାଥି ମୋର ଜୀବନେ,
ସୁଖ ଦୁଃଖ ଭଲପାଇବା ସହିତ
ଜିଇଯିବା ଆମେ ଗୋପନେ ॥

ବଟାନି
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

# ଇଚ୍ଛାମୃତ୍ୟୁ

◆ ପ୍ରିୟବ୍ରତ ସାହୁ

ଦିଅ ମତେ ଇଚ୍ଛା ମୃତ୍ୟୁର ଅନୁମତି
ରଖନାହିଁ ସର୍ତ୍ତ, ଯନ୍ତ୍ରଣାରେ ମୁଁ ଜର୍ଜରିତ
କର ମୋ ବିଚାରର ନିଷ୍ପତ୍ତି ହେ ମାନ୍ୟବର ବିଚାରପତି ।

ମୁଁ ନୁହେଁ ତୋ ପରି ପଥର କି ପାଷାଣ ଯେ,
ଶ୍ରୀମନ୍ଦିରର ରତ୍ନସିଂହାସନେ ଯୌବନର ଅଙ୍ଗସୌଷ୍ଠବରେ
ନୂଆଁବୋହୂର ବେଶଭୂଷଣରେ ସଜେଇବି ମୋର ଅବିରକୁ
ଅନାହାରରେ ଷଢୁଥିବା ବେଳେ ନିର୍ଦ୍ଦୟତାର ଚରମ ସୀମାରେ
ଷାଠିଏ ପଉଟି ଭୋଗ କରୁଥିବି ବିଳାସବ୍ୟସନରେ।

ଦେବ କି ଦେବୀ ନୁହେଁ ମୁଁ ଜଣେ ସାଧାରଣ ମାନବ
ବୃଦ୍ଧକାଳେ ଜରାଶ୍ରମେ ବାର୍ଦ୍ଧକ୍ୟର ପକ୍ଷାଘାତେ ନିର୍ଯାତିତ
ମୂକ, ବଧିର, ମୋତିଆ ବିନ୍ଦୁରେ ମୋର ଅଙ୍ଗପ୍ରତ୍ୟେଙ୍ଗ
ହୋଇଛି ସ୍ଥିର ଓ ନିଶ୍ଚଳ।
ବ୍ୟଥିତ କରେ ପୁଣି ଆତ୍ମୀୟ ସ୍ୱଜନର
ଅମାନବୀୟ ଅତ୍ୟାଚାର ଓ ନିଃସଙ୍ଗତାର ସମୟ ଖଣ୍ଡ,
ମୋତେ କରି ଦିଏ ତୋ ପରି ପଙ୍ଗୁ ଆଉ ପରାଶ୍ରୟୀ।

ମିଛ ମାୟାର କଳୁଷିତ ସମାଜରେ ମୁଁ ଆଉ ଅଙ୍ଗହୀନ
ଓ ସ୍ଥାଣୁ ହୋଇ ବଞ୍ଚିବାକୁ ଚାହେଁ ନାହିଁ
ଘେନ ମୋର ଇଚ୍ଛାମୃତ୍ୟୁର ପତ୍ର ନ ହୁଅ ନିଷ୍ଠୁର
ଚତୁର୍ଦ୍ଦିଗ ଅନ୍ଧକାର ଏ ସଂସାର ଦିଅ ମୋତେ ମୁକ୍ତି
ଦିଅ ମୋତେ ଇଚ୍ଛାମୃତ୍ୟୁର ଅନୁମତି, ହେ ମାନ୍ୟବର ବିଚାରପତି ।

ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ
ବାରିପଦା

# ବଳଦର ବେକ

◆ ଜ୍ଞାନୀ ଦେବାଶିଷ ମିଶ୍ର

ଭାରବୁହା ବେକରେ
ଶୁଖି ଆସୁଥିବା ଘା' ଭଳି
ଅଟକିଛି ମୋର ଭାଗ୍ୟ।

ଖିଆଲକୁ ଆଉଁସୁ ଆଉଁସୁ
ବିତିଗଲା ପିଲାଦିନ,
ଏବେ ତ ମୁଁ ଦଉଡିରେ ବନ୍ଧା
ସମସ୍ତେ ଲାଗିଛନ୍ତି
ମଣେଇବାକୁ ଯୌବନ।

ଯାହା ମୋର ନାହିଁ କି ନଥିଲା
ଶଗଡିଆ ବୋଲରେ ।
ତାକୁ ଇ ବୋହି ବୋହି
ପହଞ୍ଚାଇଛି ଠିକଣାରେ ।
ଏବେ ବେକରେ ଘା' ହେଲା ଦିନୁ
ଖାଉନ୍ଦ ଓ ରଇତ
ଖୁଉବ୍ ଚିନ୍ତାରେ ଓ ଦକରେ।

କାନ୍ଧରେ ଭାର ଥିଲାବେଳେ
ଘାଉଆ ବେକରେ ଚାଲିବାକୁ ହୁଏ କେମିତି
ସେତକ ବି ଶିଖିପାରିଲିନି ଠିକ୍‌ରେ।
ବିକିବାକୁ ଗଲାବେଳେ ସାଉକାର ମୋତେ
ଆଶାଭର୍ତ୍ତି ମନରେ ହାଟକୁ ଯାଉଥାଏ,
ପଦେ ପଦେ ଗୀତ ଗାଉଥାଏ,
ପିଠିକୁ ଆଉଁଶିଦେଇ
ହୁତ୍ ହୁତ୍ କହିଲେ
ମୁଁ ଦଉଡି ଯାଉଥାଏ।
ଅଥଚ ବିକ୍ରି ହୋଇ ନପାରି
ଘରକୁ ଫେରିବା ବେଳେ
ପାଞ୍ଚଣରେ ପିଠି ଫାଟୁଥାଏ।

ମାଛିଙ୍କ ଗୋଡ, କାଉର ଥଣ୍ଟ,
ତାଆଁଶର ଆତ୍ମୀୟତାରେ
ଧୀରେ ଧୀରେ ଘାଆ ବଢୁଥାଏ ।

ଇଏ ମୋ ଘା'
ନା ଆଉ କା ଫିସାଦ୍ ଓ ସ୍ୱାର୍ଥପରତା -
ଯାହା ମୋ ବେକରେ ଫଳିଛି!!

ଓଡିଆ ବିଭାଗ,
ରେଭେନ୍ସା କଲେଜ, କଟକ - ୩

ଏହି ପାଠଟି ୧୩୫ ପୃଷ୍ଠା (ଇଚ୍ଛାମୃତ୍ୟୁ)
ପରେ ପରେ ବସିବ



# ଅନନ୍ୟା ଭକ୍ତି

◆ ଡ. ସୀତାରାମ ଦାସ ଶାସ୍ତ୍ରୀ

ଅନନ୍ୟ ଭଗବଦ୍‌ଭକ୍ତିର ଉଲ୍ଲେଖ ଗୀତାରେ ଅନେକ ପ୍ରସଙ୍ଗରେ ଶ୍ରୀକୃଷ୍ଣଙ୍କ ଦ୍ୱାରା କୁହାଯାଇଛି । ଏହି ଅନନ୍ୟ ଭାବ ବା ଭକ୍ତି (ସେବା) କ'ଣ ? ସେହି ଅନନ୍ୟ ସେବାଭକ୍ତିର ସ୍ୱରୂପ କ'ଣ ? ଅନନ୍ୟ ଶବ୍ଦ ଅନ୍ ଓ ଅନ୍ୟ ଏହି ଦୁଇଟି ଶବ୍ଦର ସମାହାର । ଅନ୍ ନିଷେଧାର୍ଥକ ଉପସର୍ଗ । ଏଣୁ ଅନନ୍ୟ ଶବ୍ଦର ଆକ୍ଷରିକ ଅର୍ଥ ହେଲା ଅନ୍ୟ କେହି ନୁହଁ । ପରମାତ୍ମାଙ୍କୁ ଛାଡ଼ି ଅନ୍ୟକେହି ଦ୍ୱିତୀୟ ଜୀବନରେ ନ ଆସିବା ତଥା ଯାହା ଜୀବନର ଆଧାର ନ ହେବା, କେବଳ ପରମାତ୍ମା ହିଁ ଏକ ମାତ୍ର ଆଶ୍ରୟ ଏହି ଭାବ ବା ଭକ୍ତିକୁ ଅନନ୍ୟା ଭକ୍ତି କୁହାଯାଏ ।

ଜଗତର ନାଥ ଶ୍ରୀଜଗନ୍ନାଥଙ୍କ କୃପାପ୍ରାପ୍ତ କରିବାର ସୁଗମ ବା ସରଳ ମାର୍ଗ ହେଉଛି - ତାଙ୍କ ପ୍ରତି ଅନନ୍ୟା ଭକ୍ତି । ଭକ୍ତି ତତ୍ତ୍ୱ ଏବଂ ତା'ର ସ୍ୱରୂପକୁ ହୃଦୟଙ୍ଗମ କରିବା ପାଇଁ ଶାସ୍ତ୍ରମାନଙ୍କରେ ସୁବିସ୍ତୃତ ଆଲୋଚନା କରାଯାଇଛି । ଶ୍ରୀମଦ୍ ଭାଗବତ୍‌ଗୀତାରେ କର୍ମଯୋଗର ପ୍ରାଧାନ୍ୟତା ଥିଲେ ମଧ୍ୟ ଜ୍ଞାନଯୋଗ ଓ ଭକ୍ତିଯୋଗର ଉଲ୍ଲେଖ ମଧ୍ୟ ରହିଛି । ପରନ୍ତୁ ଗୀତାର ଶେଷ ଅଧ୍ୟାୟରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି କି, "ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ" । ଉକ୍ତ କଥନକୁ ଯଦି ଗଭୀରତାର ସହିତ ବିଚାର କରାଯାଏ ତେବେ ତାହାର ନିଷ୍କର୍ଷ ଏହାହିଁ ହେବ କି, କର୍ମଯୋଗ ଓ ଜ୍ଞାନଯୋଗ ଦୁଇଟିର ପରିତାତି ଅନ୍ତତଃ ଭକ୍ତିଯୋଗରେ ହିଁ ହୋଇଛି । ଦ୍ୱିତୀୟ ସଂକେତ ହେଉଛି କର୍ମଯୋଗ ତଥା ଜ୍ଞାନଯୋଗ ସହିତ ଭକ୍ତିରସର ମିଶ୍ରଣ ବି ଅନିବାର୍ଯ୍ୟ ଅଟେ । ଅନ୍ୟ ଶବ୍ଦରେ ଏହି ଦୁଇଟି ଯୋଗ ଭକ୍ତିଯୋଗରେ ପୂର୍ଣ୍ଣତ୍ୱ ଲାଭକରିଥା'ନ୍ତି । ଏହା ମଧ୍ୟ କୁହାଯାଇପାରେ କି, କର୍ମଯୋଗ ଓ ଜ୍ଞାନଯୋଗ ସାଧନ ହେଲେ ଭକ୍ତିଯୋଗ ହେଉଛି ସାଧ୍ୟ । ଉକ୍ତ ପରିପ୍ରେକ୍ଷୀରେ ଗୋସ୍ୱମୀ ତୁଳସୀ ଦାସ ଏହାକୁ ଲକ୍ଷ୍ୟକରି ରାମଚରିତମାନସରେ ଲେଖିଛନ୍ତି -

ଜହଁ ଲଗି ସାଧନ ବେଦ ବଖାନୀ
ସବ କର ଫଳ ହରି ଭଗତି ଭବାନୀ ॥

ମନୁଷ୍ୟମାନଙ୍କ ନିକଟରେ ମନ, ବଚନ, ଶରୀର ଅଥବା ମନ, ବୁଦ୍ଧି ଓ ଅହଂକାର ଆଦି ତିନୋଟି ସାଧନ ରହିଛି । ଯଦି ଏହି ତିନୋଟି ସାଧନ ନିରନ୍ତର ଭଗବାନଙ୍କ ସେବାରେ ଯୁକ୍ତ ରହେ ତେବେ ତାହାକୁ ଭକ୍ତି ବା ସେବାର ଅନ୍ୟତା ଭାବ କୁହାଯାଇପାରିବ । ଏହି ପ୍ରସଙ୍ଗରେ ରାମଚରିତ ମାନସର ଅରଣ୍ୟକାଣ୍ଡରେ ଶ୍ରୀରାମ୍ ଶବରୀଙ୍କ ପ୍ରତି କହିଛନ୍ତି-

ବଚନ କର୍ମ ମନ ମୋରିଗତି ଭଜନୁ କରହିଁ ନିଃକାମ,
ତିନକେ ହୃଦୟ କମଳ ମହୁଁ କରହୁଁ ସଦା ବିଶ୍ରାମ ॥

ଅର୍ଥାତ୍ - କର୍ମ ଓ ମନକୁ ଭଗବାନଙ୍କ ଦ୍ୱାରା ସୃଷ୍ଟ ହୋଇଥିବା ସମାଜ ପାଇଁ ସ୍ୱାର୍ଥରହିତ ହୋଇ ସମର୍ପଣ ଭାବରେ ସେବା କରିବା ହିଁ ବାସ୍ତବିକ ଅନନ୍ୟ ଭକ୍ତି । ପରମାର୍ଥ ସେବାପାଇଁ ବ୍ୟକ୍ତିଗତ ସେବା ବା ସ୍ୱାର୍ଥକୁ ମନ, ବଚନ କର୍ମରେ ତ୍ୟାଗ କରିବାକୁ ପଡ଼ିଥାଏ ବୋଲି ଶ୍ରୀରାମ ସୁନ୍ଦର କାଣ୍ଡରେ ବିଭୀଷଣଙ୍କୁ କହିଛନ୍ତି । ପୁନଶ୍ଚ ଶ୍ରୀମଦ୍ ଭଗବତ୍ ଗୀତାର ଅଷ୍ଟମ ଅଧ୍ୟାୟରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଅନନ୍ୟଭକ୍ତିର ସୂଚନା ଦେଇ କହିଛନ୍ତି -

ଅନନ୍ୟଚେତାଃ ସତତଂ ଯୋ ମାଂ ସ୍ମରତି ନିତ୍ୟଶଃ।
ତସ୍ୟାହଂ ସୁଲଭଃ ପାର୍ଥ ନିତ୍ୟଯୁକ୍ତସ୍ୟ ଯୋଗିନଃ ॥

ଅର୍ଥାତ୍ - ଯେଉଁମାନେ କେବଳ ମୋତେ ମନ କର୍ମ ବଚନରେ ନିରନ୍ତର ଭଜନ କରନ୍ତି ତଥା ମୋ ପାଇଁ ସବୁବେଳେ ସମର୍ପିତ ଭାବରେ କର୍ମ କରନ୍ତି ସେମାନେ ନିଶ୍ଚିତ ରୂପରେ ମୋତେ ପ୍ରାପ୍ତ ହୁଅନ୍ତି । ଏହି ଅନନ୍ୟ ଭକ୍ତିର ସ୍ପଷ୍ଟ ଉଦାହରଣ ଶ୍ରୀମଦ୍‌ଭଗବତ୍‌ଗୀତାରେ ଅନ୍ୟତ୍ର ମଧ୍ୟ ଦେଖିବାକୁ ମିଳେ । ଯଥା- "ପୁରୁଷଃ ସ ପରଃ ପାର୍ଥ", "ଭକ୍ତ୍ୟାଲଭ୍ୟସ୍ତ୍ୱନନ୍ୟୟା", "ଯସ୍ୟାନ୍ତଃ ସ୍ଥାନାନି ଭୂତାନି ଯେନ ସର୍ବମିଦଂ ତତମ୍" ।

ଅର୍ଥାତ୍ - ସନାତନ ଅବ୍ୟକ୍ତ ପରମ ପୁରୁଷ ଅନନ୍ୟ ଭକ୍ତିଦ୍ୱାରା ହିଁ ପ୍ରାପ୍ତଯୋଗ୍ୟ ଅଟନ୍ତି । ସେହି ପୁରାତନ ପୁରୁଷଙ୍କର ବ୍ୟାଖ୍ୟା ବି ଏଠାରେ କରାଯାଇଛି କି, "ଯସ୍ୟ

ଅନ୍ତଃ ସ୍ଥାନାନି" ସମସ୍ତ ପ୍ରାଣୀ ବା ଜୀବଜଗତ ଯେଉଁଥିରେ ସମାହିତ ତଥା "ଯେନ ଇଦଂ ସର୍ବମ୍ ତତମ୍" ଯିଏ ସମ୍ପୂର୍ଣ୍ଣ ଜଗତରେ ପରିପୂର୍ଣ୍ଣ ସିଏ ହିଁ ସମସ୍ତଙ୍କ ହୃଦୟରେ ବିଦ୍ୟମାନ ଅଛନ୍ତି।

ଗୀତାର ଏକାଦଶ ଅଧ୍ୟାୟରେ ଭଗବାନ ଶ୍ରୀକୃଷ୍ଣଙ୍କ ବିରାଟ ରୂପକୁ ଅର୍ଜୁନ ଦର୍ଶନ କରି ଯେତିକି ଆହ୍ଲାଦିତ ହୋଇଥିଲେ ସେତିକି ମଧ ଭୟଭୀତ ହୋଇଥିଲେ। ପୁନଃ ଅର୍ଜୁନଙ୍କ ଅନୁରୋଧ କ୍ରମେ ଭଗବାନଙ୍କ ଚତୁର୍ଭୁଜ ବିଷ୍ଣୁରୂପକୁ ଦର୍ଶନ କରି ସେ ନିଜକୁ କୃତ୍ୟକୃତ୍ୟ ମଣିଥିଲେ। ଏହି କୃତ୍ୟକୃତ୍ୟ ବା ଧନ୍ୟବାଦର ଭାବକୁ ଅର୍ଜୁନ ବାଣୀ ଦ୍ୱାରା ବ୍ୟକ୍ତ କରିପାରିନଥିଲେ। କାରଣ ଅର୍ଜୁନ ଯେଉଁ ବିରାଟ ରୂପକୁ ଦର୍ଶନ କଲେ ତାହା ବେଦ, ଉପନିଷଦ, ସାଧନା, ତପସ୍ୟା, ଦାନ ତଥା ଯଜ୍ଞ କର୍ମ ଦ୍ୱାରା ସମ୍ଭବ ନଥିଲା। ଯଥା ଗୀତାରେ ସେହି ତତ୍ତ୍ୱକୁ ସ୍ପଷ୍ଟରୂପରେ ଉଲ୍ଲେଖ କରାଯାଇଛି କି-

"ଭକ୍ତ୍ୟା ତ୍ୱନନ୍ୟୟା ଶକ୍ୟ ଅହମେବଂ ବିଧୋଽର୍ଜୁନା
ଜ୍ଞାତୁଂ ଦ୍ରଷ୍ଟୁଂ ଚ ତତ୍ତ୍ୱେନ ପ୍ରବେଷ୍ଟୁଂ ଚ ପରଂତପ ॥"

ସର୍ବଶେଷରେ ଅନନ୍ୟା ଭକ୍ତିର ଫଳ ପରମାତ୍ମାଙ୍କର କେବଳ ସାକ୍ଷାତ୍କାର କରିବା ହିଁ ନୁହେଁ ବରଂ ତାଙ୍କୁ ତତ୍ତ୍ୱତଃ ଜାଣିବା ଅନୁଭବ କରିବା ତଥା ତାଙ୍କଠାରେ ସମାହିତ ହୋଇଯିବା। ଯିଏ କେବଳ ପରମାତ୍ମାଙ୍କ ପାଇଁ କର୍ମ କରେ, ତାଙ୍କଠାରେ ଆଶ୍ରିତ ରହେ, ତାଙ୍କୁ ହିଁ ଭକ୍ତି କରେ, ସାଂସାରିକ ଆଶକତିଠାରୁ ବହୁଦୂରରେ ରହି ସମସ୍ତପ୍ରାଣୀଙ୍କ ଠାରେ ସ୍ନେହ, ସୌହାର୍ଦ୍ଦ୍ୟପୂର୍ଣ୍ଣ ବ୍ୟବହାର କରିବା ହିଁ ଅନନ୍ୟାଭକ୍ତିର ବାସ୍ତବିକ ସ୍ୱରୂପ ଅଟେ। କାରଣ "ସର୍ବଂ ଖଳୁ ଇଦଂ ବ୍ରହ୍ମ, ବାସୁଦେବ ସର୍ବମ୍।" ଅତଏବ ରାମଚରିତ ମାନସରେ ସନ୍ଥ ତୁଳସୀ ଦାସ ଠିକ୍ ହିଁ କହିଛନ୍ତି-

କର୍ମ ପ୍ରଧାନ ବିଶ୍ୱ ରଚି ରାଖା
ଯୋ ଦେହିଁ କରଇ ବହି ଫଳ ଚାଖା।" - ଅନାବିଳ କର୍ମ କି ଜୟ ।

ୟୁନିଭର୍ସିଟି ହାଇସ୍କୁଲ୍, ବାଣୀବିହାର
ମୋ: ୯୪୩୭୨୮୫୧୬୩



# ବାସିମଡ଼ା

◆ ଡକ୍ଟର ଆରତି କର

ବିଶିଷ୍ଟ ସାହିତ୍ୟିକ, ସୁଲେଖକ, ପ୍ରଚଣ୍ଡ ବାଗ୍ମୀ ଓ ଅସାଧାରଣ ଧୀଶକ୍ତିର ଅଧିକାରୀ ଶ୍ରୀଯୁକ୍ତ ଦୟାନିଧି ପାଢ଼ୀଙ୍କର ଇହଧାମ ତ୍ୟାଗ କରିବାର ଆଜି ତୃତୀୟ ଦିବସ। ଏଇମାତ୍ର ତାଙ୍କର ସଂସ୍କାର କାର୍ଯ୍ୟ ସାରି ସମସ୍ତେ ଉପସ୍ଥିତ ହେଉଛନ୍ତି ତାଙ୍କର ଅତିପ୍ରିୟ ସଭାଗୃହରେ। ଅନ୍ତତଃ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବରେ ଈଶ୍ୱରଙ୍କୁ ପ୍ରାର୍ଥନା କରିବା ପାଇଁ। କାହାରି ମୁହଁରେ ଭାଷା ନାହିଁ, ଆଖିରେ ସେ ଚଞ୍ଚଳତା ନାହିଁ ବା ପାଦରେ କ୍ଷୀପ୍ରତା ମଧ ନାହିଁ। ଦୟାନିଧି ବାବୁଙ୍କ ମୃତ୍ୟୁ ପ୍ରତ୍ୟେକଙ୍କୁ ଯେପରି ଠେଲି ଦେଇଛି ଘୋର ବିଷାଦ ମଧକୁ। ପ୍ରତ୍ୟେକ ପ୍ରତ୍ୟେକଙ୍କୁ ଅତ୍ୟନ୍ତ ବିକଳ ନୟନରେ ଚାହୁଁଛନ୍ତି, ମାତ୍ର ମନର କଥାକୁ କେହି ପ୍ରକାଶ କରି ପାରୁ ନାହାନ୍ତି। ସମସ୍ତଙ୍କ ଆଗକୁ ଯେପରି ଏକ ମସ୍ତବଡ଼ ବିପତ୍ତି ମାଡ଼ି ଆସୁଛି ଆଲିଙ୍ଗନ କରିବା ଭଙ୍ଗୀରେ। ସେଥିବରୁ ମୁକୁଳିବାର ଜୁ କାହାର ନାହିଁ। ହଠାତ୍ କହି ଉଠିଲେ ଦାମୋଦର ବାବୁ - କ’ଣ କିଛି କରିବ ନା ଏମିତି ଚୁପ୍‌ଚାପ୍ ବସିଥିବା ? ଆରେ, ଏ ତ ଦୁନିଆର ରୀତି। ଆଜି ସେ ଗଲେ, କାଲି ଆମେ ଯିବା...। ଏଥିପାଇଁ ଏତେ ଭାବନା କିଆଁ ? ଲୋକଟା ଥିଲା, ସବୁକିଛି ବୁଝୁଥିଲା, କେତେ ସଭାର ଆୟୋଜନ ସେ କରୁଥିଲା...। ଆଜି ସେ ଚାଲିଗଲେ ବୋଲି ଆମେ କ’ଣ କିଛି ଟିକେ ତାଙ୍କ ପାଇଁ କରିବାନି ? ତେବେ ଏତେଦିନ ତାଙ୍କ ସଂସ୍ପର୍ଶରେ ଆସି ଆମେ ଶିଖିଲେ କ’ଣ ?

ଅତି ଗମ୍ଭୀର ଓ ଶୋକବିହ୍ୱଳିତ କଣ୍ଠରେ କହି ଉଠିଲେ ମାଧବବାବୁ - ଯାହା ହେବାର ହୋଇ ସାରିଲାଣି। ଏବେ ଆମେମାନେ ଯେତେ ଭାବନା ମଧରେ ବୁଡ଼ି ରହିଲେ ମଧ କିଛି କରିପାରିବା ନାହିଁ। ତେବେ ଉଠନ୍ତୁ ଆପଣମାନେ। କିଛି ତ କରିପାରିଲେ ନାହିଁ, ଅନ୍ତତଃ ସେ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କୁ ତ ଟିକେ ନିବେଦନ କରିପାରିବା। ଯନ୍ତ୍ରଚାଳିତ ପରି ପ୍ରତ୍ୟେକ ବସିବା ସ୍ଥାନରୁ ଉଠି ଠିଆ ହୋଇଗଲେ ଆଉ ଆରମ୍ଭ ହୋଇଗଲା ଶୋକାକୁଳ ନୀରବତା ମଧରେ ପ୍ରାର୍ଥନା ସଭା। ପୁଣି ଛାଇ ହୋଇଗଲା ଅସ୍ୱାଭାବିକ ନୀରବତା ସଭାଗୃହରେ। ଦୟାନିଧି ବାବୁଙ୍କ ମରଣ ଯେପରି ସମସ୍ତଙ୍କୁ ବାକ୍‌ଶୂନ୍ୟ ସଜାଇ ଦେଇଛି। ବସିବା ସ୍ଥାନରୁ ଉଠି ଠିଆ ହେଲେ ଦାମୋଦର ବାବୁ... ଆଉ ଆରମ୍ଭ କଲେ ବନ୍ଧୁ ଦୟାନିଧି ବାବୁଙ୍କ ଅବର୍ତ୍ତମାନରେ ଅତୀତର କିଛି ସ୍ମୃତି।

ବନ୍ଧୁଗଣ ! ଦୟାନିଧି ବାବୁଙ୍କ ବିୟୋଗ କେବଳ ଆମପାଇଁ ନୁହେଁ, ଏ ଅନୁଷ୍ଠାନ, ତାଙ୍କ ପରିବାର, ସାହିତ୍ୟ ଜଗତ ତଥା ଏ ସମାଜ ପାଇଁ ଏକ ଅପୂରଣୀୟ କ୍ଷତି।

ମୃତ୍ୟୁ ଯଦି ସଂସାରର ଚିରନ୍ତନ ସତ୍ୟ, ତେବେ ରୋଗ ଯନ୍ତ୍ରଣାରେ ଶଯ୍ୟାଶାୟୀ ଅବସ୍ଥାରେ ପଡ଼ି ସେ ଯେଉଁ କଷ୍ଟ ଭୋଗ କରୁଥିଲେ, ବରଂ ଭଗବାନ ତାଙ୍କୁ ନେଇଯାଇ ଯନ୍ତ୍ରଣାରୁ ମୁକ୍ତି ଦେଇଥିବାରୁ ଈଶ୍ୱରଙ୍କ ନିକଟରେ ଏଥିନିମନ୍ତେ ଆମେ ସମସ୍ତେ କୃତଜ୍ଞ ହେବା ସଙ୍ଗେ ସଙ୍ଗେ ତାଙ୍କୁ ଧନ୍ୟବାଦ ଜଣାଇବା ଉଚିତ୍।

ସତକଥା କହିବାକୁ ଗଲେ ତାଙ୍କ ମୃତ୍ୟୁଟା ମୋତେ ଯେତିକି କଷ୍ଟ ନ ଦେଲା, ତା’ଠାରୁ ଅଧିକ କଷ୍ଟ ଦେଲା ତାଙ୍କ ପରିବାର ତଥା ପିଲାମାନଙ୍କର ମନୋଭାବ। ଯେଉଁ ଲୋକଟା ଆମ ସଂସ୍କୃତି, ଆମ ପରଂପରା ସଂପର୍କରେ ଗାଇ ଗାଇ ପାଗଳ ହୋଇଯାଉଥିଲା, ପିଲାମାନେ ବାପାଙ୍କର ଶେଷ ଦର୍ଶନ କରିବେ, ଏଇଥିପାଇଁ ଶେଷରେ ଲୋକଟାକୁ ବାସିମଡ଼ା ହେବାକୁ ପଡ଼ିଲା। ଆଉ ଆମେ ତାଙ୍କୁ ଅନେକ ପ୍ରତିଶ୍ରୁତି ଦେଇଥିଲେ ମଧ କିଛି କରିପାରିଲେ ନାହିଁ। ସେଇଟା ହିଁ ମୋ ମନର ଏକ ବିରାଟ ଦୁଃଖ।

XX XX XX

ସେଦିନ ସାହିତ୍ୟ ସଭା ଚାଲିଛି। ହଠାତ୍ କେହି ଜଣେ ଖବର ଦେଲେ ଦୟାନିଧି ବାବୁ ଚାଲିଗଲେ। ଦିବସର ସମାପ୍ତି ସଙ୍ଗେ ସଙ୍ଗେ ଦୟାନିଧି ବାବୁଙ୍କ ଜୀବନ ନାଟକର

ମଧ୍ୟ ସମାପ୍ତି ହୋଇଗଲା। ସଭାରେ ଉପସ୍ଥିତ ପ୍ରତ୍ୟେକଙ୍କ ଅନ୍ତରରୁ ବାହାରି ଆସିଲା ସ୍ୱସ୍ତିର ଏକ ଆଭାସ... ଯାହାହେଉ ପ୍ରଭୁ ଉଦ୍ଧାର କରିଦେଲେ। ସଭା କାଣ୍ଟଛାଣ୍ଟ କରି ସମସ୍ତେ ଚାଲିଲେ ଦୟାନିଧି ବାବୁଙ୍କ ଗୃହାଭିମୁଖେ ତାଙ୍କର ସଂସ୍କାର କାର୍ଯ୍ୟରେ ଯୋଗଦେବା ପାଇଁ। ମାତ୍ର ପରିସ୍ଥିତି ଥିଲା ସଂପୂର୍ଣ୍ଣ ଭିନ୍ନ। ଦୟାନିଧି ବାବୁଙ୍କ ଆଖିରେ ଯେପରି ବର୍ଷ ବର୍ଷର ଜମାଟ ବନ୍ଧା ନିଦ, ସେ ଶୋଇ ଯାଇଥାନ୍ତି ପରମ ଶାନ୍ତିରେ। ଘରେ କେହି ବାହାର ଲୋକ ଜଣେ ଦୁଇଜଣ ଆଉ ନଜର ବୋଲି ଧର୍ମପତ୍ନୀ ଓ କନ୍ୟା। ସେମାନେ ବସିଥାନ୍ତି ଦୟାନିଧି ବାବୁଙ୍କର ସେ ନିଷ୍ପ୍ରାଣ ଶରୀର ନିକଟରେ।

ଦାମୋଦର ବାବୁ ମୁହଁ ଖୋଲିଲେ - ଭାଉଜ! କେତେ ସମୟ ଏମିତି ଭାଇଙ୍କୁ ପକାଇ ରଖିବା... ସଂଧ୍ୟା ଗଡ଼ି ଗଲାଣି... ଆସ୍ତେ ଆସ୍ତେ ରାତି ଆସିବ... ଏବେଠାରୁ କାମ ଆରମ୍ଭ ନ କଲେ ସ୍ୱର୍ଗଦ୍ୱାରରେ କାମ ସାରି ଫେରିଲା ବେଳକୁ ବହୁ ଡେରି ହୋଇଯିବ। ଏହା ମଧ୍ୟରେ କିଛି ଆତ୍ମୀୟ ସ୍ୱଜନ ଓ ବଡ଼ପୁଅ ବୋହୂ ମଧ୍ୟ ପହଞ୍ଚି ସାରିଥାନ୍ତି। ମାତ୍ର ରାଧାଦେବୀ ଅସ୍ୱାଭାବିକ ଭାବେ ଗମ୍ଭୀର କଣ୍ଠରେ ଘୋଷଣା କଲେ - ସବୁପିଲା ଆସିନାହାନ୍ତି। ସେମାନଙ୍କର ଇଚ୍ଛା ବାପାଙ୍କର ଶେଷ ଦର୍ଶନ କରିବେ। ପିଲାମାନେ ଆସିବା ପର୍ଯ୍ୟନ୍ତ ଭାଇ ତୁମର ଏଠି ରହିଲେ କ୍ଷତି କ'ଣ? ଇଚ୍ଛା ହେଉଥିଲା ଶୁଣାଇ ଦେବାକୁ ଭାଇ ମୋର ଏ ସବୁ ରୀତିନୀତିର ଘୋର ବିରୋଧୀ। ମାତ୍ର ଆଉ ପାଟି ଖୋଲିବାକୁ ଉଚିତ୍ ମନେ ନ କରି ସେଦିନ ଫେରି ଆସିଥିଲେ ଦାମୋଦର ବାବୁଙ୍କ ସମେତ ଅନ୍ୟମାନେ।

ପରେ ପରେ ପତ୍ନୀ ରାଧାଦେବୀଙ୍କ ନିର୍ଦ୍ଦେଶରେ ଭଡ଼ାରେ ଆସିଗଲା ସଂରକ୍ଷଣ ବାକ୍ସ। ଏ ଖବର ଶୁଣୁ ଶୁଣୁ ଅସ୍ୱାଭାବିକ କମ୍ପନ ଶରୀରରେ ଅନୁଭବ କଲେ ଦାମୋଦର ବାବୁ। ଏ ବର୍ଷର ଏ ପ୍ରବଳ ଶୀତରେ, ବୁଢ଼ାଟାକୁ ପୁଣି ବରଫ ଭିତରେ ରଖିଦେଲେ... ହାୟରେ ବିଧାତା! ଖାଲି ଦୂରରେ ରହି ଖବର ରଖୁଥାନ୍ତି ଦାମୋଦର ବାବୁ। ଘରର ସବୁ କାମ ଯଥାରୀତି ଚାଲିଛି... ସମସ୍ତେ ବେଶ୍ ସ୍ୱାଭାବିକ। ଦୟାନିଧି ବାବୁ କିନ୍ତୁ ଆଶ୍ରୟ ନେଇଥାନ୍ତି ବରଫ ବାକ୍ସରେ ଏକ ଦର୍ଶନୀୟ ବସ୍ତୁଭଳି।

ଦୟାନିଧି ବାବୁ ଯିବାର ତିନିଦିନ ହୋଇଗଲାଣି... ଦାମୋଦର ବାବୁଙ୍କ ଆଖିକୁ ନିଦ ନାହିଁ... ପେଟକୁ ଦାନା ଯାଉନି... ଖାଲି ଭାବି ଚାଲିଛନ୍ତି କ'ଣ ସତରେ ଆମ ମାନଙ୍କର ଅବସ୍ଥା... ଯେଉଁ ଲୋକଟା ଏତେ ରୀତିନୀତି, ଆଚାର ବିଚାର ଓ ଆମ ଚଳଣିକୁ ଜାବୁଡ଼ି ଧରିଥିଲା, ଶେଷରେ ପାଇଲା କ'ଣ? ଏମିତି ବାସିମଡ଼ା ହୋଇ ତିନିଦିନ ଧରି ଘରେ ପଡ଼ି ରହିବା ନୁହେଁ... ?

ଆଖି ଆଗରେ ଭାସି ଉଠିଲା ସେ ଦିନର ସେ ଦୃଶ୍ୟ... ସଭା ସମୟ ଗଡ଼ି ଗଡ଼ି ଯାଉଥାଏ, ମାତ୍ର ସଭାର ସଭାପତି ଦୟାନିଧି ବାବୁ ଆସି ନାହାନ୍ତି, ସେ ତ ଏମିତି କେବେ କରନ୍ତି ନାହିଁ। ସଭାର ଯଥେଷ୍ଟ ପୂର୍ବରୁ ପହଞ୍ଚି ସବୁକିଛି ବ୍ୟବସ୍ଥା କରିବା ଦାୟିତ୍ୱ ତାଙ୍କର। ଆଜି ନିଶ୍ଚୟ କିଛି ଅସୁବିଧା ହୋଇଥିବ, ଏମିତି ସମସ୍ତେ ଭାବନା ମଧ୍ୟରେ ବୁଡ଼ି ରହିଥିବାବେଳେ ହଠାତ୍ ତାଙ୍କ ସାନପୁଅ ଆସି ଖବର ଦେଲା - ବାପା ମାମୁ ଅଜାଙ୍କ ଘରକୁ ଯାଇଛନ୍ତି, ଆଜି ଆସି ପାରିବେ ନାହିଁ। ଆପଣମାନେ ସଭାକାର୍ଯ୍ୟ ତୁଲାଇ ଦେବାକୁ ବାପା ଖବର ପଠାଇଛନ୍ତି। ସମସ୍ତଙ୍କ ମୁଖମଣ୍ଡଳରେ ଖେଳିଗଲା ଯେପରି ଅସନ୍ତୋଷର ଭାବ। କାହା କାହା ପାଟିରୁ ମଧ୍ୟ ବାହାରି ଆସିଲା... ଆମେ ସବୁ ଆସି ଅପେକ୍ଷା କରି ବସିଛୁ, ଆଜି ଥିଲା ବନ୍ଧୁ ଘରକୁ ଯିବାକୁ, ଆଉ କେବେ ଯାଇଥିଲେ କ'ଣ ହୋଇ ନଥାନ୍ତା... ମାତ୍ର ପ୍ରତିବାଦ କରିଥିଲେ ଦାମୋଦର ବାବୁ, ଆରେ ଏତେଦିନ ଲୋକଟା ସାଙ୍ଗରେ ମିଶିଲ, ତଥାପି ବୁଝିପାରିଲନି ତା'ର ଚରିତ୍ରକୁ। ଲୋକଟା ଆଦୌ ସେମିତି ଖିଆଲି ପ୍ରକୃତିର ନୁହେଁ, ନିଶ୍ଚୟ କିଛି ଅସୁବିଧା ହୋଇଥିବ, ନହେଲେ ଦୟାନିଧି ବାବୁ ପୁଣି ସଭା ଛାଡ଼ି ରହିବେ... ଅସମ୍ଭବ।

ଯାହାହେଉ ଦାମୋଦର ବାବୁଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହେଲା। ସଭା ସରିବାକୁ ପନ୍ଦର କୋଡ଼ିଏ ମିନିଟ୍ ଅଛି ଧଇଁସଇଁ ହୋଇ ଆସି ପହଞ୍ଚିଗଲେ ଦୟାନିଧି ବାବୁ, ଆଉ ଖୁବ୍ ଗୁଡ଼ାଏ ଅପରାଧ କରିଥିବା ପରି ମଞ୍ଚ ଉପରକୁ ଉଠିଯାଇ ମାଇକ୍‌ରେ ଘୋଷଣା କଲେ - ଆଜିର ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ମୁଁ ବିଶେଷ ଦୁଃଖିତ। ମୁଁ ଏଥିପାଇଁ କ୍ଷମା ପ୍ରାର୍ଥନା କରୁଛି। ଆଶା ଆପଣମାନେ ମୋତେ ଭୁଲ୍ ବୁଝିବେନି।

ଯାହା ଯେମିତି ସଭାକାର୍ଯ୍ୟ ସାରି ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଆଉ ସମ୍ମାନିତ ବକ୍ତାଙ୍କୁ ସସମ୍ମାନେ ବିଦାୟ ଦେବାପରେ ଦୟାନିଧି ବାବୁ ତାଙ୍କ ସାଥୀମାନଙ୍କ ଗହଣରେ ଆରମ୍ଭ କରିଥିଲେ ସଭାରେ ପହଞ୍ଚିବାରେ ବିଳମ୍ବ ସଂପର୍କରେ।

ମାମୁ ମୋର ଶଯ୍ୟାଶାୟୀ ଥିବାର ଖବର ପ୍ରାୟ ମାସେ ହେବ ପାଇଲାଣି। ମାତ୍ର ବିଭିନ୍ନ କାମରେ ବ୍ୟସ୍ତ ରହି ଯାଇ ପାରି ନଥିଲି। ଏଇ ଦୁଇଦିନ ତଳେ ଆମେ ସସ୍ତ୍ରୀକ ଗଲୁ ମାମୁଙ୍କୁ ଦେଖା କରିବା ଉଦ୍ଦେଶ୍ୟରେ। ମାମୁ ବୋଧହୁଏ ପାଣି ଟିକିଏ ଦେଇ ପାଦ ଆଉଁସୁ ଆଉଁସୁ ସେ ଆଖି ବୁଜିଦେଲେ ଚିରଦିନ ପାଇଁ। ଘରେ ଲୋକ ବୋଇଲେ ମାଇଁ ଓ ଆମେ ଦୁଇଜଣ। ପିଲା ଦୁଇଜଣ ସୁଦୂର ଆମେରିକାରେ। କ'ଣ କରିବି, କିଛି ବୁଦ୍ଧି ବାଟ ଦିଶିଲା ନାହିଁ। ମାଇଁ ସଂପୂର୍ଣ୍ଣ ନିର୍ବାକ୍। କିନ୍ତୁ ସେହି ମୁହୂର୍ତ୍ତରେ ଯାହା ଘଟିଗଲା... ସତରେ ମୁଁ ଜୀବନରେ କେବେ ଭୁଲି ପାରିବି ନାହିଁ।

ଋହୁଁ ଋହୁଁ କଥା ଗାଆଁ ସାରା ବ୍ୟାପିଗଲା। ଦଳକୁ ଦଳ ପିଲା, ବୁଢ଼ା-ବୁଢ଼ୀ, ସ୍ତ୍ରୀଲୋକ ଆସି ମାମୁଙ୍କର ଶେଷ ଦର୍ଶନ କରୁଥାଆନ୍ତି। ହଠାତ୍ ଆସିଲେ ଲେଖାଯୋଖା ଭାଇ ହରିମାମୁ, ଯିଏ କେବେ ମାମୁଙ୍କ ଘରକୁ ପ୍ରାୟ ଆସନ୍ତି ନାହିଁ। ଆଜି କିନ୍ତୁ ବୀର ବିକ୍ରମରେ ଆସି ପଋରିଲେ କ'ଣ ସବୁ ବ୍ୟବସ୍ଥା କରୁଛ, ମାଇଁ ତୁମର କ'ଣ କହୁଛନ୍ତି ? ଶୁଣ ପିଲାମାନେ ବିଦେଶରେ, ସେମାନେ ଖବର ପାଇ ଆସୁ ଆସୁ ନିଶ୍ଚିତ ଭାବରେ ଦୁଇ ତିନିଦିନ ଲାଗିଯିବ। ଆମେ କ'ଣ ଲୋକଟାକୁ ସେଦିନ ଯାଏଁ ପକାଇ ରଖିଥିବା ? ଆମେ ସମସ୍ତେ ଥାଉ ଥାଉ ଲୋକଟା ଆମରି ଆଗରେ ବାସିମଡ଼ା ହୋଇଯିବ ? ଆମ ସଂସ୍କୃତି କଦାପି ଏହାକୁ ସହଜ ଭାବରେ ଗ୍ରହଣ କରିପାରିବନି। ମାଇଁ କହିଲେ ତୁମେ ଯାହା ଚିନ୍ତା କରୁଛ ଦୟାନିଧିଙ୍କୁ ନେଇ କର... ମୋ ମୁଣ୍ଡରେ କିଛି ପଶୁନି।

ଦୟାନିଧି ଏଇମାତ୍ର ପହଞ୍ଚିଛନ୍ତି, ସେ ବା କ'ଣ କହିବେ, ହରିମାମୁଙ୍କ ନିର୍ଦ୍ଦେଶରେ ବାଡ଼ିରୁ କାଠ କାଟିବା ଠାରୁ ଆରମ୍ଭ କରି ଶ୍ମଶାନକୁ ଯିବାର ସବୁ ଜିନିଷ ଯୋଗାଡ଼ ହୋଇଗଲା। ପ୍ରାୟ ଦୁଇ ତିନିଘଣ୍ଟା ମଧ୍ୟରେ ମାମୁଙ୍କ ମରଶରୀର 'ରାମ ନାମ ସତ୍ୟ ହେ, ହରି ନାମ ସତ୍ୟ ହେ' ଧ୍ୱନି ମଧ୍ୟରେ ଶ୍ମଶାନ ଅଭିମୁଖେ ଯାତ୍ରା କଲା। ଗ୍ରାମବାସୀଙ୍କ ମିଳିତ ସହଯୋଗ ତଥା ହରିମାମୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସବୁ କାମ ବେଶ୍ ସୁରୁଖୁରୁରେ ସରିଗଲା। ହିସାବରେ ପୁତୁରା– ଧରଣୀ ମୁଖାଗ୍ନି ଦେଇଦେଲା। ମାମୁ ବାସିମଡ଼ା ନ ହୋଇ ସେଇଦିନ ସଂସ୍କାର କାମ ସରିଥିବାରୁ ମାଇଁ ମଧ୍ୟ ବେଶ୍ ସନ୍ତୁଷ୍ଟ ଥିଲେ।

ବେଶ୍ ଅନୁତପ୍ତ ହେଲା  ପରି କହୁଥାନ୍ତି ମାଇଁ– ହରି ତୁମେ ମୋତେ ସବୁଦିନ ପାଇଁ ଋଣୀ କରିଦେଲ। ଆଜି ତୁମେ ଯାହା କରିଲ ନିଜ ପିଲାମାନେ ମଧ୍ୟ କରିବେ ନାହିଁ। ସତରେ ତୁମ ଋଣ ମୁଁ ଏ ଜନ୍ମରେ ଶୁଝି ପାରିବି ନାହିଁ।

'ମୁଁ ଏକା କ'ଣ କରିଥାନ୍ତି କହିଲ... ଭାଇ ତୁମର ଉପରେ ଥାଇ ନିଶ୍ଚୟ ଆଶୀର୍ବାଦର ଧାରା ଅଜାଡ଼ି ଦେଉଥିବେ। କେତେ ଚିନ୍ତା କରୁଥିଲେ... ପିଲାମାନେ ତ ଯାଇ ଏତେ ଦୂରରେ ରହିଲେ, ମଲାବେଳକୁ ପାଟିରେ ପାଣି ଟିକିଏ ଦେବାକୁ ନା କେହି ଥିବେ... ନା ସଂସ୍କାର କାର୍ଯ୍ୟ...କେତେଦିନ ଘରେ ମଡ଼ା ହୋଇ ପଡ଼ିବା କିଏ ଜାଣେ ? ଯାହାହେଉ କେତେବଡ଼ ଚିନ୍ତାରୁ ଆଜି ମୋତେ ମୁକ୍ତ କରିଦେଲ।'

ହସୁଥିଲେ ହରିମାମୁ... ମୁଁ କିଏ... ସମସ୍ତେ ମିଶିଗଲାଠୁ ସିନା କାମଟି ସୁରୁଖୁରୁରେ ହୋଇଗଲା।

'ଆରେ ବାବୁ ତୁମେ ଆଗ ମୁଣ୍ଡ ଦେଖାଇଲାରୁ ସିନା ସମସ୍ତେ ଆସିଲେ। ନହେଲେ ତ ଭାଇ ତୁମର ନିଶ୍ଚୟ ବାସିମଡ଼ା ହୋଇଥାନ୍ତେ।'

ସଂସ୍କାର କାର୍ଯ୍ୟ ସିନା ସରିଗଲା, ବୁଢ଼ୀଟାକୁ ଏକା ଛାଡ଼ି ଆସିବି କେମିତି ? ଏଇ ଆଜି ସଂଧ୍ୟାରେ ପୁଅ ଦୁଇଜଣ ପରିବାର ସହ ଆସି ପହଞ୍ଚିବାରୁ ମୁଁ ସେଇଠୁ ସିଧା ସିଧା ଏଠିକୁ ଆସୁଛି। ସ୍ତ୍ରୀକୁ ପରା ଛାଡ଼ି ଦେଇ ଆସିଛି। ପୁଣି କାଲି ଯାଇ ପହଞ୍ଚିବି। ନହେଲେ ପିଲାଗୁଡ଼ାକ କ'ଣ ଜାଣିଛନ୍ତି ଯେ କରିବେ।

ହଉ ଭାଇମାନେ, ଏବେ ଶୁଣିଲ ତ ମୋ ବିଳମ୍ବର କାରଣ, ମୁଁ ଆଶା କରୁଛି ପ୍ରତିଟି ହୃଦୟରୁ ମୋ ଉଦ୍ଦେଶ୍ୟରେ

ଜାତ ହୋଇଥିବା କ୍ରୋଧ ନିଶ୍ଚୟ କମି ଆସିବଣି। ହଁ, ମୁଁ କ'ଣ କହୁଥିଲି କି ଏମିତି ଗୋଟିଏ ଗୋଟିଏ ଘଟଣା ସତରେ ଆମର ଆଖି ଖୋଲିଦିଏ।

ଭାଇମାନେ! ଆଜି ତ ସଭାକୁ ଆସିଥିବା ବ୍ୟକ୍ତିମାନେ ଯିଏ ଯୁଆଡ଼େ ଗଲେଣି। ଆମେ ହେଇ ହେଇ ସଭ୍ୟ କିଛି ଜଣ ରହିଛୁ। କିନ୍ତୁ ସମସ୍ତଙ୍କୁ ମୋର ବିନମ୍ର ନିବେଦନ... କିଏ ଜାଣେ ଆଜି ମାମୁଙ୍କର ଯେଉଁ ଅବସ୍ଥା ହେଲା, କାଲିକୁ ମୋର ତାହା ନହେବେ ବୋଲି। କିନ୍ତୁ ମୁଁ କହି ରଖୁଛି, ହରିମାମୁ ଯେମିତି ଆଗକୁ ଆସି ମାମୁଙ୍କୁ ବାସିମଡ଼ା ହେବାକୁ ନ ଦେଇ ସବୁ କାମ ସୁରୁରୁ ରୂପେ ସଂପନ୍ନ କଲେ, ତୁମେମାନେ ମଧ୍ୟ ସେମିତି ଆଗେଇ ଆସିବ। କୌଣସି ପରିସ୍ଥିତିରେ ମଧ୍ୟ ମତେ ବାସିମଡ଼ା ହେବାକୁ ଦେବନାହିଁ। ଏହା ତୁମ ସମସ୍ତଙ୍କୁ ମୋର ବିଶେଷ ଅନୁରୋଧ।

ଦାମୋଦର ବାବୁ କହୁଥିଲେ - 'କାହିଁକି ସେମିତି ହେଉଛ... ? କିଏ ଜାଣେ କାହାର ଆଗ ପାଳି ପଡୁଛି... ?'

ମନେ ନାହିଁ କବିବର ରାଧାନାଥଙ୍କର ସେ ଉକ୍ତି -

"ବଡ଼ କ୍ରୂର କାଳ ବଡ଼ ଅବିଶ୍ୱାସୀ
ହାବୋଡ଼ି ଯିବ ସେ ଆଚମ୍ବିତେ ଆସି।"

ହଉ ଯାହା କର ନକର ଦୟାନିଧି ପାଢ଼ୀର ଏଇ କଥାଟି ମନେରଖିବ। ତାକୁ କେବେ ବାସିମଡ଼ା ହେବାକୁ ଦେବନାହିଁ। ସେଠି ଯେପରି ଉପସ୍ଥିତ ଗ୍ରାମବାସୀଙ୍କ ତୁରନ୍ତ ନିଷ୍ପତ୍ତିରେ ସାହିର ହିସାବରେ ପୁତୁରା ମୁଖାଗ୍ନି ଦେଲେ ଓ ପିଲାମାନେ ଆସି କ୍ରିୟା ଧରିଲେ, ମୋ ପାଇଁ ମଧ୍ୟ ଠିକ୍ ସେହି ବ୍ୟବସ୍ଥା କରିବ।

ଭାବୁଥିଲେ ଦାମୋଦର ବାବୁ... ଯେ ଅନ୍ୟମାନଙ୍କୁ ଏତେ ତନ୍ନ ତନ୍ନ କରି ବୁଝାଇ ଦେଲା, ସେ ନିଜ ସ୍ତ୍ରୀ ପିଲାଙ୍କୁ ଏ ସଂପର୍କରେ ବୁଝାଇ ପାରିଲା ନାହିଁ। ଶେଷରେ ତାକୁ ବାସିମଡ଼ା ହେବାକୁ ପଡ଼ିଲା।

ମାଧବ ବାବୁଙ୍କ ଡାକରେ ପ୍ରକୃତିସ୍ଥ ହେଲେ ଦାମୋଦର ରଥ ମହାଶୟ। କି ହୋ ଯୋଗୀ ପରି ସମାଧିରେ ବସି କ'ଣ ଭାବୁଛ ? ଦାମୋଦର ବାବୁ ଏକା ନିଶ୍ୱାସରେ କହି ଉଠିଲେ- ପରବର୍ତ୍ତୀ ସାହିତ୍ୟସଭା ଦୟାନିଧି ବାବୁଙ୍କ ଦ୍ୱାଦଶାହରେ ଅନୁଷ୍ଠିତ ହେବ ଓ ବିଷୟବସ୍ତୁ ରହିବ-

ସୁରେନ୍ଦ୍ର ମହାନ୍ତିଙ୍କ ଗଳ୍ପ 'ବାସିମଡ଼ା'ର ପ୍ରାସଙ୍ଗିକତା।

ଡି.ଏ.ଭି. ପବ୍ଲିକ୍ ସ୍କୁଲ୍, ୟୁନିଟ୍-୮, ଭୁବନେଶ୍ୱର
ମୋ: ୮୮୪୭୮୯୨୬୭୨



# ଭରତ ଆଖିରେ ଲୁହ

◆ ଅନୀତା ସାହ

ଭରତ କ'ଣ କରିବ ଚିନ୍ତା କରିପାରୁ ନଥାଏ। ବେଳେବେଳେ ଭାବନା ରାଜ୍ୟରେ ବୁଡ଼ିଯାଏ। ପୁଣି ସ୍ଥିର ଭାବରେ ବସି କ'ଣ ଭାବେ। ଆଜି ଏକାଦଶାହ କାମ। ସାଇପଡ଼ିଶା ଗାଁ ଲୋକେ, ବନ୍ଧୁବାନ୍ଧବ ଜଣ ଜଣ କରି ଆସୁଥାନ୍ତି। କିଏ କେମିତି ବୋଲହାକ ଟିକେ କରୁଥାଏ। ମୁରବୀମାନେ ଟିକିଏ ଅଧେ ବୁଝାବୁଝି କରି ଚାଲି ଯାଉଥାନ୍ତି। ସବୁ ବୋଝ ମୁଣ୍ଡରେ ମୁଣ୍ଡେଇ ଥାଏ ଭରତ। ମନରେ ଟିକିଏ ହେଲେ ଖୁସି ନାହିଁ। ମନରେ ଖାଲି ନାଚି ଯାଉଚ଼ି ରସର ମା'। ରସ ବି କଅଁଳ ଛୁଆଟିକୁ ଧରି କାମରେ ବ୍ୟସ୍ତ। ଏ ଘରୁ ଚାଉଳ, ମୁଗ, ଘରସଜ ଯିବ ଯେତେବେଳେ ଯାହା ମାଗୁଛି ଦେଉଛି। ସେପଟେ ରୋଷେଇ ଡାକ ଛାଡ଼ୁଛି ହଳଦୀଗୁଣ୍ଡ ଲୁଣ ଆଣ। ଅଦାବଟା, ହେଲା ନା ନାହିଁ। ମୁଗ, ଚାଉଳ ବାଲିଛଣା ହେଲାଣି ? ସଉଦା ଚିଠା ଅନୁସାରେ ଆସିଛି ନା ନାହିଁ। ଭରତ କେବଳ ହଁ ଟିଏ ମାରିଦେଇ ବନ୍ଧୁ କଥା ବୁଝେ। କିଏ ବେଭାର କ'ଣ ଆଣିଛି ଚିଠା କରେ। ସେହି ଅନୁସାରେ ପୁଣି ବନ୍ଧୁ ଶଂଖାଳିବାକୁ ହେବ।

ରସ ବାହାଘର ବେଳେ ଏ ସବୁ ସମ୍ଭାଳିଥିଲା ରସର ମା'। କଅଁଳ ବୟସରେ ଜିଦ୍ କରି ବଡ଼ ଝିଅର ବାହାଘରଟା କରେଇ ଦେଇଥିଲା ବୋଲି, ନହେଲେ ଆଉ ଗୋଟିଏ ବୋଝ ଲଦି ହୋଇଥାନ୍ତା ଭରତ ମୁଣ୍ଡରେ। ବିଚରା କରିବ କ'ଣ ? ଆହୁରି ଦୁଇଟି ଝିଅ ବାହା ହେବାକୁ ହେଲେଣି। ଗୋଟିଏ ବୋଲି ପୁଅ ଚଗୁଲ, କଲେଜ ପଢୁଛି। ତାର ଆଜି ବହି କିଣା ତ କାଲି ଟିଉସନ୍ ଖର୍ଚ୍ଚ। ପୁଣି ନାମଲେଖା ଏହିପରି ଖର୍ଚ୍ଚ ଲାଗି ରହିଛି। ଏତିକିବେଳେ ରସର ମୋଟା ଚାଲିଗଲା। ବେପାରବାଟ କରି ଯାଇ କିଛି ଯୋଗାଡ଼ କରିଥିଲା ତା' ଗଲା ଔଷଧ କିଣାରେ। ଡାକ୍ତରଖାନାକୁ ନେବା ଆଣିବାରେ। ସାତମାସ ହେଲା ଘାଣ୍ଟି ହେଲାଣି ଭରତ। ଧାର୍ କରଜ ଅନେକ। ଭାରି ସାଧାରଣ ଥିଲା ରସର ମା'। ସମସ୍ତେ ତାକୁ ଆଦର କରନ୍ତି। ସାଇପଡ଼ିଶା ମାଇପିମାନଙ୍କ ସହ ଭଲରେ ଚଳେ ରସର ମା'। ଶାଳଗଛ ପରି ଚେହେରା। ଅନ୍ଦାଜ ଉଚ୍ଚତା ଛଅଫୁଟ ହେବ। ଚାରି ଚାରିଟା ଛୁଆ ଜନମ କରି ବି ବେଶ୍ ସୁସ୍ଥ ଥିଲା ସେ। ହେଲେ ଭଗବାନଙ୍କର କି ବିଚାର କେଜାଣି ମାସ ସାତଟା ଭିତରେ କଂକାଳସାର ହୋଇଗଲା ରସର ମା'। କଳାକାଠ ପଡ଼ିଗଲା। ଡାକ୍ତର ଦେଖିଲେ, ଔଷଧ ଦେଲେ। ସମସ୍ତେ କହିଲେ ଭଲ ହୋଇଯିବ। ଗାଁ ମଣିଷମାନେ କିଛି ଟଙ୍କା ଆଦାୟ କରି ଭରତକୁ ଦେଲେ କଟକ ବଡ଼ ଡାକ୍ତରଖାନାରେ ଦେଖାଇବାକୁ। କାଳେ ଗାଉଁଲି ଡାକ୍ତର ରୋଗ ଚିହ୍ନଟ କରିପାରୁ ନଥିବେ। ସତକୁ ସତ ସେଇଆ ହେଲା। କଟକ ଡାକ୍ତର କହିଲା, ରୋଗୀ ଆଉ ବଞ୍ଚିବ ନାହିଁ। ଘରକୁ ନେଇଯାଅ। ଟି.ବି. ରୋଗରେ ଆକ୍ରାନ୍ତ। ସବୁ ଶେଷ ହୋଇଛି। ରକ୍ତହୀନତା ରୋଗ ସଂକ୍ରମିତ। ରକ୍ତ ନାହିଁ। ଭରତର ଅକଲ ଗୁଡୁମ୍। ନଥ୍ କରି ବସିପଡ଼ିଲା। ଆଖି ଛଳଛଳ ହୋଇଗଲା। ବୁଦ୍ଧି ବାଟ କିଛି ଦେଖାଗଲାନି ତାକୁ। ରସର ମା' ତ ଯିବ। ବୋଝ ଉପରେ ନଳିତା ବିଡ଼ା। ଚାରି ପ୍ରାଣୀ କୁଟୁମ୍ବ ଚଳିବ କିପରି ? ମହାଜନ କରଜ ଟଙ୍କା, ଚାଷ ନାହିଁ, ମରୁଡ଼ିରେ ମାଟି ଫାଟି ଆଁ କରିଛି।

ଏହିପରି ଭାବନା ଭରତ ମନରେ ଆସୁଥାଏ। ଚଗୁଲ ଡାକିଲା ବାପା! କୀର୍ତ୍ତନ ଦଳ ଆସିଲେଣି। ଦରି ମାଗୁଛନ୍ତି। କେଉଁଠି ବସିବେ ? ପୂଜା ସାମଗ୍ରୀ ମାଗିଲେଣି। ରୋଷେଇ କାମ ସରିଲାଣି। ଗାଁ ଲୋକଙ୍କୁ କୁହାଯାଇଛି ନା ନାହିଁ ? ଶରତ କକା କହିଲେ ଆଳୁଅ ଯୋଗାଡ଼ ହୋଇଛି କି ନାହିଁ? ଏକା ରାହାରେ କହି ପକାଇଲା ପୁଅ ଚଗୁଲ। ଗୋଟିଏ ପରେ ଗୋଟିଏ କାମ ଯୋଗାଡ଼ କଲେ ଭରତ। ସମସ୍ତେ ଲାଗି ପଡ଼ିଲେ। ଦାଣ୍ଡରେ ବସିଲେ ଛୁଆ ବୁଢ଼ାମାନେ। ହରିବୋଲ କହି ଖାଇବା ଆରମ୍ଭ କଲେ। ଗହଳ ଚହଳ ଲାଗିଲା। ଥରକୁ ଥର କହି ବସି ସବୁଲୋକ ଖାଇଲେ। କୀର୍ତ୍ତନ ବିଦାକି ଦେଲେ। ଭଗବାନଙ୍କୁ ଗୁହାରୀ କରି ରସ ମା' ଅମର ଆତ୍ମାର ସଦ୍‌ଗତି ହେଉ କହି ସମସ୍ତେ ବିଦାୟ ନେଲେ।

ଧୀରେ ଧୀରେ ଗହଳ କମିଗଲା । ଘରଲୋକ, ବନ୍ଧୁବାନ୍ଧବ ସମସ୍ତେ ଏକାଥରେ ବସିଯାଅ । କାମ ସରିଯିବ । ସବୁ ପୁଣି ଘରେ ରଖିବାକୁ ହେବ । ବନ୍ଧୁବାନ୍ଧବ ବିଶ୍ରାମ ନେବେ । ତାଙ୍କ କଥା ବୁଝିବାକୁ ହେବ । ଶୀତଦିନ । ଶୁଆଶୋଇ କରିବେ କିପରି ? ଏଭଳି ବିଭିନ୍ନ ଭାବନା ଭିତରେ ବୁଡ଼ି ଯାଇଥାଏ ଭରତ । ଯାହାହେଉ ଦୁଃଖ କଷ୍ଟରେ ସବୁ କାମ ସରିଲା । ଯିଏ ଯେପରି ଭାବରେ ଘରେ ବାହାରେ ଶୋଇଲେ ।

ରାତି ଅଧ । ସବା ଶେଷରେ ବାହାର ଜିନିଷ ଉପରେ ଟିକିଏ ଆଖି ବୁଲାଇ ଆଣିଲା ଭରତ । ଘର ଭିତରେକୁନି, ପାକନ, ରସ, ଚଗୁଲ୍ ଶୋଇଛନ୍ତି । ଖାଲି ପଡ଼ିଛି ଟିକିଏ ଜାଗା । ଯେଉଁଠି ରସର ମା' ଶୁଏ । ଭରତ ଗଡ଼ିପଡ଼ିଲା । ସକାଳୁ ଉଠିଲେ ପୁଣି ଅନେକ କାମ । ନିଦ ହେଉନଥାଏ ଭରତକୁ । ଆଖିରେ ଲୁହ ଜକେଇ ହେଉଥାଏ । ବେଳେବେଳେ କାନ୍ଦି ପକାଉଥାଏ ଭରତ । ମନକୁ ପାପ ଛୁଇଁଥାଏ । ପ୍ରଥମରୁ କଟକ ଡାକ୍ତର ଦେଖାଇଥିଲେ ହୁଏତ ବଞ୍ଚି ଯାଇଥାନ୍ତା କି ? ଦୁଃଖରେ ଜୀବନ କାଟିଲା । ମଲାବେଳେ ବି କଷ୍ଟ ପାଇଲା ଅନେକ । ମାଟିକୁ ରାମ୍ପୁଡ଼ି, ବିଦାରି କଷ୍ଟରେ ମଲା । ଦୁଃଖ କଥା ମନେ ପକାଇ କେତେବେଳେ ନିଦେଇ ଯାଇଥାଏ ଭରତ । ଚଗୁଲ୍ ଚିତ୍କାର କରି ଡାକିଲା ମାଆ, ମାଆ । ସମସ୍ତେ ଚଗୁଲ୍ ଚିତ୍କାରରେ ଉଠି ପଡ଼ିଲେ । କ'ଣ ହେଲା ଚଗୁଲୁ । ଆଶ୍ଚର୍ଯ୍ୟ ଭାବରେ ପଚାରିଲେ ଭରତ । ଚଗୁଲୁ କହିଲା ସ୍ୱପ୍ନ ଦେଖିଲି । ମା' ତାକୁ ଡାକୁଛି । ମା' ପରା ମରିଯାଇଛି । ସେ ଆମକୁ ପରକରି ଚାଲିଯାଇଛି । ଯେଉଁଠିକି ଗଲେ କେହି ଫେରନ୍ତି ନାହିଁ । ଚଗଲୁଟା, ମାଆ କ'ଣ ଆସିବ ? ପିଠି ଥାପୁଡ଼େଇ କୋଳକୁ ଜାକିଆଣିଲେ ଭରତ । ଶୋଇପଡ଼ ରାତି ପାହିଲେ ମୁଁ ଡାକିଦେବି । ଚଗୁଲୁ ଶୋଇଗଲା । ହେଲେ ଭରତ ଶୋଇ ପାରିଲା ନାହିଁ । କାନ୍ଦି କାନ୍ଦି ଭଗବାନଙ୍କୁ ଗୁହାରି କରୁଥାଏ । ହେ ପ୍ରଭୁ ! ମୋ ସଂସାର ଚଳାଅ ପ୍ରଭୁ ! ନହେଲେ ମୋତେ ବି ନେଇଯାଅ ପ୍ରଭୁ ! ମୋ ଦୁଃଖ ଟିକେ ଶୁଣ ପ୍ରଭୁ ! ଏତିକିବେଳେ ରାତି ପାହି ଆସୁଥାଏ । ବିକଳା ଭାଇ, କୃଷ୍ଣ ଭାଇର କଣ୍ଠ ଡାକବାଜି ଯନ୍ତ୍ରରେ ଉଚ୍ଚ ସ୍ୱରରେ ଶୁଭି ଉଠିଲା ମହାମନ୍ତ୍ର –

"ହରେ କୃଷ୍ଣ ହରେ କୃଷ୍ଣ, କୃଷ୍ଣ କୃଷ୍ଣ ହରେ ହରେ
ହରେ ରାମ ହରେ ରାମ, ରାମ ରାମ ହରେ ହରେ ।"

ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର
ଓଡ଼ିଆ ବିଭାଗ, ଷଷ୍ଠ ବର୍ଷ ଛାତ୍ର



# ମନୋଜ ଗଳ୍ପମାନସର ଉତ୍ତରଣ : ଲାଲ୍‌ଝଣ୍ଡାରୁ ରହସ୍ୟବାଦ

◆ ନିରୁପମା ମହାପାତ୍ର

ପଞ୍ଚମ ଦଶକର ଶେଷ ପାଦରେ, କ୍ଷୁଦ୍ରଗଳ୍ପ ଲେଖକ ଭାବରେ ଓଡ଼ିଆ ସାହିତ୍ୟର ସରହଦ୍ ଭିତରକୁ ପ୍ରଥମ କରି ସନ୍ତର୍ପିତ ପାଦ ପକେଇଥିବା ମନୋଜ ଦାସ, ଷଷ୍ଠ ଦଶକର ଶେଷ ବେଳକୁ ଉଭା ହେଲେଣି ଏକ ପ୍ରଚଣ୍ଡ ଜ୍ୟୋତିଷ୍ମାନ ସୂର୍ଯ୍ୟ ରୂପେ, ଓଡ଼ିଆ ସାହିତ୍ୟାକାଶରେ। ୧୯୫୨ ମସିହାରେ ତାଙ୍କର ପ୍ରଥମ ଗଳ୍ପ 'ସମୁଦ୍ରର କ୍ଷୁଧା' ପ୍ରକାଶ ପାଇ ଏକ ଚମକ ସୃଷ୍ଟି କରେ। ଏଭଳି ଲେଖକ କ୍ୱଚିତ୍ ହିଁ ଦେଖାଯାଆନ୍ତି, ଯାହାଙ୍କର ସୃଜନ ପ୍ରତିଭାର ପ୍ରଥମ ସ୍ୱାକ୍ଷର, ଏକ ସଫଳତମ ସୃଷ୍ଟି ରୂପେ ପରିଗଣିତ ହେବାର ଗୌରବ ଲାଭ କରେ। ମନୋଜ ଦାସ ଏ ପ୍ରକାରର ଏକ ବିରଳ ସିଦ୍ଧିର ଅଧିକାରୀ। ପ୍ରଥମ ଜୀବନର ଗଳ୍ପ ଗୁଡ଼ିକରେ ଶ୍ରେଣୀ ସଂଘର୍ଷ, ଅସହାୟ ମାନବର ଆର୍ତ୍ତନାଦ, ସାମାଜିକ ଅବିଚାର, ଅର୍ଥନୈତିକ ଶୋଷଣ ଓ ଲୁଣ୍ଠନ, ଦୁର୍ଭିକ୍ଷ ପୀଡ଼ିତ ମାନବାତ୍ମାର ଚିତ୍କାର ତଥା ଲାଳସାସିକ୍ତ ମାନବର ଲୋଲୁପତା ଭଳି ଭାବକୁ ନେଇ କଳ୍ପିତ ହୋଇଥିଲେ ହେଁ, ପରବର୍ତ୍ତୀ କାଳରେ ତାଙ୍କର ଗଳ୍ପଗୁଡ଼ିକରେ ଯୁଦ୍ଧ ଓ ସ୍ୱାଧୀନତା ପରବର୍ତ୍ତୀ ମଣିଷ, ଯାନ୍ତ୍ରିକତା ଓ ତଥାକଥିତ ଆଧୁନିକତାପିଷ୍ଟ ଜୀବନ, ସାମ୍ପ୍ରତିକ ସାମାଜିକ ଜଟିଳତାରେ ଅଣନିଶ୍ୱାସୀ ମନର ଚିତ୍ର ଜୀବନ୍ତ ଭାବରେ ରୂପାୟିତ ଏବଂ ବିଶେଷ କରି ଗାଳ୍ପିକ ଅରବିନ୍ଦ ଆଶ୍ରମ ଓ ଦର୍ଶନ ସହ ଯେତେ ଯେତେ ନିକଟତର ହୋଇଛନ୍ତି, ତାଙ୍କର ଆଧ୍ୟାତ୍ମବାଦୀ ରହସ୍ୟମୟ ଅନ୍ତର୍ଦୃଷ୍ଟି ନେଇ ସେତେ ସେତେ ଏ ମଣିଷକୁ, ତା'ର ସ୍ଥିତିକୁ, ତା'ର ମନକୁ, ତା'ର ଚେତନାକୁ ଗଭୀରତର ଭାବରେ ଉପଲବ୍ଧି କରିବାର ଚେଷ୍ଟା କରିଛନ୍ତି ତାଙ୍କର ସାମ୍ପ୍ରତିକ ଗଳ୍ପ ଗୁଡ଼ିକରେ। କୋର୍ଟ, ଟାଇ ପରିହିତ, ଶୀତତାପ ନିୟନ୍ତ୍ରିତ କୋଠରୀ ଠୁଁ ଆରମ୍ଭ କରି, ମେସିନ୍ ସଭ୍ୟତାର ଶ୍ରାନ୍ତ କ୍ଳାନ୍ତ ଗଳଦ୍‌ଘର୍ମତା, ଭୁଷୁଡ଼ି ପଡୁଥିବା ଅବକ୍ଷୟ ସାମନ୍ତବଦ ଠୁଁ ନବ୍ୟ ସଭ୍ୟ ପାଶ୍ଚାତ୍ୟର ମୋହଗ୍ରସ୍ତତା ଭଳି ଜୀବନର ବହୁବର୍ଣ୍ଣୀ ଧାରା, ଯେଉଁ ଯେଉଁ ଇଲାକା ଓ ପରିଧିକୁ ଛୁଇଁ ଛୁଇଁ ଯାଇଛି, ମନୋଜ ପ୍ରତିଭାର ତୂଳୀର ସ୍ପର୍ଶରେ ସେଇ ସବୁର ମନ୍ମୟ ଚିତ୍ର ତାଙ୍କର ସୃଷ୍ଟି ପସରାର ପ୍ରତିଟି ପାଖୁଡ଼ାରେ ଅଙ୍କିତ ହୋଇଛି।

ସାମ୍ପ୍ରତିକ ରାଜନୈତିକ ଜୀବନର ସ୍ଖଳନ ଓ ନୀତିହୀନତା, ବିଲୟମୁଖୀ ସାମନ୍ତବାଦର ତୁଚ୍ଛା ଓ ଅର୍ଥହୀନ ଆସ୍ଫାଳନ, ସମାଜର କ୍ଷମତାଧାରୀ ବଡ଼ପଣ୍ଡାମାନଙ୍କର ସ୍ୱାର୍ଥ ଓ ଅହଂପ୍ରମତ୍ତ ଦୃଷ୍ଟିକୋଣ, ଆଜି ତାଙ୍କ ଲେଖନୀରେ ବ୍ୟଙ୍ଗର ତୀବ୍ର କଟାକ୍ଷରେ ଯେମିତି ବ୍ୟତିବ୍ୟସ୍ତ, ରାସ୍ତାକଡ଼ର ଜୀବନ ଯାହା ଧୂଳି ଧୂସରିତ, ସମାଜର ସରଳ କରୁଣ ନିରୀହ ଚରିତ୍ରମାନେ ଠିକ୍ ସେହିଭଳି ତାଙ୍କର ସମ୍ବେଦନା ଓ ସ୍ନେହମୟ ପରଶରେ ଆଶ୍ୱସ୍ତ। ବ୍ୟାଧିଗ୍ରସ୍ତ ସମାଜର ଏଇ ଅବିଚାର ଓ ଅବ୍ୟବସ୍ଥା ସମ୍ପର୍କରେ ସେ ଖୁବ୍ ସଚେତନ, ଅଥଚ୍ ସେ ସମାଜର ଭବିଷ୍ୟତ ସମ୍ବନ୍ଧରେ ଆଦୌ ନୈରାଶ୍ୟବାଦୀ ନ ହୋଇ ଖୁବ୍ ଆଶାବାନ୍। ଏ ସମ୍ପର୍କରେ ନିଜେ ମନୋଜ ଦାସ କହନ୍ତି– "ବର୍ତ୍ତମାନ ସୁଦ୍ଧା ମୁଁ ବିଶ୍ୱାସ କରେ ଯେ ଆମର ଯେଉଁ ସ୍ଥୁଳ ସମାଜ ବ୍ୟବସ୍ଥା ରହିଛି, ତାହା ଏକ (Enlightened Human Suffering) ସେଇଟା କୌଣସି ସାମାଜିକ ପରିବର୍ତ୍ତନ ଦ୍ୱାରା ପରିବର୍ତ୍ତିତ ହୋଇନାହିଁ। ଗୋଟିଏ ସମୟ ଥିଲା, ଯେତେବେଳେ ସେହି ମୌଳିକ ସମସ୍ୟାର ସମାଧାନ ସୂତ୍ର ଖୋଜିବା ପାଇଁ ମୁଁ ଶ୍ରୀ ଅରବିନ୍ଦଙ୍କର ଲେଖାଲେଖି ପଢ଼ିଛି। ସେଠାରେ ଗୋଟାଏ ନୂତନ ଆଶାବୋଧର ସନ୍ଧାନ ମିଳିଲା। ମଣିଷ ଏକ Transitional Being - ଏହାର ଏକ ପରିଣତି ରହିଛି। ଦିନେ ସେ ପୂର୍ଣ୍ଣାଙ୍ଗ ମହତ୍ତ୍ୱପୂର୍ଣ୍ଣ ଜୀବନର ଅଧିକାରୀ ହେବ। ତା'ର ବର୍ତ୍ତମାନର ଚେତନା ରୂପାନ୍ତରିତ ହୋଇ ଏକ ନୂଆ ଚେତନାର ବିକାଶ ଘଟିବ।"

ସୁତରାଂ ସମାଜର ସ୍ଥୁଳ ରୂପ ଅପେକ୍ଷା ତା'ର ଏକ ସୂକ୍ଷ୍ମ ସ୍ୱରୂପକୁ ଗଭୀର ଭାବେ ନିରୀକ୍ଷଣ କରୁଥିବା ଏଇ ସମ୍ବେଦନଶୀଳ ସ୍ରଷ୍ଟାଟି ଯେ ସମାଜରେ ପ୍ରତିଟି ବିଭାବରୁ ତା'ର ଗଳ୍ପର ଚରିତ୍ର ତୋଳିବ, ଏଥିରେ ବୈଚିତ୍ର୍ୟ କିଛି ନାହିଁ। ଏଇ ପରିପ୍ରେକ୍ଷୀରେ ପ୍ରଥମେ ଆମେ ବିଚାର କରିବା,

ମନୋଜ ଦାସଙ୍କ ଗଳ୍ପର ପୃଷ୍ଠଭୂମିର ବ୍ୟାପକତା। ମନୋଜ ଦାସ ତାଙ୍କ ଗଳ୍ପର ପରିବେଶ ଓ ଘଟଣାମାନଙ୍କୁ ସମାଜର ପ୍ରତିଟି ସ୍ତରରୁ, ପ୍ରତିଟି ପର୍ଯ୍ୟାୟରୁ ସାଉଁଟି ନେଇଛନ୍ତି। ତାଙ୍କ ଗଳ୍ପରେ ଆମେ ରାଜନୀତିର ବିଳାସ ଓ କ୍ଷମତା ଚକ୍ରର ଚିତ୍ର ଯେମିତି ଦେଖିବା ('ଅପହୃତ ଟୋପିର ରହସ୍ୟ', 'ତିନୋଟି ମହାର୍ଘ ଭୋଟ୍', 'ବାବା ଚକ୍ରଧାରୀ ବୃତ୍ତାନ୍ତ', 'ମଧୁବନର ମେୟର', 'ଅନ୍ଧକାର', 'ଓଟ') ସେମିତି ମଧ୍ୟ ଦେଖିବା ନିଃସ୍ୱ ସମ୍ବଳହୀନ ଦୁଃସ୍ଥ ପରିବେଶର ଛବି ('ସମୁଦ୍ରର କ୍ଷୁଧା', 'କୁତୁରୀ ନାନୀ', 'ଏକ ଫେରୀର ବୃତ୍ତାନ୍ତ', 'ବନ୍ୟା', 'ନିମନ୍ତ୍ରଣ' ଓ 'ପଲଙ୍କ ବିଜୟ') ପ୍ରଭୃତି ଗଳ୍ପରେ ଯେପରି ଜୀବନ୍ତ ଭାବେ ଚିତ୍ରିତ, ପାଶ୍ଚାତ୍ୟ ଶିକ୍ଷା ପ୍ରାପ୍ତ ଅମଲାତନ୍ତ୍ରର ନବ୍ୟ ସାମନ୍ତବାଦର ଛବି 'ଦାନ୍ତ', 'ଓଟ', 'ଅବଲୋକରା', 'ସେନାପତି', 'ଅଲିଖିତ' ପ୍ରଭୃତି ଗଳ୍ପଗୁଡ଼ିକରେ ଠିକ୍ ସେଇଭଳି ଭାବେ ବର୍ଣ୍ଣିତ। ସରଳ ନିରୀହ ମାନବିକତାର ସାବଲୀଳତା, 'ଘୁଡ଼ି', 'କଙ୍କୁବାଇନ୍', 'ଚୁପ୍ ସଇତାନ୍', 'ଯାଆଁଳା ଘାଇର କୂର୍ମ', 'ମନୁଷ୍ୟ ମର୍କଟ ସମ୍ବାଦ', 'ହୃଦୟ ପରିବର୍ତ୍ତନ ସଂକ୍ରାନ୍ତୀୟ ଏକ କାହାଣୀ' ଭଳି ଗଳ୍ପରେ ଆମକୁ ମିଳିଲା ଭଳି, କୁଟୀଳ ଓ ଛଳନାପୂର୍ଣ୍ଣ ବ୍ୟକ୍ତିତ୍ୱର ଆଭାସ ଆମକୁ 'ଭାଇ' ଗଳ୍ପର କାବୁରାୟ, 'ସର୍ବଭୂତେଷୁ' ଗଳ୍ପର ଜମିଦାର 'କାବୁଲ ପୁରର ଷଣ୍ଢ'ରେ ପ୍ରିୟନାଥ ବଡ଼ାଲ ଆଦି ଚରିତ୍ର ଇତ୍ୟାଦିରେ ଦେଖିବାକୁ ମିଳିଥାଏ। ତାଙ୍କର ଗଳ୍ପସମ୍ଭାର ପ୍ରତି ଏକ ସାମଗ୍ରିକ ଦୃଷ୍ଟିପାତ କଲେ ସେଥିରେ ଯେମିତି ଗ୍ରାମ୍ୟ ଚରିତ୍ରର ଛାପ ମିଳେ, ସେମିତି ମଧ୍ୟ ପାଶ୍ଚାତ୍ୟ ଶିକ୍ଷାପ୍ରାପ୍ତ ଆଧୁନିକତାର ପରିଚୟ ମିଳେ। କୋମଳ ଶିଶୁ ମନକୁ ନେଇ ରଚିତ ହୋଇଥିବା ମନୋଜ ଦାସଙ୍କର ଗଳ୍ପଗୁଡ଼ିକ କିନ୍ତୁ ସବୁଠୁଁ ମନୋଜ୍ଞ, ସୁଖପାଠ୍ୟ ଓ ସଫଳ। ଜୀବନ ସଂଧ୍ୟାରେ ଉପନୀତ ଚରିତ୍ରମାନଙ୍କୁ ନେଇ ମଧ୍ୟ ରଚିତ ହୋଇଥିବା ମନୋଜ ଦାସଙ୍କ ଗଳ୍ପ ସମୂହ, ଜୀବନର ଚିତ୍ର ଦେବାରେ ସେତିକି ସାର୍ଥକ।

ସ୍ରଷ୍ଟାର ନିଜସ୍ୱ ଜୀବନଧାର, ଜୀବନ ପ୍ରତି ତା'ର ଆଭିମୁଖ୍ୟ ଓ ଦୃଷ୍ଟିଭଙ୍ଗୀ ଏବଂ ସମାଜ ପ୍ରତି ସେ ପୋଷଣ କରୁଥିବା ଧାରଣା, ସର୍ବୋପରି ତା'ର ପରିବେଶ ଓ ପରିସ୍ଥିତି ହିଁ, ସବୁଠୁଁ ଗୁରୁତ୍ୱପୂର୍ଣ୍ଣ ନିୟାମକ ବୋଧହୁଏ, ତା'ର ସୃଷ୍ଟି ସମୂହର ଆଭିମୁଖ୍ୟ ଓ ଅନ୍ତର୍ବାଣୀର। ସ୍ରଷ୍ଟା ଯେପରି ଭାବେ ଜୀବନ ସହ ମୁହାଁମୁହିଁ ହୁଏ ଏବଂ ସେଇ ମୁହାଁମୁହିଁରୁ ଜୀବନ ସମ୍ପର୍କରେ ତା'ର ମୋଟାମୋଟି ଯାହା ଧାରଣା ହୁଏ, ସେଇ ଧାରଣାର ଅବିକଳ ଛାପ ସ୍ପଷ୍ଟ ହୋଇ ଉଠେ ତା'ର ଲେଖାରୁ। ସେଇଥିପାଇଁ ହିଁ ମାକ୍ସିମ୍ ଗର୍କି ଓ ଲିଓ ଟଲ୍ଷ୍ଟୟ ବା ସାଲୋକୋଭ୍ଙ୍କ ସାହିତ୍ୟ ଠାରୁ ଗେଟେ, ଦାନ୍ତେ, ସେକ୍ସପିଅର୍ ଓ ୱାର୍ଡସ୍‌ୱର୍ଥଙ୍କର ସାହିତ୍ୟର ଆଭିମୁଖ୍ୟ ଯେପରି ଭିନ୍ନ, ବ୍ୟାସଦେବ, କହ୍ଲଣ ବା ମାଘଙ୍କର ସାହିତ୍ୟ ଦୃଷ୍ଟିରୁ, ସାର୍ତ୍ରେ, କାମ୍ୟୁ, କାଫ୍‌କା ବା ରବୀନ୍ଦ୍ରନାଥ, ପରାଶରଙ୍କର ସାହିତ୍ୟାଦର୍ଶ ଭିନ୍ନ ହେବାକୁ ବାଧ୍ୟ। ଏଇ ଦୃଷ୍ଟିରୁ ବିଚାର କଲେ, ତାରୁଣ୍ୟର ପ୍ରଥମ ପର୍ଯ୍ୟାୟରେ ପ୍ରପୀଡ଼ିତ ଓ ଶୋଷିତ ଜନତାର ଦୁଃଖ ଦୁର୍ଦ୍ଦଶା ଓ ହାହାକାରରେ ସମ୍ବେଦନଶୀଳ ହୋଇ, ଏକ ସାମାଜିକ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ, ବାମପନ୍ଥୀ ଦର୍ଶନର ଜଣେ ପୂଜାରୀ ସାଜିଥିବା ମନୋଜ ଦାସ ଥିଲେ, ଛାତ୍ରସଂଘ (ତଦାନୀନ୍ତନ ଅବିଭକ୍ତ S.F.I. ଓ A.I.S.F.) ର ଜଣେ ବଳିଷ୍ଠ କର୍ମୀ ଓ ନେତା ଏବଂ 'ଆଗାମୀ' ନାମକ ବାମପନ୍ଥୀ ଦର୍ଶନ ସମ୍ବଳିତ ଏକ ପତ୍ରିକାର ସମ୍ପାଦକ। ତେଣୁ ତାଙ୍କର ପ୍ରଥମ ଜୀବନର ଲେଖା ମୁଖ୍ୟତଃ ବାମପନ୍ଥୀ ଦର୍ଶନ ଗର୍ଭିତ ହୋଇଥିବା ଖୁବ୍ ସ୍ୱାଭାବିକ୍, ଏବଂ ହୋଇଥିଲା ମଧ୍ୟ। ପ୍ରଥମ ଗଳ୍ପ 'ସମୁଦ୍ରର କ୍ଷୁଧା' ଏବଂ ପ୍ରଥମ କବିତା 'ନନ୍ଦାବତୀର ମାଝି' ସମ୍ପୂର୍ଣ୍ଣ ଭାବେ ଏଇଭଳି ଏକ ବିପ୍ଲବର ବାର୍ତ୍ତା ବହନ କରିଛି। ମୁଖ୍ୟତଃ ତାଙ୍କର ପ୍ରଥମ ଜୀବନର ଲେଖା ଗୁଡ଼ିକ 'ଅନୁସନ୍ଧିତ୍ସା ଓ ଅନ୍ୱେଷଣର ଏକ ନିର୍ଦ୍ଦିଷ୍ଟ ଅବସ୍ଥା ଭିତରେ ରଚିତ' ବୋଲି ମନୋଜ ଦାସ ନିଜେ ହିଁ ସ୍ୱୀକାର କରନ୍ତି। ୧୯୫୦ ଅଥବା ୫୧ରେ ପ୍ରକାଶ ପାଇଥିବା ଲେଖକଙ୍କର ପ୍ରଥମ ଗଳ୍ପ ସଂକଳନ 'ସମୁଦ୍ରର କ୍ଷୁଧା' ଏବଂ ଦ୍ୱିତୀୟ ଗଳ୍ପ ସଂକଳନ 'ଜୀବନର ସ୍ୱାଦ'ର ମୁଖ୍ୟ ସ୍ୱର ହେଲା, ସମାଜର ତଳସ୍ତରର ବଞ୍ଚିତ ଅସହାୟ ମାନବିକତାର ଦୁର୍ଦ୍ଦଶାର ଚିତ୍ର। ସମାଜର ଏଇ ବିଧି ବ୍ୟବସ୍ଥା (System and Establishment) ଯେ ତ୍ରୁଟିପୂର୍ଣ୍ଣ, ସୁତରାଂ ତା'ର ପରିବର୍ତ୍ତନ ଯେ ଅବଶ୍ୟମ୍ଭାବୀ -

ଯାହାକି ବାମପନ୍ଥୀ ଦର୍ଶନର ମୂଳତତ୍ତ୍ୱ - ଏଇ ଭଳି ଏକ ମୂଲ୍ୟବୋଧର ବିଶ୍ୱାସୀ ଥିଲେ ମନୋଜ ଦାସ ଏବଂ ତାହା ଫୁଟି ଉଠିଥିଲା ତାଙ୍କର ସେତେବେଳେ ପ୍ରତିଟି ସୃଜନଶୀଳ ଲେଖାରେ ।

ବାମପନ୍ଥୀ ଚିନ୍ତାଧାରା ଉପରେ ପର୍ଯ୍ୟବସିତ ତାଙ୍କର ପ୍ରଥମ ଜୀବନର ଗଳ୍ପଗୁଡ଼ିକ ହେଲା, 'ସମୁଦ୍ରର କ୍ଷୁଧା', 'ଏକ ଚୋରୀର ବୃତ୍ତାନ୍ତ', 'ଆବିଷ୍କାର', 'ବିଷକନ୍ୟାର କାହାଣୀ', 'ଯାଆଁଳା ଘାଇର କୂର୍ମ', 'କୁତୁରୀ ନାନୀ' ଇତ୍ୟାଦି । ଏଥିରେ ନିଃସ୍ୱ ଓ ଅଭାବଗ୍ରସ୍ତ, ପୀଡ଼ିତ ମାନବଆତ୍ମାର ଚିତ୍ର ଅଭିବ୍ୟଞ୍ଜିତ । ଏଇ ସମାଜର ଶୋଷଣ ଓ ଅବିଚାରର ରୂପ 'ବିଷକନ୍ୟାର କାହାଣୀ'ରେ 'ହୀରା'ର ଜୀବନ ଚିତ୍ର ଛଳରେ ବର୍ଣ୍ଣିତ ଜୀବନ୍ତ ଭାବେ । ବିଚାରୀ "ସହସ୍ର ରଜନୀର ପ୍ରମୋଦ ଲହରୀରେ ଅବଗାହନ କରି ଚାଲେ ହୀରା । ସେଇ ସବୁ ଉତ୍ତୁଙ୍ଗ ଲହରୀର ସଲିଳ ତଳେ ହାଙ୍ଗର ଦ୍ୱାରା କମ୍ କ୍ଷତବିକ୍ଷତ ହୋଇନାହିଁ ସେ । ବିରାଟ ତିମିଜନ୍ତୁ ତାକୁ ଗ୍ରାସ ନକରି ବାଟଭାଙ୍ଗି ଚାଲିଯାଏ । ଏ କ୍ଷୁଦ୍ର କ୍ଷୁଦ୍ର ଜଳଜୀବ ସବୁ ହୀରାର ଅଙ୍ଗଦ୍ୟୁତିକୁ ଭୟ କରନ୍ତି, ପାଖ ପଶି ପାରନ୍ତି ନାହିଁ । ହୀରା ତେଣୁ ହାଙ୍ଗରର ଶିକାର ।" ସେଇଭଳି 'ଆବିଷ୍କାର' ଗଳ୍ପରେ ଅନ୍ନଛତ୍ରର ବାଡ଼ ଡେଇଁ ଦୁର୍ଭିକ୍ଷର କରାଳ ଗ୍ରାସରେ ଜୀବନ୍ତ କଙ୍କାଳ ପଶିଯାଇଛି ଭିତରକୁ ଏବଂ ତା'କୁ ତଲାସିବାର ସେଇ ଦୃଶ୍ୟରେ ଗାଳ୍ପିକଙ୍କର ଉକ୍ତି - "କିନ୍ତୁ ଅସଲ ଚୋର କାହିଁ ? ସେଇ ବିନା ଟିକେଟରେ ମହାମାନ୍ୟ ସରକାର ପ୍ରଦତ୍ତ ଅନ୍ନ ମୁଠିଏ ଆତ୍ମସାତ୍ କରି, ଜାତୀୟ ବିପତ୍ତି ବେଳେ ବେପାର କରୁଥିବା ବ୍ୟକ୍ତି" - ଖଟିଖିଆ ଦୁର୍ଭିକ୍ଷଗ୍ରସ୍ତ ସର୍ବହରା ମଣିଷ ଜୀବନର କରୁଣ ଚିତ୍ର ଦେବାରେ ବେଶ୍ ସମର୍ଥ ।

ଏଇ ପ୍ରଥମ ପର୍ଯ୍ୟାୟରେ ୧୯୫୩ ରୁ ୫୬ ଭିତରେ ରଚିତ ହୋଇଥିବା ଅନ୍ୟାନ୍ୟ ଗଳ୍ପଗୁଡ଼ିକ ହେଲା, 'ଯାଯାବର ପୁତ୍ରର କାହାଣୀ', 'ଚୁପ୍ ସଇତାନ୍', 'ନାଗଲୋକ ପ୍ରତ୍ୟାଗତ', 'ପ୍ରତ୍ୟାଗତର କାହାଣୀ', 'ବନ୍ୟା', 'ରାୟ ବାହାଦୂରଙ୍କ ନିଶ', 'ମହମବତୀ' ଇତ୍ୟାଦି । ଏକ ତୀକ୍ଷ୍ଣ ସନ୍ଧାନୀ ଦୃଷ୍ଟି ନେଇ ଏଇ ଗଳ୍ପ ସମୂହର ଅନ୍ତଃସ୍ୱରକୁ ଯଦି ସୂକ୍ଷ୍ମ ଭାବେ ପର୍ଯ୍ୟାଲୋଚନା କରାଯାଏ, ତେବେ ଏକଥା ସ୍ପଷ୍ଟ ଯେ, ପ୍ରଚଳିତ ସାମାଜିକ ବିଧି ବ୍ୟବସ୍ଥା ଓ ଅନ୍ତର୍ମାନବିକ ସମ୍ପର୍କରେ ନିହିତ ତ୍ରୁଟି ବିଚ୍ୟୁତି ଓ ଅସଙ୍ଗତି ବିରୁଦ୍ଧରେ ଏ ଗଳ୍ପ ସବୁ ଏକ ପ୍ରତିବାଦ । 'ଯାଯାବର ପୁତ୍ରର କାହାଣୀ'ରେ ପେଟ ପାଇଁ ବିଚରା ପଲ୍‌ଟୁ ଯେପରି ଜୀବନକୁ ବିପଦସଂକୁଳ କରିବାକୁ ବାଧ୍ୟ । 'ରାୟ ବାହାଦୂରଙ୍କ ନିଶ' ଗଳ୍ପରେ ଅତୁଳ ହାସ୍ୟରସ ଥିଲେ ବି ବିଚରା ଦରିଦ୍ର ଜଟିବାରିକର କିଛି ଭୁଲ୍ ନଥିବା ସତ୍ତ୍ୱେ ମଧ୍ୟ ମାଡ଼ ଓ ତିରସ୍କାରର ଦୃଶ୍ୟ ସେତିକି କରୁଣା ଉଦ୍ରେକକାରୀ । 'କୁତୁରୀ ନାନୀ' ଗଳ୍ପରେ ଦାରିଦ୍ର୍ୟ ଓ ରିକ୍ତତାର ଶିକାର ନିଜେ କୁତୁରୀନାନୀ ହେବା ବେଳେ, 'ବନ୍ୟା' ଗଳ୍ପରେ ମଣିଷର ଭୀଷଣ ସ୍ୱାର୍ଥପରତା ଓ ଆତ୍ମସର୍ବସ୍ୱତାର ବିକଟ ଚିତ୍ର ଅଙ୍କିତ । ସେଇଭଳି ଭାବେ ସାମାଜିକ ଅବିଚାର ଓ ହୃଦୟହୀନତାର ଶୀକାର, 'ଚୁପ୍ ସଇତାନ୍'ର ବିଶୁ ଦାସ । 'ନାଗଲୋକ ପ୍ରତ୍ୟାଗତ' ଗଳ୍ପ କିନ୍ତୁ ବିଳାସ ଓ ପ୍ରାଚୁର୍ଯ୍ୟର କୃତ୍ରିମତା ପ୍ରତି ଏକ ପ୍ରଚଣ୍ଡ ବିଦ୍ରୂପ । ସାରାଜୀବନ ରୂପାଚାମଚ ପାଟିରେ ପୁରାଇ ବଢ଼ି ଆସିଥିବା ମଣିଷ ଯେ, ଏଇ ପୃଥିବୀର ଧୂଳି-ମାଟି, ଲୁହ-କାନ୍ଦ, ହସ, ଜହ୍ନ, ଫୁଲର ପ୍ରକୃତ ଅର୍ଥ ଗ୍ରହଣ କରିବାକୁ ଅସମର୍ଥ ଏବଂ ଏଇ ଧୂଳି ଧୂସରିତ ପୃଥିବୀର ଅସହାୟ ମଣିଷର ଦୁଃଖକୁ ହୃଦୟଙ୍ଗମ କରିବାକୁ ଅକ୍ଷମ ତାହାହିଁ ଦାସଙ୍କର ଏଇ ଗଳ୍ପରେ ମୁଖ୍ୟ ବକ୍ତବ୍ୟ । ତେଣୁ ତାଙ୍କର ପ୍ରଥମ ଜୀବନର ଗଳ୍ପମାନଙ୍କ ସମ୍ବନ୍ଧରେ ଏତିକି କୁହାଯାଇପାରେ ଯେ- ପ୍ରଚଳିତ ସାମାଜିକ, ବିଧି ବ୍ୟବସ୍ଥା ଓ ଅର୍ଥନୈତିକ ଅସାମଞ୍ଜସ୍ୟତା ସମ୍ପର୍କରେ ସେସବୁ ଥିଲା ତାଙ୍କର ଆସ୍ଥାହୀନତାର ଏକ ଏକ ଇସ୍ତାହାର ।।

ଆଦ୍ୟ ତାରୁଣ୍ୟର ସେଇ ଉଗ୍ର ବାମପନ୍ଥୀ ଦର୍ଶନ ପୁଷ୍ଟ ମାନସିକତା, କ୍ରମଶଃ ଉତ୍ତରଣର ବିଭିନ୍ନ ପର୍ଯ୍ୟାୟ ଦେଇ, ଶେଷରେ ଅରବିନ୍ଦଙ୍କର ଅତିମାନସ ସତ୍ତା, ଉଦାର ମାନବିକତା ତଥା ସନାତନ ହିନ୍ଦୁ ଧର୍ମର ଚିରନ୍ତନୀ ମାନବବୋଧର ନିକଟତର ହେବା ସଙ୍ଗେ ସଙ୍ଗେ, ତାଙ୍କର ଗଳ୍ପରେ ମଧ୍ୟ ସେହିଭଳି ଉତ୍ତରଣର ବିଭିନ୍ନ ପର୍ଯ୍ୟାୟ ଦେଖାଯାଏ । ଶ୍ରେଣୀ, ସଂଘର୍ଷ, ବିପ୍ଳବ, ସମାଜପ୍ରତି ଏକ ନେତିବାଚକ ଭାବ ସବୁ ଭଳି ଚରମ ଧାରଣା ସବୁର

ସ୍ଥାନ ନିଅନ୍ତି ଧିରେ ଧିରେ, ଉଦାର ମାନବିକତା, ଗଭୀର ମାନବ ପ୍ରେମ, ଏକ ନିର୍ଲିପ୍ତ ଦାର୍ଶନିକତା ଏବଂ ଏକ ବ୍ୟାପ୍ତ ରହସ୍ୟବାଦ ଭଳି ଉଚ୍ଚତର ମୂଲ୍ୟବୋଧ ସବୁ। ଏହାକୁ ଅବରୋହଣ ନୁହେଁ ନିଶ୍ଚିତ ଭାବେ ଆରୋହଣ ବୋଲି କୁହାଯାଇପାରେ। କାରଣ ସୀମିତରୁ ଅସୀମକୁ, ଦୃଷ୍ଟରୁ ଅଦୃଷ୍ଟକୁ, ହାତପାହାନ୍ତାରୁ ଅପହଞ୍ଚକୁ ସତେ ଯେପରି ସ୍ରଷ୍ଟାମାନସର ଏ ଏକ ଶୀର୍ଷାରୋହଣ। ଏସବୁର ଛାପ ସ୍ପଷ୍ଟ ଖୁବ୍ ସ୍ପଷ୍ଟ ମନୋଜ ଦାସଙ୍କର ପରବର୍ତ୍ତୀ ପର୍ଯ୍ୟାୟର ଗଳ୍ପଗୁଡ଼ିକରେ ଯାହା ଅଦ୍ୟାବଧି ଅବିଚ୍ଛିନ୍ନ ଭାବେ ପ୍ରସାରିତ। 'ବିୟୋଗାନ୍ତକ', 'ସୀତା ପାଇଁ ବର', 'ମନୁଷ୍ୟ ମର୍କଟ ସମ୍ବାଦ', 'ଅବଶିଷ୍ଟ ପୃଥିବୀ', 'ଶେଷ ବସନ୍ତର ଚିଠି', 'ବାବା ଚକ୍ରଧାରୀ ବୃତ୍ତାନ୍ତ', 'ବନ୍ୟା', 'ଚଳନ୍ତା କାହାଣୀ', 'ଅନେକ ଫୁଲ ଅନେକ', 'ଧୂମ୍ରାଭ ଦିଗନ୍ତ', 'ମଧୁମନର ମେୟର', 'ଲକ୍ଷ୍ମୀର ଅଭିସାର', 'ବୃକ୍ଷ', 'କିମ୍ଭିରିଣୀ', 'ପଲଙ୍କ ବିଜୟ', 'ହତ୍ୟାକାରୀ', 'ଅଲିଖିତ', 'ଶତ୍ରୁ' ଭଳି ଗଳ୍ପରେ ତାଙ୍କର ଏଇ ଗଭୀର ମାନବ ପ୍ରୀତି, ଏକ ସୂକ୍ଷ୍ମ ଅନୁସନ୍ଧାନାତ୍ମକ ଜିଜ୍ଞାସୁ ଦୃଷ୍ଟିଭଙ୍ଗୀ, ଏକ ଅଜ୍ଞାତ ରହସ୍ୟବୋଧ ସଙ୍ଗେ ସଙ୍ଗେ ଏକ ଦରଦୀ ଶିଳ୍ପୀ ପ୍ରାଣର ପରିଚୟ ମିଳିଥାଏ।

ପ୍ରାଧ୍ୟାପିକା, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ବିଜେବି (ସ୍ୱଂ) ମହାବିଦ୍ୟାଳୟ, ଭୁବନେଶ୍ୱର



# ଆତ୍ମଦହନ

◆ ଉର୍ମିମାଳା ଆଚାର୍ଯ୍ୟ

ମନରେ ଏକ ପ୍ରତିହିଂସାର ସନ୍ତୋଷ ପାଉଥିଲା ଅସୀମ। ସୁଦୂର ଭାରତରୁ ଫୋନ କରିଥିଲା ମା'। ବାପାଙ୍କ ଦେହ ବହୁତ ଖରାପ। ସେ ବୋଧେ ବେଶିଦିନ ବଞ୍ଚିବେନି। ଏକଥା ଶୁଣି ଅସୀମ କହିଲା, ବୁଢା ବୁଢୀ ଦୁଇଜଣ ବହୁତ ନାଟକ କଲେଣି। ତାଙ୍କପାଇଁ ଭାବିବାକୁ ବା ଯିବାକୁ ମୋ ପାଖରେ ବେଳ କାହିଁ? ମା' ଅତି ନେହୁରା ହୋଇ କହିଲା, 'କିଛି ଟଙ୍କା ପଠାଇପାରିବୁ? ବହୁତ ଦରକାର ଅଛି।' ଅସୀମ ଅତ୍ୟନ୍ତ ନିଷ୍ଠୁର ଭାବରେ ଉତ୍ତର ଦେଇଥିଲା, ତୁମମାନଙ୍କ ପାଇଁ ମୋ ପାଖରେ ନା ସମୟ ଅଛି ନା ପଇସା ଅଛି। ବଡଭାଇ ଅଜୟ ମା'ର ଫୋନ୍ ପାଇଲାକ୍ଷଣି ସପରିବାରେ ଭାରତ ଯାଇଛି।

ଅସୀମ ପତ୍ନୀ ଓ ଶିଶୁପୁତ୍ରକୁ ନେଇ ବୁଲିବାକୁ ବାହାରିଲା। ମେରିଲ୍ୟାଣ୍ଡ ଜଙ୍ଗଲ ସୁଷମାରେ ପରିବେଷ୍ଟିତ ଲେକ୍‌ରେ ନୌକା ବିହାର କରିସାରିଲା ପରେ ହୋଟେଲରେ ରହଣି। ତା' ପରଦିନ ବୁଲାବୁଲି ସାରି ହୋଟେଲକୁ ଫେରିଲେ ସେମାନେ। ଅଧରାତି ବେଳକୁ ପତ୍ନୀ ମାଳିନୀର ନିଦ ଭାଙ୍ଗିଗଲା।ଝାଡା, ବାନ୍ତି ଓ ଜ୍ୱର ହୋଇ ମାଳିନୀ ବ୍ୟତିବ୍ୟସ୍ତ ହୋଇପଡିଲା। ଅସୀମ ମଧ୍ୟ ରାତି ସାରା ଶୋଇପାରିଲା ନାହିଁ। ସାଙ୍ଗରେ ନେଇଥିବା ଔଷଧ ଦେବାପରେ ମଧ୍ୟ ଜ୍ୱର କମିଲାନି।ବରଂ ଧୀରେ ଧୀରେ ବଢିବାକୁ ଲାଗିଲା। ବାଧହୋଇ ସକାଳୁ ମାଳିନୀକୁ ନେଇ ହସ୍‌ପିଟାଲ ଗଲା। ସେଠାରେ ୮/୧୦ ଦିନ ରହିଲା ପରେ ସୁସ୍ଥ ହୋଇ ସ୍ତ୍ରୀକୁ ନେଇ ଫେରିଲା ଅସୀମ। ଦୀର୍ଘ ସପ୍ତାହାନ୍ତର ଆନନ୍ଦ ପାଣିଫୋଟକା ପରି ମିଳେଇ ଯାଇଥିଲା। ଘରେ ପହଞ୍ଚି ଭାଇକୁ ଫୋନ୍ କରିବାରୁ ସେ କହିଲା, ବାପା ଆଇ.ସି.ୟୁ.ରେ ଅଛନ୍ତି। କିଛି କୁହା ଯାଇ ପାରିବନି। ଯଦି ତୁ ଆସି ପାରନ୍ତୁ, ତେବେ ଭଲ ହୁଅନ୍ତା।

ଆକୃତି ଅସୀମ ଅନୁରୋଧକୁ ଫୁତକାରରେ ଉଡାଇଦେଇ କହିଲା, ମୋର ଅଫିସ୍ କାମ ବହୁତ ଅଛି, ତେଣୁ ମୁଁ ଯାଇ ପାରିବିନି। ବୁଢାବୁଢୀ ପଇସା ଦେଲାବାଲକୁ କଞ୍ଜୁସ, ଏବେ ସେ କାହିଁକି ଯିବ? ବିଭାଘର ପରେ ବୁଲିଯିବା ପାଇଁ ବାପାଙ୍କୁ ପଇସା ମାଗିଥିଲି। ସେ ମନା କରିଦେଲେ। ଏବେ ପଇସା ତାଙ୍କର ଭଲମନ୍ଦ ବୁଝୁ। ଘରପାଇଁ ଇନଭର୍ଟର କିଣିବା ଦରକାର ଅଛି ବୋଲି କହି ବାପା ପଇସା ଦେଲେନି। ସେହିଦିନ ଠାରୁ ସେ ବାପା-ମା'ଙ୍କ ସହିତ ସମସ୍ତ ସମ୍ପର୍କ କାଟି ଦେଇଛି। କେତେବେଳେ ବି ଭଲରେ କଥା ହେଉନି ଏବଂ ଦେଖା କରିବାକୁ ଯାଉନି। ମା' ନାତିକୁ ଦେଖିବାକୁ କେତେଥର ଅନୁନୟ ବିନୟ କରି ଫୋନ୍ କରିଛି, ମାତ୍ର ସେ ମା'ର କଥାକୁ ନା ଶୁଣିଛି ନା ମହତ୍ତ୍ୱ ଦେଇଛି। ନାତି ସହ ଦୁଇପଦ କଥା ହେବାପାଇଁ ମା'ର ଫୋନ୍‌ରେ ଆକୁଳ ମିନତିକୁ ସେ ପୂରଣ ହେବାକୁ ଦେଇନି। ବାପା-ମା' ଉଭୟ ଭାଇ ପାଖକୁ ଆସିଥିଲା ବେଳେ ତାଙ୍କ ସହିତ ମଧ୍ୟ ଦେଖା କରିବାକୁ ଯାଇ ନଥିଲା। ସେମାନଙ୍କୁ ମଧ୍ୟ ନିଜ ପାଖକୁ ଆଣିବାକୁ ଚେଷ୍ଟା କରିନଥିଲା।

ବାପା ସୁସ୍ଥ ହୋଇ ହସପିଟାଲରୁ ଫେରିଲେ। ଭାଇ ଅଜୟ ମଧ୍ୟ ପତ୍ନୀ ସରୋଜା ଓ ପିଲାମାନଙ୍କୁ ନେଇ ଫେରିଆସିଲା। ଏ ଭିତରେ ପ୍ରାୟ ଏକମାସ ବିତିଯାଇଛି। ସକାଳୁ ସକାଳୁ ବାପାଙ୍କର ଫୋନ୍ ଥିଲା ମା' ଆଜି ସକାଳେ ଚାଲିଗଲା। ସାନପୁଅ ବୋଲି ତୋର ଅଧିକାର ମା ମୁହଁରେ ଅଗ୍ନି ଦେବୁ। ଯଦି ଆସିବୁ ତ ଭଲ ହେବ। ଅସୀମ ମନରେ ଫେର୍ ସେହିପରି ପ୍ରତିହିଂସାର ଜ୍ୱଳନ। ଫୋନ୍ ପାଇ ଚୁପ୍‌ଚାପ୍ ରହିଗଲା। ବଡଭାଇ ଅଜୟ ଗଲା କ୍ରିୟାକର୍ମ ଆରମ୍ଭ ହେଲା। ୯ ଦିନ ପରେ ଅସୀମ ଯାଇ ପହଞ୍ଚିଲା ଘରେ। ଘର ଭିତରେ ଏକଦମ୍ ଶାନ୍ତ ବାତାବରଣ। ରାତିରେ ନବମ ପଣାପାଇଁ ବନ୍ଧୁବାନ୍ଧବ ଏବଂ ଗାଁରୁ କିଛି ଲୋକ ଆସିଥିଲେ। ସେମାନେ ମାଳିନୀ ଓ ପୁଅ ବିଷୟରେ ପଚାରିଲେ। ମିଛରେ ସେମାନେ ଅସୁସ୍ଥ ଅଛନ୍ତି ବୋଲି ଅସୀମ କହିଲା। ମା'ର ଶୁଦ୍ଧିକ୍ରିୟା ଉପରାନ୍ତେ ୧୨ ଦିନ ପରେ ବନ୍ଧୁବାନ୍ଧବ ତଥା ପଡିଶା ଯେଝା ଘରକୁ ଚାଲିଗଲେ।

ରାତିରେ ଲାଇନ୍ ଚାଲିଗଲା। ଇନଭର୍ଟର ଥିବାରୁ ଅସୀମ ରାତିରେ ଶୋଇପାରିଲା। ବିଛଣାରେ ପଡି ପଡି ଭାବୁଥିଲା ଇନଭର୍ଟର ନଥିଲେ ଏ ଗରମରେ ସେ କେମିତି ଶୋଇଥାନ୍ତା ? ତା ମନରେ ଥିବା ପଇସା ପାଇଁ ସମସ୍ତ କ୍ଷୋଭ ଝାଳ ଆକାରରେ ବାହାରି ଯାଉଥିଲା। ବଡଭାଇ ଅଜୟ ମଧ୍ୟ ଚାଲିଗଲା। ଅସୀମକୁ ଘରଟା ଖାଁ ଖାଁ ଲାଗିଲା।

ବାପା ଗୋଟିଏ ଛୋଟ ସୁଟକେଶ୍ ଯୋଉଟା କି ସେ ଚାକିରି କଲାପାରେ ମା' ପାଇଁ ଆଣିଥିଲା, ସେଇଟା ଆଣି ତାକୁ ଦେଲେ ଏବଂ ମା' ତା' ପାଇଁ ରଖିଥିଲା ବୋଲି କହିଲେ। ଅସୀମ ସୁଟ୍‌କେଶ୍ ଖୋଲିକରି ଦେଖିଲା ସେଥିରେ ମା'ର ହାତଲେଖା ଚିଠି ଥିଲା ଯେଉଁଥିରେ ମା' ଗୋଟିଏ ହାତଲେଖା ଚିଠି ଥିଲା ଯେଉଁଥିରେ କି ମା' ଗୋଟିଏ ସୁନା ହାର ତା' ସ୍ତ୍ରୀ ପାଇଁ ରଖି ଯାଇଥିବାର ଲେଖାଯାଇଥିଲା। ଏକ ଲକ୍ଷ ଟଙ୍କାର ଗୋଟିଏ ତାରିଖ ନଥିବା ଚେକ୍ ଥିଲା ଯାହା କି ମା' ତା' ନାତି ପାଇଁ ରଖିଥିଲା। ମାଳିନୀ କେବେ ବି ଦିନେ ରାନ୍ଧିବାଢି ଶାଶୂକୁ ଖୁଆଇଥିବା ଅସୀମର ମନେ ପଡୁ ନଥିଲା। ମାତ୍ର ମା' ତା' ନିଜପିନ୍ଧା ହାର ମାଳିନୀକୁ ଦେଇ ଯାଇଛି।

ଅସୀମ ଆଖି ଆଗରେ ମା'ର ସେ ହସହସ ମୁହଁ ନାଚି ଉଠିଲା। ମା' ଯେପରି ହସି ହସି ଦୂରେଇ ଯାଇଛି। ଅସୀମ ହାତ ବଢାଇ ଧରିବାକୁ ଚେଷ୍ଟା କରି ଧରିପାରୁନି। ଆଖିରୁ ତାର ଦୁଇଟୋପା ଲୁହ ଝରି ଆସିଲା। ଠାକୁର ଘରେ ବାପା ଆଖିବୁଜି ବସିଥିଲେ। ମାତ୍ର ମୃତ୍ୟୁପରେ ବାପା ଯେପରି ଭାଙ୍ଗିପଡିଥିଲେ। ଦୀର୍ଘଦିନର ଅସୁସ୍ଥତା ପରେ ବାପାଙ୍କର ସ୍ୱାସ୍ଥ୍ୟ ବହୁତ ଦୁର୍ବଳ ହୋଇଯାଇଥିଲା। ମାର ଅନୁପସ୍ଥିତି ବାପାଙ୍କୁ ବହୁତ ବାଧୁଥିଲା। ଅସୀମ ଯାଇ ବାପାଙ୍କୁ କହିଲା, ବାପା, ତୁମେ ମୋ ସାଥିରେ ଚାଲ। ।ପା ଥରେ ତା' ଆଡକୁ ଚାହିଁ ପୁଣି ଆଖି ବୁଜିଲେ। ଦୀର୍ଘ ଶ୍ୱାସ ପକାଇ କହିଲେ ମା' ଏଠି ଏକୁଟିଆ ରହିବ, ମୁଁ ତାକୁ ଛାଡି କେମିତି ଯିବି ? ସେ ବହୁତ ଥକି ଯାଇଛି। ତେଣୁ ବିଶ୍ରାମ କରୁଛି। ସେ ବହୁତ ଅବହେଳା ଓ ଅବସୋସରେ ତିଳ ତିଳ ଜଳିଛି। ଆଉ ନୁହେଁ, ଏବେ ମୁଁ ତା ପାଖରେ ରହିବାକୁ ଚାହେଁ। ନିଜ ଦେହକୁ ଡାକ୍ତର ନ ଦେଖାଇ ମା' ଭିତରେ ଭିତରେ ନିଃଶେଷ ହୋଇଯାଇଥିଲା। ତଥାପି ସେ ଅସୀମ ପାଇଁ ଏକ ଲକ୍ଷ ଟଙ୍କା ରଖି ଦେଇଯାଇଛି। ବାପା ଚେକ୍‌ଟାକୁ ଅସୀମକୁ ଧରାଇଦେଇ କହିଲେ, ମା' କହୁଥିଲା ତୁ କୁଆଡେ ବହୁତ ଅଭିମାନ କରିଛୁ। ବାହାଘର ପରେ ତୁ ଯୋଉ ପଇସା ମାଗୁଥିଲୁ, ମୁଁ ଦେଇ ନଥିଲି। ପ୍ରକୃତରେ ସେ ଟଙ୍କା ମୁଁ ମା'ର ଟ୍ୟୁମର ଅପରେସନ କରିବାପାଇଁ ରଖିଥିଲି। ମା' ସେ କଥା ତୁମମାନଙ୍କୁ କହିବାକୁ ମନା କରିଥିଲା। ତା'ପରେ ତ ମୋ ଦେହ ଖରାପ ହେଲା। ସେହି ସମୟରେ ତୁ କି ଅଜୟ କେହି ପଇସା ଦେଲନି। ମା' ତୁମମାନଙ୍କୁ ଫୋନ୍ କରି ମାଗିଥିଲା। ତେଣୁ ମା ତାର ସମସ୍ତ ଗହଣା ବିକ୍ରିକରି ମୋର ଚିକିତ୍ସା କରାଇଲା। ଦୁଇଟି ହାର ରଖିଥିଲା ଗୋଟିଏ ତୋ ସ୍ତ୍ରୀର, ଅନ୍ୟଟି ଅଜୟ ସ୍ତ୍ରୀର। ମୁଂ ତ ବଞ୍ଚିଗଲି। ମାତ୍ର ସେ ତା' ନିଜ ଦେହର ବ୍ୟଥା କେବେ ବି କହୁ ନଥିଲା। ଧୀରେ ଧୀରେ ଟ୍ୟୁମରଟା କ୍ୟାନସରରେ ପରିଣତ ହୋଇଗଲା। ତୋତେ କି ଭାଇକୁ ସେ ଏକଥା କହିବାକୁ ମନା କରିଥିଲା। ମାତ୍ର ଭିତରେ ଭିତରେ ଯେପରି ସେ ଘୁଣି ହେଉଥିଲା। ମୁ ସୁସ୍ଥ ହେବାପରେ ସେ ଧୀରେ ଧୀରେ ଶଯ୍ୟାଶାୟୀ ହେଲା ଏବଂ ସବୁଦିନପାଇଁ ମୋତେ ଛାଡି ଚାଲିଗଲା। ମରିବା ପୂର୍ବରୁ ସବୁବେଳେ ତୁମ ଦୁଇ ଭାଇ ଓ ନାତିନାତୁଣୀଙ୍କୁ ଦେଖିବ ବୋଲି କହୁଥିଲା। ଛାଡ, ତୁମେମାନେ ସୁଖରେ ରୁହ। ଅସୀମ ଚେକ୍‌ଟା ନେଲାବେଳକୁ ତାକୁ ଲାଗିଲା ଯେପରି ସେ ମା'ର ରକ୍ତାକ୍ତ ହୃଦୟଟାକୁ ଧରିଛି। ଆଖିରେ ଆଖିଏ ଲୁହ ଭର୍ତ୍ତି ହୋଇଗଲା। ସେ ଆମେରିକା ଫେରି ଆସିବାର ଉପକ୍ରମ କରୁଥିଲା। ସୁଟକେଶ୍‌ରୁ ମା'ର ଫଟୋକୁ କାଢି ହୃଦୟରେ ଜାକି ଧରିଲା। ଅନୁତାପ ଓ ଆତ୍ମଦହନର ଅଶ୍ରୁରେ ଫଟୋଟି ଧୋଇ ହୋଇଯାଇଥିଲା। ମା'ର ହସହସ ମୁହଁଟି ଯେପରି ତା' ମୁଣ୍ଡରେ ହାତରଖି ତାକୁ ପ୍ରବୋଧନା ଦେଉଥିଲା।

'ଅମୃତାୟନ',
୪୫୫, ଶକ୍ତିବିହାର, ଭୁବନେଶ୍ୱର-୧୭
ମୋବାଇଲ - ୯୪୩୭୨୮୩୦୨୬

# ଇଚ୍ଛା ଥିଲେ ନଦୀ, ନଦୀକୁ ଭେଟେ

◆ ଡକ୍ଟର ମଣୀନ୍ଦ୍ର କୁମାର ମେହେର

(୨୧.୩.୯୭)

ପ୍ରାୟ ୧୦/୧୧ ବର୍ଷ ପୂର୍ବରୁ ପ୍ରଥମ ଥର ପାଇଁ ଆସିଥିଲି କଲିକତା। ସେତେବେଳେ ବରପାଲି କଲେଜରେ ଅଧ୍ୟାପନା କାର୍ଯ୍ୟ ଆରମ୍ଭ କରି ସାରିଥାଏ। ମହେନ୍ଦ୍ର ଦାଦା ଓ କୁନୁ ଦାଦା ତାଙ୍କ ନିଜ ନିଜ କାମ ନେଇ କଲିକତା ଆସୁଥିବା ବେଳେ ତାଙ୍କ ସହ କଲିକତା ବୁଲି ଦେଖିବାର ଆକାଙ୍କ୍ଷା ନେଇ ଆଗ୍ରହରେ ଚାଲି ଆସିଥିଲି ଏଠାକୁ। ସେ ସମୟରେ କଲିକତାର ବିଚିତ୍ର ରୂପ ଦେଖି ବାରମ୍ବାର ବିସ୍ମିତ ହୋଇଥିଲି। ଭିକ୍ଟୋରିଆ ମେମୋରିଆଲ୍ ହଲ୍, ନେସ୍‌ନାଲ୍ ମ୍ୟୁଜିୟମ୍, ପ୍ଲାନିଟୋରିଅମ୍ ଆଦି ସ୍ଥାନ ଦେଖିବାର ସୁଯୋଗ ଜୁଟିଥିଲା। କଲେଜ ଷ୍ଟ୍ରୀଟ୍‌ରେ ବହି ଓ ପତ୍ରପତ୍ରିକା କିଣିଥିଲି ଆନନ୍ଦରେ।

ବଂଗଳା ଭାଷାର କବି ଓ ଲେଖକଂକୁ ଦେଖିବା ପାଇଁ ଆନ୍ତରିକ ଇଚ୍ଛା ରହିଥିଲା; କିଂତୁ ସେ ସୁଯୋଗ ମିଳି ନଥିଲା ମୋତେ। ବିମଳ ମିତ୍ର, ଆଶାପୂର୍ଣ୍ଣା ଦେବୀ, ବନଫୁଲ ପ୍ରମୁଖଙ୍କୁ ଖୁବ୍ ଭଲ ଭାବରେ ଜାଣିଥିଲି। ରବୀନ୍ଦ୍ରନାଥଙ୍କ ଶାନ୍ତିନିକେତନ, ଶରତଚନ୍ଦ୍ରଙ୍କ ବାସସ୍ଥାନ ଆଦି ପ୍ରତି ଗଭୀର ମମତା କୈଶୋର କାଳଠୁଁ ଜନ୍ମ ନେଇ ସାରିଥାଏ। ହେଲେ ଏ ସବୁ ସ୍ୱଚକ୍ଷୁରେ ଦେଖିବାର ଅବସର ମିଳିଲା ନାହିଁ।

ସୁଖର କଥା ଯେ ଏ ବର୍ଷ କେନ୍ଦ୍ର ସାହିତ୍ୟ ଏକାଡେମୀ, କଲିକତା ଓ ଶାନ୍ତିନିକେତନ ଭ୍ରମଣ କରିବାର ଏକ ଅପୂର୍ବ ସୁଯୋଗ ମୋତେ ଦେଲେ। ଏଠାକୁ ପୁଣିଥରେ ଆସିବାପାଇଁ ମନେ ମନେ କେତେଥର ପ୍ରସ୍ତୁତ ହୋଇଛି, ହେଲେ ଆସିପାରି ନାହିଁ। ବରପାଲିର ଜଂଜାଳ ସର୍ବଦା ମୋତେ ବାନ୍ଧି ରଖିଛି। ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଶାନ୍ତିନିକେତନ, ରାମକୃଷ୍ଣ ପରମହଂସଙ୍କ ଦକ୍ଷିଣେଶ୍ୱର କାଳୀ ମନ୍ଦିର ଓ ବେଲୁଡ଼ ମଠ ପ୍ରଭୃତି ସ୍ୱଚକ୍ଷୁରେ ଥରେ ଥରେ ଦେଖିବା ପାଇଁ ବ୍ୟାକୁଳ ହୋଇଉଠିଛି ମନ। ଏଇସବୁ ସ୍ଥାନକୁ ଆସି ସାରାଜୀବନ ଏଠି କଟାଇବାକୁ ମଧ୍ୟ ବେଳେ ବେଳେ ଉଦ୍‌ବେଳିତ ହୋଇଛି। ଚର୍ମଚକ୍ଷୁରେ ନ ହେଲେ ମଧ୍ୟ ମର୍ମଚକ୍ଷୁରେ ଦେଖିଛି ସବୁ ସ୍ଥାନ। ଅନୁଭବ କରିଛି ପ୍ରାଣରେ ତା'ର ପବିତ୍ରତାକୁ। ଶାନ୍ତିନିକେତନ ନାଁ ଶୁଣିଦେଲେ ରବୀନ୍ଦ୍ର ସଂଗୀତର ଅପୂର୍ବ ଝଂକାରରେ ମନପ୍ରାଣ ପୂର୍ଣ୍ଣ ହୋଇ ଉଠେ। ବୃକ୍ଷରାଜିର ସୁଶୀତଳ ଛାୟା ତଳେ ବସି ଧ୍ୟାନମଗ୍ନ ହୋଇଯାଏ ମନ। ଦକ୍ଷିଣେଶ୍ୱର କାଳୀ ମନ୍ଦିରର ନାଁ ଶୁଣିଲେ ରାମକୃଷ୍ଣ ପରମହଂସଙ୍କ ଜୀବନର ସରଳତା ଗଭୀର ଭାବେ ଆଚ୍ଛନ୍ନ କରି ରଖେ ହୃଦୟକୁ। ଥରୁଟିଏ ମା'ଙ୍କୁ ଦେଖିବା ପାଇଁ, ତାଂକରି ନିକଟରେ ବସି ଅଳି କରିବା ପାଇଁ ଆଉ ଶେଷରେ ସାରାଜୀବନ ପାଇଁ ତାଂକରି ହୋଇ ତାଂକରି ହିଁ ପାଖରେ ରହିଯିବା ପାଇଁ ଗଭୀର ବ୍ୟାକୁଳତା ଜନ୍ମନିଏ ଅନ୍ତରରେ।

ଥରେ ଥରେ ମନେହୁଏ ଦକ୍ଷିଣେଶ୍ୱର କାଳୀମନ୍ଦିର ସହ ମୋର କେଉଁ ଯୁଗରୁ ଏକ ଆତ୍ମିକ ସଂପର୍କ ରହିଛି। କହିବାକୁ ସଂକୋଚ ଜାତ ହୁଏ ମୋର। କିଂତୁ ସତରେ ମୋତେ ଲାଗେ, ବିଗତ ଜନ୍ମରେ ରାମକୃଷ୍ଣ ପରମହଂସ ହୋଇ ମା'ଙ୍କୁ ପାଇବା ପାଇଁ ଧୂଳିରେ କ'ଣ ଗଡୁ ନଥିଲି ମୁଁ!

ମନ୍ଦିରରେ ପୂଜା କରିବା ବେଳେ ଭୋଗ ଛଡ଼ାଇବା ପୂର୍ବରୁ କେବେ କେବେ ନିଜେ ଖାଇ ପକାଉଥିଲି। କେବେ ପୁଣି ମା'ଙ୍କୁମନା କରୁଥିଲି ସବୁ ନ ଖାଇବା ପାଇଁ।

ମୋର ସକଳ ଅଯୋଗ୍ୟତା ସତ୍ତ୍ୱେ, ମୋର ପ୍ରାଣର ସକଳ ସଂକୀର୍ଣ୍ଣତା ସତ୍ତ୍ୱେ କାହିଁକି କେଜାଣି ମନେହୁଏ ରାମକୃଷ୍ଣଙ୍କ ଜୀବନ ମୋରି ହିଁ ଜୀବନ ବୋଲି।

ଯାହାହେଉ ଅନେକ ଦିନ ପରେ ମୁଁ ମୋର ସ୍ୱପ୍ନ ସାର୍ଥକ କରିବାକୁ ଆସିଛି। କଲିକତାର ବିଶିଷ୍ଟ ସାହିତ୍ୟିକ ମାନଙ୍କ ସହ ଆଳାପ କରିବାର, ତାଂକୁ ଦର୍ଶନ କରିବାର ଅଭିଳାଷ ନେଇ ଚାଲିଆସିଛି।

କିଂତୁ ଆଜି, ମୋର ଭଲ ପାଇଥିବା ଲେଖକ/ ଲେଖିକାଂକ ମଧ୍ୟରୁ ଅନେକେ ଆଉ ଇହଲୋକରେ ନାହାନ୍ତି। ବିମଳ ମିତ୍ର, ଆଶାପୂର୍ଣ୍ଣା ଦେବୀ ଚାଲିଗଲେଣି।

'ନ ହନ୍ୟତେ' ଉପନ୍ୟାସ କି ଗଭୀର ଭାବେ ମୋତେ ଆଲୋଡ଼ିତ କରିଥିଲା !! ଅଥଚ୍ ସେଇ ଅମର ଉପନ୍ୟାସର ଲେଖିକା ମୈତ୍ରେୟୀ ଦେବୀ ବି ଆଉ ନାହାନ୍ତି। ଯାହାଙ୍କ ଏକ କ୍ଷୁଦ୍ରଗଳ୍ପ 'ଅତୀତର ରାନୀ' ପଢ଼ି ଗଳ୍ପ ଲେଖିବାର ପ୍ରଥମ ପ୍ରେରଣା ପାଇଥିଲି, ଆଉ ଲେଖିଥିଲି 'ପ୍ରତିକ୍ରିୟା' ନାମକ ଗଳ୍ପ ସେଇ ବନଫୁଲ ବି ପରଲୋକରେ।

ତଥାପି ଯେଉଁମାନେ ଆଜି ଅଛନ୍ତି ସେଇମାନଂକୁ ତ ଦେଖିବାର ସୁଯୋଗ ପାଇବି, ଏଇ କଥା ହିଁ ଭାବି ଆନନ୍ଦରେ ମଗ୍ନ ହୋଇଯାଉଛି ହୃଦୟ।

ଗତକାଲି ଅର୍ଥାତ୍ ୨୦।୩।୯୭ ରେ ବରପାଲିରୁ ବାହାରିଲି ମୁଁ। ସାଂଗରେ ମୋର ଭାଇ ଶୁକମୁନି, ଯାହାଙ୍କୁ ପାଖରେ ନ ପାଇଲେ ଅସହାୟ ହୋଇଉଠେ।

ଆମ ଦି'ଜଣ ଯାକ କେତେ ଗୁଡ଼ାଏ କାମ ସାରି ଏଠାକୁ ଆସିବା ପାଇଁ ପ୍ରସ୍ତୁତ ହେଲୁ। ତଥାପି ଆସିବା ଯାଏଁ କାମ ସରିନଥାଏ। କାଲି ମଧ୍ୟାହ୍ନ ବେଳାରେ ହିଁ ଘରୁ ବାହାରିଥିଲୁ। ମା' ମଂଗଳାଙ୍କ ଆଶୀର୍ବାଦ ନେବାକୁ ଯାଇ ପ୍ରତିଥର ପରି ତାଂକ ପୂଜା ଗୃହରେ କ୍ଷଣେ ନୀରବ ହୋଇ ବସିଥିଲି। କହିଥିଲି "ମା ! ତୁମ ଆଦେଶରେ ହିଁ ତ ଯାଉଛି। ତୁମକୁ ଦେଖିବା ପାଇଁ ତୁମରି ତତ୍ତ୍ୱାବଧାନରେ ଯାଉଛି। ମୋତେ ବାଟ କଢ଼ାଇ ନିଅ ମା। ଘରେ ବି ସମସ୍ତଙ୍କୁ ସୁଖୀ ରଖିଥାଅ।" ବାପା, ମା' ତାଙ୍କର ଆଶୀର୍ବାଦ ଢାଳି ଦେଉଥିଲେ ମୋ ପ୍ରତି। ସହଜରେ ବରପାଲି ଡେଇଁ ପାରୁନଥିବା ମୋ ପରି ମଣିଷର କଲିକତା ଶାନ୍ତିନିକେତନ ଯାତ୍ରା ବାପା ମା'ଙ୍କ ଦୃଷ୍ଟିରେ ବିଦେଶ ଯାତ୍ରା ଭଳି। ସେମାନେ ବି ଚାହାନ୍ତି ମୋତେ ସର୍ବଦା ତାଂକ ସ୍ନେହ ରଜ୍ଜୁରେ, ତାଙ୍କ ଦୃଷ୍ଟି ପରିସର ମଧ୍ୟରେ ବାନ୍ଧି ରଖିବାକୁ। ତଥାପି ମୋତେ ଆସିବାକୁ ପଡ଼ିଲା ଏଠାକୁ।

ଆସିବାବେଳେ ବାଟ ବାଟରେ କଲ୍ୟାଣୀ, ଅଶୋକ ସହ ଦେଖା ହେଲା ବୋଲି ଆଉ ପାଖରେ ପରୀକ୍ଷିତ, ସଦାନନ୍ଦ, ସୁଶୀଳ ଥିଲେ ବୋଲି ଖୁବ୍ ଭଲ ଲାଗୁଥିଲା। ସମସ୍ତଙ୍କ ସହ ଏକାଠି ବରପାଲିରେ ପ୍ଲାଟ୍‌ଫର୍ମରେ ବସିଥିବାବେଳେ କହିଥିଲି- ସଦାନନ୍ଦ, ସୁଶୀଳ – ସମସ୍ତେ ଏକାସାଂଗରେ ଯାଇଥିଲେ ଆହୁରି ଭଲ ଲାଗିଥାନ୍ତା।

ସଦାନନ୍ଦ ଉତ୍ତର ଦେଲେ : ଆପଣ ଯାଉଛନ୍ତି। ଆପଣଙ୍କ ସହ ଆମେ ବି ଯାଉଛୁ ନିଶ୍ଚୟ।

କଥାପଦକ ଶୁଣି ପ୍ରାଣ ପୂର୍ଣ୍ଣ ହୋଇ ଉଠିଲା ଆନନ୍ଦରେ। ପ୍ରଜ୍ଞାରେ ସେମାନଂକ ସୂକ୍ଷ୍ମ ଉପସ୍ଥିତି ସବୁବେଳେ ରହିଛି ମୋ ନିକଟରେ। ସେଇଥିପାଇଁ ତ ମୋର ମନେହୁଏ ଶାନ୍ତିନିକେତନରେ ମୁଁ ଅଛି ବୋଲି। ମୋର ପ୍ରିୟ ଛାତ୍ର, ଭାଇ ଲକ୍ଷ୍ମଣ ଏବେ ଶାନ୍ତିନିକେତନର ଛାତ୍ର। ତାଂକୁ ସେଥିପାଇଁ ଚିଠିରେ ମୁଁ ଲେଖିଥିଲି- "ଲକ୍ଷ୍ମଣ, ଏବେ ତୁମ ଆଖିରେ ମୁଁ ଶାନ୍ତିନିକେତନ ଦେଖିବି" ବୋଲି। ଏଇ ସବୁ କଥା ମନେପକାଇ ସଦାନନ୍ଦକୁ କହିଥିଲି- "ହଁ ଏମିତ ତ ମୁଁ ବି ଶାନ୍ତିନିକେତନକୁ ଦେଖୁଛି ଲକ୍ଷ୍ମଣ ଆଖିରେ।"

ତେବେ ମୋର ଆନ୍ତରିକ ଇଚ୍ଛା ଥିଲା, ସମସ୍ତେ ଏକାଠି ମିଶି ଥରେ ଆସିବା ପାଇଁ। କିଏ ଜାଣେ ସେ ଇଚ୍ଛା ପୂର୍ଣ୍ଣ ହେବ କେବେ ? ଯାହା ହେଉ ଆଜି ସକାଳୁ ଆମେ ହାଓ୍ୱାଡ଼ା ରେଲ୍‌ଓ୍ୱେ ଷ୍ଟେସନ୍‌ରେ ପହଂଚିଲୁ। ସେଠାକୁ ପହଂଚୁ ପହଂଚୁ ହିଁ ଏକ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହବାକୁ ପଡ଼ିଲା।

ଶୁକମୁନି ଠାରୁ ଟି.ଟି.ଆଇ. ନେଇଗଲେ ଟିକେଟ୍। ଅଥଚ୍ ଆଉ ଜଣେ ଟି.ଟି.ଆଇ. କବଳରେ ପଡ଼ି ଆମକୁ ପୁଣି ବାଉନ ଟଙ୍କା ପାଇନ୍ ଦେବାକୁ ପଡ଼ିଲା। ତାଂକୁ ଆମେ ବୁଝାଇବାକୁ ବହୁ ଚେଷ୍ଟା କଲୁ କିଂତୁ ତାଂକର ମନ ଉଦ୍ଦେଶ୍ୟକୁ ବୁଝିବାରେ ଆମର ଆଦୌ ବିଳମ୍ବ ହେଲା ନାହିଁ। ସେ ନାନା ପ୍ରକାର ଆଇନ୍ କାନୁନ୍ ଦେଖାଇଲେ। ବାଉନ ଟଙ୍କା ଫାଇନ୍ ନେଲେ। କିଂତୁ ରସିଦ୍ ବି ଦେଲେ ନାହିଁ। ଆମ ପାଖରେ ଆଦୌ ସମୟ ନଥିଲା। ସେଥିପାଇଁ ଏଭଳି ଏକ ଦୁଶ୍ଚରିତ୍ର ସରକାରୀ ଅଫିସରର ଅନ୍ୟାୟକୁ ସହ୍ୟ କରିବାକୁ ପଡ଼ିଲା।

ପ୍ଲାଟଫର୍ମରୁ ବାହାରୁ ବାହାରୁ ପୁଣି ଆଉ ଏକ ଠକେଇରେ ପଡ଼ିଲୁ। ଜୋଡପୁର ପାର୍କକୁ ଯିବା ପାଇଁ ଆମକୁ ଶହେଦଶ ଟଙ୍କା ଦବାକୁ ପଡ଼ିଲା।

ଯାହା ହେଉ ଭାଗ୍ୟ ଭଲ ଶ୍ରୀମତୀ ଉଷା ଶର୍ମାଙ୍କୁ ଭେଟିଲୁ ଆମେ ସେଠାରେ। ବରପାଲିରେ ଥିବା ଡାକ୍ତର

ଶ୍ରୀଯୁକ୍ତ ଶଙ୍କର ଲାଲ୍ ଶର୍ମା ତାଂକ ଭିଣୋଇ। ଶ୍ରୀମତୀ ଉଷା ଶର୍ମା ଅନେକଥର ଯାିଛନ୍ତି ବରପାଲି। "ମୋର ସ୍ୱପ୍ନ ଓ ସ୍ମୃତିରୁ କେତୋଟି' ଗଳ୍ପ ସଂକଳନ ପଢ଼ିସାରି ବାରମ୍ବାର ଯେପରି ସେ ଅଭିଭୂତ ହୋଇପଡ଼ି ମୋ ଉଦ୍ଦେଶ୍ୟରେ ଅଭିନନ୍ଦନ ବାଢ଼ିଥିଲେ ତାହା ମୋତେ ଗଭୀର ଭାବେ ସ୍ପର୍ଶ କରିଥିଲା। ମୋ ଗଳ୍ପର ସାଫଲ୍ୟ ନୁହଁ, ତାଂକପରି ଜଣେ ନିଷ୍କପଟ ମଣିଷଙ୍କ ସାନ୍ନିଧ ମୋତେ ଅପୂର୍ବ ଆନନ୍ଦ ଦେଇଥିଲା। ଅନେକଥର ସେ କହିଥିଲେ, କଲିକତା ଗଲେ ନିଶ୍ଚୟ ଆମ ଘରକୁ ଆସିବେ ବୋଲି।

ତାଂକର ସେ ଆନ୍ତରିକ ଆଗ୍ରହର ଆକର୍ଷଣରେ ହିଁ ତାଂକ ଘରେ ପହଂଚିଲୁ ଆମେ। ଶ୍ରୀମତୀ ଶର୍ମା ଆମକୁ ଦେଖି ଆନନ୍ଦରେ ବିହ୍ୱଳ ହୋଇ ଉଠିଲେ। ସେ ଲେଖିକା ନୁହନ୍ତି, କିଂତୁ ତାଂକପରି ବ୍ୟକ୍ତିତ୍ୱ ଲେଖିକାମାନଂକ ମଧ୍ୟରେ ଦୁର୍ଲ୍ଲଭ। ଅପୂର୍ବ ଉଚ୍ଛ୍ୱାସରେ ଭରା ଶ୍ରୀମତୀ ଶର୍ମାଙ୍କ ହୃଦୟ। ପ୍ରତିଟି ବାକ୍ୟ ତାଂକର ଆବେଗସିକ୍ତ। ସଂପୂର୍ଣ୍ଣ ଅକପଟ, ସରଳ। ଏକାନ୍ତ ହୃଦୟସ୍ପର୍ଶୀ ତାଂକର ବାର୍ତ୍ତାଳାପର ପ୍ରତ୍ୟେକଟି ଭଂଗୀ। ତାଂକରି ଘରେ ହିଁ ରହିବାକୁ ସେ ଅନୁରୋଧ କଲେ। କିଂତୁ ତାଂକୁ ଏପରି ହଇରାଣ କରିବାକୁ ଆମେ ଆସିନାହୁଁ, କେବଳ ଥରେ ଦେଖା କରିବାକୁ ଆସିଛୁ ବୋଲି କେତେଥର ବୁଝାଇବାକୁ ଚେଷ୍ଟା କଲୁ। ଶେଷରେ ସେ ରାଜି ହେଲେ ତାଂକ ଦ୍ୱାରା କ୍ରୟ କରାଯାଇଥିବା ଡାଇମଣ୍ଡ ହାର୍‌ଥର୍ ରୋଡ୍‌ର ଏକ ଫ୍ଲାଟ୍‌ରେ ରହିବା ପାଇଁ ଆମଠାରୁ ସମ୍ମତି ଆଦାୟ କରି। ତାଙ୍କ ବଡ଼ଝିଅ ତାନିଆ ମାର୍ମିକ କଣ୍ଠରେ ତାର ହିନ୍ଦୀ ଭଜନ ଶୁଣାଇଲା। ତାଂକରି ଘରେ ଜଳଖିଆ ଖାଇ ସାରିବା ପରେ ଶ୍ରୀମତୀ ଶର୍ମାଙ୍କ କାର୍ ଆଣି ଛାଡ଼ି ଦେଇଗଲା ଆମକୁ ଡାଇମଣ୍ଡ ହାର୍‌ଥେର୍ ରୋଡ୍ ତାଂକ ଫ୍ଲାଟ୍ ପାଖରେ।

ଶ୍ରୀମତୀ ଶର୍ମାଙ୍କ ଏ ଋଣ ଆମେ ପରିଶୋଧ କରିପାରିବୁ ନାହିଁ କେବେ। ଆସିଲାବେଳେ କୃତଜ୍ଞ କଣ୍ଠରେ ଏତିକି କହିବାକୁ ବାରମ୍ବାର ପ୍ରୟାସ କରୁଥିଲୁ। କିଂତୁ ଆମକୁ କିଛି କହିବାକୁ ନ ଦେଇ ସେ ହସି ହସି କହି ଚାଲିଥିଲେ- ଥାଉ, ଥାଉ। ଆପଣ ଆଉ ସେ ସାହିତ୍ୟିକ ଭଂଗୀରେ ମୋର ଅଯଥା ପ୍ରଶଂସା କରନ୍ତୁ ନାହିଁ। ମୁଁ ତ କିଛି ବି କରିପାରିଲି ନାହିଁ ଆପଣଙ୍କ ଲାଗି।

ଅସଲ 'ସାହିତ୍ୟ' କାହା କଥା ଭିତରେ ଅଧିକ ଥିଲା ତାହା ତ ବିଧାତା ହିଁ ଜାଣୁଥିବେ। ଆମେ କେବଳ ସେଇ ଅସାଧାରଣ, ଅପୂର୍ବ ମମତାର ସ୍ପର୍ଶରେ କୃତଜ୍ଞ ହୋଇ ଉଠୁଥିଲୁ।

ଆଜି ମଧ୍ୟାହ୍ନରେ ସାହିତ୍ୟ ଏକାଡେମୀର ଶାଖା କାର୍ଯ୍ୟାଳୟକୁ ଗଲୁ ଆମେ। ସଂପାଦକ ନଥିଲେ। ଅନ୍ୟମାନଂକ ସହ ପରିଚୟ ହେଲା। ମାନିକ୍ ବାବୁଙ୍କ ଠାରୁ ଆରମ୍ଭ କରିସମସ୍ତେ ସବୁବେଳେ ସାହାଯ୍ୟ କରିବାକୁ ପ୍ରସ୍ତୁତ। ଖୁବ୍ ଆପଣାର ଲାଗିଲେ ସମସ୍ତେ, ନିଜର ମନେହେଲା ସେ କାର୍ଯ୍ୟାଳୟ।

ସେଠି ବିଶିଷ୍ଟ କଥାଶିଳ୍ପୀ ଅଫିସର୍ ଅହମଦ୍‌ଙ୍କ ସହ ପରିଚିତ ହେବାର ସୁଯୋଗ ମିଳିଲା। ପ୍ରାୟ ୧୬/୧୭ ଖଣ୍ଡ ପୁସ୍ତକର ପ୍ରଣେତା ସେ। ଏକାଡେମୀ କାର୍ଯ୍ୟାଳୟ ଲାଇବ୍ରେରୀରୁ ନିଜ ବହି ଗୁଡ଼ିକ ଆଣି ସ୍ୱୟଂ ଦେଖାଇଲେ ସେ। କଥାବାର୍ତ୍ତା ଖୁବ୍ ଅନ୍ତରଂଗ। ଆଗାମୀ କାଲି ରବୀନ୍ଦ୍ର ସଂଗୀତ ଗାନର ଯେଉଁ ଶୁଭ ଆୟୋଜନ ହୋଇଛି, ସେଥିରେ ଯୋଗଦବାକୁ ନିମନ୍ତ୍ରଣ କଲେ ସେ। ସେଇଠି ଅନ୍ୟମାନଂକ ସହ ମଧ ପରିଚ୍ୟ ହୋଇପାରିବ ବୋଲି ଜଣାଇଲେ।

ବିଶିଷ୍ଟ ଉର୍ଦ୍ଦୁ କବି ଓ ଅନୁବାଦକ କରିମ୍ ହାଜିବ୍‌ଙ୍କ ସହ ଏଇ ଅନ୍ତରଂଗ ଆଳାପ ବେଶ୍ ଭଲ ଲାଗିଲା ଆମକୁ।

ସନ୍ଧ୍ୟା ଛ'ଟାରେ ଆମେ ଗଲୁ ମହାଶ୍ୱେତା ଦେବୀଙ୍କ ପାଖକୁ। ଏକାଡେମୀର ଜଣେ କର୍ମଚାରୀ ସାଂଗରେ ଆମକୁ ନେଇ ପହଂଚାଇ ଦେଲେ ତାଂକ ଘରେ। ଖୁବ୍ ସରଳ, ନିରାଡ଼ମ୍ବର ତାଂକ ଘର। କିଛି ଦିନ ପୂର୍ବରୁ 'ବିଜୟା'ରେ ପ୍ରକାଶିତ ତାଂକର ସାକ୍ଷାତ୍‌କାର ପଢ଼ିଥିଲି। ଏ ସଂଖ୍ୟାରେ ପ୍ରକାଶ ପାଇଥିବା 'ମନର ଶବର' ଗଳ୍ପଟି ବି ପାଠ କରିଥିଲି। ଶବରମାନଂକ ସଂପର୍କରେ କିଛି ଆଲୋଚ୍‌ନା ହେଲା।

ତାଂକ ଲିଖିତ ଗଳ୍ପ ସବୁ ଲୋକଂକ ଉପରେ ପ୍ରଭାବ ପକାଇ ପାରୁଛି ଓ ଧୀରେ ଧୀରେ ସାଧାରଣ ଜନତା ସଚେତନ ହୋଇ ଉଠୁଛନ୍ତି ବୋଲି ସେ ଆପଣାର ବିଶ୍ୱାସ ବ୍ୟକ୍ତ କରୁଥିଲେ।

ଆସିବାବେଳେ କହିଲି ତାଂକ ପାଦ ଛୁଇଁ, ମାଡାମ୍, ଅନେକ ଦିନରୁ ଇଚ୍ଛା ଥିଲା ଆପଣଙ୍କୁ ଦେଖିବାର। ଆପଣଙ୍କ ସହ କିଛି ସମୟ ଏମିତି ବିତାଇବାର। ସେ ସୁଯୋଗ ପାଇ ନିଜକୁ ଧନ୍ୟ ମଣୁଛି ଆଜି।

ମହାଶ୍ୱେତା ଦେବୀଙ୍କ କଣ୍ଠରେ ଉଚ୍ଚାରିତ ହେଉଥିଲା ଜୀବନର ଓ ଜଗତରେ ଚିରନ୍ତନ ସତ୍ୟଦୀପ୍ତ ବାଣୀଟିଏ : ଇଚ୍ଛା ଥିଲେ ନଦୀଟିଏ ନଦୀଟିଏକୁ ଭେଟେ ! ମଣିଷ ମଣିଷକୁ ସାକ୍ଷାତ୍ କରେ। ଭଲପାଏ ଏଇମିତି।

ତାଂକର ଆନ୍ତରିକ ସ୍ନେହର ସ୍ପର୍ଶ ପାଇ ଫେରିଲୁ ଆମେ। ଆଜି ସଂପୂର୍ଣ୍ଣ କ୍ଳାନ୍ତ ହୋଇପଡ଼ିଛୁ। ତଥାପି ସେ କ୍ଳାନ୍ତି ମନକୁ, ପ୍ରାଣକୁ ସ୍ପର୍ଶ କରିପାରୁ ନାହିଁ ଆଦୌ। ଯେଉଁଠି ସ୍ନେହ ଆଉ ମମତାର ଅକୃତ୍ରିମ ସ୍ପର୍ଶରେ ହୃଦୟ ଶିହରିତ ସେଠି ଶାରୀରିକ କ୍ଳାନ୍ତିକୁ ପରାଜିତ କରି ଅନ୍ତରର ଆନନ୍ଦ ଫୁଟି ଉଠୁଥାଏ ଶରୀରର ପ୍ରତ୍ୟେକଟି କୋଷରେ।

ଶ୍ରୀମତୀ ଉଷା ଶର୍ମାଙ୍କ ଫ୍ଲାଟ୍‌କୁ ଫେରିଲୁ ଆମେ।

ତାଙ୍କ ସ୍ୱାମୀଙ୍କ ସ୍ୱାସ୍ଥ୍ୟ କିଛିଦିନ ହେଲା ଭଲ ନାହିଁ। ଏଇ ତାଙ୍କର ନୂଆ ଫ୍ଲାଟ୍‌ରେ ପୂଜାଘରେ ଶ୍ରୀକୃଷ୍ଣଙ୍କ ପ୍ରତିକୃତି ସଦା ହୋଇ ରହିଛି ଯତ୍ନରେ। ଶ୍ରୀଯୁକ୍ତ ଶର୍ମା କୃଷ୍ଣ ଭକ୍ତ। ତାଂକର ଆଶୁ ରୋଗ୍ୟ କାମନା କରି କ୍ଷଣେ ନୀରବ ପ୍ରାର୍ଥନା କଲୁ ଏଇ କୋଠରୀରେ।

ଏଇ ଫ୍ଲାଟ୍‌କୁ ଆସୁ ଆସୁ ପ୍ରଥମେ ହିଁ ଆଖି ପଡ଼ିଥିଲା ରାମକୃଷ୍ଣ ପରମହଂସଙ୍କ ଛବି ଉପରେ। କେଡ଼େ କରୁଣାପୂର୍ଣ୍ଣ ନୟନରେ ଆମକୁ ସେ ଅନାଇ ରହିଛନ୍ତି। ଆମର ସକଳ ଦୋଷତ୍ରୁଟି ସତ୍ତ୍ୱେ କ୍ଷମାଶୀଳ ସେଇ ଉଦାର ମୂର୍ତ୍ତି କିପରି ନିରନ୍ତର ଆମକୁ ଆକର୍ଷିତ କରି ରଖିଛନ୍ତି ତାଂକ ପ୍ରତି।

ତାଂକରି ଉଦ୍ଦେଶ୍ୟରେ ଏ ଜୀବନ ସମର୍ପିତ ହେଉ, ଏହାହିଁ ପ୍ରାର୍ଥନା କରୁଛି।

(୨୪.୩.୯୭)

ଏଠାକୁ ଆସି ପ୍ରତିଦିନ ଡାଏରୀ ଲେଖିବି ବୋଲି ଭାବୁଥିଲି। କିଂତୁ ଦିନସାରା କଲିକତା ମହାନଗରୀ ଭିତରେ ବୁଲି ବୁଲି ରାତିରେ ଏଇ ଫ୍ଲାଟ୍‌କୁ ପହଂଚିବା ପରେ କ୍ଳାନ୍ତିରେ ଆଖି ଦୁଇଟି ଆପେ ବୁଜି ହୋଇ ଆସୁଛି। କିଛି ଦେଖିବା ପରି ଅବସ୍ଥା ଆଦୌ ରହୁନାହିଁ।

ଆଜି ଏଠାରେ ହୋଲି ପର୍ବ ପାଳିତ ହେଉଛି। ଏଇ ଗୋଟିଏ ବେଳ ଘରୁ ବାହାରି ହେବ ନାହିଁ। ଗତକାଲି ମଧ୍ୟ କଲିକତାର ବିଭିନ୍ନ ଜାଗାରେ ରଂଗଖେଳ ଆରମ୍ଭ ହୋଇଯାଇଥିଲା। ବସ୍‌ରେ ଆମେ ଦକ୍ଷିଣେଶ୍ୱର ଗଲାବେଳକୁ ବସ୍‌ର ଝରକା ଗୁଡ଼ିକ ଅନେକ ସମୟର ବନ୍ଦ ରଖିବାକୁ ପଡୁଥିଲା। ଆସିଲାବେଳେ ମୋ ପିଠିପଟେ କିଏ ଜଣେ ପିଚ୍‌କାରୀରେ ରଂଗ ମାରିଦେଲା ତଥାପି। ଏସବୁ ଶିଶୁମାନଙ୍କର ହିଁ ଖେଳ। ବୟସ୍କ ଲୋକମାନେ ଅଚିହ୍ନା, ଅଜଣା ବ୍ୟକ୍ତିଙ୍କ ପାଖକୁ ଯାଇ ସହଜରେ ରଂଗ ମଖାନ୍ତି ନାହିଁ। ପରସ୍ପର ସହିତ ଆତ୍ମୀୟତା ନଥିଲେ, ଘନିଷ୍ଠ ପରିଚୟ ନଥିଲେ ରଂଗ ବୋଳିବା ସହଜ ହୁଏ ନାହିଁ। କିଂତୁ ଶିଶୁମାନେ ଏହାର ବ୍ୟତିକ୍ରମ। ସେମାନଂକ ପାଇଁ ସମସ୍ତେ ସମାନ। ସମସ୍ତେ ପରିଚିତ, ସମସ୍ତେ ଆତ୍ମୀୟ।

ଏଠାକୁ ଆସିବା ଦିନଠାରୁ ଘରକୁ ଫୋନ୍ କରିବା ପାଇଁ ମଧ୍ୟ ଆଦୌ ସମୟ ହୋଇନାହିଁ। ଆଜି ସକାଳୁ ଶୁକମୁନି ବାହାରକୁ ଯାଉଥିଲେ ସେଇ ଉଦ୍ଦେଶ୍ୟରେ। କିଂତୁ ଆପାର୍ଟମେଣ୍ଟ୍‌ର କେତେକ ବାଳକ ବାଳିକା ତାଂକୁ ଛାଡ଼ିଦେଲେ ନାହିଁ ବାହାରକୁ। ମୁହଁରେ ଗାଲରେ ରଂଗ ବୋଳିଲେ। ଫୋନ୍ କରିଯିବା ଆଉ ସଂଭବ ହେଲା ନାହିଁ। ଫେରିଆସିଲେ ସେ ଫ୍ଲାଟ୍ ଭିତରକୁ।

ଆଜି ଟିକିଏ ସମୟ ମିଳିଛି ବୋଲି ବସି ବସି ଡାଏରୀ ଲେଖୁଛି। ଆକାଶ ମେଘାଚ୍ଛନ୍ନ ରହିଛି। ଝରକା ଦେଇ ଶୀତଳ ପବନ ବହି ଆସୁଛି। ଗତ ଦୁଇଦିନର ସ୍ମୃତି ମୋ ଭିତରେ ଆହୁରି ଜୀବନ୍ତ ହୋଇ ଉଠୁଛି।

୨୨ ତାରିଖ ଦିନ ପୂର୍ବାହ୍ନ ପ୍ରାୟ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବୁଲି ବୁଲି ଆମେ ଥକି ପଡ଼ିଲୁ। କିଂତୁ କାହା ସହିତ ଭେଟ ହୋଇ ପାରିଲା ନାହିଁ। ଶ୍ରୀଯୁକ୍ତ ଅନ୍ନଦାଶଙ୍କର ରାୟଙ୍କ ଘର ଖୋଜି ଖୋଜି ପାଇଲୁ ପ୍ରାୟ ଗୋଟାଏ ବେଳକୁ। କିଂତୁ ଦରୁଆନ୍ ମନା କରିଦେଲା ଦେଖା ହେବା ସକାଶେ। ବାସ୍ତବିକ୍ ଏଇଟା ବି ଖାଇବାର ଆଉ ବିଶ୍ରାମ ନେବାର ବେଳା। ଆମେ ଫେରି ଆସିଲୁ ବାଧ୍ୟ ହୋଇ। 'ପ୍ରତିବେଶୀ' ସାହିତ୍ୟ ପତ୍ରିକାର କର୍ମକର୍ତ୍ତାଙ୍କୁ ଭେଟିବା ପାଇଁ ଦୁଇଘଣ୍ଟା ଭିତରେ ଅନେକ ଚେଷ୍ଟା କଲୁ। ପାରିଲୁ ନାହିଁ।

ଯେଉଁ ପୂର୍ବତନ କର୍ମକର୍ତ୍ତା ଜଣକୁ ଦେଖାକଲୁ ତାଂକର ଅନାନ୍ତରିକତା ଆଉ ଆଗକୁ ଯିବା ପାଇଁ ପ୍ରେରଣା ଦେଲା ନାହିଁ।

ପ୍ରାୟ ୫ଟା ବେଳକୁ ପୁଣି ଫେରିଲୁ ଶ୍ରୀଯୁକ୍ତ ଅନ୍ନଦାଶଙ୍କର ରାୟଙ୍କ ଘରକୁ। ତାଂକୁ ଅପେକ୍ଷା କରିବାବେଳେ ହୃଦୟରେ ଜାତ ହେଉଥାଏ ଅପୂର୍ବ କଂପନ। ଓଡ଼ିଆ ସାହିତ୍ୟର ସବୁଜ ଯୁଗର କବି ଅନ୍ନଦାଶଙ୍କରଙ୍କୁ ଦେଖିବି ଆଜି - ଏଇ ଭାବନାରେ ରୋମାଂଚିତ ହେଉଥାଏ ଥରକୁ ଥର। ମନେପଡୁଥାଏ ତାଂକରି କବିତାର କେତୋଟି ପଦ :

ଯିବି ପଳାଇ ଦୂରେ ସୁଦୂରେ
ସପନ ଲୋକେ ଗୋପନ ପୁରେ
ଗ୍ରହ ତାରକା ଏଡ଼ାଇ,
ଯଉବନର ଝରଣା କୂଳେ
ମଳୟ ଯହିଁ ନିୟତ ବୁଲେ
କୁସୁମ କେତୁ ଉଡ଼ାଇ...

ପୂଜ୍ୟ କବି ଅନ୍ନଦାଶଙ୍କରଙ୍କ ପାଦ ସ୍ପର୍ଶ କରି ପ୍ରଣାମ କରିବାର ସୁଯୋଗ ମିଳିଲା। ଆମ ଦୁଇଜଣଙ୍କ ନାଁ ବାରମ୍ବାର ପଚାରିଲେ ସେ କବି ଗଂଗାଧରଙ୍କ ପରିବାରରୁ ଆସିଥିବା ଜାଣି ଆହୁରି ଖୁସି ହେଲେ। ଲେଖାଲେଖି ବିଷୟରେ ପରିବାର ବିଷୟରେ ପଚାରିଲେ କେତୋଟି କଥା। ତାଂକର କଲେଜ ଜୀବନରେ ସେ ପ୍ରଣୟବଲ୍ଲରୀ ପଢ଼ିଥିବା ସ୍ମରଣ କରୁଥିଲେ।

ମୁଁ ତାଂକୁ ପଚାରିଲି "ଓଡ଼ିଶାରେ ବିତାଇଥିବା ଦିନ ଗୁଡ଼ିକର କଥା ଆପଣଠଙ୍କର ସବୁ ମନେ ଅଛି ?" ଆଖିରେ କୋମଳ ଭାବ ଫୁଟାଇ ଅତୀତର ସ୍ମୃତିରେ କ୍ଷଣେ ବିହ୍ୱଳ ହୋଇ ସେ ଧୀର କଣ୍ଠରେ କହିଲେ - ହଁ ସବୁ ମନେଅଛି। ତା'ପରେ ପଚାରିଲି: ସବୁଜ ଯୁଗର କବିମାନଙ୍କ ମଧ୍ୟରୁ କାହା ସହିତ ଆପଣଙ୍କ ଘନିଷ୍ଠତା ବେଶୀ ଥିଲା ?

ଖୁବ୍ ସଂକ୍ଷିପ୍ତ ଭାବରେ, ମମତାସିକ୍ତ ସ୍ୱରରେ ସେ କହିଲେ: 'ବୈକୁଣ୍ଠ' ମୁଁ କହିଲି: ଆପଣ ଓଡ଼ିଆ ସାହିତ୍ୟ ଜଗତରୁ ଚାଲିଆସିବା ଦୁର୍ଭାଗ୍ୟଜନକ। ଓଡ଼ିଆରେ ଆପଣ ଲେଖାଲେଖି କରିଥିଲେ ଓଡ଼ିଆ ସାହିତ୍ୟ ଅଧିକ ସମୃଦ୍ଧ ହୋଇଥାନ୍ତା।

ସେ କହିଲେ : କ'ଣ କରିବା ! ଯାହା ତ ହେବାର ଥିଲା ହୋଇଯାଇଛି। ବଂଗଳା ପତ୍ରପତ୍ରିକାରେ ଲେଖାଲେଖି କରୁ କରୁ ଆପେ ଆପେ ଏ ସାହିତ୍ୟ ସହିତ ଘନିଷ୍ଠତା ବଢ଼ି ଚାଲିଲା। ଓଡ଼ିଆରେ ପାଠକ ସଂଖ୍ୟା ବହୁତ କମ୍।

ତାଂକ ସହିତ ଅନେକ ବିଷୟରେ ଆଳାପ ହେଲା। ଘରେ କାମ କରୁଥିବା ଲୋକଟି ଉଦ୍ଦେଶ୍ୟରେ ସେ କହୁଥାନ୍ତି ସମ୍ବଲପୁରରୁ ଆସିଛନ୍ତି ଏମାନେ !! ଧୀର କଣ୍ଠସ୍ୱର। କିଂତୁ ଆନ୍ତରିକତା ଝରି ପଡୁଥାଏ ପ୍ରତିଟି ଶବ୍ଦରୁ। ଚା' ଦେଲେ ଖାଇବା ପାଇଁ। କଥାବାର୍ତ୍ତା ବି ଚାଲିଥାଏ। ମୋ ଲେଖାଲେଖି ବିଷୟରେ ପଚାରିଲେ। 'ମୋର ସ୍ୱପ୍ନ ଓ ସ୍ମୃତିରୁ କେମିତି' ଓ 'ଆଲୋକ ଓ ଅମୃତର କବି ଗଂଗାଧର' ପୁସ୍ତକ ଦୁଇଟି ତାଂକୁ ଉପହାର ଦେଲି। ଖୁବ୍ ଖୁସିରେ ବହି ଦୁଇଟିର ନାଁ ପଢିଲେ ସେ। ପୃଷ୍ଠା ଗୁଡ଼ିକ ଓଲଟାଇ ଦେଖିଲେ ବାରମ୍ବାର। ୯୪ ବର୍ଷ ବୟସରେ ପଦାର୍ପଣ କଲେଣି। ଅଥଚ୍ ଖାଲି ଆଖିରେ ପଢ଼ି ପକାଉଥାନ୍ତି ସେସବୁ।

ଚୌକିରୁ ଉଠି ନିଜେ ଚାଲି ଚାଲି ଗଲେ ଭିତରକୁ। ଓଡ଼ିଆରେ ଅନୁବାଦ ହୋଇଥିବା ତାଂକର ସୁଖ ଉପନ୍ୟାସଟି ଉପହାର ଦେଲେ ଆନନ୍ଦରେ। ଥରିଲା ଥରିଲା ହାତରେ ଏବେବି ସେ ଲେଖିପାରୁଛନ୍ତି। ଏଇ ବୟସରେ ବି ତାଂକ ସ୍ମୃତିଶକ୍ତି ଅତୁଟ ହୋଇ ରହିଛି।

ସବୁଜ କବିମାନଙ୍କ ମଧ୍ୟରୁ କାହାକୁ ଏତେ ପାଖରୁ ଦେଖିବାର ସୁଯୋଗ ମିଳିନଥିଲା ଜୀବନରେ। ତାଂକ ପାଦ ଛୁଇଁ ବାରମ୍ବାର ପ୍ରଣାମ କଲୁ। ଓଡ଼ିଆ ଓ ବଂଗଳା ସାହିତ୍ୟର ଏହି ଅନନ୍ୟ ସାଧକଙ୍କ ଆନ୍ତରିକ ଆଶୀର୍ବାଦ ନେଇ ଚାଲିଆସିଲୁ ଆମେ।

ଅନ୍ନଦାଶଙ୍କର ରାୟଙ୍କ ଘର ସମ୍ମୁଖରେ ମା' ବିରଜାଙ୍କ ବିରାଟ ସୁଦୃଶ୍ୟ ମନ୍ଦିର। ପ୍ରାୟ ଅଧଘଣ୍ଟା ତା ଭିତରେ ବିତାଇଲୁ। ସନ୍ଧ୍ୟା ସାତଟାରେ ଥିଲା କଳାମନ୍ଦିରରେ ରବୀନ୍ଦ୍ର ସଂଗୀତ ଗାନର କାର୍ଯ୍ୟକ୍ରମ। ସାହିତ୍ୟ ଏକାଡେମୀ ଅଫିସ୍‌ରେ ଅଫିସର ଅହମଦ ଏଇ ଶୁଭ ଅନୁଷ୍ଠାନରେ ଯୋଗ ଦେବା ପାଇଁ ଆମକୁ କହିଥିଲେ ବାରମ୍ବାର। କଳାମନ୍ଦିରକୁ ଯାଇ ଦେଖିଲୁ ସେ ଆମକୁ ଅପେକ୍ଷା କରିଛନ୍ତି। ସେଠାରେ ଉପସ୍ଥିତ ଥିବା କବି ଓ ସାହିତ୍ୟିକମାନଙ୍କ ସହ ମୋର ପରିଚୟ କରାଇଦେଲେ।

ଅମିତାଭ ଦାଶ୍ ଗୁପ୍ତ, ଅଶୋକ କୁମାର ସେନ୍ ଗୁପ୍ତ, ସୁବାସ ଘୋଷାଲ, ଅମର ମିତ୍ର, ସନ୍ଦୀପ ବନ୍ଦୋପାଧ୍ୟାୟ ଓ ଭବାନୀ ଘଟକ ପ୍ରମୁଖ ପ୍ରବୀଣ ଠାରୁ ତରୁଣ ସାହିତ୍ୟିକ ସମସ୍ତଙ୍କ ସହ ଦେଖା ହେଲା।

ପରିଚୟ ସିନା ହେଲା ସମସ୍ତଙ୍କ ସହ, ହେଲେ କାହାକୁ ନିବିଡ଼ ଭାବରେ ଅନୁଭବ କରିପାରିଲି ନାହିଁ। ଶରତଚନ୍ଦ୍ରଙ୍କ ଉକ୍ତିଟିଏ ମନେପଡୁଥାଏ ସେତେବେଳେ, "ସଭାସମିତିରେ ସବୁ କିଛି ହୁଏ, କିଂତୁ ପରସ୍ପରର ହୃଦୟକୁ ଜାଣିବା ଓ ବୁଝିବାର ଅବସର ମିଳେନା।"

ଏସବୁ ଦେଖା ସାକ୍ଷାତ୍ ଭିତରେ ଜଣକୁ ହିଁ ଆଉ ଟିକିଏ ଗଭୀର ଭାବେ ଅନୁଭବ କଲି। ସେ ଆଉ କେହି ନୁହନ୍ତି। ମୋତେ ଏଠାକୁ ନିମନ୍ତ୍ରଣ କରି ଆଣିଥିବା ସମସ୍ତଙ୍କ ସହ ମୋର ପରିଚୟ କରାଇ ଦେଉଥିବା ସ୍ୱୟଂ ଅଫିସର ଅହମଦ। ତାଂକର ସରଳତା ଓ ଆନ୍ତରିକତାରେ ବିହ୍ୱଳ ଅନୁଭ କରୁଥାଏ ମୁଁ।

କଳାମନ୍ଦିର ଭିତରେ ବସି ପ୍ରାୟ ଏକଘଣ୍ଟା କାକଲୀ ରାୟଙ୍କ କଣ୍ଠରୁ ରବୀନ୍ଦ୍ର ସଂଗୀତ ଶୁଣିଲି। ସମସ୍ତେ ସ୍ତବ୍ଧ ହୋଇ ଶୁଣୁଥାନ୍ତି। କାକଲୀ ରାୟଙ୍କ କଣ୍ଠ ବି ଅପୂର୍ବ ଭାବାବେଗରେ ସ୍ପନ୍ଦିତ ହେଉଥାଏ। ରବୀନ୍ଦ୍ରନାଥଙ୍କ ପ୍ରତି ଉକ୍ତି ଓ ଆବେଗ ଝରିପଡୁଥାଏ ତାଂକ ମନମତାଣିଆ ସ୍ୱରରେ।

ଅନୁଷ୍ଠାନ ଆରମ୍ଭ ହେବାର ସମୟ ଥିଲା ସନ୍ଧ୍ୟା ସାତଟା। ଖୁସି ଲାଗିଲା ଯେ, ଠିକ୍ ସାତଟାରେ ହିଁ କାର୍ଯ୍ୟକ୍ରମ ଆରମ୍ଭ ହେଲା। ପ୍ରାରମ୍ଭିକ ସୂଚନା, ଶିଳ୍ପୀଙ୍କ ପରିଚୟ ପ୍ରଦାନ କି ସଂଗୀତ ସଂଯୋଜନାର କିଛି ଆୟୋଜନ କରାଯାଇ ନଥିଲା। କରତାଳିରେ ମଧ୍ୟ ଗୃହ ପ୍ରକଂପିତ ହୋଇ ଉଠୁ ନଥିଲା। ସାରା ବାତାବରଣକୁ କେବଳ ଆଚ୍ଛନ୍ନ କରି ରହିଥିଲା ଏକ କ୍ଲାସିକ୍ ନୀରବତା। ସମସ୍ତେ ନୀରବ ଅଥଚ୍ ପ୍ରାଣବନ୍ତ ଓ ଅଭିଭୂତ।

ସେଠାରୁ ଫେରି ଆସିବା ବେଳେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ ପର୍ଯ୍ୟନ୍ତ ଖୋଜି ଖୋଜି କାହାକୁ ନ ପାଇବାର ବ୍ୟର୍ଥତା ଭୁଲି ହୋଇ ଯାଉଥିଲା। ଅନ୍ନଦାଶଙ୍କରଙ୍କ ସ୍ନେହଶୀଳ ସ୍ପର୍ଶ, ଅଫସର ଅହମଦ୍‌ଙ୍କ ଗଭୀର ଆନ୍ତରିକତା ଓ କାକଲୀ ରାୟଙ୍କ ଚିତ୍ତ ସମ୍ମୋହନ କଣ୍ଠସ୍ୱର ଆଚ୍ଛନ୍ନ କରି କରି ରହିଥିଲା ସାରା ଚେତନାକୁ। ଗଭୀର ତୃପ୍ତିରେ ଆଖି ବୁଜି ହୋଇ ଆସିଥିଲା ରାତିରେ।

ତେଇଶି ତାରିଖ ଦିନ ସକାଳୁ ଅର୍ଥାତ୍ ଗତ କାଲି ଆମେ ଦକ୍ଷିଣେଶ୍ୱର କାଳୀ ମନ୍ଦିର ଓ ବେଲଡ଼ ମଠକୁ ଯିବା ପାଇଁ ସ୍ଥିର କଲୁ।

ଦକ୍ଷିଣେଶ୍ୱର ଗଲାବେଳକୁ ମା'ଙ୍କ ଭାବନାରେ ବାରମ୍ବାର ଅନ୍ୟମନସ୍କ ହୋଇପଡୁଥାଏ। ରାମକୃଷ୍ଣ ପରମହଂସ ଦେବଙ୍କ କଥା କଂପନ ସୃଷ୍ଟି କରୁଥାଏ ଭିତରେ ଭିତରେ। ମା' ଓ ରାମକୃଷ୍ଣ ଦେବଙ୍କ କଥା ପଢ଼ିବାବେଳେ ଭାବିବା ବେଳେ ଜୀବନରେ କେତେ କେତେଥର ନିଜକୁ ଭୁଲିଯାଇଛି। ଅସଂଖ୍ୟ ଥରେ ଆଖି ଜକେଇ ଆସିଛି ତାଂକରି ଭାବନାରେ ମଜ୍ଜି ରହି। ସେଇଦିନ ଗୁଡ଼ିକର ସେ ଅପୂର୍ବ ଭାବ ହୃଦୟ ଭିତରେ ସଂଚରିତ କରିବା ପାଇଁ ବାରମ୍ବାର ଧ୍ୟାନସ୍ଥ ହୋଇ ପଡୁଥିଲା।

ମନ୍ଦିର ଦେଖୁଥିଲି ଅଭିଭୂତ ହୋଇ। ଏଇଠି ଶ୍ରୀରାମକୃଷ୍ଣ ଚାଲିଥିବେ, ଏଇଠି ବସିଥିବେ, ଏଇଠି କେତେ ଗ୍ରୀଷ୍ମକାଳ, କେତେ ଶୀତାର୍ତ୍ତ ରାତ୍ରି, କେତେ ବର୍ଷା ପ୍ଳାବିତ ରଜନୀ ଦିବସ ଅତିବାହିତ କରିଥିବେ- ଏ ସବୁ ଭାବିବାବେଳେ ଅତୀତକୁ ଫେରିଯାଉଥାଏ ମନ। ଯେମିତି ପୃଷ୍ଠା ପରେ ପୃଷ୍ଠା ଖୋଲି ଯାଉଥାଏ।

ହେଇ, ସେଦିନ ଜହ୍ନରାତି ହୋଇଥାଏ। ମନ୍ଦିର ସଂପୂର୍ଣ୍ଣ ନିର୍ଜନ। ରାମକୃଷ୍ଣ ଦେବ ଏକାକୀ ବୁଲୁଛନ୍ତି ସାରା ପରିସର ମଧ୍ୟରେ। ଟିକିଏ ବି ଭୟ ନାହିଁ, ଆଶଂକା ନାହିଁ। ମା'ର କରୁଣା-ବଳୟ ଭିତରେ କାହାକୁ, କାହିଁକି ବା ସେ ଭୟ କରିବେ। ମନ୍ଦିରର ପୂଜାସ୍ଥଳୀରୁ ମା' ନିଜେ ଓହ୍ଲାଇ ଆସୁଛନ୍ତି କବାଟ ଫିଟାଇ। ପାହାଚ ଉପରେ ନୀରବରେ ବସି ରହିଥିବା ରାମକୃଷ୍ଣଙ୍କ ମୁଣ୍ଡ ଉପରେ ହାତ ଦେଇ ଆଉଁସି ଆଣୁଛନ୍ତି। ପଚାରୁଛନ୍ତି କୋମଳ କଣ୍ଠରେ :

ଏତେବେଳଯାଏ ଶୋଇନାହୁଁ ତୁ? କାହିଁକିରେ!

ରାମକୃଷ୍ଣଙ୍କ ଉଭୟ ଆଖିରୁ ଝରିପଡୁଛି ଧାର ଧାର ଲୁହ। ମା'ଙ୍କୁ ଜାବୁଡ଼ି ଧରି ଅଳି କରୁଛନ୍ତି- "ମା! ତୁ ପାଖରେ ନଥିଲେ କେମିତି ମୁଁ ଶୋଇପାରିବି କୁହନା!"

'ପାଗଳଟା ! ମୁଁ ତ ସବୁବେଳେ ତୋ ପାଖରେ ଅଛି ।"

ଏତିକି କହି ମା' ରାମକୃଷ୍ଣଙ୍କୁ ଟାଣି ଆଣୁଛନ୍ତି କୋଳ ଉପରକୁ ।

ଏମିତି କେତେ କେତେ ଦୃଶ୍ୟ ଜୀବନ୍ତ ହୋଇ ଉଠୁଥାଏ ମନରେ । ଅପରାହ୍ନ ତିନିଟା ପର୍ଯ୍ୟନ୍ତ ଅପେକ୍ଷା କରିବା ପରେ ମନ୍ଦିର ଖୋଲିଲା । ପ୍ରଥମେ ରାମକୃଷ୍ଣଙ୍କ କକ୍ଷ ଦର୍ଶନ କଲୁ । ଭିତରେ ସେ ବ୍ୟବହାର କରୁଥିବା ଖଟ ଦୁଇଟି ପଡ଼ିଛି । ଏଇ କୋଠରୀଟିକୁ ଦେଖିବା ପାଇଁ ମନେ ମନେ କେତେ ଦିନରୁ ଅପେକ୍ଷା କରିଥିଲି । ଏବେ ସେଇ ବହୁ ପ୍ରତୀକ୍ଷିତ ପ୍ରକୋଷ୍ଠ ଭିତରକୁ ମୁଁ ପ୍ରବେଶ କରୁଛି ବୋଲି ଭାବିନେବା ମାତ୍ରକେ ଅନ୍ତରାତ୍ମାରେ ଜାତ ହେଉଥାଏ ଦିବ୍ୟ ଆନନ୍ଦ । ଅପୂର୍ବ ପୁଲକରେ ଭରିଯାଉଥାଏ ମନ ।

ପ୍ରକୋଷ୍ଠ ଭିତରକୁ ପ୍ରବେଶ କରୁ କରୁ ଏକ ଅଦ୍ଭୁତ ଅନିର୍ବଚନୀୟ ଶୀତଳତା ଯେମିତି ମୋ ଉପରକୁ ଓହ୍ଲାଇ ଆସିଲା । ହୃଦୟର ସବୁ ଉତ୍ତପ୍ତତା ଉଭେଇ ଯାଉଥିଲା । କ୍ଷଣେ ନୀରବ ହୋଇ ଆଖି ବୁଜି ବସିଲି । ଆଖି ଖୋଲିବାକୁ ଇଚ୍ଛା ହେଉ ନଥିଲା । କୋଠରୀ ଭିତରୁ ବାହାରକୁ ଆସିବା ପାଇଁ ଆଦୌ ମନ ଲାଗୁ ନଥିଲା ।

ଏଇ କୋଠରୀରେ ରାମକୃଷ୍ଣ ଦେବ ବସି ରହୁଥିଲେ, ଏଇଠି ବିଶ୍ରାମ ନେଉଥିଲେ । ବିବେକାନନ୍ଦ କଲେଜ ଛାତ୍ର ଥିବା ବେଳେ ଏକ ଅଦ୍ଭୁତ ଆକର୍ଷଣରେ ଧାଇଁ ଆସୁଥିଲେ ଏଠାକୁ । ଏଇଠି, ଏଇ ପ୍ରକୋଷ୍ଠ ଭିତରେ ରାମକୃଷ୍ଣ ଓ ବିବେକାନନ୍ଦଙ୍କ ମଧ୍ୟରେ କେତେ ଦିବ୍ୟ ଆଳାପ ହୋଇଥିବ । ରାମକୃଷ୍ଣ ବିବେକାନନ୍ଦଙ୍କ ଅନ୍ତରାତ୍ମାକୁ ଏଇଠି ଦେଖିପାରୁଥିବେ ସ୍ପଷ୍ଟ ଭାବରେ । ବିବେକାନନ୍ଦ ଏକ ଅଦ୍ଭୁତ ପ୍ରେମରେ ଆକର୍ଷିତ ହୋଇ ବାନ୍ଧି ହୋଇଯାଉଥିବେ ରାମକୃଷ୍ଣଙ୍କ ସହ । ଏସବୁ କଥା ଭାବୁଥିବା ବେଳେ ଭାବନାର ଖିଅ ଛିଡ଼ାଇ ଦେବାକୁ ଋହୁଁ ନଥିଲି । ତଥାପି ସେ କୋଠରୀରୁ ବାହାରି ଆସିବାକୁ ହେଲା । କୋଠରୀକୁ ଛାଡ଼ି ଆସିଲି ନାହିଁ, ତାକୁ ପ୍ରକୃତରେ ଅନ୍ତର ଭିତରେ ଧରିନେଇ ଆସିଲି ।

ତା'ପରେ ଗଲି ମା'ଙ୍କୁ ଦେଖିବା ଲାଗି । ଏଇଥିପାଇଁ ତ ବର୍ଷ ବର୍ଷ ଧରି ଅପେକ୍ଷା କରି ରହିଥିଲି । ଦୌଡ଼ିଯିବାକୁ ଇଚ୍ଛା ହେଉଥାଏ । କିଂତୁ ସଂଯମ ରକ୍ଷା କରି ଧୀରେ ଧୀରେ ନିକଟବର୍ତ୍ତୀ ହେଲି ତାଂକର ।

କରୁଣାମୟୀଙ୍କ ମୂର୍ତ୍ତି ଦେଖୁ ଦେଖୁ କହିଲି : ମା ! ତୁମେ ତ ଜାଣୁଥିବ କେତେ ଦିନରୁ ତୁମକୁ ଦେଖିବି ବୋଲି ଅପେକ୍ଷା କରି ରହିଛି । ଆଜି ଏଇ ମୁହୂର୍ତ୍ତରେ କ'ଣ, କିପରି ବା କହିବି ହୃଦୟର କଥା ସବୁ ! ତୁମକୁ ହିଁ ତ କଥା କହି କହି ରାତିରେ ଶୋଇପଡ଼ିଛି । କେତେଥର ତୁମେ ସ୍ନେହରେ, ମମତାରେ ମୁଣ୍ଡ ଆଉଁସି ଦେଇଛ । ତୁମରି କୋଳରେ ମୁଣ୍ଡ ରଖି ଜୀବନର ସବୁ ଦୁଃଖ ଆଉ ବିଷାଦକୁ ଭୁଲିଛି ।

ଭିତରେ ଭିତରେ କେତେ ବ୍ୟାକୁଳ ଚିତ୍ତରେ ଡାକିଛି ତୁମକୁ । ଆସ ମା ! ତୁମର ଏଇ ଅକ୍ଷମ ଅଯୋଗ୍ୟ ସନ୍ତାନକୁ ନେଇଯାଅ ବୋଲି କେତେଥର ମିନତି କରିଛି । ସବୁ ତ ଜାଣ ତୁମେ । ଆଉ କ'ଣ କହିବି । ଆଜି ମନ୍ଦିରକୁ ଆସିବାବେଳେ ତୁମ ପାଇଁ ଭାଗ ଆଣି ନାହିଁ ।

ତୁମ ଉଦ୍ଦେଶ୍ୟରେ ଅର୍ପିତ ହେବାକୁ ମୁଁ ନିଜେ ଆସିଛି । ତୁମର ସନ୍ତାନକୁ ତୁମେ ଗ୍ରହଣ କର ମା !

ମମତାମୟୀ ସେଇ ମାତୃମୂର୍ତ୍ତିକୁ ଦେଖିବାବେଳେ ଏମିତି ତ କହିଋଲିଥାଏ । ପୂଜକ ଇସାରା ଦେଲେ ସେ ସ୍ଥାନରେ ଆଉ ବେଶୀ ସମୟ ଛିଡ଼ା ନ ହୋଇ ଅପସରି ଯିବାକୁ । ଅପସରି ଗଲି ସିନା, ମନ ବେଦନାକ୍ତ ହୋଇ ଉଠିଲା । ମା'ଙ୍କ ପାଖରେ ଆଉ ଟିକିଏ ଠିଆ ହୋଇ ରହିବାକୁ ବ୍ୟାକୁଳ ଲାଗୁଥିଲା । ମନ୍ଦିରର ନୀତି ନିୟମ ନ ମାନି, କାହାରି ବିଧି ନିଷେଧ ନ ମାନି ଭିତରକୁ ପଶିଯିବା ପାଇଁ ଜହ୍ନରାତିରେ ମନ୍ଦିରର ପାହାଚ୍ ଉପରେ ରାମକୃଷ୍ଣ ପରମହଂସଙ୍କୁ ମା' ଯାହା କହିଥିଲେ ସେଇ ସ୍ୱର ଗୁଂଜରିତ ହୋଇ ଉଠିଲା ଆତ୍ମା ଭିତରେ: ପାଗଳାଟା । ମୁଁ ତ ସବୁବେଳେ ଯେ ପାଖରେ ଅଛି ।"

ମା'ଙ୍କ କରୁଣାର ସ୍ପର୍ଶରେ ପ୍ରଶାନ୍ତ ହୋଇ ଉଠିଲା ହୃଦୟ । ଅପୂର୍ବ ତୃପ୍ତିରେ ଭରିଗଲା ମନ ।

ସେ'ଠୁ ଆମର ବେଲୁଡ଼ ମଠକୁ ଯିବାର ଥିଲା । ଏଠୁ ନୌକାରେ ଗଲେ କୋଡ଼ିଏ ମିନିଟ୍‌ର ରାସ୍ତା ବୋଲି ଜଣାପଡ଼ିଲା । କିଂତୁ ଘରେ ବାପା, ମାଆ ସବୁବେଳେ ମନା କରିଆସିଛନ୍ତି ମୋତେ ନୌକାରେ ଯିବା ପାଇଁ । ସେଥିପାଇଁ ଜୀବନରେ ଏପର୍ଯ୍ୟନ୍ତ କେବେ ନୌକାରେ ବସି ନଥିଲି ।

ବେଲୁଡ଼ ମଠକୁ ଯିବା ପାଇଁ ମଧ୍ୟ ନୌକାରେ ବସିବି ନାହିଁ ବୋଲି ଭାବିଥିଲି ଆଗରୁ। କିଂତୁ ମୋର ସବୁ ଭାବନା ଓଲଟ ପାଲଟ ହୋଇଗଲା। ବାପା ମା'ଙ୍କ ନିୟନ୍ତ୍ରଣ ଭିତରୁ କ୍ଷଣକରେ ଉତ୍ତୀର୍ଣ୍ଣ ହୋଇଗଲି ମୁଁ।

କରୁଣାମୟୀ ମା'ଙ୍କୁ ମନେ ମନେ ପଚାରିଦେଲି :

ମା ! ବେଲୁଡ଼ ମଠକୁ ନୌକାରେ ଯିବି ?

ମା କହିଲେ - ଯା ! ନିର୍ଭୟରେ। କିଛି ହେବ ନାହିଁ। ତାଂକରି ଆଦେଶ ଓ ଆଶୀର୍ବାଦ ନେଇ ଗଲି ବେଲୁଡ଼କୁ। ସେଠି ରାମକୃଷ୍ଣ ଓ ବିବେକାନନ୍ଦଙ୍କ ସ୍ମୃତି ଆହୁରି ଆଲୋଡ଼ିତ କଲା। ରାମକୃଷ୍ଣ, ବିବେକାନନ୍ଦ, ସାରଦା ମା'ଙ୍କ ବ୍ୟବହୃତ ଜିନିଷ ପତ୍ର ସଂଗ୍ରହାଳୟରେ ଦେଖିବାର ସୁଯୋଗ ପାଇଲି। ବାରମ୍ବାର ପ୍ରଣାମ କରୁଥିଲି ସେସବୁକୁ ମନେ ମନେ ସ୍ପର୍ଶ କରି। ରାମକୃଷ୍ଣଙ୍କ ଚିତାଭସ୍ମ ଏକା ମାଟିପାତ୍ରରେ ସଂରକ୍ଷିତ ହୋଇ ରହିଛି ସେଥିରେ।

ସନ୍ଧ୍ୟା ହୋଇ ଆସୁଥିଲା। ବେଲୁଡ଼ରେ ବହୁ ଯୁବକ ଯୁବତୀଙ୍କ ଭିଡ଼। ମନେ ହେଉଥିଲା ସେମାନେ ଏ ମନୋରମ ସ୍ଥାନଟିକୁ ଆପଣାର ମନୋରଞ୍ଜନ ସକାଶେ ବ୍ୟବହୃତ କରୁଛନ୍ତି କେବଳ। ସେମାନେ ବିବେକାନନ୍ଦଙ୍କ ଦିବ୍ୟ ବାଣୀରେ ଉଦ୍‌ବୋଧିତ ହେଉଥିଲା ପରି ମନେ ହେଲାନାହିଁ।

ସନ୍ଧ୍ୟାର ଶୀତଳ ପବନ ଶରୀରର ସବୁ କ୍ଳାନ୍ତିକୁ ଲିଭାଇ ଦେବାକୁ ପ୍ରସ୍ତୁତ ଥିଲା। କିଂତୁ ସେଠାରେ ଅଧିକ ସମୟ ବସିବାକୁ ଆମ ପାଖରେ ସମୟ ନଥିଲା। ପୁଣି ନୌକାରେ ପ୍ରତ୍ୟାବର୍ତ୍ତନ କଲୁ ଦକ୍ଷିଣେଶ୍ୱରକୁ। ମା' ସାରଦାଙ୍କ ପ୍ରକୋଷ୍ଠ ଠାରେ ଠିଆ ହୋଇ ପ୍ରଣାମ ଜଣାଇଲି।

ଶୁକମୁନିଙ୍କ ଚଷମା ଛାଡ଼ିଦେଇ ଚାଲିଆସିଥିଲେ ମନ୍ଦିର ପରିସରସ୍ଥିତ ଏକ ବହିଦୋକାନରୁ। ତା'ର ଖୋଜ୍ ନେବାପାଇଁ ଭିତରକୁ ଗଲେ ସେ।

ମନ୍ଦିର ବାହାରେ ଠିଆ ହୋଇ ରାମକୃଷ୍ଣଙ୍କ କକ୍ଷ ଆଡ଼କୁ ଆଉଥରେ ଅନାଇଲି। ଅନାଇଲି ସେ କକ୍ଷର ଛାତ ଉପରକୁ। ଏଇ ଛାତ ଉପରକୁ ସନ୍ଧ୍ୟାବେଳେ ରାମକୃଷ୍ଣ ଚଢ଼ି ଯାଉଥିଲେ। ବଡ଼ ବ୍ୟାକୁଳ ଚିତ୍ତରେ ତାଂକ ଶିଷ୍ୟମାନଙ୍କ ଉଦ୍ଦେଶ୍ୟରେ ସେ କହୁଥିଲେ : ଆରେ ! କିଏ କେଉଁଠି ଅଛରେ ! ଆସ ମୋ ପାଖକୁ।

ରାମକୃଷ୍ଣଙ୍କ କଥା ଭାବୁଥିବାବେଳେ ଶୁକମୁନି ଫେରି ଆସିଲେ। ଚଷମା ମିଳିଥିଲା ତାଂକର। ବହିଦୋକାନୀଟି ସମୟରେ ତାହା ରଖି ଦେଇଥିଲା। ଦକ୍ଷିଣେଶ୍ୱର ମନ୍ଦିର, ରାମକୃଷ୍ଣଙ୍କ ରହିବା ପ୍ରକୋଷ୍ଠ ପାଖରେ ଦୋକାନୀ ଭିତରେ ସାଧୁତାର ଏଇ ପବିତ୍ର ଭାବ ପ୍ରତ୍ୟକ୍ଷ କରି ହୃଦୟ କୃତଜ୍ଞତାରେ ପୂର୍ଣ୍ଣ ହୋଇ ଉଠୁଥିଲା।

ଫ୍ଲାଟ୍‌କୁ ଫେରିବା ପାଇଁ ଆମେ ପ୍ରସ୍ତୁତ ହେଲୁ। ଗଙ୍ଗା ମା'ଙ୍କ ମମତାର ସେ ଗଭୀର ସ୍ପର୍ଶରେ କୃତଜ୍ଞ ହୋଇ ଉଠିଥିଲୁ ଆମେ। ନୌଯାତ୍ରା ବେଳର ଅପୂର୍ବ ଅନୁଭୂତି ତୁହାକୁ ତୁହା ଉଦ୍‌ବେଳିତ କରୁଥାଏ ହୃଦୟକୁ।

ମା' ଗଙ୍ଗାଙ୍କ କୋଳରେ ଆମେ କେଡ଼େ ନିଶ୍ଚିନ୍ତ ମନରେ ଗଲୁ ଓ ଆସିଲୁ। ନଦୀର ଜଳ ଆଣି କପାଳରେ ଲଗାଇଥିଲି ଦୁଇଥର। ପ୍ରଣାମ କରିଥିଲି ମା'ଗଙ୍ଗାଙ୍କୁ।

ରାତିରେ ଫେରି ଆସିଲୁ ଘରକୁ। ଦକ୍ଷିଣେଶ୍ୱର ଓ ବେଲୁଡ଼ର କମନୀୟ ସ୍ପର୍ଶରେ ତଲ୍ଲୀନ ଥିଲା ସାରା ହୃଦୟ।

(୨୫.୩.୯୭)

ଆଜି ହୋଲି। ଦିନଟା ସାରା କିଛି କାମ ହୋଇପାରିଲା ନାହିଁ। କୌଣସି ସାହିତ୍ୟିକଙ୍କ ସହ ସାକ୍ଷାତ୍ ହୋଇପାରିଲା ନାହିଁ। ସୁନୀଲ୍ ଗଂଗୋପାଧ୍ୟାୟଙ୍କୁ ବାରମ୍ବାର ଫୋନ୍ କରିବାର ପ୍ରୟାସ ବ୍ୟର୍ଥ ହେଲା। ମନୀନ୍ଦ୍ର ରାୟ ପାଖରେ ଅଛନ୍ତି ବୋଲି ଅନୁମାନ କରି ଯେତେ ଲୋକଂକୁ ରାସ୍ତା ପଚାରିଲୁ କେହି କହିପାରିଲେ ନାହିଁ।

ହୋଲି ପାଇଁ ଆମେ ଘରୁ ବାହାରି ପାରିଲୁ ନାହିଁ। କିଂତୁ ମଧ୍ୟାହ୍ନ ବେଳାରେ ଦୁଇଜଣ ଯୁବକ ଆସି ଆମକୁ ରଂଗୀନ୍ କରିଦେଇ ଚାଲିଗଲେ। ଉପରବେଳା ବର୍ଷା ହେଲା। ହୋଲି ପାଳନ ପାଇଁ ରାସ୍ତାଘାଟ ତ ପ୍ରଥମରୁ ଏକ ପ୍ରକାର ନିଛାଟିଆ ଥିଲା। ବର୍ଷା ହେବା ପରେ ଓଦା ରାସ୍ତା ଆଉ ଘର ସବୁ ଖୁବ୍ ସ୍ୱଚ୍ଛ ଓ ସୁନ୍ଦର ଦିଶୁଥିଲେ। କଲିକତା ଭଳି ଆଦୌ ଜଣାପଡୁନଥିଲା। ନିଛାଟିଆ ବର୍ଷାଭିଜା ରାସ୍ତାରେ ଚାଲିବା ଭାରି ଆନନ୍ଦଦାୟକ ମନେ ହେଉଥିଲା।

ଆସନ୍ତା କାଲି ଆମେ ଶାନ୍ତିନିକେତନ ଉଦ୍ଦେଶ୍ୟରେ ଯାତ୍ରା କରିବାକୁ ସ୍ଥିର କରିଛୁ।

(୮.୪.୯୭)

ଶାନ୍ତିନିକେତନରେ ଯେଉଁ ଦୁଇ/ତିନିଦିନ ମୁଁ ବିତାଇ ଆସିଲି ତାକୁ ସାରାଜୀବନ ଭୁଲିପାରିବି ନାହିଁ। ଏଠାକୁ ପହଂଚିବା ପରେ ମଧ୍ୟ ବାରମ୍ବାର ମନ ଫେରିଯାଉଛି ଶାନ୍ତିନିକେତନର ପ୍ରାଣବନ୍ତ ଓ ପ୍ରଶାନ୍ତ ପରିବେଶ ମଧ୍ୟକୁ। ବୁକୁଳ ବିଥି, ଶାଳ ବୀଥି ଆଉ ଅନ୍ୟାନ୍ୟ ଅସଂଖ୍ୟ ବୃକ୍ଷଲତାଙ୍କ ଆନ୍ତରିକ ସ୍ନେହ ମୋତେ ନିବିଡ଼ ଭାବେ ଆଚ୍ଛନ୍ନ କରି ରଖିଛି। ହୃଦୟ ଭିତରେ ବାରମ୍ବାର ପ୍ରତିଧ୍ୱନିତ ହେଉଛି ସେଇ ପରମ ଶ୍ରଦ୍ଧାଶୀଳ ଉଦାର କୋଇଲି ମାନଙ୍କର ଉଚ୍ଛ୍ୱସିତ ସଂଗୀତ। ମୋ ପାଖରେ ସମୟ ନଥିଲା। ନହେଲେଲ ସେଇ ଛାୟାସ୍ନିଗ୍ଧ ଶୀତଳ ପରିବେଶରେ ଦିନ ଦିନ ଧରି ଧ୍ୟାନସ୍ଥ ହୋଇ ବସି ରହିଥାନ୍ତି। ପ୍ରତିଟି ମୁହୂର୍ତ୍ତରେ ସେଠି ଜୀବନର ସରସତା ଫୁଟାଇଥିବା ସୂକ୍ଷ୍ମ ସତ୍ତାମାନଙ୍କୁ ଅନୁଭବ କରିଥାନ୍ତି ଗଭୀର ଭାବେ।

ଶାନ୍ତିନିକେତନ ଏକ ଋଷି ଆଶ୍ରମ, ଯେଉଁଠି ଈଶ୍ୱରଙ୍କ ସାନ୍ନିଧ ଲାଭ କରିପାରିଛି ମୁଁ। ତାହା ଏକ ମଧୁର କୋମଳ, ମାର୍ମିକ କବିତା ଯାହାକୁ ପଢ଼ି ପଢ଼ି ବିହ୍ୱଳ ହୋଇଛି। ପୁଣି ତାହା ତ ଏକ ଉଚ୍ଛ୍ୱସିତ, ହୃଦୟସ୍ପର୍ଶୀ ସଂଗୀତ ଯାହାକୁ ଶୁଣିବାବେଳେ ବାରମ୍ବାର ନିଜକୁ ବିସ୍ମୃତ ହୋଇଛି।

ଉତ୍ତରାୟଣରେ ବିଶ୍ୱକବିଙ୍କ ସ୍ମୃତି ଚିହ୍ନମାନ ଦେଖୁଥିଲାବେଳେ ମନେ ହେଉଥିଲା ମାସ ମାସ / ବର୍ଷ ବର୍ଷ ଧରି ତାଂକୁ ଅଧ୍ୟୟନ, ଅନୁଧ୍ୟାନ କଲେ ବି ତୃପ୍ତ ହେବ ନାହିଁ ହୃଦୟ। ଶାନ୍ତିନିକେତନ ଛାଡ଼ି ଆସିବାକୁ ଆଦୌ ଇଚ୍ଛା ହେଉନଥିଲା। ତେବେ ଈଶ୍ୱରଙ୍କ ଇଚ୍ଛା ଥିଲେ ଭବିଷ୍ୟତରେ ପୁଣି ଆସିବାର ସୁଯୋଗ ମିଳିବ - ମନକୁ ଏପରି ଆଶ୍ୱାସନା ଦେଇ ଫେରିଆସିବାକୁ ହେଲା ସେଠୁ।

(ତା୧୦.୪.୯୭)

ଶାନ୍ତିନିକେତନର ଅନୁଭୂତି ଭାଷାରେ ପ୍ରକାଶ କରିପାରିବି ନାହିଁ। ସାରାଜୀବନ ସେଇଭଳି ଏକ ସୁନ୍ଦର ଓ ଶାନ୍ତିପୂର୍ଣ୍ଣ ପରିବେଶକୁ ହିଁ ମନେ ମନେ ଖୋଜି ଆସିଥିଲି ମୁଁ। ଶାନ୍ତିନିକେତନର ମନୋରମ ଦୃଶ୍ୟ ସ୍ୱଚକ୍ଷୁରେ ଦେଖି ନଥିଲି ସତ୍ୟ; କିଂତୁ ସ୍ୱପ୍ନରେ ଓ କଳ୍ପନାରେ ବାରମ୍ବାର ଯାଇଛି ସେଇ ସ୍ୱର୍ଗୀୟ ସୌନ୍ଦର୍ଯ୍ୟର ଲୀଳାସ୍ଥଳୀକୁ। ମନେ ମନେ ମଣିଷ ଯାହାକୁ ଖୋଜୁଥାଏ, ଯାହାର ସାନ୍ନିଧ କାମନା କରୁଥାଏ, ଅହରହ ତାକୁ ବାସ୍ତବରେ ଥରେ ପାଇଗଲେ କି ଗଭୀର ପୁଲକ ସେ ଅନୁଭବ କରେ, ତାହା ତ ବର୍ଣ୍ଣନାତୀତ। ଶାନ୍ତିନିକେତନର କୋମଳ ଶୀତଳ ସ୍ପର୍ଶରେ ସେଇ ଅତୁଳନୀୟ, ଅବର୍ଣ୍ଣନୀୟ ଆନନ୍ଦ ଲାଭ କରିପାରିଛି ମୁଁ।

(୧୧.୪.୯୭)

ଶାନ୍ତିନିକେତନରେ ସ୍ମୃତି ଚିରଦିନ ପାଇଁ ମୋ ହୃଦୟରେ ଜୀବନ୍ତ ହୋଇ ରହିବ। ଏକ ତୀର୍ଥଯାତ୍ରା ମନେକରି ସେଠାକୁ ମୁଁ ଯାଇଥିଲି। ତା'ର କମନୀୟ ପରିବେଶ ଭିତରେ ପ୍ରାଣପୂର୍ଣ୍ଣ ଭାବେ ରବୀନ୍ଦ୍ରନାଥଙ୍କୁ ଅନୁଭବ କରିବା ଥିଲା ମୋର ଲକ୍ଷ୍ୟ। ତେଣୁ ବିଶ୍ୱକବିଙ୍କ ବ୍ୟକ୍ତିତ୍ୱର ଅପାର୍ଥିବ ସ୍ପର୍ଶରେ ବାରମ୍ବାର ଶିହରିତ ହୋଇଛି ମୋର ଚେତନା। ତାଂକ ଅମର ଆତ୍ମା ସହ ଆଳାପ କରିଛି ସେଠି ନୀରବରେ। ସେଇ ପବିତ୍ର ଆତ୍ମାର ଆହ୍ୱାନ ପୁଣି ମୋତେ ସେଠାକୁ ନେଇଯିବ କେବେ। ଶାନ୍ତିନିକେତନର ଏ ଦିବ୍ୟ ସ୍ପର୍ଶ ଅଭୁଲା ହୋଇ ରହିବ।

(୧୫.୪.୯୭)

ଶାନ୍ତିନିକେତନରେ ବୃକ୍ଷଟିଏ ଦେଖିଲେ ପଲ୍ଲବିତ ହୋଇ ଉଠୁଥିଲି ମୁଁ। ଫୁଲଟିଏ ଦେଖିଲେ ମୁକୁଳିତ ହୋଇଯାଉଥିଲି, ଆକାଶ ଦେଖିଲେ ବିସ୍ତାରିତ ହୋଇଯାଉଥିଲି ପ୍ରତିଟି ମୁହୂର୍ତ୍ତରେ। ଆମ୍ର ବୃକ୍ଷର କେଉଁ ପାଖରେ ବସି କୋଇଲିଟିଏ ହୋଇ ଗୀତ ଗାଇବାକୁ ଇଚ୍ଛା ହେଉଥିଲା।

ପ୍ରାଧ୍ୟାପକ, ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ ବାଣୀବିହାର,
ଭୁବନେଶ୍ୱର-୭୫୧୮୦୪

# ନାମ ସମାନ : ବ୍ୟକ୍ତିତ୍ୱ ଭିନ୍ନ

◆ ନିର୍ମଳା କୁମାରୀ ମହାପାତ୍ର

'ନାମ ବଡ଼ ନୁହେଁ, କାମ ବଡ଼। ଏକଥା ମୁକ୍ତ କଣ୍ଠରେ ସମସ୍ତେ ସ୍ୱୀକାର କରନ୍ତି। ତ୍ରିଲୋଚନ ନାମଧାରୀ ବ୍ୟକ୍ତିର ଯଦି ଦେଖିବା ଶକ୍ତି ନଥାଏ, ଧନପାଳ ନାମକ ବ୍ୟକ୍ତି ଯଦି ଅନ୍ନ ବସ୍ତ୍ରରେ କଷ୍ଟ ପାଆନ୍ତି, ଲକ୍ଷ୍ମୀପ୍ରିୟା ନାମକ ମହିଳା ଯଦି ଗୃହକୁ ଅଯତ୍ନ ରଖି ଖର୍ଚ୍ଚ ବହୁଳ ଜୀବନଯାପନ କରନ୍ତି, ତେବେ ନାମର ମୂଲ୍ୟ କ'ଣ? ଇଏତ କଥାର ଗୋଟିଏ ପାଖ। ଅନ୍ୟ ପାର୍ଶ୍ୱରେ ଅଛି ଭିନ୍ନ ପ୍ରସଙ୍ଗ। ଏକା ନାମରେ ଏକାଧିକ ପ୍ରତିଷ୍ଠିତ ବ୍ୟକ୍ତି ସମାନ କାଳରେ ବା କାଳର ବିଭିନ୍ନତାରେ ଅବତୀର୍ଣ୍ଣ ହୋଇ ସେମାନଙ୍କର ଉଚ୍ଚକୋଟୀର ଅବଦାନରେ ଆଖି ଝଲସାଇ ଦେଇଥାଆନ୍ତି। ସେମାନଙ୍କୁ ଚିହ୍ନ କରିବା ବେଳେ ବେଳେ ପ୍ରୟାସସାଧ ହୁଏ। ଯଥା- କାଳିଦାସ, କପିଳମୁନି, ବ୍ୟାସ, ସକ୍ରେଟିସ୍ ଆଦି।

ଓଡ଼ିଶାରେ ସାହିତ୍ୟ, ରାଜନୀତି, ସାମ୍ବାଦିକତା ଆଦି କ୍ଷେତ୍ରରେ ଏକା ନାମରେ ଭିନ୍ନ ଭିନ୍ନ ବ୍ୟକ୍ତିତ୍ୱ ଦେଖାଯାଇ ଥାଆନ୍ତି। ଗୋପବଂଧୁ ଦାସ, ଗୋପବଂଧୁ ଚୌଧୁରୀ ବା ମଧୁସୂଦନ ଦାସ ଓ ମଧୁସୂଦନ ରାଓଙ୍କ ନାମ ନେବା। ସେହିପରି ପ୍ରସନ୍ନ ମିଶ୍ର, ବସନ୍ତ କୁମାର ମହାପାତ୍ର, ଜାନକୀବଲ୍ଲଭ ମହାନ୍ତି, ଜାନକୀବଲ୍ଲଭ ପଟ୍ଟନାୟକ ଆଦି ଅନେକେ। ଚିହ୍ନିତ କରିବା ପାଇଁ ସାଙ୍ଗିଆ ବା ଗୋତ୍ରକୁ ଆଶ୍ରା କରାଯାଉଛି। ତେବେ ଜଣଙ୍କଠାରୁ ଅନ୍ୟ ଜଣଙ୍କୁ ଭିନ୍ନ କରି ଦେଖିବାର ପ୍ରକୃଷ୍ଟ ମାର୍ଗ ହେଲା ସେମାନଙ୍କ କୃତି ବା ପଦବୀ ପ୍ରତି ଲକ୍ଷ୍ୟ କରିବା।

ପ୍ରାଚୀନ କାଳକୁ ନଜର ଦେଲେ ପୁଷ୍କଳ ଉଦାହରଣ ଦେଖିବାକୁ ମିଳେ। ଯଥା- କାଳିଦାସ। କିଏ ନ ଜାଣେ ମହାକବି କାଳିଦାସଙ୍କୁ? ଜନ୍ମସ୍ଥାନ ସମ୍ଭବତଃ ଉଜ୍ଜୟିନୀ ବୋଲି ଗବେଷକମାନେ ମତ ଦିଅନ୍ତି। 'କୁମାର ସମ୍ଭବଃ', 'ରଘୁବଂଶମ୍' ପରି ମହାକାବ୍ୟ ସେ ରଚନା କରିଛନ୍ତି। 'ମେଘଦୂତମ୍' ଓ 'ଋତୁସଂହାର' ପରି ଉଚ୍ଚକୋଟୀର ରସାଳ ଖଣ୍ଡକାବ୍ୟ ତାଙ୍କୁ ସଂସ୍କୃତ ସାହିତ୍ୟ ଜଗତରେ ମହାକବିର ଆଖ୍ୟା ଦେଇଛି। 'ଅଭିଜ୍ଞାନ ଶାକୁନ୍ତଳମ୍', 'ମାଳବିକାଗ୍ନିମିତ୍ର', 'ବିକମୋର୍ବଶୀୟମ' ପରି ନାଟକ ଯୋଗୁ ସେ ବିଶ୍ୱବିଖ୍ୟାତ ଅଟନ୍ତି। ସମ୍ରାଟ ବିକ୍ରମାଦିତ୍ୟଙ୍କ ଦରବାରରେ ସେ ରାଜକବି ନବରତ୍ନଙ୍କ ମଧ୍ୟରୁ ଅନ୍ୟତମ ଓ ଶ୍ରେଷ୍ଠ। ତାଙ୍କର ଗ୍ରନ୍ଥମାନ ଇଂରାଜୀ, ଜର୍ମାନୀ, ଫ୍ରେଞ୍ଚ୍ ଆଦି ଭାଷାରେ ଅନୂଦିତ ହୋଇ ପାଶ୍ଚାତ୍ୟ ବିଦ୍ୱାନଗଣଙ୍କ ମଧ୍ୟରେ ସମାଦୃତ ହେଉଅଛି। ଦେଖିବା ଆଉ ଜଣେ କାଳିଦାସ। ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ, ପୃଷ୍ଠା- ୨୦୯୧ ଅନୁସାରେ ଗଣକ କାଳିଦାସ 'ଜ୍ୟୋତିର୍ବିଦାଭରଣ' ନାମକ ଗ୍ରନ୍ଥର ପ୍ରଣେତା। ତୃତୀୟ କାଳିଦାସ ହେଲେ ଓଡ଼ିଶାର। ସେ ଥିଲେ 'ଶୁଦ୍ଧଚନ୍ଦ୍ରିକା' ନାମକ ଜ୍ୟୋତିଷ ଗ୍ରନ୍ଥର ବିରଚକ।

'କପିଳମୁନି' ନାମରେ ଭିନ୍ନ ଭିନ୍ନ ସ୍ଥଳରେ ଅତି କୃତିସଂପନ୍ନ ବ୍ୟକ୍ତିତ୍ୱଙ୍କ ବିଷୟରେ ପଢ଼ିବାକୁ ମିଳେ। ମହାଭାରତର କପିଳମୁନିଙ୍କ କୋପଦୃଷ୍ଟିରେ ସଗର ରାଜାଙ୍କର ବିଶୃଙ୍ଖଳିତ ପୁତ୍ରଗଣ (କୁଆଡ଼େ ଷାଠିଏ ହଜାର, ବିଶ୍ୱାସ ହୁଏ ନାହିଁ) ଭସ୍ମୀଭୂତ ହୋଇଥିଲେ। ତାଙ୍କର ଆଶ୍ରମ ଗଙ୍ଗାସାଗର ସଙ୍ଗମର ଗୋଟାଏ ଟାପୁ ଉପରେ ଥିଲା ବୋଲି ଲୋକେ ନିର୍ଦ୍ଦେଶ କରନ୍ତି। କପିଳମୁନିଙ୍କ ମାତା ଥିଲେ ଦେବହୂତି ଓ ପିତା ଥିଲେ କର୍ଦ୍ଦମ ପ୍ରଜାପତି। କପିଳ ବାଲ୍ୟ କାଳରୁ ଅତି ପ୍ରତିଭା ସଂପନ୍ନ ଥିଲେ। ତାଙ୍କୁ ଜନ୍ମସିଦ୍ଧ ବିଦ୍ୱାନ୍ କୁହାଯାଉଥିଲା। ଆଶ୍ରମର ସରଳ ଜୀବନ ଓ ଉଚ୍ଚ ଚିନ୍ତନ ଭିତରେ ସାଧନରତ କପିଳମୁନିଙ୍କୁ ସଗର ରାଜାଙ୍କର ଉଦ୍ଧତ ପୁଅମାନେ ଘୋର ଅପମାନ ଦେଇଥିଲେ।

ସଗରରାଜା ଅଶ୍ୱମେଧ ଯଜ୍ଞ କରିଥିଲେ। ତାଙ୍କ ପୁତ୍ରମାନେ ଯଜ୍ଞାଶ୍ୱ ଖୋଜିବାକୁ ଯାଇ କପିଳମୁନିଙ୍କ ଆଶ୍ରମରେ ଘୋଡ଼ାଟିକୁ ପାଇଲେ। ସେମାନେ ଭାବିଲେ ମୁନି ହିଁ ଅଶ୍ୱ ଚୋରାଇ ଆଣିଛନ୍ତି। ମାତ୍ର କପିଳମୁନି ଥିଲେ ଜ୍ଞାନ-ଧ୍ୟାନରତ ମହାତ୍ମା। ମୁନିଙ୍କୁ ଅଯଥା ହୀନିମାନ କରିଥିବାରୁ ସେ କ୍ରୋଧ ପ୍ରକଟାଇଥିଲେ। ତାଙ୍କ ଅଭିଶାପରେ

ଦଗ୍ଧ ରାଜପୁତ୍ରଗଣଙ୍କୁ ସୁଧାରିଥିଲେ ସେହି ବଂଶରେ ଜାତ ଭଗୀରଥ ଯେ କି ପୃଥିବୀକୁ ଗଙ୍ଗାନଦୀ ଅଣାଇଥିଲେ।

ଆଉ ଜଣେ କପିଳମୁନିଙ୍କୁ ଭଗବାନଙ୍କର ପଞ୍ଚମ ଅବତାର ଭାବେ ବର୍ଣ୍ଣନା କରିଥିଲେ। ଶ୍ରୀମଦ୍ ଭଗବତ୍ ଗୀତାରେ ବର୍ଣ୍ଣିତ ଅଛି– 'ସିଦ୍ଧାନାଂ କପିଳମୁନିଃ'। 'କପିଳ ସ୍ମୃତି' ହେଲା ତାଙ୍କ ପ୍ରଣୀତ ସ୍ମୃତିଶାସ୍ତ୍ର। (Hindu code of Kapila)।

ତୃତୀୟ କପିଳମୁନି ହେଲେ ସାଂଖ୍ୟକାର। ସାଂଖ୍ୟ ଦର୍ଶନର ପ୍ରଣେତା କପିଳମୁନି। ପୂର୍ବୋକ୍ତ ଅନ୍ୟ ଦୁହିଁଙ୍କଠାରୁ ସାଂଖ୍ୟଦର୍ଶନାକାର କପିଳମୁନି ଅର୍ବାଚୀନ ଅଟନ୍ତି। ସେ ମହାବୀର ଜୈନ ଓ ଗୌତମ ବୁଦ୍ଧଙ୍କର ପୂର୍ବବର୍ତ୍ତୀ ଅଟନ୍ତି। କାରଣ ଉଭୟ ମହାବୀର ଓ ବୁଦ୍ଧଙ୍କର ମତ ଯଥାକ୍ରମେ ଜୈନଧର୍ମ ଓ ବୌଦ୍ଧଧର୍ମରେ ସାଂଖ୍ୟଦର୍ଶନର ପ୍ରଭାବ ରହିଛି। କେତେକ ଗବେଷକଙ୍କ ମତରେ ଏଇ କପିଳମୁନିଙ୍କ ଜନ୍ମକାଳ ଖ୍ରୀ.ପୂ. ୭୦୦ ବୋଲି ଅନୁମାନ କରାଯାଇପାରେ। ଏଇ ମୁନି ବିକାଶବାଦ (Progression) ର ପ୍ରଶ୍ନ ଉଠାଇଥିଲେ। ସମଗ୍ର ସଂସାରକୁ ଗୋଟିଏ କ୍ରମର ରୂପ ଭାବରେ ସେ ଦେଖିଥିଲେ। କୌଣସି ଏକ ଅତି ପ୍ରାକୃତିକ କର୍ତ୍ତା ସଂସାରକୁ ସୃଷ୍ଟି କରିଛନ୍ତି ବୋଲି ଯେଉଁ କଥା କୁହାଯାଇଥିଲା ତାହାକୁ ସେ ଖଣ୍ଡନ କରିଥିଲେ ଓ ବିଶ୍ୱକୁ ସ୍ୱାଭାବିକ ଗତିରେ ସୃଷ୍ଟି କରାଯାଇଛି ବୋଲିସେ ପ୍ରତିପାଦନ କରିଥିଲେ। କପିଳମୁନି ଆହୁରି କହିଥିଲେ ଯେ ସୁଖ ଦୁଃଖ ପ୍ରକୃତିର ଦାନ। ଏକଥା ନଜାଣି ପୁରୁଷ ଅଜ୍ଞାନ ଭିତରେ ବୁଡ଼ି ରହିଛି। ଅତଏବ କେବଳ କର୍ମକାଣ୍ଡକୁ ସର୍ବସ୍ୱ ଭାବିବା ଠିକ୍ ନୁହେଁ।

ପ୍ରତି ଯୁଗରେ ଦୁର୍ସମୟ ଘୋଟି ଆସେ। ଧର୍ମର ଗ୍ଲାନି ସଂଘଟିତ ହୁଏ। ଅଧର୍ମକୁ ନାଶକରି ଧର୍ମ ସଂସ୍ଥାପନା ପାଇଁ ଯୁଗେ ଯୁଗେ ଏକ ସତ୍ତାର ଆବିର୍ଭାବ ହୁଏ। ତାଙ୍କୁ କିଏ କହେ ଈଶ୍ୱର ତ କିଏ କହେ ଭଗବାନ। ସେହି ରୀତିରେ ବିଶ୍ୱାସ କରାଯାଏ ଯେ ଅଜ୍ଞାନ ଅନ୍ଧକାରକୁ ଦୂରେଇ ଦେବା ପାଇଁ ପ୍ରତି ଯୁଗରେ କପିଳ ଜନ୍ମ ନିଅନ୍ତି। 'କପିଳ' ଶବ୍ଦଟି ହେଲା ଜ୍ଞାନର ସ୍ମାରକୀ ଯେପରି ଚକ୍ର ହେଲା ପ୍ରଗତିର ଚିହ୍ନ। କପିଳ = କପ୍+ଇଳ। କପି ଅସ୍ତ୍ୟାର୍ଥେ 'ଳ'। କପି ଶବ୍ଦର ଅର୍ଥ ହେଲା କଂପିବା। କପିଳ = ବିଷ୍ଣୁ, ଅଗ୍ନି, ପିଙ୍ଗଳବର୍ଣ୍ଣ ବିଶିଷ୍ଟ...; କପିଳ = କମ୍ ବାଞ୍ଛା କରିବା-ଇଳ। କପିଳମୁନିଙ୍କୁ ଅଗ୍ନି, ବ୍ରହ୍ମାଙ୍କ ମାନସପୁତ୍ର ଭାବେ ପୁରାଣରେ ବର୍ଣ୍ଣନା ରହିଛି। ଅତଏବ ମହାଭାରତର କପିଳମୁନି, ପଞ୍ଚମ ଅବତାର କପିଳମୁନି ଓ ସାଂଖ୍ୟଦର୍ଶନର ପ୍ରବକ୍ତା କପିଳମୁନି - ଭିନ୍ନ ଭିନ୍ନ ସମୟର, ଭିନ୍ନ ଭିନ୍ନ ରୁଚିର ଓ ଭିନ୍ନ ଭିନ୍ନ ବିଭାଗର ବ୍ୟକ୍ତି ଅଟନ୍ତି।

ସେହିପରି ମୂଳ ସଂସ୍କୃତ ମହାଭାରତର ବିରଚକ ବ୍ୟାସ ଏବଂ ଭାଗବତର ବିରଚକ ବ୍ୟାସ ଏକା ଲୋକ ନୁହଁନ୍ତି। ସେମାନେ ଅଲଗା ଅଲଗା ବ୍ୟକ୍ତି ବୋଲି ବିଶ୍ୱାସ କରାଯାଏ।

ସେହିପରି ଜ୍ଞାନଦାତା ଗ୍ରୀକ୍ (ପ୍ରାୟ ଖ୍ରୀ.ପୂ. ୪୭୦-୩୯୯) ଦାର୍ଶନିକ ସକ୍ରେଟିସ୍ ଓ ଫୁଟ୍‌ବଲ୍ ଖେଳାଳୀ ସକ୍ରେଟିସ୍ (ଖ୍ରୀ.୧୯୫୪-୨୦୧୧) ଭିନ୍ନ ଭିନ୍ନ କାଳର ଭିନ୍ନ ଭିନ୍ନ ବ୍ୟକ୍ତିତ୍ୱ। ପାଶ୍ଚାତ୍ୟ ସଂସ୍କୃତିର ନିର୍ମାତା ଭାବେ ସକ୍ରେଟିସ୍, ତାଙ୍କ ଶିଷ୍ୟ ପ୍ଲେଟୋ (Plato) ଓ ପ୍ଲେଟୋଙ୍କ ଶିଷ୍ୟ ଆରିଷ୍ଟଟଲ୍ - ଏଇ ତିନିଜଣଙ୍କୁ ସାରା ବିଶ୍ୱ ମାନିଥାଏ। ପ୍ଲେଟୋଙ୍କ ଶିଷ୍ୟ ଆରଷ୍ଟଟଲ୍ (ଖ୍ରୀ.ପୂ. ୩୮୪-୩୨୨) ହେଉଛନ୍ତି ଜ୍ଞାତାମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ। ତର୍କଶାସ୍ତ୍ର, ଭୌତିକ ବିଜ୍ଞାନ, ଆଧିଭୌତିକ ବିଜ୍ଞାନ, ମନସ୍ତତ୍ତ୍ୱ, ଜୀବଶାସ୍ତ୍ର, ଦର୍ଶନ ଶାସ୍ତ୍ର, ନୀତିଶାସ୍ତ୍ର, ପ୍ରାକୃତିକ ଇତିହାସ, ଶରୀରତତ୍ତ୍ୱ, ଜଳବାୟୁ ବିଜ୍ଞାନ, ରାଜନୀତି ଶାସ୍ତ୍ର, ଆଳଙ୍କାର ଶାସ୍ତ୍ର, ଶାସନ ଶାସ୍ତ୍ର, ସୌନ୍ଦର୍ଯ୍ୟ ଶାସ୍ତ୍ର, କଳା ବିଜ୍ଞାନ, ଅର୍ଥଶାସ୍ତ୍ର, ସାହିତ୍ୟଶାସ୍ତ୍ର, ସମାଲୋଚନା ବିଦ୍ୟା, ବାଗ୍ମୀତା - ଏ ସବୁଥିରେ ସେ ଥିଲେ ସୁପଣ୍ଡିତ। ଏସବୁର ସୁଫଳ ମୂଳରେ ରହିଛି ସକ୍ରେଟିସ୍‌ଙ୍କର ମହା ଅବଦାନ। ଗୁରୁ-ଶିଷ୍ୟ ପରଂପରାରେ ସକ୍ରେଟିସ୍‌ଙ୍କଠାରୁ ପ୍ଲେଟୋ, ତାଙ୍କଠାରୁ ଆରିଷ୍ଟଟଲ୍ ଗଢ଼ିଥିଲେ ବିଦ୍ୟାମନ୍ଦିର।

ଦାର୍ଶନିକ ସକ୍ରେଟିସ୍ କହୁଥିଲେ– "ତୁମେ ନିଜକୁ ଚିହ୍ନ, ନିଜକୁ ଜାଣ"। ଶିକ୍ଷିତ ଯୁବକମାନଙ୍କୁ ସେ ଭଲ ମନ୍ଦର ଜ୍ଞାନ ଦେଉଥିଲେ। ବସ୍ତୁର ମୂଲ୍ୟବୋଧ ବୁଝାଉଥିଲେ। ତତ୍କାଳୀନ ଗ୍ରୀସ୍ ଦେଶରେ ଏହା ପଦସ୍ଥ ଲୋକଙ୍କୁ ଅଡୁଆ ହେଲା। ସକ୍ରେଟିସ୍‌ଙ୍କ ନାମରେ ମୁଖିଆ,

ପ୍ରତିପତ୍ତିଶାଳୀ ଲୋକେ ଅଭିଯୋଗ କଲେ। ଏଣୁ ତତ୍କାଳୀନ ରାଜତନ୍ତ୍ର ତାଙ୍କୁ ଖ୍ରୀ.ପୂ. ୩୯୯ରେ ବନ୍ଦୀ କଲେ ଓ ମୃତ୍ୟୁଦଣ୍ଡ ଆଦେଶ ହେଲା। ପଳାଇଯିବାର ସମସ୍ତ ସୁଯୋଗ ଥିଲେ ମଧ୍ୟ ସେ ଆତ୍ମରକ୍ଷା ପାଇଁ ପଳାଇଲେ ନାହିଁ। ତାଙ୍କୁ ବିଷମିଶା ରସ ପିଇବାକୁ ଦିଆଗଲା। ଶେଷ ହେଲା ବିଶ୍ୱର ଅନ୍ୟତମ ନିଚ୍ଛକ ପ୍ରଜ୍ଞାନୀ ସକ୍ରେଟିସ୍‌ଙ୍କ ଜୀବନ। ତାଙ୍କର ବାଣୀ - ଆଚାର ବ୍ୟବହାରକୁ ନେଇ ପ୍ଲେଟୋ ଓ ତାଙ୍କ ପରେ ବହୁ ପଣ୍ଡିତ ଶାସ୍ତ୍ର ରଚନା କରିଛନ୍ତି। ଏବେ କିନ୍ତୁ ଗ୍ରୀସ୍ ଦେଶର ଏଥେନ୍ସ ସହର ଗର୍ବ କରେ ଯେ ସକ୍ରେଟିସ୍‌ଙ୍କ ପରି ମହାନ୍ ବ୍ୟକ୍ତିତ୍ୱ ସେଠାରେ ଜନ୍ମଗ୍ରହଣ କରିଥିଲେ।

ବ୍ରାଜିଲ୍‌ର ଫୁଟ୍‌ବଲ୍ ଖେଳାଳୀ ସକ୍ରେଟିସ୍‌ଙ୍କ ପୂରାନାମ ହେଲା ସକ୍ରେଟିସ୍ ବ୍ରାସିଲେରୋ ସାଂପିଓ ଡି ସୋଜା ଡ଼ି ଅଲିଭିରା। ସେ ଥିଲେ ପ୍ରବୀଣ-କୁଶଳୀ ଫୁଟ୍‌ବଲ୍ ଖେଳାଳୀ। କ୍ରୀଡ଼ାଜଗତରେ ତାଙ୍କର ବହୁ ସୁନାମ ରହିଛି। ଦେଖଣାହାରୀମାନେ ତାଙ୍କୁ 'ଫୁଟ୍‌ବଲ୍‌ର ଦାର୍ଶନିକ' ବୋଲି କହୁଥିଲେ। ସନ ୧୯୮୨ର, ଫିଫା ବିଶ୍ୱକପ୍‌ରେ ସେ ନିଜ ଦେଶ (ବ୍ରାଜିଲ୍)ର ଅଧିନାୟକ ଥିଲେ। ପେସା ତାଙ୍କର ଚିକିତ୍ସା କରିବା; ନିଶା ହେଲା ଫୁଟ୍‌ବଲ୍ ଖେଳିବା। ତାଙ୍କ ଖେଳ ଦକ୍ଷତାର ତୁଳନା ନାହିଁ। ବ୍ରାଜିଲ୍‌ରେ ଗଣତନ୍ତ୍ର ପ୍ରତିଷ୍ଠା ଦିଗରେ ମଧ୍ୟ ଖେଳାଳି ସକ୍ରେଟିସ୍‌ଙ୍କର ଅଶେଷ ଅବଦାନ ରହିଥିଲା। ତାଙ୍କ ମୃତ୍ୟୁରେ ସମଗ୍ର ବିଶ୍ୱ ଜଣେ ସାଧୁ କ୍ରୀଡ଼ା ପ୍ରତିଭାଙ୍କୁ ହରାଇଲା।

ଏହିପରି ଦେଖିଗଲେ ସମାନ ନାମ ଥିବା ଭିନ୍ନ ଭିନ୍ନ ରୁଚି-ଅଭିରୁଚିର ବ୍ୟକ୍ତିତ୍ୱ ମିଳିବେ। କର୍ମ/କୃତି ମନୁଷ୍ୟକୁ ବଡ଼ କରେ - ଏହା ସ୍ୱତଃ ପ୍ରମାଣିତ।

**ସହାୟକ ଗ୍ରନ୍ଥ:-**

୧. ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ, ଦ୍ୱିତୀୟଖଣ୍ଡ, ପୃଷ୍ଠା-୧୩୧୧, ୧୩୧୩, ୧୫୬୦, ୨୦୯୦

୨. ଜ୍ଞାନମଣ୍ଡଳ, ନବମ ଭାଗ, ପୃଷ୍ଠା-୧୯୪୯

ସେକ୍ଟର-୨/୪୨୬, ନୀଳାଦ୍ରିବିହାର, ଭୁବନେଶ୍ୱର
ମୋ: ୮୭୬୩୦୭୦୦୬୪



# ରହସ୍ୟମୟ ଶ୍ରୀଲଙ୍କା

◆ ଅରବିନ୍ଦ ମିଶ୍ର

ଭାରତରେ ସ୍ୱାଗତ ସୂଚକ 'ନମସ୍କାର' କହିବା ପରି ଶ୍ରୀଲଙ୍କାରେ କୁହାଯାଏ 'ଆୟୁବେୱାନ୍'। ଏହି ଶବ୍ଦର ଅର୍ଥ ଆପଣଙ୍କ ଆୟୁଷ ବଢୁ (May You Live Longer)। କଲମ୍ବୋ ଯାଉଥିବା ବିମାନରେ ପ୍ରବେଶ କରିବା ସମୟରେ ଏହି ସ୍ୱାଗତ ଶବ୍ଦ ଶୁଣିବାକୁ ମିଳିଥିଲା। ବହୁ ଦିନରୁ ମନରେ ଇଚ୍ଛାଥିଲା ପଡ଼ୋଶୀ ରାଷ୍ଟ୍ର ଶ୍ରୀଲଙ୍କା ପରିଭ୍ରମଣ କରିବା ପାଇଁ। ତୀବ୍ର ଇଚ୍ଛା ଫଳବତୀ ହେଲା। ୨୦୧୭ ମସିହା ନଭେମ୍ବର ମାସରେ ଏହି ସୁଯୋଗ ମିଳିଥିଲା। ପାଞ୍ଚରାତି ଛ'ଦିନର ଏହି ଭ୍ରମଣ କାଳର ଅନୁଭୂତି ମନରେ ଏକ ଗଭୀର ରେଖାପାତ କରିଛି।

ପ୍ରତ୍ୟେକ ଭାରତୀୟ ହିନ୍ଦୁ 'ରାମାୟଣ' କଥାକୁ ବିଶ୍ୱାସ କରେ, କେବଳ ଏକ ପୌରାଣିକ ଗ୍ରନ୍ଥ ହିସାବରେ ନୁହେଁ, ବରଂ ଏକ ସତ୍ୟ ଘଟଣା ଉପରେ ଆଧାରିତ ଉପାଖ୍ୟାନ ହିସାବରେ। ଏହି ଗ୍ରନ୍ଥରେ ବର୍ଣ୍ଣିତ ଖଳନାୟକ ରାବଣ ଅପହରଣ କରି ନେଇଥିଲା ସୁନ୍ଦରୀ ସୀତାଙ୍କୁ। ପ୍ରଭୁ ରାମଚନ୍ଦ୍ର ଏକ ମାନବୀୟ ଲୀଳା ପ୍ରଦର୍ଶନ କରି ବୀର ହନୁମାନଙ୍କ ସାହାଯ୍ୟରେ ତାଙ୍କୁ ଲଙ୍କାନଗରୀର ଅଶୋକବନରେ ଠାବ କରିଥିଲେ। ରାବଣର ଅଭେଦ୍ୟ ଅଜେୟ ସାମ୍ରାଜ୍ୟ ଥିଲା ଲଙ୍କାନଗରୀ। ସେତୁବନ୍ଧ ଦେଇ ଲଙ୍କାରେ ପ୍ରବେଶ କରି ପ୍ରଭୁ ରାମଚନ୍ଦ୍ର ରାବଣଙ୍କୁ ନିହତ କରିବା ସହ ସୀତାଙ୍କୁ ଉଦ୍ଧାର କଲେ ଏବଂ ରାବଣ ଦ୍ୱାରା ବ୍ୟବହୃତ ବିମାନରେ ତାଙ୍କୁ ଫେରାଇ ଆଣିଥିଲେ ଅଯୋଧ୍ୟା ନଗରୀକୁ। ଏହି ଘଟଣା ସମୂହ ପ୍ରତ୍ୟେକ ହିନ୍ଦୁ ମାନସରେ ଅଲିଭା ସ୍ମୃତିପରି ପଡ଼ିରହିଛି।

ସେ ଦିନର ଲଙ୍କାନଗରୀ, ଆଜିର ଶ୍ରୀଲଙ୍କା। ସେହି ସ୍ମୃତିର ରହସ୍ୟ ଉଦ୍‌ଘାଟନ ପାଇଁ ଏକ ସୁଯୋଗ ମିଳିଲା। ରାମାୟଣରେ ବର୍ଣ୍ଣିତ ଘଟଣାଗୁଡ଼ିକୁ ମନରେ ରଖି ସେଠାରେ ଭ୍ରମଣ କରିବା ସମୟରେ ମନେହେଲା ପ୍ରତ୍ୟେକ ମନ୍ଦିର, ପାହାଡ଼, ପ୍ରକୃତି ସବୁକିଛି ସେହି ରାମାୟଣର ପ୍ରଚ୍ଛଦପଟ। ଅଶୋକ ବାଟିକାରେ ବୀର ହନୁମାନଙ୍କର ପଦଚିହ୍ନ ଠାରୁ ଆରମ୍ଭକରି ଲଙ୍କା ନଗରୀର ଭୀମକାନ୍ତ ଦୃଶ୍ୟ, ଘନ ଜଙ୍ଗଲଭରା ପରିବେଶ, ନଦୀ, ଝରଣା, ପାହାଡ଼ ସବୁକିଛି ରହସ୍ୟମୟ ପ୍ରତୀୟମାନ ହେଲା। ଧର୍ମପତ୍ନୀ, ବାଲ୍ୟବନ୍ଧୁ ଏବଂ ତାଙ୍କ ସହଧର୍ମିଣୀଙ୍କ ସହାଗମନ ଏହି ଭ୍ରମଣର ପ୍ରତ୍ୟେକ ମୁହୂର୍ତ୍ତକୁ ଜୀବନ୍ତ କରୁଥାଏ।

ନିକଟ ଅତୀତରେ ଭାରତର ଦକ୍ଷିଣ ସୀମାନ୍ତରେ ଅବସ୍ଥିତ ରାମେଶ୍ୱରମ୍ ନିକଟସ୍ଥ ଧନୁଷ୍କୋଟୀଠାରେ ୪୮ କି.ମି. ଦୂରତା ବିଶିଷ୍ଟ ପଥର ବନ୍ଧ ଆବିଷ୍କୃତ ହୋଇଛି ଯାହାକି ଭାରତକୁ ଶ୍ରୀଲଙ୍କାର ମନ୍ନାରଠାରେ ସଂଯୋଗ କରୁଛି। ଏହା ପ୍ରାଚୀନ ତଥ୍ୟ ସମ୍ବଳିତ ସତ୍ୟକୁ ଅଧିକ ରହସ୍ୟମୟ କରିଛି। ସେହି ପଥରବନ୍ଧ ସମୁଦ୍ରବକ୍ଷରେ ମୂକସାକ୍ଷୀ ପରି ବିଦ୍ୟମାନ। ଦିନେ ଅପହୃତା ସୀତାଙ୍କୁ ରାବଣ କବଳରୁ ଉଦ୍ଧାର କରିବା ପାଇଁ ପ୍ରଭୁ ରାମଚନ୍ଦ୍ର ବାନର ସେନାଙ୍କ ସାହାଯ୍ୟରେ ସେହି ଅଭୁତ ପୂର୍ବ ଭାସମାନ ସେତୁ ନିର୍ମାଣ କରାଇଥିଲେ। ତାହା ସମୁଦ୍ରର ଅତଳ ଗର୍ଭରେ ବିଲୀନ ନହୋଇ ଏକ ଅନାବିଷ୍କୃତ ପ୍ରମାଣ ହିସାବରେ ପଡ଼ିରହିଛି। ଟାଇଟାନିକ୍ ଜାହାଜର ଅଂଶାବଶେଷ ସମୁଦ୍ର ଗର୍ଭରୁ ଆବିଷ୍କୃତ ହେଲାପରେ ଯେତିକି ବିସ୍ମୟ ସୃଷ୍ଟି ହୋଇଥିଲା ତାହାଠାରୁ ବହୁଗୁଣରେ ଅଧିକ ବିସ୍ମୟ ଏବଂ ରହସ୍ୟ ସୃଷ୍ଟି କରିଛି ଲୁକ୍‌କାୟିତ ରାମସେତୁ।

କିମ୍ବଦନ୍ତୀ ଅନୁସାରେ ପ୍ରଭୁ ରାମଚନ୍ଦ୍ର ଲଙ୍କାରେ ପ୍ରବେଶ କରି ରାବଣ ସହ ଯୁଦ୍ଧ କରିଥିଲେ ଏବଂ ବିଜୟୀ ହେବା ପରେ ରାବଣର ବିମାନରେ ସୀତାଙ୍କ ସହ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସେତେବେଳେ ସେ ଅନୁଭବ କରିଥିଲେ ଯେ ରାବଣକୁ ନିହତ କରିଥିବାରୁ ତାଙ୍କୁ ବ୍ରହ୍ମହତ୍ୟା ଦୋଷ ଲାଗିଛି। କାରଣ ରାବଣ ଜଣେ ବ୍ରାହ୍ମଣ ଥିଲେ। ତେଣୁ ପ୍ରଭୁ ରାମଚନ୍ଦ୍ର ଉକ୍ତ ବିମାନରୁ ଅବତରଣ କରି ଭଗବାନ ଶିବଙ୍କୁ ଆରାଧନା କରିଥିଲେ। ଦୋଷରୁ ମୁକ୍ତି ପାଇବାର ଉପାୟ ପଚାରିଥିଲେ। ଭଗବାନ୍ ଶିବ ତାଙ୍କୁ ଚାରିଟି ଲିଙ୍ଗ ସ୍ଥାପନ ପାଇଁ ଉପଦେଶ ଦେଇଥିଲେ। ସେହି ଅନୁସାରେ ମାନଭରି, ଥିରୁକୋନେଶ୍ୱରମ୍ ଏବଂ ଥିରୁକେଥୀଶ୍ରମ୍ ଲିଙ୍ଗ ଶ୍ରୀଲଙ୍କାରେ

ଏବଂ ରାମେଶ୍ୱରମ୍ ଲିଙ୍ଗ ଭାରତରେ ପ୍ରତିଷ୍ଠିତ ହୋଇଥିଲେ। ପ୍ରଥମେ ସ୍ଥାପିତ ଲିଙ୍ଗ ମାନଭରିଙ୍କୁ ପ୍ରଭୁ ଶ୍ରୀରାମ ଉପାସନା କରିଥିଲେ। ସେ ରାମଲିଙ୍ଗ ଶିବମ୍ ଭାବରେ ଶ୍ରୀଲଙ୍କାରେ ଖ୍ୟାତ। ଭାରତର ରାମେଶ୍ୱରମ୍ ଏବଂ ଶ୍ରୀଲଙ୍କାର ମାନଭରି ଲିଙ୍ଗକୁ ରାମଲିଙ୍ଗମ୍ ନାମରେ ନାମିତ କରାଯାଏ। ଅନ୍ୟତମ ପ୍ରସିଦ୍ଧ ଶିବମନ୍ଦିର ମୁନ୍ନେଶ୍ୱରମ୍ ଚିଲ୍ (Chilar) ଠାରେ ଅବସ୍ଥିତ ଏବଂ ଏହା ବହୁ ପୁରାତନ। କୋନେଶ୍ୱରମ୍ ମନ୍ଦିର ତ୍ରିଙ୍କୋମାଳି (Trincomalee) ଠାରେ ଏବଂ କେଥୀଶ୍ୱରମ୍ ମନ୍ଦିର ମାନ୍ନାର (Mannar) ଠାରେ ଅବସ୍ଥିତ। ରାବଣ ନିଜେ ଜଣେ ଶିବଭକ୍ତ ଥିଲେ। ଅନେକ ପୁରାତନ ଶିବ ଲିଙ୍ଗ ସ୍ଥାପିତ ହୋଇରହିଥିବା ଏହି ଅଞ୍ଚଳ, ଶ୍ରୀଲଙ୍କାକୁ ଏକ ଶୈବକ୍ଷେତ୍ର କୁହାଯାଇପାରେ। କଲୋମ୍ବ ନିକଟରେ ଅବସ୍ଥିତ ବହୁ ପୁରାତନ ପଞ୍ଚମୁଖୀ ଆଞ୍ଜନେୟ ମନ୍ଦିର। ଏଠାରେ ପ୍ରତିଷ୍ଠିତ ବୃହତ୍ ହନୁମାନଙ୍କ ମୂର୍ତ୍ତି ଏକ ରଥ ଉପରେ ଦଣ୍ଡାୟମାନ। ମୂର୍ତ୍ତି ଏବଂ ରଥ ପ୍ରସ୍ତର ନିର୍ମିତ। ଏଠାରେ ହେଉଥିବା ସନ୍ଧ୍ୟା ଆରତୀ ଦର୍ଶକମନରେ ଅବର୍ଣ୍ଣନୀୟ ଭକ୍ତିଭାବ ସୃଷ୍ଟି କରେ। ନୂଓ୍ୱାରା ଏଲିଆ (Nuwara Eliya) ନିକଟସ୍ଥ ରମ୍ବୋଡ଼ା (Ramboda) ପର୍ବତ ଉପରେ ଚିନ୍ମୟ ମିଶନ୍‌ଙ୍କ ଦ୍ୱାରା ନିର୍ମିତ ହନୁମାନ ମନ୍ଦିର ବେଶ୍ ଦର୍ଶନୀୟ। ସେଠାରୁ ଅନତି ଦୂରରେ (1.5 KM) ଅବସ୍ଥିତ ସୀତା ଅମ୍ମା ମନ୍ଦିର। ଘଞ୍ଚ ଜଙ୍ଗଲ ପରିବେଶ, କୁଳୁକୁଳୁ ହୋଇ ଝରଣା ବହିଯାଉଛି। ବଡ଼ ପଥର ଖଣ୍ଡ ଉପରେ ବୀର ହନୁମାନଙ୍କର ପଦ ଚିହ୍ନ। ମନ୍ଦିରରେ ପୂଜା ପାଉଛନ୍ତି ଶ୍ରୀରାମ, ଲକ୍ଷ୍ମଣ ଏବଂ ସୀତା। ଏହି ସେହି ସ୍ଥାନ ଯେଉଁଠାରେ ରାବଣ ସୀତାଙ୍କୁ ବନ୍ଦୀକରି ରଖିଥିଲା।

କେଲାନୀ ନଦୀ କୂଳରେ ଅବସ୍ଥିତ ବିଭୀଷଣ ନଗରୀ। ରାବଣ ନିହତ ହେବାପରେ ଲକ୍ଷ୍ମଣ କେଲାନିୟା (Kelaniya) ଠାରେ ବିଭୀଷଣଙ୍କୁ ଲଙ୍କାର ରାଜା ହିସାବରେ ଅଭିଷିକ୍ତ କରିଥିଲେ। ସ୍ଥାନୀୟ ବୌଦ୍ଧମନ୍ଦିର ପ୍ରାଚୀରରେ ଖୋଦିତ ହୋଇ ଲେଖାଅଛି ବିଭୀଷଣଙ୍କ ରାଜାଭିଷେକ ବିଷୟରେ।

ପୁଷ୍ପକ ବିମାନର ଅବିକଳ ପ୍ରତିରୂପ ମୁନ୍ନେଶ୍ୱରମ୍ ଶିବ ମନ୍ଦିରରେ ଦେଖିବାକୁ ମିଳେ। ଶୁଣିବାକୁ ପାଇଲୁ, ପୁଷ୍ପକପରି ଅନେକ ବିମାନ ସେଠାରେ ପ୍ରଚଳିତ ଥିଲା। ଏବଂ ବିଭିନ୍ନ ବିମାନ ଅବତରଣ କ୍ଷେତ୍ର ପାହାଡ଼ ପର୍ବତ ଉପରେ ବିଦ୍ୟମାନ ଥିଲା। ଅନୁସନ୍ଧାନରୁ ରାବଣଙ୍କ ରାଜପ୍ରସାଦ ଏବଂ ଲଙ୍କା ନଗରୀର ଅଂଶାବଶେଷ ମଧ୍ୟ ଆବିଷ୍କୃତ ହେଲାଣି। ତେବେ ଜଙ୍ଗଲ ପରିବେଶ ଭରା ଏହି ଅଞ୍ଚଳ ଅଗମ୍ୟ ହୋଇରହିଛି।

ଅଧିକ ବୌଦ୍ଧଧର୍ମାବଲମ୍ବୀ ଏଠାରେ ବାସକରନ୍ତି। ଦନ୍ତପୁରୀ ଛଡ଼ା ଅନେକ ବୌଦ୍ଧମନ୍ଦିର ଏବଂ ଅନୁଷ୍ଠାନ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ବୌଦ୍ଧଧର୍ମାବଲମ୍ବୀ ଏବଂ ସାଧାରଣ ଦର୍ଶକଙ୍କୁ ଆକର୍ଷିତ କରେ। ପୁରାତନ ମନ୍ଦିର, ଜଙ୍ଗଲ, ପର୍ବତ, ପାହାଡ଼, ଝରଣା, ନଦୀ ଭରା ଶ୍ରୀଲଙ୍କାର ମନୋରମ ପରିବେଶ ଦର୍ଶକଙ୍କୁ ଭାବୁକ କରିଦିଏ।



ରାମସେତୁର ପୁନରୁଦ୍ଧାର, ଅଶୋକ ବାଟିକାରେ ହନୁମାନଙ୍କ ପଦଚିହ୍ନ, ପୁଷ୍ପକବିମାନର ପ୍ରତିରୂପ, ବିଭୀଷଣଙ୍କ ରାଜପ୍ରାସାଦ, ପ୍ରାଚୀନ ମନ୍ଦିରରେ ଶିବଲିଙ୍ଗ, ରଥାରୁଢ଼ ହନୁମାନଙ୍କ ମୂର୍ତ୍ତି, ସୀତାଅମ୍ମାଙ୍କ ମନ୍ଦିର, ଲଙ୍କାନଗରୀର ଧ୍ୱଂସାବଶେଷ ଏବଂ ସର୍ବୋପରି ଶ୍ରୀଲଙ୍କାର ଗୁରୁଗମ୍ଭୀର ପ୍ରାକୃତିକ ପରିବେଶ ବାସ୍ତବିକ୍ ରହସ୍ୟମୟ।

ଶିଶୁବିହାର

# ଗୁରୁଦେବୋ ଭବ

◆ ଅଶୋକ କୁମାର ପାତ୍ର

କେଉଁ ଆବାହମାନ କାଳରୁ ଗୁରୁ ପରମ୍ପରା ଧାରାନୁଯାୟୀ ଗଢ଼ିଆସିଛି । ତେଣୁ ପ୍ରତ୍ୟେକଙ୍କୁ ଗୁରୁ ଗ୍ରହଣର ଆବଶ୍ୟକତା ପଡ଼ିଥାଏ । ଏଥିପାଇଁ କୁଳ ଗୁରୁଙ୍କର ଆବଶ୍ୟକତା ମଧ୍ୟ ରହିଛି । କିନ୍ତୁ ଏବେ ମଣିଷ ଗୁରୁଙ୍କର ମହିମା ବା ଯାଦୁକାରୀ ପ୍ରହେଳିକାରେ ଆକୃଷ୍ଟ ହୋଇ ତାଙ୍କ ପାଖରୁ କିଛି ପାଇବା ଆଶାରେ ତାଙ୍କୁ ଗୁରୁ କରି ବସନ୍ତି । ଅନେକ ଲୋକ ନିଜ ପିତାମାତାଙ୍କୁ ବିଶେଷ ମହତ୍ୱ ପ୍ରଦାନ କରି ତାଙ୍କୁ ଈଶ୍ୱରଙ୍କ ରୂପ, ଚଳନ୍ତି ପ୍ରତିମା ବା ଦେବତା ଓ ଜୀବନ୍ତ ଗୁରୁ ଇତ୍ୟାଦି କହିଥାନ୍ତି । ତେଣୁ ପିତାମାତାଙ୍କୁ ଓ ଗୁରୁଜନଙ୍କୁ ପୂଜା କଲେ ହୋଇଗଲା ବୋଲି ଯୁକ୍ତି କରନ୍ତି ଓ ଆଉ କାହାକୁ ଅନୁସରଣ କରିବା ଦରକାର ନାହିଁବୋଲି କୁହନ୍ତି । ଜୀବନ୍ତ ଠାକୁରଙ୍କୁ ଛାଡ଼ି କାହିଁକି ଅନ୍ୟ ଉପରେ ଭରସା କରିବୁ । ତେବେ ଏହି ଯୁକ୍ତି କେତେକାଂଶରେ ଗ୍ରହଣୀୟ ହୋଇପାରେ । ମାତ୍ର ନିଜର ମାତାପିତା ସାଧାରଣ ମଣିଷ ହୋଇଥିବାରୁ ସେମାନଙ୍କର ଆଚରଣରେ, ବାକ୍ୟରେ, ତୃଟିବିଚ୍ୟୁତି ରହିପାରେ । ଯଦି ତାଙ୍କୁ ଆଦର୍ଶ ଭାବରେ ଗ୍ରହଣ କରିବ ତେବେ ତୁମେ ଭୁଲ୍‌ତୃଟିର ପଥରେ ଯାତ୍ରା କରିପାର । ଯେହେତୁ ପିତାମାତା ଆମକୁ ପରିପାଳନ କରୁଥିବାରୁ ସେମାନେ ଆମ ପାଇଁ ପାଳନ-ପରିଚର୍ଯ୍ୟୀ ଗୁରୁ ହୋଇପାରନ୍ତି ।

ଆମ ଉପନିଷଦ୍ କହେ - ମାତୃଦେବୋ ଭବ, ପିତୃଦେବୋ ଭବ ଓ ଆଚାର୍ଯ୍ୟ ଦେବୋ ଭବ । ଅର୍ଥାତ୍ ଜନ୍ମଦାତା - ପିତାମାତାଙ୍କୁ ପୂଜା ଆରଧନା କଲେବି, ଆମକୁ ଆଚାର୍ଯ୍ୟ ସିଦ୍ଧ ପୁରୁଷ - ବା ପୁରୁଷୋତ୍ତମ ସ୍ୱୟଂ ପରମଗୁରୁ । ତାଙ୍କଠାରେ ସମସ୍ତ ଦେବଦେବୀଙ୍କର ସମାବେଶ ହୋଇଥାଏ । ଅତଃ ତାଙ୍କୁ ଗ୍ରହଣ କରି ଜୀବନଚର୍ଯ୍ୟା କଲେ ଆମେ ପିତାମାତା ତଥା ଗୁରୁଜନଙ୍କ ପ୍ରତି ଅଧିକ ସକ୍ରିୟ ଶ୍ରଦ୍ଧାବାନ ହୋଇପାରିବା ।

ତେବେ ପ୍ରକୃତ ଗୁରୁ କିଏ ? ସଦ୍‌ଗୁରୁ କିଏ ଏହାକୁ ଲୋକ ଗୁରୁତ୍ୱ ଦିଅନ୍ତି ନାହିଁ । ଯେହେତୁ ଗୁରୁ ଗ୍ରହଣ ପ୍ରଥା ଅଛି, ଚାଲ ଯେ କୌଣସି ଗୁରୁ ଗ୍ରହଣ କରିନେବା । ଏପରି ଏକ ସହଜ ହାଲ୍‌କା ଭାବ ନେଇ ଯାହାକୁ ତାହାକୁ ଗୁରୁ ବୋଲି ଗ୍ରହଣ କରିଥାନ୍ତି । କେତେକ କୁହନ୍ତି ମୁଁ ଥରେ ଗୁରୁ ଗ୍ରହଣ କରିଛି ଅଉ ଗ୍ରହଣ କଲେ ପାପ ହେବ ଇତ୍ୟାଦି । ଏହିପରି ଅନେକ ମତ ମତାନ୍ତରକୁ ନେଇ ପ୍ରତ୍ୟହ ଅବାନ୍ତର ଘଟଣା ଘଟି ଚାଲିଛି । ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଉକ୍ତିରେ -

"ପୁରୁଷୋତ୍ତମ ଆସନ୍ତି ଯେବେ - ସର୍ବ ଗୁରୁଙ୍କର ସାର୍ଥକତା

ଧରିଲେ ତାଙ୍କୁ ଆସେନା କିନ୍ତୁ - ଗୁରୁତ୍ୟାଗର ଘୃଣ୍ୟ କଥା ।"

ଏହାଛଡ଼ା ଅନ୍ୟ ଏକ ବାସ୍ତବ ଉଦାହରଣ ଦିଆଯାଇପାରେ - ଜଣେ ଛାତ୍ର ପ୍ରାଥମିକ ବିଦ୍ୟାଳୟରେ ପଢ଼ି କ୍ରମାନ୍ୱୟରେ ଉଚ୍ଚ ମାଧ୍ୟମିକ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟକୁ ଉତ୍ତୀର୍ଣ୍ଣ ହୁଏ । ଯଦି ବିଶ୍ୱବିଦ୍ୟାଳୟର ଛାତ୍ରକୁ କୁହାଯାଏ ଯେ, ଯଦି ମୁଁ ପ୍ରାଥମିକ ଶିକ୍ଷକଙ୍କଠାରୁ ବିଦ୍ୟାଧ୍ୟୟନ କରିନଥାନ୍ତି ତେବେ ମୁଁ ଉପର ସ୍ତରକୁ ଆସିପାରି ନଥାନ୍ତି ଓ ମୁଁ ସର୍ବୋଚ୍ଚ ବିଦ୍ୟାର ଅଧିକାରୀ ହୋଇଥାନ୍ତି କିପରି ? ତେଣୁ ପ୍ରାଥମିକ ଶିକ୍ଷକ ଛାତ୍ରଙ୍କୁ କହନ୍ତି, ମୋ ପାଖରେ ଯାହାଥିଲା ଦେଲି ଏଥର ତୁମେ ଆଗକୁ ଚାଲ ଓ ଅଧିକ ଶିକ୍ଷାଲାଭ ପାଇଁ ଆଶିର୍ବାଦ କରନ୍ତି । ଯିଏ ପ୍ରକୃତ ଶିକ୍ଷକ ସିଏ ଛାତ୍ରର ଅଗ୍ରଗତି ପାଇଁ ପ୍ରେରଣା ଦିଅନ୍ତି । ତେଣୁ ବିଶ୍ୱବିଦ୍ୟାଳୟ ଛାତ୍ର ତା'ର ବାଲ୍ୟକାଳର ଶିକ୍ଷକଙ୍କୁ ଭୁଲେନା କି ଅସମ୍ମାନ କରେନି ।

ଠିକ୍ ସେଇପରି କୌଳିକ ଗୁରୁ କିମ୍ବା ସାଧାରଣ ଗୁରୁଙ୍କ ଠାରୁ ଦୀକ୍ଷା ନେଇଥିବା ଶିଷ୍ୟ ସଦ୍‌ଗୁରୁଙ୍କ ସନ୍ଧାନ ପାଇ ତାଙ୍କୁ ଗ୍ରହଣ କରି ସାଧନା ମାର୍ଗରେ ଆଗେଇବାର ପ୍ରୟାସକୁ ନିନ୍ଦା କ'ଣ ପାଇଁ କରାଯିବ । ଯିଏ ନକରେ ସେ ପ୍ରାଥମିକ ସ୍ତରରେ କୂପମଣ୍ଡୁକ ସାଜି ରହିବ । ତେଣୁ ଉପନିଷଦ୍‌ରେ କୁହାଯାଇଛି "ଚରୈବତି ଚରୈବତି" ମାନେ ଆଗକୁ ଚାଲ

ଆଗକୁ ଚାଲ। ବାସ୍ତବପକ୍ଷେ ସଦ୍‌ଗୁରୁ ଗ୍ରହଣ କଲେ ଗୁରୁତ୍ୟାଗ ହୁଏନାହିଁ ବରଂ ପୂର୍ବ ଗୁରୁଙ୍କର ସାର୍ଥକତା ଶିଷ୍ୟଦ୍ୱାରା ଲାଭହୁଏ।

ଏହା ବ୍ୟତୀତ ଲୋକେ ଗୁରୁଙ୍କର ଅଲୌକିକ ଶକ୍ତି ଓ ଘଟଣା ପଛରେ ଯାଇ ନିରାଶ ହୋଇଥାନ୍ତି। କିନ୍ତୁ ଏହା ଏକ ଅବାନ୍ତର, କପୋଳ କଳ୍ପିତ ଓ ବିଜ୍ଞାନ ସମ୍ମତ ନୁହେଁ। ଯାଦୁକରଙ୍କ ପରି ବିଭିନ୍ନ ପ୍ରହେଳିକା ଦେଖାଇ ଲୋକକୁ ବିସ୍ମୟ ଓ ଅଭିଭୂତ କରିଥାନ୍ତି। ମାତ୍ର ଲୌକିକ ଓ ଅଲୌକିକ ଉଭୟ ବାସ୍ତବ ଓ ବିଜ୍ଞାନ ସମ୍ମତ ଅଟେ। ଯେପରି ଭକ୍ତର ପ୍ରାର୍ଥନାରେ ଭଗବାନଙ୍କ ଦ୍ୱାରା ଯେଉଁ ମଙ୍ଗଳ କାର୍ଯ୍ୟ ସଂଗଠିତ ହୁଏ ତାହା ଆମର ଇନ୍ଦ୍ରିୟ ଉପଳବ୍ଧି ହୋଇ ନପାରିବାରୁ ଆମେ ଏହାକୁ ଅଲୌକିକ କହିଥାଉ। କିନ୍ତୁ ଯେଉଁମାନେ ବିଭିନ୍ନ ଆଶା ଆକାଂକ୍ଷା ନେଇ ଅଲୌକିକତାକୁ ପାଥେୟ କରି ଯାହାକୁ ଇଚ୍ଛା ତାହାକୁ ଗୁରୁ ବା ଭଗବାନ ବୋଲି ଗ୍ରହଣ କରିଥାନ୍ତି ସେମାନେ ନିରାଶ ହୁଅନ୍ତି।

ଯେଉଁ କାର୍ଯ୍ୟ ତାହାର କାରଣ ଠାରୁ ସଂପର୍କ ନାହିଁ ଏବଂ ଯାହା ଅବୈଜ୍ଞାନିକ, ଅବାସ୍ତବ, ଛଳନାମୟ, ତାହା କିନ୍ତୁ ଅଲୌକିକ ନୁହେଁ। ତେଣୁ ହେ ମଣିଷ ଅବାସ୍ତବ ପଛରେ ଧାଇଁଲେ ଜଳ ପ୍ରାପ୍ତି ହେବନାହିଁ କି ତୃଷ୍ଣା ମେଣ୍ଟିବ ନାହିଁ। ଗୁରୁର ଅର୍ଥ ଯିଏ ଅନ୍ଧକାରରୁ ଆଲୋକ ରାସ୍ତା ଦେଖାନ୍ତି ତେବେ ଭୋର ହେଉଛି ଏକ ଶୀତଳାଜହ୍ନ ଆଲୋକ ଯିଏ ସତ୍ୟ, ଧର୍ମ ଉପରେ ପ୍ରତିଷ୍ଠିତ। ତେଣୁ କରି ସାଧୁ ସାବଧାନ୍।

ପରିଜା ପାଠାଗାର, ମୋ:
୯୮୬୧୨୯୩୧୭୩

# ସବୁ ମିଛ ଏକା ସତ ଜଗନ୍ନାଥ

◆ ଦିବ୍ୟଜ୍ୟୋତି ରାଉଳ

ଏ ବିଶ୍ୱରେ ଆଜି ସମସ୍ତେ ଜଣେ ଜଣେ ସତ ଖୋଳପା ପିନ୍ଧା ମିଛ ମଣିଷ। ଯିଏକି ଆଜି ନିଜ ଭିତରେ ମୁଁ ରୂପକ ରାକ୍ଷାସକୁ ଜନ୍ମ ଦେଇ ଅହଂଭାବ ପ୍ରଦର୍ଶନ କରୁଛି। ସିଏ ଜାଣିନି ଆଜି ଯେଉଁ ଶରୀର ନିଜକୁ ନିଜେ ଗର୍ବ କରୁଛି, ଏହି ଶରୀରକୁ ଭଗବାନ ହିଁ ସୃଷ୍ଟି କରିଛନ୍ତି। ଏ ଶରୀରତ ତାଙ୍କର। ଯଦି ଆମେ ଏହି ଶରୀରକୁ ତାଙ୍କରି କାର୍ଯ୍ୟରେ ଲଗାଇବା ତା ହେଲେ ଏହି ଜୀବନ ସୁଖମୟ, ଶାନ୍ତିମୟ ହେବ। ଆଉ ଆମେ ସବୁ କ୍ଷେତ୍ରରେ ତାଙ୍କର ଆଶୀର୍ବାଦ ପ୍ରାପ୍ତ କରିପାରିବା। ଆମେ ତାଙ୍କୁ ସବୁବେଳେ ସବୁ ସ୍ଥାନରେ ସବୁ ପରିସ୍ଥିତିରେ ମନେ ପକାଇଲେ ସେ ନିଶ୍ଚିତ ରୂପେ ଆମକୁ ସଦୟା ହେବେ। କାରଣ ଭକ୍ତିରେ ଭଗବାନ ଯଦି ଆମେ ତାଙ୍କ ଉପରେ ଭକ୍ତି ରଖିଥାଉ ତାହେଲେ ଆମ ଜୀବନ ତାଙ୍କ କରୁଣାରୁ ସୁନ୍ଦର ହେବ, ଚଲାବାଟ କୁସୁମିତ ହେବ। ସେ ହିଁ ସବୁ ଅନ୍ତରରେ ରହିଥାନ୍ତି। ସେ ଆମକୁ ଧର୍ମର ବାଣୀ ଶୁଣାନ୍ତି। ଏ ମିଛ ଦୁନିଆ ସେ ହିଁ ଏକା ସତ୍ୟ ପୁରୁଷ। ସେ ହିଁ ପରଂବ୍ରହ୍ମ। ସେ ହିଁ ଜଗତ ପିତା। ସେ ହିଁ ଜଗତ ସ୍ରଷ୍ଟା, ସେ ହିଁ ବିଶ୍ୱରୂପୀ, ତେଣୁ ଆଜିର ମିଛ ଦୁନିଆରେ କେହି କାହାରି ନୁହେଁ। ସମସ୍ତେ ବିବ୍ରତ ଜୀବନରୁ କିଛିଟା ସମୟ ଭଗବାନଙ୍କ ପାଖରେ ଅର୍ପଣ କରନ୍ତି, ତାହେଲେ ସେ ଆମକୁ ଏହି ଶେଷ ସମୟରେ ମୁକ୍ତି ପ୍ରଦାନ କରିବେ। ଯାହା ଫଳରେ ଆମେ ଏହି ନର୍କ ଯନ୍ତ୍ରଣାରୁ ମୁକ୍ତି ପାଇପାରିବା। ଆମେ ଏହି ଜଗତ ସ୍ରଷ୍ଟାଙ୍କ ପାଖରେ ନିଜକୁ ହଜେଇ ଦେବା। ତେଣୁ ଏ ମିଛ ଦୁନିଆରେ କେହି କାହାର ନୁହଁ। ତେଣୁ ସବୁ ମିଛ ଏକା ସତ ଜଗନ୍ନାଥ।"

ସ୍ନାତକୋତ୍ତର ଇତିହାସ ବିଭାଗ

# ଦୁର୍ନୀତି ନୈବମୁଚ୍ୟତେ

◆ ସିମ୍ରନ୍ ମହାପାତ୍ର

ଭଗବାନଙ୍କ ସୃଷ୍ଟି ବଡ଼ ବିଚିତ୍ର। ସୃଷ୍ଟିର ପରମ୍ପରାରେ ଦେବଦୁର୍ଲଭ ମଣିଷଟିଏ ଜନ୍ମଗ୍ରହଣ କରିଥାଏ ସମାଜର ହିତସାଧନ କରିବା ନିମନ୍ତେ। ସାମାଜିକ ଜୀବନଯାପନ ପ୍ରଣାଳୀରେ ଆତ୍ମୀୟତା, ସ୍ୱଜନଶୀଳତା ମୁଖ୍ୟ ସ୍ଥାନ ଅଧିକାର କରିଥିବାବେଳେ ଅନ୍ୟାୟ, ଅନୀତି, ଦୁର୍ନୀତି, ଭ୍ରଷ୍ଟାଚାର, ଆଧୁନିକତା ଆଦି ବିପର୍ଯ୍ୟୟର କାରଣ ହୋଇଥାଏ। ତେବେ ବର୍ତ୍ତମାନ ଏଠାରେ ପ୍ରଶ୍ନ ଉଠେ ଏ ଦୁର୍ନୀତି କ'ଣ ?

ଦୂରଦ୍ରଷ୍ଟା ବୁଦ୍ଧିଜୀବୀମାନଙ୍କର ଚିନ୍ତା ଚେତନା ପ୍ରସୂତ ବିଚାରଧାରା, ସାମାଜିକ, ଶାସ୍ତ୍ରାନୁମୋଦିତ, ସମ୍ବିଧାନ, ସଂସଦ ତଥା ଏହାକୁ ପାଳନ ନକରିବା ବା ଏହା ବିରୁଦ୍ଧରେ ଯିବାହିଁ ହେଉଛି ଦୁର୍ନୀତି ବା ଭ୍ରଷ୍ଟାଚାର।

ନୀତି ଓ ଦୁର୍ନୀତି ଦୁହେଁ ପରସ୍ପର ବିରୋଧରେ ଅହରହ ସଂଗ୍ରାମରତ। ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱପରି, ସମାଜ ଶକଟର ଦୁଇଟି ଚକ ସଦୃଶ ଏବଂ ବୃନ୍ତର ଦୁଇଟି କଳିକା ସଦୃଶ।

ଏହି ନୁର୍ନୀତିରୂପକ ବିଷବୃକ୍ଷ ଭାରତବର୍ଷ କାହିଁକି ବରଂ ସମଗ୍ର ମାନବ ସମାଜୁ କବଳିତ କରିଛି। ଯାହାଦ୍ୱାରାକି ପବିତ୍ର ଭାରତବର୍ଷରେ ଜନ୍ମଗ୍ରହଣ କରିଥିବା ଭାରତୀୟମାନେ ମଧ୍ୟ ଦୁର୍ନୀତି ବା ଭ୍ରଷ୍ଟାଚାର କରିବାକୁ ପଶ୍ଚାତପଦ୍ ହେଉନାହାନ୍ତି। ଦୁଃଖର ବିଷୟ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧି ଏହାର ପ୍ରମାଣ ଦେବାକୁ ଯାଇ କହିଛନ୍ତି "ଏକ ଟଙ୍କାର ମାତ୍ର ପନ୍ଦର ପଇସା ହିତାଧିକାରୀଙ୍କ ନିକଟକୁ ଯାଉଥିବାବେଳେ ଆଉ ପଞ୍ଚାଅଶୀ ପଇସା ବାଟମାରଣା ହୋଇଥାଏ।" ଏହା ହେଉଛି ଜଣେ ପ୍ରଧାନମନ୍ତ୍ରୀଙ୍କର ଖେଦୋକ୍ତି ବା ସ୍ୱୀକାରୋକ୍ତି। ଏଥିରୁ ସ୍ପଷ୍ଟ ଅନୁମେୟ ହୁଏ କି ଏହି ଦୁର୍ନୀତିରୂପକ ବିଷବୃକ୍ଷ କିଭଳି ଭାବେ ନିଜର କାୟା ବିସ୍ତାର କରିଛି। ଆଜି ସମାଜର ପ୍ରତି ଶିରାପ୍ରଶିରାରେ ଦୁର୍ନୀତି, ଲାଞ୍ଚ, ମିଛ ଏବଂ ଶଠତା ପରିପୂର୍ଣ୍ଣ।

ଭାରତ ଏକ ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର। ମାତ୍ର ସବୁଠାରୁ ପରିତାପର ବିଷୟ ହେଉଛି ଯେ ୨୦୧୬ର ଏକ ସର୍ଭେରୁ ଜଣାଯାଇଛି ୧୬୮ ରାଷ୍ଟ୍ର ମଧ୍ୟରୁ ଦୁର୍ନୀତି କ୍ଷେତ୍ରରେ ଭାରତର ସ୍ଥାନ ୭୯ରେ ପହଞ୍ଚିଛି। ଯାହାକି ସବୁଠାରୁ ଦୁଃଖର କାରଣ।

ତେବେ ଏଠାରେ ପ୍ରଶ୍ନ ଉଠେ ଏ ଦୁର୍ନୀତି ପାଇଁ ପ୍ରକୃତରେ ଦାୟୀ କିଏ ?

ବ୍ୟବସ୍ଥା ନା ବ୍ୟକ୍ତି, ଗଣତନ୍ତ୍ର ଦ୍ୱାରା ସୃଷ୍ଟ ପ୍ରତିନିଧିମୂଳକ ବ୍ୟବସ୍ଥା ନା ପ୍ରତିନିଧି ନିର୍ବାଚନ କରୁଥିବା ଲୋକେ, ସରକାର ନା ଆମେ, ଦାତା ନା ଗ୍ରହୀତା, ପ୍ରଥମେ ଏ ସମସ୍ୟାର ସମାଧାନ କରିବା ଏକାନ୍ତ ଆବଶ୍ୟକ। କାହିଁକି ନା ଏ ଦେଶର ଗଣତନ୍ତ୍ର ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି। ଭାରତର ଶାସନ କ୍ଷମତା ଲୋକଙ୍କ ହସ୍ତରେ ନ୍ୟସ୍ତ ଥିଲେ ମଧ୍ୟ ସେମାନେ ଯେଉଁମାନଙ୍କୁ ଭୋଟ ଦେଇ ନିର୍ବାଚିତ କରୁଛନ୍ତି ସମସ୍ତେ ଆଜି ଦୁର୍ନୀତିଗ୍ରସ୍ତ। ଯାହାଦ୍ୱାରା ଦେଶର ଶାସନ ବା ଦେଶ ଉନ୍ନତିର ଚରମସୀମାରେ ଉପନୀତ ହୋଇପାରୁନାହିଁ।

ଦୁର୍ନୀତିର ଅଧୁନା ଅନ୍ୟ ଏକ ବିଶାଳ କ୍ଷେତ୍ର ହେଲା ଦେଶରେ ଅନୁଷ୍ଠିତ ହେଉଥିବା ଭିନ୍ନ ଭିନ୍ନ ପ୍ରକାରର ନିର୍ବାଚନ। ପଞ୍ଚାୟତିରାଜ ନିର୍ବାଚନଠାରୁ ଆରମ୍ଭ କରି ବିଧାନ ସଭା, ରାଜ୍ୟ ସଭା କିମ୍ବା ଲୋକ ସଭା ନିର୍ବାଚନ ପର୍ଯ୍ୟନ୍ତ କସ୍ମିନ୍ କାଳେ ସ୍ୱଚ୍ଛ ସାବଲୀଳ ନୁହେଁ। ଏହା ପଛରେ କୋଟି କୋଟି କଳାଟଙ୍କା ପାଣି ପରି ଖର୍ଚ୍ଚ ହୁଏ। ଲୋକମାନଙ୍କୁ ବାହୁବଳର ଭୟ, ଅର୍ଥବଳର ଲୋଭ ଓ ମିଥ୍ୟା ପ୍ରତିଶୃତି ଦ୍ୱାରା ପ୍ରଭାବିତ କରିଥାନ୍ତି। ଯାହାକି ଦୁର୍ନୀତିର ଏକ ଉତ୍କୃଷ୍ଟ ନମୁନା।

ଦୁର୍ନୀତି ଯେ କେବଳ ଆର୍ଥିକ ଅସଙ୍ଗତି ସହିତ ସଂଶ୍ଳିଷ୍ଟ ତାହା ନୁହେଁ, ଦେଶର ରାଜନୈତିକ, ଅର୍ଥନୈତିକ, ସାମାଜିକ, ନ୍ୟାୟିକ ଏବଂ କୋଟିକୋଟି ଜନସାଧାରଣଙ୍କ ବିକାଶମୂଳକ କାର୍ଯ୍ୟକ୍ରମକୁ ଧ୍ୱଂସସ୍ତୂପ ମଧ୍ୟକୁ ଠେଲି ଦେଉଛି।

ଦୁର୍ନୀତି ଏପରି ସ୍ତରକୁ ବିସ୍ତାର ଲାଭ କରିଛି ଯେ ଦେଶର କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥା, କେନ୍ଦ୍ର ସରକାରଙ୍କର ଜଣେ କ୍ୟାବିନେଟ୍ ସେକ୍ରେଟାରୀ, ଯେ କି ପରେ କୌଣସି ରାଜ୍ୟର ରାଜ୍ୟପାଳ ହୋଇଥିଲେ ସେ ମହାଶୟଙ୍କୁ ଗୁରୁତର ଆର୍ଥିକ ବିଶୃଙ୍ଖଳା ପାଇଁ ବିଚାର ବିଭାଗର ସମ୍ମୁଖୀନ କରାଇଥିଲେ ଏବଂ ତାଙ୍କୁ ରାଜ୍ୟପାଳ ପଦ ହରାଇବାକୁ ପଡ଼ିଥିଲା। କିଛିବର୍ଷ ପୂର୍ବେ ତତ୍‌କାଳୀନ ଭାରତବର୍ଷର ମେଡିକାଲ କାଉନ୍‌ସିଲ୍‌ର ପ୍ରେସିଡେଣ୍ଟ ଭିତ୍ତିଭୂମି ନଥିବା କିଛି ମେଡିକାଲ୍ କଲେଜକୁ ସ୍ୱୀକୃତି ପ୍ରଦାନ କରି ସେମାନଙ୍କଠାରୁ ଦୁଇକୋଟିଟଙ୍କା ନେଇଥିବାର ଅଭିଯୋଗରେ ଗିରଫ ହୋଇଥିଲେ। ଉତ୍ତର ପ୍ରଦେଶର ଜଣେ କାର୍ଯ୍ୟରତ ମୁଖ୍ୟ ଶାସନ ସଚିବ ଯେ କି ସର୍ବଭାରତୀୟ ସେବାର ଜଣେ ବରିଷ୍ଠ ଅଧିକାରୀ ଥିଲେ, ସେ ଦୁଇଶହ କୋଟି ଟଙ୍କାର ସମ୍ପତ୍ତି ଠୁଳ କରି ଆୟ ବହିର୍ଭୁତ ମାମଲାରେ ଛନ୍ଦିହୋଇ କାର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ ଏବଂ ସିବିଆଇ ଦ୍ୱାରା ତଦନ୍ତର ସମ୍ମୁଖୀନ ହୋଇ ଅଦାଲତର କାଠଗଡ଼ାରେ ଛିଡ଼ା ହେଲେ।

ଓଡ଼ିଶାର ଦୁଇଜଣ ସର୍ବଭାରତୀୟ ପ୍ରଶାସନିକ ସେବାର ସଦସ୍ୟ ଦୁର୍ନୀତି ଅଭିଯୋଗରେ ଜେଲ୍ ଯାଇଥିବାର ଅଭିଯୋଗ ହୁଏ। ଏହା ବ୍ୟତୀତ ବିଗତ କେଇବର୍ଷ ମଧ୍ୟରେ ଭାରତରେ ହୋଇଥିବା ଦୁର୍ନୀତିଗୁଡ଼ିକ ମଧ୍ୟରେ ୨ଜି ସ୍ପେକ୍ଟ୍ରମ୍ ଦୁର୍ନୀତି, କମନ୍‌ୱେଲଥ ଗେମ୍ ଦୁର୍ନୀତି, ମୁମ୍ବାଇର ଆଦର୍ଶ ସ୍କାମ୍ ଦୁର୍ନୀତି, କୋଇଲା ଦୁର୍ନୀତି, ହାୱାଲା ଦୁର୍ନୀତି, ସତ୍ୟମ୍ ସ୍କାମ୍, ପଶୁଖାଦ୍ୟ ଠକେଇ, ଷ୍ଟାମ୍ପ ପେପର୍ ଦୁର୍ନୀତି ଏବଂ ଅନେକ ଦୁର୍ନୀତିର ବା ଠକାମିର ଶିକାର ହୋଇଥିବା ହଜାର ହଜାର ଦୁର୍ନୀତି ଉପରୁ ହଟିଛି।

ତେବେ ଏଠାରେ ପ୍ରଶ୍ନ ଉଠେ, କ'ଣ ପାଇଁ ଦୁର୍ନୀତି ହେଉଛି ? କାହିଁକି ଲୋକେ ଦୁର୍ନୀତି କରିବାକୁ ଲଜ୍ଜା, ସଂକୋଚ ଅଥବା ଆଇନ୍‌କୁ ଭୟ କରୁନାହାନ୍ତି। ଏହା କ'ଣ ଏକ ଦୁର୍ବଳ ମାନସିକତାର ପରିପ୍ରକାଶ ନା ଏକ ଅପରାଧ ପୃଷ୍ଠଭୂମିରେ ପାଦରଖି ଦେଶର କୋଟିକୋଟି ଜନସାଧାରଣଙ୍କ ସାମାଜିକ ତଥା ଅର୍ଥନୈତିକ ବ୍ୟବସ୍ଥାକୁ ପଙ୍ଗୁ ଏବଂ ଧୂଳିସାତ କରିବାର ଚରମ ଆକାଂକ୍ଷା ? ଏହା ବର୍ତ୍ତମାନ ଏକ ଜଟିଳ ସମସ୍ୟା। ରାଜନୈତିକ, ପ୍ରଶାସନିକ, ସାମାଜିକ ପ୍ରତିକ୍ଷେତ୍ରରେ ଏ ଦୁର୍ନୀତି ନିଜର କାୟାବିସ୍ତାର କରିବାର ଲାଗିଛି। ଉଚ୍ଚପଦସ୍ଥ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ନିମ୍ନପଦସ୍ଥ କର୍ମଚାରୀ ପର୍ଯ୍ୟନ୍ତ ସମସ୍ତେ ଆଜି ଦୁର୍ନୀତିଗ୍ରସ୍ତ।

ଦୁଃଖର ବିଷୟ ସ୍ୱାଧୀନତାର ଏତେ ବର୍ଷ ଅତିକ୍ରାନ୍ତ କରିଯାଇଥିଲେ ମଧ୍ୟ ପୁରାଣ ପ୍ରସୂତ ସ୍ୱର୍ଣ୍ଣପ୍ରସୂ ଭାରତବର୍ଷ ଆଜି ବିକଶିତ ରାଷ୍ଟ୍ରର ମାନ୍ୟତା ପାଇପାରିନାହିଁ। ଏବେବି ମଧ୍ୟ ଦାରିଦ୍ର୍ୟ ସୀମାରେଖା ତଳେ ଏକତୃତୀୟାଂଶ ଲୋକ। ଆଜି ବି ଦେଶରୁ ଗରିବି ହଟିନାହିଁ କି ନିରକ୍ଷରତା ଦୂର ହୋଇନାହିଁ। ଆଜି ବି ଅନାହାରଜନିତ ମୃତ୍ୟୁ ଊଣା ହେଇନାହିଁ। ପରିତାପର ବିଷୟ ଦେଶ ଗଠନରେ ମୁଖ୍ୟସ୍ଥାନ ଅଧିକାର କରିଥିବା ଚତୁଃସ୍ତମ୍ଭ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା, ନ୍ୟାୟପାଳିକା ଓ ଗଣମାଧ୍ୟମ ସମସ୍ତେ ଆଜି ଦୁର୍ନୀତିଗ୍ରସ୍ତ। ଅଧିକାଂଶକ୍ଷେତ୍ରରେ 'ରାଜାନୁଗତୋଧର୍ମଃ' ନ୍ୟାୟରେ ବିଶିଷ୍ଟ ରାଜନେତାମାନଙ୍କର ଜ୍ଞାତସାରରେ ଅବା ପ୍ରଚ୍ଛନ୍ନ ଇଙ୍ଗିତରେ ଦୁର୍ନୀତି ପରିଚାଳିତ।। ନାନାଦି ଆଇନ୍ କାନୁନ୍ ଥିବା ସତ୍ତ୍ୱେ ଦୁର୍ନୀତି ରୂପକ ମହାବ୍ୟାଧି ଦେଶରୁ ବିତାଡ଼ିତ ହୋଇନାହିଁ। ଅନେକ ଦୁର୍ନୀତି ପ୍ରତିଦିନ ଘଟିଯାଉଥିଲେ ମଧ୍ୟ ଦୋଷୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଯଦି ବା ଗ୍ରହଣ କରାଯାଉଛି ବିଳମ୍ବରେ ଗ୍ରହଣ କରାଯାଉଛି। କଥାରେ ଅଛି : "ବିଳମ୍ବରେ ଅର୍ଜିତ ନ୍ୟାୟ ଅନ୍ୟାୟ ସଂଗେ ସମାନ।"

ତେବେ କ'ଣ ଏହି ଦୁର୍ନୀତିର ମୂଳୋତ୍ପାଟନ କରାଯାଇପାରିବ ନାହିଁ। ଆମ ଦେଶ ଭାରତବର୍ଷ କ'ଣ ଉନ୍ନତିର ଚରମସୀମାରେ ଉପନୀତ ହୋଇପାରିବ ନାହିଁ।

ଦୁର୍ନୀତିର ମୂଳୋତ୍ପାଟନ କରିବାକୁ ହେଲେ ଶିକ୍ଷିତ ଜନସମାଜ ସମେତ ଯଦି ଛାତ୍ରସମାଜ ଆତ୍ମସମୀକ୍ଷା କରିପାରିଲେ, ପ୍ରତିଜ୍ଞାବଦ୍ଧତାକୁ ହୃଦୟଙ୍ଗମ କରିପାରିଲେ, ଅଜ୍ଞଜନସାଧାରଣଙ୍କୁ ଆପଣାର କ୍ଷମତା ପରିସର ବଳରେ ଦୁର୍ନୀତିମୁକ୍ତ ରାଜନେତାମାନଙ୍କୁ ସବୁଦିନ ପାଇଁ ରାଜନୀତି ଓ କ୍ଷମତାଠାରୁ ଦୂରେଇ ରଖି ପାରିବେ ତେବେ ଦେଶ ଦୁର୍ନୀତି ମୁକ୍ତ ହେବା ସଙ୍ଗେ ସଙ୍ଗେ ଉନ୍ନତିର ଚରମସୀମାରେ

ଉପନୀତ ହେବ। କାହିଁକି ନା ସୁବାଷ ବୋଷ ଏବଂ ବିବେକାନନ୍ଦ ଯଥାର୍ଥରେ କହିଥିଲେ, "ଏକ ଛାତ୍ର ପରିବର୍ତ୍ତିତ ହେଲେ ଏକ ରାଷ୍ଟ୍ର ପରିବର୍ତ୍ତିତ ହେବ।" Unity is the strength ନ୍ୟାୟରେ ଦେଶର ଛାତ୍ରସମାଜ ଏକ ବୃହତଶକ୍ତି ଏବଂ ଆଗାମୀ ଭାରତବର୍ଷର ଯଥାର୍ଥ ନାଗରିକ।

ଛାତ୍ରସମାଜ ବନ୍ଧନମୁକ୍ତ। ସେମାନେ ଦେଶର ଭବିଷ୍ୟତ ନାଗରିକ। ଉତ୍ତମ ରାଷ୍ଟ୍ରଗଠନର ସ୍ରଷ୍ଟା। ତଥା ଆଧୁନିକ ଶାନ୍ତି ଓ ମୈତ୍ରୀ ଗଠନର ମୂଳସ୍ତମ୍ଭ। ତେଣୁ ଆମ୍ଭମାନଙ୍କୁ ଶିକ୍ଷିତ ତଥା ସଚେତିତ ହେବା ଏକାନ୍ତ ଆବଶ୍ୟକ। କାରଣ ଶିକ୍ଷା ହେଉଛି ଦୁର୍ନୀତି ନିବାରଣର ଅମୋଘ ଅସ୍ତ୍ର। ଆମ୍ଭମାନଙ୍କୁ RTI କୁ ହାତକୁ ନେଇ ଜନସମାଜରେ ଦୁର୍ନୀତିର ମୂଳୋତ୍ପାଟନ କରିବାକୁ ପଡ଼ିବ।

ଦୁର୍ନୀତି ଆରମ୍ଭ ହୁଏ ନିଜ ଠାରୁ, ନିଜ ପରିବାରରୁ, ପରିବେଶରୁ, ସମାଜର ଗୋଷ୍ଠୀ ତଥା ଆଧୁନିକତା ଠାରୁ। କଥାରେ ଅଛି Charity begins at home। ତେଣୁ ପ୍ରଥମେ ଛାତ୍ରଟି ନିଜେ ସଚେତିତ ହୋଇ ପରିବାର ପରେ ପରିବେଶ, ସମାଜରୁ ଓ ଶିକ୍ଷାବ୍ୟବସ୍ଥାଠାରୁ ଆରମ୍ଭ କରି ଶାସନ ବ୍ୟବସ୍ଥା ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ସଚେତନ କରି ଧର୍ମପରାୟଣ ଭାରତ ବର୍ଷରେ ସତ୍ୟ, ଧର୍ମ, ନ୍ୟାୟର ମ ାର୍ଗ ଅବଲମ୍ବନ କରାଇଲେ ଦୁର୍ନୀତି ମୁକ୍ତ ଭାରତ ଗଠନ ଅବଶ୍ୟାମ୍ଭବୀ।

ଦୁର୍ନୀତିର ମୂଳପିଣ୍ଡ ହେଉଛି ଆର୍ଥିକ ଲାଳସା ଓ ବଡ଼ଲୋକ ହେବାର ଇଛା। ତେଣୁ ଏସବୁ ଦୂର କରି come after revolution ଅର୍ଥାତ୍ ଶାନ୍ତି ଆସେ ବିପ୍ଳବ ପରେ ମାର୍ଗକୁ ଅନୁସରଣ କରି ଏକ ଆଦର୍ଶ ରାଷ୍ଟ୍ରଗଠନରେ ଛାତ୍ରଟିଏ ସହାୟକ ହୋଇପାରିବ।

ଏହି ଦୁର୍ନୀତି ଏଭରେଷ୍ଟ ଶୃଙ୍ଗଠାରୁ ଉଚ୍ଚତର ଅତଳ ମହାସାଗରଠାରୁ ଗଭୀରତର। ତେଣୁ କେବଳ ବେତାର, ଦୂରଦର୍ଶନ, ସମ୍ବାଦପତ୍ରରେ କି କାଗଜକଲମରେ ପ୍ରଚାର କଲେ ଦୁର୍ନୀତି ହଟିବ ନାହିଁ କୌଣସି ଦେଶ ସରସ ସୁନ୍ଦର ଦେଶରେ ପରିଣତ ହୋଇପାରିବ ନାହିଁ। ମନୋବୃତ୍ତିରେ ପରିବର୍ତ୍ତନ ସହ ଆନ୍ତରିକତା ଓ ତ୍ୟାଗର ସୁ-ସମନ୍ୱୟ ଘଟିଲେ ଏହି କାର୍ଯ୍ୟକ୍ରମ ସଫଳ ହୋଇପାରିବ। ଦୁର୍ନୀତି ଓ ଭ୍ରଷ୍ଟାଚାରର ଅପବାଦରୁ ଭାରତ ମୁକ୍ତ ହେବା ସହ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ମଧ୍ୟ ସୁଖ୍ୟାତି ଅର୍ଜନ କରିପାରିବ ଏଥିରେ ଦ୍ୱିମତ ନାହିଁ।

ମନରେ ଆଶା ବାନ୍ଧିବାକୁ ହେବ ଯେପରି ରାତି ପରେ ଦିନ ଆସେ, ଅଜ୍ଞାନକୁ ଜ୍ଞାନାଲୋକଦ୍ୱାରା ଦୂରୀଭୂତ କରିହୁଏ ଠିକ୍ ସେହିପରି ଆତ୍ମଚେଷ୍ଟା, ଆତ୍ମ ସମୀକ୍ଷା ଦ୍ୱାରା ଦୁର୍ନୀତିକୁ ନିଶ୍ଚୟ ଦିନେ ନିର୍ମୂଳ କରିହେବ । ଶେଷରେ

"ଆମରି ନାଆର ଆମେ ନାଉରି

ଆମେ ଚଳାଇବା ଦେଶ ଆମରି ।" ଉକ୍ତିଟିକୁ ମନେରଖି ସମସ୍ତ ଛାତ୍ରଛାତ୍ରୀ ସଚେତିତ ହୋଇ ସାହସର ସ୍ୱର ଉତ୍ତୋଳନ କରିବାକୁ ପଡ଼ିବ।



# ଜୀବନ ସଂଗ୍ରାମ

◆ **ରମେଶ ଚନ୍ଦ୍ର ନାୟକ**

ସାୟଂକାଳ ସଂପୂର୍ଣ୍ଣ ହେବାର କେଇଘଣ୍ଟା ବାଦ୍ ଅନ୍ଧାର ମଧ୍ୟରେ ଜୁଳୁଜୁଳୁଆ ପୋକ ସହିତ ସମାହିତ ହୋଇ ଦୁହୁଡ଼ିପ୍ରାୟ ଜଳୁଥିବା କେଇଗୋଟି ଆଖି ଏଣେତେଣେ କିଛି ଖୋଜିବାର ପ୍ରତୀୟମାନ ହେଉଥାଏ। ହଠାତ୍ କିଛି ବୁଝା ପଡ଼ିଲାନି, ମାତ୍ର ଏ କ'ଣ ! କିଛି ବୁଝିବା ପୂର୍ବରୁ ସେହି ସବୁ ଆଖିଗୁଡ଼ିକ କ୍ରମଶଃ ଏକତ୍ରିତ ହେବାକୁ ଲାଗିଲେ। ଆଉ କିଛି ଗୋଟିଏ ବିଚାର ବିମର୍ଷ କରୁଥିଲେ। ସେମାନେ ସମସ୍ତେ ଏକ ସ୍ୱରରେ ହୁକେ ହୋ ରାମ ଦେଲେ। ସେମାନେ ସମସ୍ତଙ୍କୁ ଜଣାଇଦେଲେ, ସେମାନେ ହେଉଛନ୍ତି ଶୃଗାଳ ଜାତି ଆଉ ଏ ମାନବ ଜାତିର ବନ୍ଧୁ ପ୍ରାୟ ଅଟନ୍ତି। କିନ୍ତୁ ଆଜିର ଏ ମାନବ ସମାଜ ତାଙ୍କ ପ୍ରତି କ୍ରୁର ଓ ଅତ୍ୟାଚାର ଭାବ ପୋଷଣ କରୁଛି। ତେଣୁ ଏ ପୃଥିବୀରେ ନିଜର ସ୍ଥିତି ବଜାୟ ରଖିବା ଓ ବଞ୍ଚି ରହିବା ନିମିତ୍ତ ଗୋଟିଏ ସଭାର ଆୟୋଜନ କରିଛନ୍ତି। ନିଜେ ବଞ୍ଚିବା ଓ ଜାତିକୁ ବଞ୍ଚାଇବା ନିମିତ୍ତ ସେମାନେ ଜୀବନ ସଂଗ୍ରାମର ଆହ୍ୱାନ ଦେଇଛନ୍ତି। ସଭାପତି ସଲୁ ଶୃଗାଳ ପ୍ରଥମେ ସମସ୍ତ ଶୃଗାଳ ବନ୍ଧୁମାନଙ୍କୁ ସମ୍ବୋଧନ କରି ଶୁଭେଚ୍ଛା ଜଣାଇଲେ। ମୁଖ୍ୟ ଆଲୋଚନାର ବିଷୟ ହେଲା ସେମାନେ ରହୁଥିବା ବର୍ତ୍ତମାନର ସ୍ଥାନକୁ ଛାଡ଼ି ନୂତନ ବାସସ୍ଥାନ ଅନ୍ୱେଷଣରେ ଯିବା। କାରଣ ବର୍ତ୍ତମାନର ମଣିଷ ସମାଜ ସଂପୂର୍ଣ୍ଣ ସ୍ୱାର୍ଥପର ଓ ଅର୍ଥଲସିପ୍ସୁ ହୋଇପଡ଼ିଛି। ସେ ପୃଥିବୀର ସନ୍ତୁଳନକୁ ହେୟଜ୍ଞାନ କରୁଛି। ଜୀବ ପ୍ରତି ଦୟା, ବୃକ୍ଷ ଓ ସବୁଜିମା ପ୍ରତି ଆନୁଗତ୍ୟ ଭୁଲି କେବଳ ବାସ୍ତୁବାଦି ହୋଇପଡ଼ିଛି। ସେ ବଞ୍ଚି, ସେ ରହିବ ଆଉ ସେ ହିଁ ପୃଥିବୀର ସମସ୍ତ ଉପଲବ୍ଧ ପଦାର୍ଥକୁ ଉପଭୋଗ କରିବ। ସେ ପୃଥିବୀର ସର୍ବମୟ କର୍ତ୍ତା ସାଜିଛି। ଜଳ, ସ୍ଥଳ ଓ ଆକାଶ ଆଦି ସବୁଠାରେ ସେ ତା'ର ଆଧିପତ୍ୟ ବିସ୍ତାର କରିଛି। ଏହାପରେ ସଂପାଦକ ଅନ୍ୟ ଶୃଗାଳମାନଙ୍କୁ ଏ ବିଷୟରେ ମତାମତ ପ୍ରଦାନ କରିବାକୁ ଆହ୍ୱାନ କଲେ। ସଭାରେ ଉପସ୍ଥିତ ଥିବା ପୁରୁଖା ଶୃଗାଳମାନେ ସେମାନଙ୍କର ପୂର୍ବଜୀବନ ଧାରା ଓ ବର୍ତ୍ତମାନର ସ୍ଥିତି ବିଷୟରେ ସଂଭାଷଣ ଦେବା ଆରମ୍ଭ କଲେ।

ବୟୋଜ୍ୟେଷ୍ଠ ମିଥୁ ଶୃଗାଳ ଦୁଇଟା ହୁକେହୋ ଦ୍ୱାରା ତା'ର ଭାଷଣ ଆରମ୍ଭ କଲା। ତା'ର କୋହଭରା ଓ ଆବେଗଭରା କଣ୍ଠରେ ତା'ର ଭାସି ଉଠୁଥିଲା ମଣିଷ ଜାତି ପ୍ରତି ଘୃଣା ଓ ବିତୃଷ୍ଣା। ସେ କହିଲା, "ଭାଇ ଓ ଭଉଣୀମାନେ ଆମେ କାହିଁ କେଉଁ ଅନାଦି କାଳରୁ ମଣିଷର ପାଖେ ପାଖେ ଆମେ ରହିଆସୁଛୁ। ସେମାନେ ଫିଙ୍ଗୁଥିବା ମୃତ ଜୀବଜନ୍ତୁଙ୍କ ପଚାସଢ଼ା ଶବକୁ ଆମେ ଭକ୍ଷଣ କରି ବଞ୍ଚିଥାଉ। ପ୍ରକାରାନ୍ତରେ ଆମେ ପ୍ରଦୂଷଣରୁ ପରିବେଶ ଓ ସ ମାଜକୁ ପରିଷ୍କାର କରିଥାଉ। ନହେଲେ ସେହି ସବୁ ପଚାସଢ଼ା ଶବ କେତେଯେ ମାରାତ୍ମକ ରୋଗ ବ୍ୟାଧି ବ୍ୟାପିବାରେ ସହାୟକ ହୋଇ ସମାଜର କ୍ଷତି ସାଧନ କରନ୍ତା ତା'ର ହିସାବ ନାହିଁ। ପୁଣି ଏ ମଣିଷଜାତି ଆମର ହୁକେହୋ ଚିତ୍କାରକୁ ଅମଙ୍ଗଳର ସୂଚନା ବୋଲି ଅଭିହିତ କରିଥାଏ। ମାତ୍ର ତାହା ସେମାନଙ୍କ ପାଇଁ ସତର୍କର ଘଣ୍ଟି ବୋଲି ସେ ଭୁଲିଯାଏ। ଏହା ସତ୍ତ୍ୱେ ସେମାନେ ଆମମାନଙ୍କୁ ଜାଲ ବସାଇ ଧରି ବଧ କରି ଆମର ଶରୀର ଛାଲକୁ ବିକ୍ରି କରିଥାଏ। ଆମେ ରହୁଥିବା ବାସସ୍ଥାନ ଅର୍ଥାତ୍ ବୁଦିବୁଦିଆ ବଣଜଙ୍ଗଲ କାଟି ଆମକୁ ବାସହରା କରିଦେଉଛି। ପୁରି ବିଲ ପ୍ରାନ୍ତରରେ ଆମେ ଯେଉଁ ସାତମୁହାଁ ଗାତ କରି ବାସ କରୁଥିଲୁ ସେ ସବୁକୁ ଖୋଳି କେବଳ ସବୁଠାରେ ଅଟ୍ଟାଳିକାମାନେ ଛିଡ଼ା କଲା। ଫଳସ୍ୱରୂପ ଏଠିବି ଆମେମାନେ ବାସହରା ହେଲୁ। ଏସବୁ ଏମିତି ଆଉ କେତେଦିନ ଚାଲିବ। ଆମମାନଙ୍କ ବଂଶ ତ କ୍ରମଶଃ ଲୋପହୋଇ ଯାଉଛି। ତେଣୁ ମୁଁ ସଭାପତିଙ୍କ କଥାରେ ଏକମତ ଆମର ବଂଶ ଲୋପ ହେବା ଆଗରୁ ଆମେ ଏ ସ୍ଥାନ ପରିତ୍ୟାଗ କରିଦେବା ଉଚିତ୍।

କିଛିକ୍ଷଣ ଗମ୍ଭୀର ଅବସ୍ଥାରେ ବସି ସୁରୁଚି ଶୃଗାଳ ସବୁ ଶୁଣୁଥିଲା। ସେ ଏଥର ଆଉ ନିଜକୁ ସମ୍ଭାଳି ପାରିଲା ନାହିଁ। ଅତି କର୍କଷଗଳାରେ ଦୁଇଟା ହୁକେହୋ ଛାଡ଼ିଲା। ତା' ଭାଷାରେ ସେ କହିଲା, ଏତେ ବଡ଼ ପୃଥିବୀକୁ ମଣିଷ ତା'ର ବୁଦ୍ଧି ଓ ଚେତନା ବଳରେ ନିଜ ମୁଠାରେ ଆବଦ୍ଧ କରି ରଖିଛି। ଜଳ, ସ୍ଥଳ, ଆକାଶ ଓ ପାତାଳରେ ମଧ୍ୟ

ତା'ର ଅବସ୍ଥିତି ଜାହିର୍ କରୁଛି। ଫଳସ୍ୱରୂପ କେବଳ ମଣିଷକୁ ଛାଡ଼ି ଅନ୍ୟ ସମସ୍ତ ପଶୁ, ପକ୍ଷୀ, କୀଟ, ପତଙ୍ଗ, ଜଳଚର ଜୀବ ଆଦି ବାସହରା, ଖାଦ୍ୟହରା ଓ ନିଃସହାୟ ଅବସ୍ଥାରେ ନିଜର ଅନ୍ତିମ ପର୍ଯ୍ୟାୟ ଗଣନା ଆରମ୍ଭ କରୁଛନ୍ତି। ଏଇ ଆମମାନଙ୍କ କଥା ନଜରକୁ ଆଣନ୍ତୁନା ଆମେମାନେ ଆଜି କେତେ ବେସାହାରା। ବାସନାହିଁ ବୋଲି ଲୁଚିଲୁଚି ବୁଲୁଛେ। ସେଥିରେ ମଧ୍ୟ ବିଭିନ୍ନ ପ୍ରତିବନ୍ଧକ। କେଉଁଠରେ କୁକୁର ପଲ ଆକ୍ରମଣ କଲେଣିତ କେଉଁଠାରେ ମଣଷ ଠେଙ୍ଗା, ବାଡ଼ି ଓ ମାରଣା ଅସ୍ତ୍ରଧରି ଆକ୍ରମଣ କରୁଛନ୍ତି, ପ୍ରକୃତରେ ଏ କୁକୁର ଜାତିଟା ଭାରି ସୁଖି। ଏଇ ଦେଖୁନ ଗୋଟିଏ ପଟେ ମଣିଷ ଆମକୁ ଦୂର୍‌ଦୂର୍ ମାର୍‌ମାର୍ କଲାବେଳେ ଆରପଟେ କୁକୁର ଜାତିଟାକୁ କେତେ ସ୍ନେହ ଆଦର କରୁଛି। ତା'ର ଖାଇବା, ଶୋଇବା, ରହିବା ଓ ଗାଧୋଇ ଦେବା ଆଦି କେତେ ଯତ୍ନରେ କରୁଛି। ଅବଶ୍ୟ କୁକୁରର ଉପକାର ମଣିଷ ପ୍ରତି ଯଥେଷ୍ଟ ରହିଛି। ହେଲେ ଆମେମାନେ ତ ତା'ର କିଛି କ୍ଷତି କରୁନାହୁଁ। ଆଉ ଆହାର କଥା ନ କହିଲେ ଭଲ। ବିଲ, ବାଡ଼ି, କ୍ଷେତ, ଖମାର ଓ ନଦୀକୂଳ ଆଦି ବୁଲିବୁଲି ମାଛ, କଙ୍କଡ଼ା, ଗେଣ୍ଡା ଓ ସାମୁକା ଆଦି ମାରିଖାଇ ଆମେ ଆମର ପେଟ ପାଟଣା କରୁଥିଲୁ। ମାତ୍ର ଆଜିର ମଣିଷ ଆଧୁନିକ ବୈଜ୍ଞାନିକ ପ୍ରଣାଳୀ ଚାଷକୁ ଆପଣେଇ ଅଳ୍ପ ଜମିରେ ଅଧିକ ଫଳ, ଶଷ୍ୟ ଉତ୍ପନ କରିବା ପାଇଁ ବିଭିନ୍ନ ରାସାୟନିକ ସାର ଓ ଔଷଧ ପ୍ରୟୋଗ କଲା। ଫଳସ୍ୱରୂପ ଚାଷ ତ ଭଲ ହେଲା, ମାତ୍ର ଆମମାନଙ୍କ ଦାନା ପାଣି ଧ୍ୱଂସ ହୋଇଗଲା। ମଣିଷର ଖାଦ୍ୟ ସମସ୍ୟା ଦୂର ହେଲାବେଳକୁ ଆମେମାନେ ଖାଦ୍ୟ ପାଇଁ ଡହଳବିକଳ ହେଉଛୁ। ବର୍ତ୍ତମାନର ସରକାର ସମସ୍ତ ଜୀବଜନ୍ତୁଙ୍କ ଥଇଥାନ ପାଇଁ ବ୍ୟବସ୍ଥା କରୁଥିଲାବେଳେ, ଆମମାନଙ୍କ ପାଇଁ କିଛି ବି ବ୍ୟବସ୍ଥା ନାହିଁ। ଏଣୁ ଏ ସ୍ଥାନ ଆମର ପରିତ୍ୟାଗ କରିବା ଉଚିତ୍ ହେବ।

ଏସବୁ ଯୁକ୍ତିଯୁକ୍ତ ପ୍ରାସଙ୍ଗିକ କଥାର ଜବାବରେ ଚୂନି ଶୃଗାଳ ନିଜର କିଛି ବକ୍ତବ୍ୟ ରଖିଲା। ସେ କହିଲା ଆଉ ଏ ଅକଥନୀୟ ଅତ୍ୟାଚାର ମଣିଷର କେତେଦିନ। ସେ ସଦାସର୍ବଦା ଯେଉଁ କାର୍ଯ୍ୟ କରୁଛି, ତାହା ପ୍ରକୃତି ଓ ପରିବେଶର ସଂପୂର୍ଣ୍ଣ ଅନ୍ତରାୟ ହୋଇ ଦଣ୍ଡାୟମାନ ହେଉଛି। ପରିବେଶ ସନ୍ତୁଳନ ସଂପୂର୍ଣ୍ଣ ଧ୍ୱଂସ ହେଉଛି। ବଣ ଜଙ୍ଗଲ ଲୋପ କରୁଛି। ପାହାଡ଼ ପର୍ବତ ତାଡ଼ି ଧ୍ୱଂସ୍ତ ବିଧ୍ୱଂସ୍ତ କରୁଛି। ନଦୀ, ନାଳ ଆଦିର ପ୍ରାକୃତିକ ଗତିର ଧାରାକୁ ଗତିରୋଧ କରି ତା'ର ଗତାନୁଗତିକ ପଥକୁ ପରିବର୍ତ୍ତନ କରୁଛି। ଯେତେବେଳେ ଶିଳ୍ପ କାରଖାନା ଆଦି ନିର୍ବାଣ କରୁଛି, ସେଥିରୁ ନିର୍ଗତ ବିଷାକ୍ତ ଜଳ, ବାଷ୍ପ ଓ ବର୍ଯ୍ୟବସ୍ତୁ ଆଦି ଜମା ହୋଇ ପରିବେଶକୁ ନଷ୍ଟ କରୁଛି। ଏସବୁ ସଂପୂର୍ଣ୍ଣ ଜୀବଜଗତକୁ ଧ୍ୱଂସଆଡ଼କୁ ଟାଣିନେଉଛି। ନଦୀ, ହ୍ରଦ ଓ ସମୁଦ୍ରଜଳ ବିଷାକ୍ତ ହେଉଛି। ବାୟୁମଣ୍ଡଳ ଦୂଷିତ ହେଉଛି। ଫଳସ୍ୱରୂପ ବିଭିନ୍ନ ପ୍ରକାର ଦୂରାରୋଗ୍ୟ ରୋଗର ଶିକାର ମାନବଜାତି ହେଉଛି। ଏ ସବୁତ ଗଲା ଗୌଣକଥା। ମୁଖ୍ୟ କଥା ହେଲା ସେ ଆଜି ବିଜ୍ଞାନର ଉତ୍କର୍ଷତାକୁ ନେଇ ଯେଉଁସବୁ କ୍ଷେପଣାସ୍ତ୍ର, ହାଇଡ୍ରୋଜେନ୍ ବମ୍, ପରମାଣୁ ବମ୍ ଓ ଯୁଦ୍ଧାସ୍ତ୍ରବାହୀ ସମ୍ବେଦନ ଉପଗ୍ରହମାନ ନିର୍ମାଣ କରିଛି, ତାହାହିଁ ତା'ର ବିଲୟର କାରଣ ହେବ। ପରସ୍ପର ପ୍ରତି ହିଂସା, ପ୍ରତିଯୋଗୀତା ଓ କ୍ଷମତାର ପ୍ରଲୋଭନ ତାକୁ ଅତି ସହଜରେ ଏ ଦିଗରେ ଆଗକୁ ନେଇଯିବ। ଏଥିରୁ କେହି ତା'କୁ ନିବୃତ୍ତ କରିପାରିବେ ନାହିଁ। ଏଣୁ ସତର୍କର ସହିତ ଆମକୁ ଏ ସ୍ଥାନ ପରିତ୍ୟାଗ କରିବାକୁ ପଡ଼ିବ।

ସବୁ ଶୁଣିସାରିବା ପରେ ସଭାପତି ସଲୁ ଶୃଗାଳ ଶେଷ ପର୍ଯ୍ୟାୟ ସମ୍ଭାଷଣ ଦେଲେ। ସେହ କହିଲେ, ମଣିଷର ଏ ସମସ୍ୟାର ସମାଧାନ ହେଉକି ନ ହେଉ କିନ୍ତୁ ଆମେମାନେ ବଞ୍ଚିରହିବା ପାଇଁ ଓ ଆମ ଜାତିକୁ ବଞ୍ଚାଇବା ପାଇଁ ଜୀବନ ସଂଗ୍ରାମ କରିବା। ପ୍ରକୃତି ଓ ପରିବେଶକୁ ବଞ୍ଚାଇବା ପାଇଁ ସବୁମତେ ଶତ ପ୍ରତିଶତ ଚେଷ୍ଟା କରିବା। ତାହାହେଲେ ଆମେ ପୃଥିବୀ ବକ୍ଷରେ ଆମର ଉପସ୍ଥିତି ରକ୍ଷାକରିପାରିବା। ପଳାୟନ ପନ୍ଥା ସମାଧାନର ପନ୍ଥା ନୁହେଁ। ତଥାପି ବର୍ତ୍ତମାନ ପରିସ୍ଥିତିରେ ସ୍ଥାନପରିବର୍ତ୍ତନ ଅନିବାର୍ଯ୍ୟ। କିନ୍ତୁ ସଂଗ୍ରାମ ଏହିପରି ଆମର ଜାରି ରହିବ। ସମସ୍ତଙ୍କୁ ଧନ୍ୟବାଦ୍ ସହ ସଭାପତି ସଭାସଙ୍ଗ କଲେ। ସମସ୍ତ ଶୃଗଳ ହୁକେହୋ ରାବ ଦେଇ କିଛିକ୍ଷଣ ମଧ୍ୟରେ ସେହି ସ୍ଥାନ ପରିତ୍ୟାଗ କରି ଚାଲିଗଲେ ଏକ ନୂତନ ସ୍ଥାନର ଅନ୍ୱେଷଣରେ। କିଟିମିଟିଆ ଅନ୍ଧାର ମଧ୍ୟରେ ହଜିଗଲେ ସେହି ଦୁହୁଡ଼ିପ୍ରାୟ ଜଳୁଥିବା ଚକ୍ଷୁଗୁଡ଼ିକ। ସ୍ଥାନଟି ସଂପୂର୍ଣ୍ଣ ନିସ୍ତବ୍ଧ ହୋଇଗଲା।

ପରିଜା ଲାଇବ୍ରେରୀ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର
ମୋ: ୮୦୯୩୬୯୬୦୧୩

# କବି ସଚ୍ଚିଦାନନ୍ଦ ରାଉତରାୟ

◆ **ପ୍ରଫେସର ବାଉରୀବନ୍ଧୁ କର**

ଚଳିତ ଶତକର ଅନ୍ୟତମ ବିଶିଷ୍ଟ କବି ଭାବରେ ସଚ୍ଚିଦାନନ୍ଦ ରାଉତରାୟଙ୍କ କୀର୍ତ୍ତି ସୁବିଦିତ। ସେ ପାଠକମାନଙ୍କ ନିକଟରେ ଶ୍ରଦ୍ଧାରେ ସଚ୍ଚି ରାଉତରାୟଙ୍କ ନାମରେ ସୁପରିଚିତ। ସେ ହେଉଛନ୍ତି ଆଧୁନିକ ଓଡ଼ିଆ କବିତାର ପ୍ରାଣ ପ୍ରତିଷ୍ଠାତା ପିତୃ ପୁରୁଷ। ଓଡ଼ିଆ କାବ୍ୟ ଜଗତରେ ସେ ଜଣେ ବିବଦମାନ ବ୍ୟକ୍ତିତ୍ୱ। ତାଙ୍କର କାବ୍ୟ-କବିତା ଓ ବ୍ୟକ୍ତିତ୍ୱକୁ କେନ୍ଦ୍ରକରି ବହୁ ବିତର୍କର ସୂତ୍ରପାତ ହୋଇଛି ଓଡ଼ିଆ ସାହିତ୍ୟରେ। ସେ ହେଉଛନ୍ତି ଆଧୁନିକ ଓଡ଼ିଆ କବିତାର ଗୁରୁ ଦ୍ରୋଣାଚାର୍ଯ୍ୟ। ଯେକେହି ଆଧୁନିକ ଓଡ଼ିଆ କବିତା ରଚନା କରିଛି ତାଙ୍କୁ ମାଟିର ଦ୍ରୋଣ ରୂପରେ ସେ ଗ୍ରହଣ କରି ନେଇଛି। ଆଧୁନିକ ଓଡ଼ିଆ କବିତାର ଇତିହାସକୁ କେତେକ ସଚ୍ଚି ରାଉତରାୟଙ୍କ କବି ଜୀବନର ଇତିହାସ କହିବାକୁ ସଂକୋଚବୋଧ କରନ୍ତି ନାହିଁ। ପୁଣି କେତେକ ଆଲୋଚକ ତାଙ୍କୁ ଓଡ଼ିଆ କବିତାରେ ପାଶ୍ଚାତ୍ୟ ଭାବଚେତନାର ପ୍ରବେଶ ପାଇଁ ଦାୟୀ କରନ୍ତି। ଏପରିକି ତାଙ୍କ କବିତା ପଢ଼ିଲେ କୁଆଡ଼େ ବଙ୍ଗଳା କବିତାର ସ୍ୱର ଶୁଣିବାକୁ ମିଳେ ବୋଲି କେତେ ସମୀକ୍ଷକ ଅଭିଯୋଗ କରନ୍ତି। ତାଙ୍କ ସମ୍ପର୍କରେ ଏତେ ଅଭିମତ, ଏତେ ଅନୁକୂଳ ଓ ପ୍ରତିକୂଳ ସମାଲୋଚନା ସତ୍ତ୍ୱେ, ତାଙ୍କୁ ସମସ୍ତେ ଆଧୁନିକ ଓଡ଼ିଆ କବିତାର ବିରାଟ ବିସ୍ମୟ ଓ ଶକ୍ତିଶାଳୀ କବିରୂପେ ଗ୍ରହଣ କରି ନେଇଛନ୍ତି। ତାଙ୍କର ଓଡ଼ିଆ କବିତା ସମ୍ପର୍କରେ ଆଲୋଚନା ପୂର୍ବ ଡକ୍ଟର ଦାଶରଥି ଦାସ କହନ୍ତି, "ଶଙ୍ଖରେ 'ପ୍ରତିମା ନାୟକ' ଓ ଡଗରରେ 'ଶ୍ରୀ ଚିନ୍ତାମଣି ମହାନ୍ତି' ଆଦି କବିତାର ପ୍ରକାଶନ ସଙ୍ଗେ ସଙ୍ଗେ ୧୯୩୫ ଖ୍ରୀଷ୍ଟାବ୍ଦରୁ ଆଧୁନିକ ଓଡ଼ିଆ କବିତା ଜନ୍ମ ଘେନିଛି। ପାଣ୍ଡୁଲିପି (୧୯୪୭)ରେ ନାନ୍ଦୀମୁଖରେ ଶୁଣାଯାଇଛି ତା'ର ପ୍ରଥମ ନାନ୍ଦୀପାଠ। ଆଧୁନିକ ଓଡ଼ିଆ କବିତାର ପ୍ରାଣ ପ୍ରତିଷ୍ଠାତା ପିତୃପୁରୁଷ ହେଉଛନ୍ତ କବି ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ। କବି ଶ୍ରୀ ରାଉତରାୟଙ୍କ ବ୍ୟକ୍ତିତ୍ୱ ବଡ଼ ଜୀବନ୍ତ, ନିରଳସ ଓ ସମୁଦ୍ୟତ।' (ଆଧୁନିକ କାବ୍ୟ ଜିଜ୍ଞାସା : ଚିତ୍ରକଳ୍ପ - (୧୯୯୧) - ଦ୍ୱିତୀୟ ସଂସ୍କରଣ, ପୃଷ୍ଠା-୩୩୫)

ଆଧୁନିକ ଓଡ଼ିଆ କବିତାର ଏହି ବରେଣ୍ୟ ସାଧକ ସଚ୍ଚି ରାଉତରାୟଙ୍କର ୧୯୧୬ ମସିହା ଖୋର୍ଦ୍ଧା ନିକଟବର୍ତ୍ତୀ ଗୁରୁଜଙ୍ଗ ଗ୍ରାମରେ ଜନ୍ମ। ସେ କଲିକତାରୁ ମାଟ୍ରିକ୍, ଆଇ.ଏ. ଏବଂ ରେଭେନ୍ସା କଲେଜରୁ ସ୍ନାତକ ଶିକ୍ଷା ଲାଭ କରନ୍ତି। ସେ ଭାରତର ସ୍ୱାଧୀନତା ସଂଗ୍ରାମ, ଛାତ୍ର ଆନ୍ଦୋଳନ, କୃଷକ ଆନ୍ଦୋଳନ ଏବଂ ଗଡ଼ଜାତ ପ୍ରଜା ଆନ୍ଦୋଳନରେ ଭାଗନେଇ ଏକାଧିକଥର କାରାବରଣ କରିଛନ୍ତି। ସେ ଏକାଧାରାରେ ଜଣେ କବି, ଗାଳ୍ପିକ, ଔପନ୍ୟାସିକ, ସାହିତ୍ୟ ସମୀକ୍ଷକ ଓ ସମ୍ପାଦକ। ତାଙ୍କର ରଚନାବଳୀ ମଧ୍ୟରେ 'ବାଜିରାଉତ', 'ପାଣ୍ଡୁଲିପି', 'ପଲ୍ଲୀଶ୍ରୀ', 'ଭାନୁମତୀର ଦେଶ', 'ହସ୍ତନ', 'କବିତା-୧୯୬୨', 'କବିତା-ବ୯୬୯', 'ମଶାଣିର ଫୁଲ', 'ମାଟିର ତାଜ', 'ଚିତ୍ରଗ୍ରୀମ', 'ସାହିତ୍ୟରେ ମୂଲ୍ୟବୋଧ' ପ୍ରଭୃତି ପ୍ରଧାନ। ସେ ତାଙ୍କର ସାହିତ୍ୟିକ କୃତିତ୍ୱ ସକାଶେ ୧୯୬୨ ମସିହାରେ କେନ୍ଦ୍ରସାହିତ୍ୟ ଏକାଡେମୀ, ୧୯୮୬ ମସିହାରେ ଜ୍ଞାନପୀଠ, ୧୯୯୬ରେ ସାହିତ୍ୟ ଭାରତୀ ପୁରସ୍କାର ଲାଭ କରିଛନ୍ତି। ସେ ପଦ୍ମଶ୍ରୀ, ସମ୍ମାନ ସୂଚକ ଡକ୍ଟରେଟ୍ ଓ ଉତ୍କଳ ରତ୍ନ ପ୍ରଭୃତି ଆଳଙ୍କାରିକ ଉପାଧି ମଧ୍ୟ ପାଇଛନ୍ତି। ସେ ଇହଲୋକରୁ ୨୦୦୪ ମସିହାରେ ବିଦାୟ ନିଅନ୍ତି।

ସଚ୍ଚିଦାନନ୍ଦ ରାଉତରାୟ ଜୀବନ ବ୍ୟାପୀ କବିତାରେ ନୂତନ ପରୀକ୍ଷା କରିଛନ୍ତି। ସେ ଜୀବନ ସାରା କବିତା ବିଭିନ୍ନ ବାଗରେ, ବିଭିନ୍ନ ଢ଼ଙ୍ଗରେ ଓ ବିଭିନ୍ନ ପ୍ରକାରେ ଲେଖିଛନ୍ତି। ଏ ସମ୍ପର୍କରେ ସେ କହନ୍ତି, "ମୁଁ ସମଗ୍ର ଜୀବନର କବି। କେବଳ ଗୋଟିଏ ନିର୍ଦ୍ଦିଷ୍ଟ ଭାବଧାରା ବା ଦୃଷ୍ଟିକୋଣ ଭିତରେ ମୁଁ ବନ୍ଦୀ ରହିବାକୁ ଚାହେଁନାହିଁ। ସମଗ୍ର ଜୀବନ ଓ ସମଗ୍ର ପୃଥିବୀ ହିଁ ମୋର କାବ୍ୟିକ ପୃଷ୍ଠପଟ, ଖାଲି ବିପ୍ଳବ ବା ଆନ୍ଦୋଳନ ନୁହେଁ।"(ସମାଜ-ତା ୨୯.୦୮.୯୧ରିଖ) ସେ ଭଲ ଭାବରେ ବୁଝିଛନ୍ତି "ଚାଲିବାଟା ଏକ ସତ୍ୟ

ଜୀବନେ।" ସେଥିପାଇଁ ସେ ଜୀବନର ତରୁଣ ଅବସ୍ଥାରେ ଦେଶାତ୍ମବୋଧ କବିତା ରଚନା କରୁକରୁ ଆକସ୍ମିକ ଭାବେ ବାସ୍ତବବାଦୀ କବିତାରେ ହାତ ଦେଇଛନ୍ତି। ପୁନଶ୍ଚ ପ୍ରଗତିଶୀଳ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ହୋଇ ବାମପନ୍ଥୀ ଆଭିମୁଖ୍ୟଧର୍ମୀ କବିତା ଲେଖୁ ଲେଖୁ ଇଲିୟଟ୍, ଏଜରା ପାଉଣ୍ଡଙ୍କ ଭକ୍ତ ହୋଇ ପାଶ୍ଚାତ୍ୟ ଚିନ୍ତା-ଚେତନା ଭିତ୍ତିକ କବିତା ଲେଖିଛନ୍ତି। ସେ ନାନାପ୍ରକାରେ ସରଳ, ଜଟିଳ, ସୁବୋଧ, ଦୁର୍ବୋଧ, ଅବୋଧ - ସବୁ କିସମର କବିତା ରଚନାରେ ପାରଙ୍ଗମ। ସେ ତାଙ୍କର ପ୍ରଥମ ଗ୍ରନ୍ଥ ପାଥେୟ (୧୯୩୧)ରୁ ଏଯାବତ୍ ପ୍ରାୟ ସତୁରୀ ବର୍ଷଧରି ଓଡ଼ିଆ କବିତାର ଅଗ୍ରଗଣ୍ୟ କବିରୂପେ ଏବେସୁଦ୍ଧା ସେ ବିଖ୍ୟାତ। ସେ କବିତାରେ ସର୍ବତ୍ର ଆପଣାର ସ୍ୱକୀୟତା ପ୍ରକାଶ କରିଛନ୍ତି। ସେ ଆପଣାର ସ୍ୱାତନ୍ତ୍ୟ ବିଷୟରେ ଏତେ ସଚେତନ ଯେ ସେ ତାହାଙ୍କ 'ରାଜଜେମା' କବିତାରେ ଲେଖିଛନ୍ତି,

"ମୁଁ ସଚ୍ଚି ରାଉତରା
'ନୁହେଁ ଟାଗୋର ବା ଶେଲୀ)
ମୁଁ ଏଇ ମାଟିର ଧରା ଆଉ ଆକାଶର କବି
କାମ ନୁହେଁ ମୋ ଖାଲି ଆଙ୍କିବା କାଗଜରେ ଛବି।
ପେଶାଦାର ଗାୟକ ମୁଁ ନୁହଁ
ତୁମେ ମୋର ଛାପା ବହି ଯେତେବେଳେ ଛୁଅଁ
ଛୁଅଁ ନୂଆ ମଣିଷର ଛାତି
ଏଇ ପୃଥିବୀର ସବୁ ମଣିଷ ଜାତି
ତାର ପ୍ରତିଟି ଖବର ରୂପପାଏ କବିତାରେ ମୋର।"

ଏଥିରୁ କବିଙ୍କ ସ୍ୱାତନ୍ତ୍ୟ, ଜୀବନ ଓ ଜଗତ ପ୍ରତି ନୂତନ ଦୃଷ୍ଟିକୋଣ ତଥା ଉଦାର ମାନବିକ ଭାବନା ସହଜରେ ବୁଝାପଡ଼େ। ବିପୁଳା ପୃଥ୍ୱୀରେ ପ୍ରତି ମୁହୂର୍ତ୍ତରେ ଘଟୁଥିବା ପରିବର୍ତ୍ତନ ଓ ଜୀବନର ସୁମହତ୍ ସମ୍ଭାବନାକୁ ସେ ତାଙ୍କ କବିତାରେ ଗୁରୁତ୍ୱ ଦେଇଛନ୍ତି।

ସଚ୍ଚି ରାଉତରାୟ ତାଙ୍କ କାବ୍ୟ ଜୀବନ ଆରମ୍ଭରେ ପଲ୍ଲୀ ପ୍ରକୃତି, ରହସ୍ୟମୟ ଜୀବନ ଓ ରୋମାଣ୍ଟିକ ଭାବେ ଚେତନାରେ ବିଶ୍ୱାସୀ ଥିଲେ। ତାଙ୍କର 'ପାଥେୟ' କବିତା ଗ୍ରନ୍ଥର ଅନେକ କବିତାରେ ଏହି ସ୍ୱର ସ୍ପଷ୍ଟ ଶୁଣିହୁଏ। ତାଙ୍କର ରହସ୍ୟବାଦୀ କାବ୍ୟ ଭାବନା ପାଥେୟର ୪୪ ସନେଟ୍‌ରେ ଏହିପରି ପ୍ରତିଫଳିତ।

"ନିଖିଳର ମେଷ ପଲେ ମୁହିଁ ଏକ ମେଷ
ଗୋଠ ଛାଡ଼ି ଏଣେ ତେଣେ ବୁଲେ କେତେ ଦେଶ
ଶୁଣି ନାହିଁ ବଂଶୀସ୍ୱନ, ରଖୁଆଳ ଡାକ
ବୁଲି ଅଛି ଖାଲ, ବିଲ, କେତେ ପଥ ବାଙ୍କ।"

ପାଥେୟର କବିତାମାନଙ୍କରେ ରୋମାଣ୍ଟିକ ଶିଳ୍ପୀର ଯେଉଁ ରହସ୍ୟବାଦୀ ଚେତନା ୧୯୩୧ ମସିହାରେ 'ପଲ୍ଲୀଶ୍ରୀ', 'ହସନ୍ତ', 'ବାଜିରାଉତ', 'ପାଣ୍ଡୁଲିପି', 'ଭାନୁମତୀର ଦେଶ' ରଚନା ବେଳକୁ ଭିନ୍ନ ମୋଡ଼ ନେଇଥିଲା। ବିଶେଷକରି ପଲ୍ଲୀଶ୍ରୀ ତାଙ୍କ କବି ଜୀବନର ଏକ ବ୍ୟତିକ୍ରମ। ପଲ୍ଲୀଶ୍ରୀର କବିତାଗୁଡ଼ିକ ଭିତରେ ଓଡ଼ିଶାର ପଲ୍ଲୀ ଜୀବନର ଦୁଃଖ-ଦୁର୍ବିପାକ, ସାମାଜିକ ବିପର୍ଯ୍ୟୟ, କୁସଂସ୍କାର, ଶୋଷଣର ଚିତ୍ର ସୁଲଭ। ପଲ୍ଲୀର ଭଲମନ୍ଦ ସହ ଏହି କବିତାମାନଙ୍କରେ କବି ନିଜକୁ ଏକାତ୍ମ କରି ନେଇଛନ୍ତି ଏହି କବିତାଗୁଡ଼ିକରେ। ଏ ଗ୍ରନ୍ଥ ସମ୍ପର୍କରେ କବି କହନ୍ତି, "ଓଡ଼ିଶାର ପଲ୍ଲୀ ଜୀବନର ସୌନ୍ଦର୍ଯ୍ୟ, ସ୍ୱବିରୋଧ ଓ ବ୍ୟକ୍ତିତ୍ୱବୋଧକୁ ନେଇ ପଲ୍ଲୀଶ୍ରୀ ରଚିତ।" କବି ପଲ୍ଲୀର ପ୍ରଥାସିଦ୍ଧ ଚଳଣି, ପ୍ରକୃତି, ପରମ୍ପରା, ଅଲୀଅଳ ପଲ୍ଲୀବାଳାମାନଙ୍କର ସ୍ୱଭାବ, ଗ୍ରାମ ଜୀବନର ଛବି, ପଲ୍ଲୀର ଜୀବନଗତ ଜଟିଳ ସମସ୍ୟା ଇତ୍ୟାଦିକୁ ଚମତ୍କାର ଭାବରେ ପଲ୍ଲୀଶ୍ରୀରେ ଆଙ୍କିଛନ୍ତି। 'ପଲ୍ଲୀସକାଳ', 'ପଲ୍ଲୀସଞ୍ଜ', 'ଛୋଟ ମୋର ଗାଆଁଟି', 'ପହିଲି ରଜ', 'ବାପା ବାପା ପକାଇଲା ହୁରି' ପ୍ରଭୃତି କବିତା କବିଙ୍କ ପଲ୍ଲୀପ୍ରାଣରେ ସାର୍ଥକ ଅଭିବ୍ୟକ୍ତି। କବି ଗାଆଁର ଛୋଟ ବଡ଼ ସବୁ ପ୍ରସଙ୍ଗ ଏପରିକି ଗାଆଁ ମୁଣ୍ଡରେ ଥିବା ଶ୍ମଶାନ ବର୍ଣ୍ଣନାରେ ମଧ୍ୟ ଆପଣାର ସୌନ୍ଦର୍ଯ୍ୟବୋଧର ପରିଚୟ ଦେଇଛନ୍ତି। କବିଙ୍କ ପଲ୍ଲୀ ପ୍ରୀତି ଅପୂର୍ବ ଏବଂ ସେ ପଲ୍ଲୀକୁ ପ୍ରାଣ ଦେଇ ଭଲ ପାଇଛନ୍ତି। ସେ ପଲ୍ଲୀଜୀବନ ଓ ନଗର ସଭ୍ୟତାର ଏକ ତୁଳନାତ୍ମକ ଚିତ୍ର ଅଙ୍କନ କରିଛନ୍ତି 'ଭାନୁମତୀର ଦେଶ' ଗ୍ରନ୍ଥରେ। ସେ ଏଥିରେ ସହର ଅପେକ୍ଷା ପଲ୍ଲୀକୁ ଢ଼େର ଗୁରୁତ୍ୱ ଦେଇଛନ୍ତି। ତାଙ୍କର ସହର ପ୍ରତି ରହିଥିବା ଘୃଣା ଭାବ ଏହି କବିତାରେ ପ୍ରତିପଳିତ। 'ଭାନୁମତୀର ଦେଶ'

ର କାବ୍ୟ ନାୟକ ମୁଖରେ ଏହା ପରପ୍ରକାଶ ବେଶ୍ ପ୍ରାଞ୍ଜଳ।

"ମୁଁ ସହରକୁ ଘୃଣା କରେ
ମୁଁ ଘୃଣାକରେ ସେଇ ଇଟା, ମାଟି, ଲୁହା ଆଉ
କଂକ୍ରିଟ୍‌ର ଧୂସର ଜଗତକୁ।
ଗ୍ରାମର ଏଇ ନାଲିମାଟିର ସଡ଼କ
ଏଇ ସରୁ ସରୁ ଗ୍ରାମ, ବିଲ୍,
ଏଇ ପାହାଡ଼, ନଦୀ, ବନ,
ଗେରୁଆ ରଙ୍ଗର ଶୀତ ସକାଳର
କୁହୁଡ଼ି ଆଉ ସାୟାହ୍ନ
ଏଇ ହେଉଛି ମୋର ନିଜର
ସ୍ୱକୀୟ ପରିପ୍ରେକ୍ଷୀ
ମୁଁ ଏହି ପଲ୍ଲୀ ଆକାଶର ପକ୍ଷୀ
ସହରର ସେହି ଆଲକାତରା ଢ଼ଳା ପିଚ୍ ରାସ୍ତା ସଙ୍ଗେ
ମୋ ପାଦର ଛନ୍ଦ ଭାଙ୍ଗେ।'

କବିଙ୍କ କାବ୍ୟଚିନ୍ତା 'ପାଣ୍ଡୁଲିପି'ରେ ପାଶ୍ଚାତ୍ୟ କାବ୍ୟଧାରାକୁ ଅନେକାଂଶରେ ଅନୁସରଣ କରିଛି। କବି ଏଥିରେ ରୋମାଣ୍ଟିକ କବିଙ୍କ ପରି ଅଲୌକିକ ଇଲାକାର ସୌନ୍ଦର୍ଯ୍ୟ ପିପାସୁ ନୁହନ୍ତି, ବରଂ ଏ ଜଗତର ସୁନ୍ଦର, କୁତ୍ସିତ, ଘୃଣ୍ୟ, ମ୍ଳାନ ସବୁକିଛି ତାଙ୍କ କବିତାର ପରିସରଭୁକ୍ତ। ଏଥିପାଇଁ ସେ କହନ୍ତି,

"ଏ ଜଗତେ ଯାହା ମ୍ଳାନ, ଯାହା ଘୃଣ୍ୟ, ଯା ଅସମାପିକା
ଆଜି ତାରେ ବିଞ୍ଚିନିଏ ନିଜ ଘରେ ସେ ମୋର ପ୍ରେମିକା।"

ଯନ୍ତ୍ରଣା, ମୋହଭଙ୍ଗ, ଏକାକୀତ୍ୱବୋଧ ଆଜି ଯେ ମଣିଷକୁ ଏକାବେଳେକେ ଗ୍ରାସ କରିଛି କବି ତାଙ୍କ କବିତାରେ ପାଠକକୁ ଭଲରୂପେ ବୁଝାଇ ଦେଇଛନ୍ତି। ଅବଶ୍ୟ କବି ଏଭଳି ମଣିଷଙ୍କ ପକ୍ଷ ସମର୍ଥନ କରିଛନ୍ତି। ନିଷ୍ଠୁର ବାସ୍ତବ ଜୀବନକୁ ସାମ୍ନାକରି ଯନ୍ତ୍ରଣାରେ ଜୁଡୁବୁଡୁ ହୋଇ ବଞ୍ଚୁଥିବା ମଣିଷ ଯେ କବିଙ୍କର ଅତି ଆପଣାର ସେ ବାରମ୍ବାର ପାଣ୍ଡୁଲିପିର କବିତାଗୁଡ଼ିକରେ ସୂଚାଇଛନ୍ତି। ଏପରିକି କବିଙ୍କ କାବ୍ୟ ନାୟିକା ସୁଦ୍ଧା ନିଷ୍ଠୁର ବାସ୍ତବତାକୁ ସ୍ୱୀକାର କରିବାକୁ ବିମୁଖ ନୁହେଁ। ଏ ସମ୍ପର୍କରେ କବିଙ୍କ 'ପ୍ରତିମା ନାୟକ' କବିତାଟି ସ୍ମରଣୀୟ। ଏହି କବିତାରେ ନିଷ୍ଠୁର ବାସ୍ତବତା ଭିତରେ ନାରୀର ଆଶା-ବାସନା ଓ ବ୍ୟବସ୍ଥିତ ଭାବେ ବଞ୍ଚିବାର ସ୍ୱପ୍ନ କିଭଳି ବିଡ଼ମ୍ବିତ ତାହାକୁ କବି ଚିତ୍ରକଳ୍ପ ଦ୍ୱାରା ଏହି କବିତାରେ ଆମକୁ ବୁଝାଇ ଦେଇଛନ୍ତି। ଏଠାରେ ସେଇ କବିତାର କିୟଦଂଶ ଉଦ୍ଧାର କରାଯାଇପାରେ।

"ଆକାଶର ଫିକା ଜହ୍ନ - ସାବୁନ୍‌ର ଫେଣ ପରି ସଫା
ଆଲୁଅ ଓ ଅନ୍ଧାରର ମଧ୍ୟେ ସେ ଯେ କରିଅଛି ରଫା।
ବହୁଦୂରେ ଯନ୍ତ୍ରଣାରେ ଚିମ୍‌ନୀଟା କାଶେ ନିଜେ ଛାଏଁ,
ଧାନସିଡ଼ି ନଦୀ ଟପି ସକାଳର ଡାକଗାଡ଼ି ଧାଏଁ।
ପଢ଼ିଅଛି କବିତାରେ ଏତେବେଳେ କାନ୍ଦେ ଚକ୍ରବାକ,
ହଠାତ୍ ଯେ ଦେଖା ହେଲା ବହୁଦିନେ ପ୍ରତିମା ନାୟକ।"

ପୁଣି,

"ପ୍ରତିମା ନାୟକ ହସେ, ଓଠେ ତା'ର ସ୍ୱପ୍ନର ଆଭାସ।
ମୁହଁରେ ଖାକୀର ହସ, ଆଖିରେ ତା' ରାତିର ଇସାରା
ଦୁଇପାଖେ ଦ୍ରୁତବନ, ଗତିବାନ ନକ୍ଷତ୍ରର ଧାରା।
ଆହା! ହସୁ ହସୁ ପ୍ରତିମା ନାୟକ।
ଅଞ୍ଚଳ ତା ନାଇ ଦେହେ, ଦେଖିଅଛି ଖାକୀର ପୋଷାକ।"

କବି ସଚ୍ଚି ରାଉତରାୟ ପରିବର୍ତ୍ତନ ପଥରେ ଗତି କରିବାରେ ଆନନ୍ଦ ଅନୁଭବ କରନ୍ତି। ସେ କବିତା ୧୯୬୨, କବିତା ୧୯୬୯, କବିତା ୧୯୭୧, କବିତା ୧୯୭୪ରେ ବାରମ୍ବାର ତାଙ୍କର କାବ୍ୟାଦର୍ଶକୁ ବଦଳାଇଛନ୍ତି। କବିତା ୧୯୬୨ରେ ଆଧୁନିକ ମଣିଷର କ୍ଳାନ୍ତି, ପାପବୋଧ, ବ୍ୟର୍ଥତା, ବିଚ୍ଛିନ୍ନତାବୋଧ ଓ ସାଂସ୍କୃତିକ ସଂକଟର ଚିତ୍ର ପରିଲକ୍ଷିତ। ଏହି ଗ୍ରନ୍ଥର କବିତାଗୁଡ଼ିକରେ ବାକ୍‌ରୀତି ସଂଗେ କାବ୍ୟିକ ରୀତିର ଅଦ୍ଭୁତ ସମନ୍ୱୟ ଘଟିଛି।

ଭାବବସ୍ତୁ ଦୃଷ୍ଟିରୁ କବିଙ୍କ କବିତାରେ ଯେପରି ନୂତନତା ଦେଖିବାକୁ ମିଳେ, ଶିଳ୍ପକଳା ଦୃଷ୍ଟିରୁ ମଧ୍ୟ ସେ କିଛି କମ୍ ନୂତନ ନୁହନ୍ତି। ସେ କାବ୍ୟିକ ଭାଷା ସହିତ ପ୍ରଚଳିତ କଥିତ ଭାଷାରେ ସମନ୍ୱୟ ସାଧନ କରିବାରେ ଜଣେ ପ୍ରସିଦ୍ଧ ଶିଳ୍ପୀ। ଏ ସମ୍ପର୍କରେ ସେ ଆପଣା ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇ 'କବିତା ୧୯୬୨' ଗ୍ରନ୍ଥରେ କହିଛନ୍ତି, "କାବ୍ୟିକ ଭାଷା ଓ କଥିତ ଭାଷା ମଧ୍ୟରେ

ଗୋଟିଏ ସମନ୍ୱୟ ଉପରେ ନୂତନ କବିତାର ଇମାରତ ଗଢ଼ିବାକୁ ହେବ। ସେଥିପାଇଁ ଆମକୁ କବିତାରେ ନିଛକ କାବ୍ୟିକ ଶବ୍ଦ ଓ ଆଭିଧାନିକ ଶବ୍ଦ ସବୁର ମୋହ ଯଥାସମ୍ଭବ କଟାଇ ନୂଆ ଚଳିତ ଓ ବ୍ୟଞ୍ଜନାପୂର୍ଣ୍ଣ ଶବ୍ଦ ସବୁ ବ୍ୟବହାର କରିବାକୁ ହେବ। ସାଧୁ, ତତ୍‌ସମ, ଆଭିଧାନିକ ଶବ୍ଦ ସବୁ ବର୍ଜନ କରି ଆମକୁ କାବ୍ୟ କବିତାରେ ବାକ୍‌ଭଙ୍ଗୀ ପ୍ରବର୍ତ୍ତନ କରିବାକୁ ପଡ଼ିବ। ଯେଉଁ କବିତା ବାକ୍‌ଭଙ୍ଗୀର ଯେତେ ନିକଟବର୍ତ୍ତୀ, ସେ କବିତା ସେତେ ହୃଦୟଗ୍ରାହୀ ଓ ପ୍ରାଣବନ୍ତ, ଏକଥା ସାରଳାଦାସଙ୍କ ଅମର କୃତିରୁ ସଂଗ୍ରହ କରାଯାଇପାରେ।" (କବିତା-୧୯୬୨, ପ୍ରଥମ ସଂସ୍କରଣ, ପୃଷ୍ଠା-୧୧୩) ସେ ମୁକ୍ତ ଛନ୍ଦ (Verse libre free Verse) କୁ ନୂତନ କବିତାର ପ୍ରଶସ୍ତ ଛନ୍ଦ ଭାବେ ଗ୍ରହଣ କରିଛନ୍ତି। ତାଙ୍କ କବିତାରେ ନୂଆ ନୂଆ ଚିତ୍ରକଳ୍ପ ପ୍ରୟୋଗରେ ସେ ଆପଣାର କୃତିତ୍ୱ ପ୍ରଦର୍ଶନ କରିଛନ୍ତି। ଆଧୁନିକ କବିତାର Melopeia, Phonopeia, Logopeia - to chant, sing, speak - କାବ୍ୟଶୈଳୀର ସାର୍ଥକ ପ୍ରୟୋଗ ତାଙ୍କ କବିତାରେ ହୋଇଛି କହିଲେ ଅଯଥାର୍ଥ ହେବନାହିଁ। ସେ ଧ୍ୱନି ପ୍ରଧାନ ଶବ୍ଦମାନଙ୍କୁ ବାରମ୍ବାର କବିତାରେ ବ୍ୟବହାର କରିବାରେ ଆପଣାର ନିପୁଣତା ଦେଖାଇଛନ୍ତି। କାବ୍ୟିକ ଲାଳିତ୍ୟ ପ୍ରକାଶରେ ଏ ଧରଣର ଶବ୍ଦମାନ ବିଶେଷ ସହାୟକ ମନେହୁଏ। ଏଠାରେ ତାଙ୍କରି ଧ୍ୱନି ନିର୍ଭର କେତୋଟି ପଦର ଦୃଷ୍ଟାନ୍ତ ଦେଖନ୍ତୁ, 'ସାଇଁ ସାଇଁ ବାଆ ଯହିଁ ଡାକଇ ବାହୁନି', 'ଜଳୁଥିଲା ଦୁକୁ ଦୁକୁ ଭୟାନକ, ଭୟାନକ ଅତି', 'ନଈ ପଠା ହସି ଉଠେ ଖିଲି ଖିଲି', 'ଦୁକୁ ଦୁକୁ ବୁକୁ ତଳେ' ଇତ୍ୟାଦି। ନୂତନ ଚିତ୍ରକଳ୍ପ ପ୍ରୟୋଗରେ ତାଙ୍କର ସିଦ୍ଧି ପ୍ରଶଂସନୀୟ। ଏଠାରେ ତାଙ୍କର ଦୁଇଟି ଚିତ୍ରକଳ୍ପକୁ ଦୃଷ୍ଟାନ୍ତ ରୂପେ ଗ୍ରହଣ କରାଯାଇପାରେ।

(୧) "ତଥାପି ଏ ଜୀବନର ବିଷୁବର ମୋଡ଼େ
ଅସଂଖ୍ୟ ମଧ୍ୟାହ୍ନ ଆଉ ଧାଡ଼ି ଧାଡ଼ି ମାର୍ତ୍ତଣ୍ଡର ଭିଡ଼େ
ଭଙ୍ଗାକାଚ, ପୋଡ଼ାଡିହ ଅବା ନାଗଫେଣୀ କରତର ଦାଢ଼େ
ଗୋଡ଼ରେ ଆଡ଼େଇ ଦେଇ ବେହୋସ ଦଉଡ଼େ।"

(୨) "ସ୍ଥିର ମନ, ପଦ୍ମଜଳ, ଡୁବୁଡୁବୁ ଜହ୍ନ
ଫାଙ୍କେ ଫାଙ୍କେ ପାଣିଚିଆ ଅନ୍ଧାରର ଥାକ
ଆକାଶର ଶୋକଛାୟା ସେ ଯେପରି
ଏକ ଅସମାପ୍ତ ଶୋକର ପୋଷାକ।"

କବି ରାଉତରାୟ ପ୍ରଚଳିତ, ଅପ୍ରଚଳିତ ଓଡ଼ିଆଶବ୍ଦ ସହିତ ବାହାର ଶବ୍ଦକୁ ଲଗାଇ ଚମତ୍କାର ପଦମାନ ରଚନା କରିପାରନ୍ତି। ଯେମିତି,

"ମସଲା ବୋଝେଇ ଅସଂଖ୍ୟ ଜାହାଜର ଯାଆ-
ଆସ

ଏଇ ଟ୍ରେନ୍‌ର ଲାଇନ୍ ଧରି, ଲୁହାର ସେତୁ ପହଁରି...।"

ତାଙ୍କ କବିତାରେ କେତେକ ନୂତନ ଶବ୍ଦ, ଏପରିକି ବିଶେଷଣ ପ୍ରୟୋଗରେ ମଧ୍ୟ ନୂତନତା ଦେଖିବାକୁ ମିଳେ। 'ଲୋମଶ ଉଚ୍ଛ୍ୱାସ', 'ଗୈରିକପଥ', 'ନିର୍ଜନ ଚାଷୀ', 'ଧୂସର ଶତାବ୍ଦୀ', 'ଶ୍ୟାମଳ ଅନ୍ତରୀପ', 'କଞ୍ଚାଦେହ', 'ଫେରି ପାଇଥିବା ପ୍ରେମ', 'ଶୀତ ସକାଳର କୁହୁଡ଼ି', 'ନେଁଥି ନେଁଥି ଜାମୁକୋଳି', 'ମୂକ ଚିତ୍ରିତ ମୁହୂର୍ତ୍ତ', 'ନିପାଣିଆ ଖରା', 'ଲୋହିତ ଗୋଧୂଳି', 'ମଇଳା ଆଲୁଅ', 'ଭୟାର୍ତ୍ତ ଠେକୁଆ', 'ଶଙ୍ଖନୀଡ଼' ପ୍ରଭୃତି ବିଶେଷଣ ବାସ୍ତବରେ କବିଙ୍କ ଅଦ୍ଭୁତ ସୃଜନୀ ଶକ୍ତିର ପରିଚାୟକ।

ଉଭୟ ଭାବବସ୍ତୁ ଓ ଶିଳ୍ପ ପ୍ରକରଣ ଦୃଷ୍ଟିରୁ ସଚ୍ଚି ରାଉତରାୟ ବିଂଶ ଶତକ ଓଡ଼ିଆ କବିତାରେ ଜଣେ ଶକ୍ତିଶାଳୀ କବି। ସାମ୍ପ୍ରତିକ ଓଡ଼ିଆ କବିତାକୁ ନୂଆ ମୋଡ଼ ଦେବାରେ ସେ ଜଣେ ଯଶସ୍ୱୀ ସାଧକ। କବିତାକୁ ପ୍ରଥାସିଦ୍ଧ ପରମ୍ପରାକୁ ଦୂରେଇ ନେଇ ଜନଗଣର ଭାଷାରେ ହୃଦୟଗ୍ରାହୀ କରିବାରେ ତାଙ୍କର ସାଧନା ପ୍ରଶଂସନୀୟ। ସେ ସାମ୍ପ୍ରତିକ କାଳର ବହୁକବିଙ୍କ ପାଇଁ ପ୍ରେରଣାର ଅସରନ୍ତି ଉତ୍ସ କହିଲେ ଅଯଥାର୍ଥ ହେବନାହିଁ।

ଅବସରପ୍ରାପ୍ତ ପ୍ରଫେସର
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, କପିଳ ପ୍ରସାଦ,
ଭୁବନେଶ୍ୱର

# ଅଧା ଅଧାରେ ଜୀବନ

◆ ମଧୁସ୍ମିତା ବେହେରା

'Bad news tranch first' ଏ କଥାଟା ଶୁଣିବାକୁ ଯେତେ ଜଲ୍‌ଦି ଜଲ୍‌ଦି ଲାଗୁଛି, ବାସ୍ତବରେ ସେତେ ଜଲ୍‌ଦି ବି ଦୁନିଆ ପାଖରେ ପହଞ୍ଚିଯାଏ.... ଏମିତି ଦୁଇଜଣ ଅଜଣା ପଥିକ କଥା ହୋଇ ଯାଉଥିଲେ, ଯାହାକୁ ସମର ଶୁଣି ଟିକେ ଅସ୍ତବ୍ୟସ୍ତ ହୋଇଗଲା। ଦିନ ଭିତରେ ଏମିତି ଅକୁହା ଭୟ ଜାଗିଉଠିଲା ସତେ ଯେମିତି କେତେ ଦିନରୁ ଏକ ଅନ୍ଧାରୀ ଘରେ ଲୁଚିରହିଥିବା ରହସ୍ୟ ଉପରେ କିଏ ଟିକେ ଆଲୁଅ ପକାଇ ଦେଲା। ସନୁ ଆଡ଼କୁ ଅନେଇ ସମର ସିଧା ଚାଲିଲା ନଦୀ ପାଖକୁ। ଜୀବନର ଏମିତି ଏକ ଛାଇକୁ କେହି ସମାଲୋଚନା କରିବା ପୂର୍ବରୁ ତାକୁ ଭସେଇ ଦେବାକୁ ......., ଏମିତି ସମୟରେ ହଠାତ୍ କେହି ଜଣେ ଡାକଦେଲେ ସମରା। ଜୀବନ ଅଧା ନେଇ ଜନ୍ମଦେବା କିଛି ପାପ ନୁହେଁ। ଈଶ୍ୱର ସମସ୍ତଙ୍କୁ କିଛି ନା କିଛି ଉଦ୍ଦେଶ୍ୟ ଦେଇ ଜନ୍ମ ଦେଇଥାନ୍ତି, ତେବେ ବି ଭଗବାନଙ୍କର ସେ ଉଦ୍ଦେଶ୍ୟକୁ ବୁଝିବା ପାଇଁ ବଂଚିବାକୁ ପଡ଼ିବ।

ଜଣେ ନାରୀ ବା ଜଣେ ପୁରୁଷ ହୋଇ ଦୁନିଆରେ ଜନ୍ମ ନେବା ଯେ ସାର୍ଥକ, ଏମିତି ତୋର ଭାବିବା ଭୁଲ୍। ସଂସାର ସମସ୍ତଙ୍କୁ ନଇେ ଚାଲେ। ହଁ, ଏକଥା ସତ, ନାରୀ ପୁରୁଷର ଏକ ଏକ ନିଜର ସ୍ୱତନ୍ତ୍ର ଅସ୍ତିତ୍ୱ ଥାଏ ଆଉ ଏ କଥା ବି ସତ୍ୟ ଯେ ସେ ଦୁଇ (ନାରୀ ପୁରୁଷ) ଅସତିତ୍ୱ ମିଶିଏକ ନୂଆ ଅସ୍ତିତ୍ୱ ଜନ୍ମ ଦେଇଥାନ୍ତି, ଯାହାର ଫଳସ୍ୱରୂପ ତୁ!!! ସମର.... ନିଜ ନିଜ କର୍ତ୍ତବ୍ୟକୁ ବୁଝ୍ ଆଉ ତାକୁ ଆପଣାଅ, ପୁଣି ସମୟ ଅନୁସାରେ ତା'ର ଉପଯୋଗ କର; ଏହାହିଁ ଏକ ମଣିଷର ବାସ୍ତବ ଅସ୍ତିତ୍ୱ। ଗୋଟଏ ୧୨/ ୧୫ ବର୍ଷର ପିଲା ମୁଣ୍ଡରେ ଏ କଥା ସତେ ଯେମିତି ହଜମ ହେଉନଥାଏ, ତଥାପି ସବୁବୁଝିଗଲାପରି ନିଜ ଭିତର କୋହ, ଲଉହକୁ ଗୋଟେ ନିଃଶ୍ୱାସରେ ଶରୀର ମଧ୍ୟକୁ ନେଇଗଲା। ଫେରିଗଲା ପୁଣି ସେଇ ଅନ୍ଧାରୀ କୋଠରୀକୁ ଯେଉଁଠି ସମର ସାଙ୍ଗରେ ସାଥି ହୋଇଥିଲେ କେବଳ ଗୋଟିଏ ଲଣ୍ଠନ, କିଛିଟା ବହିପତ୍ର ପୁଣି ଦୁଇଚାରିଟା କପଡ଼ା।

ଅନ୍ତର ଭିତରେ ନିଜକୁ ବୁଝେଇ ବୁଝେଇ ପଢ଼ି ଚାଲିଲା ପାଠ। ସବୁ ଯାଗାରେ ନିଜର ଅସ୍ତିତ୍ୱକୁ ପ୍ରମାଣ କରିବା ପାଇଁ ଦିନରାତି ଖୋଜି ଚାଲିଲା କାରଣ ପୁଣି ତା'ର ନିରାକରଣ। ଆମେ ଯାହାକୁ ସମାନ ବୋଲି କହୁଛନ୍ତି, ଦୁନିଆ ଆଗରେ ଭଲ ହେବାର ଅଭିନୟ ଯୋଗରେ ସାମିଲ୍ ହେଉଛନ୍ତି, ସେହି ସମାଜ/ଗୋଷ୍ଠୀରେ ଟିକେ ପ୍ରଶଂସା, ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ପାଇବା ପାଇଁ କେତେଜଣ କେତେ କଷ୍ଟ କରୁଛନ୍ତି; କରୁଥିବା ଲୋକହିଁ ଜାଣିଛି। ନହେଲେ ସମାଜକୁ ତ ଖାଲି ଅନ୍ୟକୁ ଘୃଣା, ବଦନାମ୍ କରିବା ଜଣାଅଛି, ତା'ଠୁ ଅଧିକ ବି କ'ଣ ଆଶା କରାଯାଇପାରେ ?

ଯାହାହେଉ ଇତିମଧ୍ୟରେ ସମର ଅଧିକ ଅଭିଜ୍ଞ ମଣିଷଟିଏ ପାଲଟି ଯାଇଥିଲା, ପରୀକ୍ଷାରେ ଭଲକରି; ଅନ୍ୟପାଇଁ ଉଦାହରଣଟିଏ ପାଲଟି ଯାଇଥିଲା। ତଥାପି ତାକୁ ଘୃଣା କରିବାର ନିଆଁଟି ସଂପୂର୍ଣ୍ଣ ଲିଭିନଥିଲା। ନିଜର କର୍ମ ଭିତରେ ସମର ସମୟ ବାହାର କରି ଅସହାୟ ପିଲାକୁ ମାଗଣାରେ ପାଠ ପଢ଼ାଉଥିଲା।

ଉତ୍କଳ ବିଶ୍ୱବିଦ୍ୟାଳୟ

# ଉପଦେଶ ନୁହେଁ ଅନୁରୋଧ

◆ **ପ୍ରଫେସର ଶରତ ଚନ୍ଦ୍ର ରଥ**

ଯେଉଁ ଭୂଖଣ୍ଡର ଭାଷାକୋଷରେ 'ଅନୁରାଗ', 'ଶ୍ରଦ୍ଧା' ପ୍ରଭୃତି ଶବ୍ଦ ନାହିଁ, ସେହି ଭୂଖଣ୍ଡର ପ୍ରଭାବରେ ଆମେ ବହୁ ଭାବରେ ପ୍ରଭାବିତ। ପ୍ରଭାବିତ ହେବା ଭୁଲ୍ କଥା ନୁହେଁ ମାତ୍ର ଏତେ ବେଶି ପ୍ରଭାବିତ ହେବା ଭୁଲ୍ କଥା। ବର୍ତ୍ତମାନର ସମୟ ଜଗତୀକରଣ ତଥା ବିଶ୍ୱାୟନର ସମୟ। ଏତେବେଳେ ଆମେ ନୁହେଁ କି କିଏ ନୁହେଁ ନିଜ ଭିତରେ ନିଜକୁ କିଳି ରଖିପାରିବା ନାହିଁ। ପରସ୍ପର ଭିତରେ ଦେଣ-ନେଣ ଅବଶ୍ୟ ରହିବ, ଗତାଗତ ଅବଶ୍ୟ ରହିବ। ଜୀବନର ପ୍ରାୟ ବହୁ କ୍ଷେତ୍ରରେ ଏଇ ଦେଣନେଣ ରହିବ। ଶିକ୍ଷାକ୍ଷେତ୍ରରେ, ସାହିତ୍ୟକ୍ଷେତ୍ରରେ, ଅର୍ଥନୀତି କ୍ଷେତ୍ରରେ, ରାଜନୀତି କ୍ଷେତ୍ରରେ, ବାଣିଜ୍ୟ କ୍ଷେତ୍ରରେ ସର୍ବୋପରି ଚଳଣିକ୍ଷେତ୍ରରେ ଦେଣନେଣ ରହିବ ହିଁ ରହିବ। ଫଳତଃ ସମସ୍ତଙ୍କର ପ୍ରଗତି ହେବ ବାହାରେ ଓ ଭିତରେ। ଜୀବନଯାତ୍ରା ସୁଗମ ହେବ, ଜୀବନ ସୁସ୍ଥ ଓ ସମୃଦ୍ଧ ହେବ।

ଏଇ ଦିଗରୁ ଦେଖିଲେ ଆମେ ପାଶ୍ଚାତ୍ୟ ସଂସ୍କୃତି ଦ୍ୱାରା ପ୍ରଭାବିତ ହୋଇଛୁ, ହେବା ସ୍ୱାଭାବିକ। ଆମର ଏକ ବାହାର ଜୀବନ ଅଛି, ପୁଣି ଏକ ଭିତର ଜୀବନ ଅଛି। କେଉଁ ଦେଶ, କେଉଁ ଜାତି, କେଉଁ ଜୀବନ ଉପରେ ପରଂପରା କ୍ରମେ ଅଧିକ ଗୁରୁତ୍ୱଦିଏ ଓ ଦେଉଛି ତାହା ଭିନ୍ନକଥା। ଏଇ ଯେମିତି ପାଶ୍ଚାତ୍ୟ ବାହାରେ ବଞ୍ଚେ, ଭାରତ ଭିତରେ ବଞ୍ଚେ ଏହା ପରଂପରା ଅନୁସାରେ ଘଟିଛି। ବାହାରେ ବଞ୍ଚିବା ହେତୁ ଭିତର ଜୀବନ ଉପରେ ପାଶ୍ଚାତ୍ୟରେ କମ୍ ଗୁରୁତ୍ୱ ରହିବା ସ୍ୱାଭାବିକ। ଭିତରେ ବଞ୍ଚିବା ହେତୁ ବାହାର ଜୀବନ ଉପରେ କମ୍ ଗୁରୁତ୍ୱ ରହିବା ଭାରତ ବର୍ଷରେ ସ୍ୱାଭାବିକ। ମାତ୍ର ଏ ଦୁଇଟି ଯାକ କଥା ଅପୂର୍ଣ୍ଣତାର କଥା, ଅସ୍ୱଭାବିକତାର କଥା।

ପୂର୍ଣ୍ଣତାର କଥା ହେଉଛି ବାହାର ଓ ଭିତର ଜୀବନର ସମନ୍ୱୟ। ଅର୍ଥାତ୍ ବାହାର ଜୀବନ ଉପରେ ଯେତିକି ଗୁରୁତ୍ୱ ଭିତର ଜୀବନ ଉପରେ ସେତିକି ଗୁରୁତ୍ୱ ପ୍ରଦାନ କରିବା।

ବାହାର ଜୀବନ କହିଲେ, ବସ୍ତୁଗତ ଜୀବନ, ବିଜ୍ଞାନ ଓ କାରିଗରୀ ବିଦ୍ୟାଭିତ୍ତିକ ବସ୍ତୁସଂଗଠିତ ଜୀବନ। ଭିତର ଜୀବନ କହିଲେ, ସ୍ନେହ, ତ୍ୟାଗ, ତିତିକ୍ଷା, ସହନଶୀଳତା, ଅନୁରାଗ, ଶ୍ରଦ୍ଧା, ସାମୂହିକତାର ଜୀବନ।

ବାହାର ଜୀବନକୁ ଆମେ ମୂଲ୍ୟର ଜୀବନ କହିଲେ ଭିତର ଜୀବନକୁ ମୂଲ୍ୟବୋଧର ଜୀବନ କହିପାରିବା। ବାହାର ଜୀବନକୁ ବସ୍ତୁଗତଜୀବନ କହିଲେ ଭିତର ଜୀବନକୁ ଭାବଗତ ଜୀବନ କହିପାରିବା। ବାହାର ଜୀନକୁ ବୁଦ୍ଧିଗତ ଜୀବନ କହିଲେ ଭିତର ଜୀବନକୁ ହୃଦୟଗତ ଜୀବନ ବୋଲି କହିପାରିବା। ଦୁଇଟି ଯାକ ଜୀବନ ଏକାଠି ରହିପାରିବେ, ରହିଲେ ଯେଉଁ ଜୀବନ ସମ୍ଭବ ହେବ, ତାହା ହେଉଛି ପୂର୍ଣ୍ଣତାର ଜୀବନ। ଏ ଦିଗରୁ ବିଚାର କଲେ ବସ୍ତୁ ଆମର ଦରକାର। ବର୍ତ୍ତମାନ ଆମ ମାନସିକତାରେ ବସ୍ତୁ ପ୍ରତି ଆଦର ବଢ଼ିଛି, ଏହା ଅଭିନନ୍ଦନୀୟ। ମାତ୍ର କଥା ହେଉଛି ଯେ ଏହାର ଚାପରେ ଆମର ଭିତର ଜୀବନ ଚାପି ହୋଇନଯାଉ। ବସ୍ତୁ ଓ ଭାବର ସମନ୍ୱୟରେ ଏକ ନୂଆ ଚେତନାର ସୃଷ୍ଟି ହେଉ। ମୂଲ୍ୟ ଓ ମୂଲ୍ୟବୋଧର ମିଶ୍ରଣରେ ଏକ ନୂଆ ଜୀବନର ଦିଗନ୍ତ ଉନ୍ମୋଚିତ ହେଉ। ବୌଦ୍ଧିକତା ଓ ହୃଦୟବତ୍ତାର ମଧୁର ମିଳନ ଘଟୁ।

ଆମ ପାରିବାରିକତା, ନୈତିକତା, ଆତ୍ମୀୟତା, ଜାତୀୟତା, ପାରସ୍ପରିକ ସହନଶୀଳତା ସର୍ବୋପରି ଆଧ୍ୟାତ୍ମିକତା ରହୁ। ବସ୍ତୁ ଏ ଦିଗରେ ବାଧକ ନହେଉ ବରଂ ସହାୟକ ହେଉ। ବିଶ୍ୱକଲ୍ୟାଣ କାମନାରେ ଆମ କଲ୍ୟାଣ କାମନାଯୁକ୍ତ ହେଉ। 'ସର୍ବେଭବନ୍ତୁ ସୁଖୀନଃ' ମନ୍ତ୍ରର ଭାବରେ ଆମ ମନ ଭବିତ ହେଉ।

ଆମ ପିଲାମାନେ ଜାଣନ୍ତୁ ଭାରତବର୍ଷକୁ ଏବଂ ଯଥାର୍ଥରେ ଭାରତୀୟତାକୁ। ଭାରତ ହେଉଛି ଦେବଭୂମି, ଏ ଭୂମିରେ ଦେବତା ବାରମ୍ବାର ଜନ୍ମନେବାକୁ ଇଚ୍ଛା କରନ୍ତି। ଏଇ ଦେଶର ସନ୍ତାନ ଭାବରେ ଆମର ପିଲାମାନେ ନିଜକୁ ଗୌରବାନ୍ୱିତ ମନେ କରନ୍ତୁ। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା

ପ୍ରତି ଆଦର ବଢ଼ୁ ଏବଂ ତାହା ସହିତ ଆମ ଭାଷା, ଆମ ଚଳଣି, ଆମ ମାଟି ପ୍ରତି ଆନ୍ତରିକତା ରହୁ। ନୂଆ ଏକଜୀବନ ଆସୁ, ନୂଆ ଛନ୍ଦର ଜୀବନ ଆସୁ। ନିଜ ମାଟିରେ ଦମ୍ଭରେ ଠିଆ ହୋଇ ଆମ ପିଲାଏ ଚାରିପଟରୁ ଭଲ ଭଲ କଥା ସଂଗ୍ରହ କରନ୍ତୁ ଏବଂ ନିଜକୁ ସମୃଦ୍ଧ କରନ୍ତୁ। ଆମ ଭିତରେ ନିଦା ଜୀବନଟିଏ ସୁପ୍ତ ହୋଇ ରହିଛି, ତାହା ଜାଗ୍ରତ ହେଉ। ସଂହତିର ଜୀବନଟିଏ, ଚେତନାର ଜୀବନଟିଏ ଆମ ଭିତରେ ପ୍ରକଟିତ ହେଉ। ବାହାର ଜୀବନ ସହିତ ଭିତର ଜୀବନଟିଏ ମିଶି ପୂର୍ଣ୍ଣ ଜୀବନଟିଏ ସୃଷ୍ଟି ହେଉ ଯାହା ପୃଥିବୀ ପାଇଁ ଆଦର୍ଶ ଜୀବନଟିଏ ହେଉ। ଏଥିରେ ସଂକୀର୍ଣ୍ଣତା ନୁହେଁ, ପ୍ରସାରତା ରହୁ, ଅହଂକାର ନୁହେଁ ସ୍ୱାଭିମାନ ରହୁ, 'ମୁଁ' ନୁହେଁ 'ଆମେ' ଭାବ ରହୁ, ଆସ୍ପର୍ଦ୍ଧ ନୁହେଁ ଆତ୍ମୀୟତା ରହୁ। ଏପରି ଭାରତୀୟ ଜୀବନ ପୃଥିବୀକୁ ମାର୍ଗଦର୍ଶନ କରୁ, ପୃଥିବୀର ଗୁରୁ ହେଉ। ନୂଆ ପୃଥିବୀର ସୃଷ୍ଟି ହେଉ ଯାହା ସ୍ୱର୍ଗର ଲଳିତ ଲାବଣ୍ୟରେ ବିମଣ୍ଡିତ ହେଉ।

ଯଥାଶୀଘ୍ର ଆସୁ ଆମ ଯୁବ ଶକ୍ତି ଭିତରେ ଏଇ ଅନୁଚିନ୍ତା। ଏ ସର୍ବ ଭାଷା, ସର୍ବ ଧର୍ମ, ସର୍ବ ଚଳଣିର ସମନ୍ୱୟର ଦେଶ। ମୋଟ ଉପରେ ଏ ହେଉଛି ସଂହତିର ଦେଶ। ଏ ସଂହତି ହେଉଛି ବିଶ୍ୱ ଭ୍ରାତୃତ୍ୱର ସଂହତି। ଏ ଦେଶର ଯୁବଶକ୍ତି ସଂହତିର ମୂଲ୍ୟକୁ ବୁଝିପାରେ ଓ ଅନ୍ୟକୁ ବୁଝାଇପାରେ କାରଣ ଏ ଦେଶର ପାଣିପବନରେ ସଂହତିର ମଞ୍ଜି ସୁପ୍ତ ହୋଇ ରହିଛି। ସ୍ୱାମୀ ବିବେକାନନ୍ଦଙ୍କର ଆହ୍ୱାନର ଶକ୍ତି ଏବେ ମଧ୍ୟ ବାତାବରଣରେ ପ୍ରତିଧ୍ୱନିତ ହେଉଛି। ପ୍ରତିଧ୍ୱନିରେ ଶୁଭୁଛି- "ସଦର୍ପରେ ଡାକି କହ, ମୂର୍ଖ ଭାରତବାସୀ, ଦରିଦ୍ର ଭାରତବାସୀ, ମୋର ଭାଇ, ଭାରତର ମୃତ୍ତିକା ମୋର ସ୍ୱର୍ଗ, ମୋର ଶୈଶବର ଶିଶୁଶଯ୍ୟା ମୋର ଯୌବନର ଉପବନ, ମୋର ବାର୍ଦ୍ଧକ୍ୟ ବାରାଣସୀ।"

ସତରେ ନୀଳ ଆକାଶ ତଳେ ଏପରି ମାର୍ଜିତ ରୁଚି ଓ ଚେତନା ମଣ୍ଡିତ ଦେଶର ପଟାନ୍ତର ନାହିଁ। ପ୍ରାଚ୍ୟ ଓ ପାଶ୍ଚାତ୍ୟର ସଂସ୍କୃତିର ସମନ୍ୱୟରେ ଗୋଟିଏ ନୂତନ ସଂସ୍କୃତିର ପ୍ରସ୍ତୁତି ପରଦାର ଅନ୍ତରାଳରେ ପ୍ରସ୍ତୁତ ହେଉଛି। ଯାହାକୁ ବିଶ୍ୱ ସଂସ୍କୃତିର ସମନ୍ୱୟରେ ଗୋଟିଏ ନୂତନ ସଂସ୍କୃତିର ପ୍ରସ୍ତୁତି ପରଦାର ଅନ୍ତରାଳରେ ପ୍ରସ୍ତୁତ ହେଉଛି। ଯାହାକୁ ବିଶ୍ୱ ସଂସ୍କୃତିର ଆଖ୍ୟା ଦିଆଯାଇପାରେ। ଏହି ପ୍ରସ୍ତୁତି ଭାରତବର୍ଷରେ ହିଁ ସଂଗଠିତ ହେଉଛି। ଶ୍ରୀଅରବିନ୍ଦଙ୍କ ମତରେ- "ଦୁଇ ବିପରୀତ ଦିଗରୁ ଆସନ୍ନ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଜଗତ ମିଳିତ ହେବ ଏବଂ ପରସ୍ପର ଭିତରେ ଲୟ ପ୍ରାପ୍ତ ହେବ। ଯାହା ଫଳରେ କି ମାନବ ଜାତିର ଜୀବନରେ ଏକ ଜଗତ ସଂସ୍କୃତିର ପ୍ରାଣ ପ୍ରତିଷ୍ଠା ହେବ।" ଏହି ବିଶ୍ୱସଂସ୍କୃତିରେ ନିଜ ସଂସ୍କୃତିର ସୌରଭ ରହିବ। ପାଦତଳେ ମାଟି ରହିବ ମାତ୍ର ସମଗ୍ର ବିଶ୍ୱରୁ ଭଲକଥା ସବୁ ତହିଁରେ ସମନ୍ୱିତ ହେବ। ଫଳରେ ନୂତନ ସଂସ୍କୃତି ଓ ନୂତନ ଚେତନାର ଅଭ୍ୟୁଦୟ ହେବ। ଭାରତ ଏ ଦିଗରେ ଅଗ୍ରଗାମୀ ପଦକ୍ଷେପ ନେବ କାରଣ ଭାରତ ହେଉଛି ସମଗ୍ର ପୃଥିବୀ ଚେତନାର ଏକ ପ୍ରତିନିଧି ସ୍ଥାନୀୟ ଚେତନା। ଭାରତ ହେଉଛି ଏକ ଜାଗ୍ରତ ସତ୍ତା। ଭାରତ ହେଉଛି ପୃଥିବୀର ଆତ୍ମା। ମାର୍କସ୍‌ମୁଲ୍ଲରଙ୍କ କଥାରେ ଭାରତ ହେଉଛି ପୃଥିବୀର ନନ୍ଦନ କାନନ। ସେହି ଭାରତ ଆକାଶରେ ଚେତନାର ପ୍ରଥମ ସକାଳ ଆସିବ। ସୁନାରଙ୍ଗୀ କିରଣମାଳାରେ ଦିଗଦିଗନ୍ତ ଝଲସି ଉଠିବ। କ୍ରମେକ୍ରମେ ସେ କିରଣ ସମଗ୍ର ବିଶ୍ୱକୁ ପ୍ରସରି ଯିବ। ଏତେ ବେଳେ ଭାରତୀୟତା ଆମକୁ ଉଦ୍‌ବୁଦ୍ଧ କରୁ, ଏହାହିଁ ଆଜିର ଉପଦେଶ ନୁହେଁ ଯୁବଶକ୍ତିକୁ ଅନୁରୋଧ।

କେଦାରଗୌରୀ ଆପାର୍ଟମେଣ୍ଟ, ଭୁବନେଶ୍ୱର

# ଦୁଇଟି ମିନି ଗଳ୍ପ

◆ **ବିଶ୍ୱନାଥ ସାହୁ**

### (୧-ଅସ୍ଥି ବିସର୍ଜନ)

ବଞ୍ଚିଥିବାବେଳେ ବୁଢ଼ା ବାପାର ମୁହଁ ଦେଖିବାକୁ ପୁଅ ବୋହୂ କେବେ ଆସିନାହାନ୍ତି । ମଲାପରେ ସେମାନଙ୍କ ଏକା ଜିଦ୍ ବଡ଼ପୁଅ ହୋଇଥିବା ହେତୁ ସେଇ ନ୍ୟାୟରେ ସେମାନେ ହିଁ ମୃତ ବାପାର ଅସ୍ଥିକୁ ଗଙ୍ଗାରେ ବିସର୍ଜନ କରିବାକୁ ଯିବେ । ଜିଦ୍ ଆଗରେ ସମସ୍ତେ ମୁଣ୍ଡ ନୁଆଁଇ ହଁ କଲେ । ପୁଅକୁ ପ୍ରଶଂସା ମିଳିଲା ଢ଼େର । ରାତିରେ ସ୍ୱାମୀ କାନରେ ଛପି ଛପି ସ୍ତ୍ରୀ କହିଲେ -

- ହଇଓ ! ଏତେ ଝିନ୍‌ଝଟ୍ କାହିଁ ମୁଣ୍ଡୋଉଚ ? ବୁଢ଼ାର ଆତ୍ମା ସ୍ୱର୍ଗକୁ ଯାଉ କି ନର୍କକୁ, ଆମର ଯାଏ ଆସେ କେତେ ?

ସ୍ୱାମୀ କହିଲା - ଆରେ ବୋକୀ ! ଗଙ୍ଗାରେ ବୁଡ଼ଟାଏ ଦେଲେ ଅନ୍ତତଃ ନିଜ ପାପ ତକତ ଧୋଇହେଇଯିବ ।

ଅଧରାତିରେ ସାରା କୋଠରୀଟା ହସି ଉଠିଲା ।

### (୨-ମାନସିକତା)

ସଂଯୋଗକୁ ମାଲିକ୍ ଓ ଚାକର ଉଭୟଙ୍କ ଗୋଟାଏ ଲେଖାଏଁ ପୁଅ ଏବଂ ଏକାଦିନରେ ବି ଜନ୍ମ । ତେଣୁ ଜନ୍ମ ଦିନ ଏକାଠି ପାଳନ କରାଯିବ ମାଲିକଙ୍କ ଘରେ । ଆଜିକାଲି ଆଉ ଗିଫ୍ଟ ଦେବାର ପରଂପରା ନାହିଁ । ଟଙ୍କା ଦେଇଦେଲେ କାମ ଚଳେ । ସେ ମାଲିକ ହୁଅନ୍ତୁ ବା ଚାକର ଦୁହିଁଙ୍କ ପାଇଁ ଭଲ । ତେବେ କେତେଟଙ୍କା ଦିଆଯିବ ବୋଲି ଉଭୟଙ୍କ ଘରେ ପୂର୍ବଦିନ ଯେତେବେଳେ ଆଲୋଚନା ହୁଏ, ମାଲିକାଣୀଙ୍କ ପାଞ୍ଚଶହ ଟଙ୍କା ଉଚ୍ଚାରଣରେ ମାଲିକ ଆଶ୍ଚର୍ଯ୍ୟ ହୋଇ କହନ୍ତି -

ପାଞ୍ଚ ଶହ ଟଙ୍କା ? ଚାକର ପୁଅକୁ !

ଠିକ୍ ଆର ପଟେ ସ୍ତ୍ରୀ ପାଟିରୁ ପାଞ୍ଚଶହ, ଉଚ୍ଚାରଣ ଶୁଣି ଚାକର ରାଗିଯାଇ କହେ -

ମାତ୍ର ପାଞ୍ଚଶହ ? ମାଲିକ୍ ପୁଅ ବା !

ଓଡ଼ିଆ ଅଧ୍ୟାପକ
ବରପାଲି ମହାବିଦ୍ୟାଳୟ, ମୋ: ୭୮୭୩୬୯୫୦୫୮



# ଏଇ ବୋଧେ ବାପା

◆ ଅନ୍ନପୂର୍ଣ୍ଣା ଦାସ

ସଂଧ୍ୟା ସାତଟା ହେଇଗଲା ବୋଲି ଅଫିସ୍ କାନ୍ଥରେ ଝୁଲୁଥିବା କାନ୍ଥଘଣ୍ଟା ସୂଚେଇ ଦେଲା । ସଚେତନ ହେଲା ଶିଖା, ଅଫିସ୍ କାମକୁ ଏଇଠି ରଖି ଘରକୁ ଯିବାକୁ ହେବ । ଆଜି ପୁଣି ମା'ର ମେଡ଼ିସିନ୍ ସାନଭାଇର ଜନ୍ମଦିନ ପାଇଁ ନୂଆ ଡ୍ରେସ ନେବାକୁ ହେବ । ଡ଼େରି କଲେ ହଇରାଣ ହେବା କଥା । ଏହା ଭାବି, ଫାଇଲ୍ ସବୁ ବନ୍ଧ କଲା ସେ। ନିଜର ଭ୍ୟାନିଟ୍ ଟିକୁ ସଜାଡ଼ି ବାହାରି ଆସିଲା ଅଟୋଷ୍ଟାଣ୍ଡକୁ।

ଅଟୋକୁ ଅପେକ୍ଷା କରି ଠିଆ ହୋଇଥିଲା ଶିଖା। ହଠାତ୍ ତା'ର ଆଖି ଅଟକିଗଲା ଏକ ଦୃଶ୍ୟ ଉପରେ । ଆଖିର ପଲକ ପଡୁନଥିଲା ଚଳଚିତ୍ରର ଦୃଶ୍ୟ ପରି ଘଟଣାଟି ଘଟିଯାଉଥିଲା । ହୃଦୟର ନିବୃତ କୋଠରୀର ଦ୍ୱାର ଖୋଲିଦେଇ ଶିଖା ସାଇତି ଯାଉଥିଲା ସେଇ ଦୃଶ୍ୟର ପ୍ରତିଟି ଅମୂଲ୍ୟ ମୁହୂର୍ତ୍ତକୁ ।

ସାତ / ଆଠ ବର୍ଷର ଝିଅଟିଏ, ପାଖରେ ତା'ର ବାପା ହାତରେ ଛେନାର ପାତ୍ରଟିଏ ଧରି ଝିଅଟିକୁ ବଳେଇ ବଳେଇ ଖୁଆଉଥାନ୍ତି ।

: ଆଉ ଗୋଟେ ଚାମଚ୍....

: ନାଇ, ନାଇ ବାପା ପ୍ଲିଜ ...... ଆଉ ଖାଇବିନି

: ଖାଇଦେ ମୋ ମାଆଟା ପରା ଆଉ ଗୋଟେ ଚାମଚ.....

: ନାଇ ବାପା ......

: ଦେଖ ଖାଇଦେ ଯଦି ଏତକ ସବୁ ଛେନା ତୁ ଖାଇଦେବୁ, ତାହେଲେ ତତେ ଆଉ ଦୁଇଟି ଚକେଲେଟ୍ ଦେବି ।

: ସତରେ ତ ?

: ହଁ

ଝିଅଟି ଏବେ ଖୁସିରେ ଖାଇଦେଲା ସବୁ ଛେନାକୁ । ଶିଖାର ଆଖିରେ ପଲକ ପଡୁନଥିଲା । ଓଠରେ ଲାଖିଥିଲା ନିର୍ମଳ ହସର ଧାରଟିଏ ।

ଶିଖାକୁ ଚାହିଁ ଲୋକଟି କହି ଉଠିଲେ

:କ'ଣ କରିବି ମାଡ଼ାମ୍ କୁହନ୍ତୁ, ଆଠବର୍ଷର ହେଲାଣି କିଛି ଖାଉନି, ଦେଖୁଛନ୍ତି ତା' ଚେହେରାକୁ ମାତ୍ର ୧୨ କିଲୋ ।

ଶିଖା ଆଉ ଥରେ ହସିଦେଲା ।

ଝିଅଟି ଧାଇଁ ଆସି ଶିଖାକୁ କୁଣ୍ଢେଇ ଧରି କହିଲା,

: ଦିଦି ମୁଁ ଛେନା ଖାଉନି ବୋଲି ତୁମେ ହସୁଛ କି ?

: ନାଇଁରେ ପାଗଳୀ .......

ଏତକ କହି ଶିଖା ଝିଅଟିକୁ କୋଳେଇ ନେଲା, ଝିଅଟି ଶିଖାର ଗାଲରେ ହଲ୍କା ଚୁମ୍ବନଟିଏ ଦେଇ ତା' ବାପାଙ୍କ ପାଖକୁ ଫେରିଗଲା।

ଶିଖାର ଅଜଣାତରେ ଆଖିର ଲୁହ ସବୁ ବାଧାକୁ ଡ଼େଇଁ ଶ୍ରାବଣର ଧାର ହୋଇ ଗାଲର ପଟ୍ଟଭୂମିକୁ ଓଦା କରୁଥିଲା। ଶିଖା ଅନୁଭବ କରୁଥିଲା ଗୋଟେ ବାପାର ସ୍ୱରୂପକୁ । ଉପଲବ୍ଧି କରୁଥିଲା ଗୋଟେ ବାପାର ଭଲ ପାଇବାକୁ । ଯାହା ୨୨ବର୍ଷ ତଳୁ ତା' ପାଖରୁ ହଜିସାରିଛି। ଆଉ ସେ ଭାବୁଥିଲା, ହଁ ଏହି ବ୍ୟକ୍ତି ହିଁ ବୋଧ ହୁଏ ବାପା .......

କେତେବେଳରୁ ଅଟୋବାଲା ତୁଳସୀପୁର, ତୁଳସୀପୁର ବୋଲି ଡ଼ାକ ଦେଲାଣି, ଶିଖା ସଚେତନ ହେଲା ଆଉ ଯାଇ ଅଟୋରେ ବସିଲା....।

ଅଧ୍ୟାପିକା
(କୋଟଗଡ଼ ଡ଼ିଗ୍ରୀ କଲେଜ କନ୍ଧମାଳ)

# ବିବର୍ଣ୍ଣ ଭବିଷ୍ୟ

◆ ଶକ୍ତି କୁମାର ରଥ

ଛକର ନାଲିବତୀଟା ଜଳିଉଠିଲା । ବାଇକର ବ୍ରେକ୍ କସିଲେ ଦେବପ୍ରିୟ । ପାଖାପାଖି ଦୁଇମିନିଟ୍ ଅପେକ୍ଷା କରିବାକୁ ପଡ଼ିବ ସବୁଜ ସଂକେତ ପାଇଁ । "ମତେ ଟିକିଏ ଆଗଛକ ପର୍ଯ୍ୟନ୍ତ ଆପଣଙ୍କ ଗାଡ଼ିରେ ନେଇ ଯାଇପାରିବେ ?" ଭଦ୍ରମହିଳାଙ୍କ କଣ୍ଠ ସ୍ୱର ଶୁଣି ଫେରି ଚାହିଁଲେ ଦେବପ୍ରିୟ । ଦେବପ୍ରିୟଙ୍କର ସହମତିକୁ ଅପେକ୍ଷା ନ କରି ଭଦ୍ରମହିଳା ଜଣକ ବାଇକର ପଛ ସିଟ୍‌ରେ ବସିବାକୁ ଉଦ୍ୟତ । କିଏ ଏହି ଭଦ୍ରମହିଳା ? ଜଣା ନାହିଁ ଶୁଣାନାହିଁ ଏକବାରେ ପଛରେ ବସିଗଲେଣି କହିଲେ ଚଳେ । "ନା ନା ଆପଣ ମନା କରନ୍ତୁନି, ମୁଁ ବହୁତ ଅସୁବିଧାରେ ଅଛି । ଘରକୁ ଶିଘ୍ର ଯିବାକୁ ହବ । ଆପଣଙ୍କ ଗାଡ଼ିଟା ସେଇଆଡ଼କୁ ମୁହାଁଇଛି ଯେତେବେଳେ ଭାବିଲି ଆପଣ ନିଶ୍ଚୟ ମତେ ସାଙ୍ଗରେ ନେଇଯାଇପାରିବେ । ତା'ଛଡ଼ା ଆପଣ ତ ଏକା ଯାଉଛନ୍ତି । ଆପଣଙ୍କ ସହିତ ଯିବାରେ ମୋର ଯଦି କିଛି ଅସୁବିଧା ନାହିଁ ଆପଣଙ୍କର ବା କାହିଁକି ଅସୁବିଧା ହବ ?"

କିଛି ପଚାରିବା ଆଗରୁ ସବୁଜ ସଂକେତ ହେଇଯିବାରୁ ଦେବପ୍ରିୟଙ୍କୁ ଗାଡ଼ି ଚାଲୁ କରିବାକୁ ପଡ଼ିଲା । ପରବର୍ତ୍ତୀ ଛକ ପାଖାପାଖି ଗୋଟାଏ କିଲୋମିଟର । ଭଦ୍ରମହିଳା ଚୁପ୍‌ଚାପ୍ । ଦେବପ୍ରିୟ ଭାବିଲେ ହୁଏତ କିଛି ଅସୁବିଧାରେ ପଡ଼ିଯାଇଛନ୍ତି ଭଦ୍ରମହିଳା ଜଣକ । ନ ହେଲେ ଅଜଣା ଅଶୁଣା ଜଣେ ପୁରୁଷ ସହିତ ବିନା ଦ୍ୱିଧାରେ କୌଣସି ମହିଳା କ'ଣ ଏଇ ସନ୍ଧ୍ୟା ବେଳଟାରେ ଯାଇପାରନ୍ତି !! ତାଙ୍କର ସ୍ୱାଭିମାନ, ସମ୍ଭ୍ରମ ତାଙ୍କୁ ନିଶ୍ଚୟ ବାରଣ କରିଥାଆନ୍ତା ।

ଏଥର ବାଁ ପାଖକୁ ସେଇ ଯୋଉଁ ନାଳିଗୋଡ଼ି ରାସ୍ତା ଦେଖାଯାଉଚି, ସେଇଆଡ଼କୁ ଟିକିଏ ଗଡ଼େଇ ଦିଅନ୍ତୁ ନା.... । ସେଇ ରାସ୍ତାରେ ଟିକିଏ ବାଟ ଗଲା ପରେ ଗୋଟାଏ ବତୀଖୁଣ୍ଟ ଆସିବ । ବତୀଖୁଣ୍ଟ ସିନା, ହେଲେ ମାସରେ ଦି' ଚାରିଦିନ ସେ ଖୁଣ୍ଟରେ ଆଲୁଅ ଜଳେ । ଏଇ ଛତରା ଟୋକାଗୁଡ଼ା ଢ଼େଲା ମାରି ରାସ୍ତାଟା ଅନ୍ଧାର କରିଦିଅନ୍ତି । ମତେ ସେଇଠି ଛାଡ଼ିଦେଲେ ମୁଁ ଚାଲି ଚାଲି ମୋ ଘରକୁ ପଳାଇବି । ଆପଣଙ୍କୁ ଆଉ କଷ୍ଟ ଦେବିନି ।

ଭଦ୍ରମହିଳାଙ୍କ କଣ୍ଠ ସ୍ୱରରେ କି ମାଦକତା ଥିଲା କେଜାଣି, ଦେବପ୍ରିୟ ତାଙ୍କର କୌଣସି କଥାରେ ପ୍ରତିବାଦ କରିପାରିଲେନି । ସାମଳ ରଙ୍ଗ, ଧାର ନାକ, ଆଖି ଦି'ଟା ସତେ ଯେମିତି କଥା କହୁଛି । ସମ୍ଭ୍ରାନ୍ତ ଠାଣି, ଆକାଶୀ ରଙ୍ଗର ଶାଢ଼ିରେ ସୁନେଲି ରଙ୍ଗର ଜରିକାମ । ସନ୍ଧ୍ୟାର ଫିକା ଫିକା ଆଲୁଅରେ ଲାଗୁଚି ସତେ ଯେମିତି ଦେବୀ ପ୍ରତିମା ।

ବତୀଖୁଣ୍ଟ ପାଖରେ ଗାଡ଼ି ଅଟକାଇଲେ ଦେବପ୍ରିୟ । ଭଦ୍ରମହିଳା ଜଣକ ଗାଡ଼ିରୁ ଓହ୍ଲାଇ ପଡ଼ିଲେ । ନିଜ ହାତରେ ଚାବି ମୋଡ଼ି ଗାଡ଼ିର ଷ୍ଟାର୍ଟ ବନ୍ଦ କଲେ । "ଆପଣ ମତେ ଆଜି ଖୁବ୍ ସାହାଯ୍ୟ କଲେ । ଆପଣ ମତେ ଲିଫ୍‌ଟ ଦେଇନଥିଲେ ମୁଁ ଖୁବ୍ ହଇରାଣ ହେଇଥାନ୍ତି। ଟିକିଏ ସନ୍ଧ୍ୟା ହେଇଗଲେ ଏ ସହରର ଅଟୋ ବାଲାଗୁଡ଼ାକ ଏ ଗଳି ଭିତରକୁ ଆସିବା ପାଇଁ ସହଜରେ ରାଜି ହୁଅନ୍ତିନି । ତାଛଡ଼ା ଏଇଠୁ ଖଣ୍ଡେ ଦୂର ଅନ୍ଧାର ।" ଟିକିଏ ରହି ପୁଣି କହିଲେ, ଆପଣଙ୍କ ଗାଡ଼ି ନମ୍ବରଟା ମୋର ମନେ ରହିଗଲା । ମନେ ରଖି ହେଲା ଭଳି ନମ୍ବର କରିଚନ୍ତି । ୮୮୮୮ । ଏଇ ୮ ନମ୍ବରଟା ମୋର ଖୁବ୍ ପରିଚିତ । "ପରିଚିତ ?, ମୁଁ ତ ଏଇ ସହରକୁ ଏଇ ମାସ କେତେଟା ହେଲା ଆସିଚି । ଏ ନମ୍ବର ସହିତ ଆପଣ ପରିଚିତ ହେଲେ କେମିତି ?" ପଚାରିଲେ ଦେବପ୍ରିୟ । ପ୍ରଶ୍ନର ଉତ୍ତର ନ ଦେଇ ଭଦ୍ରମହିଳା କହିଲେ, " ମୁଁ ରାଣୀ, ଆପଣଙ୍କ ନାଁଟା ଜାଣିପାରେ କି ?" "ଦେବପ୍ରିୟ, ପେଷାରେ ମୁଁ ଜଣେ ସାମ୍ବାଦିକ । 'ନିତିପ୍ରତି'ର ସାର୍କୁଲେସନ୍ ମ୍ୟାନେଜର ମାନେ ପ୍ରସାରଣ ଦାୟିତ୍ୱ ମୋ ଉପରେ । ଆମ ଖବର କାଗଜ ଏ ସହରରୁ ଏଇ କିଛି ଦିନ ଭିତରେ ପ୍ରକାଶିତ ହବ । ଖବର ସଂଗ୍ରହ କରିବା , ଏଜେଣ୍ଟ ନିଯୁକ୍ତ କରିବା, ବିଜ୍ଞାପନ ସଂଗ୍ରହ କରିବା ଇତ୍ୟାଦି ଇତ୍ୟାଦି ମତେ ହିଁ ଦେଖିବାକୁ ପଡୁଚି ।" ଦେବପ୍ରିୟ ନାଁଟା

ଆପଣଙ୍କୁ ଟିକେ କଷ୍ଟକର ମନେ ହେଉନି ? ମୁଁ ଆପଣଙ୍କୁ ଡ଼ିପି କହିବି । ଆପଣଙ୍କର କିଛି ଆପତ୍ତି ନାହିଁ ତ ?"

"ନା ନା -ଏଥିରେ ଆପତ୍ତି କରିବାର କ'ଣ ଅଛି । କଲେଜରେ ମୋର ସହପାଠୀମାନେ ମଧ୍ୟ ମତେ ଡ଼ିପି ବୋଲି ଡ଼ାକୁଥିଲେ । ଆପଣ କହିପାରନ୍ତି ।"

ସ୍ମିତ ହସି ହାତ ଯୋଡ଼ିଲେ ରାଣୀ । ମୁଁ ଏଥର ଆସୁଚି - ଆପଣଙ୍କ ସହିତ ପୁଣି ଦେଖା ହବ । ଧନ୍ୟବାଦ ।"

ରାଣୀର ଯିବା ବାଟକୁ ଚାହିଁ ରହିଲେ ଦେବପ୍ରିୟ । ଏତେ କମ୍ ସମୟ ଭିତରେ ରାଣୀର ବ୍ୟବହାରର ଲାଗୁଥିଲା ସତେ ଯେମିତି ସେ ତାଙ୍କୁ ଅନେକ ଦିନରୁ ଜାଣିଚି । ଲଜ୍ଜା ସଂକୋଚ ବିନା କେତେ ସ୍ୱଚ୍ଛନ୍ଦରେ ସେ ଗାଡ଼ିରେ ବସି ନିଜ ଠିକଣା ଜାଗାରେ ଓହ୍ଲାଇ ଗଲା । ସତେ ଯେମିତି ଏଇଟା ତାର ପ୍ରତିଦିନର ଅଭ୍ୟାସ ।

ମନ ଭିତରେ ଅନେକ ପ୍ରଶ୍ନବାଚୀ । ଏତେ ମାର୍ଜିତ, ରୁଚିପୂର୍ଣ୍ଣ ପରିପାଟୀ, ଦାମୀ ଶାଢ଼ୀ ଏଇ ଅନ୍ଧାର ଗଳି ଭିତରେ କାହିଁକି ? ପୁଣି ସେଇ ବତୀଖୁଣ୍ଟ ପାଖରୁ ଚାଲି ଚାଲି ପଳେଇଗଲେ କାହିଁକି ? ପାଖାପାଖି ଦୁଇ କିଲୋମିଟରା ଯଦି ମୋ ବାଇକ୍‌ରେ ବସିପାରିଲା ଆଉ କିଛି ବାଟ ତ ମୋ ସହିତ ଯାଇ ପାରିଥାନ୍ତା । ଗାଡ଼ିରେ ବସିଲାବେଳେ ଯୋଉଁ ଆବେଗ ଥିଲା, ଗାଡ଼ିରୁ ଓହ୍ଲାଇଲା ବେଳେ ସେପରି ଆବେଗ ତ ନ ଥିଲା ରାଣୀର ।

ଏଇ ଦଶ ପନ୍ଦର ମିନିଟର ଆଳାପ ଭିତରେ ଏତେ ସବୁ ଭାବିବା ଠିକ୍ ହବନି । ନ କହିଲା ନାଇଁ ତା ସହିତ ମୋର ବା କି ସମ୍ପର୍କ । ବସ୍, ଟ୍ରେନରେ ଗଲାବେଳେ ଅନେକ ସହଯାତ୍ରୀ ମିଳିଯାଆନ୍ତି । କଥାବାର୍ତ୍ତା ଜରିଆରେ ସମୟ କଟିଯାଏ । ହେଇଥାନ୍ତୁ ପଛେ ଅଜଣା ଅଶୁଣା । ରାଣୀ ସେଇପରି ଜଣେ ସହଯାତ୍ରୀ ବାଇକ୍‌ରେ ଯାତ୍ରା କଲାବେଳେ, ହେଉପଛେ ଖୁବ୍ କମ୍ ସମୟ ପାଇଁ ।

ହେଲେ ମନକୁ ଯେତେ ବୁଝେଇଲେ ବି ସାମ୍ବାଦିକର ଅନୁସନ୍ଧିତ୍ସୁ ମନ ମାନୁନି । ରାଣୀର କଥାବାର୍ତ୍ତା ଏବଂ ପାରିପାର୍ଶ୍ୱିକ ପରିସ୍ଥିତି ମଧ୍ୟରେ ଥିବା ପାର୍ଥକ୍ୟ ଦେବପ୍ରିୟଙ୍କୁ ଆନ୍ଦୋଳିତ କରୁଚି ।

ଏଇ ସହରକୁ ଏଇ କିଛି ମାସ ହେଲା ଆସିଛନ୍ତି ଦେବପ୍ରିୟ । ସହରଟା ଏଇ କିଛିବର୍ଷ ହେଲା ଜନାକୀର୍ଣ୍ଣ ହେଇଉଠିଛି । କୋଠାବାଡ଼ି, ରାସ୍ତାଘାଟ ନୂଆ ନୂଆ । ସତେ ଯେମିତି ଏଇ ସହରଟି ଶିଳ୍ପପତିମାନଙ୍କର ପ୍ରାଣକେନ୍ଦ୍ର ହେଇପଡ଼ିଚି । ସବୁଠି ପରିବର୍ତ୍ତନର ଛାପ । ଏ ସହରକୁ ଦଶବର୍ଷ ତଳେ ଦେଖିଥିବା ମଣିଷଟା ଏବେ ଦେଖିଲେ ହୁଏତ ଚିହ୍ନି ପାରିବନି ।

ଦେବପ୍ରିୟଙ୍କର ମନେ ପଡୁଚି, ବାପାଙ୍କ ସାଙ୍ଗରେ କୋଉଗୋଟେ କାମରେ ସେ ଆସିଥିଲେ ସ୍କୁଲରେ ପଢ଼ିଲା ବେଳେ । ରେଲଷ୍ଟେସନ ପାଖ ଲଜ୍‌ରେ ଗୋଟେ ସପ୍ତାହ ରହି ଫେରିଥିଲେ । ଆଜିର ଏଇ ଚଉଡ଼ା ରାସ୍ତା, ସୁନେଲି ଆଲୁଅ, ଏସବୁ କିଛି ନ ଥିଲା । ହେଲେ ଏଇ ଛୋଟ ସହରଟି ଆଜି ସବୁର ଆକର୍ଷଣ ପାଲଟି ଯାଇଚି ।

ସହରର ଜନସଂଖ୍ୟା ଆଶାତୀତ ଭାବେ ବଢ଼ିଯାଇଚି ସେଇ ଅନୁପାତରେ ଗାଡ଼ିମୋଟର ସଂଖ୍ୟା । ଏଇଥିପାଇଁ 'ନିତିପ୍ରତି' ସମ୍ବାଦପତ୍ରର ନୂଆ ପ୍ରକାଶନ ଏଇ ସହରରୁ ହବ । ନିଜ ସାମ୍ବାଦିକ ପୃଷ୍ଠ ଭୂମି ପାଇଁ ଏଇ ସହରର ଗଣ୍ୟମାନ୍ୟ ବ୍ୟକ୍ତିତ୍ୱ,ଅଗ୍ରଣୀ ଅନୁଷ୍ଠାନ, ଧର୍ମସଂସ୍ଥାନ ମାନଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହବ । ଖବରକାଗଜର ପାଠକମାନଙ୍କ ସଂଖ୍ୟାକୁ ବଢ଼ାଇବାକୁ ହବ । ଯେକୌଣସି ସଂସ୍ଥାକୁ ନୂଆ କରି ଆରମ୍ଭ କରିବାକୁ ହେଲେ ଅନେକ କଷ୍ଟ କରିବାକୁ ପଡ଼େ । ଦେବପ୍ରିୟଙ୍କର ସାମ୍ବାଦିକତାର ଅନୁଭବ, କାର୍ଯ୍ୟଶୈଳୀ, 'ନିତିପ୍ରତି'ର ପରିଚାଳନା ମୁଖ୍ୟଙ୍କୁ ଖୁବ୍ ପ୍ରଭାବିତ କରିଥିବାରୁ ଏଇ ସହରକୁ ଦେବପ୍ରିୟଙ୍କର ବଦଳି ହେଇଚି ।

ଏଇ ଅଳ୍ପ କିଛିମାସ ଭିତରେ କିଛି କିଛି ପୁରୁଣା ଚିହ୍ନା ମୁହଁଙ୍କୁ ଏ ସହରରେ ଆବିଷ୍କାର କରିଚନ୍ତି ଦେବପ୍ରିୟ । କିଏ ବ୍ୟାଙ୍କରେ ତ କିଏ ପୋଲିସରେ । ଏବେ ସମସ୍ତଙ୍କ ସହିତ ଥିବା ପୁରୁଣା ସମ୍ପର୍କକୁ ନୂଆ ରୂପ ଦବାରେ ଲାଗିଚନ୍ତି ଦେବପ୍ରିୟ । ଖବର ସଂଗ୍ରହ ସହିତ ନିଜର ବ୍ୟକ୍ତିଗତ ସମ୍ପର୍କ ମଧ୍ୟ ପ୍ରତିଷ୍ଠା ହେଇଯାଇଚି । କିଏ ଜାଣେ କେତେବେଳେ କାହାର ସାହାଯ୍ୟ ଦରକାର ପଡ଼ିପାରେ ।

କଲେଜରେ ଏକା ସହିତ ପଢୁଥିବା ବିନୋଦ ଏବେ ପୋଲିସ ଇନସ୍‌ପେକ୍ଟର । ଦେବପ୍ରିୟ ରହୁଥିବା ଭଡ଼ା ଘରଠାରୁ କିଛିବାଟ ଆସିଲା ପରେ ଛକଟିଏ ପଡ଼େ । ସେଇ

ଛକରୁ ଡ଼ାହାଣ ଆଡ଼କୁ ପ୍ରାୟ ଦୁଇଶହ ମିଟର ଗଲେ ବିନୋଦର ଥାନା । ପ୍ରାୟ କିଛିଦିନ ଅନ୍ତରରେ ବିନୋଦ ସହିତ ଦେଖା ହେଇଯାଏ । ଥାନାରେ ବସି ଅନେକ ଥର ଚା' ପର୍ବ ପାଳିଚନ୍ତି ଦେବପ୍ରିୟ ।

ଏ ଭିତରେ କିଛି ଦିନ ଚାଲିଗଲାଣି । ରାଣୀ ସହିତ ହେଇଥିବା ଭେଟ ବି ପ୍ରାୟ ଭୁଲି ଯାଇଥିଲେ ଦେବପ୍ରିୟ ।

ଥାନାରୁ ଅନେକ ସମୟରେ ଖୁବ୍ ଚାଞ୍ଚଲ୍ୟକର ସମ୍ବାଦମାନ ମିଳିଥାଏ । ତାଛଡ଼ା ବିନୋଦ ସହିତ କିଛି ଦିନ ହେଲା ଦେଖା ହେଇ ନ ଥିବାରୁ ଦେବପ୍ରିୟ ଥାନା ଆଡ଼େ ବାହାରିଗଲେ । ସକାଳ ପ୍ରାୟ ୯ଟା ସବୁଦିନ ପରି ହସି ହସି ସ୍ୱାଗତ କଲେ ବିନୋଦ । ବିନୋଦ କହିଲେ, "ଆଜି ତୋ ପାଇଁ ତାଜା ଖବର ଅଛି ଡ଼ିପି । ତୋ ଖବରକାଗଜରେ ବଡ଼ ବଡ଼ ଅକ୍ଷରରେ ଛାପି ଦବୁ- ପୋଲିସ୍‌ର ସଫଳତା । ସହରରେ ଚାଲିଥିବା ଯୌନ କାରବାରର ରାଣୀ ମହୁମାଛି ଗିରଫ୍ । ଅସଜ୍ଜିତ ଅବସ୍ଥାରେ ଧରା ହୋଇଥିବା ଦୁଇଜଣ ସରକାରୀ କର୍ମଚାରୀ ଥାନା ହାଜତରେ। ପୋଲିସ୍‌ର ଅଧିକ ଅନୁସନ୍ଧାନ ଜାରି ରହିଛି।"

ସତେ ନା କ'ଣ ? "ଏ ସହରର ଚରିତ୍ର ଏଇ କିଛି ଦିନ ଭିତରେ କ'ଣ ଏମିତି ହେଇଯାଇଚି ? ମୁଁ ବିଶ୍ୱାସ କରିପାରୁନି ?"

"ତୁ ବିଶ୍ୱାସ ନ କରିବାର କିଛି କାରଣ ନାହିଁ ଡ଼ିପି । ତୁ ତ ଜାଣୁ ଏ ସହରର ଜନସଂଖ୍ୟା ଯେମିତି ହୁ ହୁ ହୋଇ ବଢୁଚି ତା ସହିତ ତାଳ ଦେଇ ଅପରାଧ ବି ବଢ଼ିବାରେ ଲାଗିଚି । ଆଉ ଏଇ ଅପରାଧ ଭିତରେ ଇଏ ବି ଗୋଟିଏ ଅପରାଧ । ତଦନ୍ତ ପରେ ଜଣାପଡ଼ିବ ଏହାର ଚେର କେତେଦୂର ଯାଇଚି ।"

- ତୋ ଲକ୍ ଅପ୍‌ରେ ଥିବା ଅତିଥି ମାନଙ୍କୁ ମୁଁ ଟିକିଏ ଦେଖିପାରିବି ?

-ହଁ, ହଁ, ନିଶ୍ଚୟ । ତତେ ମନା କଲେ ମୋ ଚାକିରି ରହିବ ତ ? କାଲି ସକାଳେ ମୋ ନାଁ 'ନିତିପ୍ରତି'ର ପ୍ରଥମ ପୃଷ୍ଠାରେ ବାହାରିଥିବ। ହସି ହସି ହାଜତର ଦ୍ୱାର ଆଡ଼େ ଇଶାରା କଲେ ବିନୋଦ ।

ହାଜତ ଭିତରେ ଯାହା ଦେଖିଲେ ତଟସ୍ଥ ହେଇଗଲେ ଦେବପ୍ରିୟ । କୋଠରୀର ଗୋଟିଏ କୋଣରେ ରାଣୀ । ଦେବପ୍ରିୟଙ୍କୁ ଦେଖି ଦରଜାର ରେଲିଂ ପାଖକୁ ଚାଲିଆସିଲା ରାଣୀ ।

- ମତେ ଏଠୁ ମୁକୁଳାଅ ଡ଼ିପି । ତମେ ସାମ୍ବାଦିକ । ତମେ ଚାହିଁଲେ ମତେ ନିଶ୍ଚୟ ସାହାଯ୍ୟ କରିପାରିବ । ତମେ ସମ୍ବୋଧନ କରୁଚି ବୋଲି ମତେ ଭୁଲ ବୁଝିବନି । ତମେ ମୋଠାରୁ ବୟସରେ ନିଶ୍ଚୟ ସାନ ହବ । ସେଥିପାଇଁ ତମେ ବୋଲି କହିଦେଲି ।

ଦେବପ୍ରିୟ ଲକ୍ଷ୍ୟ କଲେ ରାଣୀ ମୁହଁରେ ଲଜ୍ଜା ଅନୁଶୋଚନାର କୌଣସି ଆଭାସ ନାହିଁ । ସେ କ'ଣ ପୋଲିସ୍ ଦ୍ୱାରା ଆରେଷ୍ଟ ହେଇ ବି ଲଜ୍ଜିତ ହେଇନି !! ଆରେଷ୍ଟ ହବାର କାରଣ ଯାହା ସେଥିରେ ଜଣେ ସାଧାରଣ ମହିଳା ମୁଣ୍ଡ ଉଠାଇ ଚାହିଁବାକୁ ବି ସଂକୋଚ କରିବ । ଏ ରାଣୀ କି ଉପାଦାନରେ ଗଢ଼ା ହେଇଚି !!

- ଆପଣଙ୍କୁ ଦେଖିଲେ ମନେ ହେଉନି ଆପଣ ଏଭଳି ଗୋଟାଏ ଘୃଣ୍ୟ ଅପକର୍ମ କରି ପୋଲିସ୍ ଦ୍ୱାରା ଧରା ହେଇଚନ୍ତି ବୋଲି । ପୋଲିସ୍ କ'ଣ ମିଛରେ ଆପଣଙ୍କୁ ଏଠିକି ଧରିଆଣିଚି ? ମତେ ସତ କରି କହନ୍ତୁ କାଲି ସକାଳୁ ଦେଖିବେ ରାଜ୍ୟ ସାରା ଚହଳ ପଡ଼ିଯିବ । ପୋଲିସ୍‌ର ଏ ପ୍ରକାର ଅମାନୁଷିକତା ପାଇଁ - କହିଲେ ଦେବପ୍ରିୟ ।

-ଆପଣ ଆପଣ କହି ମତେ କଷ୍ଟ ଦିଅନି ଡ଼ିପି । ମତେ ତମେ ବୋଲି ସମ୍ବୋଧନ କରିଲେ ଖୁସି ଲାଗିବ ।

-ଠିକ୍ ଅଛି ତା'ହେଲେ ମତେ ସତ ସତ କୁହ ରାଣୀ, ତମେ ଏଠି କେମିତି ?

-ମୁଁ କହିବି, ସବୁ କହିବି । ହେଲେ ମୋ ପାଇଁ କେହି ଜଣେ ଓକିଲ ଠିକ୍ କରିଦିଅ ଯାହା ଖର୍ଚ୍ଚ ହେବ, ମୁଁ ଦବାକୁ ପ୍ରସ୍ତୁତ ଅଛି । ଏଇ ହାଜତରୁ ମତେ ବାହାର କରିବାର ବ୍ୟବସ୍ଥା କରିଦିଅ । ମୁଁ ତମକୁ ଅନୁରୋଧ କରୁଚି।

-ତମ ପରି ଜଣେ ଦୁଶ୍ଚରିତ୍ରା ପାଇଁ ମୁଁ ସାହାଯ୍ୟର ହାତ ବଢ଼ାଇବି ସେ ଆଶା ରଖନି ମୋଠାରୁ ।

- ଚରିତ୍ର ଖରାପ ହେଇପାରେ, ଚାଲିଚଳଣ ଖରାପ ହେଇପାରେ । ହେଲେ ମୁଁ ଜଣେ ରକ୍ତ ମାଂସ ଧାରୀ ମଣିଷ। ଦୁର୍ଦ୍ଦିନରେ ମଣିଷ ହିଁ ମଣିଷକୁ ସାହାଯ୍ୟ କରିଥାଏ । କୋଉ ପରିସ୍ଥିତିରେ ମୁଁ ଆଜି ଏଭଳି ଅଭାବନୀୟ ଅବସ୍ଥାରେ ଅଛି ସେ କଥା ତମକୁ ନିଶ୍ଚୟ କହିବି। ଫୁରୁସତ୍‌ରେ ମୋ

ବ୍ୟକ୍ତିଗତ ଜୀବନର ଇତିହାସ ପୃଷ୍ଠା ତମ ଆଗରେ ନିଶ୍ଚୟ ଖୋଲିବି ଡ଼ିପି । ମୁଁ କଥା ଦେଉଚି । ହେଲେ ମତେ ଆଜି ଏଇଠ ବାହାରିବାକୁ ଦିଅ । ଏତିକି ତମକୁ ବିଶ୍ୱାସ ଦେଉଚି ଗତକାଲିର ଘଟଣାରେ ମୁଁ ଜଡ଼ିତ ନ ଥିଲି । ଯେଉଁ ଝିଅଟା ଥିଲା, ପୋଲିସ୍ ତାକୁ ଧରିପାରିନି । ମୋର ଭଡ଼ା ଘରର ଗୋଟିଏ ଅଂଶରୁ ତମ ଭଦ୍ରସମାଜର ଭଦ୍ରଖୋଳଧାରୀ ଦୁଇଜଣଙ୍କୁ ପୋଲିସ ଧରିଆଣିଚି, ଆଉ ସେମାନଙ୍କ ସହିତ ମତେ । ମତେ ବିଶ୍ୱାସ କର ଡ଼ିପି, ସାହାଯ୍ୟ କର ।

-ଏ କଥା ଯଦି ସତ, ତେବେ ବିନୋଦକୁ କହିବି ସେ ତମକୁ ଛାଡ଼ିଦବ । ରାଣୀର ଆଖିକୁ ଚାହିଁଲେ ଦେବପ୍ରିୟ। ସେ ଆଖି ଦୁଇଟାରେ ଅପରାଧ ଭାବର ଲେଶ ମାତ୍ର ଆଭାସ ନାହିଁ । ତା'ହେଲେ ରାଣୀ କ'ଣ ସତ କହୁଚି ? ଦେବପ୍ରିୟଙ୍କର ମନରେ ଦ୍ୱନ୍ଦ । ବିନୋଦକୁ ସେ ଯେତିକି ଜାଣିଚନ୍ତି ସେ ଜଣେ ସଚ୍ଚୋଟ ପୋଲିସ୍ ଅଫିସର। ହେଲେ ସେ ରାଣୀକୁ ଧରିଆଣିଚି କାହିଁକି ??

ବିନୋଦ ସହିତ କଥାବାର୍ତ୍ତା ହବା ପାଇଁ ହାଜତ ପାଖରୁ ଫେରିଲେ ଦେବପ୍ରିୟ । ସାମ୍ନା ଚଉକିରେ ବସିଲେ । ବିନୋଦ ପଚାରିଲେ - "ତୁ କ'ଣ ଏମାନଙ୍କୁ ଚିହ୍ନିଚୁ ଡ଼ିପି ? ଦେଖିବୁ ବୋଲି ବେଶ୍ କିଛି ସମୟ ରହିଗଲୁ ଯେ ?"

ଏମାନଙ୍କ ଭିତରୁ କାହାକୁ ଚିହ୍ନିନି, ହେଲେ କିଛି କିଛି ଜାଣିଚି ସେ ଭଦ୍ରମହିଳାଙ୍କୁ । ଏଇ କିଛିଦିନ ତଳେ ତାଙ୍କ ସହିତ ଦେଖା ହେଇଥିଲା ଚିହ୍ନିବା ଆଉ ଜାଣିବା ଭିତରେ ଖୁବ୍ ପାର୍ଥକ୍ୟ ଥାଏ । ସବୁ ଜଣାଶୁଣା ବ୍ୟକ୍ତିତ୍ୱ ଚିହ୍ନା ହେଇପାରନ୍ତିନି। ଚିହ୍ନିବା ପାଇଁ ନିବିଡ଼ ହବାକୁ ପଡ଼େ। ଏଇ ଭଦ୍ରମହିଳାଙ୍କ ସହିତ ମୋର ନିବିଡ଼ତା ନାହିଁ । ଅପରାଧ କରିବା ଏବଂ ଅପରାଧିକୁ ଆଶ୍ରୟ ଦବା ଭିତରେ ପାର୍ଥକ୍ୟ ନିଶ୍ଚୟ ଅଛି ଏବଂ ଉଭୟ ପରିସ୍ଥିତିରେ ଦୁହେଁ ଦୋଷୀ । ରାଣୀ ଯଦିଓ କାଲିର ଘଟଣାରେ ସିଧାସଳଖ ସଂଶ୍ଳିଷ୍ଟ ନୁହେଁ, ତେବେ ତା'ରି ଜାଣତରେ ଘର ଭିତରେ ଏ ଲୀଳା କେବେଠାରୁ ଚାଲିଚି । ପୋଲିସ୍ ପାଖରେ ଖବର ଥିଲା, କେବଳ ମଉକାର ପ୍ରତୀକ୍ଷା ଥିଲା, ହେଲେ ଆଉ ଗୋଟିଏ ଝିଅ ଆମ ହାତରୁ ଖସିଗଲା । ଏ ରାଣୀଠାରୁ ତାର ଠିକଣା ମିଳିବ । ସେ ପାଇଁ ସେଇଟାକୁ ମୁଁ ଧରି ଆଣିଚି - କହିଲେ ବିନୋଦ ।

"ମୁଁ ଭାବୁଚି ରାଣୀଠାରୁ ତୋର ଦରକାରୀ ସୂଚନା ସଂଗ୍ରହ ପରେ ତାକୁ ଛାଡ଼ି ଦେଲେ ଭଲ ହୁଅନ୍ତା । ପୋଲିସ ହାଜତରେ ଥାଇ ଆଇନର ଲମ୍ବା ହାତ ବିଷୟରେ ସେ ନିଶ୍ଚୟ ଜାଣି ସାରିବଣି । ତାକୁ ତାଗିଦ୍ କରି ଛାଡ଼ି ଦେଇ ପାରିବୁନି ବିନୋଦ ?" ଦେବପ୍ରିୟ ଅନୁରୋଧ ଭଙ୍ଗିରେ କହିଲେ । "ରାଣୀଠାରୁ ଗୋଟାଏ ବ୍ୟକ୍ତିଗତ ମୁଚାଲିକା ରଖିଦେଲେ ତୁ ଚାହିଁଲା ମାତ୍ରେ ସେ ଥାନାରେ ଆସି ହାଜିରା ଦବ ।" ବିନୋଦ କହିଲେ, "ମୁଁ ବି ସେଇ କଥା ଭାବୁଚି। ରାଣୀର ଡ଼ାକ୍ତରୀ ମାଇନା କଲେ ବିଶେଷ କିଛି ଫଳ ହବନି। ହେଲେ ଆଇନ ଅନୁଯାୟୀ କାଗଜପତ୍ର କରିସାରିଲେ ଯାହା କିଛି କହିବି ।"

ସନ୍ଧ୍ୟାରେ ଦେବପ୍ରିୟଙ୍କର କଲିଂବେଲଟା ବାଜି ଉଠିଲା । ସାମ୍ନାରେ ରାଣୀ, କୃତଜ୍ଞତା ଜଣେଇବା ମୁଦ୍ରାରେ ଠିଆ ହେଇଚି ।

ଭିତରକୁ ଆସିବାକୁ କହିବନି ଡ଼ିପି ? ତମକୁ କଥା ଦେଇଥିଲି ମୋର ଇତିହାସ ପୃଷ୍ଠା ଖୋଲିଦେବି ବୋଲି । ମୋ କଥା ରଖିବାକୁ ମତେ ଅଧାଘଣ୍ଟା ସମୟ ଦିଅ । ତମେ ଯଦି ମତେ ଦୋଷୀ ବୋଲି ଭାବୁଥାଅ, ଗଳା ଧକା ଦେଇ ତମ ଘରୁ ତଡ଼ି ଦେଲେ ବି ମୁଁ ଆପତ୍ତି କରିବି। ଦୀର୍ଘଶ୍ୱାସ ନେଇ କହିଲା ରାଣୀ ।

ତମ ଆଗରେ ବସିଥିବା ଏଇ ରାଣୀର ଅସଲ ନାଁ ରାଣୀ ନ ଥିଲା । ମୋ ନାଁ ରୁନି । ବାପା ମା'ଙ୍କର ଏକ ମାତ୍ର ଝିଅ ରୁନି । ଖୁବ୍ ଆଦର ଯତ୍ନରେ ବଡ଼ କରିଥିଲେ ମୋ ବାପା ।

ମୁଁ ବି.ଏର ପ୍ରଥମ ବର୍ଷର ଛାତ୍ରୀ । ପ୍ରତିଦିନ ପନ୍ଦର କିଲୋମିଟର ବସ୍‌ରେ ଯିବା ଆସିବା କରେ । ବସ୍‌ରୁ ଓହ୍ଲାଇ ପ୍ରାୟ ଦେଢ଼କିଲୋମିଟର ପାଦ ଚଲା ରାସ୍ତା ପରେ ଘର । ଫେରୁ ଫେରୁ ସନ୍ଧ୍ୟା ହେଇଯାଏ । ଶୀତଦିନ ସନ୍ଧ୍ୟାଟା ଶୀଘ୍ର ହେଉଥିବାରୁ ସେଇ ପାଦଚଲା ରାସ୍ତା ଖଣ୍ଡିକ ଟିକେ ଡ଼ର ଡ଼ର ଲାଗେ । ମନ ଚାହୁଁଥାଏ କେହି ଜଣେ ସାଥୀରେ ଥାଆନ୍ତା ଯଦି ଭଲ ହୁଅନ୍ତା । ଦିନେ ଦେଖିଲି ସାଇକେଲ ଖଣ୍ଡେ ଗଡ଼େଇ ଗଡ଼େଇ କେହି ଜଣେ ମୋର ପିଛା କରୁଚି। ପଛକୁ ଫେରି ଚାହିଁଲି ପାଖ ଗାଁର ବିଜୟ । ଆମ ଠାରୁ ଦୁଇ

ବର୍ଷ ଉପର ଶ୍ରେଣୀରେ ପଢୁଥିଲା ସ୍କୁଲରେ ପଢ଼ିଲା ବେଳେ। ମନରେ ଦମ୍ଭ ଆସିଲା । ଜଣା ଶୁଣା ଚେହେରା । ବିଜୟ କ୍ରମେ ମୋର ନିକଟତର ହେଲା । ମତେ କହିଲା ତୁ ସବୁଦିନ ଏକା ଏକା ଏଇ ଅନ୍ଧାରଟାରେ ଆସୁଚୁ । ତତେ ଡ଼ର ଲାଗୁଥିବ ଭାବି ତୋ ସହିତ ଆସିଲି । ଅନ୍ୟ କିଛି ଭାବିବୁନି । ତମ ଗାଁ ମୁଣ୍ଡ ଆମ୍ବ ତୋଟାଠାରୁ ତୁ ଏକା ଚାଲିଯିବୁ । ସେ ଯାଏଁ ମୁଁ ତତେ ଛାଡ଼ି ଦେଉଥିବି ।

ଗାଁ ମୁଣ୍ଡ ଆମ୍ବ ତୋଟାଠାରୁ ଆମ ଘର ଡ଼ାକେ ବାଟ। ସେଇଠି ଠିଆ ହେଲେ ଆମ ବାଡ଼ିର ସଜନା ଗଛଟା ଜଳ ଜଳ ଦେଖାଯାଏ । ସେ ଦିନ ଠାରୁ ମୁଁ ଭାବିଲି ଯାହା ହେଉ ମୋର ଆଉ ଭୟ ନାହିଁ । ହୁଏତ ସେ ଦିନ ଏତଟା ନିର୍ଭୟ ହେଇଯିବା ମୋ ପାଇଁ ଉଚିତ ନ ଥିଲା । ବିଜୟକୁ ଯଦି ମୁଁ ପ୍ରଶ୍ରୟ ଦେଇ ନ ଥାନ୍ତି ରୁନିରୁ ରାଣୀ ହେଇ ନଥାନ୍ତି।

ଏମିତି କିଛି ଦିନ ଚାଲିଲା ପରେ ଦିନେ ଦେଖିଲି ବିଜୟ ଆସିନି । ମୋ ମନଟା ବିଜୟକୁ ଖୋଜୁଥିଲା । ମୁଁ ଅନୁଭବ କରୁଥିଲି ବିଜୟ ଯେମିତି ମୋ ହୃଦୟର କୋଉ ଗୋଟାଏ କୋଣରେ ଆସ୍ଥାନ ଜମାଇବା ଆରମ୍ଭ କରିଦେଇଚି । ଦିନେ ଦୁଇଦିନ ପରେ ବିଜୟ ଫେରିଲା । ହାତରେ ଗୋଟାଏ ସୁନା ଚେନ । ମତେ କହିଲା ସହର ଯାଇଥିଲି ଏଇଟା ତୋ ପାଇଁ ଆଣିଚି । ନେ ରଖ୍ । ବିଜୟ ହାତରେ ସୁନା ଚେନ ଦେଖି ମୁଁ ପଚାରିଲି, "ମୋ ପାଇଁ କାହିଁକି ଆଣିଲ ? ଏତେ ଦାମୀ ଜିନିଷର ଦାମ୍ ମୁଁ ତମକୁ ଦେଇପାରିବିନି । ତାଛଡ଼ା ଏଇଟା ଦେଖିଲେ ବାପା ମୋର ବିରକ୍ତ ହେବେ ।"

"ତତେ ଦାମ୍ କିଏ ମାଗୁଚି ?" ବିଜୟ କହିଲା – ସହରରେ ମୋର ବିଜିନେସ୍ ଅଛି । ସେଇ କାମରେ ଯାଇଥିଲି । ତୋ କଥା ମନେ ପଡ଼ିଲା, ଏଇଟା ନେଇ ଆସିଚି । ତତେ ନବାକୁ ପଡ଼ିବ । ଜୋର କରି ସୁନା ଚେନଟା ମୋ ବେକରେ ଗଳାଇ ଦେଲାବେଳେ ବିଜୟ ହାତର ସ୍ପର୍ଶ ମୋ ଦେହରେ ଶିହରଣ ଖେଳାଇ ଦେଲା । ବିଜୟ ହସିଲା, ଲାଜରେ ମୋ ମଥା ତଳକୁ ହେଲା । ଆମ୍ବ ତୋଟା ପାଖରୁ ବିଜୟ ଫେରିଯିବା ପରେ ଚେନଟାକୁ ଓହ୍ଲାଇ ଦେଇ ଲୁଚାଇ ରଖିଲି । ସବୁଦିନ କଲେଜ ଯିବା ପରେ ସେଇଟାକୁ ପିନ୍ଧେ ।

ଏମିତି ପାଞ୍ଚ ଛଅମାସ ପରେ ଦିନେ ବିଜୟକୁ କଲେଜ ପାଖରେ ଦେଖିଲି । ଖୁବ୍ ସୁନ୍ଦର ଦିଶୁଥାଏ । ୧୮/୧୯ ବର୍ଷ ବୟସର ଆଖିରେ ସବୁ ରଙ୍ଗିନ ଦେଖାଯାଏ। ମନ ହୁଏ ଡ଼େଣାରେ ରଙ୍ଗ ମାଖି ଉଡ଼ିବୁଲିବାକୁ। ଗାଁର କଟକଣା ସହରରେ ନାହିଁ । ବିଜୟ ଡ଼ାକିଲା ସିନେମା ଯିବା ପାଇଁ । ତାର ନୂଆ ମୋଟରସାଇକେଲ ପଛରେ ବସେଇ ସେ ନେଇଥିଲା ସିନେମା । ତମକୁ କହିଥିଲି ଡ଼ିପି ୮ ଅଙ୍କଟା ମୋର ଖୁବ୍ ପରିଚିତ ନମ୍ବର । ବିଜୟର ଗାଡ଼ି ନମ୍ବର ଥିଲା ୮୮ । କ୍ଲାସ ବନ୍ଦ କରି ଏମିତି କେତେଥର ସେଇ ୮୮ ଗାଡ଼ିରେ ବସି ସହର ବୁଲିଚି । ବିଜୟ ଦେଖେଇ ଦେଉଥାଏ ଏଇ ୩ ତାଲା ଘରଟା ମୋର ମାମୁଁଙ୍କର, ଏଇ ଲାଲ କୋଠାଟା ମୋ ପିଉସାଙ୍କର ଇତ୍ୟାଦି ଇତ୍ୟାଦି । ମୁଁ ଭାବୁଥାଏ ଯାହା ହେଉ ବିଜୟର ଏଇ ସହରରେ ଖୁବ୍ ଜଣାଶୁଣା । ଧନ ସମ୍ପତ୍ତିର ଅଭାବ ନାହିଁ ବୋଧହୁଏ । ନ ହେଲେ ଏତେ ଶୀଘ୍ର ନୂଆ ମୋଟରସାଇକେଲଟା କିଣିଥାନ୍ତା କୋଉଠୁ ?

କିଛିଦିନ ପରେ ବିଜୟ ପ୍ରସ୍ତାବ ଦେଲା, "ଦେଖ୍ ରୁନି, ଆଉ କେତେ ଦିନ ଏମିତି ଲୁଚି ଲୁଚି ବୁଲିବା ? ଚାଲ ଆମେ ବାହା ହେଇଯିବା"। ମୁଁ କହିଲି ବାହା ହବାଟା କ'ଣ ପିଲା ଖେଳ ହେଇଚି ? ବାପା, ମା ନ ଜାଣି ଆମେ ବାହା ହବା ଠିକ୍ ହବନି । ଅପେକ୍ଷା କର। ତମ ବାପାଙ୍କୁ କୁହ ସେ ମୋ ବାପାଙ୍କ ସହିତ କଥା ହୁଅନ୍ତୁ ।" ବିଜୟ ମୋର କୌଣସି କଥା ଶୁଣିବା ପାଇଁ ପ୍ରସ୍ତୁତ ନ ଥିଲା । ତାର ଏକା ଜିଦ, ମୁଁ ଅରାଜି ହେଲେ ସେ ଆତ୍ମହତ୍ୟା କରିବ । କଥା କହି ସେ ଏମିତି ବଶ କରିଥିଲା ଯେ ଶେଷରେ କାହାକୁ ନ ଜଣାଇ ଆମେ କୋର୍ଟରେ ବାହା ହେଇଗଲୁ।

ସେଦିନ ସନ୍ଧ୍ୟାରେ ମଥାରେ ସିନ୍ଦୂର ପିନ୍ଧି ବିଜୟର ମୋଟରସାଇକେଲରେ ଆମେ ଘରକୁ ଫେରିଲୁ । ମୋର ପରିବର୍ତ୍ତିତ ପରିପାଟୀ ଦେଖି ମା' ମୋର ଆଶ୍ଚର୍ଯ୍ୟ ହେଇଗଲା। ବାପା ନିର୍ବାକ୍ ହେଇଯାଇଥିଲେ । ଘର ଭିତରଟା ନିଶବ୍ଦ। ସତେ ଯେମିତି କିଏ ଗୋଟାଏ ମରିଗଲା ଆଉ ଏଇ ରାଣୀ ସେଦିନ ଜନ୍ମ ନେଲା । ବିଜୟ ଘର

ଭିତରକୁ ନ ଆସି ଫେରିଯାଇଥିଲା । ଯେତେ କହିଲେ ବି ବାପା ମା'ଙ୍କ ସହିତ ଦେଖା କଲାନି । ଏଇ ଅଘଟଣ ପରେ ମା' ମୋର ଭାଙ୍ଗି ପଡ଼ିଲା ।

ଦୁଇଦିନ ପରେ ବିଜୟ ଆସିଲା । ବାପାଙ୍କୁ ପ୍ରଣାମ କରି ମତେ ସାଙ୍ଗରେ ନେଇଯିବାକୁ କହିଲା । ସେଦିନ ବାପାଙ୍କ ଚେହେରାର ପରିବର୍ତ୍ତନ ଦେଖି ମୁଁ ଆଶ୍ଚର୍ଯ୍ୟ ହେଇଥିଲି । ବାପାଙ୍କ ପାଟିରୁ ଅନର୍ଗଳ ଗାଳି ବର୍ଷଣ ହେଉଥିଲା । ବିଜୟକୁ ଗଳା ଧକା ଦେଇ ଘରୁ ତଡ଼ିଦେଲେ। ମତେ ଗୋଟାଏ ରୁମ୍‌ରେ ବନ୍ଦ କରି ରଖିଲେ । ମୋର କଲେଜ ଯିବା ବନ୍ଦ ହେଇଗଲା । ମୁଁ ଭାବିଲି କିଛିଦିନ ପରେ ବାପା ଶାନ୍ତ ହେଇଯିବେ ଓ ବିଜୟକୁ ଗ୍ରହଣ କରିନେବେ । ହେଲେ ମୋର ଆଶା ବୃଥା ଥିଲା । ତାଙ୍କର ଅନୁଭବି ଆଖି ଦି'ଟା ବିଜୟ ଠାରେ କ'ଣ ଦେଖିଥିଲା କେଜାଣି, ବିଜୟକୁ ସେ ଗ୍ରହଣ କରିପାରିଲେନି । ଆମର ବାହାଘରକୁ ସେ ସ୍ୱିକୃତୀ ଦେଲେନି । ଅନେକ ଥର ବିଜୟର ଟେଲିଫୋନ୍ ଆସିଚି । ସବୁଥର ତାକୁ ଗାଳି ଫଜିଜ୍ କରି ଟେଲିଫୋନ କାଟି ଦିଅନ୍ତି ବାପା । ଏମିତି କିଛି ଦିନ ଗଲା । ଗାଁରେ ମୋର ଦୁର୍ନାମର ଡ଼ିଣ୍ଡିମ ବାଜିଲା। ମୋ ଯୋଗୁ ବାପା ଘରୁ ବାହାରିଲେନି ଏବଂ ତାଙ୍କୁ ଅନବରତ ଲୁହ ଢ଼ାଳିବାର ମୁଁ ଦେଖିଲି ।

ସେଦିନ ଫେବୃୟାରୀ ୮ ତାରିଖ । ବାହାରେ ଖୁବ୍ ଥଣ୍ଡା । ମଫସଲ ଗାଁ । ରାତି ୧୧ଟା ବେଳକୁ ଗାଁରେ ସମସ୍ତେ ଖାଇପିଇ ଶୋଇ ଯାଇଚନ୍ତି । ଆମ ଘର ଆଗରେ ଦୁଇଟା ମୋଟରସାଇକେଲ ରହିଲା । ଗୋଟାକରେ ବିଜୟ ଅନ୍ୟଟିରେ ଆଉ ଦୁଇଜଣ । ବିଜୟ ଆମ କବାଟ ଖଟ ଖଟ କଲା । ମା' କବାଟ ଖୋଲିଲା । କାହାକୁ କିଛି ନ କହି ବିଜୟ ସିଧା ମୋ ରୁମ୍‌ରେ । ଘର ବୋଲି ତିନି ବଖରା । ଦାଣ୍ଡ ବଖରା, ତା' ପାଖକୁ ବାପାଙ୍କ ଶୋଇବା ରୁମ୍, ଆଗରେ ଖୋଲା, ଖାଇବା ଜାଗା ଆଉ ତା ସାମନାରେ ରୋଷେଇ ଘର । ରୋଷେଇ ଘରକୁ ଲାଗି ମୋ ରୁମ୍ । ବାପାଙ୍କ ରୁମ୍‌ର ଠିକ୍ ସାମ୍‌ନାରେ । ଏଣୁ ମୋ ରୁମ୍ ଖୋଜିବାରେ ତାକୁ ଅସୁବିଧା ହେଲାନି । ହାତରେ ଧରିଚି ଆମ ବାହାଘରର କାଗଜ । ବାପାଙ୍କ ଆଗରେ ସେଇ କାଗଜଟିକୁ ଦେଖାଇ କହିଲା, "ରୁନି ମୋର ସ୍ତ୍ରୀ, ମୁଁ ତାକୁ ବାହା ହେଇଚି । ଏଇ ଘରର କେହି ତାକୁ ଅଟକାଇ ରଖିପାରିବେନି। ମୁଁ ତାକୁ ଆଜି ଏଇ ମୁହୂର୍ତ୍ତରେ ନେଇଯିବି।" ମତେ ଶୂନ୍ୟେ ଶୂନ୍ୟେ ଟେକି ନେଇ ମୋଟରସାଇକେଲରେ ବସାଇ ଆଖି ପିଛୁଳାକେ ଚାଲିଗଲା। ବାପା ମା'ଙ୍କର ଶେଷ ଦର୍ଶନ ବି ମୁଁ କରିପାରିଲିନି । ମୁଁ ଅନୁଭବ କରିଚି ତାଙ୍କ ଆଖିରୁ ନିଗିଡ଼ିଥିବା ଲୁହରେ ମୋର ସର୍ବସ୍ୱ ବହି ଯାଇଥିଲା।

ରାତି ଦୁଇଟାରେ ଆମେ ଷ୍ଟେସନ ପହଁଞ୍ଚିଲୁ । ବିଜୟ ଆଗରୁ ସବୁ ବନ୍ଦୋବସ୍ତ କରି ରଖିଥିଲା । ଏକ ଅଜଣା ସହରକୁ ଟ୍ରେନ ଚାଲିଲା । କୋଉଠିକି ଯାଉଚେ ବୋଲି ଯେତେ ପଚାରିଲେ ବି ବିଜୟ କିଛି କହି ନ ଥିଲା । ଦୁଇଦିନ ପରେ ଆମେ ପହଁଞ୍ଚିଲୁ ବମ୍ବେ ସହରରେ। କହନ୍ତି ବମ୍ବେ ସହର କେବେ ବି ଶୁଏନି । ସତରେ ସେଦିନ ଦେଖି ମୁଁ ବିଶ୍ୱାସ କରିପାରିଲିନି । ରାତି ସାରା ଲୋକ ଚଳପ୍ରଚଳ। ସକାଳ ହେଲାରୁ କୋଉ ଗୋଟେ ଅଖ୍ୟାତ ଗଳିକୁ ନେଇଯାଇଥିଲା ବିଜୟ । ଏକ ବଖରିଆ ଘର ଖଣ୍ଡେ । ବମ୍ବେବାଲା 'ଖୋଲି' କହନ୍ତି । ବେଶ୍ ୧୨/୧୫ ଦିନ ଆରାମରେ କଟିଲା । ଇଆ ଭିତରେ ବିଜୟ ତା'ର ସ୍ୱାମୀତ୍ୱ ଜାହିର କରିସାରିଥାଏ ।

ଦିନେ ପ୍ରାୟ ରାତି ୧୦ଟା ହବ, ବିଜୟ ସହିତ ମଟରସାଇକେଲରେ ଯାଇଥିବା ସେଇ କାଳିଆ ଭୁଷୁଣ୍ଡାରୁ ଜଣକୁ ଆମ ରୁମ ଭିତରକୁ ଠେଲିଦେଇ ବିଜୟ କହିଲା ସେ ଆଜି ଏଇଠି ରହିବ । ତାର ଯାହା ଦରକାର ତାକୁ ଦେଇଦବୁ । ବାହାରୁ ଦରଜା ବନ୍ଦ କଲା । ସେଦିନ ଅଙ୍ଗେ ଅଙ୍ଗେ ଅନୁଭବ କଲି ନାରୀଟି କେତେ ଅସହାୟା । ମୋର କୌଣସି ପ୍ରାର୍ଥନା ବା ଆଖି ଲୁହର ପ୍ରଭାବ ପଡ଼ି ନଥିଲା ସେଇ କାଳିଆ ଲୋକ ଉପରେ । ଏମିତି ରିତିମତ୍ ଚାଲିଲା ଆଉ ସେଇ ଖୋଲିରେ ରୁନି ପରିପୂର୍ଣ୍ଣ ରାଣୀ ହେଇଗଲା । ଯେତେ ଚେଷ୍ଟା କଲେ ବି ସେ ଆଉ ରୁନି ହେଇ ପାରିବନି। ରାଣୀର ଆଖିରେ ଲୁହ ବାଧା ମାନୁନି ।

ପ୍ରାକ୍ ଯୌବନର ଉଦ୍ଦାମତା ବେଶୀ ଦିନ ତିଷ୍ଠି ରହେନି, ଢ଼ିପି । ଦିନେ ଭଟ୍ଟା ଆସେ । ସେଇ ଜୁଆର

ଭଙ୍ଗାକୁ ଯିଏ ସମ୍ଭାଳି ଯାଏ ଜୀବନ ଦରିଆରେ ତା' ଡ଼ଙ୍ଗା ଅସ୍ତିତ୍ୱ ହରାଏନି । ଯୌବନର ସ୍ୱପ୍ନ ମୋ ଆଖିରେ ଏମିତି ଅନ୍ଧପୁଟୁଳି ବାନ୍ଧି ଦେଇଥିଲା ଯେ ଭଲ ମନ୍ଦର ପ୍ରଭେଦ ମୁଁ ବୁଝି ନ ଥିଲି ।

ବିଜୟ ଆଉ ଫେରି ନ ଥିଲା । କିଛି ବର୍ଷ ବମ୍ବେ ସହରରେ ରହିଲା ପରେ ଅନୁଭବ କଲି ରାଣୀ ନାଁଟା ବମ୍ବେରେ ମତେ ରହିବାକୁ ଦବନି। ଫେରି ଆସିବାକୁ ପଡ଼ିବ ।

ଏଇ ସହରକୁ ଏଇ ୨/୩ ବର୍ଷ ହେଲା ଆସିଚି । କ୍ରମବର୍ଦ୍ଧିଷ୍ଣୁ ଏଇ ସହର ସବୁ କିସମର ଲୋକକୁ ଆଦରି ନେଇଚି ଯେତେବେଳେ ମତେ କାହିଁକି ଆଶ୍ରା ମିଳିବନି । ଆଶ୍ରା ସିନା ମିଳିଗଲା, ରୋଜଗାର ମିଳିଲାନି – ଶିକ୍ଷାଗତ ଯୋଗ୍ୟତା ନାହିଁ । ବୟସ ୩୫ ଟପିଚି, ପେଟ ପାଇଁ କିଛି ଉପାୟ ତ ଖୋଜିବାକୁ ପଡ଼ିବ । ତା ପରେ ଯିଏ ଯୋଉ କଳାରେ ଅନୁଭବ ହାସଲ କରିଚି ସେ ତାହିଁ କରିବ । ଦେହ କଳାରେ ମୋର ଅନୁଭବ ଯଥେଷ୍ଟ ।

ନାରୀକୁ ଏଇ ସ୍ତରକୁ ଆଣିବା ଲାଗି କ'ଣ ପୁରୁଷ ଦାୟୀ ନୁହେଁ ? ମତେ କୁହାଯାଉଚି ରାଣୀ ମହୁମାଛି । ହେଲେ ମୁଁ ତ କାହାକୁ ଅବାଟରେ ଯିବାକୁ ବାଧ୍ୟ କରିନି ବରଂ ସେଇମାନଙ୍କୁ ଆଶ୍ରୟ ଦେଇଚି । ମୋ କୋଠରୀରେ ଦେହ ବ୍ୟବସାୟ କରୁ ନ ଥିଲେ ସେମାନେ ଅନ୍ୟ କୋଉଠି କରୁଥାନ୍ତେ ।

ଆଜି ବିଜୟ ପରି ଉଦ୍‌ଭ୍ରାନ୍ତ ଯୁବକ ମାନଙ୍କର ମାୟା ଜାଲରେ କେତେ ରୁନି ବନ୍ଧା ପଡୁଥିବେ । ସେଇ ମାନଙ୍କୁ ରକ୍ଷା କର ଡ଼ିପି । ତମେ ପାରିବ । ତମ କଲମ ମୁନରେ ଭଗବାନ ଶକ୍ତି ଦିଅନ୍ତୁ । ରୁନି ମାନଙ୍କୁ ଅକାଳରେ ଝରିଯିବାକୁ ଦିଅନି ।

ରାଣୀର କଣ୍ଠ ବାଷ୍ପରୁଦ୍ଧ । ଆଖିରେ ଲୁହ ଭର୍ତ୍ତି । ସେଇ ଲୁହ ଭିତରେ ଦେବପ୍ରିୟ ଖୋଜୁଥିଲେ ସେଇ ଅନୁଢ଼ା କିଶୋରୀ ରୁନିର ପ୍ରତିଛବିକୁ। ଯୁବତୀ ସୁଲଭ ଚପଳତା ଆଉ ଅନ୍ଧ ଭାବେ ବିଶ୍ୱାସ କରିଥିବା ବିଜୟର କରାଳ ଛାୟାରେ ସେ ପ୍ରତିଛବି ଯେମିତି କଳା ପଡ଼ିଯାଇଛି। ତାର ନାରୀତ୍ୱ ଲାଞ୍ଛିତ ହେଇଚି । କିନ୍ତୁ ସେଇ ଲମ୍ପଟ ପୁରୁଷ ଗୁଡ଼ାଙ୍କର କିଛି ବି ହେଇନି ।

ଦେବପ୍ରିୟଙ୍କର କୋଠରୀରୁ ଧୀରେ ଧୀରେ ପାଦ କାଢ଼ିଲା ରାଣୀ । ଦେବପ୍ରିୟ ମୁହଁରେ ଭାଷା ନାହିଁ । ପଛରୁ ଡ଼ାକିବେ କି ନାଇଁ ଭାବିଲା ବେଳକୁ ଆଖି ଉହାଡ଼ରୁ ଚାଲି ଯାଇଥିଲା ରୁନି ଓରଫ ରାଣୀ, ରାଣୀ ମହୁମାଛି ।

ଏ.ଏଫ.ଏ (ଟି) ଅବସରପ୍ରାପ୍ତ
ମୋ : ୮୧୧୪୩୬୮୬୮୪
ଡ଼ି.୪/୨୦୩, ନଟବରବାଟିକା
ଏମ.ଜେ. ଉଡ଼ସ୍, ଅନ୍ଧାରୁଆ -୭୫୧୦୦୩

# ସେଇ ଲୋକଟା

◆ ଡ. ଦେବାଶିଷ ପାତ୍ର

ସେ ପ୍ରତିଦିନ ଅପରାହ୍ନରେ ସାଇକେଲରେ ଆସେ ଆଉ ସିଧା ଚାଲେ ମୋ ପଡିଶା ଘର ଛାତ ଉପରକୁ।

ସେଠି ଅଛି ଅନେକ ଫୁଲକୁଣ୍ଡ। ଯେଉଁଥିରେ ସେ ପାଖାପାଖି ଗୋଟେ ଘଣ୍ଟା ପାଣି ଦିଏ। ଆମ ଛାତରେ ଥିବା ଗଛରେ ପାଣି ଦେବା ସମୟରେ ତା' ସହିତ ମୋର ଦେଖାହୁଏ।

ଆଗରୁ ସେ ଆସୁ ନଥିଲା। ଏବେକୁ କେତେଦିନ ହେଲା ଆସୁଛି।

ସେ ଆସିବାଟା ବାଧ୍ୟବାଧକତା। ମୋ ପଡିଶାଘର ଅଫିସର ଜଣକ ଯେଉଁ ଅଫିସ୍‌ରେ ଚାକିରି କରନ୍ତି, ଇଏ ସେଇଠି ତଳିଆ କର୍ମଚାରୀ। ଯେଉଁଦିନ ତା'ର ଆସିବା ବିଳମ୍ବ ହୁଏ, ସେ ଗାଳି ଶୁଣେ।

ଦୁଇଦିନ ହେଲାଣି ଲୋକଟା ଆସି ନଥିଲା। ମୁଁ କିନ୍ତୁ ତା' ଆସିବା ବାଟକୁ ଚାହିଁଥିଲି। ଯେମିତି ଆମ ଗଛରେ ପାଣି ଦେଲାବେଳେ ସେପଟେ ସେ ପାଣିଦେବା ନିହାତି ଦରକାର। କେମିତି ଗୋଟେ ଅଦୃଶ୍ୟ ସମ୍ପର୍କ ମୋର ଆଉ ତା' ଭିତରେ ଗଢି ଉଠିଥିଲା।

ଆମ ଗଛରେ ମୁଁ ଆଜି ପାଣି ଦେଇସାରିଲିଣି। ଲୋକଟା ଅକସ୍ମାତ୍ କାନ୍ଦୁରା ମୁହଁ ନେଇ ପହଞ୍ଚିଲା ତ ତା'କୁ ଗାଳି ଶୁଣିବାକୁ ପଡିଲା। ଲୋକଟା କୈଫିୟତ୍ ଦେଲାପରି କହୁଥିଲା, 'ବାବୁ! ମୋ ମାଆର ଦେହ ଭୀଷଣ ଖରାପ, କେତେବେଳେ କ'ଣ ଘଟିଯିବ।'

'କ'ଣ ଚାକରି କରିବାକୁ ଇଚ୍ଛା ନାହି? ଜାଣିନୁ ମୋତେ, ଏବେ ଚାହିଁଲେ ତୋ ଚାକିରୀ ଗୋଲ୍ କରିଦେବି!' ଭଦ୍ର ଲୋକ ଗର୍ଜି ଉଠିଲେ।

ଲୋକଟା ଲୁହ ପୋଛି ଛାତ ଉପରକୁ ଆସିଲା। ମୁଁ ସବୁ ଶୁଣିଲି ତ' ସମ୍ବେଦନା ଜଣାଇଲି।

ଲୋକଟା ଗଛରେ ପାଣି ଦେବା ଆରମ୍ଭକଲା। ତା'ର କାନ୍ଦୁରା ମୁହଁ ଦେଖି ତା'ର ଭଲମନ୍ଦ ପଚାରିଲି। ତା' ମାଆ ଏବେ ମେଡିକାଲ୍‌ରେ। ବାବୁଆଣୀଙ୍କଠୁ ଫୋନ୍ ପାଇ ସେ ସିଧା ମେଡିକାଲରୁ ଆସିଛି ଗଛରେ ପାଣି ଦେବାପାଇଁ।

ଆଉ ଅଳ୍ପ କିଛି ଗଛରେ ପାଣି ଦେବାକୁ ବାକିଅଛି, ହଠାତ୍ ସେ ଲୋକର ସାର୍ଟ ପକେଟ୍‌ରେ ଥିବା ଫୋନ୍ ରିଂ ହେଲା। ସେପଟୁ କ'ଣ ଶୁଣିଲା କେଜାଣି ଭୋ' କରି କାନ୍ଦି ଉଠିଲା ଲୋକଟା। କହିଲା, 'ବାବୁ! ମୋ ମାଆ ଚାଲିଗଲା। ମୁହଁରେ ପାଣି ଟିକେ ଦେଇ ପାରିଲିନି।'

ସେ ଫେରିବା ପାଇଁ ବିକଳ ହେଉଥିଲା ଆଉ ଶେଷ ଗଛରେ ପାଣି ଦେଉଥିଲା। ମୋର ମନେ ହେଉଥିଲା ସେ ତା' ମାଆ ମୁହଁରେ ଗଙ୍ଗାପାଣି ଦେଉଛି।

ମୁଁ ତା ପିଠି ଆଉଁସୁଥିଲି ସାନ୍ତ୍ୱନା ଦେବା ପାଇଁ।

ରାଜଧାନୀ ମହାବିଦ୍ୟାଳୟ, ଭୁବନେଶ୍ୱର-୩,
ମୋବାଇଲ୍ - ୯୪୩୭୫୯୦୮୪୮



# ଦିବ୍ୟାଙ୍ଗରୁ ଦିବ୍ୟ ଅଙ୍ଗ

◆ ଅଂଜନା ମିଶ୍ର

ସେ ଥିଲେ ଜଣେ ଦିବ୍ୟାଙ୍ଗ । ଜନ୍ମରୁ ଗୋଡ଼ ଓଲଟା ଥିଲା । ତେଣୁ ସେ ଚାଲି ପାରୁ ନଥିଲେ । ଦୁଃଖରେ ଭାଙ୍ଗି ପଡୁଥିଲେ ମା' । ସୁନ୍ଦର ପିଲାଟିଏ । କାହିଁକି ଏପରି ତାକୁ ଗଢ଼ିଲେ ସୃଷ୍ଟିକର୍ତ୍ତା ! ଶିଶୁ ଦେଖି ପାରେନି ଭବିଷ୍ୟତ । କିନ୍ତୁ ମା'ଙ୍କୁ ସବୁକିଛି ଅନ୍ଧାର ଦିଶୁଥାଏ । ମନରେ ସାହସ ବାନ୍ଧି ଚିକିତ୍ସା ପାଇଁ ଦିଲ୍ଲୀ ନେଲେ । ଚିକିତ୍ସା ସରିଲା । ଗୋଡ଼ରେ କାଠ ଜୋତା ପିନ୍ଧାଇଲେ । କାଠ ନିର୍ମିତ ଜୋତା ପିନ୍ଧି ଅନ୍ୟ ପିଲାଙ୍କ ସହ ପାଦ ମିଳାଇ ଚାଲିବା ସହଜସାଧ୍ୟ ନଥିଲା । ଅନ୍ୟ ପିଲାମାନେ ଥଟ୍ଟା କରନ୍ତି, ଚିଡ଼ାନ୍ତି ଏବଂ ଗୋଡ଼ର ଅବସ୍ଥା ଦେଖି ଭୁତ ବୋଲି କହିବାକୁ ପଛାନ୍ତି ନାହିଁ । ଦିନେ ଜଣେ ବନ୍ଧୁ ମା'ଙ୍କୁ କହିଲେ ସେ ଆଉ ଚାଲିପାରିବ ନାହିଁ । ମା' ତ ଦୁଃଖି ଥିଲେ । ମନରେ ତାଙ୍କର ଉତ୍କଣ୍ଠା ଜାତ ହେଲା । ସେଥିରୁ ଜନ୍ମନେଲା ପ୍ରେରଣା । ସେ ଆବେଗଭରା କଣ୍ଠରେ କହିଲେ, "ମୋ ପୁଅ ଚାଲିବ ନାହିଁ, ଉଡ଼ିବ ।"

କ୍ରମଶଃ ପିଲାଟିର ଭବିଷ୍ୟତ ଜ୍ଞାନ ଆସିଲା । ଜୀବନ ଜୀବିକାର ସ୍ୱର ତା' ହୃଦୟକୁ ଆନ୍ଦୋଳିତ କଲା । ହତାଶ ହୋଇ ପଡ଼ିଥିବା ପିଲାଟିର ମନରେ ନୂତନ ଆଲୋକର ସନ୍ଧାନ ମିଳିଲା । ପ୍ରେରଣା ଦେଲେ ତା' ଜେଜେମା । ସେ ଥିଲେ ପଞ୍ଜାବୀ-ଖାଦ୍ୟ ପ୍ରସ୍ତୁତ କରିବାରେ ଧୁରନ୍ଧର । ତାଙ୍କର ସହକାରୀ ଭାବରେ ରନ୍ଧନଶାଳାରେ ଉପସ୍ଥିତ ରହି ରନ୍ଧନ ପ୍ରକ୍ରିୟା ଶିଖିବାରେ ଲାଗିଲେ । ଖାଦ୍ୟରୁ ଖୁସି ମିଳେ । ଖାଦ୍ୟ ପ୍ରସ୍ତୁତ କରି ଖାଇଲେ ଅଧିକ ଖୁସି ମିଳେ । କ୍ରମଶଃ ପିଲାଟି ଖାଦ୍ୟ ପ୍ରସ୍ତୁତିକୁ ନିଜ ଜୀବନର ଏକ କଳା ଭାବରେ ଗ୍ରହଣ କରିନେଲା ।

ମା'ଙ୍କ ପ୍ରେରଣାରେ ଗୁରୁଦ୍ୱାର ଯାଇ ଲଙ୍ଗର୍ ପ୍ରସ୍ତୁତି କାର୍ଯ୍ୟକ୍ରମରେ ଯୋଗ ଦେଲା । ବିଭିନ୍ନ ସେବାରେ ନିଜକୁ ନିୟୋଜିତ କଲା । ପରିବା କଟାରୁ ଆରମ୍ଭ କରି ବାସନ ମାଜିବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟରେ ସହଯୋଗ କଲା । ସେଠାରୁ ସବୁ କିଛି ଶିଖିବାର ଥାଏ ଆଗ୍ରହ । ସେତେବେଳେ ତାକୁ କାର୍ଯ୍ୟସ୍ଥଳୀର କୋଳାହଳ ଶୁଭୁନଥାଏ । ଶୁଭୁଥାଏ କେବଳ ନିଜ ହୃଦୟର ଡାକ । ସେଠାରୁ ଦେଖି ଶିଖି ନିଜକୁ ଏକ ପୋଖତ ରନ୍ଧନ ପ୍ରସ୍ତୁତକାରୀ ଭାବରେ ପରିଚିତ କରାଇବାକୁ ମନସ୍ଥ କଲା । ମନ୍ଦିର ଏବଂ ଗୁରୁଦ୍ୱାରରେ ରନ୍ଧନ କାର୍ଯ୍ୟକ୍ରମରେ ଯୋଗଦେଇ ସେ ଶିଖିପାରିଲା ସହନଶକ୍ତି । କେହି ପ୍ରଶଂସା କରନ୍ତି ତ କେହି ଅପମାନିତ କରନ୍ତି । ସେଥିରେ ମ୍ରିୟମାଣ ନ ହୋଇ କାମ ଶିଖି ଉପରକୁ ଉଠିବାର ପ୍ରୟାସ କଲା । ସେଠାରୁ ସେ ମଧ୍ୟ ଶିଖିଥିଲା ସମସ୍ତଙ୍କ କାର୍ଯ୍ୟକୁ ପସନ୍ଦ କରି ଧନ୍ୟବାଦ କରିବାର କଳା । ସେଥିରୁ ତା'ର ଆତ୍ମବିଶ୍ୱାସ ବଢ଼ିଥିଲା । ପରବର୍ତ୍ତୀ କାଳରେ ଅନେକ ଅନୁଷ୍ଠାନରେ କାମ କରି ନିଜର ଯୋଗ୍ୟତା ପ୍ରତିପାଦନ କରିବାର ସୁଯୋଗ ମିଳିଲା ।

କ୍ରମଶଃ ବିଦେଶରେ ନିଜର କଳାକୃତିତ୍ୱ ପ୍ରଦର୍ଶିତ କରିବାର ସମୟ ଆସିଲା । ନିଉୟର୍କର ଏକ ନାମୀ ହୋଟେଲ୍‌ରେ ସେଫ୍ (Chef) ଭାବରେ କାମ କରିବାର ସୁଯୋଗ ମିଳିଲା । ଦେଶ ଛାଡ଼ିବା ପୂର୍ବରୁ ଇଂରାଜୀ ଶିକ୍ଷା କରିବାକୁ ପଡ଼ିଥିଲା । ମା'ଙ୍କ ପ୍ରେରଣାକୁ ପାଥେୟ କରି କିଛି କରି ଦେଖେଇବାର ଇଚ୍ଛାକୁ ପରିପ୍ରକାଶ କରିବା ପାଇଁ ସେ ଆଗେଇ ଚାଲିଲେ । ହୃଦୟର ଡାକ ତାଙ୍କୁ ଉତ୍ସାହିତ କଲା, ଏକ ବିଶ୍ୱବିଦ୍ୟାଳୟରେ ତାଙ୍କୁ ଗବେଷଣାର ସୁଯୋଗ ମିଳିଲା । ଗବେଷଣା କରି ରଚନା କଲେ "Religion of food" . ଏକ ଅନବଦ୍ୟ ସୃଷ୍ଟି । ବେଶ୍ ସୁନାମ ମିଳିଲା । ବିଦେଶରେ ପୁରସ୍କୃତ ଏବଂ ଅଭିନନ୍ଦିତ ହେଲେ ।

ସେ କୁହନ୍ତି – ୧୮୯୩ର ଘଟଣା । ଦକ୍ଷିଣ ଆଫ୍ରିକାରେ ମହାତ୍ମା ଗାନ୍ଧିଙ୍କୁ ଜଣେ ଟ୍ରେନ୍ କଣ୍ଡକ୍ଟର କୃଷ୍ଣକାୟ କହି ଠେଲି ଦେଇଥିଲା । ସେଥିରେ ସେ ଭାଙ୍ଗି ପଡ଼ିନଥିଲେ । ସେ ଘଟଣା ତାଙ୍କର ଗୁରୁତ୍ୱ ଓ ମହତ୍ତ୍ୱ ବଢ଼ାଇଥିଲା । ସେ କଣ୍ଡକ୍ଟରକୁ କିଏ ଚିହ୍ନିଛି ? ଗାନ୍ଧିଙ୍କୁ କିଏ ନ ଜାଣିଛି ? ତେଣୁ ପ୍ରତିବନ୍ଧକକୁ ହିତକର ଭାବି ଆଗେଇବା ମଣିଷ ହିଁ ଉପରକୁ ଉଠେ । ସମାଜରେ ନାଁ କରେ । ଆଦୃତ ହୁଏ ।

ଆମେରିକାରେ କାର୍ଯ୍ୟରତ ଥିଲାବେଳେ ଜଣେ ସେଠର ସେଫ୍ ତାଙ୍କୁ କହିଲେ, "ତୁମେ ଯେତେ ଚେଷ୍ଟାକଲେ ମଧ୍ୟ ମୋ'ଠାରୁ ଉପରକୁ ଯାଇପାରିବ ନାହିଁ। ତା'ର କାରଣ ଚର୍ମର ରଂଗ, ଜଣେ ଗୋରା ଏବଂ ଅନ୍ୟଜଣେ କଳା। ଏ ବୈଷମ୍ୟ ତାଙ୍କୁ ତଳକୁ ଟାଣିବ। ଏ ବକ୍ତବ୍ୟ ତାଙ୍କୁ ଅଧିକ ଅଭିମାନୀ କରିଥିଲା। କିନ୍ତୁ ସେଥିରେ ସେ ପ୍ରେରଣା ପାଇଥିଲେ ପୂର୍ବପୁରୁଷଙ୍କ ଫଟୋ ପ୍ରଦର୍ଶନ କରି ସେ କୁହନ୍ତି, "ଏହା ହିଁ ମୋର ସବୁଠାରୁ ମୂଲ୍ୟବାନ୍ ଉତ୍ତରାଧିକାରୀ ସୂତ୍ରରେ ପ୍ରାପ୍ତ ବସ୍ତୁ। ଏ ଚର୍ମର ରଂଗ ତାଙ୍କ ଠାରୁ ପାଇଛି। ସେଥିପାଇଁ ମୁଁ ଗର୍ବିତ।"

ତାଙ୍କ ରଚିତ ପୁସ୍ତକ ଦେଶ ବିଦେଶରେ ବେଶ୍ ଚର୍ଚ୍ଚିତ ହେଲା। ଅନେକ ମହାନ୍ ବ୍ୟକ୍ତିଙ୍କୁ ଭେଟିବାର ସୁଯୋଗ ଆଣିଦେଲା। ପ୍ରଧାନମନ୍ତ୍ରୀ ମୋଦିଙ୍କ ଠାରୁ ଆରମ୍ଭ କରି ଆମେରିକାର ପୂର୍ବତନ ରାଷ୍ଟ୍ରପତି ଓବାମା, କ୍ଲିଣ୍ଟନ୍ ଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପ୍ରଶଂସାର ପାତ୍ର ହୋଇପାରିଲେ। Qeen Elizabeth ଙ୍କ ଆମନ୍ତ୍ରଣରେ ନିଜ ରଚିତ ପୁସ୍ତକ ଅର୍ପଣ କରିବାର ସୁଯୋଗ ମଧ୍ୟ ମିଳିଲା।

ଭାରତୀୟ ଖାଦ୍ୟ ବିଦେଶରେ ପ୍ରସାର ପାଇଁ ଚେଷ୍ଟା କଲେ। ଖାଦ୍ୟ ପ୍ରସ୍ତୁତି ଏବଂ ପରିବେଷଣ କରି ସମସ୍ତଙ୍କ ପ୍ରଶଂସାର ପାତ୍ର ହେଲେ। ଭାରତୀୟ ଖାଦ୍ୟ ପୋଷାକ, ସଂସ୍କୃତିକୁ ବିଦେଶରେ ପ୍ରଦର୍ଶନ କଲେ ଏବଂ ବ୍ୟାବହାରିକ ଉଦାହରଣ ଦେଇ ବେଶ୍ ଆଦୃତ ହେଲେ। ଭାରତୀୟ ପରମ୍ପରାରେ କୌଣସି ଭାରତୀୟ ରାତ୍ରିଭୋଜନ ନ କରି ଶୁଅନ୍ତି ନାହିଁ ଏବଂ ପରିବାରର ସମସ୍ତ ସଦସ୍ୟ ଏକାଠି ଖାଆନ୍ତି। ଏକଥା ସେ ଗର୍ବର ସହ କୁହନ୍ତି। ଭାରତୀୟ ସଂସ୍କୃତି, ଖାଦ୍ୟ, ପୋଷାକ, ପର୍ବପର୍ବାଣୀ, ପ୍ରାର୍ଥନା ଶୈଳୀ, ମେଳା ମହୋତ୍ସବ ଇତ୍ୟାଦିକୁ ବର୍ଣ୍ଣନା କରି "Utsav" ନାମକ ଅନ୍ୟ ଏକ ପୁସ୍ତକ ରଚ଼ନା କଲେ। ପୁସ୍ତକଟି ବେଶ୍ ଆଦୃତ ହେଲା ଏବଂ ପ୍ରଶଂସାର ସୁଅ ଛୁଟିଲା।

ଜେଜେମା'ଙ୍କ ରନ୍ଧନଶାଳାରୁ ସାଉଁଟି ନେଇଥିବା ନିଜ ପେଷାର ଶୀର୍ଷରେ ପହଞ୍ଚି ସେ ଆଜି ବେଶ୍ ଆନନ୍ଦିତ। ଭାଷ୍ୟକାର ଭଂଗୀରେ ନିଜର ଜୀବନ କାହାଣୀ ବର୍ଣ୍ଣନା କରି ସେ ଗର୍ବ ଅନୁଭବ କରନ୍ତି। ବିଦେଶ ମାଟିରେ ଭାରତୀୟ ଖାଦ୍ୟର ପ୍ରଚାର ଓ ପ୍ରସାର କରିପାରିଥିବା ହେତୁ ସେ ସବୁଠାରୁ ଅଧିକ ସନ୍ତୁଷ୍ଟ। ଅପମାନ ଏବଂ ପ୍ରତିବନ୍ଧନକୁ ଭ୍ରୁକ୍ଷେପ ନ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଚେଷ୍ଟା ଜାରି ରଖିଲେ ଯେ କୌଣସି କାର୍ଯ୍ୟରେ ସଫଳତା ମିଳିବା ସମ୍ଭବ ତାହା ସେ ପ୍ରମାଣିତ କରିଛନ୍ତି।

୧୯୭୧ ମସିହାରେ ଅମୃତସର ମାଟିରେ ଜନ୍ମଗ୍ରହଣ କରିଥିବା କରିଥିବା ସେ ଶିଶୁଟି ଆଜିର ବିକାଶ ଖାନ୍ନା। ଖାଦ୍ୟ ପ୍ରସ୍ତୁତି ଜଗତର ଗୌରବ। ସେ କୁହନ୍ତି- "ଛୋଟ ମଞ୍ଜିଟିଏ ମାଟିରେ ପୋତିଲେ ହିଁ ସୁନ୍ଦର ଗଛଟିଏ ଗଢ଼ିଉଠେ।" ଅତି ସୁନ୍ଦର ଏ ପରିକଳ୍ପନା। ଅତି ସୁନ୍ଦର ମଣିଷ ଆଜି ସେ ଦିବ୍ୟାଙ୍ଗ ଶିଶୁଟି। ସୁତରାଂ ଯଥାର୍ଥରେ କୁହାଯାଇପାରେ "ଆଜି ସେ ଦିବ୍ୟାଙ୍ଗ ନୁହନ୍ତି, ଦିବ୍ୟ ଅଙ୍ଗ।"

**ଶିଶୁ ବିହାର, ପଟିଆ**

# ନଷ୍ଟନୀଡ଼

◆ ସୁବ୍ରତ କୁମାର ସେନାପତି

ମୋ' ନିଷ୍ପତ୍ତି ଘରର ସମସ୍ତ ସଦସ୍ୟଙ୍କୁ ସ୍ତବ୍ଧ, ଚକିତ କରିଦେଇଥିଲା । ଘରର ପରିବେଶରେ କ୍ଷଣିକରେ ଖେଳିଯାଇଥିଲା ନିରବତାର ଅଖଣ୍ଡ ସାମ୍ରାଜ୍ୟ । କିନ୍ତୁ ଭାଇର ଏକ ଶକ୍ତ ଚାପୁଡ଼ାରେ ସେ ନୀରବତା ଭାଙ୍ଗି ଯାଇଥିଲା ଆଉ ତା' ସହ ଭାଙ୍ଗି ଯାଇଥିଲା ମୋ'ର ମୋ' ଆତ୍ମୀୟସ୍ୱଜନ ମାନଙ୍କ ପ୍ରତି ଥିବା ସେ ଅତୁଟ ଭରସା, ଯେଉଁ ଭରସା ମୋତେ ବାଧ୍ୟ କରିଥିଲା, ପ୍ରୋତ୍ସାହିତ କରିଥିଲା ମୋ' ମନ ଭିତରର ସେହି ସୁପ୍ତ ଇଚ୍ଛାକୁ ପୁଣି ଥରେ ଜାଗ୍ରତ କରିବା ପାଇଁ ଆଉ ସମସ୍ତଙ୍କ ସାମ୍ନାରେ ନିର୍ଭୟରେ, ନିର୍ଦ୍ୱନ୍ଦରେ ସେ ଇଚ୍ଛାକୁ ପରିପ୍ରକାଶ କରିବା ପାଇଁ। ସଦ୍ୟ ପ୍ରେମର ଇନ୍ଦ୍ରଧନୁରେ ବର୍ଣ୍ଣିଳ ହୋଇଥିବା ମୋର ଏ ମନର ଆକାଶଟାକୁ ଘରଲୋକଙ୍କ ଚାପରେ ବିବର୍ଣ୍ଣ, ପାଣ୍ଡୁର କରିଦେବାକୁ ମୋ'ର ତିଳେ ମାତ୍ର ଇଚ୍ଛା ନ ଥିଲା । ସେଥିପାଇଁ ମୁଁ ମୋ' ନିଷ୍ପତ୍ତିରେ ଅଟଳ ରହି ସେଦିନ ସବୁଦିନ ପାଇଁ ଘରଛାଡ଼ି ଚାଲିଆସିଲି ରାତ୍ରିର ଘନଅନ୍ଧକାରକୁ ଭ୍ରୂକ୍ଷେପ ନକରି। କିନ୍ତୁ ଘରଛାଡ଼ି ଏତେବାଟ ଏଇ କିଟ୍‌ମିଟ୍ ଅନ୍ଧାରରେ ମୁଁ ଚାଲିଆସିବା ପରେ ଏବେ ମୁଁ ଭାବି ଆଶ୍ଚର୍ଯ୍ୟ ହେଉଛି ଯେ, ଏତେ ପଥ ପୁଣି ଏଇ ଅନ୍ଧାରରେ ଏକାକୀ ମୁଁ ଆସିପାରିଲି ବା କିପରି ? କାହିଁକିନା ଏଇ ଅନ୍ଧାରକୁ ତ ମୋ'ର ଭାରି ଭୟ । ଏବେ ବି ମନେ ଅଛି ସେ ସ୍କୁଲବେଳର କଥା । ଶୀତ ଦିନେ ଶୀଘ୍ର ସନ୍ଧ୍ୟା ହେଉଥିବା ହେତୁ ସ୍କୁଲ ଛୁଟି ହେବା ମାତ୍ରେ ମୁଁ ଆଉ କାହାକୁ ଅପେକ୍ଷା ନକରି ଅଣନିଃଶ୍ୱାସୀ ହୋଇ ଘରକୁ ଦୌଡୁଥିଲି । ଏମିତିକି ବଡ଼ ହେବା ପରେ ବି ବୁଢ଼ୀମା' ପାଖରୁ ଶୁଣିଥିବା ସେ ବୁଢ଼ୀ ଅଶୁରିଣୀ, ଭୂତ ଗଳ୍ପଗୁଡ଼ିକୁ ମୁଁ ମନେ ପକାଇ ସନ୍ଧ୍ୟା ହେବା ମାତ୍ରେ ଭୟରେ ମୋ' ରୁମ୍‌ର କବାଟ, ଝରକା ସବୁ ବନ୍ଦ କରିଦେଉଥିଲି । ପୁଣି କଲେଜରେ ପଢୁଥିବା ବେଳେ ହଷ୍ଟେଲରେ ରହିବା ବେଳେ କେବେ ବି କୌଣସି ପରିସ୍ଥିତିରେ ମଧ୍ୟ ମୁଁ ରୁମ୍‌ରେ ଗୋଟିଏ ରାତି ଏକୁଟିଆ ଅତିବାହିତ କରିନାହିଁ । କିନ୍ତୁ ଆଜି ଏଇ ନିସ୍ତବ୍ଧ ଶୀତରାତିର ତମସାର କୃଷ୍ଣପ୍ରାବାରକକୁ ଭେଦ କରି ମୁଁ ଯେ ଏକୁଟିଆ ଘରୁ ଷ୍ଟେସନକୁ ଆସିପାରିଛି ଭାବିଲାବେଳକୁ ମୋତେ ଯେତିକି ଆନନ୍ଦ ଲାଗୁଥାଏ ତା' ଠୁଁ ଅନେକ ଗୁଣରେ ଆଶ୍ଚର୍ଯ୍ୟ ମଧ୍ୟ ଲାଗୁଥାଏ । ସତରେ ଏତେ ଶକ୍ତି, ଏତେ ସାହସ ମୁଁ ପାଇଲି ବା କେଉଁଠୁ ? ଏ ଶକ୍ତି ଆଉ ସାହସର ଉତ୍ସ ବା କ'ଣ ? ଏହି ପ୍ରଶ୍ନ ଜାଲରେ ମୋ' ମନଟା ଛନ୍ଦି ହୋଇଯାଉଥିବା ବେଳେ ହଠାତ୍ ମୋ' ଅନ୍ତରାତ୍ମା ମୋତେ ଯେମିତି କହି ଉଠିଲା- "ଆରେ ଜାଣିପାରୁନୁ ନିର୍ବୋଧ, ଏ ଶକ୍ତି ଓ ସାହସର ଉତ୍ସ କ'ଣ ? ଏ ଶକ୍ତି ଓ ସାହସ ତୋତେ ତୋ' ଅନାବିଳ, ନିଃସ୍ୱାର୍ଥ ପ୍ରେମ ହିଁ ପ୍ରଦାନ କରିଛି ।" ଆରେ ସତେ ତ ! ମୁଁ କେମିତା ବା ଭୁଲିଗଲି କେଉଁ ଏକ ଉପନ୍ୟାସରୁ ପଢ଼ିଥିବା ପ୍ରେମ ସମ୍ପର୍କିତ କେତୋଟି ମନଛୁଆଁ, ହୃଦୟସ୍ପର୍ଶୀ ବାକ୍ୟ । ଯେଉଁଠି ଔପନ୍ୟାସିକ ଜଣକ ନାୟକ -ନାୟିକାଙ୍କ ଅନାବିଳ ପ୍ରେମର ପରାକାଷ୍ଠାକୁ ବର୍ଣ୍ଣନା କରିବାକୁ ଯାଇ ଲେଖିଛନ୍ତି - "ଏ ପୃଥିବୀରେ ଏମିତି କୌଣସି ଶକ୍ତି ନାହିଁ ଯାହା ପ୍ରେମକୁ ପରାଜିତ କରିଦେଇପାରିବ । ପ୍ରେମ ତ ଅମର, ଶାଶ୍ୱତ ପୁଣି ସେ ହିଁ ତ ସବୁ ଶକ୍ତି ଉତ୍ସ । ପ୍ରେମରେ ପଡ଼ିଲେ ମଣିଷ ସବୁ ଅସମ୍ଭବକୁ ସମ୍ଭବ କରିଦେଇପାରେ । ଆକାଶରେ ଶୋଭମାନ ଚନ୍ଦ୍ରମାକୁ ବି ନିଜ ହାତ ମୁଠାକୁ ନେଇଆସିପାରେ ।" ସତରେ ମୋ'ର ତାଙ୍କ ପ୍ରତି ସେହି ଅତୁଟ ଭଲ ପାଇବା, ପ୍ରଗାଢ଼ ପ୍ରେମ ହିଁ ମୋତେ ଏଇ ନିସ୍ତବ୍ଧ ରଜନୀର ତମସାର ସାବ୍ରତା ଭିତରେ ସାହସ ଦେଇଛି । ମୋ' ଅନ୍ତଃଚେତନାରେ ଭରି ଦେଇଛି ଅଦମ୍ୟ ଶକ୍ତି । ଯେଉଁ ଶକ୍ତି - ସାହସକୁ ପାଥେୟ କରି ମୁଁ ଚାଲିଆସିଛି ସଂପୂର୍ଣ୍ଣ ଏକାକୀ ହୋଇ ସବୁ ସମ୍ପର୍କର ଶୃଙ୍ଖଳକୁ ଛିନ୍ନ କରି, ସମାଜର ନୀତି- ନିୟମ -ପରଂପରାକୁ ଭ୍ରୂକ୍ଷେପ ନକରି । କାହିଁକିନା ମୋ' ନୟନ ଯୁଗଳରେ ଆଜି ତାଙ୍କୁ ନେଇ ଆଖିଏ ସ୍ୱପ୍ନ, ମୋ'ର ସବୁ ଲଜ୍ଜା, ସବୁ ଗୋପନୀୟତାକୁ ତାଙ୍କରି ପାଖରେ ସମର୍ପି ଦେଇ, ନିଜ

ଅସ୍ଥି– ମଜ୍ଜାରେ ତାଙ୍କରି ଅସ୍ତିତ୍ୱକୁ ଅନୁଭବ କରି ସତ୍ତାହୀନ ହୋଇ ଜୀଇଁବାର ସ୍ୱପ୍ନ ମୋ'ର । ସେ ସ୍ୱପ୍ନ ଆଗରେ ଏ ପରିବାର, ସଂସାରର ମୋହ ସର୍ବୋପରି କ୍ରୁର ସମାଜର କଟକଣା ସବୁକିଛି ତୁଚ୍ଛ ଆଜି ମୋ' ପାଇଁ ।

ବାରଂବାର ହାତରେ ବାନ୍ଧିଥିବା ଘଣ୍ଟାଟିକୁ ଦେଖୁଥିଲି ମୁଁ, ବାସ୍ ଆଉ ଅଳ୍ପ କେଇଟା ମୁହୂର୍ତ୍ତର ଅପେକ୍ଷା .... ଆଉ ତା' ପରେ ମୋ'ର ସବୁ ସ୍ୱପ୍ନ ଥିବ ମୋ' ହାତପାହାନ୍ତରେ, ମୁଁ ଗଳାର ହାର ହୋଇ ଝୁଲୁଥିବି ମୋ ସ୍ୱପ୍ନ ପୁରୁଷଙ୍କ ବେକରେ, ଦଗ୍ଧ ହୋଇ ରଚୁଥିବି ଅଭିସାରର ନିଆରା ଖେଳ ମୋ'ର ସେହି ସ୍ୱପ୍ନର ଟିକି ନୀଡ଼ ଭିତରେ ମୋ' ସ୍ୱପ୍ନ ପୁରୁଷଙ୍କ ସହ । ବାସ୍ତବରେ, ଏଇ ଅପେକ୍ଷା .... ଯେତେ ଯନ୍ତ୍ରଣାଦାୟକ, ଅସହ୍ୟ ସେତେ ମଧୁର ମଧ୍ୟ । ଏଇ ପ୍ରତୀକ୍ଷାରେ ହିଁ ଭରି ରହିଥାଏ ଯେତେ ସବୁ ଉତ୍କଣ୍ଠା, ଆବେଗ ଆଉ ଭଲ ପାଇବାର ପରୀକ୍ଷା –ନିରୀକ୍ଷା, କିନ୍ତୁ ମୁଁ ଆଉ ଅପେକ୍ଷା କରିପାରୁ ନଥିଲି । ପ୍ରେମର ବାସ୍ନା ମୋ' ମନଇଲାକାକୁ ବାସ୍ନାୟିତ କରି ମୋତେ ଅସ୍ଥିର କରିଦେଉଥିଲା କ୍ଷଣକୁ କ୍ଷଣ, ଆନମନା ହୋଇ ଉଠୁଥିଲା ଏ ମନ ବାରମ୍ବାର ଆଉ ହୃଦୟଟା ହେଉଥିଲା ଆକ୍ରମାକ୍ତ । କେତେବେଳେ ଯେ ଏ ଘଣ୍ଟାରେ ୧୧ଟା ବାଜିବ – ଆଉ ମୁଁ ଚାଲିଯିବି ତାଙ୍କ ସହ ଭିନ୍ନ ଏକ ଇଲାକାକୁ, ଯେଉଁଠି ରଚିବୁ ଆମେ ଦୁହେଁ ପ୍ରେମର ଚଢ଼େଇ ସାଜି ଆମ ସ୍ୱପ୍ନର ନିଆରା ନୀଡ଼, ଯେଉଁଠି ନ ଥିବ ଭୟ ପ୍ରେମର ବ୍ୟାଧକ ମାନଙ୍କ ପ୍ରତି, ଯେଉଁଠି ଆକାଶଟା ନୀଳ ନ ହୋଇ ପ୍ରେମର ରଙ୍ଗରେ ରଙ୍ଗେଇ ହୋଇଥିବ ଆଉ ଆମେ ଦୁହେଁ ପ୍ରେମର ବିହଙ୍ଗ ସାଜି ଆକାଶର ସେହି ନିଆରା ରଙ୍ଗ ଭିତରେ ନିଜକୁ ହଜାଇ ଦେଇ ମୁକ୍ତ ହୋଇ ଗାଉଥିବୁ ପ୍ରେମର ସଂଗୀତ ।

ଅନେକ ସମୟ ଅତିବାହିତ ହୋଇଯାଇଥିଲା, କିନ୍ତୁ ଆସି ନ ଥିଲେ ସେ । ମୋ ହାତ ଘଣ୍ଟାର ଘଣ୍ଟା ଓ ମିନିଟ୍ କଣ୍ଟା ମୋତେ ଟ୍ରେନ୍ ଆସିବାକୁ ଆଉ ମାତ୍ର ଦଶମିନିଟ୍ ଅଛି ବୋଲି ସୂଚାଇ ଦେଉଥିଲେ । ଘରୁ ଆସିଲା ବେଳେ ବି ମନେ କରି ମୋବାଇଲ ବି ଆଣିପାରି ନ ଥିଲି ସାଙ୍ଗରେ । ତେଣୁ ତାଙ୍କ ସହ ଯୋଗାଯୋଗ କରିବା ପାଇଁ ମୋ' ପାଖରେ ମାଧ୍ୟମ ମଧ୍ୟ କିଛି ନ ଥିଲା । ସେ ଦଶମିନିଟ୍ ବି ଯା ଭିତରେ ଅତିବାହିତ କରିଯାଇଥିଲା । ଅନ୍ଧକାରର ବୁକୁଚିରି ଯନ୍ତ୍ରଦାନବଟି ଆଗେଇ ଆସୁଥିଲା ବୁକୁଫଟା ଗର୍ଜନ କରି । ଅପେକ୍ଷାରତ ଯାତ୍ରୀମାନେ ପ୍ରସ୍ତୁତ ହେଉଥିଲେ ନିଜ ଅଭିଳଷିତ, ଇପ୍ସୀତ ସ୍ଥାନର ଯାତ୍ରା ପାଇଁ ଅଥଚ ସେହି ଭିଡ଼ ଭିତରେ ବିକଳ ଭାବେ ଖୋଜି ଚାଲିଥିଲି ମୁଁ ମୋ' ସ୍ୱପ୍ନର ରାଜକୁମାରଙ୍କୁ ଯାହାଙ୍କୁ ନେଇ ଏଇ ଟିକିଏ ପୂର୍ବରୁ ମୁଁ କେତେ କ'ଣ ସ୍ୱପ୍ନ ଦେଖିଥିଲି, ଯାହାଙ୍କ ପ୍ରେମ ହିଁ ମୋ' ମନରେ ଭରିଦେଇଥିଲା ଅଦମ୍ୟ ଉତ୍ସାହ ଓ ସାହସ ଏ ସମାଜ ବିରୁଦ୍ଧରେ ଯିବା ପାଇଁ ଓ ସର୍ବୋପରି ଯାହାଙ୍କ ପାଇଁ ହିଁ ମୁଁ ସଦ୍ୟ ନୀଡ଼ହରା ହୋଇବି ସ୍ୱପ୍ନ ଦେଖୁଥିଲି ତାଙ୍କୁ ନେଇ ଗଢ଼ିବାକୁ ଭିନ୍ନ ଏକ ନୀଡ଼ । କିନ୍ତୁ କେଉଁଠି ବା ଲୁଚିଗଲେ ମୋ'ର ସେହି ସ୍ୱପ୍ନ ପୁରୁଷ ? ମାନିନେଲେ କି ସେ ଏ ଅନ୍ଧ, କ୍ରୂର ସମାଜର ନିଷ୍ଠୁର –ନୀତି – ନିୟମ– ବିଚାରକୁ ଯାହା "ପ୍ରେମ" ପରି ବ୍ୟାପକ ଶବ୍ଦଟାକୁ ଜାତି, ଲିଙ୍ଗ, ବର୍ଣ୍ଣର ଗଣ୍ଡି ଭିତରେ ଆବଦ୍ଧ କରି ସଂକୁଚିତ କରି ରଖିଥାଏ । ମୂଲ୍ୟହୀନ ଆଦର୍ଶ, ପରମ୍ପରାର ଦ୍ୱାହି ଦେଇ ନାରୀର ମନ ଆଉ ପୁରୁଷର ଦେହ ବହି ବଂଚି ରହିଥିବା ମୋ' ଭଳି କେତେକ ବିଧାତାଙ୍କ ଅଭିଶପ୍ତ ସନ୍ତାନମାନଙ୍କର ଅନାବିଳ, ନିଃସ୍ୱାର୍ଥ ପ୍ରେମକୁ ପାପର ଆଖ୍ୟା ଦେଇଥାଏ । ଏମିତି କେତେ କ'ଣ ଭାବନା, ଦୁର୍ଭାବନା ମୋ' ହୃଦୟକୁ ବ୍ୟଥିତ, ମର୍ମାହତ କରି ତୋଳୁଥିବା ବେଳେ ହଠାତ୍ କାହାର ବିକଳ କରୁଣ ସ୍ୱର ମୋ' କର୍ଣ୍ଣପଟରେ ବାଜି ମୋତେ ସ୍ତବ୍ଧ କରିଦେଲା । ମୁଁ ଆଗ ପଛ ନ ଭାବି ଦୌଡ଼ିଗଲି ଏକମୁହାଁ ହୋଇ ସେ ସ୍ୱର ଆସୁଥିବା ଦିଗରେ । ମୁଁ ପହଞ୍ଚିବା ବେଳକୁ ଅନେକ ଲୋକ ଜମା ହୋଇସାରିଥା'ନ୍ତି ସେଠି । ଲୋକଙ୍କ ଭିତରୁ କେହି ଜଣେ କହୁଥାଏ – "କି ନୃଶଂସ ଲୋକଗୁଡ଼ାକ କେଜାଣି ? ଚାହୁଁ ଚାହୁଁ ଲୋକଟାକୁ ଚଳନ୍ତା ଟ୍ରେନ ଆଗକୁ ଠେଲିଦେଇ ଆଖି ପିଛୁଳାକେ କୁଆଡ଼େ ଉଭେଇଗଲେ ?" ଭିଡ଼ ଆଡ଼େଇ ମୁଁ ଯେତେବେଳେ ସେ ଲୋକଟାର ମୁହଁ ଦେଖିବାର ଚେଷ୍ଟା କଲି ସେତେବେଳେ ମୋତେ ଲାଗିଲା ସାରା ଆକାଶଟା ସତେଯେମିତି ଛିଡ଼ିପଡୁଛି ମୋ'ରି ଉପରେ, ଆଉ ସାରା ସଂସାରଟା ମୋ' ପାଇଁ ଯେମିତି ହୋଇଯାଇଛି ଅନ୍ଧକାରମୟ, କାହିଁକିନା ମୋ'ରି ସାମ୍ନାରେ ମୁଁ ହତବାକ୍

ହୋଇ ଦେଖୁଥିଲି ମୋ' ସୁନେଲି ସ୍ୱପ୍ନ ସବୁ ଆହତ, କ୍ଷତାକ୍ତ ହେବାର ଦୃଶ୍ୟକୁ । ମୋ' ସ୍ୱପ୍ନର ଆଧାର ମୋ' ଭିନ୍ନ ନୀଡ଼ର ସେ ବିହଙ୍ଗଟି ମୋ'ରି ସାମ୍ନାରେ ଏବେ ପଡ଼ିଥିଲା ନିର୍ଜୀବ ସମ । ସତରେ ମୋ' ସ୍ୱପ୍ନ ପୁରୁଷ, ମୋ' ପ୍ରିୟ ପୁରୁଷ ମନୋଜଙ୍କ ରକ୍ତ ଜୁଡୁ ବୁଡୁ ଶରୀରଟାକୁ ଧରି ପ୍ରଳାପ କରିବା ଛଡ଼ା ଆଉ କିଛି ବି ଚାରା ନ ଥିଲା ମୋ' ପାଖେ । କିନ୍ତୁ ମୁଁ ଜାଣେ ଏଇ ଅନ୍ତିମ ମୁହୂର୍ତ୍ତରେ ମଧ୍ୟ ମୁଁ ତାଙ୍କୁ ସର୍ବସମ୍ମୁଖରେ ସ୍ପର୍ଶ କରିପାରିବି ନାହିଁ, ତାଙ୍କ ରକ୍ତାକ୍ତ ଦେହଟାକୁ ଗଭୀର ଆଶ୍ଲେଷ ଭିତରେ ବାନ୍ଧି ବୋଲ ଦେଇପାରିବି ନାହିଁ, ରକ୍ତରେ ଭିଜିଯାଇଥିବା ତାଙ୍କର ସେ ଶୁଭ୍ର ଶରୀରରେ ମନଇଚ୍ଛା ଆଙ୍କିଦେଇପାରିବି ନାହିଁ ଚୁମ୍ବନର ଚିତ୍ର କାହିଁକିନା ଏ ସମାଜ ପାଇଁ ତ ମୋ' ପ୍ରେମ, ପ୍ରେମ ନୁହେଁ ବରଂ ଅପ୍ରାକୃତିକ ଯୌନଲାଳସାର ଏକ ଦୃଷ୍ଟାନ୍ତ । ଅଥଚ ମୂଲ୍ୟହୀନ, ବ୍ୟର୍ଥ ଆଦର୍ଶକୁ ଦୋହି ଦେଇ ଏଠି ରକ୍ତ – ରକ୍ତକୁ ଚିହ୍ନି ନ ପାରି ବୁହାଇ ଦେଇ ଯାଲିଗଲା ରକ୍ତର ଶୈବଳିନୀ ଆଉ ଚିରଦିନ ପାଇଁ ନଷ୍ଟଭ୍ରଷ୍ଟ କରିଦେଲା ମୋ' ସ୍ୱପ୍ନର ସେ ନିଆରାନୀଡ଼କୁ । ଏଇ ବର୍ବରତା, ନୃଶଂସତା କ'ଣ ଅସାମାଜିକତା ନୁହଁ ? ମାନସିକବିକୃତିର ଯଥାର୍ଥ ପରିଚାୟକ ନୁହେଁ ? କିନ୍ତୁ ମୁଁ ଜାଣେ ଏ କ୍ରୂର ସମାଜ ଢ଼ାଙ୍କିଦେବ ସେସବୁ ଅସାମାଜିକତାକୁ ବ୍ୟର୍ଥ ଆଦର୍ଶର ଦୋହି ଦେଇ, ଲେଶ ମାତ୍ର ଦୋଷ ଲଦି ଦେବ ନାହିଁ ସେହି ବର୍ବର ବ୍ୟାଧମାନଙ୍କ ଉପରେ ଯେଉଁମାନେ ଏଇ ଟିକିଏ ଆଗରୁ ମୋ' ସ୍ୱପ୍ନର ନୀଡ଼କୁ ନଷ୍ଟଭ୍ରଷ୍ଟ କରିଦେଇ ଚାଲିଗଲେ ଆଉ ଲଦିଦେବ ସବୁ ଦୋଷ, ପାପ, କଳଙ୍କକୁ ସେ ସମାଜ ମୋ' ପରି ଏକ ନଷ୍ଟନୀଡ଼ର ବିହଙ୍ଗ (1) ଉପରେ ।

**କୃଷି ମହାବିଦ୍ୟାଳୟ, ଭୁବନେଶ୍ୱର**



# ଏକାନ୍ତ ସତ୍ୟ

## (ଅଶରୀରୀମାନେ ଆଜି ମଧ୍ୟ ଆସିଥା'ନ୍ତି)

◆ ଯୁଗଳ କିଶୋର ନନ୍ଦ

ଜାହାଜଟି ପଡ଼ିରହିଛି ମୁମ୍ବାଇ ସହରର ସମୁଦ୍ର ବନ୍ଦରର ଗୋଟିଏ ପାଖରେ ପରିତ୍ୟକ୍ତ ଅବସ୍ଥାରେ । ଏହି ପୁରୁଣା ପକାଇ ରଖିଥିବା ଜାହାଜରେ ନେଭିରେ ଜଏନ୍ କରିଥିବା ନୂଆ ପିଲାମାନଙ୍କୁ ଦିନେ ଟ୍ରେନିଂ ଦିଆଯାଉଥିଲା । ଭୂତର ଉପଦ୍ରବ ପାଇଁ ବର୍ତ୍ତମାନ ଟ୍ରେନିଂ ବନ୍ଦ ଅଛି।

ଗଭୀର ରାତିରେ ଜାହାଜର ଡ଼େକ୍‌ରୁ ମଣିଷ କଣ୍ଠର ଶବ୍ଦ ଶୁଣାଯାଏ । କିଚେନ ପାଖରେ ଷ୍ଟୋର ରୁମ୍‌ର ବନ୍ଦ ହୋଇ ରହିଥିବା ଦୁଆର ଭିତରରୁ ଭାସିଆସେ ନାନା ପ୍ରକାର ଶବ୍ଦ । ମଝି ରାତିରେ ଡ଼ାଇନିଂ ହଲ୍‌ରେ କେଉଁମାନେ ଯେପରି ଘୁରି ବୁଲୁଥାଆନ୍ତି । ଦିନ କିମ୍ବା ରାତିରେ ଏହି ଜାହାଜ ପାଖକୁ ଭୟରେ କେହି ଯାଆନ୍ତି ନାହିଁ ।

ଦିନେ ମୁମ୍ବାଇ ବନ୍ଦରର ଜଣେ ରାତିର ଜଗୁଆଳି ପହରା ଦେବା ପାଇଁ ଯାଇ ଦୂରରୁ ଦେଖି ପାରିଲା ଜାହାଜର ବୟଲର ରୁମ୍‌ରେ ଆଲୁଅ ଜଳୁଛି । ସେହି ଜାହାଜ ନଙ୍ଗର ପକାଇ ରହିଛି। ତେବେ ବୟଲରେ ଆଲୁଅ ଜଳୁଛି କିପରି ? ସେହି ପହରାବାଲା ନିଜେ ଜାହାଜକୁ ଉଠି ଯାଇ ବୟଲରର ଦେହରେ ହାତ ଦେଇ ଉତ୍ତାପ ପାଇଲା । ସେ ଅନୁଭବ କରିପାରିଲା ଜାହାଜର ବ୍ରିଜର ସିଡ଼ି ସାମ୍‌ନା ପାଖରୁ ଗୋଟିଏ ଅଦୃଶ୍ୟ ଶକ୍ତି ତାକୁ ଠେଲି ନେଇ ଯାଉଛି କିଚେନ୍ ଆଡ଼କୁ । ଯେଉଁଠାରୁ ଜାହାଜ ଚାଳିତ ହୋଇଥାଏ ତାହାର ନାମ ବ୍ରିଜ୍ । ସେହି ସ୍ଥାନରୁ କିଚେନ ଟିକିଏ ଦୂର।

କିଛି ଦିନ ପରେ ଆଉ ଜଣେ ପହରାବାଲା ଆଶ୍ଚର୍ଯ୍ୟ ହୋଇ ଲକ୍ଷ୍ୟ କରିଲେ କିଏ ଯେପରି ତାଙ୍କୁ ଜୋର କରି କିଚେନ ସାମ୍‌ନାକୁ ଟାଣି ଆଣିଛି । ବନ୍ଦରର କର୍ମକର୍ତ୍ତାମାନେ ଏମାନଙ୍କର କଥାକୁ ଆଦୌ କାନ ଦେଲେନାହିଁ । କିନ୍ତୁ ଦିନେ ଅବସ୍ଥା ଏପରି ଚରମ ଅବସ୍ଥାରେ ପହଞ୍ଚିଲା ଯେ ଜାହାଜରେ ନୌବାହିନୀର ଅଫିସରମାନଙ୍କୁ ଟ୍ରେନିଂ ଦେବା ବନ୍ଦ ହୋଇଯାଇଥିଲା ଏବଂ ତାହା ସହିତ ବନ୍ଦରର ସେହି ପୋର୍ଟଗାର୍ଡ଼ମାନଙ୍କର ଇଉନିୟନ ଧର୍ମଘଟ କରିଲେ । ତେଣୁ ବନ୍ଦରର କର୍ମକର୍ତ୍ତାମାନେ ଭାବିଲେ ଏହି ରହସ୍ୟର ସମାଧାନ କରିବା ପାଇଁ ହେବ । ପୁରୁଣା ଜାହାଜର ଏକ ମହଲାର ଦୁଇଗୋଟି ଘର ପରିଷ୍କାର କରି ରହିବାର ବ୍ୟବସ୍ଥା କରାଗଲା। ଚାରିଜଣ ପ୍ୟାରାନର୍ମାଲ ରିସର୍ଚ୍ଚ ଅର୍ଗାନାଇଜେଶନର ମେମ୍ବରଙ୍କୁ ସେହି ଅଭିଯାନକୁ ପଠାଗଲା । ଏହି ଅଭିଯାନକୁ ଯିବା ପୂର୍ବେ ଆମେମାନେ ଅନେକ ତଥ୍ୟ ଏହି ଜାହାଜ ବିଷୟରେ ସଂଗ୍ରହ କରିଥିଲୁ। ପରିତ୍ୟକ୍ତ ଏହି ଜାହାଜର ନାମ "ଷ୍ଟାର ଅବ୍ ଇଣ୍ଡିଆ" ।

ବହୁତ ପୂର୍ବେ ଭାରତର ବମ୍ବେଠାରୁ ଇଂଲଣ୍ଡର ଲିଭରପୁଲ ପର୍ଯ୍ୟନ୍ତ ଏହି ଷ୍ଟାର ଅବ୍ ଇଣ୍ଡିଆ ଯିବା ଆସିବା କରୁଥିଲା । ତାହାପରେ ଭୌତିକ ଉପଦ୍ରବରେ "ଅଭିଶପ୍ତ ଜାହାଜ" ନାମ ଦେଇ ନାବିକମାନେ ସେହି ଜାହାଜକୁ ଆଉ ନେବା ପାଇଁ ରାଜି ହେଲେନାହିଁ । ସେହିଦିନଠାରୁ ବନ୍ଦରର ଗୋଟିଏ କୋଣରେ ଏହି ଜାହାଜକୁ ପକାଇ ରଖାଗଲା । ଏହି ଜାହାଜର ନାବିକ ହୋଇ ସମୁଦ୍ରକୁ ଯାଉଥିଲା ଜଣେ ଅବସରପ୍ରାପ୍ତ ବ୍ୟକ୍ତିଙ୍କୁ ମୁମ୍ବାଇର ଥାନେ ଅଞ୍ଚଳରେ ଖୋଜି ମିଳିଥିଲା । ତାଙ୍କର ବୟସ ବର୍ତ୍ତମାନ ସତାଅଶୀ । ତାଙ୍କର ନାମ ସୁଖେନ୍ଦୁ ବିକାଶ ରାୟ । ସେ ଯାହା କହିଲେ ତାହା ଶୁଣି ଆମେମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲୁ । ଭାବିଲୁ ପ୍ରକୃତରେ କ'ଣ ଏହିପରି ହୋଇଥାଏ ?

ସେହି ଜାହାଜର କିଚେନ ପାଖରେ ଗୋଟିଏ ବଡ଼ ରେଫ୍ରିଜାରେଟର ଷ୍ଟୋର ରୁମ୍ । ସେଠାରେ ରଖାଯାଉଥିଲା ତିନିମାସ ପାଇଁ ଖାଇବା ଜିନିଷ । ମାଛ ମାଂସ ଅଣ୍ଡା ପରିବା ସବୁ କିଛି । ବଡ଼ ବଡ଼ ମେଣ୍ଢା ଛେଳିମାନଙ୍କର ଚମଡ଼ା ଛଡ଼ା ହୋଇ ସେହି ଥଣ୍ଡାଘରେ ଝୁଲାଇ ରଖାଯାଉଥିଲା। ବିଶାଳ କଣ୍ଟେନର ଭିତରେ ଚିକେଟ ରଖାଯାଉଥିଲା । ଆଉ ଥାକ ଥାକ ହୋଇ ଅଣ୍ଡା ରଖାଯାଉଥିଲା ।

ଜାହାଜର ଜଣେ ଲୋକର କାମ ଥିଲା କିଚେନ ମ୍ୟାନେଜର ଦେଇଥିବା ଲିଷ୍ଟ୍ ଅନୁସାରେ ଷ୍ଟୋରରୁମ୍‌ରୁ ମଟନ ଚିକେନ ପରିବା ଆଣି କିଚେନରେ ପହଞ୍ଚାଇଦେବା।

ଦିନେ ସକାଳେ ଲଣ୍ଡନର ଲିଭରପୁଲ ବନ୍ଦରରୁ ଜାହାଜ ଛାଡ଼ିଥିଲା ଭାରତର ବମ୍ବେକୁ । କିଚେନରେ ମଧ୍ୟାହ୍ନ ଭୋଜନର ରୋଷେଇ ଚାଲିଥାଏ । ମାଲବାହକ ଗୌରବାବୁ

ରେଫ୍ରିଜେରେଟର ଷ୍ଟୋର ରୁମ୍‌ରେ ପଶିଥିଲେ ମାଂସ ଆଣିବା ପାଇଁ । ଗୌରବାବୁ ଛାଲ ଛଡ଼ା ହୋଇଥିବା ଗୋଟିଏ ବଡ଼ ଛେଳିକୁ ପିଠିରେ ପକାଇ ଥଣ୍ଡା ଘର ଭିତରେ ଠିଆ ହୋଇଥିଲେ । ସେହି ଖାସି ମାଂସ ଭଳି ମାଲବାହକ ଗୌରବାବୁ ବରଫ ହୋଇ ଶକ୍ତ ହୋଇ ଯାଇଛନ୍ତି । ମଥାର ବାଳ, ଆଖିର ପତା, ତାଙ୍କର ପୋଷାକ ବରଫରେ ଘୋଡ଼ାଇ ହୋଇଯାଇଛି । ଅତିରିକ୍ତ ଥଣ୍ଡାରେ ମରିଯିବା ପରେ ମଧ୍ୟ ଅଦ୍ଭୁତଭାବରେ ତାଙ୍କର ପିଠିରେ ଏତେ ବଡ଼ ବୋଝ ନେଇ ଗୌରବାବୁ ଠିଆ ହୋଇ ରହିଥିଲେ । ମାଲବାହକ ଗୌରବାବୁଙ୍କର ସେହିପରି ଭାବରେ ଆଶ୍ଚର୍ଯ୍ୟଜନକ ଭାବରେ ଅପଘାତରେ ମୃତ୍ୟୁ ହେବା ପରେ ସେହି ଜାହାଜରେ ଆରମ୍ଭ ହୋଇଥିଲା ଭୁତର ଉପଦ୍ରବ । ତେଣୁ ଏହି କାରଣ ପାଇଁ ଏତେ ବର୍ଷ ପରେ ଭୁତର ରହସ୍ୟ ଜାଣିବା ପାଇଁ ଆମେମାନେ ଏହି ଜାହାଜକୁ ଆସିଥିଲୁ ।

ଆମେମାନେ ସେଠାରେ ପହଁଞ୍ଚି ଆମର କାମ ଆରମ୍ଭ କରିଦେଇଥିଲୁ । ମୋର ସହକର୍ମୀ ରମେଶ ବାସୁଦେବନ୍ ଷ୍ଟୋର ରୁମ୍ ଭିତରେ "ମୋସନ୍ ସେନ୍ସର କ୍ୟାମେରା" ରଖିଦେଇ ଆସିଥିଲେ । ଏହି ଅଭିଯାନର ଦଳ ନେତ୍ରୀ ଥିଲେ ଅଞ୍ଜୁ ମିତାଲ ।

ରାତି ବାରଟା ସମୟରେ କିଚେନ ଓ ଷ୍ଟୋର ରୁମର ବାହାରରେ ଆମେମାନେ ବସିଯାଇଥିଲୁ । ପ୍ରବଳ ବର୍ଷା ହେବା ପରେ ଏଠାରେ ପ୍ରବଳ ଭାବରେ ପବନ ବହୁଥିଲା । ସମୁଦ୍ର ଉତ୍ତାଳ ହୋଇଯାଇଥିଲା । ବେଳେ ବେଳେ ଢ଼େଉର ଗର୍ଜନ ଶୁଣାଯାଉଥିଲା ।

ପ୍ରାୟ ରାତି ଦେଢ଼ଟା ସମୟରେ ଠକ୍ ଠକ୍ ଶବ୍ଦରେ ଆମେମାନେ ସଜାଗ ହୋଇଯାଇଥିଲୁ । ଆମେମାନେ ଆଶ୍ଚର୍ଯ୍ୟ ହୋଇ ଦେଖିଲୁ ବୟଲର ରୁମ୍‌ରେ ଆଲୁଅ ଜଳୁଛି । ଆଉ ଆମର ଆଖି ସାମ୍ନାରେ ବନ୍ଦ ହୋଇଗଲା ରେଫ୍ରିଜେରେଟେଡ୍ ଷ୍ଟୋର ରୁମ୍‌ର ଇସ୍ପାତରେ ତିଆରି ବଡ଼ ଦୁଆର । ଧୀରେ ଧୀରେ କିଚେନ ଆଲୁଅ ଦବ୍ ଦବ୍ ହୋଇ ଦୁଇଥର ଜଳି ଜଳି ଲିଭି ଯାଇଥିଲା । ହେଲେ କେହି କୌଣସି ସ୍ଥାନରେ ନଥିଲେ । ବାସୁଦେବନ୍ ମୋଶନ ସେନ୍ସର କ୍ୟାମେରାକୁ ଅନ୍ କରିଦେଇଥିଲେ । ସେହି ଯନ୍ତ୍ର ଶବ୍ଦ କରି ଉଠିବା ମାତ୍ରେ ଟିଭି ସ୍କ୍ରିନ୍‌କୁ ଅନାଇ ଦେଖିଲି ସତେ ଯେପରି କ'ଣ ଗୋଟାଏ ଚଲାଚଳା ଯେପରି ଯାହାର ଚେହେରା ଜଣେ ବଳଶାଳୀ ମଣିଷ ଭଳି । ଆଉ ସେହି କ୍ୟାମେରାରେ ଦେଖାଗଲା ସେହି ବସ୍ତୁର ଓଜନ ମୁଠାଏ ତୁଳାଠାରୁ ଅଳ୍ପ । କିଛି ସମୟ ପରେ ପୁଣି ଦେଖାଗଲା ସେହି ଅବୟବକୁ । ସତେ ଯେପରି କୌଣସି ଲୋକ ପିଠିରେ ଭାରି ଜିନିଷ ନେଇ ସାମ୍ନାକୁ ଆଗେଇ ଆସିବା ପାଇଁ ଚେଷ୍ଟା କରୁଛି । ସେହି ବଳଶାଳୀ ଲୋକ ଜଣକ ଷ୍ଟୋର ରୁମ୍ ଭିତରେ ଚଲାବୁଲା କରୁଛି । ସତେ ଯେପରି କ'ଣ ସେ ଖୋଜି ବୁଲୁଛି । ଏହା କିପରି ସମ୍ଭବ ? ସେହି ଘରର ଦୁଆର ବନ୍ଦ । ଆଉ ଅକ୍ସିଜେନ ବ୍ୟତୀତ ଅଧିକ ସମୟ ବଂଚି ରହିବା ସମ୍ଭବ ନୁହେଁ । ତେବେ ସେହି ଲୋକ ଜଣକ ମାଲବାହକ ଗୌରବାବୁଙ୍କର ଅଶରୀରୀ । ଖାସିର ମାଂସ ଆଣିବା ପାଇଁ ଯାଇ ବହୁ ବର୍ଷ ପୂର୍ବେ ଯିଏ ବରଫରେ ଥଣ୍ଡାରେ ମରିଯାଇଥିଲେ ସେହି ଷ୍ଟୋର ରୁମ ଭିତରେ ।

ତାହା ପରେ ପ୍ରାୟ ଦୁଇଘଣ୍ଟା ଯାଏ କୌଣସି ଘଟଣା ଘଟି ନ ଥିଲା, କେବଳ ସମୁଦ୍ରର ଗର୍ଜନ ଆମେମାନେ ଶୁଣିପାରୁଥିଲୁ । ଗୋଟିଏ ଘଣ୍ଟା ପରେ ସେହି ଷ୍ଟୋର ରୁମର ଭାରୀ ଦୁଆରକୁ ଆମେମାନେ ଖୋଲିଦେଇଥିଲୁ । ଭିତରେ କେହି କେଉଁଠାରେ ନାହିଁ, ତାହା ହେଲେ ଆମର କ୍ୟାମେରାରେ ଧରା ପଡ଼ିଥିବା ସେହି ପ୍ରାଣୀ ଗଲା କେଉଁ ଆଡ଼େ ? ? ତାହା ପରେ ଥର୍ମୋଗ୍ରାଫିକ୍ ଆନାଲିସିସ୍ କରି ଦେଖା ହେଲା, ସେହି ଗରମ ମଧ୍ୟରେ ସେହି ରୁମ୍‌ର କେତେକ ସ୍ଥାନରେ କୋଲ୍ଡ଼ ସ୍ପଷ୍ଟ ମିଳିଥିଲା । ତାହାର ଅର୍ଥ ଅଶରୀରୀମାନେ ଆଜି ମଧ୍ୟ ଏହି ଜାହାଜକୁ ଆସିଥାଆନ୍ତି ! ଏହି ଘଟଣାର ବ୍ୟାଖ୍ୟା ଆଜି ଯାଏ କୌଣସି ପ୍ରେତ ଗବେଷକ ଦେଇପାରି ନାହାଁନ୍ତି । ସମୁଦ୍ରର ବନ୍ଦରରେ ଗୋଟିଏ କୋଣରେ ସେହି ଜାହାଜ ଆଜି ମଧ୍ୟ ପଡ଼ିରହିଛି । ଆମର ଅଭିଯାନର ରିପୋର୍ଟ ପଠାଇ ଦେଇଥିଲୁ । ତାହା ପରେ ଜାଣିଥିଲି ମଝି ରାତିରେ ଏବେ ମଧ୍ୟ ସେହି ଜାହାଜରେ ହଠାତ୍ ଆଲୁଅ ଜଳି ଉଠେ । ଆଉ ଦୂରରୁ ବେଳେ ବେଳେ ଭାସି ଆସେ ଆର୍ତ୍ତ ଚିତ୍କାର ଏବଂ ଶବ୍ଦ । ପ୍ରାୟ ବିଚରା ମାଲବାହକ ଗୌରବାବୁ ! ସେ ଷ୍ଟୋର ରୁମ୍ ଭିତରୁ ବାହାରିବା ପାଇଁ ସେ ଚେଷ୍ଟା କରିଥାଆନ୍ତି ଆଜି ମଧ୍ୟ ।

୧୫୧ ଏଲ-୩, ଆଚାର୍ଯ୍ୟବିହାର,
ଭୁବନେଶ୍ୱର - ୧୩

# ଜୀବନ୍ତ ଭଗବାନ

◆ **ଲକ୍ଷ୍ମୀ ପାର୍ବତୀ ଦାସ**

ଦୂନିଆରେ ସବୁ ମଣିଷ ଚାହାଁନ୍ତି ପଇସା କମେଇବାକୁ। ମୋହମାୟା ସଂସାର । ଏଠି ବି ଯିଏବି ଯାହା କରେ କିଛି ନେଇକି ଯାଇପାରେନି କି ଶାନ୍ତି ପାଏନି। ଶାନ୍ତି କେବଳ ତ୍ୟାଗରେ ଅଛି । ମୋହମାୟା ସଂସାରରେ ଲୋକମାନେ ଚାହାଁନ୍ତି ଭଲରେ ରହିବାକୁ । ଭଲରେ ରହିବାକୁ ହେଲେ ଅନ୍ୟର ଦୁଃଖକୁ ବୁଝି ତାକୁ ସାହାଯ୍ୟ କର ନିଜେ ଭଲରେ ରହିବ । ଉପରେ ଭଗବାନ ଅଛନ୍ତି । ଦେଖିବା ପାଇଁ ସବୁ କର୍ମର ଫଳ ଦିଅନ୍ତି । ଦୁଃଖ ପରେ ତ ସୁଖ ଆମେ ଭାଙ୍ଗି ପଡ଼ିଲେ ହେବ ନାହିଁ । ସବୁ ମଣିଷଙ୍କ ଜୀବନରେ କିଛି ନା କିଛି କମିଥାଏ । ମଣିଷ ସେଇ କମିକୁ ପୂରଣ କରିବାକୁ ଚାହେଁ ହେଲେ ପାରେନି । ମୁର୍ଖ ମଣିଷ ଏଇଟା ବୁଝେନି ଭଗବାନ ଯଦି ମଣିଷକୁ ସବୁ ଦେଇଦେବେ ଭଗବାନ ଆଉ ଦୁନିଆରେ କ'ଣ କରିବେ। ଯେମିତି କାମ ସରିଗଲେ ବାପା ମାଙ୍କୁ ନିଜ ପିଲାମାନେ ଠିକ୍‌ରେ ପଚାରନ୍ତିନି । କେତେଜଣ ଅଛନ୍ତି ପଚାରନ୍ତି ହେଲେ ସମୟ ସାଥିରେ ସେମାନେ ବି ବଦଳିବାରେ ଲାଗନ୍ତି ହୁଏତ ପୂରା ବଦଳନ୍ତିନି ବାପା ମାଙ୍କ ଲାଗି । ଏ ଦୁନିଆରେ ସେମାନେ ହାତ ଧରି ବାଟ ଚଲାଇଲେ । ଯେବେ ମୁଣ୍ଡକୁ ହାତପାଇଗଲା ବାପା ମାଙ୍କ କଥା ଭୁଲିଗଲେ । ଆଉ ଯେତେବେଳେ ଚିନ୍ତାରେ ରହିଲେ ଫୋନ କଲେ ଚିଡ଼ିକି କହୁ ଏତେଥର କ'ଣ ପାଇଁ କରୁଛ ପଚାରିବେ । କିଏ ଜଣେ ସତ କହିଛି ମାର ମମତାକୁ କେହି ବୁଝିପାରନ୍ତିନି । ବାପା ମା ପିଲା ଭଲ ବାହାରିବ ସେ ପୁଣି ହାତକୁ ଦୁଇ ହାତ ହେଇଗଲେ ବଦଳିଯିବେ । ବେଶି ନୁହେଁ ହେଲେ କିଛିଟା ବଦଳିଯିବ । ଝିଅମାନେ ବି ବୁଝନ୍ତିନି ବୋହୂ ହେଲା ପରେ ସେ ବି ଦିନେ ଝିଅ ଥିଲେ ତାଙ୍କର ବି ବାପା ମା ଥିଲେ । ଶାଶୁ ଶ୍ୱଶୁରଙ୍କୁ ବାପା ମାଙ୍କ ଭଳିଆ ଦେଖିବା କଥା । କିଛିଟା ଶାଶୁ ଶ୍ୱଶୁର ଅଛନ୍ତି ବହୁତ ରାଗି । ଯଦି ନିଜ ପାଖରେ କ୍ଷମତା ଥିବ ସବୁ କିଛି ବଦଳାଇ ଦେଇପାରିବ।

ଭଗବାନ ମଣିଷକୁ ସବୁ ଦେଲେ ହେଲେ ମାନସିକ ଶାନ୍ତି ଦେଲେନି । ମଣିଷ ସବୁବେଳେ କିଛିନା କିଛି ଭାବୁଥାଏ । ତା' ମୁଣ୍ଡରେ ବହୁତ କିଛି ଚାଲିଥାଏ । ଯଦି ଭଗବାନ ମଣିଷଙ୍କୁ ମାନସିକ ଶାନ୍ତି ଦେଇଥାନ୍ତେ ମଣିଷ ଭଗବାନଙ୍କୁ ଭୁଲିଯାଇଥାନ୍ତେ । କିଛି ବି ମାନି ନଥାନ୍ତେ ଏ କଳିଯୁଗର ମଣିଷ । ଏ କଳିଯୁଗର ୫ଟା ସତ୍ୟ । ସେଥିମଧ୍ୟରୁ ଗୋଟିଏ ସତ ହେଲା ଏ କଳିଯୁଗରେ ବାପା ମା ପୁଅଝିଅଙ୍କୁ ଏତେ ଗେହ୍ଲା କରିବେ ଯେ ସେମାନେ ଖରାପ ରାସ୍ତାକୁ ପଳାଇବେ । ବାପା ମା ତାଙ୍କ ନିଜ ଖୁସି ପୁଅଝିଅମାନଙ୍କ ଭିତରେ ଖୋଜିବାକୁ ଚାହିଁବେ । ଯୋଉଟା କେବେ ବି ମିଳିବନି । ବାପା ମା ଯେମିତି ପିଲାମାନଙ୍କ ପାଇଁ ତ୍ୟାଗ କରିଛନ୍ତି ସେମିତି ଭଗବାନ ବି ତ୍ୟାଗ କରିଛନ୍ତି ଏ ଦୁନିଆ ପାଇଁ ମାନସିକ ଶାନ୍ତି ଦେଲେନି । ହେଲେ ବାପା ମା ତାଙ୍କ ପିଲାଙ୍କ ଲାଗି ସବୁ କିଛି ରଖିଛନ୍ତି ଯେମିତି ତାଙ୍କୁ ଅସୁବିଧା ନ ହେଉ । ସେଥିପାଇଁ ସେ କଷ୍ଟରେ ଅଛନ୍ତି। ମୁଁ ଏକଥା କିଛି ପିଲାଙ୍କୁ କଷ୍ଟ ଦେଇପାରେ ସେମାନେ ଭାବିବେ ଦିନେନା ଦିନେ । ଏମିତି ଗୋଟେ ଦିନ ଆସିବ ସେମାନେ ବାପାମାଙ୍କ କଥାକୁ ଅମାନ୍ୟ କରିବେ କହିବେ ଏଇଟା ନ କରିକି ସେଇଟା କରିଥିଲେ ଭଲ ହୋଇଥାଆନ୍ତା। ହୁଏତ ବାପା ମା ଭୁଲିଥାନ୍ତି ହେଲେ ପିଲାମାନେ ତାଙ୍କ କଥାକୁ ଯେତେବେଳେ ଅମାନ୍ୟ କଲେ ସେତେବେଳେ ତାଙ୍କୁ କେତେ ବାଧୁଥିବ । ବାପା ମା ଯାହାବି ନିଷ୍ପତ୍ତି ନିଅନ୍ତି ଆମ ଭଲ ପାଇଁ ଆମ ଖୁସି ପାଇଁ କରନ୍ତି । ହୁଏତ ସେଗୁଡ଼ା ଆମକୁ ପସନ୍ଦ ନ ହେଇପାରେ ଏଇ ଚାଲାଖ ଯୁଗରେ । ତାଙ୍କ କଥା ରଖିଦେଲେ କ'ଣ କ୍ଷତି ହେଇଯିବ ବାପା ମା ତ ଖୁସି ହେଇଯିବେ ସେ ଭାବିବେ ଆମେ ଯାହା କରିଛୁ ଆମ ପିଲାମାନେ ସେଥିରେ ଖୁସିରେ ଅଛନ୍ତି । ପିଲାମାନେ ବୁଝିବା କଥା ଆଜି ସେମାନେ ଯେଉଁଠି ବି ପହଞ୍ଚିଛନ୍ତି ବାପା ମାଙ୍କ ପାଇଁ । ଯାହା ବି ସୁବିଧା ସୁଯୋଗ ମଜ୍ଜା କରୁଛ ସବୁ ବାପା ମାଙ୍କ ପାଇଁ । ଏ ଦୁନିଆକୁ ତମକୁ ସେ ଆଣିଛନ୍ତି ।

ଯଦି ଜୀବନରେ କିଛି ସହୁଛ କଷ୍ଟ କରୁଛ ତାଙ୍କ ପାଇଁ କର। ଜୀବନରେ କେତେ ଲୋକ ଆସିଥିବେ ତାଙ୍କର କେତେ ଗାଳିଗୁଲଜ ଶୁଣିକି ଚୁପ୍ ରହିଥିବ । ବାପା ମାଙ୍କ ପାଇଁ ସେତିକି କ'ଣ କରିପାରିବନି । ବାପା ମାଙ୍କ ଋଣ ଆଜି ଯାଏ କେହି ସୁଝି ପାରିନାହାଁନ୍ତିୟ। ମୂର୍ଖ ପିଲାମାନେ କେବେବି ବୁଝନ୍ତିନି ନା ବୁଝିବେ । ଏ ଦୁନିଆରେ ସବୁ ପିଲାମାନଙ୍କୁ ମୋ ପ୍ରଶ୍ନ ? ଭଗବାନଙ୍କୁ ପୂଜା କରୁଛ ଡ଼ାକୁଛ ପଥର ଆଗରେ ମୁଣ୍ଡ ପିଟୁଛ କାହିଁକି ନା ସେ ଭଗବାନ କାଳେ ସେ ପଥର ତମ ଡ଼ାକ ଶୁଣିବ । ହେଲେ ତମକୁ ଯିଏ ଦୁନିଆ ଦେଖେଇଲେ ତମ ଜୀଅନ୍ତା ଭଗବାନ ତାଙ୍କୁ ପୂଜା କର ତାଙ୍କୁ ଭଲ ପାଏ । ଯାହା ବି ସବୁ ମିଳିଛି ତାଙ୍କ ପାଇଁ ମିଳିଛି । ଚାକିରୀ ହେଇଯାଉ ବୋଲି ଭଗବାନଙ୍କୁ ଡ଼ାକୁଛ । ହେଲେ ସେତିକିବାଟ ଯାଏ ଯିଏ ହାତ ଧରିକି ସୁବିଧା ଅସୁବିଧା ବର୍ଷା ଖରା କେତେ କଣ୍ଟକିତ ପଥ ସବୁ ସହିକି ତମକୁ ସେହି ଜାଗାରେ ଛାଡ଼ିଲା ତାକୁ ତମେ ଭୁଲିଗଲ। ସବୁ ପୁଅଝିଅମାନଙ୍କୁ ମୋ ଅନୁରୋଧ ବାପା ମାଙ୍କୁ କେବେ କଷ୍ଟ ଦିଅନି, ତାଙ୍କ କଥା ମାନିକି ଚାଲ, ତାଙ୍କର ପୂଜା କର, ସେ ପୂଜନୀୟ ଅଟନ୍ତି । ମନ ଭିତରେ ହିଁ ସ୍ୱଚ୍ଛତା ଅଛି ଆଉ କଉଠି ନାହିଁ । ବାପା ମାଙ୍କୁ ପୂଜା କଲେ ସବୁ କିଛି କଷ୍ଟରୁ ମୁକ୍ତି ପାଇବ । ହଁ କିଛି କଷ୍ଟ ହେବ ସତ ପଥରେ ଚାଲିଲେ । ଭଗବାନଙ୍କ ଘରେ ଡ଼େରିରେ ପହଁଞ୍ଚିବ ହେଲେ ସେଠି ପହଁଞ୍ଚିଲେ ଆଲୋକ ଥିବ ଅନ୍ଧକାର ନୁହେଁ । ସେମିତି ବାପା ମାଙ୍କୁ ଯତ୍ନ କରିବାରେ କିଛି କଷ୍ଟ ହେବ ସେମାନଙ୍କୁ ବୁଝେଇବା ପାଇଁ ତାଙ୍କ କଥା ମାନିକି ଚାଲିବା ପାଇଁ । ଦେଖିବ ତା ପରେ ସବୁ କିଛି ଠିକ୍ ହେଇଯିବ ତମେ ଖୁସିରେ ରହିବ । ହେଲେ ବାପା ମାଙ୍କ କଥା ଅମାନ୍ୟ କର ନାହିଁ । ମୁଁ ଏଗୁଡ଼ା ଲେଖୁଛି ବୋଲି ମୁଁ ଭଲ ନୁହେଁ। ମୁଁ ବି ମୋ ବାପା ମାଙ୍କ ମନରେ କଷ୍ଟ ଦେଇଥିବି ମୁଁ ସୁଧାରିବାକୁ ଚାହୁଁଛି । ଆପଣମାନଙ୍କୁ ମୋର ଏତିକି ବିନତୀ ଆପଣମାନେ ବି ଚେଷ୍ଟା କରନ୍ତୁ ସବୁ କିଛି ବଦଳି ଯିବ । ତମ ଜୀବନରେ ବି ଖୁସିର ଦିନ ଆସିବ ଆଉ ଭଗବାନଙ୍କ ଆଶୀର୍ବାଦ ବି ମିଳିବ ଖୁସିରେ ରହିବ ତମେ ।

**ଏମ.ଟେକ୍ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ**



# ବିସ୍ତାର ସାଧନା

◆ ଡ଼. ଅଳକାନନ୍ଦା ପରିଡ଼ା (ଦର୍ଶନ ବିଭାଗ)

ସ୍ୱାମୀ ବିବେକାନନ୍ଦ କହିଛନ୍ତି - ବିସ୍ତାର ହିଁ ଜୀବନ (Expansion is life) । ଏଠାରେ 'ବିସ୍ତାର' ଅର୍ଥ ମନର ବିସ୍ତାର ଅର୍ଥାତ୍ ମନର ପରିଧିକୁ ବଢ଼ାଇ ଦେବା, ମନକୁ ୩୬୦° କରିଦେବା । ଯେଉଁ ବ୍ୟକ୍ତିର ମନ ବିସ୍ତାର ଘଟିଛି ସେ ଏହି ବିଶ୍ୱର ସବୁକିଛିକୁ ପରମପୁରୁଷଙ୍କର ଅଭିବ୍ୟକ୍ତି ରୂପେ ଦେଖେ । ବିଶ୍ୱର ସମସ୍ତଙ୍କୁ ସେ ନିଜର ଭାବେ । ସମସ୍ତେ ଯେତେବେଳେ ନିଜର ହୋଇଯାଆନ୍ତି, ସେତେବେଳେ ଆଉ କେହି ପର ହୋଇ ରହନ୍ତି ନାହିଁ । ଆମ ମନର ତିନୋଟି ବିଭାଗ ଅଛିଛି -

- ଚିତ୍ତ-ତତ୍ତ୍ୱ (done I feeling)
- ଅହଂ- ତତ୍ତ୍ୱ (doer I feeling)
- ମହତ୍ -ତତ୍ତ୍ୱ (I exist feeling)

ବାହ୍ୟିକ ଜଗତରୁ ଯେତେବେଳେ କୌଣସି ତନ୍ମାତ୍ର (ଶବ୍ଦ-ସ୍ପର୍ଶ-ରୂପ-ରସ-ଗନ୍ଧ) ଜ୍ଞାନେନ୍ଦ୍ରିୟ (ଚକ୍ଷୁ, କର୍ଣ୍ଣ, ନାସିକା, ଜିହ୍ୱା ଓ ତ୍ୱକ୍) ମାଧ୍ୟମରେ ଆମ ମସ୍ତିଷ୍କରେ ପହଞ୍ଚେ ସେତେବେଳେ ଚିତ୍ତ ସେହି ତନ୍ମାତ୍ରର ରୂପ ଧାରଣ କରେ ଏବଂ ସେତେବେଳେ ଅହଂ ତାହା ଦେଖେ, ଶୁଣେ ବା ଅନୁଭବ କରେ । ଚିତ୍ତ ଯେପର୍ଯ୍ୟନ୍ତ ତନ୍ମାତ୍ରର ରୂପ ଧାରଣ କରି ନଥାଏ ଅହଂତତ୍ତ୍ୱ ସେପର୍ଯ୍ୟନ୍ତ ସେହି ତନ୍ମାତ୍ରର କୌଣସି ଅନୁଭୂତି ଗ୍ରହଣ କରିପାରେ ନାହିଁ । ମହତତତ୍ତ୍ୱ ତାର ଏହି ଅନୁଭୂତିର ଅସ୍ତିତ୍ୱ ସିଦ୍ଧ କରେ । ଧରାଯାଉ, କେହି ବସି କିଛି ଗଭୀର ଭାବରେ ଚିନ୍ତା କରୁଛି । ତାର ଆଖି ଖୋଲା ଅଛି, କାନ ଖୋଲା ଅଛି । ଏହିପରି ସମୟରେ ପଛରୁ କେହି ତାକୁ ଡ଼ାକିଲା । ତିନି ଚାରି ଥର ଡ଼ାକିବା ପରେ ସେ ହୁଏତ ଦେହରେ ହାତ ମାର ପଚାରିଲା - କ'ଣ ପାଇଁ ଶୁଣିପାରୁ ନାହଁ ? ସେତେବେଳେ ତା'ର ସମ୍ବିତ୍ ଫେରିଆସିଲା ଓ ସେ ଶୁଣି ପାରିଲା । ଅଥବା କେହି ତା ସାମ୍ନା ଦେଇ ଚାଲିଗଲେ ଦେଖିପାରିଲା ନାହିଁ । ତାର କାନ ଖୋଲା ଥିଲା, ଆଖି ଖୋଲା ଥିଲା । ତେଣୁ ପ୍ରଥମ ଡ଼ାକରେ ତା'ର ଶୁଣିପାରିବା କଥା ବା ଦେଖିପାରିବା କଥା । କିନ୍ତୁ ସେ ଶୁଣି ପାରୁନାହିଁ କି ଦେଖି ପାରୁନାହିଁ । କାରଣ, ତା'ର ଚିତ୍ତ ଅନ୍ୟ ଭାବନାରେ ନିମଗ୍ନ ଥିବାରୁ ବାହାରୁ ଆସୁଥିବା ଅନ୍ୟ କୌଣସି ଶବ୍ଦ ବା ରୂପ ତନ୍ମାତ୍ରର ରୂପ ସେ ଧାରଣ କରିପାରୁ ନାହିଁ । ଏହି ପ୍ରକାର ଘଟଣା ପ୍ରତ୍ୟେକଙ୍କ ଜୀବନରେ ଘଟିଥାଏ । ପ୍ରକୃତରେ ଦେଖିବା ବା ଶୁଣିବା କ୍ରିୟା କିପରି ଭାବରେ ସମ୍ପନ୍ନ ହୁଏ ? ଧରାଯାଉ, କେହି ଜଣେ ବହି ପଢୁଛି । ସେତେବେଳେ ଦୃଷ୍ଟି ପ୍ରବହ (optical fluids) ଓ ଦୃଷ୍ଟି ସ୍ନାୟୁ (optical nerves) ମାଧ୍ୟମରେ ସେହି ଅନୁଭୂତି ମସ୍ତିଷ୍କର ଏହି ସ୍ନାୟୁକୋଷଗୁଡ଼ିକ ପ୍ରକୃତ ଚକ୍ଷୁ ଇନ୍ଦ୍ରିୟ । ସେତେବେଳେ ମନର ଗୋଟିଏ ଅଂଶ ସେହି ରୂପ ତନ୍ମାତ୍ରର ରୂପ ଧାରଣ କରେ । ମନର ଯେଉଁ ଅଂଶ ସେହି ତନ୍ମାତ୍ରର ରୂପ ଧାରଣ କରେ ତାକୁ ଚିତ୍ତତତ୍ତ୍ୱ କହନ୍ତି। ଚିତ୍ତଯେପର୍ଯ୍ୟନ୍ତ ସେହି ତନ୍ମାତ୍ରର ରୂପ ଧାରଣ କରିନାହିଁ ସେପର୍ଯ୍ୟନ୍ତ ମନ କିଛି ଦେଖି ବା ଶୁଣିପାରେ ନାହିଁ । ଚିତ୍ତ ଯେହେତୁ ତନ୍ମାତ୍ରର ରୂପ ଧାରଣ କରେ ତେଣୁ ସେ ଅନ୍ୟ କିଛି ଦେଖି ବା ଶୁଣିପାରେ ନାହିଁ । ମନର ଯେଉଁ ଅଂଶ ଏହି ଦେଖା ବା ଶୁଣାର କାର୍ଯ୍ୟ କରେ ତାକୁ ଅହଂତତ୍ତ୍ୱ କହନ୍ତି । ମୁଁ କରେ, ମୁଁ ଦେଖେ ବା ମୋର ବସ୍ତୁ, ଏହି ବୋଧକୁ କର୍ତ୍ତୃତ୍ୱ ଅଭିମାନ ବା ଅହଂବୋଧ କହନ୍ତି। ଜୀବ ମଧ୍ୟରେ 'ମୁଁ ଅଛି' ବୋଧ ନ ରହିଲେ କୌଣସି କ୍ରିୟାଭାବ ନିଷ୍ପନ୍ନ ହୁଏ ନାହିଁ ବରଂ ଜୀବର କର୍ତ୍ତୃତ୍ୱବୋଧ ମଧ୍ୟ ବିପନ୍ନ ହୋଇପଡ଼େ । 'ମୁଁ ଅଛି' ବୋଧ ଉପରେ 'ମୁଁ କରେ' ବୋଧ ଉପରେ ପର୍ଯ୍ୟବେସିତ । 'ମୁଁ ତ୍ୱ' ବୋଧ ନ ରହିଲେ 'ମୁଁ କରେ' ବୋଧ କାହା ଉପରେ ନିର୍ଭର କରିବ ? 'ମୁଁ ଅଛି' ବୋଧ ଉପରେ 'ମୁଁ କରେ', 'କୁହେ', 'ଶୁଣେ' ବୋଧଗୁଡ଼ିକ ସୃଷ୍ଟି ହୁଏ । ମନର ଏହି 'ମୁଁ ଅଛି' ବୋଧକୁ ମହତ୍‌ତତ୍ତ୍ୱ କହନ୍ତି । ଏହି ଚିତ୍ତତତ୍ତ୍ୱ, ଅହଂତତ୍ତ୍ୱ ଓ ମହତ୍‌ତତ୍ତ୍ୱକୁ ନେଇ ମଣିଷର ମନ । ପୁଣି ଅହଂ ଯାହା ଚିନ୍ତା କରେ ଚିତ୍ତ ତା'ର ବିଷୟ ରୂପ ଧାରଣ କରେ। ପ୍ରତ୍ୟେକ କର୍ମର ଦୁଇଟି ଦିଗ ଅଛି । ପ୍ରଥମ ହେଉଛି ଭାବଗତ, ଅର୍ଥାତ୍

ଯେତେବେଳେ କର୍ମ କେବଳମାତ୍ର ଚିନ୍ତା ରୂପେ ଅହଂତତ୍ତ୍ୱ ମଧ୍ୟରେ ଥାଏ ଏବଂ ଦ୍ୱିତୀୟ ରୂପ ହେଉଛି ଚିନ୍ତାର ମାନସ କାର୍ଯ୍ୟ ରୂପ । ପ୍ରତ୍ୟେକ ଚିନ୍ତା ଅହଂତତ୍ତ୍ୱରୁ ସୃଷ୍ଟି ହୁଏ ଏବଂ ଚିତ୍ତ ଭୂମିରେ 'ମାନସ ବାସ୍ତବ' ରୂପ ଧାରଣ କରେ । ଉଦାହାରଣ ସ୍ୱରୂପ, ମନ ଅତୀତ ଘଟଣାର କଥା ଚିନ୍ତା କରେ ମନର ଯେଉଁ ଅଂଶ ଦେଖେ ତାହା ହେଉଛି ଚିତ୍ତଭୂମି ଏବଂ ଯେଉଁ ଅଂଶ ଦେଖେ ତାହା ହେଉଛି ଅହଂ । ଚିତ୍ତବୋଧ ଅର୍ଥ କୌଣସି ଘଟଣାର ମାନସ ରୂପ । ଉଚିତ୍ତ ହିଁ ହେଉଛି ବସ୍ତୁନିଷ୍ଠ ମନ (objective mind)।

ସଞ୍ଚର ଧାରାରେ ଚୈତନ୍ୟ ସତ୍ତା ଉପରେ ପ୍ରକୃତି ରଜସତ୍ତ୍ୱଗୁଣର ପ୍ରଭାବ ଫଳରେ ବିଶୁଦ୍ଧ ଅସ୍ତିତ୍ୱବୋଧ ବା ମହତ୍‌ତତ୍ତ୍ୱ ସୃଷ୍ଟି ହୁଏ । ପୁଣି ରଜଗୁଣର ପ୍ରଭାବରେ ଏହି ଅସ୍ତିତ୍ୱବୋଧ ବା ମହତ୍‌ତତ୍ତ୍ୱ ଅହଂତତ୍ତ୍ୱରେ ରୂପାନ୍ତରିତ ହୁଏ। ପ୍ରକୃତିର ତମୋଗୁଣି ଶକ୍ତି ପ୍ରଭାବରେ ଏହି ଅହଂତତ୍ତ୍ୱ କର୍ମଫଳର ରୂପ ଧାରଣ କରେ; ଅର୍ଥାତ୍ ଅହଂତତ୍ତ୍ୱ ଚିତ୍ତତତ୍ତ୍ୱରେ ରୂପାନ୍ତରିତ ହୁଏ । ପୁଣି ପ୍ରତି ସଂଚର ଧାରାରେ ଅଣୁମନର ଚିତ୍ତ ଉପରେ ତମୋଗୁଣର ପ୍ରଭାବ କମ୍ ହେଲେ ରଜଗୁଣର ପ୍ରାବଲ୍ୟ ଦେଖାଦିଏ । ଫଳରେ ଅହଂତତ୍ତ୍ୱର ପରିଧି ବଢ଼ିଯାଏ ଏବଂ ଅହଂର ପରିଧି ଚିତ୍ତର ପରିଧିରୁ ବଡ଼ ହେଲେ ଜାଗ୍ରତ ବୁଦ୍ଧି (intellect) ଚିତ୍ତକୁ ନିୟନ୍ତ୍ରଣ କରିଥାଏ । ପୁନଶ୍ଚ ଅହଂ ଉପରୁ ରଜଗୁଣର ପ୍ରଭାବ କମ୍ ହେଲେ ସତ୍ତ୍ୱଗୁଣର ପ୍ରାବଲ୍ୟ ଦେଖାଦିଏ । ଫଳରେ ମହତ୍‌ତତ୍ତ୍ୱର ପରିଧି ବଢ଼ିଥାଏ ଏବଂ ମହତ୍‌ର ପରିଧି ଅହଂର ପରିଧିରୁ ବଡ଼ ହେଲେ ଜାଗ୍ରତ ବୋଧି (intuition) ଅହଂକୁ ନିୟନ୍ତ୍ରଣ କରିଥାଏ ।

ଜୀବମାନସର ଜାଗ୍ରତ ବୁଦ୍ଧି ଯେପର୍ଯ୍ୟନ୍ତ ଚିତ୍ତକୁ ନିୟନ୍ତ୍ରଣ କରିନାହିଁ ସେପର୍ଯ୍ୟନ୍ତ ସେ ଚିତ୍ତ ବୃତ୍ତିର ଅଧୀନ । ଏହା ହିଁ ପଶୁ ମନ ଏବଂ ଯେତେବେଳେ ଜାଗ୍ରତ ବୁଦ୍ଧି ତାର ଚିତ୍ତ ବୃତ୍ତିକୁ ନିୟନ୍ତ୍ରଣ କରିବା ଆରମ୍ଭ କରେ ସେହି ସମୟରୁ ତାର ମାନବ ଜୀବନ ଆରମ୍ଭ ହୁଏ । ତେଣୁ ମଣିଷ ଅହଂ - ପ୍ରଧାନ ଜୀବ । ଏହି ଅହଂ -ପ୍ରଧାନ ଜୀବ ତାର ବୁଦ୍ଧି ସାହାଯ୍ୟରେ ବୃହତ୍ତର ଏଷଣାକୁ ତୀବ୍ରତର କଲେ ରଜଗୁଣର ପ୍ରଭାବ କମିଯାଏ ଓ ସତ୍ତ୍ୱଗୁଣର ପ୍ରଭାବ ବଢ଼ିବାକୁ ଲାଗେ । ଫଳରେ ମହତ୍‌ର ପରିଧି ବଢ଼ି ବଢ଼ି ବୋଧି ଜାଗ୍ରତ ହୁଏ । ଏହି ବୋଧି ଜ୍ଞାନ ସାହାଯ୍ୟରେ ମଣିଷ ସତ୍ତ୍ୱ ଗୁଣର ବନ୍ଧନ ପାର ହୋଇ ଭୂମାମନରେ ସମାହିତ ହୁଏ । ସେହି ଅବସ୍ଥାକୁ ସବିକଳ୍ପ ସମାଧି କହନ୍ତି । ଭୂମାମନରେ ସମାହିତ ହେବା ପରେ ସେ ଯଦି ଭୂମାଚୈତନ୍ୟରେ ସମାହିତ ହୁଏ, ତେବେ ସେହି ଅବସ୍ଥାକୁ ନିର୍ବିକଳ୍ପ ସମାଧି କହନ୍ତି । ଏଠାରେ ହିଁ ମାନବ ଜୀବନ ରଚମ ଅବସ୍ଥା, ପରମ ଶାନ୍ତି । ଏହିଠାରେ ହିଁ ତାର ଅଖଣ୍ଡ ଜୀବନର ପରିସମାପ୍ତି ହୁଏ । ଅର୍ଥାତ୍, ପ୍ରତିସଂଚର ଧାରାରେ ଜଡ଼ବସ୍ତୁରୁ ଅଣୁମନ ସୃଷ୍ଟି ହେବାଠାରୁ ଯେଉଁ ଯାତ୍ରାର ଆରମ୍ଭ, କ୍ରମବିବର୍ତ୍ତନ ଧାରା ଅତିକ୍ରମ କରି ଅସଂଖ୍ୟ ଖଣ୍ଡ ଜୀବନ ମଧ୍ୟ ଦେଇ ଚାଲୁ ଚାଲୁ ଭୂମାଚୈତନ୍ୟରେ ସମାହିତ ହେବାରେ ତାର ସେହି ସୁଦୀର୍ଘ ଯାତ୍ରା ପଥ ଶେଷ ହୁଏ । ଏହି ଭୂମାଚୈତନ୍ୟରୁ ହିଁ ଦିନେ ସେ ସଂଚର ଧାରାରେ ଆସିଥିଲା ।

ମାନବ ମନର ଅଭିବ୍ୟକ୍ତି ପଞ୍ଚକୋଷାତ୍ମକ । କାମମୟ କୋଷ, ମନୋମୟ କୋଷ, ଅତିମାନସ କୋଷ, ବିଜ୍ଞାନମୟ କୋଷ ଓ ହିରଣ୍ମୟ କୋଷ । କୋଷଗୁଡ଼ିକ ସ୍ଥୁଳରୁ ସୂକ୍ଷ୍ମ ପର୍ଯ୍ୟାୟରେ କ୍ରମ ବିନ୍ୟସ୍ତ । ଅଧିକତର ସୂକ୍ଷ୍ମ କୋଷଗୁଡ଼ିକ ପର୍ଯ୍ୟାୟକ୍ରମେ ସ୍ଥୁଳକୋଷରେ ଆଧୃତ । ସ୍ଥୁଳକୋଷଗୁଡ଼ିକୁ ବିମୋଚିତ କରି ସୂକ୍ଷ୍ମ କୋଷଗୁଡ଼ିକୁ ଜାଣିହୁଏ । କାମମୟ କୋଷ ଇନ୍ଦ୍ରିୟଗୁଡ଼ିକ ଦ୍ୱାରା ବାହ୍ୟିକ ପଞ୍ଚଭୂତ ସହିତ ସମ୍ପର୍କିତ । ତେଣୁ ଏହାକୁ ସ୍ଥୁଳମନ (crudemind) କହନ୍ତି । ମନୋମୟ କୋଷକୁ ସୂକ୍ଷ୍ମମନ (subtle mind) ଏବଂ ବାକି ତିନୋଟି କୋଷକୁ ଏକତ୍ର କାରଣମନ (causal or astral mind) କୁହାଯାଏ । ସ୍ଥୁଳ, ସୂକ୍ଷ୍ମ ଓ କାରଣମନକୁ ଆଧୁନିକ ମନୋବିଜ୍ଞାନରେ ଯଥାକ୍ରମେ ଚେତନ (conscious), ଅବଚେତନ (sub conscious) ଓ ଅଚେତନ (unconscious) ମନ କୁହାଯାଇଥାଏ । କିନ୍ତୁ ଏହା ଯଥାର୍ଥ ବୋଲି ମନେହୁଏ ନାହିଁ ।

**କାମମୟ କୋଷ :**

କାମମୟ କୋଷ ଚିତ୍ତ ପ୍ରଧାନ ଅଟେ । ଏହି ସ୍ଥୁଳ ମନରେ ମଣିଷର କାମନା ବାସନା ଜାଗିଥାଏ । ଏହାର ତିନୋଟି କାର୍ଯ୍ୟ -୧) ଅନୁଭବ କରିବା, ୨) ତଦନୁଯାୟୀ

ଇଚ୍ଛା ବା ଅନିଚ୍ଛା ପ୍ରକାଶ କରିବା ଏବଂ ୩) ସେହି ଇଚ୍ଛା ବା ଅନିଚ୍ଛାକୁ  କାର୍ଯ୍ୟରେ ପରିଣତ କରିବା ।

ଚକ୍ଷୁ, କର୍ଣ୍ଣ, ନାସିକା, ଜିହ୍ୱା  ଓ ତ୍ୱକ୍ ଏହି ପଂଚ ଜ୍ଞାନେନ୍ଦ୍ରିୟ ମାଧ୍ୟମରେ ବହିର୍ଜଗତରୁ ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ ତନ୍ମାତ୍ରଗୁଡ଼ିକ ଆମ ମନର ସଂସ୍ପର୍ଶରେ ଆସିଲେ, ମନରେ ସେହି ବସ୍ତୁ ସମ୍ପର୍କିତ ଅନୁଭୂତି ସୃଷ୍ଟି ହୁଏ ଏବଂ ଉକ୍ତ ଅନୁଭୂତି ଅନୁଯାୟୀ ମନରେ ସେହି ବସ୍ତୁ ସମ୍ପର୍କରେ ଇଚ୍ଛା ବା ଅନିଚ୍ଛା ଜାଗିଥାଏ । ମନ ସେତେବେଳେ କର୍ମେନ୍ଦ୍ରିୟ ମାଧ୍ୟମରେ (ବାକ୍, ପାଣି, ପାଦ, ପାୟୁ ଓ ଉପସ୍ଥ) ସେହି ଇଚ୍ଛାକୁ ବା ଅନିଚ୍ଛାକୁ କାର୍ଯ୍ୟରେ ରୂପ ଦିଏ । ପ୍ରତିମୁହୂର୍ତ୍ତରେ ଇନ୍ଦ୍ରିୟର ତାଡ଼ନାରେ ମନ ବିଷୟରୁ ବିଷୟାନ୍ତରକୁ ଛୁଟିଚାଲେ । ବହିର୍ଜଗତର ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ ପ୍ରଭାବରେ ମନରେ ଅସଂଖ୍ୟ ବୃତ୍ତି ସୃଷ୍ଟି ହୁଏ ଏବଂ ସେଗୁଡ଼ିକୁ ଚରିତ୍ରାର୍ଥ କରିବାକୁ ଆମେ ପାଗଳ ହୋଇ ମରିଚିକା ପଛରେ ଧାଇଁଥାଉ । ତେଣୁ ପ୍ରାଚୀନ ଋଷିମାନେ ଆମ ଶରୀରକୁ ଗୋଟିଏ ରଥର ସହିତ ତୁଳନା କରିଛନ୍ତି । ଏହି ରଥର ସାରଥି ହେଉଛି ବୁଦ୍ଧି, ରଥୀ ହେଉଛି ଆତ୍ମା ଏବଂ ଦଶଇନ୍ଦ୍ରିୟ ହେଉଛନ୍ତି ରଥ ସହିତ ଯୁକ୍ତ ଦଶଟି ଘୋଡ଼ା। ମନରୂପକ ଲଗାମ ଦ୍ୱାରା ବୁଦ୍ଧି ଯଦି ଏହି ଇନ୍ଦ୍ରିୟରୂପକ ଘୋଡ଼ାକୁ ନିୟନ୍ତ୍ରଣ କରିପାରେ ନାହିଁ, ତେବେ ପ୍ରବୃତ୍ତିର ତାଡ଼ନାରେ ଶରୀର ରୂପୀ ରଥ କ୍ଷମତା, ପ୍ରତିଷ୍ଠା ପ୍ରାପ୍ତି କିମ୍ବା ଜାଗତିକ ଭୋଗ ପାଇଁ, ଜଡ଼ତ୍ୱ ଦିଗରେ (ସ୍ଥୁଳମନର କାମନା- ବାସନା ଚରିତାର୍ଥ କରିବାକୁ) ଛୁଟି ଚାଲେ । ଏଥିରେ ସେ ହୁଏତ କ୍ଷଣିକ ସୁଖ ପାଇପାରେ କିନ୍ତୁ ମନରେ ଶାନ୍ତି ପାଏନାହିଁ । ତା’ ଜୀବନରେ ଅନ୍ଧକାର ଘନେଇ ଆସେ ।

**ମନୋମୟ କୋଷ (ସୂକ୍ଷ୍ମମନ) :**

ଏହି ସୂକ୍ଷ୍ମମନ  ଅହଂ-ପ୍ରଧାନ ବୁଦ୍ଧିର ସ୍ତର । ଏହାର ପ୍ରଧାନତଃ ଦୁଇଟି କାର୍ଯ୍ୟ-ଗଭୀର ଚିନ୍ତନ ଓ ସ୍ମରଣ । ଜଗତର ଅଧିକାଂଶ ଚିନ୍ତା, ଭାବନା ମନର ଏହି ସ୍ତରରେ ସୀମାବଦ୍ଧ ଥାଏ । ଏହି ସୂକ୍ଷ୍ମମନ ସ୍ତରରେ ମଣିଷ ଯାହା କିଛି ସ୍ମରଣ କରେ, ପୁଣି ଏହି ସୂକ୍ଷ୍ମମନରେ ସ୍ୱପ୍ନ ମଧ୍ୟ ଦେଖେ । ସ୍ୱପ୍ନ ଦେଖିବା ସମୟରେ ସ୍ଥୁଳମନ କାମ କରୁନଥିବାରୁ ସୂକ୍ଷ୍ମମନରେ ଯାହା କିଛି ଦେଖେ ତାହା ସତ୍ୟ ବୋଲି ମନେ ହୁଏ । ଏହି ସୂକ୍ଷ୍ମମନ ଉପରେ ନିୟନ୍ତ୍ରଣ ରହିଲେ ମଣିଷ ଅନ୍ୟର ସ୍ଥୁଳମନକୁ ପ୍ରଭାବିତ କରି ତାକୁ ସମ୍ମୋହିତ (hypnotise) କରିପାରେ ।

**ଅତିମାନସ କୋଷ :**

ଅତିମାନସ କୋଷ କାରଣମନର ପ୍ରଥମ ସ୍ତର । ମହତ୍-ପ୍ରଧାନ ଏହି ସ୍ତରରେ ବୋଧିର ସ୍ଥିତି । ଏହିଠାରେ ହିଁ ମଣିଷର ସଂସ୍କାର ବୀଜରୂପେ ରହିଥାଏ । ଏହି ସ୍ତରରେ ପହଞ୍ଚିଗଲେ ମଣିଷ ପାଖରେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ଦ୍ୱାରଗୁଡ଼ିକ ଖୋଲିଯାଏ, ଜୀବନର ରହସ୍ୟ ତା ପାଖରେ ପରିସ୍ଫୁଟ ହୋଇଉଠେ । କାରଣମନର ଏହି ସ୍ତରରେ ସୃଷ୍ଟିଧର୍ମୀ ଅନ୍ତର୍ଦୃଷ୍ଟି ରହିଛି । ଏହି ଅତିମାନସ କୋଷ ସୂକ୍ଷ୍ମମନର ସବୁ ଯୁକ୍ତି ଓ ବିଚାରଶୀଳତାର ଉର୍ଦ୍ଧ୍ୱରେ । ଦୈବୀ ଅନୁଗ୍ରହ, ଜ୍ଞାନକ ସ୍ୱପ୍ନ, ପ୍ରତି-ସାମ୍ବେଦନିକ ତଥ୍ୟାନୁଭୂତି (telepathic vision), ପ୍ରତି- ସାମ୍ବେଦନିକ ଦିବ୍ୟଦୃଷ୍ଟି ଇତ୍ୟାଦି ମନର ଏହି ସ୍ତରର କାର୍ଯ୍ୟ ।

**ବିଜ୍ଞାନମନୟ କୋଷ :**

ବିଜ୍ଞାନମୟ କୋଷ କାରଣମନର ଦ୍ୱିତୀୟ ସ୍ତର । ଆକ୍ଷରିକ ଅର୍ଥରେ, ଏହା ‘ବିଶେଷ ଜ୍ଞାନର ସ୍ତର’ । ଏହି ସ୍ତରରେ ମନ ସେହି ଅନନ୍ତ  ଭାବ ସମୁଦ୍ରର ତରଙ୍ଗ ସହିତ ମିଳିମିଶି ଏକାକାର ହୋଇଯିବାକୁ ଇଚ୍ଛା କରେ । ସାଧକ ମନର ଏହି ସ୍ତରରେ ତାନ୍ମାତ୍ରିକ ଜଗତୀ ସୁଖ, ଦୁଃଖ, ଆନନ୍ଦାନୁଭୂତି ତଥା ଏହି ମହାବିଶ୍ୱର ସବୁକିଛିକୁ ତାର ଉପଲବ୍ଧି ଦ୍ୱାରା ପାଇପାରେ । ତା ଭିତରେ ସେତେବେଳେ ବିବେକ ଓ ବୈରାଗ୍ୟ ଜାଗ୍ରତ ହୁଏ । ଅନ୍ୟାନ୍ୟ ଉଚ୍ଚଗୁଣାବଳୀ ଯଥା ଧୈର୍ଯ୍ୟ, ଭଦ୍ରତା, ସମଦର୍ଶିତା, ସଦାପ୍ରଫୁଲ୍ଲତା, ନମ୍ରତା, ମହାନୁଭବତା ଏବଂ ଅଚଞ୍ଚଳ ଏକାଗ୍ରତା ତା ମଧ୍ୟରେ ପ୍ରକାଶ ପାଏ । ଏହି ଅବସ୍ଥାରେ ସାଧକ ସମସ୍ତ ଗାଗତିକ ବସ୍ତୁ ପ୍ରତି ଅନାସକ୍ତ ହୁଏ । ସମଦର୍ଶୀ ଅନାସକ୍ତ ସାଧକ ଦେଖେ  ପରମପୁରୁଷ ହିଁ ବହୁ ରୂପରେ ତା ସମ୍ମୁଖରେ ପ୍ରତିଭାତ ହେଉଛନ୍ତି । ତେଣୁ ସେ ଆସକ୍ତି ବା ଘୃଣା ଆଖିରେ ନ ଦେଖି, ସବୁକିଛି ପ୍ରତି ପରମ ସ୍ନେହର ସମ୍ପର୍କ ଗଢ଼େ । ସେ ହୁଏ ପରମ ବୈଷ୍ଣବ ।

ହିରଣ୍ମୟ କୋଷ :

ହିରଣ୍ମୟ କୋଷ କାରଣମନର ଉଚ୍ଚତମ ସ୍ତର, ଆଧ୍ୟାତ୍ମିକତାର ସ୍ତର । ଏହି ସ୍ତରରେ ମନ ସେହି ଅନନ୍ତ ସତ୍ତାକୁ ପାଇବା ପାଇଁ ବ୍ୟାକୁଳ ହୋଇଉଠେ । ଏହି ସୂକ୍ଷ୍ମ କାରଣମନ ହେଉଛି ପୂର୍ଣ୍ଣତ୍ୱର ଦ୍ୱାର ପଥ । ଏଠାରେ ସାମାନ୍ୟ ଏକ ଅତି ସୂକ୍ଷ୍ମ ଆବରଣ ରହିଥାଏ ମାତ୍ର, ଯାହାକୁ ଅତିକ୍ରମ କଲେ ଆତ୍ମାର ସେହି ଅତ୍ୟୁଜ୍ଜ୍ୱଳ ଆଲୋକର ଦର୍ଶନ ଲାଭ ହୁଏ ଏବଂ ସେହି ଅପୂର୍ବ ମହାଦ୍ୟୁତିର ଅଭିଜ୍ଞତା ହେଲେ ସାଧକ ସେହି ପରମସତ୍ତା ତଥା ଅନନ୍ତ ସତ୍ତାଙ୍କର ସାମୀପ୍ୟ ଉପଲବ୍ଧି କରେ । ସେତେବେଳେ ସେଇ ପରମ ସତ୍ତା ସହିତ ମିଳିମିଶି ଏକାକାର ହୋଇଯିବାର ଐକାନ୍ତିକ ଏଷଣା ପ୍ରବଳ ହୋଇଉଠେ । ଏହି ହିରଣ୍ମୟ କୋଷ ଉର୍ଦ୍ଧ୍ୱରେ ହିଁ ନିର୍ଗୁଣ ବ୍ରହ୍ମଙ୍କର ଅବସ୍ଥାନ ।

ହିରଣ୍ମୟେ ପରେ କୋଷେ ବିରଜଂ ବ୍ରହ୍ମ ନିଷ୍କଳମ୍

ତେଣୁ ଭାଗବତ ଧର୍ମର ପ୍ରଥମ ପାଦ ବିସ୍ତାର । ଏହାର ଅର୍ଥ ହେଲା ଏହି ପଞ୍ଚକୋଷାତ୍ମକ ମନର ବିସ୍ତାର । କିନ୍ତୁ ଏହି ମନର ବିସ୍ତାର କିପରି ସମ୍ଭବ ? 'ଯୋଗ' ସାଧନା ମାଧ୍ୟମରେ ମନର ବିସ୍ତାର ସମ୍ଭବ ବୋଲି ତତ୍ତ୍ୱଜ୍ଞାନୀ ମହାପୁରୁଷମାନେ କହନ୍ତି । ଯୋଗ କ'ଣ ? ଭଗବାନ ଶ୍ରୀକୃଷ୍ଣ କହିଛନ୍ତି, "ଯୋଗଃ କର୍ମସୁ କୌଶଳମ୍" । ମଣିଷ ପ୍ରତି ମୁହୂର୍ତ୍ତରେ କର୍ମ ମାଧ୍ୟମରେ ବଞ୍ଚିଥାଏ । ଆମେ ଯେଉଁ ନିଶ୍ୱାସ ନେଉ, କଥା କହୁ, ଚାଲୁ, ଖାଉ, ପଢୁ, ଖେଳୁ ଅର୍ଥାତ୍ ଦୈନନ୍ଦିନ ଜୀବନରେ ଯାହା କିଛି କରୁ, ତାହା ସବୁ ହିଁ କର୍ମ । କେବଳ ଜାଗତିକ କ୍ଷେତ୍ରରେ ନୁହେଁ, ମାନସିକ ଓ ଆଧ୍ୟାତ୍ମିକ କ୍ଷେତ୍ରରେ ମଧ୍ୟ ଆମକୁ କର୍ମ ମାଧ୍ୟମରେ ଆଗେଇ ଚାଲିବାକୁ ହୁଏ । ଜାଗତିକ, ମାନସିକ ଓ ଆଧ୍ୟାତ୍ମିକ ଯେଉଁ କ୍ଷେତ୍ରରେ ହେଉନା କାହିଁକି ଏହି କର୍ମର ଗୋଟିଏ ନିୟମ, ଅର୍ଥାତ୍ କୌଶଳ ଅଛି । କୌଣସି କର୍ମର ଏହି ନିୟମ ବା କୌଶଳକୁ ଯିଏ ଯେତେ ବେଶି ଆୟତ୍ତ କରିପାରିଛି ସିଏ ସେତେ ବେଶି ଠିକ୍ ଭାବରେ ଓ ଦ୍ରୁତତର ସହିତ ସେଇ କର୍ମରେ ସାଫଲ୍ୟ ଲାଭ କରିଛି। ଯେତେବେଳ ପର୍ଯ୍ୟନ୍ତ ଛବି ଆଙ୍କିବାର କୌଶଳ ଆୟତ୍ତ କରାଯାଇନାହିଁ ସେତେବେଳ ପର୍ଯ୍ୟନ୍ତ ରଙ୍ଗ, ତୂଳୀ ଏବଂ କାଗଜ ଯୋଗାଡ଼ ହୋଇଗଲେ ବି ଛବି ଅଙ୍କାଯାଇପାରେ ନାହିଁ । ଏହି କୌଶଳକୁ ଯିଏ ଯେତେ ବେଶି ଆୟତ କରିଛି ସିଏ ସେତେ ବଡ଼ ଶିଳ୍ପୀ । ସେହିପରି ମାନବ ଜୀବନର ଲକ୍ଷ୍ୟ ହେଉଛି ଆନନ୍ଦଘନ ପରମପୁରୁଷ ଏବଂ ତାଙ୍କୁ ପାଇବାକୁ ହେଲେ ଜଡ଼ମୁଖୀ ମନକୁ ହରିମୁଖୀ କରିବାକୁ ହେବ, ଅର୍ଥାତ୍ ଅନ୍ତର୍ମୁଖୀ ସାଧନା ମାଧ୍ୟମରେ ଆଗେଇ ଯିବାକୁ ହେବ । ଏହି ଅନ୍ତର୍ମୁଖୀ ସାଧନାର କୌଶଳ ଯିଏ ସେତେ ଆୟତ କରିପାରିବ ସିଏ ସେତେ ଶୀଘ୍ର ପରମପୁରୁଷଙ୍କ ନିକଟରେ ପହଞ୍ଚିଯିବ ବ । ଆଧ୍ୟାତ୍ମ ଜଗତରେ ଅନ୍ତର୍ମୁଖୀ ସାଧନାର ଏଇ କୌଶଳ ହିଁ ହେଉଛି 'ଯୋଗ' ।

'ଯୋଗ' ଶବ୍ଦର କେତେଗୁଡ଼ିଏ ବ୍ୟାଖ୍ୟା ଅଛି । ଯେପରି ସଂସ୍କୃତ 'ଯୁକ୍' ଧାତୁରେ 'ଘଞ୍' ପ୍ରତ୍ୟୟ ହୋଇ 'ଯୋଗ' ଶବ୍ଦ ନିଷ୍ପନ୍ନ ହୁଏ। 'ଯୁଜ୍' ଧାତୁର ଅର୍ଥ ଯୋଗ କରିବା, ଯେପରି ୨+୨=୪ । ପୁଣି 'ଯୁଞ୍ଜ' ଧାତୁରେ 'ଘଞ' ପ୍ରତ୍ୟୟ ହୋଇ ମଧ୍ୟ 'ଯୋଗ' ଶବ୍ଦ ସୃଷ୍ଟି ହୁଏ । ଏଠାରେ 'ଯୋଗ' ଅର୍ଥ ମିଳନ (unification) । ଏଠାରେ ମିଳିତ ହେଉଥିବା ବସ୍ତୁଗୁଡ଼ିକ ନିଜର ଅଲଗା ଅସ୍ତିତ୍ୱ ରକ୍ଷା କରନ୍ତି ନାହିଁ– ଚିନି ଯେପରି ପାଣି ସହିତ ମିଶି ଏକାକାର ହୋଇଯାଏ ।

ମହର୍ଷି ପାତଞ୍ଜଳିଙ୍କ ମତରେ "ଯୋଗଶ୍ଚିତ୍ତବୃତ୍ତିନିରୋଧ" (Yoga is the suspension of all psychic propensities)। ଏଠାରେ 'ଯୋଗ'ର ଅର୍ଥ ମନର ସମସ୍ତ ବୃତ୍ତିର ନିରୋଧ। ବୃତ୍ତି କ'ଣ ? ଯାହା ମାଧ୍ୟମରେ ମନ କାର୍ଯ୍ୟ କରେ କିମ୍ବା ମନର ଅଭିପ୍ରକାଶ ଘଟେ ତାର ନାମ ହେଉଛି ବୃତ୍ତ । Vrtti is the way of expression or occupation of mind. ମଣିଷ ମନରେ ଦୁଇଟି ପ୍ରବଣତା କାର୍ଯ୍ୟ କରିଚାଲେ । କେତେବେଳେ ତାର ମନ ଭୋଗ ଦିଗକୁ ଅର୍ଥାତ୍ ସ୍ଥୂଳତ୍ୱ ଦିଗକୁ ଛୁଟି ଯିବାକୁ ଚାହେଁ ତ ପୁଣି କେତେବେଳେ ସୂକ୍ଷ୍ମତ୍ୱ ଦିଗକୁ ଅର୍ଥାତ୍ ଆଧ୍ୟାତ୍ମିକତା ଦିଗରେ ଧାବିତ ହୁଏ । ଏହି ଦୁଇଟି ବିପରୀତମୁଖୀ ଗତିପ୍ରବଣତା ମଣିଷ ମନରେ ଅନବରତ ସଂଘର୍ଷ (psychic clash) ସୃଷ୍ଟି କରିଚାଲିଛି ଏବଂ ଏହି ସଂଘର୍ଷରୁ ମଣିଷ ମନରେ ପଚାଶଟି ବୃତ୍ତି ସୃଷ୍ଟି ହୋଇଛି । ପଶୁ ମଧ୍ୟରେ ଏହି ସଂଘର୍ଷ

ନାହିଁ ବୋଲି ସେମାନଙ୍କ ମଧ୍ୟରେ ବୃତ୍ତିର ପରିମାଣ କମ୍ ଏବଂ ସେମାନଙ୍କର ମାନସିକ ଜଟିଳତା ମଧ୍ୟ କମ୍ । ଅଧିକ ବୃତ୍ତି ଯୋଗୁଁ ମଣିଷ ମନର ଜଟିଳତା ଅନେକ ବେଶି । ଯେପରି, କେହି ମନେ ମନେ ଭାବିଲା ଚୋରି କରିବ (ଆଭ୍ୟନ୍ତରୀଣ ଚୌର୍ଯ୍ୟବୃତ୍ତି), ତାପରେ ବାହାରେ ହାତ ଦ୍ୱାରା ଚୋରି କଲା (ବାହ୍ୟିକ ଚୌର୍ଯ୍ୟବୃତ୍ତି) । ଏହି ଭାବରେ ୫୦x୨=୧୦୦ ଭାବରେ ବୃତ୍ତିର ଅଭିପ୍ରକାଶ ଘଟେ । ମଣିଷର ମନ ଦଶ ଇନ୍ଦ୍ରିୟ ମାଧ୍ୟମରେ କାର୍ଯ୍ୟ କରେ, ତେଣୁ ମାନସିକ ବୃତ୍ତିର ଅଭିପ୍ରକାଶ  ଦଶ ଇନ୍ଦ୍ରିୟ ମାଧ୍ୟମରେ ହୁଏ । ଏହି ଭାବରେ ସର୍ବମୋଟ ୧୦୦x୧୦= ଭାବରେ ବୃତ୍ତି ମଣିଷ ମନରେ କାର୍ଯ୍ୟ କରିଚାଲେ । 'ଚିତ୍ତବୃତ୍ତି ନିରୋଧ' ଅର୍ଥ ମନର ଏହି ୧୦୦୦ ଭାବରେ ବିଭିନ୍ନ ଦିଗକୁ ଛୁଟି ଚାଲିଥିବା ବୃତ୍ତିକୁ ଫେରାଇ ନେଇ ଆସିବା, ମନର ଏହି ଅଭିପ୍ରକାଶକୁ ନିରୋଧ (suspend) କରିଦେବା । ଯଦି ମନର ସମସ୍ତ ବୃତ୍ତି ପ୍ରବାହକୁ ନିରୁଦ୍ଧ କରି ଦିଆଯାଏ, ତାହେଲେ ମାନବ ଧାରାର ସମସ୍ତ କାର୍ଯ୍ୟ ଶେଷ ହୋଇଯିବ । ମହର୍ଷି ପାତଞ୍ଜଳିଙ୍କ ମତରେ ଏହା ହିଁ ଯୋଗର ଚରମ ଅବସ୍ଥା । କିନ୍ତୁ ମନର ବହିର୍ମୁଖୀ ବୃତ୍ତି ପ୍ରବାହକୁ ବାହ୍ୟ ଜଗତରୁ ଫେରାଇ ଆଣି ତାର ନିରୋଧ କରିଦେଲେ କୌଣସି ଲକ୍ଷ୍ୟର ଅଭାରେ ମନର ଅନ୍ତର୍ଜଗତରେ ସମସ୍ୟା ସୃଷ୍ଟି କରିବ। ସେ ହୁଏତ ବାହାରେ ଚୋରି କରୁନାହିଁ କିନ୍ତୁ ମନେ ମନେ ଚୋରି କରୁଛି । ମଣିଷର ମନ ନଦୀର ଧାରା ପରି ଛୁଟିଚାଲେ । ତାକୁ ସହ୍ୟ କରିପାରେ ନାହିଁ । ଯେପରି ମଣିଷର କାମ ପ୍ରବଣତା (sexual desire) କୁ ଜୋର କରି ଦମନ କଲେ ଅନ୍ୟାନ୍ୟ ବୃତ୍ତି, ବିଶେଷ କରି କ୍ରୋଧ ବୃତ୍ତି ଭୀଷଣ ଭାବରେ ଜାଗିଉଠେ । କିନ୍ତୁ ମନ ଯଦି କୌଣସି ଖରାପ ଦିଗକୁ ଚାଲି ଯାଇଥାଏ, ତାକୁ ଅନ୍ୟ ଦିଗକୁ ଫେରାଇ ଅଣାଯାଇପାରେ । ତେବେ ତାହା ମାନବ ମନସ୍ତତ୍ତ୍ୱ ବିରୁଦ୍ଧରେ ଯାଏ ନାହିଁ । ତେଣୁ ତନ୍ତ୍ରରେ ଯୋଗର ଏହି



ବ୍ୟାଖ୍ୟାକୁ ସ୍ୱୀକାର କରାଯାଏ ନାହିଁ । ତନ୍ତ୍ର ମତରେ 'ଯୋଗ' ହେଉଛି "ସଂଯୋଗଃ ଯୋଗ ଇତ୍ୟୁକ୍ତୋ ଜୀବାତ୍ମା-ପରମାତ୍ମାନୋଃ" । ଜୀବାତ୍ମା ସହିତ ପରମାତ୍ମାଙ୍କର ମିଳନ ହିଁ ହେଉଛି 'ଯୋଗ' । ଏଠାରେ ତନ୍ତ୍ର ଆହୁରି ଗୋଟିଏ ପାଦ ଆଗେଇ ଯାଇଛି । ପାତଞ୍ଜଳିଙ୍କ ମତରେ ମନର ବୃତ୍ତି ପ୍ରବାହକୁ ନିରୁଦ୍ଧ କରିବାକୁ ହେବ । କିନ୍ତୁ ତନ୍ତ୍ର ମତରେ ବୃତ୍ତି ପ୍ରବାହକୁ ନିରୁଦ୍ଧ ନ କପରି ତାକୁ ଈଶ୍ୱରାଭିମୁଖୀ କରିବାକୁ ହେବ, ତାକୁ ବ୍ରହ୍ମ ଭାବରେ ସମାହିତ କରିଦେବାକୁ ହେବ । ସେତେବେଳେ ହିଁ ଆତ୍ମା ସହିତ ପରମାତ୍ମାଙ୍କ ମିଳନ ହେବ । ଜୀବଭାବ ଶିବଭାବରେ ସମାହିତ ହେବ, 'କ୍ଷୁଦ୍ର ମୁଁ' 'ବୃହତ୍ ମୁଁ' ସହିତ ଏକାକାର ହୋଇଯିବ । ତନ୍ତ୍ର ମତରେ ଏହା ହିଁ ହେଉଛି 'ଯୋଗ' ।

ଆଧ୍ୟାତ୍ମକ ବିଜ୍ଞାନ ମତରେ ମଣିଷ ଶରୀରରେ ମେରୁଦଣ୍ଡର ନିମ୍ନରୁ ତିନୋଟି ନାଡ଼ୀ ବାହାରିଛି । ଏହା ଭିତରେ ସୁଷୁମ୍ନା ନାଡ଼ୀ ସୁଷୁମ୍ନା କାଣ୍ଡ ଦେଇ ସିଧାଯାଇଛି ସହସ୍ରାର ଚକ୍ର ପର୍ଯ୍ୟନ୍ତ ଏବଂ ବାମ ଦିଗରୁ ଇଡ଼ା ନାଡ଼ୀ ଓ ଡ଼ାହାଣରୁ ପିଙ୍ଗଳା ନାଡ଼ୀ ବାହାରି ଡ଼ାହାଣ ବାମ ଘୁରି ଘୁରି ପରସ୍ପର ମିଳିତ ହୋଇ ଶେଷରେ ବାମ ନାସା ଦେଇ ଇଡ଼ା ନାଡ଼ୀ ଓ ଡ଼ାହାଣ ନାସା ଦେଇ ପିଙ୍ଗଳା ନାଡ଼ୀ ବାହାରିଯାଇଛି । ଏହି ତିନୋଟି ନାଡ଼ୀ ଯେଉଁଠି ଯେଉଁଠି ମିଳିତ ହୋଇଛନ୍ତି ତାକୁ 'ଚକ୍ର' କହନ୍ତି ।

ଏହି ଭାବରେ ମୂଳାଧାର, ସ୍ୱାଧିଷ୍ଠାନ, ମଣିପୁର, ଅନାହତ ଓ ବିଶୁଦ୍ଧ ଚକ୍ରରେ ମିଳିତ ହେବା ପରେ ଆଜ୍ଞା ଚକ୍ରରେ ଯାଇ ସେମାନେ ପୃଥକ୍ ହୋଇଯାଇଛନ୍ତି । ମଣିଷର ଜୀବଭାବ ପ୍ରସୁପ୍ତ ଅବସ୍ଥାରେ ସାଢ଼େ ତିନି ବୃତ୍ତାକାରରେ ଏହି ମୂଳାଧାର ଚକ୍ରରେ ଶୋଇଥାଏ । ଏହି ସାଢ଼େ ତିନି ବୃତ୍ତାକାରରେ ପ୍ରଥମ ଚକ୍ର ଜନ୍ମ ଯନ୍ତ୍ରଣା (pain of birth) ର ପ୍ରତୀକ,ଦ୍ୱିତୀୟ ଚକ୍ର ଜୀବନ ଯନ୍ତ୍ରଣା (tortures of life)ର ପ୍ରତୀକ, ତୃତୀୟ ଚକ୍ର ମୃତ୍ୟୁ ଯନ୍ତ୍ରଣା (pain of death) ର ପ୍ରତୀକ ଏବଂ ଶେଷରେ ଅଧାଚକ୍ର ପୁନର୍ଜନ୍ମ ଇଚ୍ଛା (desire for birth)ର ପ୍ରତୀକ । ତନ୍ତ୍ରରେ ଏହି ଜୀବ ଭାବକୁ କୁଳକୁଣ୍ଡଳିନୀ ଶକ୍ତି ଏବଂ ବୈଷ୍ଣବ ଶାସ୍ତ୍ରରେ ରାଧା ବା ହ୍ଲାଦିନୀ ଶକ୍ତି କହନ୍ତି । ସହସ୍ରାର ଚକ୍ରରେ ରହିଛନ୍ତି ଚୈତନ୍ୟଘନ ସତ୍ତା, ପରମ ଶିବ ବା କୃଷ୍ଣ । ଯୋଗ ହେଉଛି ଏହି ପ୍ରସୁପ୍ତ ଜୀବ ଭାବକୁ ଜାଗ୍ରତ କରି ସହସ୍ରାର ଚକ୍ରସ୍ଥିତ ଶିବ ଭାବରେ ସମାହିତ କରିବା । ଏଠାରେ ହିଁ ଜୀବନର ସାର୍ଥକତା, ପରମ ପ୍ରଶାନ୍ତି ।

ପଶୁ ବୃତ୍ତି-ପ୍ରଧାନ, ତେଣୁ ସେ ସ୍ୱାଧୀନ ଭାବରେ ନିଜର ପଥ ନିର୍ଦ୍ଧାରଣ କରି ଆଗେଇ ଚାଲିପାରେ ନାହିଁ । ସେ ଜଡ଼ ସଂଘାତ, ଭାବ ସଂଘାତ, ବୃହତ୍ତର ଆକର୍ଷଣ ଦ୍ୱାରା ଅର୍ଜିତ ଅଭିଜ୍ଞତା ବା ବୃତ୍ତି ଅନୁଯାୟୀ ଆଗେଇ ଚାଲେ । କିନ୍ତୁ ବୃତ୍ତି - ପ୍ରଧାନ ମଣିଷ ଭିତରେ ବୁଦ୍ଧି (intellect) ଜାଗ୍ରତ ହେବା ଫଳରେ ସେ ତାର ବୁଦ୍ଧି ଦ୍ୱାରା ଇଚ୍ଛା ଶକ୍ତି ପ୍ରୟୋଗ କରି ଆଗକୁ ଦୃତ ଗତିରେ ଆଗେଇ ଚାଲିପାରେ । ପୁଣି ସେ ପଛକୁ ମଧ୍ୟ ତାର କୁକର୍ମ ଦ୍ୱାରା ଫେରି ଆସିପାରେ । ମଣିଷର ବୁଦ୍ଧି ଓ ଇଚ୍ଛାଶକ୍ତି ରହିଥିବାରୁ ସେ ସାଧନା କରି ତାର ପ୍ରସୁପ୍ତ ଜୀଭାବକୁ ଜାଗ୍ରତ କରେ, ସମସ୍ତ ପ୍ରବୃତ୍ତିର ବାଧା ଅତିକ୍ରମ କରି ସହସ୍ରାର ଚକ୍ରରେ ପରମ ଚୈତନ୍ୟ ସତ୍ତାରେ ମିଶି ଯାଇପାରେ । ଏହି ଜୀବଭାବକୁ ଶିବ ଭାବରେ ବା ଆତ୍ମାକୁ ପରମାତ୍ମାଙ୍କ ସହିତ ମିଶାଇ ଦେବା ହିଁ ତନ୍ତ୍ର ଯୋଗ ।

ଏହି ଯୋଗ ସାଧନା ଅଷ୍ଟାଙ୍ଗିକ ଏବଂ ଏହାର ନିୟମିତ ଅନୁଶୀଳନ ଦ୍ୱାରା ହିଁ ମନର ବିସ୍ତାର ସମ୍ଭବ । ଯମ -ନିୟମ ସାଧନା ଦ୍ୱାରା କାମମୟ କୋଷ, ପ୍ରାଣାୟମ ଦ୍ୱାରା ମନୋମୟ କୋଷ, ପ୍ରତ୍ୟାହାର ଦ୍ୱାରା ଅତିମାନସ କୋଷ, ଧାରଣା ଦ୍ୱାରା ବିଜ୍ଞାନମୟ କୋଷ, ଧ୍ୟାନ ଦ୍ୱାରା ହିରଣ୍ମୟ କୋଷର ବିକାଶ ସମ୍ଭବ ଏବଂ ଆସନ ଦ୍ୱାରା ଅନ୍ନମୟ କୋଷ ଅର୍ଥାତ୍ ସ୍ଥୁଳ ଶରୀରକୁ ସୁସ୍ଥ ରଖାଯାଏ ।

ଆସିଷ୍ଟାଣ୍ଟ ପ୍ରଫେସର
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

# ଓଡ଼ିଆ କାବ୍ୟ କବିତାରେ ବସନ୍ତ ଚେତନା

◆ ମାଧବାନନ୍ଦ ପାତ୍ର

ସମୟର ଗତିରେ ପ୍ରକୃତି ବି ପରିବର୍ତ୍ତନଶୀଳ। ପ୍ରତ୍ୟେକ ଋତୁରେ କିଛିନା କିଛି ସ୍ୱତନ୍ତ୍ରତା ଲକ୍ଷ୍ୟ କରିବାର କଥା। କ୍ରମାନ୍ୱୟରେ ପ୍ରଥମେ ଗ୍ରୀଷ୍ମ, ବର୍ଷା, ଶରତ, ହେମନ୍ତ, ଶୀତ ଓ ତା' ପରେ ଆସିଥାଏ ଋତୁ ବସନ୍ତ। ଅନ୍ୟ ଋତୁଠାରୁ ବସନ୍ତର ରହିଛି ସ୍ୱତନ୍ତ୍ରତା। ସାଧାରଣତଃ ଲକ୍ଷ୍ୟ କରାଯାଏ ଯେ, ଏହି ଋତୁରେ ସମଗ୍ର ପ୍ରକୃତି ଜଗତ ହସି ଉଠେ ତା' ସହିତ ପ୍ରାଣୀଜଗତ ମଧ୍ୟ। ସବୁ ଋତୁ ଠାରୁ ଏହି ବସନ୍ତ ଶ୍ରେଷ୍ଠ ବୋଲି ଅନେକ ବିଚାର କରନ୍ତି। ଏହି ଋତୁକୁ ସେଥିପାଇଁ ତ କୁହାଯାଉଛି ଋତୁରାଜ। ଏ ବସନ୍ତ ପ୍ରତ୍ୟେକ ମଣିଷର ମନକୁ କରେ ଆଲୋଡ଼ିତ। ସେଥିରୁ କବି ବା ବାଦ୍ ପଡ଼ିଯିବ କେମିତି। ପ୍ରକୃତିକୁ ନେଇ ହିଁ ତ ସାହିତ୍ୟ। କେଉଁ ପ୍ରାଚୀନକାଳରୁ ପ୍ରଥମେ ଏହି ବସନ୍ତ ଚେତନା ସାହିତ୍ୟକୁ ପଶି ଆସିଛି ତାହା ବିଚାର କରିବା କଷ୍ଟସାଧ୍ୟ। ତଥାପି ବସନ୍ତକୁ ନେଇ ପ୍ରାଚୀନ କାଳରୁ ଅଦ୍ୟାବଧି ଅନେକ କାବ୍ୟ କବିତା ରଚନା ହୋଇ ଆସୁଛି, ସେଥିମଧ୍ୟରୁ କେତୋଟି ନିମ୍ନରେ ସଂକ୍ଷେପରେ ଆଲୋଚନା କରାଗଲା।

ବସନ୍ତ ଋତୁକୁ କାବ୍ୟରେ ବର୍ଣ୍ଣନା କରିବାରେ କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ଅନନ୍ୟ ପ୍ରତିଭା । ତାଙ୍କର ପ୍ରାୟ ପ୍ରତ୍ୟେକ କାବ୍ୟରେ ଆମେ ଦେଖିବାକୁ ପାଇଥାଉ ବସନ୍ତ ଚେତନା । ସେଥିରୁ କେତୋଟି ନିମ୍ନରେ ପ୍ରଦାନ କରାଗଲା। ତାଙ୍କର 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟର ଷଷ୍ଠ ଛାନ୍ଦରେ ବସନ୍ତ ଋତୁର ବର୍ଣ୍ଣନା ଦୃଷ୍ଟିଗୋଚର ହୁଏ । ରାଜପୁତ୍ରର ବସନ୍ତକାଳୀନ ବନବିହାର ଏଥିରେ ପ୍ରଦତ୍ତ । ଏଥିରେ ଥିବା ଏକ ପଂକ୍ତି ଉଦ୍ଧାର କରାଯାଇପାରେ -

"ଅତି ରସମୟ ସମୟ ବସନ୍ତ ବିଚିତ୍ର ପ୍ରମେୟ ତାହାର
ମିତ୍ର ଅନଙ୍ଗଙ୍କୁ ପ୍ରବଳ କରାଇ ଆଚରି ଚର୍ଚ୍ଚରୀ-ବିହାର
ଆଗତେ, ଆରୋହିଲା ନାଗେଶ୍ୱରକୁ
ଋତୁରାଜ ପଦୁଁ ସେ ରଜ ଘେନିଲା ଚାହିଁ ପ୍ରଫୁଲ୍ଲ କେଶରକୁ।"

'ଲାବଣ୍ୟବତୀ' କାବ୍ୟରେ ଠିକ୍ ସେହିପରି ବସନ୍ତର ବର୍ଣ୍ଣନା ଆଶ୍ଚର୍ଯ୍ୟ କରେ ପାଠକକୁ । ଲାବଣ୍ୟବତୀର ପୁଷ୍ପବାଟିକା ଭ୍ରମଣ ସମୟରେ ପ୍ରକୃତିର ବର୍ଣ୍ଣନା ତଥା ବସନ୍ତ ଋତୁର ବର୍ଣ୍ଣନା କରିବାକୁ ଯାଇ କବି ଲେଖିଛନ୍ତି -

"ମଳୟ ଶିଖରି ଶିରୀ ଚୋରି କରି ବହିଲାଣି ମନ୍ଦ ସମୀର
ସୁମନାଙ୍କ ବାସ ଚୋରାଇ ନେବଟି ବୋଲି କହିଲାଣି ଭ୍ରମର
କେଶର, କେଶରେ ହେଲେଣି ମଞ୍ଜୁଳ
କେଶରେ ମଣ୍ଡନ କରିବା ଭଳିରେ ଫୁଟିଲେଣି କଞ୍ଜୁଳ।"

ପ୍ରାଚୀନ କବି ବଂଶୀଧର ଦାସ ତାଙ୍କର 'କୋକିଳ ଦୂତ' କବିତାରେ ବସନ୍ତ ଚେତନାର ଚିତ୍ର ଫୁଟାଇଛନ୍ତି । କିପରି ଜଣେ ବିଦେଶୀ ବିଦେଶରେ ରହି ନିଜର ପ୍ରାଣପ୍ରିୟା ପତ୍ନୀକୁ ଝୁରୁଛି ଏବଂ ପତ୍ନୀ ମଧ୍ୟ ତାକୁ ଏହି ବସନ୍ତ ଋତୁରେ ଝୁରୁଥିବ ଭାବି ଦୁଃଖରେ କିପରି ମ୍ରିୟମାଣ ହୋଇ କୋଇଲି ଆଗରେ ମନକଥା ବ୍ୟକ୍ତ କରୁଛି, ତାହା ହିଁ ଏହି 'କୋକିଳ ଦୂତ' କବିତାର ମୁଖ୍ୟ ବିଷୟ। ବାସ୍ତବରେ ବସନ୍ତ ଋତୁରେ ପ୍ରେମିକା ପ୍ରେମିକ ଦୂରରେ ଥିଲେ ଅନେକ କଷ୍ଟ ହୁଏ ଉଭୟଙ୍କୁ । ଯାହାକି ନିଜେ କବି ବଂଶୀଧର ଦାସ ଅନୁଭବ କରିଛନ୍ତି ଏବଂ ତାଙ୍କର 'କୋକିଳ ଦୂତ' ଚଉତିଶାରେ ସ୍ଥାନ ଦେଇଛନ୍ତି। ବିଦେଶୀର ମନଭାବକୁ ନେଇ କବି ଲେଖିଛନ୍ତି-

"ଅଣ ହେଳା କରି ଛାଡ଼ି ଅଇଲି ମୁଁ ଆଶା କରିଥିବ ତରୁଣୀ
ଆସିବି ନିକଟେ ବୋଲି ରହିଗଲି ବସନ୍ତ କାଳ ହେଲା ପୁଣି
କୋକିଳ, ତରୁ ପତର ପଲ୍ଲବନ୍ତି
ତରୁଣୀ ମଣି ସଂଗତେ ଥିଲେ ମୁହିଁ ବୃକ୍ଷ ପରାୟେ ପଲ୍ଲବନ୍ତି।"

ସେହିପରି କବି ଦେବଦୁଲ୍ଲଭ ଦାସଙ୍କ 'ରହସ୍ୟମଞ୍ଜରୀ' କାବ୍ୟର ଦ୍ୱାଦଶ ଛାନ୍ଦ 'ଷଡ଼ଋତୁ ବନ୍ଧେ' କବିତାରେ ଆମେ ବସନ୍ତ ଋତୁରେ ପଡୁଥିବା ପର୍ବ ସହ ପ୍ରକୃତିକୁ ମଧ୍ୟ ଦେଖିବାକୁ ପାଉ କିଞ୍ଚିତ ମାତ୍ରାରେ । ଛଅଟି ଋତୁର ବର୍ଣ୍ଣନା, ଶେଷରେ ବସନ୍ତର ଚିତ୍ର ଅତ୍ୟନ୍ତ ମାର୍ମିକ ଶୈଳୀରେ ଦର୍ଶାଇଛନ୍ତି କବି -

"ମକର ସରନ୍ତେ ସଖି ଫଗୁଣ ପଶନ୍ତେ
ଅଇଲା ବସନ୍ତ ଋତୁ ଅନଙ୍ଗ ସଙ୍ଗତେ
ବହିଲାକ ମଳୟ ପବନ ଗନ୍ଧ ତୁଲେ
ପଲ୍ଲବିଲେ ତରୁଲତା ଫୁଟିଗଲେ ଫୁଲେ ।"

'ବସନ୍ତ ଶ୍ରୀ' କବିତାରେ ପ୍ରାଚୀନ କବି ବନବିହାରୀ ଶ୍ରୀଚନ୍ଦନ ବସନ୍ତର ମହିମା ଗାନ କରିଛନ୍ତି –

"ହିମ ମହିମା ଭାଙ୍ଗିଲା ଋତୁ ରାଜନ ସାଜିଲା
ରସାଳ ଶାଖାରେ କୁହୁ କୁହୁ ଦମା କି ବାଜିଲା
xx xx xx
ନାଶି ବିଟପୀ ବଢ଼ାଇ ଧୃତ ଛନ୍ଦକୁ ଛଡ଼ାଇ
କାତରେ ପଲ୍ଲବ ଛଳେ ଦେଲେ ରଙ୍ଗ ପାହାଡ଼ା ପକାଇ।"

ସେହିପରି ଆମେ ପ୍ରାଚୀନ କବି ଯୁବଭଞ୍ଜଙ୍କ 'ଦଶପୋଇ'ର ପ୍ରଥମ ପୋଇରେ ମଧ୍ୟ ଲକ୍ଷ୍ୟ କରିପାରିବା ଏହି ବସନ୍ତ ବର୍ଣ୍ଣନା । ବସନ୍ତରେ ପ୍ରକୃତି ଚିତ୍ର ଏଥିରେ ବେଶ୍ ସୁସ୍ପଷ୍ଟ–

"ଚାରୁ ବସନ୍ତ ସମୟ ଅତି ରସମୟ ପବେଶ ଆବେଶ ଚିତ୍ତ ତହିଁ,
କୁହୁକୁହୁ କରି ପିକେ ଡ଼ାକିଲେ ଉତ୍ସୁକେ କାମ କୁହୁକେ ଘୋଡ଼ାଇବା ପାଇଁ।
ବହେ ମଳୟ ପବନ ପଲ୍ଲବିଲେ ବନଦହେ ବିଦେଶୀଙ୍କି ବିଷଗୁଣେ,
ଚୁତ ମୁକୁଳ ଧଇଲା କାମ ଡ଼ରାଇଲା ବିନ୍ଧି ପକାଇବି ଏହି ବାଣେ ।"

ଗୋପାଳକୃଷ୍ଣଙ୍କ ଅନେକ କବିତାରେ ଆମେ ବସନ୍ତର ଚିତ୍ର ପାଇଥାଉ । 'କାନ୍ତ ମୋର ଏ ବସନ୍ତ କାଳରେ ଅନ୍ତର କଲେ ସଖିରେ' କବିତାରେ ନାୟିକା ବସନ୍ତ ଋତୁରେ କାନ୍ତକୁ ପାଖରେ ନ ପାଇ କିପରି ଦୁଃଖ ପ୍ରକାଶ କରୁଛି ତାହା ଦର୍ଶାଇଛନ୍ତି କବି ।

ବସନ୍ତ ଋତୁ ବର୍ଣ୍ଣନାରେ କବିସୂର୍ଯ୍ୟ ବଳଦେବ ରଥ ଜଣେ ପ୍ରତିଭାବାନ ସ୍ରଷ୍ଟା । ତାଙ୍କର ଅନେକ କାବ୍ୟ କବିତାରେ ଆମେ ଏହି ବସନ୍ତ ଚେତନା ଲକ୍ଷ୍ୟ କରିଥାଉ। ତାଙ୍କର କାବ୍ୟ, ଛାନ୍ଦ, ଚଉତିଶା, ଭଜନ, ଚଉପଦୀ, ଚମ୍ପୂ ଆଦିରେ ଲକ୍ଷ୍ୟ କରାଯାଏ ବସନ୍ତ ଚେତନା । ତାଙ୍କର ଏକ ମାତ୍ର 'ଚନ୍ଦ୍ରକଳା' କାବ୍ୟର ଶେଷ ଅଷ୍ଟାଦଶ ଛାନ୍ଦରେ ସ୍ଥାନ ପାଇଛି ବସନ୍ତ ଚିତ୍ର । ଅତ୍ୟନ୍ତ ମର୍ମସ୍ପର୍ଶୀ ଏହାର ବର୍ଣ୍ଣନା । ଏଠାରେ ଏକ ଉକ୍ତି ଉଦ୍ଧାର କରାଯାଇପାରେ –

"ପଲ୍ଲବ ପାଟଳ ଦିଶିଲା ବନୀ ।
କେଶର ଧୂସର ହେଲା ଅବନୀ ।
ଫୁଟିଲେ ବିବିଧ କୁସୁମ ବୃନ୍ଦ ।
ଛୁଟିଲା ବିନ୍ଦୁ ବିନ୍ଦୁ ମକରନ୍ଦ ।
ରସାଳ ମୁକୁଳ ।
ଚାହିଁ ଶ୍ଲଥ ହେଲା ବାମା ଦୁକୂଳ ।"

ବଳଦେବ ରଥଙ୍କ 'ବସନ୍ତ ବର୍ଣ୍ଣନା' (ପ୍ରବେଶ ହୋଇଲେ ଋତୁରାଜନ) ବସନ୍ତ ଋତୁ ଚିତ୍ରଣରେ ଅଦ୍ୱିତୀୟ ମନେ ହୁଏ । ସମଗ୍ର ବସନ୍ତ ଋତୁର ଆଦ୍ୟରୁ ପ୍ରାନ୍ତ ଯାଏ ଜଗତର ଚିତ୍ର ଏଥିରେ ବର୍ଣ୍ଣିତ । ଏଥିରେ ତାଙ୍କର ପାଣ୍ଡିତ୍ୟ ତଥା ପ୍ରକୃତି ପ୍ରୀତି ସହ ବସନ୍ତ ଋତୁର ବର୍ଣ୍ଣନା ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ସୁନ୍ଦର ପଂକ୍ତି ସହିତ ପ୍ରେମିକ ପ୍ରେମିକା ମାନଙ୍କ ଅବସ୍ଥା, କୋକିଳର ରାବ, ନାରୀ ପୁରୁଷଙ୍କର ରତିକ୍ରୀଡ଼ା ଆଦି ବେଶ୍ ମନୋଜ୍ଞ ଭାବରେ ଦର୍ଶାଇଛନ୍ତି କବିସୂର୍ଯ୍ୟ । 'ଆଷାଢ଼ ଶୁକ୍ଳ' ରାଗରେ ରଚିତ ଏହି 'ବସନ୍ତ ବର୍ଣ୍ଣନା'ରେ ସମଗ୍ର ବସନ୍ତ ଋତୁର ଚିତ୍ର ପ୍ରଦତ୍ତ । ତାଙ୍କର ଏହି 'ବସନ୍ତ ବର୍ଣ୍ଣନା'ରୁ ଏକ ପଂକ୍ତି ଉଦ୍ଧାର କରାଯାଇପାରେ –

"ବହିଲା ମନ୍ଦ ମନ୍ଦ ନଭସୂତ
କୁହୁଡ଼ି ହୀନ ହେଲା ନବସୂତ
ନ ହରିଲେ ଅବା ରବିକଶିତ
ହୋଇଲେ ପଦ୍ମମାନେ ବିକଶିତ
ସେ କାମିନୀ ରତ
ଇଚ୍ଛା କଲେ ମନେ କାମୀନିରତ ।"

କବିମଞ୍ଜୁଳ କୃଷ୍ଣପ୍ରସାଦ ବସୁ ଥିଲେ ଜଣେ ଅନନ୍ୟ ପ୍ରତିଭା କବିତା ରଚନାରେ । ତାଙ୍କର ପ୍ରାୟ ଅନେକ କାବ୍ୟ କବିତା ପୌରାଣିକ ଆଖ୍ୟାନକୁ ନେଇ ହିଁ ରଚିତ । ପୌରାଣିକ କାହାଣୀରେ ସେ ନିଜର ମୌଳିକତା ସହ ପ୍ରକୃତିର ଏପରି ସମନ୍ୱୟ ଘଟାଇଛନ୍ତି ତାହା ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ତାଙ୍କର ଅନେକ କାବ୍ୟ କବିତାରେ ଆମେ ବସନ୍ତ ଋତୁର ଚିତ୍ର ଦେଖିବାକୁ ପାଇଥାଉ । ତାଙ୍କର 'ପାଞ୍ଚାଳୀ – ପଟ୍ଟାପହରଣ ଓ ବ୍ରାହ୍ମଣ' କାବ୍ୟର ଦ୍ୱିତୀୟ ଛାନ୍ଦରେ ବସନ୍ତ ଉତ୍ସବ ପାଳନର ଚିତ୍ର ବର୍ଣ୍ଣିତ । ଏଠାରେ ବସନ୍ତ ଋତୁରେ କିପରି ନଗର ଶୋଭାମୟ ଅନୁଭୂତ ହେଉଛି ତାହାକୁ କୃଷ୍ଣପ୍ରସାଦ ଦର୍ଶାଇଛନ୍ତି –

"ଦଇବେ ବସନ୍ତ ଉତ୍ସବେ ଦ୍ୱାରକାରେ ଚାଲିଛି
ଦେହଳୀରେ ଦୀପାବଳୀର ଆଭା ମଣ୍ଡି ଯାଇଛି ।"

ଆଧୁନିକ ଯୁଗର ଭକ୍ତକବି ମଧୁସୂଦନ ରାଓଙ୍କ କେତେକ କାବ୍ୟ କବିତା ମଧ୍ୟ ବସନ୍ତ ଚେତନାରେ ରଚିତ ହୋଇଥିବା ଲକ୍ଷ୍ୟ କରାଯାଏ । ତାଙ୍କର 'ଛାନ୍ଦମାଳା' ସଂକଳନର 'ବସନ୍ତ' କବିତା ଏ କ୍ଷେତ୍ରରେ ଗ୍ରହଣୀୟ । ଏଥିରେ ସୁନ୍ଦର ପ୍ରକୃତି ବର୍ଣ୍ଣିତ –

"ଆସଇ ବସନ୍ତ ଶିଶିର ଅନ୍ତେ
ଦିଶଇ ଧରଣୀ ଚାରୁ କେମନ୍ତେ
ସୌନ୍ଦର୍ଯ୍ୟ – ତରଙ୍ଗେ ଭାସଇ ମହୀ
ଭୁବନ ଆନନ୍ଦ ନୁହଇ କହି ।"

ପୁନଶ୍ଚ ତାଙ୍କର 'କୁସୁମାଞ୍ଜଳି' ସଂକଳନର ପ୍ରଥମ କବିତା 'ନବବସନ୍ତ- ଭାବନା'ରେ ସେ ଦର୍ଶାଇ ଦେଇଛନ୍ତି ଧରଣୀରାଣୀର ରୂପ । ବସନ୍ତର ସ୍ପର୍ଶ ପାଇ ଧରଣୀରାଣୀ କିପରି ହସି ଉଠୁଛି ନବଜୀବନ ପାଇ ଆନନ୍ଦୋଲ୍ଲାସରେ, ପଶୁ, ପକ୍ଷୀ, ଗଛ, ଲତା ସବୁ ଆଜି ଚଳଚଞ୍ଚଳ ସମସ୍ତେ ଯେପରି ଆଜି ମଧୁ ଅନ୍ୱେଷଣରେ ଆବମାନ ହୋଇ ଉଠିଛନ୍ତି। କବିଙ୍କ ଭାଷାରେ –

"ମୃଗମୃଗୀ କରୀକରିଣୀ ଅଳି ବିହଙ୍ଗ କୁଳ
ସ୍ଥାବର ଜଙ୍ଗମ ସକଳେ ମଧୁ- ରସେ ଆକୁଳ
ଆସନ୍ତେ ବସନ୍ତ – ଉତ୍ସବ ଏବେ ଭବ – ଭବନେ
ପରିଣତ ଜୀର୍ଣ୍ଣ ଧରଣୀ ନବନନ୍ଦନ ବନେ ।"

ଓଡ଼ିଆ କାବ୍ୟ କବିତାରେ ପ୍ରକୃତିର ବର୍ଣ୍ଣନାରେ ସ୍ୱଭାବକବି ଗଙ୍ଗାଧର ମେହେର ଅନ୍ୟତମ । ତାଙ୍କର କାବ୍ୟରେ ଋତୁ ବର୍ଣ୍ଣନା ଅନ୍ୟ କବିମାନଙ୍କଠାରୁ ବେଶ୍ ଭିନ୍ନ। ଅତ୍ୟନ୍ତ ଶୁଦ୍ଧ, ସରଳ, ସାବଲୀଳ ଭାଷାରେ ସେ ଏପରି ଭାବରେ ଋତୁ ବର୍ଣ୍ଣନା କରନ୍ତି ଯେ ଜଣେ ସାଧାରଣ ପାଠକ ମଧ୍ୟ କାବ୍ୟ ଶେଷ ନ କରି ମୁହଁ ଫେରାଇ ପାରିବ ନାହିଁ । ଗଙ୍ଗାଧରଙ୍କର ପ୍ରାୟ ପ୍ରତ୍ୟେକ କାବ୍ୟରେ ଆମେ ବସନ୍ତ ଋତୁର ଛିଟା ଦେଖିବାକୁ ପାଇଥାଉ । ତାଙ୍କର 'ତପସ୍ୱିନୀ', 'ପ୍ରଣୟବଲ୍ଲରୀ', 'ଇନ୍ଦୁମତୀ' ଆଦି କାବ୍ୟରେ ଏହା ସୁସ୍ପଷ୍ଟ। ତାଙ୍କର ବସନ୍ତ ଚେତନା ଆମେ 'କୀଚକ ବଧ'ର ଏକ ପଂକ୍ତିରୁ ଜାଣିପାରିବା –

"ବସନ୍ତ ବିଜୟ ବାରତା ପ୍ରଚରିଲା ଭୁବନେ
ପାଦପ ଆନୀତ ପତର  ପରଭୂତ ପଠନେ
ଗ୍ରହରାଜ କର୍ଣ୍ଣେ କଢ଼ିଲା ଋତୁ ସମ୍ରାଟ ଭାଷା
ଗମିଲେ ସରଳ ପଥରେ ତେଜି ଦକ୍ଷିଣ ଆଶା ।"

ପୁନଶ୍ଚ ଆମେ ଯଦି ପଲ୍ଲୀକବି ନନ୍ଦକିଶୋର ବଳଙ୍କ କାବ୍ୟ କବିତାକୁ ଲକ୍ଷ୍ୟ କରିବା ତେବେ ବସନ୍ତ ଚିତ୍ର ଅନେକତ୍ର ଦେଖିବାକୁ ପାଇବା। ତାଙ୍କର 'ପଲ୍ଲୀଚିତ୍ର', 'ନିର୍ଝରିଣୀ', 'ବସନ୍ତ କୋକିଳ', 'ତରଙ୍ଗିଣୀ' ଆଦି ସଂକଳନର ଅନେକ କବିତାରେ ଆମେ ବସନ୍ତ ଋତୁର ଚିତ୍ର ଦେଖିବାକୁ ପାଇବା। ବସନ୍ତ ଋତୁରେ ପଲ୍ଲୀର ଶୋଭା, ବସନ୍ତ ଋତୁରେ ପଡୁଥିବା ବିଭିନ୍ନ ପର୍ବପର୍ବାଣୀ, ଝିଅବୋହୂଙ୍କର ଚପଳତା, ପ୍ରକୃତିର ହସ ହସ ମୁହଁ ଆମେ ଦେଖୁ ତାଙ୍କ 'ପଲ୍ଲୀଚିତ୍ର' ସଂକଳନର 'ବସନ୍ତ' କବିତା।

"ଶୀତ ଅନ୍ତେ ଆସେ ମଧୁର ବସନ୍ତ
ବହେ ଦକ୍ଷିଣା ପବନ
ଆମ୍ବ ବଉଳର ଗହଳେ କୋଇଲି
କରଇ କଳ ଗାୟନ
XXX  XXX  XXX
ଅଶୋକ, ନିଆଳୀ, କନିଅର, ପଦ୍ମ
ଫୁଟି ହସେ ଦିଶି ଦିଶି
ସେ ବାସ ଚହଟି ହରେ ପ୍ରାଣୀ ମନ
ମଳୟ ସଂଗତେ ମିଶି ।"

ପର୍ବପର୍ବାଣୀରେ କିପରି ଜଗତ ଶୋଭାମୟ ହୁଏ, ଗାଁଠୁ ସହର କିପରି ଗତିଶୀଳ ହୋଇ ଉଠେ ତାହା ମଧ୍ୟ ଏଥିରେ ସେ ଦର୍ଶାଇବାକୁ ଯାଇ ଲେଖିଛନ୍ତି –

"ଫଗୁଣ ମାସରେ ଦୋଳ ପୂର୍ଣ୍ଣିମା ସେ
ଶ୍ରେଷ୍ଠ ପର୍ବ ଓଡ଼ିଶାର,
ଚାକର, କୋଠିଆ ଯାଆନ୍ତି ଚାକିରୀ
ଛାଡ଼ି ଘରେ ଯେ ଯାହାର ।"

କବି ନନ୍ଦକିଶୋର ପ୍ରକୃତିର ଏପରି ଜଣେ ଉପାସକ ଯେ, ସେ ମଧ୍ୟ ଚାହାଁନ୍ତି ପ୍ରକୃତିର ଶୋଭାରେ ନିଜକୁ ହଜାଇ ଦେବାକୁ। ବସନ୍ତ ଋତୁ ତାଙ୍କୁ ଅନ୍ୟ ଋତୁମାନଙ୍କଠାରୁ ଶୋଭାକର ମନେ ହୋଇଛି। ତାଙ୍କର 'ବସନ୍ତ -କୋକିଳ' ସଂକଳନର 'କୋକିଳ' କବିତାରେ ଚାହିଁଛନ୍ତି କୋଇଲି ହୋଇ ସମଗ୍ର ଆକାଶକୁ ନିଜର କରିନେବାକୁ। ମୁକ୍ତାକାଶରେ ସ୍ୱାଧୀନ ଭାବରେ ଉଡ଼ି ବୁଲିବାକୁ । କୋଇଲି

ଯେପରି ମଧୁର ଗାନରେ ଜନମାନସର ମନକୁ ମୋହି ନିଏ କବି ଚାହିଁଛନ୍ତି କୋଇଲି ପରି ଅନ୍ୟର ମନକୁ ମୋହି ନେଇ ତା'ର ଆତ୍ମୀୟ ହେବା ପାଇଁ ।

ପୁନଶ୍ଚ କବି ନନ୍ଦକିଶୋର ବଳ ବସନ୍ତକାଳୀନ ପ୍ରକୃତିର ଆବଶ୍ୟକତାକୁ ମଧ୍ୟ କବିତାରେ ଦର୍ଶାଇଛନ୍ତି । ଗ୍ରୀଷ୍ମ ବର୍ଷା ଆଦି ଋତୁ ପରି ବସନ୍ତ ବେଦନାଦାୟକ ନୁହେଁ। ଏ ଧରଣୀ ବସନ୍ତ ଋତୁର ହିଁ ଅପେକ୍ଷାରେ ଥାଏ । ବସନ୍ତ ଆସିଲେ କିପରି ସମଗ୍ର ପ୍ରକୃତି ଜଡ଼ ଅବସ୍ଥାରୁ ଜୀବନ ଲାଭ କରେ ତାହା ସେ ବର୍ଣ୍ଣନା କରିଛନ୍ତି ତାଙ୍କ କବିତାରେ । 'ବସନ୍ତ ଓ ଧରଣୀ' କବିତାରେ ସେ ବସନ୍ତ ଋତୁକୁ ଆହ୍ୱାନ କରିଛନ୍ତି ଧରଣୀକୁ ଆସିବା ପାଇଁ ।

"ଋତୁରାଜ ବସନ୍ତରେ ଆସରେ ଅବନୀ ଘରେ
ଏତେକାଳ ଥିଲୁ କାହିଁ ଭୁଲିକା ପ୍ରେମ ମନ୍ତରେ ?
ତୋ ବିରହେ ତୋ ପ୍ରେୟସୀ ଭାଳୁଥିଲା ବସି ବସି
ସହିଣ ନିଦାଘ-ତାପ ବରଷା-ଧାରା ଶିଶିରେ ।"

କବି ନନ୍ଦକିଶୋର ଏଠାରେ ବସନ୍ତକୁ ପ୍ରେମିକ ଏବଂ ଧରଣୀକୁ ପ୍ରେମିକା ତୁଲ୍ୟ ବିବେଚନା କରିଛନ୍ତି । ବସନ୍ତ ବିନା ଧରଣୀ କିପରି ମଳିନ ପଡ଼ିଯାଏ ଏବଂ ବାରମ୍ବାର ଧରଣୀ ଚାହୁଁଥାଏ ଓ ପ୍ରତିକ୍ଷା କରୁଥାଏ ବସନ୍ତର । ଏହାର ଏକ ନିଚ୍ଛକ ଛବି ଦେଇଛନ୍ତି 'ବସନ୍ତ ଓ ଧରଣୀ' କବିତାରେ କବି ନନ୍ଦକିଶୋର ବଳ ।

କବି ରାଧାମୋହନ ଗଡ଼ନାୟକଙ୍କ କେତେକ କବିତାରେ ଆମେ ବସନ୍ତ ଋତୁର ଚିତ୍ର ଦେଖିବାକୁ ପାଇଥାଉ। ରାଧାମୋହନଙ୍କ 'ବସନ୍ତ ସଖୀ', 'ବିଦ୍ରୋହୀ ବସନ୍ତ' ଆଦି କବିତାରେ ଏହା ସୁସ୍ପଷ୍ଟ। କବି ତାଙ୍କ ପ୍ରେମିକାକୁ ଚାହିଁଛନ୍ତି ବସନ୍ତ ପରି ହେବାକୁ। ବସନ୍ତ ପରି ପ୍ରେମିକା ସ୍ପର୍ଶ ଦ୍ୱାରା ତାଙ୍କୁ ପୁଲକିତ କରୁ ବୋଲି କବି ଚାହୁଁଛନ୍ତି। 'ବସନ୍ତ ସଖୀ'ରେ ଏହାର ଦୃଷ୍ଟାନ୍ତ ଦେଇ କହିଛନ୍ତି –

"ବିଶ୍ୱମୋହିନୀ, ତୁମେ ବସନ୍ତ ପରି ଗୋ
ନିଃସ୍ୱ ଜୀବନ ମମ ଦିଅ ଆଜି ଭରିଗୋ
ଦିଅ ତବ ଆଶ୍ଳେଷ, ଦିଅ ତବ ପରଶ
କବି ଜୀବନ ଏ ମମ ହେଉ ନବ ସରସ ।"

କବିଙ୍କର ଏତାଦୃଶ ସମନ୍ୱୟ ଲକ୍ଷ୍ୟ କଲେ ବାସ୍ତବରେ ଆଶ୍ଚର୍ଯ୍ୟ ଲାଗେ। ବସନ୍ତ ପରି ପ୍ରେମିକାଟିଏ ଜୀବନରେ ଆସି ତାଙ୍କ ଜୀବନକୁ ରସସିକ୍ତ କରିଦେବାକୁ ସେ ଚାହାଁନ୍ତି। ଅନ୍ୟତ୍ର ଗଡ଼ନାୟକଙ୍କ 'ବିଦ୍ରୋହୀ ବସନ୍ତ' କବିତାରେ ଆମେ ଲକ୍ଷ୍ୟ କରୁ ବସନ୍ତ ନେଇ ପ୍ରେମିକ ପ୍ରେମିକାର ମନର କଥା କିପରି ପରିପ୍ରକାଶ ହେଉଛି। ଏ ବସନ୍ତର ଭଲମନ୍ଦ ଗୁଣ ସହ କିପରି ଆଜି ପ୍ରେମିକ ପ୍ରେମିକା ଦୂରରେ ରହି ବସନ୍ତ ଋତୁରେ ବିରହ ଅନୁଭବ କରୁଛନ୍ତି ତାହା ବର୍ଣ୍ଣନା କରିଛନ୍ତି କବି। ପ୍ରେମର ଋତୁ ବସନ୍ତ ଆଜି ତାଙ୍କ ମନକୁ କଷ୍ଟ ଦେଉଛି। କବିଙ୍କ କଲମରୁ ଉତୁରି ଆସିଛି-

"କାହାର ବୁକୁର ବଇଭବ ଘେନି ବସନ୍ତ ଏଇ ଆଜି
ହୋଇଅଛି ଏଡ଼େ ସୁନ୍ଦର
ରୂପ -ରସ-ବାସ ଛନ୍ଦର
ଦେଖାଉଛି ଏତେ ବାଜି,
କିଏ ସେ ଯିବରେ ବିଶ୍ୱାସ ?
ବିରହୀର ଏ ଯେ ଉଚ୍ଛ୍ୱାସ
ମରମୀ କେବଳ ବୁଝିବ କେସନ ମରମ ପଡ଼ୁଚି ଭାଜି।"

କୁନ୍ତଳାକୁମାରୀ ସାବତଙ୍କ 'ଅଞ୍ଜଳି', 'ସ୍ଫୁଲିଙ୍ଗ' ଆଦି କବିତା ସଂକଳନର ଅନେକ କବିତାରେ ଆମେ ବସନ୍ତ ଋତୁର ଦୃଶ୍ୟ ପାଇଥାଉ। ପ୍ରେମିକର ବିରହରେ ସେ ବସନ୍ତରେ ଅନୁଭବ କରିଛନ୍ତି ବେଦନା । ଯନ୍ତ୍ରଣାକ୍ଳିଷ୍ଟ ମନ ତାଙ୍କୁ ବସନ୍ତରେ ମଧ୍ୟ ରୌଦ୍ରତାର ଅନୁଭବ ଦେଉଛି । ପ୍ରେମିକ ବିନା ଯେ ବସନ୍ତ ଋତୁରେ ପ୍ରେମିକାର ମନ ଦୁଃଖରେ କିପରି ଭାଙ୍ଗିପଡ଼େ ଏବଂ ଅତୀତର ସ୍ମୃତି କେମିତି ପୁନଶ୍ଚ ମନରେ ଉଜ୍ଜିବିତ ହୋଇପଡ଼େ ତାହା ଆମେ ତାଙ୍କ କବିତାମାନଙ୍କରେ ଦେଖିବାକୁ ପାଇବା। ତାଙ୍କର 'ନବୀନପ୍ରାତେ', 'ବସନ୍ତେ', 'ବସନ୍ତ ଭାବନା' ଆଦି କବିତାରେ ଆମେ ବସନ୍ତର ଛବି ଦେଖିବାକୁ ପାଉ। 'ନବୀନପ୍ରାନ୍ତେ' କବିତାରୁ ଆମେ ଏକ ଉକ୍ତି ଉଧାର କରିପାରିବା –

"ଏ ନବ ଜୀବନ ଶୁଭ ନବୀନ ପ୍ରାତେ
ମୋହୁଛି କେ ମନ ମୋର ମଧୁର ଗୀତେ ?

ଦହେ କି ବସନ୍ତ ବାତ ହିଲ୍ଲୋଳେ ପରାଣ ଶାନ୍ତ
ଗୋପନେ ମୋହନ ତାନ ବାଜଇ ଚିତ୍ତେ ।"

ଉକ୍ତ କବିତାରେ ଜଣେ ଅନୁଭବି ମଣିଷର ବେଦନାତୁର କଣ୍ଠସ୍ୱର ଶୁଣିବାକୁ ପାଇଥାଉ । ବିରହୀ ମଣିଷର ସ୍ମୃତି ଏଥିରେ ବର୍ଣ୍ଣିତ । ଏହା ଭୁଲ ବୋଲି ପୁଣି ସେ ଅନୁଭବ କରିଛନ୍ତି । ସେ ଭାବିଛନ୍ତି ଏପରି ଋତୁରେ ସେ ଆଉ ମନ ଦୁଃଖ ନ କରି ପୁଣି ସତେଜ ହୋଇଉଠିବେ ଜୀବନରେ, ପ୍ରାଣରେ, ମନରେ । ଏହା ଆମେ ତାଙ୍କ 'ବସନ୍ତେ' କବିତାରେ ଦେଖିପାରିବା ।

"ଦୁଃଖର କଥା ମୁଁ କହିବି ନାହିଁ ଲୋ
ମଧୁମାସ ମଧୁବାସରେ
ହୃଦବୀଣା - ଛିନ୍ନ- ତାରକୁ ଯୋଡ଼ିଣ
ଗାଇବି ଗୀତ ମୁଁ ସୁସ୍ୱରେ,
ବହି ଆସିଲାଣି ମଳୟ ମାରୁତ
ଶୁଭିଲାଣି ବନେ ବନେ ପିକ-ରୁତ
ଚହଟି ଗଲାଣି ଚଉଦିଗେ ଚୂତ-
ବକୁଳ- ସୌରଭ ରାଶି,
ଉଦିଲାଣି ନବ ରବି ଗଗନରେ
ଶୀତର ଜଡ଼ତା ନାଶି ।"

ପୁନଶ୍ଚ ବସନ୍ତ ଋତୁରେ ସମଗ୍ର ପ୍ରକୃତି ଜଗତ କିପରି ହସି ଉଠେ ଓ ପ୍ରେମର ଆଦାନ ପ୍ରଦାନରେ ବାସି ଉଠେ ତାହାର ଏକ ନିଛକ ଚିତ୍ର ଆମେ ପାଇବା ତାଙ୍କ 'ବସନ୍ତ ଭାବନା' କବିତାରେ -

"ଆସିଅଛି ଆଜି ବସନ୍ତ ଫୁଲ ମୁକୁଟ ପିନ୍ଧି
ସୁନ୍ଦର ଦିଶୁଛି ଧରା କି ନନ୍ଦ ନନ୍ଦନ ନିନ୍ଦି ।"

ଜଣେ ପ୍ରେମର ପୂଜାରୀ ହିଁ ବସନ୍ତର ଅନୁଭବ ବେଶ୍ ଭଲଭାବରେ କରିପାରେ ଯାହା ଆମେ କୁନ୍ତଳାକୁମାରୀଙ୍କ କାବ୍ୟ କବିତାରେ ଦେଖିବାକୁ ପାଇଥାଉ । ବସନ୍ତ ଋତୁର ଚିତ୍ର ଅତ୍ୟନ୍ତ ମାର୍ମିକ ଭାବରେ ତାଙ୍କର କାବ୍ୟ କବିତାରେ ପ୍ରତିଫଳିତ ।

ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ବାସୁଦେବପୁର ଅନ୍ତର୍ଗତ ଏଡ଼ତାଳ ଗ୍ରାମରେ ଜନ୍ମିତ କବି ୰ ଜଗନ୍ନାଥ ଦାଶ । ଅର୍ଥାଭାବ ଓ ଅନଟନରୁ ପାଠ ପଢ଼ାରେ ଡ଼ୋରି ଲାଗିଥିଲେ ବି ତାଙ୍କର ଯୌବନରେ କବିତା ଲେଖିବା ବନ୍ଦ ହୋଇ ନ ଥିଲା । ପ୍ରେମ, ପ୍ରଣୟ, ବିରହର କବିତାରେ ସେ ବସନ୍ତର ଏପରି ଛିଟା ଦେଇଛନ୍ତି ତାହା ପାଠକକୁ ସ୍ତମ୍ଭୀଭୂତ କରେ। ତାଙ୍କର 'ଫେରିଛି ଫଗୁଣ' କବିତା ହେଉ ବା 'ଫଗୁଣ ଅଗ୍ନିଶିଖା', 'ଦଗ୍ଧ ବସନ୍ତ', 'ବସନ୍ତ', 'ବସନ୍ତ ପ୍ରଭାତ', 'ବସନ୍ତର ପଲ୍ଲୀ', 'ଗତ ବସନ୍ତ' ଆଦି କବିତାମାନଙ୍କରେ ବସନ୍ତ ଋତୁର ଚିତ୍ର ଦେଖିବାକୁ ମିଳେ। ତାଙ୍କର ଅନୁଭବ ଅନୁଭୂତିକୁ ନେଇ ସେ ବସନ୍ତ ଋତୁରେ ସକାଳର ଚିତ୍ର, ପଲ୍ଲୀର ଦୃଶ୍ୟ ଏବଂ ପ୍ରେମିକାର ମାନ ଅଭିମାନକୁ ଅତ୍ୟନ୍ତ ରୁଚିକର ଭାବରେ ଫୁଟାଇଛନ୍ତି ତାଙ୍କ କବିତାରେ। 'ବସନ୍ତର ପଲ୍ଲୀ' କବିତାରୁ ବସନ୍ତ ଋତୁର ଚିତ୍ର ଦେଖିପାରିବା ଏହିପରି-

"କି ଶୁଭ ବେଳାରେ ପାଦ ପକାଇଛ
ଧରାକୁ ହେ ଋତୁରାଜ
ପଲ୍ଲବି ଉଠିଛି ନବ କିଶଳୟେ
ପ୍ରେମିକ ପ୍ରେମିକା କୁଞ୍ଜ ।
ଶୁଷ୍କପତ୍ର ଆଜି ଝରିପଡ଼ିଛି ହେ
ତୁମରି ଶୁଭାଗମନେ
ପଠାଇ ଦେଇଛ କୋକିଳ ଗାଉଛି
ମାତିଣ ପଞ୍ଚମ ତାନେ ।"

ଓଡ଼ିଆ ସାହିତ୍ୟରେ ଏହିପରି ଅନେକ କାବ୍ୟ କବିତା ବସନ୍ତ ଚେନାକୁ ନେଇ ହୋଇଛି ଗତିଶୀଳ । ବର୍ତ୍ତମାନ ସମୟର ରମାକାନ୍ତ, ସୀତାକାନ୍ତ, ସୌଭାଗ୍ୟ, ରାଜେନ୍ଦ୍ର ଆଦି ବିଶିଷ୍ଟ କବିମାନଙ୍କ କବିତାରେ ମଧ୍ୟ ବସନ୍ତ ଚେତନା ଉଙ୍କି ମାରିଛି ଅନେକ ବାର । ବାସ୍ତବରେ ପରିଶେଷରେ ଏତିକି କୁହାଯାଇପାରେ ଯେ, ପ୍ରକୃତିକୁ ନେଇ ହିଁ ସାହିତ୍ୟ । ବସନ୍ତ ଅବା କାବ୍ୟ କବିତାରୁ ବାଦ୍ ଯିବ କିପରି । ମଳୟ ପବନର ସ୍ପର୍ଶ ପାଇ କାବ୍ୟ କବିତା ଏହିପରି ରୋମାଞ୍ଚିତ ହେଉଥାଉ।

(ସୌଜନ୍ୟ-ଯୁବବାଣୀ, ଆକାଶବାଣୀ କଟକ)

ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର,
ଭୁବନେଶ୍ୱର, ମୋ.-୯୯୩୭୨୧୨୭୯୫

# ପାଉଁଜି

◆ ଡ. ମମତାରାଣୀ ବେହେରା

ଶାଶୂଘର ଭିତର ଅଗଣାରେ ନିଶ୍ଚିନ୍ତ ନିଦରେ ଶୋଇଥିଲା ନିନିଅପା। ଧଳାଲୁଗା ଖଣ୍ଡକରେ ଘୋଡ଼େଇ ହୋଇ ରହିଥିଲା ତାର ସାରା ଦେହ। ବାହାରକୁ ଦିଶୁଥିଲା କେବଳ ଲକ୍ଷ୍ମୀପାଦ ପରି ତାର ସୁନ୍ଦର ପାଦ ଯୋଡ଼ିକ। ଯିଏ ମୋ ଆଖି ଆଗରେ ଆଙ୍କିଦେଉଥିଲା ମୋ ଅପାର ସମଗ୍ର ରୂପକୁ। ଚିହ୍ନେଇ ଦେଉଥିଲା ମୋ ନିନିଅପାକୁ। ମୁଁ ଜାଣିଲି ଅପାର ଦେହ ଖରାପ ନୁହେଁ, ତାର ମଲା ଖବର ହିଁ ଫୋନ୍‌ରେ ଖୁବ୍ ତରବରିଆ ହୋଇ ଭାଇନା ଜଣାଇଥିଲେ ଆମ ଘରକୁ !

ମୋତେ ଦେଖୁ ଦେଖୁ ନିନିଅପାର ଶାଶୂ ବାହୁନି ଉଠିଲେ, "ଆଉ କ'ଣ ଦେଖିବାକୁ ଆସିଲୁରେ ବାପ... ମୋ ଘର ଭାଙ୍ଗି ଗଲାରେ..."। ମୁଁ କିନ୍ତୁ କାନ୍ଦିପାରିଲିନି। ନିନିଅପା ଏ ଘରର ଏମିତି କିଏ ଥିଲା କି, ଯା'ଲାଗି ଭାଇନାଙ୍କ ଘରଟା ଭାଙ୍ଗିଯିବ। ସଂସାର ଉଚ୍ଛନ୍ନ ହୋଇଯିବ। ବଜାରର ଶାଗମାଛ ଠାରୁ କୋଉ ଦାମିକା କି ଏଇ ଝିଅଗୁଡ଼ା। ତୁନିହୋଇ ଦେଖୁଥିଲି କେବଳ, ମୋ ଅପାକୁ। ବିଚରୀ କେତେ ଶାନ୍ତିରେ ଶୋଇ ଯାଇଛି। ତା'ର ଗୋଟିଏ ବୋଲି ଗେହ୍ଲା ଭାଇନା କାନ୍ଦରେ ନିଜ ଭାଙ୍ଗିଯିବ ବୋଲି ମୋ ମନଭିତରର ଭାବନା ବି ତୁନି ପଡ଼ିଗଲା।

ମୋ ବୋଉର ପାଦ ଭଳି ପବିତ୍ର ଲାଗେ ମୋ ଅପାର ପାଦ। ଶେଷଥର ପାଇଁ ତା ପାଦଧୂଳି ନେବାକୁ ନଇଁ ପଡୁ ପଡୁ ମୋ ହାତକୁ ଝିଙ୍କି ଆଣିଲେ ତା ଶାଶୂ। 'ଇଏ କ'ଣ କରୁଛ ? ମଡ଼ା ଛୁଆଁ ହେବା ପରା ?' ମୁଁ ଚମକି ପଡ଼ିଲି। ମୋ ସବୁ ଅମାନିଆପଣ ଉଛୁଳି ପଡ଼ିଲା। ବିକଳ ହୋଇ ମୋ ଅପାକୁ ଶୁଣେଇଲା ଭଳି କାନ୍ଦିଲି – 'ମୋ ଅପା' ଅପା ଲୋ...

ମୋ ଅପାର ନିଦ କିନ୍ତୁ ଭାଙ୍ଗିଲାନି। ମୋ ପାଖକୁ ଲାଗିଆସି କହିଲାନି ଛି' ଏତେ ବଡ଼ ପାଟି କାହିଁ କରୁଛୁରେ, ତୋ ଅପାର ଶାଶୂଘର ପରା ଇଏ, ସେମାନେ ରାଗିବେନି ? ଏମିତି ଅନଧିକାର ପାଇଁ ସବୁଥର ତା ଶାଶୂ ଘରକୁ ଆସି ଭାବେ ଆଉ କେବେ ଏଠିକି ଆସିବିନି ଅପା। ମୋ ଅପାର ଆଖି ଛଳଛଳ ହୁଏ। ମୋ ମୁଣ୍ଡ ଆଉଁସି କହେ, ତୋ ଅପାର କ'ଣ ଏମିତି ହୋଇଯାଇଛି ଯେ, ତୁ ଏତେ ବ୍ୟସ୍ତ ହେଉଛୁ ? ଝିଅ ଜନମରେ ପର ଘରକୁ ଆସି ଆଉ କି ସୁଖ ଶରଧା ପାଇଁ ମନ ବଳେଇବିରେ ? ମୋ ଗାଲ ଚିପି ଚିଡ଼ାଇଲା ଭଳି କହେ– "ବାହାଘର ହୋଇପାରୁନଥିଲା ବୋଲି, ବାପାଙ୍କ ସହିତ ତୁ ବି'ତ କମ୍ ବ୍ୟସ୍ତ ହେଉ ନଥିଲୁରେ ବିଜୁ, ତୋ ଅପାକୁ ଘରୁ ତଡ଼ି ଦେବାକୁ। ମୁଁ ପ୍ରତିବାଦ କରୁଥିଲି, ତା' ବୋଲି କ'ଣ ଅପା, ଆମେ ରହୁଁଥିଲୁ ତୁ ଏଇ ଅମଣିଷ ଗୁଡ଼ାଙ୍କ ପାଖରେ ରହି ସାରାଜୀବନ ଛଟପଟ ହେବାକୁ ? ଅପା ମୋ ପାଟିରେ ହାତଦେଇ ମୋ କହିବାର କଥା କୁହେଇ ଦିଏନା। ଅଭିମାନ କରି କହେ, ହଁ କୋଉ ବଡ଼ ଭାଇଟାଏ ମୋର ହୋଇଛୁ ଯେ ? ମୁଁ ଯୁକ୍ତି କରେ, ବଡ଼ ଭାଇଟା ହୋଇଥିଲେ କ'ଣ ଅଧିକ ହୋଇଥାନ୍ତା, ତୁ ଚାଲ ଆମ ଘରେ ରହିବୁ ତା'ପରେ ମୁଁ ଏମାନଙ୍କ କଥା ବୁଝିବି।"

ନିନି ଅପା ମୋ ଯୁକ୍ତିକୁ ପିଲାଳିଆମି ଭାବି, ତା ବଡ଼ ଭଉଣୀ ପଣିଆ ଜାହିର୍ କରି ମୋତେ ଚୁପ୍ କରେଇଦିଏ। କଥାଟା ସବୁଦିନିଆ। ସେଦିନ ତା ଶାଶୂଘରେ ଗୋଡ଼ ଦେଉ ଦେଉ ମନଇଚ୍ଛା ବକି ଦେଇଗଲେ ତା' ଶାଶୂ। ଭାଇନା ବି ଛୋଟ କଥାଟାକୁ ମୋ ଆଗରେ ଦୋହରାଇ ଛୋଟ ହୋଇଯିବାକୁ ସଂକୋଚ କରିଲେନି ଟିକିଏ। କେଇଟା ଟଙ୍କା ଅବା ପାଉଁଜିଟାର ଦାମ୍ ହେବ ? ଯିଏ ମୋ ଅପାଠାରୁ ବି ମୂଲ୍ୟବାନ ଲାଗିଲା ସେମାନଙ୍କୁ। ସେମାନଙ୍କ ଆତ୍ମସମ୍ମାନଠାରୁ ବି ଅଧିକ ଲାଗିଲା। ମୋ ଅପା ପାଖରେ ପିଲାଦିନେ ଖୁବ୍ ଦୁଷ୍ଟାମୀ କରିଥିଲି। ହେଲେ ସେଦିନ ଭଳି ଏତେ ବେଶୀ ରାଗୀ ନଥିଲି କେଉଁଦିନ ମୁଁ। ସବୁ ଦୁଃଖ, କ୍ରୋଧକୁ ଅପା ଉପରେ ଫିଙ୍ଗି ଦେଲି– "ମୁଁ ବୁଝିପାରୁନି ଅପା, ତୁ କାହିଁକି ଚିଠି ଲେଖି ବାରମ୍ବାର ଏଠିକି ଡାକି ଆଣି ଅପମାନିତ କରୁଛୁ ? କାହିଁକି ଚିଠିରେ ଲେଖିଲୁନି ସବୁକଥା। ଆମେ ଗରୀବ ବୋଲି କ'ଣ ମାନସମ୍ମାନ ଟିକେ ବି ନାହିଁ ଆମର। ଶେଷ ଆଡ଼କୁ ମୋ କଣ୍ଠ ରୁଦ୍ଧ ହୋଇ ଆସିଲା। ଭାବପ୍ରବଣ ହୋଇ କହି ପକେଇଲି, ଜଗନ୍ନାଥଙ୍କ ରାଣ ଅପା, ତୋ ହଜିଯାଇଥିବା ପାଉଁଜି ହଲେ ନଦେଲା ଯାଏ, ମୁଁ ଏ ଘରର ମାଟି ମାଡ଼ିବିନି।" ଅପା ମୋ ହାତ ଧରି ପକାଇ ବିକଳ

ହୋଇ କାନ୍ଦିଲା, 'ତୁ ନ ଆସିଲେ, ତୋ ଅପା କେମିତି ବଞ୍ଚିବରେ, ମୋ ସୁନା ଭାଇଟା ପରା ରାଗେନାରେ।" ମୁଁ ଜାଣେ ପରା ସବୁ ଝିଅଗୁଡ଼ା ଏଇମିତି। ଥରେ ବାପଘରର ଏରୁଣ୍ଡି ବନ୍ଧ ଡେଇଁବା ପରେ ସବୁ ଏକାବେଳେକେ ପାଶୋରି ପକାନ୍ତି। ଭୁଲି ଯାଆନ୍ତି ପଛଦିନର ମଣିଷଗୁଡ଼ାକୁ ସେମାନଙ୍କ ସୁଖଦୁଃଖକୁ।"

ମୁଁ ସାଇକେଲ୍ ଗଡ଼ାଇ ଅପାଠାରୁ ମୁହଁ ଫେରାଇ ଆଣିଲି। ଅସରନ୍ତି କଥା, ଅସରନ୍ତି ଦୁଃଖ ମୋ ଅପାର ଛାତି ଭିତରେ ଚାପି ହୋଇ ରହିଗଲା। ସେଦିନ। ସବୁଦିନ। ହେଲେ ପଛରୁ ଆଉ ଡାକିଲାନି ମତେ। ଅପା ଜାଣିଥିଲା ପାଉଁଜିଟାର ଦାମ୍ ସେମିତି ବେଶୀ ନହେଲେ ବି ବେଶି କଷ୍ଟ ହେବ ବାପାଙ୍କ ପେନ୍‌ସନ୍ ଟଙ୍କାରୁ ପୁଣି ହଳେ ପାଉଁଜି ତା' ପାଇଁ କିଣି ଦେବାକୁ। ସେଇଥିପାଇଁ ପହିଲି ରଜରେ ସେଦିନ ପାଉଁଜି ହଜେଇ ଦେଇ ମନମାରି ସାରାଦିନ ବସି ରହିଥିଲା। ଯେତେ ଯିଏ ପଚାରିଥିଲେ କିଛି କହି ନଥିଲା କାହାକୁ।

ନିନିଅପା ପିଲାଦିନୁ ସେମିତି। ତାର ସବୁ ସୁଖ ଦୁଃଖର ଭାଗିଦାର ସେଇ ଏକା। ଆଉ କାହାରିକୁ ଟିକିଏ ସେଥିରେ ନାକ ଗଳେଇବାକୁ ଦବନି ଜମା। ମୁଁ କିନ୍ତୁ ଜିଦ୍ ଧରିଲି, ତୋ ମନ ଦୁଃଖର କାରଣ ତ ନକହିଲେ ଖାଇବିନି, ପିଇବିନି, କିଛି କରିବିନି ଆଜି ଅପା। ଅପା ବାଧ୍ୟ ହୋଇ ସଞ୍ଜ ବେଳକୁ କହିଲା ମୋ ପାଉଁଜିଟା କେଉଁଠି ହଜି ଗଲାରେ ବିଜୁ।"

ଅପାର ଏଡ଼େବଡ଼ ଦୁଃଖ କଥାଟା ଶୁଣୁଶୁଣୁ ମୁଁ ନ ହସି ରହିପାରିଲିନି। ଏତେବଡ଼ ଘରର ବୋହୂ, ପାଉଁଜିଟା ଲାଗି ସାରାଦିନ ନଖାଇ ନପିଇ ବସି ରହିଛୁ। କ'ଣ ଏତେ ହସୁଚୁ ଯେ ? ମତେ ଆକଟ କରୁ କରୁ ଅପା ନିଜେ ବି ହସିଦେଲା। କେମିତି ଗୋଟାଏ ମିଛମିଛିକା ପାଣିଚିଆ ହସ। ରାଣ ପକାଇ କହିଲା– "ଏ କଥା ବାପା ବୋଉଙ୍କୁ କହିବୁନୁରେ ବିଜୁ।" ମୁଁ ତା' କଥା ମାନିଲି। ହଁ କୋଉ ବଡ଼ କଥାଟାକି ! ବାପା ବୋଉ କେହି ଜାଣିଲେନି ପାଉଁଜି ହଜିବା କଥା।

ଅପା ଆସିଲା ତା' ଶାଶୂଘରକୁ କେଇଟା ଦିନ ପରେ; ଛାଡ଼ି ଆସିବାକୁ ଆସିଲି ମୁଁ। ଘରେ ଗୋଡ଼ ନ ଦେଉଣୁ ତା' ଶାଶୂର ଆଖି ଆସି ପଡ଼ିଲା ତା' ଉପରେ। "ଆଲୋ ପାଦ ଦିଇଟା ଲଙ୍ଗଳା କରିଛୁ କ'ଣ ଲୋ ?" ମୁଁ ବିସ୍ମିତ ହେଲିନି। ମୋ ଅପାର ପାଦଭଳି ସୁନ୍ଦର ପାଦ ଯୋଡ଼ିକ ତ ଯେ କୌଣସି ଲୋକର ଆଖିରେ ଆଗ ପଡ଼ନ୍ତା ସତରେ ଖୁବ୍ ବେଶୀ ବି ମାନୁଥିଲା ପାଉଁଜି ହଳକ ସେଇ ପାଦକୁ। ମୁଁ କ'ଣ କହିବାକୁ ଯାଉ ଯାଉ ଶାଶୂଙ୍କ ଚିତ୍କାରରେ ଚୁପ୍ ରହିଲି।

ଘର ଭିତରୁ ଭାଇନା ତାଙ୍କ ସ୍ୱଭାବ ସୁଲଭ ଗମ୍ଭୀର କଣ୍ଠରେ କହିଲେ, ତୁ କାହିଁକି ପାଟିକରୁଛୁ ବୋଉ, ମୋତେ ଚାରି ମାସ ଆଗରୁ କହି ହେଉଥିଲା, ସାନ ଭଉଣୀକୁ ପାଉଁଜି ହଳେ ଦେବା ପାଇଁ, ଯାହା ହେଉ ନୂଆ ନହେଲେ ବି ଗୋଡ଼ରୁ କାଢ଼ି ପୁରୁଣା ହଳେ ତ ଦେଇ ପାରିଲା।

ଅପମାନରେ ମୋ ସାରା ଦେହଟା ଜଳିଗଲା ଭଳି ଲାଗିଲା। ସବୁ ରାଗ ଅପା ଉପରକୁ ଫିଙ୍ଗିଦେଇ ଚାଲି ଆସିଲି। ଖୁବ୍ ଏକୁଟିଆ ହୋଇ ରହିଗଲା ସେଇଠି ଅପା, ଝିଅ ଜନମରେ ପର ଘରକୁ ନିଜର କରିବାକୁ, ଅଚିହ୍ନା ମଣିଷକୁ ଆପଣାର କରିବାକୁ।

ତା'ଠାରୁ ଶୁଣିଥିଲି, ଶାଶୂଘରେ ସବୁ ଝିଅଙ୍କର ଗୋଟିଏ ନୂଆ ଜନମ ହୁଏ, ଗୋଟିଏ ନୂଆ ଜୀବନ ଆରମ୍ଭ ହୁଏ। ହଁ ଅପାବି ଶୋଇ ପଡ଼ିଛି ଅନେକ ବେଳୁ। ହୁଏତ କେଉଁ ନୂଆ ଜନମ, ନୂଆ ଜୀବନର ସୁଖ ସ୍ୱପ୍ନରେ ବିଭୋର ହୋଇ। ଛୋଟ ହାତ ବ୍ୟାଗ୍‌ରୁ କାଢ଼ିଲି ନୂଆ ପାଉଁଜି ହଳକ। ମୋର ସବୁ ଭାବପ୍ରବଣତାକୁ ଚାପି ରଖି ବସି ପଡ଼ିଲି ତା' ପାଦ ପାଖରେ। ଚିଲେଇ ଉଠିଲେ ଅପାର ଶାଶୂ, "ଛୋଟଲୋକ ଘର ପିଲା, ପାଉଁଜି ଦେଖେଇ ହଉଛୁ ମତେ ?" ମୁଁ ବଡ଼ ପାଟି କରି କହିଲି– "ନାଇଁ ପାଉଁଜି ମୁଁ ତମ ଘର ପାଇଁ ଆଣିନି। ଆଣିଛି ମୋ ଅପା ପାଇଁ, ତା' ଫୁଙ୍ଗୁଳା ପାଦ ପାଇଁ, ଟିକିଏ ଖୁସି ହୋଇ ପାରିବ ମୋ ଅପା ପିନ୍ଧିଲାବେଳେ।"

ଅପା ଶାଶୂଘରେ ସେମାନଙ୍କର ଅବାଧ୍ୟ ହେବା ଏଇ ମୋର ପ୍ରଥମ ଥର। ତାଙ୍କ ପ୍ରତିବାଦ ସତ୍ତ୍ୱେ ଅପା ଘୋଡ଼େଇ ହୋଇଥିବା ଲୁଗା ଖଣ୍ଡକ କାଢ଼ି ପକାଇ ଭୟରେ ଆଖି ବୁଜିଦେଲି।

ଇଏ କ'ଣ ସତରେ ମୋ ନିନିଅପା ? ନା ହଜାର ହଜାର ବର୍ଷ ତଳର ବର୍ବର ମଣିଷ ଗୁଡ଼ା, ପୋଡ଼ି ପକାଇଥିବା ନିରୀହ ଶିକାରର ଚିତ୍ରଟିଏ। କେବଳ ପାଦ ଯୋଡ଼ିକ ବିନା ନିଆଁ ଭିତରୁ ଆଉ କିଛି ବି ବାକି ନଥିଲା ମୋ ଅପାର।

ପ୍ରାଧାପିକା, ଡିଡିସିଇ

# ଆଜ୍ଞା ଟିକେ ଶୁଣିବେ କି ?

◆ ନିରଞ୍ଜନ ତ୍ରିପାଠୀ

"ପିତା ଧର୍ମ ପିତା ସ୍ୱର୍ଗ ପିତା ହି ପରମଂ ତପଃ
ପିତରି ପ୍ରୀତମା ପଣେ ସନ୍ତୋଷ ସର୍ବ ଦେବତାଃ"

ପୁଣି ମଧ୍ୟ ବେଦ କହୁଛି, "ଜନନୀ ଜନ୍ମ ଭୂମିଶ୍ଚ ସ୍ୱର୍ଗାଦପୀ ଗରିୟସୀ" । ଏ ସଂସାର ହେଉଛି ଭଗବାନଙ୍କର ଗୋଟିଏ ବିଚିତ୍ର ତଥା ବିସ୍ମୟକର ସୃଷ୍ଟି, ଯେଉଁଥିରେ ବି ସମସ୍ତ ଜୀବଜଗତ ଓ ଜଡବଜଗତ ବିଦ୍ୟମାନ। ଆଉ ଏ ସଂସାରର ଶ୍ରେଷ୍ଠ ପ୍ରାଣୀ ହେଉଛି ମଣିଷ। କାହିଁ କେତେ ଯୁଗରୁ ଏ ସଂସାରରେ କେତେ କେତେ ଲୋକ ଜନ୍ମ ନେଇ ସେମାନଙ୍କର ଲୀଳାଖେଳା ସାରି ବିଦାୟ ନେଲେଣି, ତାର ହିସାବ ନାହିଁ। ଏହି ସଂସାରର ସୃଷ୍ଟି କିପରି ହୁଏ, ପରିଣତ ବୟସରେ ପୁରୁଷଟିଏ ଓ ସ୍ତ୍ରୀଟିଏ ବିବାହ କରି ଗୃହସ୍ଥ ଧର୍ମରେ ପ୍ରବେଶ କରନ୍ତି ଓ ସେମାନଙ୍କର ସଂସାର ଆରମ୍ଭ ହୁଏ। ସମୟକ୍ରମେ ସେମାନଙ୍କର ସନ୍ତାନ ସନ୍ତତି ହୁଅନ୍ତି ଓ ପରିବାର ଗଡି ଚାଲେ। ମଣିଷ ଓ ପଶୁ ଭିତରେ ପାର୍ଥକ୍ୟ ଏତିକି ଯେ ମଣିଷର ଗୋଟିଏ ମୂଲ୍ୟବୋଧ ରହିଛି। ଏ ଭଲମନ୍ଦ, ଧର୍ମଅଧର୍ମ ବିଚାର କରିବାର ଶକ୍ତି ରହିଛି। ଏଠି ଆସୁଛି ପରିବାରର କଥା। ପ୍ରାଣୀଜଗତର ପରିବାର କହିଲେ ଦେଖାଯାଏ ଯେ ବାଛୁରୀଟି ଜନ୍ମ ହେଲା ମାନେ କିଛି ସମୟ ପରେ ସେ ଚେଷ୍ଟାକରି ତା ଗୋଡରେ ଠିଆହୁଏ, ଅଳ୍ପ ଅଳ୍ପ କରି ତା ଗୋଡରେ ଚାଲେ ଏବଂ କିଛି ସମୟ ପରେ ଦୌଡାଦୌଡି କରେ। ଏହି ସମୟ ଭିତରେ ସେ ତା ମା ଠାରୁ କ୍ଷୀର ପାନ କରିବା ଓ ମାଟି ତାର ରକ୍ଷଣା ବେକ୍ଷଣାର ଦାୟିତ୍ୱ ମଧ୍ୟ ନେଇଥାଏ। କିନ୍ତୁ ପଶୁ ଶାବକଟିର ଜନ୍ମଠାରୁ ତାର ସ୍ୱାବଲମ୍ବୀ ହେବା ପର୍ଯ୍ୟନ୍ତ ତାର ସମୟ ସୀମା ଖୁବ୍ ଅଳ୍ପ କିଛି ଦିନ ଅବା ମାସ। କିନ୍ତୁ ମଣିଷ କ୍ଷେତ୍ରରେ ତାହା ସମ୍ପୂର୍ଣ୍ଣ ବିପରୀତ।

ପିଲାଟି ଜନ୍ମ ହେବାଠାରୁ ଦିନ ହିସାବରେ ସଂସାରକୁ ସାମାନ୍ୟ ବୁଝିବା ପର୍ଯ୍ୟନ୍ତ ସମୟସୀମା ଅନେକ ବର୍ଷ ଓ ଏହି ସମୟ ଅନେକ ବର୍ଷର ଅବଧି ହୋଇଯାଏ। ଆମେ ଦେଖୁଥିବା ଯେତେ ସଂପର୍କ ଯଥା ବାପା, ମା, ଭାଇ, ଭଉଣୀ, ଜେଜେ, ଜେଜେମା, ମାମୁଁ, ମାଇଁ, ପିଉସା, ପିଉସୀ, ଅଜା, ଆଈ, କକେଇ, ଖୁଡୀ ଏ ସବୁ ଭିତରେ ପିଲାଟିର ଥାଏ ନିଜ ବାପା ମାଙ୍କ ପାଖରେ। ଏହି ବାପା ମା ପିଲାଟିକୁ ସଂସାର ଯୋଗ୍ୟ କରିବା ପାଇଁ କେତେ ଯେ କଷ୍ଟ ସହନ୍ତି, ତାହାର କୌଣସି ହିସାବ ନାହିଁ। ନ ଖାଇ ନ ପିଇ ସେମାନେ ନିଜର ସନ୍ତାନ ସନ୍ତତି ମାନଙ୍କର ଲାଳନପାଳନ କରିଥାନ୍ତି ଓ ସେମାନଙ୍କର ସାଧ୍ୟମତେ ପିଲାମାନଙ୍କୁ ସମାଜର ଜଣେ ଜଣେ ଦାୟିତ୍ୱବାନ ନାଗରିକ ହେବାରେ ସାହାଯ୍ୟ କରିଥାନ୍ତି। ପିଲାମାନଙ୍କର ବୈବାହିକ କାର୍ଯ୍ୟ ସମାପନ ପର୍ଯ୍ୟନ୍ତ ସେମାନଙ୍କ ପଛରେ ଛାଇ ପରି ରହନ୍ତି। ସେମାନଙ୍କର ଏହି ତ୍ୟାଗର ପ୍ରତିବଦଳରେ ସେମାନେ କେବଳ ନିଜର ପିଲାମାନଙ୍କ ଠାରୁ ବିଶେଷ ଆଶା କରି ନଥାନ୍ତି। କେବଳ ସେମାନଙ୍କର ବାର୍ଦ୍ଧକ୍ୟ ସମୟରେ ସେମାନଙ୍କୁ ଟିକେ ସାହାରା ଦେବା ଲାଗି। କାରଣ ପ୍ରତ୍ୟେକ ମଣିଷର ଏହା ଏକ ଅସହାୟ ଅବସ୍ଥା। ଆମ ସମସ୍ତଙ୍କୁ ଏହି ଅବସ୍ଥା ଦେଇ ଯିବାକୁ ହୁଏ।

ଆମ ଭାରତବର୍ଷରେ ଯେ ପର୍ଯ୍ୟନ୍ତ ଯୌଥ ପରିବାର ଥିଲା, କୃଷିଭିତ୍ତିକ ଅର୍ଥନୀତି ଉପରେ ମଣିଷ ଭରସା କରୁଥିଲା, ସେ ପର୍ଯ୍ୟନ୍ତ ପରିବାରରେ ବୟସ୍କ ଲୋକମାନଙ୍କର ଉପଯୁକ୍ତ ରକ୍ଷଣା ବେକ୍ଷଣା ହେଉଥିଲା। ଯେବେଠାରୁ ଏକକ ପରିବାର ଗଢି ଉଠିଲା, କୃଷି ସମ୍ପଦର ଅବନତି ଘଟିଲା। ବିଜ୍ଞାନ ଓ ସଭ୍ୟତାର ଅନ୍ୟ ଦିଗରେ ଅଗ୍ରଗତି ଘଟିଲା। ସେ ସମୟରୁ ବୃଦ୍ଧ ପିତାମାତାଙ୍କର ଅସହାୟତା ବୃଦ୍ଧିପାଇ ଏମିତି ସ୍ତରକୁ ଆସିଛି ଯେ ପିଲାମାନେ ନିଜ ପିତାମାତାଙ୍କ ଦାୟିତ୍ୱ ନେବାକୁ ଅନିଚ୍ଛୁକ। ଖାସ୍ କରି ପୁଅମାନେ ବାପାମାଆଙ୍କର ଯତ୍ନ ନେବାକୁ ପୂର୍ଣ୍ଣ ଭାବରେ ବିମୁଖ। ବିଦେଶରୁ ଆମଦାନୀ ହୋଇଥିବା ଏହି ଅପସଂସ୍କୃତି ଭାରତୀୟ ସଂସ୍କୃତିକୁ କବଳିତ କରିଛି।

ଏହି ପରିପ୍ରେକ୍ଷୀରେ ଶ୍ରବଣ କୁମାର ଗପ ମନେ ପଡୁଛି। ଅନ୍ଧପିତାମାତାଙ୍କୁ ଭାରରେ ବସାଇ କାନ୍ଧରେ ବୋହି ତୀର୍ଥ ଭ୍ରମଣରେ ବାହାରିଥିଲା ଓ ମହାରାଜା ଦଶରଥଙ୍କ ବାଣରେ ପ୍ରାଣ ଗଲାବେଳେ ତାର କେବଳ ଚିନ୍ତା ଥିଲା ଯେ ତାର ତୃଷାର୍ତ୍ତ ପିତାମାତା କିପରି ପିଇବା ପାଇଁ ପାଣି ପାଇବେ। ଏହା କେବଳ ଗପ ହୋଇ ନପାରେ, କାରଣ ପିତାମାତାଙ୍କ ପ୍ରତି ସନ୍ତାନର ଉତ୍ତର ଦାୟିତ୍ୱ ନେଇ ଏକ ମୂଲ୍ୟବୋଧକ ଭାବ ଦର୍ଶାଇଥାଏ, ପିଲାଟିଏ ଯେତେବେଳେ କୌଣସି ରୋଗରେ ପଡିଥାଏ,

ସେତେବେଳେ ତାର ମା ରାତି ଅନିଦ୍ରା ହୋଇ ତାର ସେବା ଶୁଶ୍ରୂଷା କରିଥାଏ, ହାତ ଯୋଡି ତେତିଶ କୋଟି ଦେବତାଙ୍କୁ ଗୁହାରି କରିଥାଏ ତାର ପିଲାଟିକୁ ଭଲ କରିବା ପାଇଁ। ମାର ଜୀବନ କୁହାଯାଏ ପିଲାପାଖରେ ଥାଏ। ପିଲାଟି ପଡିଗଲେ, ମାର ହାତ ଆପେଆପେ ସାହାଯ୍ୟ ପାଇଁ ବଢିଥାଏ। କୁହାଯାଏ ଯେ, "The education of the child begins with the kisses of the mother and embrace of the father"। ପିଲାର ଆରମ୍ଭରେ ଓ ଅଗ୍ରଗତିରେ କେବଳ ତାର ବାପା ଓ ମା ନିସ୍ୱାର୍ଥପର ଭାବରେ ସେମାନଙ୍କର ସହଯୋଗର ହାତ ବଢାଇ ଥାଆନ୍ତି। ତାଙ୍କର କେବଳ ଲକ୍ଷ୍ୟ ଥାଏ ଯେ, ସେମାନଙ୍କର ପିଲା ମଣିଷ ଭଳି ମଣିଷଟିଏ ହେଉ ଓ ସମାଜରେ ପ୍ରତିଷ୍ଠା ଲାଭ କରୁ।

କିନ୍ତୁ ଏହି ଅବସ୍ଥା ସବୁବେଳେ ସମାନ ଯାଏନା। ବୟସ ସବୁବେଳେ ସଖ୍ୟ ଦିଏନା ଓ ଯେତେବେଳେ ବାପା ମା ବୁଢା ହୋଇ ଯାଆନ୍ତି, ଟିକେ ବଞ୍ଚିବାର ଅଶ୍ରା ଲୋଡନ୍ତି, ସେତେବେଳକୁ ପୁଅଟି ତାଙ୍କୁ ହତାଦର କରେ। ନିଷ୍ଠୁର ବି ହୋଇପାରେ। ପୁଅ ହାତରେ ସମୟ ନାହିଁ ବୟସ୍କ ବାପା ମାଙ୍କ ସହିତ ଦି ପଦ କଥାଭାଷା ହେବାପାଇଁ। ଯେଉଁ ବାପା ମା ପୁଅର ଦୀର୍ଘ ଜୀବନ ପାଇଁ ସବୁ ଠାକୁରଙ୍କୁ ମନାସି ଥାଆନ୍ତି, ସେଇ ସହାୟ ଲୋଡୁଥିବା ପିତାମାତାଙ୍କର ଆୟୁଷ କିପରି ଶୀଘ୍ର ସରି ଯାଉ ବୋଲି ପୁଅବୋହୂ ପ୍ରକାଶ କରିଥାନ୍ତି। ବୋହୂ ଶାଶୂଶଶୁରଙ୍କୁ ଆଡ ଆଖିରେ ଅନାଏନା। ଘରର କେଉଁ କୋଣରେ ବୁଢାବୁଢୀ କୋଣଠେସା ହୋଇ ପଡି ଥାଆନ୍ତି। ଅନେକ ସ୍ଥଳରେ ଶାରୀରିକ ନିର୍ଯ୍ୟାତନା ଦେଇ ରାସ୍ତାକୁ ତଡି ଦିଅନ୍ତି। ଯେ କୌଣସି ଖବର କାଗଜରେ ପ୍ରତିଦିନ ଏମିତି ଶହ ଶହ କରୁଣ କାହାଣୀ ପଢିପଢି ପାଠକର ଅନ୍ତରାତ୍ମା ବ୍ୟଥିତ ହୋଇଥାଏ। ଜରାନିବାସରେ ଏମାନଙ୍କ ଥଇଥାନ ଏହାର ସମାଧାନ ନୁହେଁ।

ଆସନ୍ତୁ ଆମେ ଏହାର ଏକ ଅନ୍ତର୍ନିହିତ ତାତ୍ତ୍ୱିକ ବିଶ୍ଲେଷଣ କରିବା ଯେ କଣ ପାଇଁ ଆମେ ଆମର ବୟସ୍କ ପିତାମାତାଙ୍କର ସେବା କରିବାକୁ ଅନିଚ୍ଛୁକ? ଅର୍ଥନୈତିକ ସମସ୍ୟା, ସ୍ୱାଧୀନ ଜୀବନ ଯାପନ କରିବାର ମୋହ ନା ବିଦେଶୀ ସଭ୍ୟତାର କୁପ୍ରଭାବ? ଏଠାରେ ଗୋଟିଏ ଛୋଟ ଗପଟିର ଅବତାରଣା କରୁଛି। ଗୋଟିଏ ପରିବାରରେ ପୁଅ, ବୋହୂ, ବୁଢୀମା ଓ ନାତି। ନାତିଟି ତାର ଜେଜେମାକୁ ଖୁବ୍ ଭଲପାଏ, କିନ୍ତୁ ଦୁଃଖିତ ହୁଏ ଯେତେବେଳେ ସେ ଦେଖେ ଯେ ତାର ବାପା ମା ଜେଜେମା ଦାୟିତ୍ୱ ନେଉ ନାହାନ୍ତି। ସେମାନେ ଭଲ ଭଲ ପୋଷାକ ପିନ୍ଧୁଥିଲା ବେଳେ ଜେଜେମା ଚିରା ଲୁଗା ପିନ୍ଧିଥାଏ। ସେମାନେ ସ୍ୱାଦିଷ୍ଟ ଖାଦ୍ୟ ଖାଇଲା ବେଳେ, ଯାହା ବଳେ ବା ବାସି ଖାଦ୍ୟ ଜେଜେମାଙ୍କୁ ଦିଆଯାଏ। ଗୋଟିଏ ଭଙ୍ଗା ପଥୁରୀରେ ତାକୁ ଖାଇବାକୁ ପରଷି ଦିଆଯାଏ। ଥରେ ଜେଜେମାଙ୍କୁ ଖାଦ୍ୟ ବାଢି ଖାଇ ସାରି ପଥୁରୀଟିକୁ ଧୋଇବା ବେଳେ ହାତରୁ ଖସି ପଥୁରୀ ଭାଙ୍ଗିଗଲା। ଏହା ଦେଖି ନାତି ତୁରନ୍ତ ଧାଇଁ ଯାଇ ଜେଜେମା ପିଠିରେ ଶକତ ବିଧା କସିଦେଇ କହିଲା, 'ହଇଲୋ ବୁଢୀ ତିଏ କଣ କଲୁ? ଏହି ଦାମୀ ପଥୁରୀଟା ଭାଙ୍ଗିଦେଲୁ? ମୋ ବାପା ମା ବୁଢାବୁଢୀ ହେଲେ ମୋତେ ପୁଣି ଗୋଟିଏ ପଥୁରୀ କିଣିବାକୁ ପଡିବ!' ଏକଥା ପୁଅ ବୋହୂ ଦେଖୁଥିଲେ ଏବଂ ପୁଅର କଥାରେ ସେମାନେ ନିଜର ଭବିଷ୍ୟତ ଅନୁମାନ କରିପାରିଲେ। ନିଜର ଭୁଲ୍ ବୁଝିପାରି ମାର ସେବା ବହୁତ ଭଲରେ କଲେ। ବୁଢୀ ନିଜର ନାତିଟିକୁ ଅନେକ ଆଶୀର୍ବାଦ ଦେଲେ।

ତେଣୁ ସବୁ ସମସ୍ୟାର ସମାଧାନ ଆମ ହାତରେ ଅଛି। ସମାଧାନରେ ଏକମାତ୍ର ସରଳ ଉପାୟ ହେଉଛି ଇଚ୍ଛାଶକ୍ତି। ଯେଉଁ ପିତାମାତା ସେମାନଙ୍କର ବାଲୁତ କାଳରେ ଯତ୍ନର ସହିତ ବାଟ କଢାଇ ଥିଲେ, ସେମାନଙ୍କର ବାର୍ଦ୍ଧକ୍ୟରେ ଭଲପାଇ ଯତ୍ନ ନେବା ଭାରତୀୟ ସଂସ୍କୃତିର ପରମ୍ପରା। ସେମାନଙ୍କ ଜୀବନର ବିସ୍ତୃତ ଅନୁଭୂତି ଆମ ଜୀବନର ଚଲାପଥକୁ ଆହୁରି ସରଳ କରିଦେବ ଓ କଠିନରୁ କଠିନତର ସମସ୍ୟାର ସମାଧାନ କରିଦେଇ ପାରିବ। ଆମର ବୃଦ୍ଧ ପିତାମାତାଙ୍କୁ ଭଲ ପାଇବାର ପ୍ରବୃତ୍ତି ସେମାନଙ୍କୁ ଆତ୍ମତୃପ୍ତି ଦେଇ ଶାନ୍ତିରେ ଜୀବନ କଟାଇବାକୁ ପରିବେଶ ଗଢିବ, ସେମାନଙ୍କ ଆଶୀର୍ବାଦରେ ଆମର ଚଲାପଥ କୁସୁମିତ ହେବ। ଚକୁଳିଆ ପଣ୍ଡା ଭାଷାରେ, 'ଦେଇଥିଲେ ପାଇ'।

ଆମର ଯୌଥ ପରିବାର ଆଜି ସିନା ଫାଟି ଯାଇଛି। କିଏ କିଏ କହନ୍ତି, ଯେତେ ଭାଇ, ସେତେ ଘର। ଏହି ଭାଇ ଭଗାରି ଭାବକୁ ନେଇ ଅନେକ ସମୟରେ ଅଶାନ୍ତି ଦେଖାଦିଏ। ଏ କ୍ଷେତ୍ରରେ ପିତାମାନାଙ୍କର ଗୁରୁଦାୟିତ୍ୱ ରହୁଛି। ସେମାନେ ଯେପରି ସମସ୍ତଙ୍କୁ ସମାନ ଭାବରେ ଭଲ ପାଇବେ ଓ କାହାର ବ୍ୟକ୍ତିଗତ ସ୍ୱାର୍ଥରେ ଅଯଥା ମୁଣ୍ଡ ଖେଳାଇବେ ନାହିଁ। ସେଥିପାଇଁ କଥାରେ ଅଛି –

'ବୈକୁଣ୍ଠ ସମାନ ଆହା ଅଟେ ସେହି ଘର
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର।'

୨୦୭, କାନନ ବିହାର (ଫେଜ୍ – ୨)
ମୋବାଇଲ୍ – ୯୦୯୦୯୮୦୦୧୦

# ଭାରତେ ଭାରତ

◆ ଡ. ଉଦ୍ଧବ ଚରଣ ନାୟକ

ଭାରତର ପୌରାଣିକ ନାମ ହେଉଛି ଜମ୍ବୁଦ୍ୱୀପ। ମନୁ ପୃଥିବୀର ପ୍ରଥମ ମାନବ। ବ୍ରହ୍ମାଙ୍କ ମାନସ ପୁତ୍ର ମାନଙ୍କ ମଧ୍ୟରୁ ସେ ଜଣେ। ବ୍ରହ୍ମାଙ୍କ ଶରୀର ଦକ୍ଷିଣ ଭାଗରୁ ଉତ୍ପନ୍ନ ଶତରୂପା ଥିଲେ ମନୁଙ୍କର ପତ୍ନୀ। ମନୁଙ୍କୁ କୁହାଯାଏ ସ୍ୱାୟମ୍ଭୂ ମନୁ। ସେ ଥିଲେ ପୃଥିବୀର ପ୍ରଥମ ରାଜା। ତାଙ୍କର ରାଜଧାନୀ ଥିଲା ସରସ୍ୱତୀ ନଦୀ କୂଳରେ। ପ୍ରିୟବ୍ରତ ଓ ଉତ୍ତାନପାଦ ନାମରେ ଥିଲେ ମନୁଙ୍କର ଦୁଇ ପୁତ୍ର। ଆଉ ତିନି ଗୋଟି କନ୍ୟା। ପ୍ରିୟବ୍ରତଙ୍କୁ ପୃଥିବୀର ପ୍ରଥମ କ୍ଷତ୍ରିୟ ଭାବରେ ଗ୍ରହଣ କରାଯାଏ।

ପ୍ରିୟବ୍ରତ ଥିଲେ ଅତ୍ୟନ୍ତ ପରାକ୍ରମୀ ଓ ଧର୍ମଶୀଳ ରାଜା। ସେ ବିବାହ କରିଥିଲେ ବିଶ୍ୱକର୍ମାଙ୍କର କନ୍ୟା ବର୍ହିଷ୍ମତୀଙ୍କୁ। ନିଜର ପରାକ୍ରମ ବଳରେ ସେ ସମଗ୍ର ପୃଥିବୀର ରାଜା ହୋଇପାରି ଥିଲେ। ସମଗ୍ର ସ୍ଥଳଭାଗକୁ ସାତଗୋଟି ଦ୍ୱୀପ ଓ ସମଗ୍ର ଜଳଭାଗକୁ ସାତଗୋଟି ସାଗରରେ ବିଭକ୍ତ କରିଥିଲେ। ପ୍ରିୟବ୍ରତଙ୍କର ଥିଲେ ଦଶ ଗୋଟି ପୁତ୍ର। ସେମାନେ ହେଲେ ଇଦ୍ଧ୍ମଜିହ୍ୱ, ଯଜ୍ଞବାହୁ, ମହାବୀର, ଅଗ୍ନିଧ୍ର, ସବନ, ବୀତିହୋତ୍ର, ମେଘତିଥି, ଧୃତପୃଷ୍ଠ, କବି ଓ ହିରଣ୍ୟରେତସ୍। ଏହି ପୁତ୍ରମାନଙ୍କ ମଧ୍ୟରୁ ମହାବୀର, କବି ଓ ସବନ ବାଲ୍ୟକାଳରୁ ତପସ୍ୟା ନିମନ୍ତେ ଗମନ କରିଥିଲେ।

ପ୍ରିୟବ୍ରତ ପୃଥିବୀକୁ ଯେଉଁ ସାତଗୋଟି ମହାଦେଶରେ ବିଭକ୍ତ କରିଥିଲେ, ସେଗୁଡିକ ହେଲା - ପ୍ଲକ୍ଷଦ୍ୱୀପ, ସାଲ୍ମଳୀ ଦ୍ୱୀପ, ଜମ୍ବୁଦ୍ୱୀପ, ପୁଷ୍କର ଦ୍ୱୀପ, ଶାକ ଦ୍ୱୀପ, କ୍ରୌଞ୍ଚଦ୍ୱୀପ ଓ କୁଶଦ୍ୱୀପ। ତିନିପୁତ୍ର ବାଲ୍ୟକାଳରୁ ବନଗାମୀ ହେବା ଫଳରେ ରାଜା ପ୍ରିୟବ୍ରତ ତାଙ୍କ ଅବଶିଷ୍ଟ ସାତପୁତ୍ରଙ୍କ ମଧ୍ୟରେ ଏହି ସାତ ଦ୍ୱୀପ ବା ମହାଦେଶ ଗୁଡିକର ସୁପ୍ରଶାସନ ନିମନ୍ତେ ବଣ୍ଟନ କରିଥିଲେ। ଫଳରେ ଇଦ୍ଧ୍ମଜିହ୍ୱ ପ୍ଲକ୍ଷଦ୍ୱୀପ, ଯଜ୍ଞବାହୁ ସାଲ୍ମଳୀ ଦ୍ୱୀପ, ଅଗ୍ନିଧ୍ର ଜମ୍ବୁଦ୍ୱୀପ, ବୀତିହୋତ୍ର ପୁଷ୍କର ଦ୍ୱୀପ, ମେଘତିଥି ଶାକ ଦ୍ୱୀପ, ଧୃତପୃଷ୍ଠ କ୍ରୌଞ୍ଚଦ୍ୱୀପ ଓ ହିରଣ୍ୟରେତସ୍ କୁଶଦ୍ୱୀପର ଶାସନଭାର ଗ୍ରହଣକଲେ। ବର୍ତ୍ତମାନ ଏହି ସାତ ଦ୍ୱୀପ ବା ସାତ ମହାଦେଶ ଗୁଡିକର ନାମକରଣରେ ପରିବର୍ତ୍ତନ ଆସିଛି ଯଥା - ଜମ୍ବୁ ଦ୍ୱୀପ - ଏସିଆ; କ୍ରୌଞ୍ଚଦ୍ୱୀପ - ଆଫ୍ରିକା; ଶାକ ଦ୍ୱୀପ - ଇଉରୋପ; ପୁଷ୍କର ଦ୍ୱୀପ - ଉତ୍ତର ଆମେରିକା; ପ୍ଲକ୍ଷଦ୍ୱୀପ - ଦକ୍ଷିଣ ଆମେରିକା; ସାଲ୍ମଳୀ ଦ୍ୱୀପ - ଅଷ୍ଟ୍ରେଲିଆ ଓ କୁଶଦ୍ୱୀପ - ଓସେନିଆ।

ପ୍ରିୟବ୍ରତ ଥିଲେ ଅତ୍ୟନ୍ତ ଧର୍ମଶୀଳ ଓ ନ୍ୟାୟପରାୟଣ ରାଜା। ଦେବର୍ଷି ନାରଦ ଥିଲେ ତାଙ୍କର ଗୁରୁ। ସେ ଏଗାର ଅର୍ବୁଦ ଅର୍ଥାତ୍ ଦଶକୋଟି ବର୍ଷ ଯାଏ ରାଜତ୍ୱ କରିଥିବାର ଜଣାଯାଏ। ପରେ ସେ ନାରଦ ମହର୍ଷିଙ୍କ ପରାମର୍ଶକ୍ରମେ ଯୋଗମାର୍ଗ ଅନୁସରଣ କରି ପତ୍ନୀଙ୍କ ସହ ଯୋଗ ସାଧନାରେ ନିମଗ୍ନ ହୋଇଥିଲେ। ତାଙ୍କର ପୁତ୍ର ମେଘାଦିତ୍ ଶାକଦ୍ୱୀପର ରାଜା ଥାଇ ସୂର୍ଯ୍ୟଦେବଙ୍କର ଏକ ମନ୍ଦିର ନିର୍ମାଣ କରିଥିଲେ। ଏଥିରୁ ସ୍ପଷ୍ଟ ସୂଚନା ମିଳେ ସମଗ୍ର ପୃଥିବୀରେ ଭାରତୀୟମାନେ ହିଁ ଥିଲେ ଶାସକ। ଆଉ ସେହି ସମୟରେ ସାରା ପୃଥିବୀରେ ବୈଦିକ ସନାତନ ହିନ୍ଦୁ ଧର୍ମ ବ୍ୟତୀତ ଅନ୍ୟ କୌଣସି ଧର୍ମର ଚିହ୍ନ ବର୍ଣ୍ଣ ହିଁ ନଥିଲା। ହିନ୍ଦୁ ମାନଙ୍କ ବ୍ୟତୀତ ଅନ୍ୟ କେହି ପରାକ୍ରମଶାଳୀ ବି ନଥିଲେ। ସେହି କାଳରେ ଓ ପରବର୍ତ୍ତୀ କାଳରେ ଜମ୍ବୁଦ୍ୱୀପ (ଭାରତ)ରୁ କ୍ଷତ୍ରୀୟମାନେ ଯାଇ ପୃଥିବୀର ବିଭିନ୍ନ ସ୍ଥାନରେ ଉପନିବେଶ ସ୍ଥାପନକରି ରାଜ୍ୟ ଗଠନ କରିଥିବାର ଜଣାଯାଏ।

ଏହାଙ୍କ ପରେ ମହାରାଜା ସାଗର ପୃଥିବୀର ସମସ୍ତ ଦ୍ୱୀପରେ ଆଧିପତ୍ୟ ବିସ୍ତାର କରିଥିଲେ। ସେତେବେଳେ ସାରା ପୃଥିବୀରେ ସଂସ୍କୃତ ଭାଷା ହିଁ କଥିତ ଭାଷା ବା ରାଜଭାଷା ଭାବରେ ଗଣନୀୟ ହେଉଥିଲା। କାଳକ୍ରମେ ଶାସକ ରାଜାମାନଙ୍କର ପରିବର୍ତ୍ତନ ଘଟିବାରୁ ଭାଷାରେ ବି ପରିବର୍ତ୍ତନ ଘଟିଲା। ଏପରିକି ସ୍ଥାନର ନାମ ପରିବର୍ତ୍ତନ ଘଟିଥିବା ଜଣାଯାଏ। ଭାରତର ଅନେକ କ୍ଷତ୍ରିୟ ଯୁବକ

ପୃଥିବୀର ବିଭିନ୍ନ ସ୍ଥାନରେ ରାଜ୍ୟ ସ୍ଥାପନ କରି ସେଠାକାର ଶାସନ ଦାୟିତ୍ୱ ଗ୍ରହଣ କରୁଥିଲେ । ଜଣାଯାଏ 'ପାରଜା' ନାମକ ଜଣେ ରାଜାଙ୍କ ଅଧିକୃତ ଦେଶର ନାମ 'ପାରସ୍ୟ' । ରାମଚନ୍ଦ୍ରଙ୍କ ବଂଶର ଜଣେ ରାଜାଙ୍କ ଅଧିକୃତ ଦେଶର ନାମ 'ରୋମ୍' । ମଗଧ ରାଜ୍ୟର ଆବିଷ୍କୃତ ଦେଶର ନାମ 'ଗ୍ରୀସ୍' । ଅନ୍ୟ କେହି ମତ ଦିଅନ୍ତି ଯେ, ପରଶୁରାମଙ୍କ ବଂଶର ଶାସକମାନଙ୍କ ନାମ ଅନୁସାରେ 'ପାରସ୍ୟ' ଦେଶର ନାମକରଣ ହୋଇଛି । ମନୁ ବଂଶର ଅନ୍ୟ ନୃପତି ମାନଙ୍କ ନାମ ଅନୁସାରେ ଜର୍ମଣ ବା ଜର୍ମାନ୍ ଦେଶ ହୋଇଛି । ବର୍ତ୍ତମାନର ଉତ୍ତରଏସିଆ ଓ ତୁର୍କସ୍ଥାନ ମାନଙ୍କରେ ବହୁ ଭାରତୀୟ କ୍ଷତ୍ରିୟ ଉପନିବେଶ ମାନ ସ୍ଥାପନ କରିଥିଲେ ।

ସ୍ୱାୟମ୍ଭୁବ ମନୁଙ୍କର ଚତୁର୍ଥ ପୁରୁଷ ହେଲେ ଋଷଭ । ଋଷଭ ଥିଲେ 'ଅଜନାଭ ବର୍ଷ'ର ରାଜା ନାମିଙ୍କର ପୁତ୍ର । ସେ ବିବାହ କରିଥିଲେ ଇନ୍ଦ୍ରଙ୍କ କନ୍ୟା ଜୟନ୍ତୀଙ୍କୁ । ଋଷଭଦେବ ଓ ଜୟନ୍ତୀଙ୍କର ଥିଲେ ଶହେ ପୁତ୍ର । ଜ୍ୟେଷ୍ଠ ପୁତ୍ର ହେଲେ ଭରତ । ସେ ଥିଲେ ଜଣେ ମହାନ୍ ଗୁଣବାନ୍ ରାଜର୍ଷି । ପୂର୍ବରୁ ଆମ ମାତୃଭୂମିର ନାମ ଥିଲା ହିମବର୍ଷ । ତା ପରେ ହେଲା ଅଜନାଭବର୍ଷ । ଶେଷରେ ରାଜର୍ଷିଙ୍କ ନାମାନୁସାରେ ହେଲା ଭାରତବର୍ଷ । ଅନ୍ୟ ମତରେ ମହାରାଜା ଦୁଷ୍ମନ୍ତଙ୍କ ଔରସରେ ଶକୁନ୍ତଳାଙ୍କ ଗର୍ଭସମ୍ଭୂତ ଭରତଙ୍କ ଶାସନକାଳରୁ ଆମ ଦେଶର ନାମକରଣ ଭାରତବର୍ଷ ବୋଲି ହୋଇଛି ।

ଦୁଃଖର ବିଷୟ, ମୁସଲମାନ ଶାସନ କାଳରେ ଆମ ଦେଶ ହୋଇଗଲା ହିନ୍ଦୁସ୍ଥାନ । ଆଉ ଇଂରେଜ ମାନଙ୍କ ଶାସନକାଳରେ ନାମ ବଦଳି ହୋଇଗଲା ଇଣ୍ଡିଆ । ଭାରତ ବିଭିନ୍ନ ଶାସକ ମାନଙ୍କ ଦ୍ୱାରା ଶାସିତ ହୋଇ ଭିନ୍ନ ଭିନ୍ନ ନାମ ଧାରଣ କରିଥିଲେ ହେଁ ଆମ ଦେଶର ଅସ୍ତିତ୍ୱ ବଜାୟ ରହିଛି ଓ ରହିଥିବ ମଧ୍ୟ । ଆମ ଦେଶର ନାମ ଭାରତବର୍ଷ । କଥାରେ ଅଛି, "ଯାହା ନାହିଁ ଭାରତେ, ତାହା ନାହିଁ ଭରତେ" ।

ବରମୁଣ୍ଡା ହାଉସିଂ ବୋର୍ଡ କଲୋନି,
ଭୁବନେଶ୍ୱର-୭୫୧୦୦୩
ମୋବାଇଲ୍ - ୯୪୩୮୨୯୯୧୭୪



# ଓଡିଆ, ଇଂରାଜୀ ଆଧୁନିକ କାବ୍ୟ ପରଂପରାରେ ଭୋର୍

◆ ଡ.ସୁଜାତା ପ୍ରିୟଦର୍ଶିନୀ

ଦେଶ-କାଳ-ପାତ୍ର ନିର୍ବିଶେଷରେ ଭୋର୍ ବା ପ୍ରଭାତର ଏକ ସାର୍ବଜନୀନ, ସାର୍ବକାଳୀନ ଆବେଦନ ଅଛି। ପ୍ରାଚ୍ୟପାଶ୍ଚାତ୍ୟ, ଏସିଆ-ଇଉରୋପ ସବୁଦେଶର କବି, ଭାବୁକ, ଦାର୍ଶନିକ ସମସ୍ତଙ୍କୁ ଭୋର୍ ବିସ୍ମୟ-ବିମୁଗ୍ଧ କରେ। ଏହାର ସମାର୍ଥବୋଧକ ଶବ୍ଦ-ସମ୍ଭାର ହେଉଛି ପ୍ରଭାତ, ପ୍ରତ୍ୟୁଷ, ଉଷା କିମ୍ବା ଉଷାଭଳି 'ଅରୋରା' (ରୋମାନ୍), ଇୟସ (ଗ୍ରୀକ୍), ଫଜଶ୍ (ଆରବିକ୍) ପ୍ରଭୃତି ଯାବନିକ ଶବ୍ଦାବଳୀ, କିନ୍ତୁ ଓଡିଆ ଭୋର୍ ଶବ୍ଦର କୌଣସି ବିକଳ୍ପ ନାହିଁ। ଏହା ଆମର ସାହିତ୍ୟ-ସଂସ୍କୃତି-ପରମ୍ପରା, ଐତିହ୍ୟ ସହ ଅଙ୍ଗାଙ୍ଗୀଭାବେ ଜଡିତ। ମଣିଷ ଏକ ଚେତନଶୀଳ ପ୍ରାଣୀ। ରାତ୍ରି ଓ ଦିବସର ଏହି ସନ୍ଧିକାଳ ଭୋର୍ ତା'ର ଚେତନା ଓ ମାନସିକତାକୁ ଆଲୋକିତ କରେ, ଉଦ୍ଦୀପ୍ତ ଓ ଉଦ୍‌ବୁଦ୍ଧ କରେ। ଅନ୍ଧାରର ଅବସାନ ଓ ଆଲୋକର ଅଭ୍ୟୁଦୟ ସମସ୍ତ ଜୀବଜଗତ, ପ୍ରାଣୀଜଗତ ଓ ଉଦ୍ଭିଦଜଗତରେ ରୂପାନ୍ତରୀକରଣର ଚମକ ସୃଷ୍ଟିକରେ।

ବୈଦିକ ଋଷିର ତୃତୀୟନୟନ ଅନୁଭବ କରେ, ତା'ର ପାର୍ଥିବ ଚେତନାରେ ଦିବ୍ୟସ୍ୱର୍ଗୀୟ ଚେତନାର ଧରାବତରଣ। ଋଷିଙ୍କ ଅନ୍ୟନାମ ଦ୍ରଷ୍ଟା। ଦ୍ରଷ୍ଟା ଦୃଷ୍ଟିରେ, ସେ ଦେଖେ ଭୋର୍ ବା ଉଷା। ଉଷାକାଳୀନ ବ୍ରାହ୍ମ ମୁହୂର୍ତ୍ତରେ ସିନ୍ଦୂରା ଫାଟିଲେ, ସ୍ୱୟଂ ପରଂବ୍ରହ୍ମଙ୍କ ଧରାବତରଣ ହୁଏ। ଋକ୍‌ବେଦରେ ଶାନ୍ତକାନ୍ତ ଉଷା, ମୂର୍ତ୍ତିମତୀ ରୂପପରିଗ୍ରହ କରିଛନ୍ତି ଦେବୀ ରୂପରେ। ଏଇ ବୈଦିକ ଦେବୀଙ୍କୁ ଅଲୋକନନ୍ଦିନୀ ଉଷା ରୂପେ କାବ୍ୟାୟିତ କରାଯାଇଛି। ସେ ବାଗ୍‌ଦେବୀ ସରସ୍ୱତୀଙ୍କ ଭଳି ଜ୍ୟୋତିର୍ମୟୀ, ସୌମ୍ୟା-ଶୁଦ୍ଧଶୁଭ୍ର-ବେଶା।

ବ୍ରହ୍ମବାଦୀ ଋଷିକବି ମଧୁସୂଦନଙ୍କ ଦିବ୍ୟାନୁଭୂତିରେ "ପ୍ରଶାନ୍ତ-ନିଶାନ୍ତ କାଳ ବିରାଜେ ଉଜଳେ, ଉଷାର-ତୁଷାର-ଶୁଭ୍ର ଲଲାଟମଣ୍ଡଳେ।" ଭକ୍ତ କବି କାଳର ପ୍ରତିଲୋମ ଗତିରେ, ବୈଦିକ ଭାରତର ସିଂହାବଲୋକନ କରି, ଦିବ୍ୟଦ୍ରଷ୍ଟା ଭାବେ ଦେଖିପାରିଛନ୍ତି; ବେଦବର୍ଣ୍ଣିତ ସରସ୍ୱତୀ ନଦୀତଟରେ ଋଷିପ୍ରାଣରେ କିଭଳି ହୋଇଛି ଦେବାବତରଣ। ଆଉ ଜଣେ ସେଭଳି ନିସର୍ଗ-ସୁନ୍ଦର, କବି-ଋଷି ସ୍ୱଭାବ କବି ଗଙ୍ଗାଧର ଉଷା ବନ୍ଦନାରେ ଏକ ବିକଚ ଶତଦଳ ବା ଫୁଟନ୍ତ ପଦ୍ମସହ ଉଷାଦେବୀଙ୍କୁ ତର୍କଣା କରି କହନ୍ତି :

"ମଙ୍ଗଳେ ଅଇଲା ଉଷା ବିକଚ ରାଜୀବ ଦୃଶା,  
ଜାନକୀ-ଦର୍ଶନ ତୃଷା ହୃଦୟେ ବହି,  
କରପଲ୍ଲବେ ନୀହାର- ମୁକ୍ତାଧରି ଉପହାର  
ସତୀଙ୍କ ବାସ-ବାହାର ପ୍ରାଙ୍ଗଣେ ରହି,  
କଳକଣ୍ଠ କଣ୍ଠେ କହିଲା,  
ଦରଶନ ଦିଅ ସତୀ ରାତି ପାହିଲା।"

ଏଠାରେ ଶ୍ରାବ୍ୟ-ଦୃଶ୍ୟ (ଅଡିଓ ଭିଜୁଆଲ) ରୂପକଳ୍ପ ମାଧ୍ୟମରେ କବିପ୍ରତିଭା ଉଷାଦେବୀଙ୍କୁ ସାର୍ଥକଭାବେ ପ୍ରମୂର୍ତ୍ତ୍ୟାୟିତ କରିପାରିଛି।

ପୁଣି ଭକ୍ତକବି ମଧୁସୂଦନଙ୍କ ସାରସ୍ୱତ ସୃଷ୍ଟିରେ, ଭୋର୍ ବା ପ୍ରଭାତର ଅନ୍ୟ ଏକ ଉଲ୍ଲେଖନୀୟ ଭୂମିକା ଅଛି। ପ୍ରତ୍ୟେକ ସାକ୍ଷର ଓଡିଆ ମଧୁସୂଦନଙ୍କ ପ୍ରଭାତୀ ସ୍ପର୍ଶରେ, ବିସ୍ମୟ-ବିମୁଗ୍ଧ ହୁଏ। ଶୈଶବର ପ୍ରାଥମିକ ଅବସ୍ଥାରେ ହିଁ ସେ ବର୍ଣ୍ଣବୋଧ ପଢିବାକୁ ପାଏ : "ପାହିଲା ଅନ୍ଧାର ରଜନୀ ଉଠ ଉଠ ବାଳକେ, / ନବୀନ ପ୍ରଭାତ ସମୟ ଏବେ ଗାଅ ପୁଲକେ / ଦଶଦିଗ ଦେଖ ଉଜ୍ଜ୍ୱଳ ପାଇ ରବି କିରଣ, / ଫୁଲଫୁଟି ଅଛି କାନନେ, ଧୀରେ ବହେ ପବନ /" ଏପର୍ଯ୍ୟନ୍ତ ସରଳ, ସହଜ, ସ୍ୱାଭାବିକ ପ୍ରକୃତି ଚିତ୍ରଣ ; କିନ୍ତୁ ପରେ ପରେ ଆରମ୍ଭ ହୋଇଛି ଶଂସିତ କବିତାରେ କବିଙ୍କର ଚମକପ୍ରଦ ରସୋତ୍ତୀର୍ଣ୍ଣ ସାଙ୍କେତିକତା: "ଥିଲେ ଅଚେତନ ନିଦ୍ରାରେ, ସର୍ବେ ଧରଣୀବାସୀ, କି ମନ୍ତ୍ର ପଢିଲା ପ୍ରଭାତ କେଉଁ ଦେଶରୁ ଆସି॥" ପ୍ରଭାତ ଏକ ପ୍ରାକୃତିକ ବିଭାବ ନୁହେଁ, ସେ ଏକ ବ୍ୟକ୍ତି ବିଶେଷ ; ଯାଦୁକରୀ ଶକ୍ତି-ସଂପନ୍ନ ଏକ ଅଦ୍ଭୁତ ମାନ୍ତ୍ରିକ। ସେ ମନ୍ତ୍ର ପଢିଲା କ୍ଷଣି ଗୋଟିଏ ମୁହୂର୍ତ୍ତେ. ନିଦ୍ରା-ନିଶ୍ଚେତନ ଧରଣୀବାସୀଙ୍କ ଠାରେ ନବପ୍ରାଣ ସଂଚାରିତ ହୋଇଛି।

ଆକାଶ ପୃଥିବୀରେ ମହାଆନନ୍ଦର ପ୍ରବାହ। ନିଖିଳ ସୃଷ୍ଟି ଚଳଚଞ୍ଚଳ, ସଂଜୀବିତ, ବିହଙ୍ଗ କାକଳି କଳକୂଜନରେ ପରିସ୍ପନ୍ଦିତ ; ନିନାଦିତ ତା' ସହ ସମତାଳରେ ସୃଷ୍ଟି ଓ ସ୍ରଷ୍ଟାଙ୍କ ଜୟଗାନ କରିବାପାଇଁ, ସେ ଆହ୍ୱାନ ଦେଇଛନ୍ତି ବାଳକ-ବାଳିକାଙ୍କୁ। ଭକ୍ତକବିଙ୍କ ଭକ୍ତିଭାବ ସହି ସମାନ୍ତରାଳ ଭାବେ, ସ୍ୱତଃସ୍ଫୂର୍ତ୍ତ କବିତ୍ୱର ଅଫୁରନ୍ତ ଉଚ୍ଛ୍ୱାସ ଲକ୍ଷ୍ୟ କରାଯାଇ ପାରେ। ପ୍ରଭାତଠାରେ ବ୍ୟକ୍ତିତ୍ୱ ଆରୋପ କରିବା ପାଇଁ କୁହାଯାଇଛି : "କି ମନ୍ତ୍ର ପଢ଼ିଲା ପ୍ରଭାତ? ତା' ଠାରୁ ଅଧିକ ବିସ୍ମୟ, ଉତ୍କଣ୍ଠା ଉଦ୍ରେକ କରେ ପ୍ରଶ୍ନବାଚୀଟିଏ : 'କେଉଁ ଦେଶରୁ ଆସି?" ଇଂରାଜୀ ଆଧିଭୌତିକ ବା ମେଟାଫିଜିଲାକ କବିଙ୍କ ଭଳି ପ୍ରକୃତି ମଧ୍ୟରେ ପରମଙ୍କ ସନ୍ଧାନ ପାଇଛନ୍ତି। ଅନୁରୂପ ପ୍ରଭାତ ବା ମାଙ୍ଗଳିକ ଉଷାକୁ ନେଇ, ଆଉ ଏକ କ୍ଲାସିକ୍‌ଧର୍ମୀ ସମାନ୍ତରାଳ ସଫଳ କାବ୍ୟାୟନ ହେଉଛି, ସ୍ୱଭାବ କବି ଗଙ୍ଗାଧରଙ୍କର ତପସ୍ୱିନୀ ମହାକାବ୍ୟର ଚତୁର୍ଥ ସର୍ଗର "ମଙ୍ଗଳେ ଅଇଲା ଉଷା, ବିକଚ ରାଜୀବ ଦୃଶା" / ପ୍ରତ୍ୟେକ ଓଡ଼ିଆ କଣ୍ଠରେ ଅନୁରଣିତ ହୁଏ, ଏଇ ଛନ୍ଦୋମୟ-ରସୋତ୍ତୀର୍ଣ୍ଣ ପଙ୍‌କ୍ତିଚୟ ଅରୁଣିମ ଆଭାରେ ଉଜଳି ଉଠେ, ପୂର୍ବାଶାର ପୂବେଇ ଆକାଶ। ପ୍ରଭାତର ଅରୁଣିମା ଏକ ନିର୍ଦ୍ଦିଷ୍ଟ ସମୟସଙ୍କେତ ବା କାଳ ବିଶେଷ ନୁହେଁ। ଏହା ଏକ ମାହେନ୍ଦ୍ରବେଳା, ଅମୃତ-ପର୍ବର ଅୟମାରମ୍ଭ ମାତ୍ର।

ଓଡ଼ିଆ କାବ୍ୟ ପରଂପରାରେ. ସବୁଜଯୁଗ (୧୯୨୦ ରୁ ୧୯୩୫) ଉପାନ୍ତରେ, ଅତ୍ୟାଧୁନିକ କବିତାର ଯୁଗପୁରୁଷ, ଯୁଗପ୍ରବକ୍ତା ସଚ୍ଚି ରାଉତରାୟଙ୍କର 'ପଲ୍ଲୀଶ୍ରୀ'ର ପଲ୍ଲୀ ସକାଳରେ ଚିତ୍ରିତ ଭୋର୍, ସାର୍ଥକତମ କବିତା। ନିରୁଭା ପଲ୍ଲୀଚେତନା, ପଲ୍ଲୀମୁଖୀ ଭାଷା ଓ ପଲ୍ଲୀପ୍ରଣତାରେ ଭକ୍ତକବି ମଧୁସୂଦନ, ପଲ୍ଲୀକବି ନନ୍ଦକିଶୋର ପ୍ରମୁଖ ସମସ୍ତ କବିଙ୍କ ଠାରୁ ସେ ନିଆରା। ସୁଦୂର ଅତୀତର (୧୯୩୪)ରେ ରଚିତ ଏଇ କବିତାର ଭାବ ଓ ଭାଷା-ସଂପଦ ପ୍ରଣିଧାନ-ଯୋଗ୍ୟ: "ଜାଂଗୁଲୁ ଜାଂଗୁଲୁ ରାତି ନପାହୁଣୁ ଫସର ଫାଟି / ବାଡ଼ି ଆମ୍ବଗଛ ଦୂର ଗହଳିରୁ ଶୁଭିଲା ପାଟି / ଆଲୋ ଏ ବଉଳ ଫେଇବ ନାହିଁ କି କବାଟ ଆଜି? କାଉ ରାବିଲାଣି, ଅଳସ ପହଡ ନାହିଁ କି ଭାଜି?" ଏହାର ଭାବ-ସଂପଦ ଓ ଲଳିତ-କାନ୍ତ-କୋମଳ ପଦଚୟନ, ଏହାକୁ ସାର୍ଥକ ପଲ୍ଲୀ-ପ୍ରଭାତୀ କବିତାରେ ରୂପାନ୍ତରିତ କରିଛି। ପଲ୍ଲୀଚିତ୍ର ସଂଗେ, ପଲ୍ଲୀଚରିତ୍ର ଓ ପାତ୍ରମୁଖୀ ଭାଷା ଏହାକୁ ରସୋତ୍ତୀର୍ଣ୍ଣ କରିଛି: "ଆଲୋ ରଡ ନିଆଁ ଆସୁନାହିଁ ନାଆଁ ସରଗତରା, / ଉଠିବୁ ନାହିଁ କି ହୋଇଲାଣି ବେଳ ପହରେ ପରା?" ପଲ୍ଲୀଚେତନା ସଂଗେ ସଂଗେ ଆମ ସଂସ୍କୃତି ପରଂପରା ଚଳଣିର ଅବିକଳ ଚିତ୍ର, ଏଥିରେ ପ୍ରତିଫଳିତ। ଗ୍ରାମୀଣ ଚଳଣୀରେ ଭୋର୍ ହେଲାକ୍ଷଣି ଘରଅଗଣା ଚାରିପାଖେ ଲିପାପୋଛା ହେବା ସଂଗେ ସଂଗେ ଗୋବରପାଣି ପକାଯାଏ। ତା'ର ଅବିକଳ ଚିତ୍ର ଦେବାକୁ ଯାଇ କବି କହନ୍ତି: "ଆଣିବୁଟି ଆଲୋ ପାଲୁଣୀ, ଟିକିଏ ଗୋବରଜଳ, ଗୁରୁବାରଟାରେ ନବୁଲିଲା କନା ଅଗଣାତଳ / ଧାନଅମାରରେ ହେଲାନାହିଁ ଦିଆ ମୁରୁଜଚିତା / କଥାଗୁରା ମୋର ସଭିଙ୍କୁ ନାଗୁଚି ପରା ଲୋ ପିତା।।" ପଲ୍ଲୀ ପରଂପରାର ଏଭଳି ପୁଷ୍କଳ ଓ ପୂର୍ଣ୍ଣାଙ୍ଗ ରୂପ ଅନ୍ୟ କୌଣସି କବି ବା କବିତା ମଧ୍ୟରେ ଦୁର୍ଲ୍ଲଭ।

ପହିଲି ରଜର ପୂର୍ବଦିନ ରଜ ସଜବାଜ। ରଜ ସଜବାଜ ରାତିର ଶେଷ ପ୍ରହର ଓ ପହିଲି ରଜର ପାହାନ୍ତି ଉଷାୟନରେ କବି ସଂପୂର୍ଣ୍ଣ ନିଆରା: "ମଦୁଆ ନିଶାର ଗହମ ପହଡ, ଭାଜି ଭଲ ହୋଇ ଭାଜିତ ନାହିଁ; ଝିପିଝିପି ପୁଣି ଅଦିନିଆ ମେଘ ଥାପୁଡାଇ ତାକୁ ଦିଏ ଶୁଆଇ। ସବୁ କୁଆଁରୀଝିଅ ମାନଙ୍କର ମନ ଚଳଚଞ୍ଚଳ, ଉଜାଗର ରାତିର କିଭଳି ଅବସାନ ହେବ, ଏବଂ ସିନ୍ଦୂରା ଫାଟି ଭୋର୍ ହେବ।" ସେଥିପାଇଁ ଉତ୍କଣ୍ଠାପୂର୍ଣ୍ଣ ପ୍ରତୀକ୍ଷା। ମନରେ ଏକମାତ୍ର ପ୍ରଶ୍ନବାଚୀ: "ପାହିବ ନାହିଁକି ଆଜି ଏ ରଜନୀ? ଚାହିଁ ଚାହିଁ କଷା ହେଲାଣି ଆଖି, ଛାଇ ଲଗା ନିଦ ମାଡି ମାଡି ପଡେ ଭାରି ପତା ବେନି ରହିଛି ଲାଖି।" "ପୂରୁବ ଦିଗରେ ଫସର ଫାଟିନି, ରାବିନି ତ କାହିଁ ଡାମରା କାଉ, ମଶାଣି ବାଟରେ ଶଗଡିଆ ଭାଇ, ଗୀତ ତ ନଶୁଭେ ସେପରି ଆଉ।" ଉଦ୍ଧୃତ ପଦ-ପଙ୍‌କ୍ତିରେ, ପଲ୍ଲୀଚରିତ୍ର ମାନଙ୍କର ଚିନ୍ତା ଓ ଚେତନା ସହ, ଗ୍ରାମୀଣ ଶଗଡିଆ ଭାଇର ଗୀତ ସମ୍ପର୍କରେ ଚମତ୍କାର ଟିପ୍ପଣୀ କବିତାକୁ ପ୍ରାଣବନ୍ତ କରେ। ପରେ ପରେ ଏକ ଚମତ୍କାର କାବ୍ୟିକ ରୂପକଳ୍ପ ବା ଇମାଜେରି ମାଧ୍ୟମରେ ପ୍ରାକୃତିକ ଚିତ୍ରକୁ, କଳ୍ପନାର ପୁଟ ଦେଇ ରୂପାୟିତ କରାଯାଇଛି: "ସରଗ ଘରର ନୂଆ ବୋହୂ

କେବେ କୁହୁଡି ଓଢଣା ମଥାରେ ଟାଣି, ବାସି ତରାଫୁଲ ନେବ ଗୋ ଓଳାଇ ଛିଂଚି ଦେଇ ନାଲି ଗୋବର ପାଣି।" ଏଇ କାବିକ୍ୟ ରୂପକଳ୍ପରେ ଏକ ଚମତ୍‌କାର କଳ୍ପନାବିଳାସ ଉତ୍‌କୀର୍ଣ୍ଣ। 'ସରଗ ଘର'ରୁ ପ୍ରଭାତରେ ଓହ୍ଲାଇ ଆସୁଥିବା ନୂଆବୋହୂ ମଥାରେ କୁହୁଡିର ଝିନ ଓଢଣୀ। ପାହାନ୍ତା ପହରର ମହଲଣ ତାରାମାନଙ୍କୁ ବାସିଫୁଲ ସଙ୍ଗେ ତର୍କଣା କରାଯାଇଛି। ରାତିର ଅନ୍ଧକାର ମେଲାଣି ନେଉଛି, ଆଲୋକ ଉଭାରି ଆସୁଛି। ଏହାର ଛାୟାଲୋକକୁ ପ୍ରକଟିତ କରିବା ପାଇଁ କବି କହନ୍ତି: "ପୂରୁବ ଅଗଣା ଲିପାପୋଛା କରି, ଛାଇ ଆଲୁଅରେ ପିଠଉ ଗୋଳି, ଛୁଞ୍ଚକନା ତାର କେବେ ସେ ଆସି ଗୋ, ମେଘ ଆଢୁଆଳେ ଦେବ ଗୋ ବୋଳି।" ପଲ୍ଲୀର ଶ୍ରୀ ଓ ସଂପଦ, ପାର୍ଥିବ ବାସ୍ତବତା ସଂଗେ କଳ୍ପନାର କୁଟିକମ ସଜି ରାଉତରାଙ୍କର ପଲ୍ଲୀପ୍ରଭାତକୁ କେବଳ ଓଡିଆ ବା ଭାରତୀୟ ଭାଷା ସାହିତ୍ୟ ନୁହେଁ, ବିଶ୍ୱସାରସ୍ୱତ ଦରବାରର ଶ୍ରେଷ୍ଠକୃତୀ ଭାବେ ସ୍ୱୀକୃତି ଦେବ। ନାଟ୍ରସମ୍ରାଟ ସେକ୍ସପିଅର୍‌ଙ୍କ ପ୍ରଣୀତ ୩୩ତମ ଚତୁର୍ଦ୍ଦଶପଦୀ କବିତାରେ ଉଷାର ଚମତ୍‌କାର ବ୍ୟଞ୍ଜନାତ୍ମିକ ବର୍ଣ୍ଣନା ଦେଇ ଅଛନ୍ତି। ବିଶ୍ୱବନ୍ଦ୍ୟ ସ୍ରଷ୍ଟା ଉଷା ସନ୍ଦର୍ଶନରେ ଆତ୍ମବିଭୋର ହୋଇ, ଦର୍ଶାଇଛନ୍ତି କିଭଳି ସୂର୍ଯ୍ୟଙ୍କ ଆଲୋକ-ବର୍ଣ୍ଣାଳୀରେ ସଦ୍ୟସ୍ନାତ ପର୍ବତର ଶିଖରୀ, ଏକ ରାଜକୀୟ ଦୀପ୍ତି ଓ ଦ୍ୟୁତିରେ ଉଦ୍‌ଭାସିତ। ଉପତ୍ୟକା ତ ସବୁଜପ୍ରାନ୍ତର ସବୁ ଉଷାଲୋକରେ ଝଲସି ଉଠୁଛନ୍ତି। କେଉଁ ସ୍ୱର୍ଗୀୟ କୁହୁକୀ ସ୍ପର୍ଶରେ ଝରଣାର ଶୁଭ୍ର-ସ୍ୱଚ୍ଛ ଜଳ ଝଲ୍‌ମଲ୍ ହେଉଛି। ଶଂସିତ ଚତୁର୍ଦ୍ଦଶ ପଦୀ କବିତା ପଙ୍‌କ୍ତିଚୟରେ, ପ୍ରକୃତି-ପରମ ଏବଂ ସ୍ୱର୍ଗୀୟତାର ତ୍ରିବେଣୀ ସଙ୍ଗମ ଅନନ୍ୟ, ଅନୁପମ। ସେକ୍ସପିଅରଙ୍କ କ୍ଲାସିକଧର୍ମୀ କାଳଜୟୀ ପ୍ରତିଭା ପ୍ରଭାତୀ ଉଷାର ଜଣେ ଅଦ୍ୱିତୀୟ ରୂପକାର ଭାବେ ଚିର ସ୍ମରଣୀୟ।

ଏଇ ପରିପ୍ରେକ୍ଷୀରେ, ମେଟାଫିଜିକାଲ ଆଧୁନିକ ତଥା ଅତ୍ୟାଧୁନିକ ଇଂରାଜୀ କବିମାନଙ୍କର ବହୁ ସାର୍ଥକ କବିତା ରଚିତ ହୋଇଛି। ଏ ସମସ୍ତ କବିତାରେ ପ୍ରବୃତ୍ତିଧର୍ମୀ ଇନ୍ଦ୍ରିୟଗ୍ରାହ୍ୟତାର ପ୍ରାବଲ୍ୟ ଦେଖିବାକୁ ମିଳେ। ସଂସିତ ପ୍ରବନ୍ଧର ସୀମିତ କଳେବର ଦୃଷ୍ଟିରୁ, ସେ ସବୁର ବିସ୍ତୃତ ବିବରଣୀ ଦେବା ସମ୍ଭବ ନୁହେଁ। ପାରସ୍ୟରୁ ବିଶ୍ୱବିଶ୍ରୁତ କବି-ଦାର୍ଶନିକ ଓମାରଖୟାମ୍‌ଙ୍କ ଚତୁର୍ଦ୍ଦଶପଦୀ ରୁବାୟତ ପ୍ରଥମ ପଙ୍‌କ୍ତିର ଅବତାରଣା ନକଲେ ଉଷାୟନର ବକ୍ତବ୍ୟ ଅସମ୍ପୂର୍ଣ୍ଣ ରହିଯିବ।

ଜୀବନ ଓ ଯୌବନରେ ପ୍ରଭାତୀ ଉଷାକୁ ସ୍ୱାଗତ କରିବା ପାଇଁ କାବ୍ୟର ଉପୋଦ୍‌ଘାତରେ, ପ୍ରଣୟିନୀ ସାକୀକୁ ସମ୍ବୋଧନ କରି, ଓମାରଖୟାମ୍ କହିଛନ୍ତି:

"ଉଠ ଉଠ ସଖି!
ଏଇ ଯେ ଶୁଭ୍ର ପ୍ରଭାତ,
ରଜନୀ ଅଙ୍ଗେ
ସହସା ଦେଲାଣି
ନବ ଉନ୍ମେଷ ଆଘାତ।"

ସେଥିପାଇଁ ପ୍ରିୟତମା ପ୍ରଣୟିନୀ ସାକୀକୁ ରାତ୍ରିର ଶେଷପ୍ରହର ଅବସାନ ହେବା ସଂଗେସଂଗେ, ଉଷାକାଳରେ ଅନୁରୋଧ କରିଛନ୍ତି:

"ନିଶିଥିନୀ ଶେଷ
ପ୍ରହରେ ମଧୁର ସପନେ,
ମରମର ବାଣୀ
ବହିଗଲା କିଏ ଗୋପନେ -
"ପାନ୍ଥଶାଳାର ତରୁଣ ପଥିକ
ଉଠରେ,
ଜୀବନ ମଦିରା ଶୁଷ୍କ ନୋହୁଣୁ
ପିଆଲା ତୋ ଭରି ନିଅରେ,
ତରୁଣ ଯାତ୍ରୀ ଜାଗରେ!!"

ଭୋର ବା ଉଷା ଏଭଳି ଯୁଗେଯୁଗେ ବିଶ୍ୱବରେଣ୍ୟ ତୁଙ୍ଗ କବି ପ୍ରତିଭାକୁ ନୂତନ ଆଶା-ଅଭିପ୍ସା, ନବ-ନବ ଉନ୍ମାଦନା-ଉଦ୍ଦୀପନାରେ ସଂଜୀବିତ କରିଛି। ଶୁଷ୍କ ଜୀବନପାତ୍ରକୁ ପରିପୂର୍ଣ୍ଣ-ପରିପ୍ଲାବିତ କରି ଛନ୍ଦୋମୟ-ଉଚ୍ଛଳ କରି ଆସିଛି।

ଆସୋସିଏଟ୍ ପ୍ରଫେସର,
ରମାଦେବୀ ମହିଳା କନିଷ୍ଠ ମହାବିଦ୍ୟାଳୟ,
ଭୁବନେଶ୍ୱର,
ମୋବାଇଲ୍ - ୯୪୩୭୧୩୭୩୭୭

# ଚେକ୍, ଡ୍ରାଫ୍ଟ ନା ଟଙ୍କା ?

◆ ଡା. ଇନ୍ଦ୍ରମଣି ଜେନା

ଇସିଜି ମେସିନ୍ ତାର ବୁଦ୍ଧନାଥଙ୍କର ହୃଦ୍‌ରେଖା ଟାଣିବାରେ ଲାଗିଛି। ସେଇ ଟ୍ରେସିଙ୍ଗ ଦେଖୁ ଦେଖୁ ମୋ ମନକୁ ଆସିଗଲା।

ଆଜି ଏମିତି ଗରଜ ପଡିଲା ଯେ ବୁଦ୍ଧନାଥ ପ୍ରଧାନ ଛାତି ବଥା ପାଇଁ ରାତି ଅଧରେ ମୋତେ ଉଠାଇ ଚିକିତ୍ସାପାଇଁ ଜରୁରୀକାଳରେ ପହଞ୍ଚିଛନ୍ତି। ଗମଗମ ଝାଳ ବାହାରୁଛି। ଏମିତି ଛାତିର ଯନ୍ତ୍ରଣା ଦାନ୍ତ ଚିପି ଧରିଛନ୍ତି ବୁଦ୍ଧନାଥ। ବାଁ ହାତଟି ମାଡି ଧରିଛନ୍ତି ଛାତିର ବାଁ ପାଖକୁ। ସେହି ପିଞ୍ଜରା ଭିତରେ ଅସହ୍ୟ ଯନ୍ତ୍ରଣା ଭରି ରହିଛି। ପାହାନ୍ତା ପହରରେ ଛାତିବ୍ୟଥା। ମନରେ ଭରି ଦେଉଛି ଅନେକ ସନ୍ଦେହ। ଯାହା ସବୁଠାରୁ ସବୁବେଳେ ଶୁଣିଛନ୍ତି, କେତେବେଳେ କଅଣ ଘଟିଯାଇପାରେ।

କେଜାଣି କେମିତି ମୋତେ ରାତି ଅଧ ପାହାନ୍ତାରେ ଉଠେଇ ମୋର ପାଖ ଡାକ୍ତରଖାନାକୁ ଆଣିଲେ। ହୃଦ୍‌ବ୍ୟଥା ତାଙ୍କପାଇଁ ନୂଆ ନୁହଁ। ଏମିତି କେତେଥର ଅବେଳାରେ ସିଏ ଅଞ୍ଚଳର କୋଉ କୋଉ ଡାକ୍ତରଖାନାରେ ପହଞ୍ଚି ଇସିଜି କରାଇଥାଆନ୍ତି। ଗାଁ ଲୋକ ଭାବରେ ତାଙ୍କର ଅଧିକାର ଜାହିର କରନ୍ତି ମୋର ଅଧସ୍ତନ ସହକାରୀ ମାନଙ୍କ ଉପରେ। କୋଳେଇ କାଖେଇ ମଣିଷ କରିଛନ୍ତି ମୋତେ ବୋଲି ମୋ ଅନୁପସ୍ଥିତିରେ ବହୁବାର ମୋର ପିଲାମାନଙ୍କ ପାଖରେ ଦାବି କରନ୍ତି। ନିଜକୁ ଗାଁର ସୁଧାର ଓ ଶିକ୍ଷିତ ପିଲା ବୋଲି ମନେକରି ମୁଁ କିଛି ମୁହଁ ଖୋଲିବାର ଅବକାଶ ପାଇନି। ମୋ ଆଗରେ କିନ୍ତୁ ନିରବ, ବ୍ୟକ୍ତିଗତ କଥାରେ ଆଦୌ ମନ ଦିଅନ୍ତି ନି। ଉପର ଠାଉରିଆ ଭାବରେ ମୋ ସହିତ କଥାବାର୍ତ୍ତା।

ଭରସାର ସହିତ ମୋତେ ପଚାରିଲେ, "ବାବୁ, ମୁଁ ବଞ୍ଚିବି ତ ?"

ଇଏ ସେଇ ବୁଦ୍ଧନାଥ, ଯାହାର ପ୍ରତିଟି ହାର୍ଟବିଟ୍‌କୁ ଇସିଜି ମେସିନ୍ ଚିତ୍ର ତୋଳୁଛି, ହାର୍ଟର ସ୍ୱାସ୍ଥ୍ୟ ନିରୂପଣ କରିବାକୁ। ମୋ ମନରେ ତଡିତ୍ ବେଗରେ ବୁଦ୍ଧନାଥଙ୍କ ଉପସ୍ଥାନ କହିଯାଉଛନ୍ତି ମରମ କଥା।

"ଚେକ୍, ଡ୍ରାଫ୍ଟ ନା ଟଙ୍କା ? କ'ଣ ଦେଲେ ହେବ ?" ମୋତେ ପଚାରିଥିଲେ ବୁଦ୍ଧନାଥ ପ୍ରଧାନ ଓରଫ ବୁଧିଆ ଭାଇନା।

ଏଇଟା ବେଶୀ ବର୍ଷର ତଳର କଥାନୁହେଁ, ବର୍ଷ ତିରିଶଟା ବିତିଯାଇଥିବ। ଯାହା ହେଲେ ବି ନିଶ୍ଚୟ ଗୋଟିଏ ଜୀବନର ଅଧା ସମୟ। ସେତେବେଳେ ବୁଧିଆ ଭାଇ କଣ୍ଟ୍ରାକ୍ଟି କରି ରୋଜଗାରର ଶୀର୍ଷରେ ଥାଆନ୍ତି। ମୋ ପାଖରେ ବସି ବସ୍‌ରେ କଟକ ଯାଉ ଥାଆନ୍ତି। ମୋତେ ବଖାଣୁଥିଲେ, ତାଙ୍କୁ ପଇସା ସହଜରେ ମିଳିପାରୁଛି। କେତେ ଓଭରସର୍, ଇଞ୍ଜିନିୟର ନିଜର ହୋଇଗଲେଣି। ବହୁ କାମ ଭୁବନେଶ୍ୱରରେ କରିବାକୁ ତାଙ୍କୁ ଡର ନାହିଁ। ଏମିତି କି ପଇସା ରଖିବାକୁ ବି ମୁଣି ନାହିଁ। ନିଜ ନାଁରେ, ସ୍ତ୍ରୀ ନାଁରେ, ପୁଅ ଝିଅ ନାଁରେ ଫିକ୍ସଡ୍ ଡିପୋଜିଟ୍ କରି ବେଶ୍ ଧନ ଜମା କରି ରଖିଛନ୍ତି। ବଳକା ଯାହା ବ୍ୟାଙ୍କ ଲକରରେ ରଖାଯାଉଛି।

ମୋ ମନରେ ଗୋଟିଏ ଦୃଢତା ଆସିଲା। ଆମର ଅଭାବୀ ଘରୁ ପାଠ ପଢିବା କଷ୍ଟ ହେଉ ପଛେ, ଆମ ଘରେ ମୋର କେତେ ଗରଜ ଥାଉ ପଛେ, ଆମ ଗାଁରେ ଜଣେ ଧନୀ ଲୋକ ଅଛି, ସେଥିରେ ମୋର ମନ ପୂରିଗଲା। ଭାବିଲି, ଯାହା ହେଉ, ପଇସା ଏମିତି ରୋଜଗାର କରିବା ଲୋକ ଅଛନ୍ତି, ମୋତେ ପାଠପଢା ବୟସରେ ଶୁଣି ଖୁସି ଲାଗୁଥାଏ। ଯେତେବେଳେ ମୂଲିଆ ମଜୁରି ଦଶଟଙ୍କା ସେତେବେଳେ ବୁଦ୍ଧନାଥ ଜଣେ ଲକ୍ଷପତି ବା ତଦୁର୍ଦ୍ଧ୍ୱ। କାହିଁକି ବୁଧିଆ ଭାଇ ପ୍ରତି ମନରେ ସମ୍ମାନ ଆସିଗଲା। ଏତେ ବଡ ଲୋକଟାଏ ଆମ ଗାଁର ଅଧିବାସୀ।

ଇସିଜି ମେସିନ୍ ହୃଦ୍ ରେଖା ଟାଣିବାରେ ବ୍ୟସ୍ତ। ମନ ମୋର ଭାବି ଚାଲିଥାଏ।

ଜୀବନର ଶେଷ ପରୀକ୍ଷା ଦି ତିନି ମାସ ବେଳକୁ ଥାଏ। କାର୍ଯ୍ୟ ବ୍ୟସ୍ତତା ଭିତରେ ମୋର ଗୋଟିଏ ଗରଜ ପଡିଲା। ଭଉଣୀର ବାହାଘର ଠିକଣା ହୋଇଗଲା। ମୋର ପରୀକ୍ଷା ପରଦିନ ଚାକିରିରେ ଯୋଗ ଦେବାକୁ ନିଯୁକ୍ତି ପତ୍ର ମିଳିସାରିଛି। ତେବେ ଅସୁବିଧା ଆସିଗଲା। ଏହି ଘଡିସନ୍ଧିରେ ବିଭାଘରଟା ତୁଲାଇବାର ଭାର ପୁଣି ମୋ ଉପରେ। ଏକେତ ବେକାରୀ ପୋଷ୍ଟ ଗ୍ରାଜୁଏଟ୍ ଷ୍ଟୁଡେଣ୍ଟ, ଦ୍ୱିତୀୟରେ ଭଉଣୀ ବାହାଘରର କିଛିଟା ବୋଝ। କଅଣ କରାଯାଇ ପାରେ ?

ବିଭାଘର ଠିକଣା ହେବାର ଦିନ କେତେଟା ପରେ ଜାଣିଲି, ସବୁ ଖର୍ଚ୍ଚ ଯୋଗାଡ ହୋଇ ଯାଇଛି, କେବଳ ବଣିଆକୁ ଦେବାର ଦୁଇ ହଜାର ଟଙ୍କା ନିହାତି ଦେବାକୁ ପଡିବ। ନ ହେଲେ, ଚଳିବନି। ତେଣୁ ଦୁଇଟା ହଜାର ଟଙ୍କା ମୁଁ ମାସ ଛଅଟା ପାଇଁ କାହାକୁ ମାଗିବି ବୋଲି ଚିନ୍ତା କଲି। ମନକୁ ଆସିଲା, ଯାହାର ଅପର୍ଯ୍ୟାପ୍ତ ଧନ ଅଛି, ରଖିବାକୁ ଯାଗା ନାହିଁ, ସେଇ ବୁଧିଆ ଭାଇଙ୍କୁ ପ୍ରଥମେ ପଚାରିବି। ଆଉ ମାମୁଁ, ମଉସା କାହାକୁ ପଚାରିଲେ, ସମସ୍ତଙ୍କର ତ ଅଭାବୀ ସଂସାର। କାଳେ କାହା ପାଖରେ ପଇସା ନ ଥାଇ ପାରେ।

ଯାଇ ପହଞ୍ଚିଲି ବୁଧିଆ ଭାଇନାଙ୍କ ପାଖରେ। କାମରୁ ଫେରୁଥିଲେ, ନିଜର ରାଜଦୂତ ମୋଟର ସାଇକେଲରୁ ଓହ୍ଲାଇ ମୋତେ ପଚାରିଲେ, କୁଆଡେ ଆସିଛ, କଅଣ ଭଉଣୀ ବାହାଘର ନିମନ୍ତ୍ରଣ କରି ?

ମୁଁ ନିମନ୍ତ୍ରଣ ପତ୍ରଟି ଦେଇ ନିଜର ଅଭିସନ୍ଧି ଜଣାଇଲି। ମୋର କିଛି ଟଙ୍କା ବଣିଆକୁ ଦେବାକୁ ଦରକାର। ମାସ ଛଅଟା ପାଇଁ ଦୁଇହଜାର ଟଙ୍କା ଆବଶ୍ୟକ ଅଛି। ଯଦି ସାହାଯ୍ୟ ହଅନ୍ତା, ମୁଁ ଉପକୃତ ହୁଅନ୍ତି। ସମୟ ମୋ ପାଇଁ ମୂଲ୍ୟବାନ, କୁଆଡେ କାହିଁକି ମାଗିବାକୁ ଯିବି, ତୁମେ ତ ଜାଣିଛ। ମୋର ଚାକିରି ହୋଇଯାଇଛି। ପରୀକ୍ଷା ପରେ ମାସ ଦୁଇଟାରେ ତୁମର କରଜ ସୁଝିଦେବି।

ହଉ, ଦୁଇ ହଜାର ଟଙ୍କା ତ? କାଲି ସକାଳେ ଆସିଲେ ଦେଇଦେବି। ଏ କଥା କହି ମୋତେ ଆଶ୍ୱାସନା ଦେଲେ ବୁଧିଆ ଭାଇନା।

ହେଲେ, ମଙ୍ଗନ ଦିନ ସଂଧ୍ୟାଯାଏ ବି ଚାରିଥର ସକାଳ, ଖରାବେଳ, ରାତି ହୋଇ ଦେଖା କରିବାରେ କିଛି ମିଳିଲାନି। ବଚନେ କି ଦରିଦ୍ରତା ? ମିଳିଯିବାର ଆଶାରେ ମୁଁ ନିଶ୍ଚିତ ଥିଲି, ବୁଧିଆ ଭାଇନା ନିଶ୍ଚୟ ସାହାଯ୍ୟ କରିବେ। କାଲି ତ କହିଛନ୍ତି, କେମିତି ଦେଲେ ହେବ, 'ଚେକ୍, ଡ୍ରାଫ୍ଟ ନା ଟଙ୍କା' ? ମୁଁ କହିଥିଲି ଯାହା ଦେଲେ ହେବ। ସମୟ କମ୍ ହେତୁ ଟଙ୍କାଟା ମୋର ବେଶି ସାହାଯ୍ୟ କରିବ।

ଗାଁ ଭୋଜି ମଙ୍ଗନ ସଂଧାରେ। ଭୋଜି ପାଇଁ ନିମନ୍ତ୍ରଣ ସହିତ ବୁଧିଆ ଭାଇଙ୍କୁ ଦେଖା କରିବାକୁ ଗଲି ଦିନ ଦି ପହରରେ। ଭାଇ ନିରୁ ଭାଉଜଙ୍କ ସହିତ ଖାଇ ବସିଥିଲେ। ମୋତେ ଦେଖି ବୁଧିଆ ଭାଇ ଭାଉଜଙ୍କୁ ଜଣାଇଲେ, ଦୁଇ ହଜାର ଟଙ୍କା ଦରକାର ଅଛି ବାହାଘରରେ।

ବଡ ପାଟିରେ ନିରୁ ଭାଉଜ କହୁଥିବାର ଶୁଣିବାକୁ ପାଇଲି, "ହଇହେ, ଟଙ୍କା ଦେବା ଯେ, ସିଏ ସୁଝିବେ କେମିତି ?"

ଆଉ ଅଲାଜୁକ ପରି କିଛି ଶୁଣିବାକୁ ମୋର କାନ ପ୍ରସ୍ତୁତ ନଥିଲା। କାହିଁକି ଏଠାକୁ ଆସି ଏତକ ଶୁଣିଲି, ମୁଁ ନିଜକୁ କ୍ଷମା ଦେଇ ପାରୁ ନଥିଲି। ଏ ସବୁ ଭୁଲିଗଲି। କିନ୍ତୁ 'ଚେକ୍ କି ଡ୍ରାଫ୍ଟ' ନା ଶୁଣିଲେ ମୋର ଅତୀତ ଘଟଣାଟି ଲହରାଇ ଉଠେ, ବୁଦ୍ଧନାଥ ପ୍ରଧାନଙ୍କ ଚେଙ୍କ !

ଇସିଜି ମେସିନ୍ ଚାଲିଛି, ଯେତିକି ରେକର୍ଡିଂ ହୋଇଛି, କିଛିଟା ଗୁରୁତର ଦୋଷ ସନ୍ଦେହ ଆସୁଛି। ମୋର ଭାବନା ବି ଥମିନି।

ସେଇ ବିଭାଘରଟି ସୁରୁଖୁରୁରେ ହୋଇଗଲା। ଗାଁର ଦାସ ସାଥୁଆ ବଣିଆ ଭାଇଙ୍କ ଠାରୁ ଚାରି ମାସର ମହଲତ ନେଇ ତାଙ୍କର ଋଣ ପରିଶୋଧ କଲାପରେ ମୋ ମନରେ ଶାନ୍ତି ଆସିଲା। ବହୁ ବର୍ଷ ପରେ ପୁଣି ଦିନେ ମୋ ଘରେ ବୁଧିଆ ଭାଇ କାହାର ଭାତ ଜହମ ହେଉନି ବୋଲି ବୁଝିବାକୁ ଆସିଥିଲେ। ଭୁଲିଯାଇଥିଲି 'ଚେକ୍, ଡ୍ରାଫ୍ଟ ଓ ଟଙ୍କା' କଥା। ମୁଁ ମଣିଷ ହୋଇ ଏତେ ସହଜରେ ଭୁଲିବି ବା କିପରି ? ଅତୀତର ଅଭାବ ମୋ ପାଖରେ ମଉଳି ଯାଇଥିଲା ସତ, କିନ୍ତୁ ଏଇ ଶବ୍ଦଟି ମୋ ମନରେ ଅହେତୁକ କ୍ରୋଧ ଜାତ କଲା। କାଳେ କଅଣ କହି ପକାଇବି, ମୁଁ କୌଣସି ଆଳରେ ଘର ଭିତରକୁ ପଳାଇ ଆଉ ବାହାରକୁ ଆସିଲି ନାହିଁ। ମନରେ ମୋର ପ୍ରତିଧ୍ୱନିତ ହେଉଥାଏ, 'ଡାକ୍ତରୀ କି ହୋମିଓପାଥି ନା ଆୟୁର୍ବେଦୀ'କି ଔଷଧ ଦରକାର ବୁଧିଆ ଭାଇଙ୍କର ?

ଆଜି ସେମିତି ଗରଜ ପଡିଛି ବୋଲି ସିଏ ମୋ ପାଖକୁ ଆସିଛନ୍ତି। ବାଟ ନାହିଁ କୁଆଡେ ଯିବାକୁ। ସବୁ ଡାକ୍ତରମାନେ ତାଙ୍କୁ ମୋ ପାଖକୁ ପଠାଇ ଦେଇଛନ୍ତି। ସିଏ ନିଜର ପ୍ରାଣ ବଞ୍ଚାଇବାକୁ ଚେଷ୍ଟିତ। ମନରେ ଟିକିଏ କୁଣ୍ଠା ନାହିଁ କହିବାକୁ ଯେ, ସିଏ ମୋତେ ଅଭାବୀ ସମୟରେ ଅପମାନ ଦେଇଥିଲେ। ଟଙ୍କା ଦୁଇ ହଜାର ଫୋପାଡି ଦେବାର ଶକ୍ତି ଥିବା ବେଳେ ସିଏ ମନା ନ କରି ଧାର ଦେବାର ପ୍ରତିଶ୍ରୁତି ଦେଇଛନ୍ତି। ଧାର ନଦେଇ ଅପମାନିତ କରିଛନ୍ତି। ମୋର ମୂଲ୍ୟବାନ ସମୟରେ ଘରକୁ ସାତଥର ଡକାଇ ପରିଶେଷରେ ନିଜ ପତ୍ନୀଙ୍କ ଦ୍ୱାରା ଲଜ୍ଜିତ କରିଛନ୍ତି। ସାଧାରଣ ସାମାଜିକତାରୁ ଓହରି ଯାଇ ନିଜ ଅର୍ଥ ଗର୍ବରେ

ଖେଳି ବସିଛନ୍ତି । ଗାଁ ଟା ସାରା ଯିଏ ଶୁଣୁଛି, ତା ବିବେକକୁ ଛି ଛି କରିଛି । ଟଙ୍କା ଦେବାର ମାନସିକତା ନଥିଲେ, ମୂଳରୁ ମନା କରିଦେଇ ଥାଆନ୍ତୁ ।

ଏ ଭିତରେ ମୋର ଜଣେ ମାମଲତକାର ମଉସା ମୋତେ ବୁଝାଇ କହିଛନ୍ତି, "ପୁଅ, ସେ ବୁଧିଆଟା ଭାରି ଦୟାଳୁ, ଭାରି ପରୋପକାରୀ, ଦରକାର ପଡିଲେ ପର ପାଇଁ ଜୀବନ ଦେଇ ଦେବ ।"

ମୁଁ ମଉସାଙ୍କୁ କିଛି କହିଲି ନି, ମନରେ ଭାବିଲି ଦାନୀ କର୍ଣ୍ଣର ଆଉ ଗୋଟିଏ ଅବତାର ହୋଇ ଆମ ଗାଁରେ ବୁଦ୍ଧନାଥ ପ୍ରଧାନ ବୋଲି ମଉସା କେମିତ ଖବର ପାଇଲେ ? କଅଣ ବୁଦ୍ଧନାଥ କରିଛନ୍ତି ? ଯାହା ବି କରିଛନ୍ତି, କଅଣ ନିଜର ବିନା ସ୍ୱାର୍ଥରେ ? ଯଦି ଦଳିତଙ୍କ ପାଇଁ କରିଥିବେ ତେବେ ଜାଗା ଲୋଭରେ, ଯଦି ସାଧାରଣ ଲୋକଙ୍କ ପାଇଁ କରିଥିବା ଦେଖାଣିଆ ହୋଇ । ସିଏ କଦାଚିତ୍ ଦାନୀ କର୍ଣ୍ଣ ପଦବାଚ୍ୟ ହୋଇ ପାରିବେନି । ବିନା ଲାଭରେ ସିଏ ନିଜ ପିଣ୍ଡାରୁ ତଳକୁ ଓହ୍ଲାଇବେନି ।

ଇସିଜି ମେସିନରେ ରେକର୍ଡିଂ ସରିଗଲାଣି । ଅତି ସାଂଘାତିକ ହୃଦ୍‌ଘାତ ହୋଇଛି ବୁଦ୍ଧନାଥ ପ୍ରଧାନଙ୍କର ।

ତୁରନ୍ତ କୋରୋନାରି ଆଞ୍ଜିଓ ଓ ଷ୍ଟେଣ୍ଟିଙ୍ଗ୍ ଆବଶ୍ୟକ ହୋଇଛି । ତୁରନ୍ତ ଦୁଇ ଲକ୍ଷ ଟଙ୍କାର ଆବଶ୍ୟକତା ରହିଛି । କିନ୍ତୁ ପରିସ୍ଥିତି ଦୃଷ୍ଟିରୁ ସିଏ ନଗଦ କିଛି ଟଙ୍କା ଯୋଗାଡ କରିବାକୁ ଅକ୍ଷମ । ଚିକିତ୍ସା ନ ହେଲେ, ମୃତ୍ୟୁ ଅନିବାର୍ଯ୍ୟ । ତାଙ୍କ ସ୍ତ୍ରୀ ନିରୂପମା ପ୍ରଧାନ ବିସ୍ମୟାଭିଭୂତ ହୋଇ ପଡିଛନ୍ତି । ଘରେ ପୁଅ ପୁଅ ଭିତରେ ଘୋର ଗୋଳମାଳ, ବ୍ୟାଙ୍କ୍‌ରେ କଣ୍ଟ୍ରାକ୍ଟି ବ୍ଲାକ୍ ବୋଲି ଘୋଷିତ ହୋଇ ସିଜ୍ ହୋଇ ସାରିଛି । ଦୁର୍ଭାଗ୍ୟକୁ ସବୁ ବ୍ୟାଙ୍କ ଆକାଉଣ୍ଟ, ଜମା ଆଉ ଲକର୍ ଉପରେ ସିଲ୍ ମରାହୋଇ ଗଲାଣି । ବୁଦ୍ଧନାଥ ଜଣେ କଳା କଣ୍ଟ୍ରାକ୍ଟର ବୋଲି ଓଡିଶା ସରକାର ଘୋଷଣା କରିଛନ୍ତି । ଚୋରା ବେପାରି ଆଉ ତୋଷାମଦକାରୀ ବୋଲି ହୁରି ପଡିଗଲାଣି । ସେଇଠୁ ଆସିଛି ହୃଦ୍‌ଘାତ ।

ମୋତେ କିଛି କହିବାକୁ ଚାହୁଁ ଥିଲେ ବି ପାଟି ତାଙ୍କର ଖନି ମାରି ଯାଉଛି । କୋଉ ମୁହଁରେ କହିବେ, ଆମକୁ ଟଙ୍କା ଯୋଗାଡ କରିବାକୁ ସମୟ କିଛି ଦିଅନ୍ତୁ ! ମୋର ବିବେକ ମନାକଲା 'ଚେକ୍, ଡ୍ରାଫ୍ଟ ଓ ଟଙ୍କା'ର ଜବାବ ମାଗିବାକୁ । ମୋ ପାଖରେ ଯେତେବେଳେ ତାଙ୍କ ଜୀବନରକ୍ଷା ସାଧାରଣ ଚିକିତ୍ସା ହୋଇ ଯାଇଥିଲା, ବୁଦ୍ଧନାଥ ପ୍ରଧାନଙ୍କ ପାଖରେ ଥିଲା ଜୀବନ ମରଣର ଆର୍ଥିକ ସମୀକରଣ । ସିଏ ଅର୍ଥ ନ ଦେଲେ, ଅଳ୍ପ ସମୟରେ ତାଙ୍କର ପରିଣତି ଖରାପ ହେବ, ମୃତ୍ୟୁ ମୁଖରେ ପଡିବେ ।

ମୁଁ ଅପେକ୍ଷା କଲି । ପୁଅମାନେ ଆସିଲେ ନି । ଆଉ ମୋତେ କଅଣ ଆଉ ଥରେ 'ଚେକ୍, ଡ୍ରାଫ୍ଟ ଓ ଟଙ୍କା'ର ପ୍ରତିଶ୍ରୁତି ଦେବେ ! ଏଠି ତାର ମୂଲ୍ୟନାହିଁ । ସଳଖ ରୋକଡା ନ ଧରିଲେ ତ୍ରାହି ନାହିଁ । ସ୍ୱାମୀ ସ୍ତ୍ରୀଙ୍କର ମୁହଁରେ ଭାଷା ନାହିଁ । କେବଳ ଅନୁତାପର ଛବି ପ୍ରତିବିମ୍ବିତ । ଯିଏ ଦୁଇ ହଜାର ଟଙ୍କା ପାଇଁ ଏତେ କଠୋର ଭାଷା ପ୍ରୟୋଗ କରିପାରୁଥିଲେ, ଏବେ ଦୁଇ ଲକ୍ଷ ପାଇଁ କଅଣ ନ କହି ଥାଆନ୍ତେ ?

ନିଜ ଜବାବରେ ନିଜେ ନିରୁତ୍ତର ରହିଲେ । କିନ୍ତୁ ଆସନ୍ନ ମୃତ୍ୟୁ ମୁଖରୁ କିପରି ବଞ୍ଚିବେ, ସେଥିପାଇଁ ଆହତ ହରିଣୀ ପରି ଚାହିଁ ରହିଥିଲେ ।

ମୋ ପ୍ରତିଶ୍ରୁତି ବଳରେ ତାଙ୍କର ଚିକିତ୍ସା କରାଗଲା । ଧନ୍ୟ 'ଚେକ୍, ଡ୍ରାଫ୍ଟ ଓ ଟଙ୍କା'ର ରୂପ ଓ ଭେଳିକି । ଜୀବନଟା ମୂଲ୍ୟବାନ, କରିଥିବା କୃତକର୍ମର ଫଳ ନିଜକୁ ଭୋଗ କରିବାକୁ ପଡିବ । ସମାଜ ସାହାଯ୍ୟ ସହଯୋଗର କ୍ଷେତ୍ର । ଆଜି ଦେଇଥିଲେ କାଲିକୁ ପାଇ । ଯୁଗ ଯୁଗର ଉଦାହରଣ ରହିଛି । ସେଥପାଇଁ ଦଇବ ଖଞ୍ଜିଛି, ଯାହାକୁ ତାଚ୍ଛଲ୍ୟ କରିବେ, ତାକୁ ହିଁ ମୁଣ୍ଡିଆ ନ ମାରିଲେ, ପ୍ରାୟଶ୍ଚିତ ନାହିଁ, ଯାହାକୁ ଲଜ୍ଜିତ କରିବେ, ତା ଠାରୁ ଘୋର ଲଜ୍ଯା ପାଇବାର ଅବକାଶ ନିଶ୍ଚୟ ଆସିବ । ସ୍ୱର୍ଗ ନର୍କ ସବୁ ଲେଖା ଯୋଖା, ସବୁ କର୍ମର ଫଳ ଏଇ ଜୀବନରେ ଫଳେ !

ସମାରୋହ, ୧୨୮, ଡୁମୁଡୁମା (କ),
ଖଣ୍ଡଗିରି, ଭୁବନେଶ୍ୱର - ୩୦
ମୋବାଇଲ୍ - ୯୪୩୮୦୦୭୫୦୯
email: indramanijena552@gmail.com

# ଏକ ବିଶେଷ ପୃଷ୍ଠା: ଡକ୍ଟର ଅର୍ଚ୍ଚନା ନାୟକ

◆ ଅସିତ୍ ପ୍ରଧାନ

ଡକ୍ଟର ଅର୍ଚ୍ଚନା ନାୟକ ଉତ୍ତର ଆଧୁନିକ କଥା ଜଗତର ଜଣେ ଚିହ୍ନା ମୁହଁ। ତାଙ୍କ କଲମର ନିହାଣ ମୂନରୁ ସୃଷ୍ଟ କମକୂଟରେ ସାମ୍ପ୍ରତିକ ଚରିତ୍ର ମାନଙ୍କ ସହ ଅନେକ କାଳ୍ପନିକ ଓ ଐତିହାସିକ ଚରିତ୍ର ଚିରଭାସ୍ୱର ଓ ଅଣଭଙ୍ଗୁର। ସାଧାରଣ କଥାବସ୍ତୁକୁ ସେ କାହାଣୀରେ ସଜାଡି ପାରନ୍ତି। ପୁଣି ସାଧାରଣ ମାନବର କଳ୍ପନାଶକ୍ତିର ଉତ୍ତରିତ ସ୍ତରରୁ କାହାଣୀମାନଙ୍କୁ ଆକର୍ଷିତ କରିପାରନ୍ତି। ସେ କେଉଁ ବାୟୁବିମାନରେ ବସି ସାଧାରଣ ମଣିଷର ଚିନ୍ତନଶକ୍ତିର ଉର୍ଦ୍ଧ୍ୱସ୍ତରକୁ ଯାଆନ୍ତି ଆମେ ଜାଣୁନା। ସେ ଯେଉଁ ଦୂରବୀକ୍ଷଣ ଯନ୍ତ୍ରରେ ତାଙ୍କ ଗଳ୍ପ, ଉପନ୍ୟାସର କଥାବସ୍ତୁକୁ ଖୋଜନ୍ତି, ତା'ବି ଜାଣୁନା। କେବଳ ଏତିକି ଜାଣୁ ସେ ଜଣେ କଥା-ବିଜ୍ଞାନୀ, କଥାବସ୍ତୁ ସହ ଚରିତ୍ରମାନଙ୍କୁ ଏକ ଭିନ୍ନ ଗଠନଶୈଳୀର ରସାୟନରେ ଏମିତି ଯୋଗ କରିଦିଅନ୍ତି, ଯେ ତାଙ୍କ କାହାଣୀ ଗୁଡିକଠାରୁ ପାଠକ ଦୂରକୁ ଯାଇପାରିବ ନାହିଁ।

ଓଡିଆ ସାହିତ୍ୟରେ ସେ ଏକାଧାରାରେ ଜଣେ ଗାଳ୍ପିକ, ଔପନ୍ୟାସିକ, ପ୍ରାବନ୍ଧିକ, ସାହିତ୍ୟ ସମାଲୋଚିକା, ନାଟ୍ୟକାର, ଗୀତିକାର, ଅନୁବାଦିକା ଭାବରେ ପରିଚିତ। ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କର ପ୍ରକାଶ ପାଇ ସାରିଛି ପନ୍ଦର ଖଣ୍ଡ ଗଳ୍ପ ସଂକଳନ, ଚାରିଗୋଟି ଏକାଙ୍କିକା ସଂକଳନ, ତିନୋଟି ଗୀତି ସଂକଳନ, ଖଣ୍ଡିଏ ଅନୁବାଦ ଓ ଦୁଇଟି ଶିଶୁ ସାହିତ୍ୟ ରଚନା। ତାଙ୍କର ଉଲ୍ଲେଖନୀୟ ସାହିତ୍ୟ ସୃଷ୍ଟି ଗୁଡିକ ହେଉଛି: ଉପନ୍ୟାସ - ସାତ ପଦ୍ମର ଦୀପ ଓ ରାଣୀ ପଦ୍ମାବତୀ; ଗଳ୍ପ ସଂକଳନ - ସ୍ୱପ୍ନ ଗୋଧୂଳି, କୁହୁଡିପକ୍ଷୀ, ଅନ୍ୟ ନାୟିକା, ଶ୍ରମଣାର ପୃଥିବୀ, କାଳ୍ପନିକ ସତ୍ୟ, ହଂସ ପ୍ରହରୀ, ନକ୍ଷତ୍ରର ଭାଷା, ସାକ୍ଷୀ ଠାକୁରାଣୀ ଓ ଗନ୍ଧର୍ବ ବୀଣା ପ୍ରଭୃତି। ତାଙ୍କର କେତେକ ନିର୍ବାଚିତ ଗଳ୍ପ ହିନ୍ଦି ଓ ଇଂରାଜୀ ଭାଷାରେ ଅନୂଦିତ। କଟକ ଆକାଶବାଣୀର ସେ ଜଣେ ସ୍ୱୀକୃତିପ୍ରାପ୍ତ ଗୀତିକାର। ଓଡିଶା ପତ୍ରିକା ଜଗତରେ 'ଉଚ୍ଚାଙ୍ଗ ସାହିତ୍ୟ ଓ ଆଧ୍ୟାତ୍ମିକତାର ବାର୍ତ୍ତାବହ' ଭାବରେ ସୁପରିଚିତ। 'ସାବିତ୍ରୀ' ପତ୍ରିକାର ସେ ସଂପାଦିକା ଏବଂ ଜନପ୍ରିୟ ଆଧ୍ୟାତ୍ମିକ ପତ୍ରିକା 'ଅସ୍ପୃହା'ର ସଏ ମୁଖ୍ୟ ସଂପାଦିକା।

ଡ. ଅର୍ଚ୍ଚନା ନାୟକ ତାଙ୍କ ଅନନ୍ୟ ସାରସ୍ୱତ ସାଧନାର ସ୍ୱୀକୃତୀ ସ୍ୱରୂପ ରାଜ୍ୟର ବହୁ ପ୍ରତିଷ୍ଠିତ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ପୁରସ୍କୃତା ଓ ସମ୍ବର୍ଦ୍ଧିତା। ଏଣୁ ଯଥାର୍ଥରେ ଚଳିତବର୍ଷ ପାଇଁ ତାଙ୍କୁ ମିଳିଛି ସାହିତ୍ୟିକ ସମ୍ମାନ - ସତ୍ୟବାଦୀ ସାରସ୍ୱତ ସମ୍ମାନ। ଆମ ତାଳପଦେଶ୍ୱରୀ ସାହିତ୍ୟ ଆସର ପରିବାର ତରଫରୁ ତାଙ୍କୁ ଅନେକ ଅନେକ ଶୁଭେଚ୍ଛା ଆଉ ଶୁଭକାମନା। ତାଙ୍କ ସାହିତ୍ୟ ସୃଷ୍ଟି ଏମିତି ଅମଳିନ ଭାବରେ ଆଗେଇଚାଲୁ, ଏହି କାମନା ସହ ପର ପୃଷ୍ଠାରେ ତାଙ୍କର ଏକ ଚର୍ଚ୍ଚିତ ଗଳ୍ପ 'ରୁପା କରାଟ' ସ୍ଥାନିତ କରୁଅଛୁ।



# ରୁପା କରାଟ

[*ଗନ୍ଧର୍ବ ବୀଣା* ସଂକଳନରେ ପୃ-୨୫-୩୬ରେ ଡ. ଅର୍ଚ୍ଚନା ନାୟକଙ୍କ ରଚିତ ଗଳ୍ପ]

ସୁଦୂର ଜାମ୍‌ସେଦପୁରରୁ ଗାଁକୁ ବେଶିଥର ଆସିବା ବିଭୁପ୍ରସାଦଙ୍କ ପକ୍ଷରେ ସହଜ ହୁଏନାହିଁ। ସେଠି ସ୍ତ୍ରୀ ଓ ପିଲାମାନେ ରହୁଛନ୍ତି। ଗାଁରେ ବାପାବୋଉ ଓ ବଡ ତିନିଭାଇଙ୍କର ସଂସାର। ଗାଁକୁ ସପରିବାର ସବୁବେଳେ ଆସିବା ସମ୍ଭବ ନଥିଲା। କିନ୍ତୁ ବିଭୁପ୍ରସାଦ ବାପାବୋଉ ଭାଇଭାଉଜ ଓ ପିଲାମାନଙ୍କର ଆକର୍ଷଣ ଏଡେଇ ପାରନ୍ତିନାହିଁ। ସୁବିଧା ସୁଯୋଗ ମିଳିଲେ ସେ ଗାଁରେ ଆସି ପହଞ୍ଚିଯାନ୍ତି।

କେହି ତାଙ୍କ ଆସିବା ଉପରେ ଜୋର ନଦେଲେ ବି ପିଲାଠାରୁ ବୁଢାଯାଏ ସମସ୍ତେ ମନେମନେ ତାଙ୍କ ଆସିବା ବାଟକୁ ଚାତକ ପରି ଚାହିଁଥାନ୍ତି। ସେକଥା ବିଭୁପ୍ରସାଦ ଭଲଭାବରେ ଜାଣନ୍ତି। ତା'ଛଡା ଏ ସମସ୍ତଙ୍କୁ ଛାଡି ଏତେ ଦୂରରେ ରହିବା ତାଙ୍କୁ କୋଉ ଭଲଲାଗୁଛି। କିନ୍ତୁ କ'ଣ ଆଉ କରାଯିବ! ସେ ଭାଇମାନଙ୍କ ଭିତରେ ସବାସାନ। ସେଇ ଏକା କଲେଜରେ ପାଠ ପଢିଥିଲେ। ତାଙ୍କର ଜଣେ ସାଙ୍ଗର ଚେଷ୍ଟାରେ ଜାମ୍‌ସେଦପୁରରେ ଭଲ ଚାକିରିଟିଏ ମିଳିଯାଇଥିଲା। ସେ ଯିବେ କି ନଯିବେ ଦ୍ୱନ୍ଦ୍ୱରେ ପଡିଥିବାବେଳେ ତାଙ୍କର ବାପା ହିଁ ତାଙ୍କପାଇଁ ନିଷ୍ପତ୍ତି ନେଇଥିଲେ। ଗାଁରେ ବଡ ତିନିଭାଇ ରହୁଛନ୍ତ।

ବାପା ବୋଉଙ୍କ ଦାୟିତ୍ୱ ନେବାରେ କେହି ହେଳା କରିବେନି। ଏ ବଂଶରେ କେହି ଜଣେ ପୂର୍ବରୁ ଚାକିରି କରିନି। ସେଇ ଚାଷବାସ ଉପରେ ନିର୍ଭର। ତେଣୁ ଯେଉଁ ପୁଅଟି କଲେଜରେ ପାଠ ପଢିଛି ସିଏ ବା କୋଉ ହଳ ଲଙ୍ଗଳ ଧରିବ। ଯାଉ ସେ। କେହି ଆପତ୍ତି କରିନଥିଲେ।

ବିଭୁପ୍ରସାଦଙ୍କ ବିବାହ ପରେ ତାଙ୍କ ବାପା ବୋହୂକୁ ସାଥିରେ ନେଇକରି ଯିବାକୁ ମଧ୍ୟ ନିର୍ଦ୍ଦେଶ ଦେଲେ। ସେ ସମୟରେ ଯାହାଙ୍କର ପୁଅ ବାହାରେ ଚାକିରି କରୁଥିଲେ ତାଙ୍କ ସ୍ତ୍ରୀ ଶାଶୂ ଶଶୁରଙ୍କ ପାଖରେ ହିଁ ରହୁଥିଲା। ତେଣୁ ତାଙ୍କ ବୋଉ ଟିକେ ବିରକ୍ତି ପ୍ରକାଶ କରିଥିଲେ ବି ବାପାଙ୍କ ଆଗରେ ମୁହଁ ଖୋଲିବାକୁ ସାହସ କରିନଥିଲେ।

ବିଭୁପ୍ରସାଦ ଗାଁକୁ ଆସିଲେ ତାଙ୍କ ଘରେ ଉତ୍ସବ ଲାଗିଯାଉଥିଲା। କିନ୍ତୁ ସବୁ ଆନନ୍ଦ ଭିତରେ ବି ବିଭୁଙ୍କର ମନରେ ବିଷଣ୍ଣଭାବଟି ଲାଗି ରହୁଥିଲ। ସେ ବାରିଆଡକୁ ଯାଇ ବିସ୍ତାରିତ ଧାନକ୍ଷେତ ପଛକୁ ଅସ୍ପଷ୍ଟ ଦିଶୁଥିବା ଗାଁଆଡେ ଚାହିଁରହନ୍ତି। ତାଙ୍କର ଆଦ୍ୟ ତାରୁଣ୍ୟ ପର୍ଯ୍ୟନ୍ତ ସେ ଓ ତାଙ୍କର ପରିବାର ରହୁଥିଲେ ସେ ଗାଁରେ। ବିରାଟ ଗାଁ। ମଧୁସୂଦନପୁର। ମଝିରେ ଯାଇଥିବା ଦାଣ୍ଡର ଦୁଇପାଖରେ ସାହାଲାସାହାଲା ଘର। ପ୍ରତି ଘର ଆଗରେ ଗାଈବାଛୁରୀ ବନ୍ଧା ହୋଇଥିବାର ଦୃଶ୍ୟ ଆଖିରେ ନାଚି ଯାଉଥିଲା। ଆମ୍ବତୋଟାରେ ବୁଲିବା, ପୋଖରିରେ ପହଁରିବା ତାଙ୍କର ମନେ ପଡିଯାଏ ଓ ସେଠି ରହିଯାଇଥିବା ତାଙ୍କ କୁଟୁମ୍ବର ଲୋକେ ବି ଖୁବ୍ ମନେ ପଡନ୍ତି। ବେଶି ମନେପଡନ୍ତି କନି ଖୁଡୀ। ଯିଏ ତାଙ୍କୁ ନିଜ ପୁଅଙ୍କଠାରୁ ଅଧିକ କରି ଦେଖୁଥିଲେ।

ଏବେ ଏଇ ଯୋଉ ଗାଁକୁ ସେ ନିଜର ବୋଲି କହୁଛନ୍ତି ଇଏ ଗୋଟେ ଛୋଟକାଟର ଯାଯାବର ବସତିଠାରୁ ଅଧିକ ମନେହୁଏନି। ସେ ସ୍କୁଲ ପାଠ ସାରିବା ବେଳକୁ ମଧୁସୂଦନପୁରରେ ଘଟିଯାଇଥିବା ଘଟଣା ତାଙ୍କର ମନେଅଛି। ତାଙ୍କ ଜେଜବାପା ରଘୁବୀର ମାନ୍ଧାତା ସେ ଗାଁର ଜଣେ ଖୁବ୍ ପ୍ରତିପତ୍ତିଶାଳୀ ବ୍ୟକ୍ତି ଯଦୁ ରଣସିଂର ଚକ୍ରାନ୍ତର ଶିକାର ହୋଇ ବହୁତ ଜମିବାଡି ହରାଇଲେ। ସେଇ ଦୁଃଖରେ ସେ ନିଜର ବେଶ୍ ବଡଘର ଓ ଗାଁକୁ ଛିଃ କରିଦେଲେ। ନିଜ ପିଲାମାନଙ୍କୁ ନେଇ ଉଠିଆସିଲେ ଏଇ ଜାଗାକୁ। ପୂର୍ବରୁ ଏଠି କୁଟୁମ୍ବର ଲୋକେ କିଛି ଥିଲେ। ସେହିମାନଙ୍କ ସହାୟତାରେ ଘର କରି ରହିଲେ। ଜମିବାଡି ମଧ୍ୟ ବେଶ୍ କିଛି ଥିଲା ଏପାଖରେ। ତେଣୁ ବିଶେଷ କିଛି ଅସୁବିଧା ହେଲାନି।

ଜେଜେମା ତ ବହୁ ଆଗରୁ ଯାଇଥିଲା। ଏଇ ଘଟଣା ପରଠାରୁ ଜେଜେ ମଧ୍ୟ ସବୁବେଳେ ମୁଣ୍ଡତଳକୁ କରି ବସିରହିଲେ ଓ ଅଚାନକ ଚାଲିବି ଗଲେ।

ବଡ ତିନିପୁଅ ନୂଆ ବାସସ୍ଥାନକୁ ନେଇ ପ୍ରଥମେ ପ୍ରଥମେ ଅସନ୍ତୁଷ୍ଟ ହେଲେ ବି ସବୁକୁ ସମୟକ୍ରମେ ମାନିନେଲେ।

ଜୀବନର ଚକ ପଡିଗଲା ଭିନ୍ନ ଗୁଳାରେ। ତଥାପି ସ୍ୱଚ୍ଛନ୍ଦରେ ଗଡିଚାଲିଲା ଆଗକୁ ଆଗକୁ।

କିନ୍ତୁ ଏକା ବିଭୁ ହିଁ ଆଗକୁ ନଯାଇ ପଛକୁ ଫେରି ଚାହୁଁଥିଲେ। କନି ଖୁଡୀ ରହିଯାଇଛନ୍ତି ସେ ଗାଁରେ। ଯାହାଙ୍କୁ ଘଡିଏ ନ ଦେଖିଲେ ଖୁଡୀ ବାଇଆଣୀ ହୋଇଯାଉଥିଲେ ସେ ଖୁଡୀ ତାଙ୍କୁ କେତେବର୍ଷ ହେଲାଣି ଦେଖିନାହାନ୍ତି। କେତେ କଷ୍ଟ ପାଉଥିବେ ବିଚାରୀ।

ବିଭୁଙ୍କର କଷ୍ଟ କିଛି କମ୍ ନଥିଲା। ତାଙ୍କ ଜନ୍ମପରେ ତାଙ୍କ ବୋଉଙ୍କର ଦେହ ଏତେ ଦୁର୍ବଳ ହୋଇଯାଇଥିଲା ଯେ ସେ ପ୍ରାୟ ଘୁଷୁରୁଥିଲେ। କନି ଖୁଡୀ ହିଁ ତାଙ୍କୁ କୋଳକୁ ଟେକି ନେଇଥିଲେ। ସେହି ପିଲାଦିନୁ ସେ ନିଜ ବୋଉ ଅପେକ୍ଷା ଖୁଡୀଙ୍କୁ ହିଁ ଆଦରି ନେଇଥିଲେ। ସବୁ ଅଳି ଅଦଉତି ତାଙ୍କରି ପାଖରେ। ଏବେ ସେ ଚାକିରି କରୁଛନ୍ତି। ଖୁଡିଙ୍କ ପାଇଁ କେତେ କ'ଣ ଆଣିପାରନ୍ତେ କିନ୍ତୁ କେମିତି ଯିବେ ସେ ଗାଁକୁ।

ଯେଉଁ ଲୋକ ଲାଗି ଏତେ ଅନର୍ଥ ଘଟିଗଲା, ତା'ର ଥିଲା ପ୍ରଚୁର ଧନ। ତା ବଳରେ ସେ ଗାଁର କିଛି ଲୋକଙ୍କୁ ହାତମୁଠାରେ ରଖିଥିଲା। ସେ ଦଳରେ ବିଭୁଙ୍କ କୁଟୁମ୍ବର ମଧ୍ୟ କିଛି ନିଜ ଲୋକ ଥିଲେ। ସେ ସେମାନଙ୍କୁ ନିର୍ଦ୍ଦେଶ ଦେଇଥିଲା, ଯଦି ଲୋକନାଥଙ୍କ ପରିବାରର କେହି ବ୍ୟକ୍ତି ମଧୁସୂଦନପୁର ଗାଁରେ ପାଦ ଦେବ ତା ମୁଣ୍ଡକାଟି ମାଟିରେ ପୋତିଦେବ। ପର କଥା ସେ ବଝିବ। ଆଉ ମଧୁସୂଦନପୁରରେ ଥିବା ଲୋକନାଥଙ୍କ କୁଟୁମ୍ବର ମଧ୍ୟ କିଛି ନିଜ ଲୋକଥିଲେ। ଆଉ ମଧୁସୂଦନପୁରରେ ଥିବା ଲୋକନାଥଙ୍କ କୁଟୁମ୍ବର ଯଦି କେହି ସେ ଗାଁକୁ ଯିବ ତାକୁ ଏକଘରିକିଆ କରାଯିବ।

ବାସ୍ ଏତିକିରେ ସବୁ ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପଡିଗଲା। ଯିବାଆସିବା ପୂରା ବନ୍ଦ। କିନ୍ତୁ ବିଭୁଙ୍କ ମନ ଉପରେ ଏ କଟକଣାର କୌଣସି ପ୍ରଭାବ ନଥିଲା। ସେ ଗାଁକୁ ଆସିବା ମାନେହିଁ ମଧୁସୂଦନପୁରକୁ ଅଧିକରୁ ଅଧିକ ଝୁରିବା ଓ କନିଖୁଡୀଙ୍କ ପାଇଁ ବିକଳ ହେବା। ତାଙ୍କ ଭାଇମାନେ କ'ଣ ଭାବୁଥିଲେ ସେ ଜାଣନ୍ତି ନାହିଁ। ବରଂ ତାଙ୍କର ମନେହୁଏ ଯେ ଛାଡିଆସିଥିବା ଗାଁ ସମ୍ପର୍କରେ ପାଟି ନ ଫିଟାଇବାକୁ ସେମାନେ ଯେପରି ସ୍ଥିର କରିନେଇଛନ୍ତି।

ଗାଁଠାରୁ ବେଶ୍ କିଛିଦୂରରେ ଥିବା ଛୋଟିଆ ବଜାରଟିରେ ସବୁଆଡୁ କିଛିକିଛି ଲୋକ ଆସି ସଂଜବେଳେ ପହଞ୍ଚିଯାଆନ୍ତି। ଚା' ଜଳଖିଆ ସାଙ୍ଗକୁ ଖୁସିବାସି ଗପସପ ଚାଲେ। ଗାଁରେ ଥିବାତକ ବିଭୁଙ୍କର କାମହେଲା ସଂଜରେ ବଜାର ଯିବା ଓ ଘରେ ଥିବା ପିଲାଙ୍କ ପାଇଁ କିଛି ଖାଇବା ଜିନିଷ ନେଇଆସିବା। ତେବେ ତାଙ୍କର ମୂଳ ଉଦ୍ଦେଶ୍ୟ ଥାଏ ମଧୁସୂଦନପୁର ଗାଁର କାହା ସହିତ ଦେଖା ହୋଇଯିବାର ସୁଯୋଗ ପାଇବା ବିଶେଷକରି କନି ଖୁଡୀଙ୍କର ପୁଅ ରାମ, ଜଗୁ, ବିଦିଆଙ୍କୁ ତାଙ୍କର ଅପେକ୍ଷା ଥାଏ। ସେଇଠି ଦେଖାହେଲେ ଖୁଡୀଙ୍କର ଭଲମନ୍ଦ କେବଳ ବୁଝିପାରିବେ। ସବୁଥର ନହେଲେ ବି ମଝିରେ ମଝିରେ ଦେଖାହୋଇଯାଏ କୋଉ ନା କୋଉ ଭାଇ ସହିତ। ସେ ତାଙ୍କରିଠାରୁ ଜାଣନ୍ତି ମରିଯାଇଥିବା ଦାଦାଙ୍କ କଥା ମନେପକାଇ ଖୁଡୀ ମଝିରେ ମଝିରେ କାନ୍ଦନ୍ତି ସତ, ହେଲେ ଏମିତି ଦିନଟିଏ ତାଙ୍କର ଯାଇନି ଯେଉଁଦିନ ବିଭୁଙ୍କୁ ସେ ମନେପକାଇ ନାହାନ୍ତି। ତାଙ୍କୁ ଟିକେ ଦିବୋ ପାଇଁ ମା'ର ଡହଳବିକଳ ଅବସ୍ଥା ପୁଅମାନେ ଜାଣୁଥିଲେ ବି କ'ଣ କରିପାରିବେ।

ରଣସିଂ ଡରରେ ଗାଁ ଲୋକଙ୍କର ପିଳେହି ପାଣି। କିଏ ତା' କଥାର ଅନ୍ୟଥା କରିବ। ତା'ର ପୋଷା ଗୁଣ୍ଡାଙ୍କର ଉତ୍ପାତ ଅଧିକ। ସେ କ'ଣ ପ୍ରକୃତରେ କିଛି ଦେଖେ ନା କ'ଣ। ସବୁ ଖବର ଏଇମାନେ ନେଇ ପହଞ୍ଚାଇ ଦିଅନ୍ତି। ତେଣିକି କାହାକୁ ଦଣ୍ଡିବ କାହାକୁ ତାରିବ ତା' ନିଷ୍ପତ୍ତି।

ଏଥର ଗାଁରେ ପହଞ୍ଚିବା ପରେ ବିଭୁ କନିଖୁଡୀଙ୍କର କିଛି ଖବର ଅଛିକି ବୋଲି ପ୍ରଥମେ ପଚାରିଥିଲେ। କେହି କିଛି ଜାଣିନାହାନ୍ତି ବୋଲି କହିଲା। କିନ୍ତୁ ବାରିପଟକୁ ଯାଇ ମଧୁସୂଦନପୁର ଗାଁ ଆଡେ ସେ ଚାହିଁଥିବା ବେଳେ ହଠାତ୍ ତାଙ୍କୁ ଗାଁଟା ଯେମିତି ସ୍ପଷ୍ଟ ଦେଖାଗଲା। ଭାଲୁଆ ଆମ୍ବଗଛ, ପେଟୁଆ ବରଗଛ, ଫଳ ବୋଝେଇ ବେଲଗଛ ସବୁ ଦୃଶ୍ୟ ହେଉଥିଲେ। ଗାଁର ମଝିଦାଣ୍ଡ ଦେଇ ଗଲେ ତାଙ୍କର ଘର ସାମନା କନିଅର ଗଛଟି ବି ପେନ୍ଥା ପେନ୍ଥା ହଳଦୀରଙ୍ଗର ଫୁଲରେ ନଦି ହୋଇଥିଲା। କିନ୍ତୁ ଘର ଭିତରୁ କେମିତି ଗୋଟେ ଅସ୍ପଷ୍ଟ ସ୍ୱର ଭାସିଆସୁଥିଲା। ସେ ତାକୁ କାନପାତି

ନିବିଷ୍ଟ ଚିତ୍ତରେ ଶୁଣିବାକୁ ଚେଷ୍ଟା କରୁଥିଲେ। ପଛରୁ ବୋଉର ଡାକ ତାଙ୍କ ଧ୍ୟାନ ଭାଙ୍ଗିଦେଲା।

ଏତେ ସମୟ ବାରିପଟେ ଆସି ବିଭୁ କଣ କରୁଛି ଦେଖିବାକୁ ତାଙ୍କ ବୋଉ ବାଡିଖଣ୍ଡକ ଉପରେ ଭରାଦେଇ ଆସି ସେଠି ପହଞ୍ଚି ଯାଇଥିଲେ। ସେ ଜାଣନ୍ତି ବିଭୁଙ୍କର ମନର କଥା। ମଧୁସୂଦନପୁର ଗାଁ ଛାଡିଥିଲେ ବି ତାଙ୍କ ଚାଷଜମିର ବହୁ ଅଂଶ ଏଇପାଖରେ ଥିବାରୁ ସେମାନଙ୍କୁ ବେଶି ଅସୁବିଧା ହୋଇନଥିଲା। କିନ୍ତୁ ବିଭୁଙ୍କ ମନରେ ସେପଟ ଗାଁରେ ଥିବା ବିରାଟ ବାରିଥିବା ଘର କି ପାଖରେ ଥିବା ଜମିବାଡି ହରାଇବାର ଦୁଃଖ ନଥିଲା, କେବଳ ତାଙ୍କୁ କୋଳରେ କାଖରେ ପାଳିଥିବା ଖୁଡୀଙ୍କୁ ସେ ଭୁଲି ପାରୁନଥିଲେ।

ବୋଉର ଡାକରେ ବିଭୁଙ୍କର ଧ୍ୟାନ ଭାଙ୍ଗି ଯାଇଥିଲା। ଦୂରର କେବଳ ମଧୁସୂଦନପୁର ଗାଁର ଡେଙ୍ଗାଡେଙ୍ଗା ଗଛର ଅସ୍ପଷ୍ଟ ଆଭାସ ମାତ୍ର ରହିଯାଇଥିଲା। କିନ୍ତୁ ମନରେ ଶୁଣିପାରିଥିବା ସେ ଅସ୍ପଷ୍ଟ ସ୍ୱର କାହାର ଥିଲା! ବିଭୁ ଖୁବ୍ ଅସ୍ଥିରତା ନିଜ ଭିତରେ ଅନୁଭବ କରୁଥାନ୍ତି। ଅଥଚ କାରଣଟା ଜାଣିପାରୁନଥାନ୍ତି।

ସଂଜ ରତରତ। କେଇଟି ଛୋଟଚାଳିଆ ଦୋକାନ ଥିବା ବଜାର। ବିଭୁ ସେଠି ପହଞ୍ଚିବା ବେଳକୁ ଦେଖା ହୋଇଗଲା କନିଖୁଡୀଙ୍କର ମଝିଆଁ ପୁଅ ଜଗୁ ସହିତ। ଆଖପାଖରେ କେହି ନଥିଲେ। ଚାରିଆଡକୁ ସତର୍କ ଦୃଷ୍ଟି ପହଁରେଇ ନେଇ ଜଗୁ କହିଲା "ବିଭୁଭାଇ, ବୋଉ ମରଣ ଶେଯରେ। ହୋସ୍ ଥିବାଯାଏ ତୁମକୁ ଟିକେ ଦେଖିବା ପାଇଁ ବିକଳ ହେଉଥିଲା। ପରିସ୍ଥିତି କେତେ ବିଷମ ସେ ଜାଣେ। ଆଗରୁ କହେ ବିଭୁ ମୋର ଭଲରେ ଥାଉ। ହାତୀ ବନସ୍ତରେ ରହିଲେ ରାଜାର, ବିଭୁ ଯେଉଁଠି ରହିଲା ବି ମୋର। ଏଠିକି କାହିଁକି ଆସି ବିପଦ ମୁଣ୍ଡେଇବ। କିନ୍ତୁ ଏବେ ସେ ବିଚାର ତା' ମୁଣ୍ଡରେ ପଶୁନି। ଗୋଟିଏ କଥାରେ ଅଟକିଛି 'ବିଭୁ'। ମଝିରେ ମଝିରେ ହୋସ୍ ଆସିଲେ ସେ ତୁମକୁ ହିଁ ଖୋଜୁଛି। ଆମକୁ ଲାଗୁଛି ତା ପ୍ରାଣପକ୍ଷୀ ତୁମ ମାୟାରେ ଏମିତି ବାନ୍ଧି ହୋଇଛି ଯେ ଏତେ ସରିହେବା ପରେ ବି ତା' ପିଣ୍ଡ ଛାଡୁନାହିଁ।"

ଏତିକି କହି ସେ କାହାକୁ ଦେଖି ତରତର ହୋଇ ଚାଲିଯାଇଥିଲା। ତା ଉଦ୍ଦେଶ୍ୟରେ ବିଭୁ ପଛରୁ ପାଟିକରି କହିଲେ, "ଜଗୁ, ଖୁଡୀକୁ ମୋର କହିଦେବୁ ମୁଁ ଆସିବି ନିଶ୍ଚୟ। ସେ ମତେ ଅପେକ୍ଷା କରିଥିବ।"

ତାଙ୍କର ଉଦ୍‌ଘୋଷଣ ଯେମିତି ଖଣ୍ଡମଣ୍ଡଳରେ ବ୍ୟାପ୍ତ ହୋଇଗଲା। ଆକାଶକୁ ସଂଚରିଗଲା, ପାତାଳକୁ ବି ଭେଦିଗଲା। ଜୀବନକୁ ବାଜି ଲଗାଉଥିବାର ଧ୍ୱନିରେ ମୁହୂର୍ତ୍ତକ ପାଇଁ ଚରାଚର ସତେକି ସ୍ତବ୍ଧ ହୋଇଗଲା।

ମଧୁସୂଦନପୁରରେ ଛଟକରେ ପହଞ୍ଚି ଯାଇଥିଲା ସମ୍ବାଦଟା। ଉତଫୁଲ୍ଲିତ ହୋଇଯାଇଥରଲେ ରଣସିଂ ପୋଷା ଖଳଜନମାନେ। ଏତେ ଦିନକେ ରଘୁବୀର ମାନ୍ଧାତା ପରିବାରର ଜଣଙ୍କର ମୁଣ୍ଡଗଡାଇ ସେମାନେ ରଣସିଂ ତାଙ୍କ ଉପରେ ଢାଳୁଥିବା କୃପାବାରିର କିଛି ତ ପରିଶୋଧ କରିପାରିବେ। ତେବେ ରାତିକୁ ଅପେକ୍ଷା।

ବିଭୁଙ୍କର କେହି ସେ ବଜାରକୁ ଯାଇନଥିଲେ କି ତାଙ୍କର ଏପ୍ରକାର ଘୋଷଣା କାହାରି କାନରେ ପଡିନଥିଲା।

ବର୍ଷାଦିନ। ଆକାଶରେ ମେଘ ଢାଙ୍କି ରହିଛି। ଦିନବେଳେ ବି ଘର ଭିତର ଅନ୍ଧାର। ସଂଜ ହେଲେ କଥା ସରିଲା। ଜଳୁଥିବା ଡିବି ଓ ଲଣ୍ଠନକୁ ଚତୁର୍ଦ୍ଦିଗରୁ ଅନ୍ଧାରର ଆକ୍ରମଣ। ରାତି ଖାଇବା ସାରି ଶୋଇବାକୁ ଯିବାପୂର୍ବରୁ ଝିପିଝିପି ହେଉଥିବା ବର୍ଷାର ବେଗ ବଢିବାକୁ ଲାଗିଥିଲା। ପବନର ଝାଙ୍କରେ ଉଚ୍ଚାଉଚ୍ଚା ଗଛର ଡାଳପତ୍ର ସବୁ ବିଭିନ୍ନ ଦିଗକୁ ଝୁଙ୍କି ଯାଉଥାନ୍ତି।

ଘର ଆଲୁଅ ସବୁ ଲିଭିଗଲା। ଯିଏ ଯାହାର ଶୋଇବାକୁ ଗଲେ। ବିଭୁଙ୍କ ଆଖିରେ ନିଦ ନାହିଁ। କଥା ରଖିବାକୁ ହେବ। ସହରରୁ ଆଣିଥିବା ହାପ୍ ପ୍ୟାଣ୍ଟ ଓ ସାର୍ଟ ପିନ୍ଧି ଅଣ୍ଟାରେ ଚଉକଷ କରି ଭିଡିଦେଲେ ଗାମୁଛାଟାଏ। ମୁଣ୍ଡରେ ଖଦଡ ଧୋତିର ଶକ୍ତ ଠେକାଟାଏ ବାନ୍ଧି ହାତରେ ତିନିସେଲିଆ ଟର୍ଚ୍ଚଟାକୁ ଧରି ସେ ନିଃଶବ୍ଦରେ ବାରିକବାଟ ଖୋଲି ବାହାରିଗଲେ।

ଏପରି କାଳ ରାତିରେ ନଶୋଇ କିଏ ବା ପହରାଦାରି କରିବ! ମଧୁସୂଦନପୁର ଗାଁ ଆଡକୁ ଯାଇଥିବା ପରିଚିତ

ରାସ୍ତାରେ ବିଭୁଙ୍କର ପାଦ ଠିକ୍ ଯାଇ ଅଟକିଲା କନି ଖୁଡୀର ଘର ଆଗରେ। ଜଗୁ ଘରେ ଆସି ସମସ୍ତଙ୍କୁ ସଚଜବେଳେ ଘଟଣା କଥା କହିଦେଇଥିଲା। ତେଣୁ ଅନ୍ୟ ଭାଇମାନେ ଓ ତାଙ୍କ ସ୍ତ୍ରୀ ପିଲାଛୁଆ ସମସ୍ତେ ସନ୍ତ୍ରସ୍ତ ହୋଇ ରହିଛନ୍ତି। ସତରେ ବିଭୁ ଆସିଯିବେନି ତ ! କ'ଣ ତେଣିକି ହେବ କହି ଭାବିବାକୁ ବି ଭୟ କରୁଥାନ୍ତି।

ଡିବିଟିଏ କେବଳ ଜଳୁଥାଏ ଘରେ। ଜଗୁ ସଂଜରେ ଘରକୁ ଫେରି ବୋଉ କାନରେ ବାରବାର କହିଥିଲା "ବୋଉ, ତୋ ପୁଅ ବିଭୁ ତତେ ଦେଖିବାକୁ ଆସିବ ତୁ ହୋସ୍ ରେ ନ ରହିଲେ ଦେଖିବୁ କେମିତି ! ବାଲି ପାଣି ଟିକେ ପି'ଦେ।"

ସତକୁ ସତ କନି ନିଶ୍ଚୟ ତା' କଥା ଶୁଣି ପାରିଥିଲେ। ପାଟି ତାଙ୍କର ମନକୁମନ ଟିକେ ଆଁ ହୋଇଯାଇଥିଲା। ବଡ ବୋହୂ ତରତର ହୋଇ ବାଲିପାଣିରେ ତୁଳସୀ ଟିକେ ପକାଇ ଦି' ଢୋକ ପିଆଇ ଦେଇଥିଲା। ବୋଉ ଏତେ ସମୟ ପରେ ପାଣି ଟିକେ ପିଇଥିବାରୁ ପୁଅବୋହୂ ଖୁସି ହୋଇଗଲେ। କିନ୍ତୁ କାହିଁକି ପିଇଲେ ଭାବିଦେବାପରେ ସମସ୍ତଙ୍କ ମୁହଁ ଶୁଖିଯାଇଥିଲା।

ବେଶି ଖରାପ ଲାଗୁଥିଲା ଜଗୁକୁ। ମଲା ମା'କୁ ସେ ମିଛ କହିଛି। ଯାହା ହେବାର ନୁହେଁ ସେକଥା ସେ କହିଲା କାହିଁକି। ଅସାଡ ହେଇ ପଡିଥିବା ମା' ଦେହରେ ଛଟପଟ ହେଉଥିବା ପ୍ରାଣପକ୍ଷୀକୁ ସେ ଅଯଥା ଆଶା ଦେଇ ଆହୁରି ବିକଳ କଲା ନା।

ଦାଣ୍ଡ କବାଟରେ ଖୁବ୍ ଆସ୍ତେ ଶୁଣାଗଲା ଠକ୍ ଠକ୍ ଶବ୍ଦ। ଚମକି ପଡିଲେ ସମସ୍ତେ। ଜଗୁ ଦଉଡିଯାଇ କବାଟଟା ଦରଖୋଲା କରି ବାହାରକୁ ଚାହିଁଲା। ଘନ ଅନ୍ଧାର ଭିତରେ ବି ସେ ଜାଣିପାରିଥିଲା ବିଭୁ ଭାଇର ଉପସ୍ଥିତି। ହାତ ବଢାଇ ତାଙ୍କୁ ଘର ଭିତରକୁ ଟାଣି ନେଇଥିଲା। କବାଟ ତରତର କରି ବନ୍ଦ କରିବାବେଳେ କଳଙ୍କିଲଗା କବ୍‌ଜାର କେଁ ଶବ୍ଦଟାକୁ ନୀରବ କରିପାରିନଥିଲା।

ଏତେ ଦିନ ପରେ ନିଜର ପ୍ରିୟ ଭାଇକୁ ଦେଖି ଅନ୍ୟଭାଇମାନେ ଖୁସିହୋଇ ଯାଇଥିଲେ। ସଚେତନ ହେବା ପୂର୍ବରୁ ହିଁ ମୃଦୁ କଳରୋଳଟାଏ ସୃଷ୍ଟି ହୋଇସାରିଥିଲା।

କନି ଖୁଡୀଙ୍କର ବୁଜା ଆଖି ଆପେଆପେ ଖୋଲି ଯାଇଥିଲା। ବିଭୁ ତାଙ୍କୁ ଆଉଁଶି ପକାଇ ମୁହଁ ପାଖକୁ ମୁହଁ ନେଇ ବଡ ପାଟିରେ କହୁଥିଲେ "ଖୁଡୀ ତୋ ବିଭୁ ଆସିଛି। ଜାଣିପାରୁଛୁ ତ। ଦେଖ ମୋତେ ଭଲକରି ଦେଖ।"

କନି ଖୁଡୀଙ୍କର ପାଟି ପଡିଯାଇଥିଲା। ଶବ୍ଦଟିଏ ସ୍ଫୁରିବା ଆଉ ସମ୍ଭବ ନଥିଲା। କିନ୍ତୁ ମୁହଁରେ ଖେଳିଯାଇଥିଲା ପ୍ରସନ୍ନତାର ଛାଇ। ନିଥର ଓଠ ଉପରେ ହସର କୁନି ପ୍ରଜାପତିଟିଏ ଉଡିଆସି ବସିପଡିଥିଲା। ସମସ୍ତେ ବୁଝିପାରିଥିଲେ ଯେ ଜୀବନର ଶେଷ କେଇଟି ମୁହୂର୍ତ୍ତ ତାଙ୍କର ପରମ ପ୍ରାପ୍ତିରେ ପୂର୍ଣ୍ଣ ହୋଇଯାଇଛି। ପରେ ଆଖିଦୁଇଟି ବୁଜି ହୋଇଗଲା ଓ ଝରିପଡିଲା ଦୁଇଧାର ଲୁହ।

ବିଭୁ ଶେଷଥର ପାଇଁ କନିଖୁଡୀର ଛାତି ଉପରେ ମୁଣ୍ଡରଖି ନିଜର ଶୋକୋଚ୍ଛ୍ୱାସକୁ ସଂବରଣ କରିନେଲେ।

ଏବେ ସମସ୍ତଙ୍କୁ ତାଙ୍କ ନିରାପତ୍ତାର ଚିନ୍ତା ଘାରିବାକୁ ଲାଗିଲା। ବିଭୁଙ୍କର ଆସିବା ଖବର ଏଇ ଘନଘୋର ଅନ୍ଧାର ଓ ବର୍ଷା ରାତିରେ କାହା ପାକରେ ବା ପହଞ୍ଚିଥିବ ! କିନ୍ତୁ ସେ ଆଶ୍ୱସ୍ତି ପର ମୁହୂର୍ତ୍ତରେ ଭାଙ୍ଗିଗଲା। ଦାଣ୍ଡ କବାଟ ଖୋଲିବା ପୂର୍ବରୁ ଜଗୁ କହିଲା, "ଏଠି କେହି ଅଛନ୍ତି। ଛତା ଉପରେ ପାଣି ପଡବାର ଶବ୍ଦ ଜଣାପଡୁଛି।"

ବିଭୁ ତାଙ୍କୁ ଇସାରା କଲେ ଦାଣ୍ଡ କବାଟ ପାଖରେ ଚୁପ୍‌ଚାପ୍ କଥାହୋଇ ଜଗିଥିବା ଲୋକଙ୍କୁ ଭ୍ରମରେ କିଛି ସମୟ ରଖି ଦିଆଯାଉ। ସେ ବାରିକବାଟ ଖୋଲି ଅନ୍ଧାରରେ ବାହାରିଗଲେ।

ମଧୁସୂଦନପୁରରୁ ତାଙ୍କ ନୂଆ ଗାଁ ଯାଏ କେବଳ ବିଲ ରାସ୍ତା ନାହିଁ। ମଝିରେ ଗଉରୀ ନଈରୁ ବାହାରିଥିବା କେନାଟାଏ ଛୋଟ ନାଳହୋଇ ବହିଯାଇଛି। ଖରାଦିନେ ପୂରା ଶୁଖିଲା ପଡିଯାଏ। ଅସରାଏ ଭଲ ବର୍ଷା ହୋଇଗଲେ ନାଳରେ ପାଣିଚାଲେ। ଏବେତ ବର୍ଷା ଋତୁ। ନାଳ ଗଭୀର ନୁହେଁ, ପାଣିରେ ଉବୁଟୁବୁ। ସେଇ ନାଳ ଭିତରେ ପଶିତ ସେ ନିଜ ଗାଁକୁ ଆସିଥିଲେ। ସେଇବାଟ ଦେଇ ଏବେ ପୁଣି ଫେରିବେ।

ଟର୍ଚ୍ଚ ନମାରି ଠେକାକୁ ଶକ୍ତି କରି ମୁଣ୍ଡରେ ବାନ୍ଧିରଖି ସେମିତି ଅନ୍ଧାରରେ ଫେରୁଥାନ୍ତି। ପଛରୁ କିଏ ଠେଙ୍ଗାରେ ପାହାରେ ଦେଲେ ବି ଠେକା ପ୍ରଥମଥର ବେଶ୍ ସମ୍ଭାଳି ନେବ। ନାଳ ଭିତରେ ସେ ପଶୁଛନ୍ତି।

ଦେଖିପାରିଲେ ଗଛ ଉହାଡରେ ଛତାତଳେ ଲଣ୍ଠନଟିଏ ଦିକି ଦିକି ହୋଇ ଜଳୁଛି। କିଏ ଗୋଟାଏ ପଛରୁ ପାଟିକଲା "ଶଳା ଖସିଗଲାବେ, ଧର ତାକୁ।"

ନାଳ ସେପାଖୁ ଉତ୍ତର ଆସିଲା ଖସିବ କୁଆଡେ, "ଏଇ ନାଳ ମୁଣ୍ଡରେ ପରା ଜଗିଛୁ। ଯିବ କୁଆଡେ ନାଳରୁ ଉଠିବାବେଳକୁ ଦୁଇ ପାହାରରେ ଶେଷ କରିଦେବୁ।"

ବିଭୁ ନାଳ ମଝିରେ ସେମିତି ସ୍ଥିର ହୋଇ ରହିଗଲେ। ପଛକୁ ବା ଆଗକୁ ଯିବାକୁ ବାଟ ବନ୍ଦ। ମନେ ମନେ ମା ଭଗବତୀଙ୍କୁ ଡାକିଲେ "ମା, ତୁ ତ ଜାଣିଛୁ, ମୋ ମା'କୁ ଶେଷବେଳାରେ ଦେଖିବାକୁ ଆସିଥିଲି। ଏବେ ଯଦି ମରିଯାଏ କିଛି ବି ଅବସୋସ ରହିବନି। ଯଦି ତୁ ଚାହୁଁଛୁ ମୁ ବଞ୍ଚେ, ତେବେ ବାଟ ଦେଖା।"

ଭୁସ୍ କରି ଶବ୍ଦଟାଏ ହେଲା। କିଏ ଟୋକାଟାଏ ନାଳ ଭିତରକୁ ଡେଇଁପଡି ପାଣିର ସିଆରା କାଟି ତାଙ୍କ ଦିଗରେ ମାଡିଆସୁଛି। ଜଙ୍ଗାଏ ପବନରେ ସେମାନଙ୍କ ଲଣ୍ଠନଟା ବି ଲିଭିଗଲାଣି। ନାଳ ଉପରୁ ଘନଘନ ମିଳିତ ହୁଙ୍କାର "ଘୋଷାଡି ଆଣବେ, ନାଳ ମଝିରେ ଠିଆ ହୋଇଗଲେ ବର୍ତ୍ତିଯିବ ଭାବିଛି।"

ବିଭୁ ତାଙ୍କର ଖୁବ୍ ନିକଟରୁ ଆସିଯାଇଥିବା ସେ ଟୋକାଟାର ବେକକୁ ବିଜୁଳି ପରି ଟର୍ଚ୍ଚ ଧରିଥିବା ବାଁ ହାତରେ ଜୋର୍‌ରେ ଗୁଡାଇଧରି ଡାହାଣ ହାତରେ ଅଣ୍ଟାରେ ଭିଡା ହୋଇ ଜାମାତଳେ ରହିଥିବା ଦୁଇହାତିଆ ଖଣ୍ଡାଟାକୁ ବାହାର କରିଆଣି ତା ବେକରେ ଲଗାଇଦେଲେ। ଏଥର ଜଳିଉଠିଲା ତିନିସେଲିଆ ଟର୍ଚ୍ଚର ଲାଇଟ୍। ନୂଆ ଧାରଦିଆ ଖଣ୍ଡା ଚକ୍ ଚକ୍ କରିଉଠିଲା।

ତାଙ୍କ କବ୍‌ଜାରେ ରହିଛି ରଣସିଂ କୁଟୁମ୍ବର ରାଧୁ ମଙ୍ଗରାଜର ଏକମାତ୍ର ପୁଅ ବୁଲା। ଟର୍ଚ୍ଚଲାଇଟ୍ ନାଳଉପରକୁ ବୁଲିଆସିଲା। ହାତରେ ମସ୍ତମସ୍ତ ଠେଙ୍ଗା ଧରି ଠିଆ ହୋଇଛନ୍ତି ଦଶବାର ଜଣ ପାଞ୍ଚହାତିଆ ମଣିଷ।

ନାଳ ଭିତରୁ ବିଭୁ ବଡ ପାଟିରେ କହିଲେ "ଆରେ ତୁମେ ସବୁ ଖଣ୍ଡାୟତ, ମୁଁ ବି ଖଣ୍ଡାୟତ। ଆମେ ଜାଣିଛେ ମାରିବାକୁ ବା ମରିବାକୁ ଆମେ କେହି ଭୟ କରୁନା। ମୁଁ ଏକା ଏ ଶତ୍ରୁ ଅଞ୍ଚଳକୁ ଆସିବା ପୂର୍ବରୁ ମା' ଭଗବତୀଙ୍କ ପାଖରେ ମୋ ଜୀବନକୁ ପାଣି ଛଡେଇ ଦେଇଛି। ତୁମ ଧମକାଣକୁ ମୋର ଡର ନାହିଁ। ମୁଁ ଜାଣେ ତୁମର ଆଉ ଧର୍ମଜ୍ଞାନ କାହିଁକି ଧର୍ମକୁ ଭୟ ମଧ୍ୟ ନାହିଁ। ତା' ନହେଲେ ମରଣ ମୁହଁରେ ଥିବା ଜଣେ ମା'ର ଇଚ୍ଛା ପୂରଣ ପାଇଁ ତାକୁ ଶେଷଦେଖା କରିବାକୁ ଆସିଥିବା ତା' ପୁଅର ଜୀବନ ନେବାକୁ ଏତେ ଜଣ ବୟସ୍କ ଲୋକ ବର୍ଷା ଅନ୍ଧାର ରାତିରେ ଜଗିଛ। କ'ଣ ପାଇଁ ? ସେ କ'ଣ ତୁମର ଶତ୍ରୁକି। ନାଁ ମୁଁ ତୁମର ଶତ୍ରୁ ? ରଣସିଂ ପାପଧନରୁ କିଛି ପାଇବା ଲୋଭରେ ଏତେ ବଡ ପାପ କରିବାକୁ ବସିଛ ? ଧିକ୍ ତୁମକୁ।"

ଏଥିରେ ରାଧୁ ମଙ୍ଗରାଜର କରୁଣ ସ୍ୱର ଶୁଣାଗଲା, "ବିଭୁରେ ଆମେ ତୋ'ର କିଛି କ୍ଷତି କରିବୁନି। ମୋ ପୁଅକୁ ଛାଡିଦେ।"

ବୁଲାର ବେକକୁ ସଣ୍ଡୁଆଶି ପରି ଗୁଡାଇ ରଖିଥିବା ବିଭୁଙ୍କ ହାତ ଆଉ ଟିକେ ଚାପ ବଢାଇଦେଲା। ବୁଲା ଗଁ ଗଁ ହେଉଥାଏ।

ନାଳ ଉପରୁ ସମବେତ ଚିତ୍କାର "ଛାଡିଦେ ଛାଡିଦେ ତାକୁ। ଆମର ଦୋଷ ହୋଇଛିରେ। ଆମ କଥାରେ ପିଲାଟା ପାଣିକୁ ଡେଇଁପଡିଥିଲା। ତୁମ ଘର ଓ ରଣସିଂ ଘର ଭିତରେ ଥିବା ଶତ୍ରୁତା କଥା ସେ କିଛି ଜାଣିନି।"

ଏଥର ବିଭୁ ଦୃଢ ସ୍ୱରରେ କହିଲେ ସେ କିଛି ଜାଣେନି ବୋଲି ମୁଁ ମଧ୍ୟ ଜାଣିଛି। କିନ୍ତୁ ତୁମ୍ଭେମାନେ, ତୁମ ବାପାମାନେ ତ କଥାଟା ଜାଣିଥିଲେ। ତୁମମାନଙ୍କ ସହିତ ମୋ ଜେଜଙ୍କର କୌଣସି ଶତ୍ରୁତା ନଥିଲା। ରଣସିଂ ସହିତ ତାଙ୍କର କୋଉ କାରଣରୁ ବିବାଦ ହେଲା ସମସ୍ତେ ଜାଣିବି ଚୁପ୍ ରହିଲ। ଅନ୍ୟାୟକୁ ବିରୋଧ କରିବା ତ ଦୂରର କଥା, ଜେଜେ ଅଭିମାନରେ ଗାଁଛାଡି ଯାଉଥିବାବେଳେ କେହି ତାଙ୍କୁ ପଦଟିଏ ବି କହିଲ ନାହିଁ ଅଟକିଯିବା ପାଇଁ। ରଣସିଂ ଭୟରେ ତ ? ଏବେ ଚାହିଲେ, ତୁମମାନଙ୍କର ସେ ଅପରାଧ ପାଇଁ ବୁଲାକୁ ବଳି ପକେଇ ଏଇଠି ଗଡେଇଦେବି। କିଛି

ପ୍ରମାଣ ରହିବନି। ଗଉରୀ ନଈର ପାଣି କୁଆଡେ ନା କୁଆଡେ ଭସାଇନେବ।"

ନାଳ ଉପରେ ଠିଆହୋଇଥିବା ଲୋକଙ୍କର ମିଳିତ ମିନତିର ସ୍ୱର ଖୁବ୍ କରୁଣ ଶୁଣାଯାଉଥାଏ। ବିଭୁ ସେମିତି ବୁଲାକୁ ଧରି ନାଳ ଉପରକୁ ଉଠିଲେ। ସମସ୍ତେ ହାତରୁ ଠେଙ୍ଗା ଛାଡି ଦେଇଛନ୍ତି। ବିଭୁଙ୍କୁ ପ୍ରତ୍ୟୟ ଦେବାକୁ ବେଶ୍ ପଛକୁ ମଧ୍ୟ ଘୁଞ୍ଚିଯାଇଛନ୍ତି।

କିନ୍ତୁ ବିଭୁଙ୍କର ସ୍ୱର ତଥାପି ନରମ ହେଲାନାହିଁ। ସେ ତାଙ୍କ ଉଦ୍ଦେଶ୍ୟରେ ସେମିତି ଉଚ୍ଚ ସ୍ୱରରେ କହିଲେ, "ଅନ୍ୟଜଣକର ପୁଅକୁ ଜୀବନରୁ ମାରିଦେବାକୁ ବର୍ଷା ଅନ୍ଧାର ରାତିରେ ଏକଜୁଟ୍ ହୋଇଥିବା ଲୋକଙ୍କୁ ବିଶ୍ୱାସ କ'ଣ। ନିଜ ପୁଅ କଥା ପଡିଛି ବୋଲି ଏ ସାଧୁପଣ ; ନାଁ ସୁଯୋଗର ଅପେକ୍ଷା ? ଏଇ ବୁଲା ଚାଲ ମୋ ସାଙ୍ଗରେ। ମୋ ଗାଁ ମୁଣ୍ଡରେ ମୁଁ ତତେ ଛାଡିବି। ପଛରେ କେହି ଆସିବେ ନାହିଁ।"

ବୁଲା ବାଧ୍ୟ ଶିଶୁଟି ପରି ବିଭୁଙ୍କ ହାତବେଢାରେ ତା' ବେକଟିକୁ ସମର୍ପି ଦେଇ ଚାଲିଥାଏ। ମାତ୍ର କିଛି ବାଟ ଆଗକୁ ଯିବାପରେ ବିଭୁ ତା' ବେକରୁ ହାତ ଖସାଇନେଲେ। ତଥାପି ସେ ପଳାଇ ନଯାଇ ତାଙ୍କ ସାଙ୍ଗରେ ଚାଲୁଥାଏ।

ବିଭୁ ତା ପିଢିକୁ ଥାପୁଡାଇ ଦେଇ କହିଲେ, "ଶତ୍ରୁର ବଳ ନଜାଣି ଆଗକୁ ଡେଇଁ ପଡୁଥଥବା ଆଗଚଲାମାନଙ୍କର ଏଇ ଅବସ୍ଥା ହୁଏ। ଯା, ଗାଁକୁ ଫେରିଯା।"

ବୁଲା କାନ୍ଦ କାନ୍ଦ ହୋଇ କହିଲା "ବିଭୁ ଭାଇ, ମତେ କ୍ଷମା କରିଦେବ।"

ବୁଲା ପଛକୁ ଫେରି ସେଇ ଅନ୍ଧାରରେ ହିଡେ ହିଡେ ଦୌଡିବାକୁ ଲାଗିଲା। କିନ୍ତୁ ନିଃଶବ୍ଦରେ ଘରୁ ବାହାରି ଯାଇଥିବା ପରି ପୁଣି ସେଇ ନିଃଶବ୍ଦତାରେ ନିଜ ଘର ବଖରା ଭିତରକୁ ପଶିଗଲେ।

ଓଦା କାଦୁଅ ଲୁଗା ଘର କୋଣରେ ପକାଇ ଶୋଇପଡିଲେ ଖଟରେ। କିଛି ସମୟ ପୂର୍ବରୁ ଘଟିଥିବା ଘଟଣା ତାର ଗୁରୁତ୍ୱ ହରାଇ ବସିଥିଲା। ଏବେ କେବଳ ଦିଶୁଥିଲା କନି ଖୁଡୀଙ୍କର ଶୁଖିଲା ଓଠରେ ଉକୁଟି ଉଠିଥିବା ସେଇ ଛୋଟ ହସର ଧାରଟିଏ।

ସକାଳୁ ଉଠିବାବେଳକୁ ବେଶ୍ ବେଳ ହୋଇଗଲାଣି। ବୋଉ ଘର ଭିତରେ ପଶି କାଦୁଆ ହୋଇଥିବା ଓଦା ଲୁଗା ନେଇ କୂଅମୂଳରେ କାଚି ଶୁଖାଇ ସାରିଲାଣି। ବୋଧହୁଏ ସେ ଅନୁମାନ କରିସାରିଛି।

ଦୁଇ ଗାଁ ମଝିରେ ପଡୁଥିବା ଶ୍ମଶାନରେ ବେଳ ଦୁଇ ଘଡିକୁ ଜଳିଉଠିଲା କନି ଖୁଡୀର ଜୁଇ। ସିଆଡକୁ ଚାହିଁ ବିଭୁଙ୍କ ଘରଲୋକେ ଆଖିରୁ ଲୁହ ପୋଛୁଥିଲେ। ଜୁଇ ଜଳିବା ଶେଷ ହେବା ଯାଏ ସେଇ ଦିଗରେ ନିଜ ବାରି ଆମ୍ବଗଛ ମୂଳେ ବସି ଚାହିଁଥିଲେ ବିଭୁ।

ସଂଜରେ ଜାମ୍‌ସେଦପୁର ତାଙ୍କର ଫେରିଯିବା କଥା। ସେ ବାହାରୁଛନ୍ତି ଜଗୁ ଆସି ପହଞ୍ଚିଗଲା। ସେ ଗାଁ ଲୋକଙ୍କ ଡରରେ ଏତେ ବର୍ଷ ଭିତରେ କୁଟୁମ୍ବ ଭିତରେ କାହର ଯିବା ଆସିବା ନଥିବାବେଳେ ସମସ୍ତେ ତାକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ସେ ତା' ବୋଉର ମୃତ୍ୟୁ ଖବର ଦେବାକୁ ଆସିନଥିଲା। ସେ ଜାଣିଥିଲା ସେ କଥା ସମସ୍ତେ ଜାଣି ସାରିଛନ୍ତି।



ସେ ବିଭୁଙ୍କ ପାଖକୁ ଯାଇ ରୁପା କରାଟଟିଏ ତାଙ୍କ ହାତକୁ ବଢ଼ାଇଦେଇ କହିଲା "ଭାଇ ବୋଉ ଏଇଟା ତୁମକୁ ଦେବାପାଇଁ କହିଥିଲା। ତୁମେ ଆଜି ଫେରିଯାଉଛ ଜାଣି ଜୁଇ ଶୀତଳ ହେବା ପୂର୍ବରୁ ମୁଁ ତୁମ ଜିନିଷଟା ତୁମକୁ ଦେଇଯାଉଛି।" ଆଉ କିଛି ନକହି ସେ ଫେରିଗଲା।

ବିଭୁ ହାତରେ ଧରିଥିବା ରୁପା କରାଟଟିକୁ ରାହିଁଥିଲେ। କନିଖୁଡୀ ଏକକାନିକିଆ ଲୁଗା ପିନ୍ଧିବାବେଳେ ଏଇ କରାଟଟିକୁ ଶାଢ଼ିରେ ଗୁଡାଇ ଖୋସଣି ମାରିଦିଅନ୍ତି। ବିଭୁଙ୍କର ଭାରି ଲୋଭ ଥିଲା ସେ କରାଟ ଉପରେ। ସେ ଜାଣନ୍ତି ଖୁଡୀ ସେଥିରେ କିଛି ପଇସା ରଖନ୍ତି। ବେଶି ଜିଦ୍ କଲେ ସେ ସେଥିରୁ ଦୁଇ ପଇସା କି ଅଣାଏ କାଢ଼ିଦିଅନ୍ତି। କେହି ବୁଝିପାରନ୍ତିନି ଗାଁକୁ ବେଳେ ବେଳେ ଆସୁଥିବା ଗୁଡିଆ ପାଖରୁ ଅନ୍ୟ ପିଲାଙ୍କ ପକ୍ଷରେ ମୁଢ଼ି ମୁଆଁଟିଏ କିଣି ଖାଇବା ସମ୍ଭବ ହେଉନଥିବା ବେଳେ ବିଭୁ ଗୁଡିଆର ଡାଲା ଭିତରେ ଥିବା ସବୁଠାରୁ ଦାମିକିଆ ଚିଜ କାନ୍ତିପିଠା ପ୍ରତିଥର କିଣି ଖାଉଛନ୍ତି କିପରି !

ଗୋଟା ସୁଦ୍ଧା ସେ ରୁପା କରାଟଟିକୁ ହାତେଇବାର ଚେଷ୍ଟାକରି ବିଭୁ ଅନେକଥର ବିଫଳ ହୋଇଥିଲେ।

ଥରେ ସେ କହିଥିବା କଥାଟା ମନେ ପଡ଼ିଯାଇଥିଲା। କନି ଖୁଡୀଙ୍କୁ ଖୁବ୍ ହତାଶିଆ କଣ୍ଠରେ କହିଥିଲେ "ଖୁଡୀ ଏ କରାଟଟା ତୋ ପାଖରେ ଏବେ ଥାଉ ତୁ ମରିଗଲା ପରେ ମୁଁ ନେବି।"

ସେ ପିଲାଦିନର କଥା ତାଙ୍କର କରାଟଟି ଦେଖିବା ପରେ ହିଁ ମନେ ପଡ଼ିଥିଲା।

ବିଭୁଙ୍କର ଆଖିରୁ ଅବାରିତ ଲୁହର ଧାର ଝରିଆସିଲା। ସେ ରୁପା କରାଟଟିକୁ ଦୁଇହାତରେ ଛାତି ଉପରେ ଜାକିଧରି କାନ୍ଦି ଚାଲିଥିଲେ।

ବଡ ଭାଇ ଆସି ଡାକିଲେ "ଆରେ ବିଭୁ, ତୋ ଗାଡିବେଳ ହୋଇଗଲାଣି। ବସ ଆସିଯିବ। କଟକ ଯାଇ ସେଠୁ ପୁଣି ଟ୍ରେନ୍ ଧରିବୁ। ଶୀଘ୍ର ବାହାରିଆ।"

ଲୁହ ପୋଛି ବିଭୁ ଲୁଗାପଟା ପିନ୍ଧିବାବେଳେ ତାଙ୍କ ବୋଉ ଘର ଭିତରକୁ ପଶି ଆସିଲେ। କାନ୍ଥଠଣାରେ ଥୁଆ ହୋଇଥିବା କରାଟଟିକୁ ହାତରେ ଉଠାଇନେଇ କହିଲେ ଆରେ "ଇଏ କଣ ଏତେ ଭାରୀ ଜଣାପଡୁଛି। କନି ତା' ବାପଘରୁ ଆସିବାବେଳେ ଯୋଉ ଗୋରାସାଇବ ମୁଣ୍ଡଚିହ୍ନ ଥିବା ରୁପାଟଙ୍କା ଦୁଇ ପୁଞ୍ଜା ଆଣିଥିଲା, ତାକୁଇ ବୋଧେ ଏ କରାଟରେ ପୂରାଇ ଦେଇଛି। ଖୋଲିକରି ଦେଖୁନୁ ସେଥିରେ କ'ଣ ରଖିଛି।"

ବିଭୁ ଟିକିଏ ହସିଦେଇ କହିଲେ "ବୋଉ ମୋ ଜନ୍ମବେଳରୁ ଖୁଡୀର ମରିବାଯାଏ ମୋ ପାଇଁ ସେ ସାଇତିଥିବା ସ୍ନେହର ଓଜନ କ'ଣ କମ୍ ହେବକି ! ଖୋଲିବିନି ତାକୁ। ମୁଁ ମଲାଯାଏ ମୋ ପାଖରେ ତାକୁ ସାଇତି ରଖିବି।"

ଘର ବାହାର ପଟରୁ ପୁଣି ବଡ ଭାଇଙ୍କ ଡାକ ଶୁଣି ବିଭୁ କରାଟଟିକୁ ପ୍ୟାଣ୍ଟ ପକେଟରେ ପୂରାଇ ବାହାରି ପଡ଼ିଥିଲେ।

# ଶ୍ରୀମତୀ ବନଜ ଦେବୀଙ୍କୁ କେତୋଟି ପ୍ରଶ୍ନ

**ଉପସ୍ଥାପନା - ଅସିତ୍ ପ୍ରଧାନ ଏବଂ ମିଥୁନ ମଲ୍ଲିକ**


ମର୍ଯ୍ୟାଦାଜନକ ଶାରଳା ପୁରସ୍କାର ପ୍ରାପ୍ତି ପାଇଁ ଆମେମାନେ ଆପଣଙ୍କୁ ପ୍ରଣାମ ଜଣାଉଛୁ। ଶୁଣିଛୁ, ଆପଣ 'ଆମର ତାଳପଦେଶ୍ୱରୀ ସାହିତ୍ୟ ଆସର'କୁ ବହୁବର୍ଷ ପୂର୍ବରୁ ଆସିଥିଲେ। ଚଳିତ ବର୍ଷ ଆମର ବାର୍ଷିକ ପତ୍ରିକା 'ଭୋର୍' ପାଇଁ ଆପଣଙ୍କୁ କେତୋଟି ପ୍ରଶ୍ନ ପଚାରିବାକୁ ଆମେ ଆଗ୍ରହ କରିଥିଲୁ। ତାଙ୍କୁ ପୁରୁଣା ଭୁବନେଶ୍ୱରରେ ତାଙ୍କ ବାସଭବନ 'ଶିବଛାୟା'ରେ ତାଙ୍କୁ ଆମେ ଭେଟିଥିଲୁ।

**ପ୍ରଶ୍ନ. ୧ - ଆପଣଙ୍କର ପ୍ରଥମ ଲେଖା (ଗଳ୍ପ ବା କବିତା) କେଉଁଠି କେବେ ପ୍ରକାଶିତ ହୋଇଥିଲା ?**

ଉତ୍ତର.୧ - ମୋର ପ୍ରଥମ କବିତା ଅନୁଗୁଳ ହାଇସ୍କୁଲରେ ପଢିଲାବେଳେ ସ୍କୁଲ ମାଗାଜିନ୍‌ରେ ପ୍ରକାଶିତ ହୋଇଥିଲା। ମୁଁ ଯେତେବେଳେ ସପ୍ତମ ଶ୍ରେଣୀରେ ପଢୁଥିଲି। କବିତାର ଶୀର୍ଷକ ଥିଲା ବାପୁଜୀ। ଏବେ ବି ପ୍ରଥମ ପଦଟି ମୋର ମନେଅଛି। ବିଶ୍ୱ ପୂଜନୀୟ ବାପୁଜୀ ତମେ ହେ, ବିଶ୍ୱଜନ କର୍ଣ୍ଣଧାର.....।

**ପ୍ରଶ୍ନ. ୨ - ଲେଖାଲେଖିପାଇଁ ଆଗ୍ରହ ବଢିଥିଲା କିପରି ? ଏହାର ପୃଷ୍ଠଭୂମି ବିଷୟରେ ଦି ପଦ କୁହନ୍ତୁ।**

ଉତ୍ତର.୨ - ଖୁବ୍ ପିଲାଦିନୁ ମୁଁ ବହି ପ୍ରତି ଅନୁରକ୍ତ ହୋଇପଡିଥିଲି। ପଞ୍ଚମ ଶ୍ରେଣୀରେ ପଢିଲାବେଳେ ପ୍ରଥମେ ପଢିଲି ଗୋଟିଏ ଉପନ୍ୟାସ କୁନ୍ତଳା କୁମାରୀଙ୍କର 'ପରଶମଣି'। ବହିଟି ମୋତେ ଖୁବ୍ ଆଲୋଡିତ କରିଥିଲା। ସେଇଦିନଠାରୁ ବହି ପଢିବା ନିଶା ହୋଇଗଲା। ଆମଘରେ



କେହି ଲେଖକ ନଥିଲେ କିନ୍ତୁ ମୋ ବାପା ବଡବାପା ଭଲ ପାଠକ ଥିଲେ। ଆମ ଘରେ ବହୁତ ବହି ଓ ତତ୍‌କାଳୀନ ସାହିତ୍ୟ ପତ୍ରିକା ମହଜୁଦ୍ ଥିଲା। କବୁ ସୂର୍ଯ୍ୟଦେବ ଗ୍ରନ୍ଥାପଳୀ, ଗୋପାଳକୃଷ୍ଣ ପଦ୍ୟାବଳୀ, ବନମାଳୀ ପଦ୍ୟାବଳୀ, ଲାବଣ୍ୟପତୀ, ବିଦଗ୍ଧ ଚିନ୍ତାମଣି, ଭାଗବତ, ରାମାୟଣ, ମହାଭାରତ, ଏ ସବୁ ପ୍ରାଚୀନ ଗ୍ରନ୍ଥ ଥିଲା। ଆଧୁନିକ ସାହିତ୍ୟ ଭାବେ କୁନ୍ତଳାକୁମାରୀ, କାହ୍ନୁଚରଣ ଓ ଗୋପୀନାଥ ମହାନ୍ତିଙ୍କ ଅନେକ ବହିଥିଲା। ସେଇ ପଞ୍ଚମ ଶ୍ରେଣୀରେ ମୁଁ ଗୋପୀନାଥ ମହାନ୍ତିଙ୍କ 'ହରିଜନ' ପଢି ସାରିଥିଲି। ଏହି ବହି ପ୍ରତି ପ୍ରବଳ ଆଗ୍ରହ ମୋ ଭିତରେ ଲେଖିବାର ତାଡନା ସୃଷ୍ଟି କରିଥିଲା। ଷଷ୍ଠ ଶ୍ରେଣୀରେ ପଢିଲାବେଳେ ସାହିତ୍ୟ ବହିରେ ପଢାଯାଉଥିଲା କବି ଗଡନାୟକଙ୍କର ଗୋଟିଏ କବିତା "କନିଅର ଫୁଲ"। ତାର ପ୍ରଥମ ଧାଡି ଥିଲା, "ହେମ ଗଉର ତନୁଟି ଢଳଢଳ / ଉଷା ଶିଶିର ସ୍ନାହାନେ ଛଳଛଳ"। ଏହି କବିତାଟି ମତେ ଆହୁରି ମୁଗ୍ଧ କରିଥିଲା। ଏଇଠୁ କବିତାର ମୋହରେ ପଡିଲି ଆଉ ମୁକୁଳି ପାରିଲିନାହିଁ। ମୋର ବଡଭାଇଙ୍କର ପଢାଯାଉଥିଲା କବି ଗଡନାୟକଙ୍କର 'ଉତ୍କଳିକା'। 'ବୀରରାଣୀ ଶୁକଦେଈ' କବିତାଟି ମତେ ଆହୁରି ମୁଗ୍ଧ କଲା। ମୁଁ କବିତା ପଢିବାକୁ ଆକୁଳ ହେଲି। ଏଇଠୁ ଆରମ୍ଭ ହେଲା କବିତା ଲେଖା। ଆବୁରୁଜାବୁରୁ କରି ଲେଖିଦିଏ। 'ମୀନା ବଜାର'କୁ ପଠାଉଥାଏ। ଦେଢ ବର୍ଷ ପରେ ମୋ କବିତା ମୀନାବଜାର ପୃଷ୍ଠାରେ ପ୍ରକାଶିତ ହେଲା। ସେଇଦିନଠୁ ଚାଲିଛି।

**ପ୍ରଶ୍ନ.୩ - ଗଳ୍ପ, ଉପନ୍ୟାସ, କବିତା କେଉଁ ମାଧ୍ୟମରେ ଆପଣ ଅଧିକ ସ୍ୱଚ୍ଛନ୍ଦ? କାହିଁକି?**

ଉତ୍ତର.୩ - ନାରୀଟିଏ ବହୁଭାବରେ ନିଜକୁ ବାଣ୍ଟି ଦେଇଥାଏ। ସାହିତ୍ୟରେ ନିଜକୁ ବାଣ୍ଟିଲାବେଳେ କିଛି ଅସୁବିଧା ହେବ କାହିଁକି? ଅନ୍ତର୍ନିହିତ ଆବେଗ ଓ ଭାବନା ସ୍ୱଚ୍ଛନ୍ଦରେ ତାର ମାଧ୍ୟମ ଖୋଜିନେଏ। ସବୁକିଛି ମୁଁ ସ୍ୱଚ୍ଛନ୍ଦରେ ଲେଖିଥାଏ। ତେବେ ଉପନ୍ୟାସ ଲେଖିବାବେଳେ ଅଧିକ ସ୍ୱଚ୍ଛନ୍ଦ ବୋଲି ହୃଦ୍‌ବୋଧ ହୁଏ।

**ପ୍ରଶ୍ନ.୪ - ଆପଣଙ୍କ ଗଳ୍ପ ପ୍ରକାଶନ ସମୟରେ ପ୍ରକାଶନ ବ୍ୟବସ୍ଥା ଏତେ ଉନ୍ନତ ନଥିଲା। ଆପଣ କିପରି ପ୍ରକାଶକଙ୍କ ସହିତ ଯୋଗାଯୋଗ ରକ୍ଷା କରିଥିଲେ?**

ଉତ୍ତର.୪ - ଦୀର୍ଘଦିନ ଧରି ଲେଖାଲେଖି କଲେ ମଧ୍ୟ ମୋର ବହି ବହୁ ବିଳମ୍ବରେ ପ୍ରକାଶିତ ହେଲା ପ୍ରକୃତରେ ମତେ ପରିଚୟ ଦେଇଛନ୍ତି ପତ୍ରପତ୍ରିକାମାନେ। ମୋର ପ୍ରଥମ ଓ ଦ୍ୱିତୀୟ କବିତା ବହିର ପ୍ରକାଶକ ମୁଁ ନିଜେ। ସେତେବେଳର ପ୍ରକାଶକ ମାନେ ଲବ୍ଧପ୍ରତିଷ୍ଠ ଲେଖକମାନଙ୍କ ବହି ଛାପୁଥିଲେ। ମୋର ଦୁଇଟି ଉପନ୍ୟାସ ପ୍ରକାଶକଙ୍କ ପାଖରେ ପଡିରହିଲା ଓ ଅବଶେଷରେ ହଜିଗଲା। ତଥାପି ସେତେବେଳର କିଛି ପ୍ରକାଶକ ମୋର ଉପନ୍ୟାସ ଛାପିଛନ୍ତି। ପ୍ରକାଶକ ମାନଙ୍କୁ ନେଇ ମୋର ସେମିତି କିଛି ଦୁଃଖଦ ସ୍ମୃତି ନାହିଁ। 'ପଶ୍ଚିମା' ମୋର ଅନେକ ବହି ଛାପିଛନ୍ତି।

**ପ୍ରଶ୍ନ.୫ - ଆପଣ କେଉଁ କେଉଁ ଭାଷା ଜାଣନ୍ତି? କେଉଁ ଭାଷାରୁ**

ଉତ୍ତର.୫ - ମୁଁ ହିନ୍ଦୀ, ବଙ୍ଗଳା, ଇଂରାଜୀ ଜାଣେ। କିନ୍ତୁ କୌଣସିଥିରେ ପ୍ରବୀଣ ନୁହେଁ। ସବୁ କାମଚଳା। ବଂଗଳା ଶିଖିଲି, ବଂଗଳା ସାହିତ୍ୟ ପଢିବି ବୋଲି। କାଳୀଦାସ ଗ୍ରନ୍ଥାବଳୀ ବଙ୍ଗଳାରେ ଅନୁବାଦିତ ହୋଇଥିଲା। 'ଝଂକାର'ର ସମ୍ପାଦକ ସେହି ବହି ପଢିବାକୁ ମତେ ପରାମର୍ଶ ଦେଇଥିଲେ। କାଳୀଦାସ ଗ୍ରନ୍ଥାବଳୀ ପଢିବା ପାଇଁ ମୁଁ ବଙ୍ଗଳା ଶିଖିଲି। ମୁ ରବୀନ୍ଦ୍ରନାଥଙ୍କ 'ନୌକାଡୁବି' ଓ ହିନ୍ଦୀରେ ଅନୁବାଦିତ ମରାଠୀ ଉପନ୍ୟାସ 'ଗାନ୍ଧାରୀ' ଓଡିଆରେ ଅନୁବାଦ କରିଛି।

**ପ୍ରଶ୍ନ.୬ - ଆପଣଙ୍କ ପାରିବାରିକ ଜୀବନରେ ଲେଖାଲେଖିପାଇଁ କିଭଳି ସୁଯୋଗ ଥିଲା? କିଛି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି କି? କିଭଳି ସହଯୋଗ ପାଇଛନ୍ତି ସେ ସଂପର୍କରେ କିଛି କୁହନ୍ତୁ।**

ଉତ୍ତର.୬ - ଜଣେ ଗୃହିଣୀ ପାଇଁ ଲେଖାଲେଖିକୁ ବଳବତ୍ତର କରି ରଖିବା ନିଶ୍ଚୟ କଷ୍ଟ ଉଠାଇବାର କଥା, ସେ କଷ୍ଟ ମୁଁ ଉଠାଇଛି। ଲେଖକ ମାନେ ଯେଉଁ ସୁବିଧା ସୁଯୋଗ ପାଆନ୍ତି, ଜଣେ ଲେଖିକା ତା ପାଏ ନାହିଁ। ତାକୁ ସଂଘର୍ଷ କରିବାକୁ ପଡେ। ଅନ୍ତଃସଂଘର୍ଷ ମଧ୍ୟ। ମୋର ଜଂଜାଳ ବହୁତ ଥିଲା। ମୋର ସ୍ୱାମୀ ଓ ପିଲାମାନେ ମତେ

ସହଯୋଗ କରିନଥିଲେ ମୁଁ ଆଜିଯାଏ ସାହିତ୍ୟରେ ତିଷ୍ଠି ରହି ପାରିନଥାନ୍ତି। ତେବେ ବହୁ କଷ୍ଟ ଉଠାଇବାକୁ ପଡିଛି ଓ ବହୁ ଅସୁବିଧା ସୃଷ୍ଟି କରିଛି ମଧ୍ୟ। ଘରେ ତାଲା ନଦେଇ ବାହାରକୁ ଚାଲିଯାଇଛି। ସବୁବେଳେ ମୋର କ୍ଷୀର ଉତୁରି ଚୁଲିରେ ପଶେ। ଡାଲି ପୋଡିଯାଏ। ତରକାରୀରେ ଦୁଇ ଦୁଇଥର ଲୁଣ ପଡେ ବା ଜମା ପଡେ ନାହିଁ। ଇସ୍ତ୍ରୀ କଲା ବେଳେ ଲୁଗା ପୋଡିଦିଏ। ବହି ଖଣ୍ଡେ ହାତରେ ଧରିଲେ ଅଗଣାରେ ଶୁଖୁଥିବା ଗହମ, ଲୁଗାପଟା ଦୁରଦୁର ବର୍ଷାରେ ଓଦା ହୋଇଯାଉ ପଛେ, ମୋ ଧ୍ୟାନ ଭାଙ୍ଗେ ନାହିଁ। ଏ ଗୁଡାକ ମୋର ବାରମ୍ବାର ଘଟେ।

**ପ୍ରଶ୍ନ.୭ - ଓଡିଶା ଲେଖିକା ସଂସଦ ସହିତ ଆପଣଙ୍କର ସଂପୃକ୍ତି ବିଷୟରେ କିଛି କୁହନ୍ତୁ।**

ଉତ୍ତର.୭ - ଓଡିଶା ଲେଖିକା ସଂସଦ ସହ ମୋର ସଂପୃକ୍ତି ନିବିଡ। ପନ୍ଦର ବର୍ଷ ମୁଁ ତାର ଉପ-ସଭାପତି ଥିଲି। ଲେଖିକା ସଂସଦର ସଭାପତି ଓ ବରିଷ୍ଠ ସଭ୍ୟଙ୍କ ଠାରୁ କନିଷ୍ଠ ସଭ୍ୟ ପର୍ଯ୍ୟନ୍ତ ସମସ୍ତଙ୍କ ଶ୍ରଦ୍ଧା ଓ ଭଲପାଇବା ପାଇଚି। ତାହା ଏକ ସ୍ମରଣୀୟ ସ୍ମୃତି।

**ପ୍ରଶ୍ନ.୮ - କେଉଁ ପୂର୍ବଜ ମାନେ ଆପଣଙ୍କର ଲେଖନୀକୁ ପ୍ରଭାବିତ କରିଛନ୍ତି ?**

ଉତ୍ତର.୮ - କବିତାରେ ମୁଁ ଗଡନାୟକ, ମାନସିଂ, କୁନ୍ତଳାକୁମାରୀ, ବିଦ୍ୟୁତ ପ୍ରଭା ଓ ବିନୋଦ ନାୟକଙ୍କ କବିତାକୁ ଖୁବ୍ ଶ୍ରଦ୍ଧାକରେ। ଅଖିଳ ପଟ୍ଟନାୟକ, ସୁରେନ୍ଦ୍ର ମହାନ୍ତି, କୃଷ୍ଣ ପ୍ରସାଦ ମିଶ୍ରଙ୍କ ଗଳ୍ପ ମତେ ଭଲଲାଗେ। ସିଧା ସଳଖ କୌଣସି ଲେଖକଙ୍କ ଦ୍ୱାରା ମୁଁ ପ୍ରଭାବିତ ବୋଲି ମନେକରେ ନାହିଁ। ଗଳ୍ପ, କବିତା, ଉପନ୍ୟାସ ସବୁଥିରେ ମୋର ଶୈଳୀ ନିଜସ୍ୱ ବୋଲି ମୋର ହୃଦ୍‌ବୋଧ ହୁଏ।

**ପ୍ରଶ୍ନ.୯ - ଆପଣଙ୍କ ସୃଷ୍ଟିରେ ପାରିବାରିକ ଜୀବନର ମୂଲ୍ୟବୋଧ ପ୍ରତି ଆନ୍ତରିକତା ପରିଦୃଷ୍ଟ ହେବାର ମୂଳ କାରଣ କ'ଣ ?**

ଉତ୍ତର.୯ - ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟରେ ମୋର ଜନ୍ମ। ସେଇ ସମରେ, ପାରିବାରିକ ସଂସ୍କାର ଓ ମୂଲ୍ୟବୋଧ ଜାଗ୍ରତ ଓ ଦୃଢଥିଲା। ସମାଜରେ ଯୌଥ ପରିବାର ଥିଲା। ଏହା ସାମାଜିକ ଶୃଙ୍ଖଳାକୁ ବଜାୟ ରଖିପାରୁଥିଲା। ଏମିତି ଏକ ଯୌଥ ପରିବାରରେ ମୋର ଜନ୍ମ ଓ ଲାଳନ ପାଳନ। ମୋର ବାପା ବଡବାପା ରାମଲକ୍ଷ୍ମଣ ପରି ଦୁଇ ଭାଇ ଥିଲେ। ମୁଁ ଦେଢ ବର୍ଷ ବେଳୁ ବଡ ବାପା ଓ ବଡ ବୋଉ ପାଖେ ଲାଳନ ପାଳନ ହୋଇଥିଲି। ମୋର ବୋଉ ବଡବୋଉ ନୀତିନିଷ୍ଠ ଦୁଇଜଣ ସଂସ୍କୃତି ସଂପନ୍ନା ମହିଳା ଥିଲେ। ତ୍ୟାଗ ଓ କରୁଣାର ପ୍ରତିମୂର୍ତ୍ତି। ଏମାନଙ୍କ ପ୍ରଭାବ ମୋ ରକ୍ତରେ ମିଶିଯାଇଛି। ତାହା ଗଢି ତୋଳିଚି ମୋ ଜୀବନାଦର୍ଶ ଓ ପରିପୁଷ୍ଟ କରିଚି ମୋ ଅନ୍ତଃଚେତନା। ମୋ ରଚନାରେ ପାରିବାରିକ ମୂଲ୍ୟବୋଧ ପ୍ରତି ଆନ୍ତରିକତା ହୋଇପାରେ ମୋ ଜୀବନାଦର୍ଶର ପ୍ରତିଫଳନ।

**ପ୍ରଶ୍ନ.୧୦ - ଆଜିର ଲେଖକ ଲେଖିକାଙ୍କ ପାଇଁ ଆପଣ କଣ କହିବେ ?**

ଉତ୍ତର.୧୦ - ବାର୍ତ୍ତା ଦେବାକୁ ମୁଁ କିଏ ? ଆମ ସାହିତ୍ୟ, ସଂସ୍କୃତି, ଶାସ୍ତ୍ର ପୁରାଣରେ ଏତେ ବାର୍ତ୍ତା ରହିଛି ଯେ, ତାହା ହିଁ ଗ୍ରହଣ କଲେ ଯଥେଷ୍ଟ ହେବ। ତେବେ ମୋର ବ୍ୟକ୍ତିଗତ ମତ ଯେ, ଆମେ ନିଜ ମାଟିକୁ ଚିହ୍ନିବା, ଜାଣିବା, ସଂସ୍କୃତିକୁ ବୁଝିବା ସହ ନିଜକୁ ଚିହ୍ନିବା ଓ ନିଜ ପାଇଁ ବାଟଟିଏ ଖୋଜି ନିଷ୍ଠାର ସହ ଚାଲିବା, କାହାର କିଛି କ୍ଷତି ନକରି ସମସ୍ତଙ୍କୁ ଭଲପାଇବା। ଏହା ପ୍ରତ୍ୟେକ ବ୍ୟକ୍ତି ପାଇଁ ଜରୁରୀ।

**ପ୍ରଶ୍ନ.୧୧ - ଆତ୍ମଜୀବନୀ ଲେଖିବାର ଯୋଜନା ଅଛି କି ?**

ଉତ୍ତର.୧୧ - ନାଁ, ଯୋଜନା ନାହିଁ, କାରଣ ଇଚ୍ଛା ନାହିଁ।

**ପ୍ରଶ୍ନ.୧୨ - ଆପଣଙ୍କ ଲେଖାର ଆଲୋଚନା ହୁଏ କି ?**

ଉତ୍ତର.୧୨ - ମୋ ଲେଖାର ଆଲୋଚନା ମତେ ଶ୍ରଦ୍ଧା କରୁଥିବା ସ୍ୱଳ୍ପ ଆଲୋଚକ କରିଛନ୍ତି। ଅନ୍ୟ କେହି ଆଲୋଚକ ମାନେ ମୋ ଲେଖାକୁ ନେଇ ଆଲୋଚନା କରିବା ମୁଁ ଦେଖିନାହିଁ।

**ପ୍ରଶ୍ନ.୧୩ - ସରଳା ଦେବୀଙ୍କ ଜୀବନୀ ଲେଖିଲେ କେଉଁ ପରିପ୍ରେକ୍ଷୀରେ ?**

ଉତ୍ତର.୧୩ - ସରଳା ଦେବୀ ଆମର ସଂପର୍କୀୟା ଥିଲେ। ପୁରୀ ଆସିଲେ ସେ ଆମ ଘରେ ରହୁଥିଲେ। ତାଙ୍କ

ମୁହଁରୁ ମୁଁ ତାଙ୍କ ବିପ୍ଳବୀ ଜୀବନ କଥା ଅନେକ ଶୁଣିଛି। ପରବର୍ତ୍ତୀ ସମୟରେ ତାଙ୍କ ଉପରେ ଲେଖିବାର ଇଚ୍ଛା ହୋଇଚି, ହେଲେ ହେଳାବଶତଃ ଲେଖି ପାରିନାହିଁ। ଲେଖିକା ସଂସଦ ସଭାପତି ବୀଣାପାଣି ମହାନ୍ତି ଏହାକୁ ଏକ ଦାୟିତ୍ୱ ଭାବେ ମତେ ପ୍ରଦାନ କଲେ। ସମୟ ନିର୍ଦ୍ଦିଷ୍ଟ ଥିଲା। ସରଳାଦେବୀଙ୍କ ଘରୁ ବିଶେଷ କିଛି ତଥ୍ୟ ମିଳିଲା ନାହିଁ। ତାଙ୍କ ବିଷୟରେ ଯେତିକି ପାଇଲି, ତାକୁ ନେଇ ସରଳାଦେବୀଙ୍କ ଜୀବନୀ ଲେଖିଲି। ସେ ପର୍ଯ୍ୟନ୍ତ ତାଙ୍କ ବିଷୟରେ କିଛି ବହି ନଥିଲା।

**ପ୍ରଶ୍ନ.୧୪ - ଆପଣଙ୍କ କବିତା / ଗଳ୍ପ ସବୁଥିରେ 'ହଳଦୀବସନ୍ତ'ର ଉଲ୍ଲେଖ ଆସିଥାଏ କ'ଣ ପାଇଁ ?**

ଉତ୍ତର.୧୪ - ପିଲାଦିନୁ ମୁଁ ଥିଲି ଶାନ୍ତ, ଚୁପଚାପ, କେମିତି ବୋକାବୋକା। ମୋ ସାଂଗମାନେ ଖେଳାଖେଳି ଡିଆଁଡେଇଁ ଦୁଷ୍ଟପଣ କରୁଥିଲା ବେଳେ ମୁଁ ଆକାଶରେ ଉଡୁଥିବା ପକ୍ଷୀଙ୍କୁ ଚାହିଁ ରହୁଥିଲି। ପିଲାଦିନୁ ପକ୍ଷୀ ପ୍ରତି ମୋର ବଡ ଶ୍ରଦ୍ଧା, ପ୍ରବଳ ଆଗ୍ରହ। ଆମ ଘର ସାମ୍ନା ଝଂକାଳିଆ ବଉଳଗଛ ଗହଳରେ ଗୋଟେ ହଳଦୀବସନ୍ତ ବସା କରିଥିଲା। ତା ଉଡାଣକୁ ମୁଁ ମନ ଭରି ଦେଖେ। ଗଛପତ୍ର ଗହଳରେ ତାକୁ ଖୋଜେ। ହଳଦୀବସନ୍ତ, କଜଳପାତୀ, ଭଦଭଦଳିଆ ଓ ବଉଳଫୁଲ ସହ ମୋର ଆତ୍ମୀୟତା ସେଇ ପିଲାଦିନରୁ। ସେମାନେ ମତେ ସଖ୍ୟ ଦେଇଚନ୍ତି। ପକ୍ଷୀଙ୍କୁ ନେଇ ମୁଁ ଅନେକ କବିତା ଲେଖିଚି।

**ପ୍ରଶ୍ନ.୧୫ - ଭାଷାର ଶାସ୍ତ୍ରୀୟ ମାନ୍ୟତା / ଭାଷା ପ୍ରୟୋଗ ବିଷୟରେ ଆପଣଙ୍କର ମତ କଣ ?**

ଉତ୍ତର.୧୫ - ଓଡିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଲା। ଏହା ଗର୍ବ ଓ ଗୌରବର କଥା। ହେଲେ ଏହା ବହୁ ଆଗରୁ ପାଇବାର ଥିଲା। ଭାଷା କେବଳ ବଂଚେନାହିଁ, ସାହିତ୍ୟରେ ସୀମାବଦ୍ଧ ହୋଇ। ସାହିତ୍ୟ କେତେଜଣ ବା ପଢନ୍ତି ? ଭାଷା ବଂଚେ, ବିକଶିତ ହୁଏ ସର୍ବସାଧାରଣଙ୍କ ମୁହଁରେ, କାର୍ଯ୍ୟଧାରାରେ, ବ୍ୟବହାରରେ। ଓଡିଆ ଭାଷା, ଓଡିଆ ଜାତିର ଅନ୍ତଃସ୍ୱର। ତେଣୁ ପ୍ରତିଟି ଓଡିଆ ନିଜର ଭାଷା ପ୍ରତି ଆନ୍ତରିକତା ପ୍ରଦର୍ଶନ ପୂର୍ବକ ତାର ବହୁଳ ବ୍ୟବହାରରେ ସାମିଲ ହେବା ଉଚିତ୍। ଆଜିକାଲିର ବାପା ମା ମାନେ ଇଂରାଜୀ ସ୍କୁଲରେ ପିଲାଙ୍କୁ ପଢାଇଲେ ମଧ୍ୟ, ଘରେ ପିଲାଙ୍କୁ ମାତୃଭାଷା ଶିଖାଇବା ନିତାନ୍ତ ଜରୁରୀ। କିନ୍ତୁ ଦେଖାଯାଉଚି ଅନେକ ବାପା, ମା ଘରେ ପିଲାଙ୍କ ସହ ହିନ୍ଦୀ, ଇଂରାଜୀରେ କଥାବାର୍ତ୍ତା କରୁଚନ୍ତି। ଏହି ବଦଭ୍ୟାସ ତୁରନ୍ତ ବର୍ଜନ କରିବା ଉଚିତ୍। ପ୍ରତିଟି ଓଡିଆ ନିଜ ଭାଷା ପ୍ରତି ଅନୁରକ୍ତ ଓ ବିଶ୍ୱସ୍ତ ରହିବା ଆଜି ଏ ଜାତିର ଆହ୍ୱାନ।

ଲେଖିକା ବନଜ ଦେବୀଙ୍କ ବ୍ୟକ୍ତିତ୍ୱ ଆମକୁ ମୁଗ୍ଧ କରିଥିଲା। ସରଳତା ଓ ଆତ୍ମୀୟତାର ମାତୃମୂର୍ତ୍ତି ଏହି ଲେଖିକାଙ୍କୁ ପ୍ରଣାମ କରି ଆମେ ଫେରିଲୁ।



# ବାର୍ଷିକ ବିବରଣୀ

ତାଳପଦେଶ୍ୱରୀ ସାହିତ୍ୟ ଆସରର ଦ୍ୱାବିଂଶତମ ବାର୍ଷିକ ଉତ୍ସବର ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି।

ତାଳପଦେଶ୍ୱରୀ ସାହିତ୍ୟ ଆସରର ସଭାପତି, ଉପଦେଷ୍ଟା, ପତ୍ରିକା ସଂପାଦକ, ଆସରର ଅନ୍ୟାନ୍ୟ କର୍ମକର୍ତ୍ତା ତଥା ନିମନ୍ତ୍ରିତ ଅତିଥିବୃନ୍ଦ ସାହିତ୍ୟପ୍ରେମୀ ସଜ୍ଜନମଣ୍ଡଳୀ।

ଓଡ଼ିଶାର ବହୁ ପୁରାତନ ଶିକ୍ଷାନୁଷ୍ଠାନ ହେଉଛି ଉତ୍କଳ ବିଶ୍ୱବିଦ୍ୟାଳୟ। ଯାହାର କୀର୍ତ୍ତି ଓ ଗୌରବ ଆମ ପାଇଁ ପ୍ରେରଣାଦାୟକ। ଯାହା ଓଡ଼ିଆ ସାହିତ୍ୟର ଅଗ୍ରଗତିରେ ବିଶେଷ ଭାବେ ଅଂଶଗ୍ରହଣ କରିଛି। ଏହି ଶୁଭ ଶିକ୍ଷାନୁଷ୍ଠାନରୁ ସୃଷ୍ଟି ହୋଇଛନ୍ତି ଅନେକ ସାହିତ୍ୟାନୁରାଗୀ, ଆଉ ଯେଉଁ ସାହିତ୍ୟ ଯୋଡ଼େ, ଯୋଡ଼ିହୁଏ କିନ୍ତୁ କେତେବେଳେ ଅଲଗା କରିବାର କଥା କୁହେ ନାହିଁ ସେହି ସାହିତ୍ୟର ଧାରା ମଧ୍ୟରୁ ଝରଣାର କୁଳୁକୁଳୁ ଶବ୍ଦ କରି ବହିଆସିଛି ଆମର ଏକ ତାଳପଦେଶ୍ୱରୀ ସାହିତ୍ୟ ଆସର।

ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ମା' ତାଳପଦେଶ୍ୱରୀଙ୍କ ପୀଠରେ ପ୍ରଥମ କରି ୧୯୯୩ ମସିହାରେ କେତେଜଣ ସାହିତ୍ୟପ୍ରେମୀଙ୍କ ପ୍ରୟାସରେ ଆରମ୍ଭ ହୋଇଥିଲା ଆମର ଏହି ତାଳପଦେଶ୍ୱରୀ ସାହିତ୍ୟ ଆସର। ଯାହା ବିଭିନ୍ନ ବାଧାବିଘ୍ନକୁ ଅତିକ୍ରମ କରି ଆଜି ପହଁଚିଛି ଦ୍ୱାବିଂଶ ବର୍ଷରେ। ଏହି ୨୨ବର୍ଷ ଭିତରେ ସେ ନିଜକୁ ଏମିତି ଗଢ଼ି ତୋଳିଛି ଯାହାକୁ ଭାଙ୍ଗିଲେ ଭାଙ୍ଗିବନି କି ହଜାଇବାକୁ ଚାହିଁଲେ ବି ହଜାଇ ହେବନି। ଦୀର୍ଘ ୨୨ ବର୍ଷ ଧରି ଅନେକ ଭାଷାପ୍ରେମୀ ଓ ସାହିତ୍ୟ ପ୍ରେମୀଙ୍କ ଅଙ୍ଗୁଳି ସ୍ପର୍ଶରେ ସେ ଆଜି ପୂର୍ଣ୍ଣାଙ୍ଗୀ। ଏହି ୨୨ ବର୍ଷ ଭିତରେ ସେ ଅନେକ କବି, ପ୍ରାବନ୍ଧିକ ଓ ସାହିତ୍ୟ ସଂପାଦକମାନଙ୍କୁ ସୃଷ୍ଟି କରି ନିଜକୁ ସାବ୍ୟସ୍ତ କରିପାରିଛି। ତେଣୁ ସବୁବର୍ଷ ପରି ଏହି ଆସରର ବାର୍ଷିକ ଉତ୍ସବରେ ସେହିବର୍ଷର ବାର୍ଷିକ ବିବରଣୀ ପାଠକରାଯାଏ ଯାହା ଆଜି ମୁଁ ଆପଣଙ୍କ ପାଖରେ ଏହି ଉତ୍ସବରେ ଚଳିତବର୍ଷର ବାର୍ଷିକ ବିବରଣୀ ପାଠ କରୁଛି।

ତାଳପଦେଶ୍ୱରୀ ସାହିତ୍ୟ ଆସର ଦୁଇଟ ଅର୍ଦ୍ଧବର୍ଷର ମିଶ୍ରଣରେ ଆରମ୍ଭ ଓ ଶେଷ ହୋଇଥାଏ। ଶେଷରେ ତା'ର ବାର୍ଷିକ ଉତ୍ସବ ପାଳନ କରାଯାଇଥାଏ। ଏହି ବାର୍ଷିକ ଉତ୍ସବ ପାଳନ ପୂର୍ବରୁ ଏହି ଅନୁଷ୍ଠାନ ତା'ର ବିଭିନ୍ନ ମାସରେ ସୃଷ୍ଟି କରେ ନୂଆ ନୂଆ ଆସର। ଯେଉଁଠାରେ ଯୁବସ୍ରଷ୍ଟାମାନଙ୍କୁ ନୂତନ ଭାବ ଚେତନାକୁ ପ୍ରକାଶ କରିବାର ଅଧିକାର ଦେଇଥାଏ। ଏହି ଆସରର ସଭାପତି ଅମୂଲ୍ୟ କୁମାର ଦାଶ, ଉପଦେଷ୍ଟା ପ୍ରଫେସର ସଂଘମିତ୍ରା ମିଶ୍ର, ପ୍ରଫେସର ବିଷ୍ଣୁପ୍ରିୟା ଓତା ଆଦି ସମସ୍ତେ ନିଜର ବ୍ୟସ୍ତବହୁଳ କର୍ମରୁ ବହୁମୂଲ୍ୟ ସମୟ ପ୍ରଦାନ କରି ନବଚେତନାର ସୁଲଭ ଶିଳ୍ପୀମାନଙ୍କର ପ୍ରେରଣାର ଉତ୍ସ ହୋଇଛନ୍ତି।

ଏହି ଅବସରରେ ଆସରର ଉପଦେଷ୍ଟା ସ୍ୱର୍ଗତ ପ୍ରଫେସର ବିଜୟିନୀ ମହାନ୍ତି ସ୍ୱତଃ ସ୍ମରଣକୁ ଚାଲିଆସନ୍ତି। ଆସରର ପ୍ରଥମ ସଭାପତି ଡକ୍ଟର ଦେବେନ୍ଦ୍ର କୁମାର ପତିଙ୍କଠାରୁ ଆରମ୍ଭ କରି ଶ୍ରୀଯୁକ୍ତ ଅମୁଲ୍ୟ କୁମାର ଦାଶ, ପ୍ରଥମ ପତ୍ରିକା ସଂପାଦକ ସରୋଜ ବଳଙ୍କଠାରୁ ଆରମ୍ଭ କରି ଶ୍ରୀମାନ୍ ଅସିତ୍ ପ୍ରଧାନ ଏବଂ ପ୍ରଥମ ସଂପାଦକ ଶ୍ରୀଯୁକ୍ତ ମହେଶ୍ୱର ପାଢ଼ୀଙ୍କଠାରୁ ଆରମ୍ଭ କରି ବର୍ତ୍ତମାନର ସଂପାଦକ ଶ୍ରୀମାନ୍ ମିଥୁନ୍ ମଲ୍ଲିକଙ୍କ ପର୍ଯ୍ୟନ୍ତ ତଥା ଆସରର ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ଉଦ୍ୟମରେ ଆସର ଚଳଚଞ୍ଚଳ ହୋଇଉଠିଛି। ପ୍ରତ୍ୟେକ ଆସରରେ ଅନେକ ସାହିତ୍ୟପ୍ରେମୀ, ସାନବଡ଼ ଭାଇ ଭଉଣୀ, ଗବେଷକ, ଗବେଷିକା ଓ ସହଯୋଗୀମାନେ ଉପସ୍ଥିତ ରହି ଆସରକୁ ଯେଉଁ ସଫଳତା ଆଣିଦେଇଛନ୍ତି, ତେଣୁ ଆମେ ତାଙ୍କ ନିକଟରେ କୃତଜ୍ଞ। ସେମାନଙ୍କ ସର୍ଜନଶୀଳତା ଆହୁରି ପ୍ରସାରିତ ହେଉ ବୋଲି ମା' ତାଳପଦେଶ୍ୱରୀଙ୍କ ନିକଟରେ ପ୍ରାର୍ଥନା।

ବର୍ଷାର ଆଗମନରେ ଶୁଷ୍କ ଧରିତ୍ରୀ ସନ୍ତୁଷ୍ଟି ଲାଭ କରିବା ସମୟରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ନୂତନ ମୁହଁମାନଙ୍କ ସ୍ୱାଗତ ପାଇଁ ବର୍ଷର ପ୍ରଥମ ଆସର ତା. ୦୯-୦୮-୨୦୧୭ ରିଖରେ ଅନୁଷ୍ଠିତ ହୋଇଥିଲା 'ବର୍ଷା ଓ ସ୍ୱାଗତ ଆସର'। ଏହି ଆସରରେ ବାଣୀବିହାରର ଶିକ୍ଷାନୁଷ୍ଠାନରେ ନୂତନ କରି ଯୋଗ ଦେଇଥିବା ନବାଗତ ଛାତ୍ରଛାତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସ୍ୱାଗତ

କରାଯାଇଥିଲା । ଏହି ଆସରର ବିଶେଷ ଆକର୍ଷଣ ଥିଲା ବିଶିଷ୍ଟ ସାହିତ୍ୟସାଧକ ଯୁଗଳ କିଶୋର ଦତ୍ତଙ୍କୁ ସମ୍ବର୍ଦ୍ଧନା କରାଯିବାର ପର୍ବ । ଏହି ଦିନ 'ନିଜର ସ୍ରଷ୍ଟା ଜୀବନର ଅଶୀବର୍ଷ' ପୂରଣ କରିଥିବା ଓ ଆସରକୁ ସର୍ବଦା ଆଶୀର୍ବାଦ କରୁଥିବା ସାହିତ୍ୟିକ ଯୁଗଳ କିଶୋର ଦତ୍ତଙ୍କୁ ସମ୍ବର୍ଦ୍ଧନା କରଯାଇଥିଲା ।

ପରେ ପରେ ନୂତନ ଯୁବକବିଙ୍କ ସ୍ୱରଚିତ କବିତା ପାଠ କରାଯାଇ ଆସରକୁ ସ୍ମରଣୀୟ କରାଯାଇଥିଲା । ଏମିତି କିଛିଦିନ ଅତିକ୍ରାନ୍ତ ପରେ ଆୟୋଜିତ ହୋଇଥିଲା ଆମର ଦ୍ୱିତୀୟ ଆସର 'ଶୀତ ଆସର' ଯେଉଁଥିରେ ଯୋଗଦେଇଥିଲେ ବରିଷ୍ଠ ସାହିତ୍ୟିକ ସୁରେନ୍ଦ୍ର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବରେ । ମୁଖ୍ୟ ଅତିଥି ଭାବରେ ଉକ୍ତ ଆସରରେ ଉପସ୍ଥିତ ଥିଲେ ବିଶିଷ୍ଟ ନାଟ୍ୟକାର ବିଜୟ ମିଶ୍ର । ଅନ୍ୟତମ ଅତିଥି ଶିଶୁ ସାହିତ୍ୟିକ ଶରତ କୁମାର ନାୟକ ଓ ଯୁବ କବି, ଗାଳ୍ପିକ, ଔପନ୍ୟାସିକ ତଥା ପ୍ରକାଶକ ଶ୍ରୀଯୁକ୍ତ ସରୋଜ ବଳ । ସେହିଦିନ ସଂଘମିତ୍ରା ମିଶ୍ରଙ୍କର ଶିଶୁନାଟକ ସଂକଳନ 'ପିଲାଙ୍କ ପାଇଁ ସାତୋଟି ନାଟକ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଛାତ୍ରଛାତ୍ରୀ ତଥା ନୂଆ ନୂଆ କଲମ ଧରିଥିବା କବିମାନଙ୍କୁ ଏମାନେ ଉତ୍ସାହିତ କରିଥିଲେ ସେମାନଙ୍କ ବକ୍ତବ୍ୟ ଦ୍ୱାରା । ଯୁବକବି ସରୋଜବଳ ମହୋଦୟଙ୍କ କବିତା ପାଠସହ ସଂଗୀତଗାନ କରି ହି ଆସରକୁ ଆକର୍ଷଣୀୟ କରିଥିଲା ।

ସମୟ ଗଡ଼ି ଚାଲିଲା ଅବିରାମ ଗତିରେ । ଆମେ ଆସି ପହଞ୍ଚିଲୁ ୨୦୧୮ ମସିହାରେ । ତୃତୀୟ ଆସରରେ । ତା. ୩୦-୦୧-୨୦୧୮ରିଖରେ । ଏହିଦିନ ଆୟୋଜିତ ହେଲା 'ବସନ୍ତ ଆସର' । ସଦା ବସନ୍ତରେ ମହକୁଥିଲା ଉତ୍କଳ ବିଶ୍ୱବିଦ୍ୟାଳୟର ପରିସର ଆହୁରି ବାସ୍ନାୟିତ ହେଲା ଏହି ଆସର ପାଇଁ । ଏହି ଆସରରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ ଉତ୍କଳ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗର ମୁଖ୍ୟ ପ୍ରଫେସର ସୁବାସ ଚନ୍ଦ୍ର ଦାଶ । ସମ୍ମାନିତ ଅତିଥି ଭାବରେ ଶ୍ରୀଯୁକ୍ତ ସରୋଜ ବଳ ଓ ବିଶିଷ୍ଟ କବି, ଗାଳ୍ପିକ, ସମାଲୋଚକ ତଥା ଅଧ୍ୟାପକ ଡ. ଦେବାଶିଷ ପାତ୍ର । ମୁଖ୍ୟ ଅତିଥି ପ୍ରଫେସର ସୁବାସ ଚନ୍ଦ୍ର ଦାଶ ସ୍ୱରଚିତ କବିତା ପାଠ କରିଥିଲେ । ସରୋଜ ବଳ ମଧ୍ୟ କବିତା ପାଠ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଡ. ଦେବାଶିଷ ପାତ୍ର ମଧ୍ୟ କବିତା ପାଠକରି ଆସରକୁ ମହିମାମଣ୍ଡିତ କରିଥିଲେ । ପରେ ପରେ କ୍ୟାମ୍ପସ୍‌ର କବିମାନଙ୍କଦ୍ୱାରା 'ବସନ୍ତ'କୁ ନେଇ ସ୍ୱରଚିତ କବିତା ପାଠକରି ଆସର ସମାପ୍ତ କରିଥିଲେ ।

ତା. ୨୮-୦୨-୨୦୧୮ରେ ଅନୁଷ୍ଠିତ ହୋଇଥିଲା ପରବର୍ତ୍ତୀ ଆସର । ଏହି ଆସରରେ ଡକ୍ଟର ବଳରାମ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ଡ. ମଣୀନ୍ଦ୍ର କୁମାର ମେହେର, ମଞ୍ଜୁଳା କର, କବିତା ପ୍ରତିହାରୀ ଆଦି ଯୋଗ ଦେଇଥିଲେ । ଡକ୍ଟର ସାହୁ ମହୋଦୟ ବିଜ୍ଞାନରେ ସୃଜନଶୀଳତାର ପ୍ରୟୋଗ ସଂପର୍କରେ ଖୁବ୍ ଭାବଗର୍ଭକ ଆଲୋଚନା କରିଥିଲେ ।

ଚଳିତ ବର୍ଷ ପ୍ରତ୍ୟେକ ଆସରରେ ସଭାପତିତ୍ୱ କରିଛନ୍ତି ଅନୁଷ୍ଠାନର ସଭାପତି ଅମୂଲ୍ୟ କୁମାର ଦାଶ ମହୋଦୟ । ଆମନ୍ତ୍ରିତ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ପରିଚୟ ପ୍ରଦାନ କରିଛନ୍ତି ଉପଦେଷ୍ଟା ସଂଘମିତ୍ରା ମିଶ୍ର ଓ ପ୍ରଫେସର ବିଷ୍ଣୁପ୍ରିୟା ଓଦା ମହୋଦୟା । ଏହାବ୍ୟତୀତ ସଦା ସର୍ବଦା ଯେଉଁମାନଙ୍କ ସାହାଯ୍ୟ ସହଯୋଗ ଓ ଆଶୀର୍ବାଦ ଆମ ସହିତ ରହିଛି, ସେମାନେ ହେଲେ ଡ. ମଣୀନ୍ଦ୍ର କୁମାର ମେହେର, ଡ. ରମେଶଚନ୍ଦ୍ର ମଲିକ, ଡ. ରୁଦ୍ରନାରାୟଣ ମହାପାତ୍ର, ଡ. ଦେବେନ୍ଦ୍ର କୁମାର ପତି, ଦିଲ୍ଲୀପ କୁମାର ମିଶ୍ର, ଡ. ସନ୍ଦୀପ ମହାପାତ୍ର, ନରେନ୍ଦ୍ର କୁମାର ଦାସ, ଜ୍ଞାନ ରଂଜନ ପଣ୍ଡା, ରଶ୍ମି ରଂଜନ ନାୟକ, ବିପ୍ଳବ ଜେନା, ଅଜୟ କୁମାର ଗିରି, ରାଜେଶ ରାଜ୍ ସ୍ୱାଇଁ, ବିଭୂତି ଭୂଷଣ ବରାଳ, ସଦାନନ୍ଦ ଦତ୍ତ, ରାଜକିଶୋର ପଣ୍ଡିତ, ସୁବାସ ଚନ୍ଦ୍ର ବେହେରା, ଦିପୁନ୍ ପୁହାଣ, ସିମ୍ରନ୍ ମହାପାତ୍ର, ଦୀପ୍ସି ପଟ୍ଟନାୟକ, ସାଇନା କିସ୍କୁ ଆଦି ଆମ ପରିବାରର କର୍ମକର୍ତ୍ତାଗଣ । ଏମାନଙ୍କ ବ୍ୟତୀତ ଆମ ସହିତ ସବୁବେଳେ ରହିଥିବା ଡକ୍ଟର ଇନ୍ଦ୍ରମଣି ଜେନା ଏଠାରେ ସ୍ୱତନ୍ତ୍ର ଉଲ୍ଲେଖ ଆବଶ୍ୟକତା କରନ୍ତି । ତାଙ୍କର ଶ୍ରଦ୍ଧା ଓ ଆଶୀର୍ବାଦ ଆମକୁ ସାହାଯ୍ୟ ସହଯୋଗ କରୁଥିବା ତାଳପଦେଶ୍ୱରୀ ମନ୍ଦିର କମିଟି, ସ୍ନାତକୋତ୍ତର ପରିଷଦ ଭବନ ଓ ସମ୍ବାଦପତ୍ର ତଥା ବୈଦ୍ୟୁତିକ ଗଣମାଧ୍ୟମର ସାମ୍ବାଦିକ ବନ୍ଧୁ ପ୍ରଭୃତିଙ୍କୁ ତାଳପଦେଶ୍ୱରୀ ସାହିତ୍ୟ ଆସର ତରଫରୁ ଧନ୍ୟବାଦ ଜଣାଉଛୁ । ଆଗାମୀ ଦିନମାନଙ୍କରେ ମଧ୍ୟ ଆମ ପରିବାର ପ୍ରତି ଆପଣମାନଙ୍କର ଭଲପାଇବା, ଶୁଭେଚ୍ଛା, ସଦିଚ୍ଛା ଓ ସହଯୋଗ ଏହିପରି ରହିଥାଉ । ଏତିକି କାମନା । ଧନ୍ୟବାଦ ।